ନବୀନ କୁମାର ପରିଡ଼ାଙ୍କ

ନାଟୁଆ

ଓ ଅନ୍ୟାନ୍ୟ ନାଟକ

Digitized by PPRACHIN, SOA

ଜୟଗୁରୁ

ନାଟୁଆ
ଓ
ଅନ୍ୟାନ୍ୟ ନାଟକ

ନବୀନ କୁମାର ପରିଡ଼ା
ପ୍ରାକ୍ତନ ଅଧ୍ୟକ୍ଷ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର

Digitized by PPRACHIN, SOA

ନାଟୁଆ ଓ ଅନ୍ୟାନ୍ୟ ନାଟକ

ଲେଖକ: ନବୀନ କୁମାର ପରିଡ଼ା
ପ୍ରଥମ ସଂସ୍କରଣ: ୫୦୦
ପ୍ରଥମ ପ୍ରକାଶନ: କାର୍ତ୍ତିକ ପୂର୍ଣ୍ଣିମା-୨୦୧୩

ପ୍ରକାଶକ: ଅନ୍ନପୂର୍ଣ୍ଣା ପରିଡ଼ା
ଜିତ୍ ପ୍ରକାଶନ୍, ବି-୬/୧୦, ଇନ୍ଦିରା ହାଉସିଂ କଲୋନି
ପୋ: ଶିଶୁପାଳଗଡ଼, ଭୁବନେଶ୍ୱର-୭୫୧୦୦୨

ମୁଦ୍ରଣ: ଦିବ୍ୟ ମୁଦ୍ରଣୀ
ସାମନ୍ତରାୟପୁର, ଭୁବନେଶ୍ୱର
ମୂଲ୍ୟ: ₹ ୧୫୦/-

Natua O Anyanya Nataka

Writer: Nabin Kumar Parida

First Edition: 500

First Publication: Kartika Purnima-2013

Publisher: **Annapurna Parida**
Jeet Prakashan, B-6/10, Indira Housing Colony
P.O.: Sisupalgarh, Bhubaneswar-751002

Printed at:
Divya Mudrani
Samantarapur, Bhubaneswar

Price: ₹ 150 /-

Digitized by PPRACHIN, SOA

ନାଟକ ସଂପର୍କରେ ପଦେ

(ନାଟୁଆ ଓ ଅନ୍ୟାନ୍ୟ ନାଟକ)

ରାଉରକେଲାରେ ମୁଁ ଯେତେବେଳେ ପ୍ରଥମ କରି ନାଟୁଆ ନାଟକ ଦେଖିଲି ସେତେବେଳେ ନବୀନ ବାବୁ ଯେ ଏତେ ଭଲ ନାଟକ ଲେଖିପାରିଛନ୍ତି ସେଇଟା ମୁଁ ଉପଲବ୍ଧି କଲି ।

ପରେପରେ ଜାଣିଲି ନାଟକର ସବୁ ବିଭାଗରେ ତାଙ୍କର ଦକ୍ଷତା ଅଛି । ସେ ଏକାଧାରରେ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଏବଂ ଅଭିନେତା ମଧ୍ୟ ।

ତା' ପରେପରେ ନବୀନ ବାବୁଙ୍କ ସହିତ ମୁଁ ଘନିଷ୍ଠ ହୋଇପଡ଼ିଲି କାରଣ ଓଡ଼ିଶାରେ ପ୍ରକୃତରେ ଧ୍ରୁପଦୀ ନାଟକ ଲେଖିବାର ପ୍ରୟାସ, ନିର୍ଦ୍ଦେଶନା ଦେବାର ସାହସ ଏବଂ ଉପସ୍ଥାପନ କରିବାର ଧୈର୍ଯ୍ୟ ତଥା ପରିଶ୍ରମ ବହୁତ କମ୍ ଲୋକଙ୍କର ଅଛି । ଶ୍ରୀଯୁକ୍ତ ନବୀନ ପରିଡ଼ା ସେମାନଙ୍କ ଭିତରୁ ଜଣେ । ତା'ର ଉଦାହରଣ ହେଲା ତାଙ୍କର 'ଇଡ଼ିପସ୍', 'ମୁଦ୍ରାରାକ୍ଷସ', 'ତଟନିରଞ୍ଜନା', 'ଶ୍ରୀ ଜୟଦେବ', 'ଅନ୍ଧପୁତୁଳିର ଖେଳ' ଆଦି ନାଟକର ପ୍ରଯୋଜନାରେ ଏବଂ 'ଅନ୍ଧପୁତୁଳିର ଖେଳ' ନାଟକର ରଚନାରେ ତାହା ପ୍ରତିଫଳିତ ହୋଇଛି ।

ସୁଖରକଥା ଏଇସବୁ ନାଟକର ସଂକଳନକୁ ଏବଂ ତାଙ୍କ ରଚିତ ଅନ୍ୟାନ୍ୟ ନାଟକ ମୁଦ୍ରିତ ହୋଇ ପ୍ରକାଶିତ ହେଉଛି । ଏଇ ପାଠକ ମରୁଡ଼ି ସମୟରେ ଏହିସବୁ ନାଟକ ପୁସ୍ତକ ଯଦି ପ୍ରଚାରିତ ଏବଂ ପ୍ରସାରିତ ହୁଏ ତା'ହେଲେ ନବୀନ ବାବୁଙ୍କର ପ୍ରୟାସ ସଫଳ ହେବ । ତାଙ୍କର ଏ ଉଦ୍ୟମ ସ୍ୱାଗତଯୋଗ୍ୟ ।

– ଡଃ ବିଜୟ ମିଶ୍ର

Digitized by PPRACHIN, SOA

ସୂଚୀ

୧.	ପଶ୍ଚିମ ଦୁଆର	।	୫–୪୦
୨.	ଜନନୀ ଜନ୍ମଭୂମିଶ୍ଚ	।	୪୧–୬୮
୩.	ନୀରବ ଆହ୍ୱାନ	।	୬୯–୧୦୦
୪.	ବ୍ରଜନାଥ ବଡ଼ଜେନା	।	୧୦୧–୧୧୬
୫.	ଚରୈବେତି	।	୧୧୭–୧୫୩
୬.	ପ୍ରତିବିମ୍ବ	।	୧୫୪–୧୬୧
୭.	ନାଟୁଆ	।	୧୬୩–୧୮୮

Digitized by PPRACHIN, SOA

ପଶ୍ଚିମ ଦୁଆର

Digitized by PPRACHIN, SOA

ପାତ୍ର ପରିଚୟ

୧. ଚୌକିଦାର
୨. ପ୍ରତୀକ
୩. ଡାକ୍ତରବାବୁ
୪. ପ୍ରବୋଧ
୫. ହାବିଲଦାର୍
୬. ପ୍ରୀତିରୂପା
୭. ସମ୍ଭାବନା
୮. ସୁଲେଖା
୯. ୪ଜଣ କୋରସ୍

Digitized by PPRACHIN, SOA

(ପରଦା ଉଠିଲା ବେଳକୁ ଦେଖାଗଲା ଜଣେ ଚୌକିଦାର ଲଣ୍ଠନ ଓ ଠେଙ୍ଗା ଧରି ରାସ୍ତାରେ ପ୍ରବେଶ କଲା ।)(ପରେପରେ ଚାରିଦିଗରୁ ବାହାରିଲେ ଚାରିଜଣ ବ୍ୟକ୍ତି)

ଚୌକିଦାର ହୁସିଆର !...ସାବଧାନ...ରାତି ଦ୍ୱିପ୍ରହରକୁ ଟପିଲା ଶୋଇଥିଲେ ଜାଗିଥାଅ । ଚେଇଁଥିଲେ ହୁସିଆର ଥାଅ ହୋ...ଗାଁବାଲା, ଆପଣା ଘରର ଅଗଣା ଦୁଆର ସବୁ ବନ୍ଦ କରି ଥାଅ ହୋ...ଗାଁବାଲା । ଧରମ ଡାକ ଡାକି ଦେଲି ମୁଁ ଚୌକିଦାର ବାକି କଥାକୁ ମୋର ଦୋଷ ଘେନା ହେବ ନାହିଁ ହୋ...ଗାଁବାଲା ।

୧ମ ବ୍ୟକ୍ତି କ'ଣ କିହୋ ଚୌକିଦାର ବାବୁ ! କ'ଣ ଧରମ ଡାକ ଡାକି ଦେଲ ପରା ?

ଚୌକିଦାର ଭଲ କରି ଦେଖି ନିଅ । ପରଖି ନିଅ ।

୨ୟ ବ୍ୟକ୍ତି କ'ଣ ଦେଖି ନେବୁ ? ପରଖି ନେବୁ ?

ଚୌକିଦାର ଖୋଲାଥିବ କାଳେ ?

୩ୟ ବ୍ୟକ୍ତି କ'ଣ ଖୋଲାଥିବ ?

ଚୌକିଦାର : ଘରର ଦୁଆର ସବୁ ।

୪ର୍ଥ ବ୍ୟକ୍ତି ଘରର ଦୁଆର ?

ଚୌକିଦାର ଦାଣ୍ଡଦୁଆର, ବାଡ଼ିପଟ ଦୁଆର, ଅଗଣା ଦୁଆର ସବୁ ଖୋଲାଥିବ ପରା ।

୧ମ ବନ୍ଦ ଅଛି ।

୨ୟ ବନ୍ଦ ଅଛି ।

ସମସ୍ତେ ବନ୍ଦ ଅଛି ସବୁ ଦୁଆର । ସବୁରି ଦୁଆର ।

ଚୌକିଦାର (ହସି) ଠିକ୍ ଠିକ୍ ଠିକ୍...ବନ୍ଦ ଅଛି ସବୁ ଦୁଆର ସଭିଙ୍କ ଦୁଆର । କିନ୍ତୁ ରାତି ବୋଲି ବନ୍ଦ ଅଛି ସିନା । ହେଲେ ସକାଳର ସିନ୍ଦୁରା ଫାଟିବା ଆଗରୁ ଖୋଲି ଦେବ ଆଗେ ଆପଣା ଘରର ପ୍ରଥମ ଦୁଆର, ପୂରୁବ ଦୁଆର ।

ସମସ୍ତେ ପୂରୁବ ଦୁଆର ? କାହିଁକି ?

ଚୌକିଦାର : ଅନ୍ଧାର ଦୂରେଇ ଯିବ ଆଲୁଅ ଆସିବ । ଦୁଃଖ ଚାଲିଯିବ । ଘରର ଅଗଣା ଡେଇଁ ଆଲୁଅ ସାଙ୍ଗକୁ ତାଳ ଦେଇ ହସିହସି ପଶିଆସିବ ସୁଖ, ଶାନ୍ତି ଆଉ ଆନନ୍ଦର ଧାରା । ଅତୀତର ଅନ୍ଧାର ଦୂରେଇ ଯିବ । ନୂଆ ଆଶା ନେଇ ହାତ ପାଆନ୍ତାରେ ଠିଆ ହେବ ଆସି ଆଲୁଅର ବର୍ତ୍ତମାନ, ତା'ପଛକୁ ଭବିଷ୍ୟତ ବି ।

ସମସ୍ତେ ତା'ପରେ ।

ଚୌକିଦାର ପୂରୁବ ଦିଗରୁ ଉଇଁବ ସୁରୁଜ । ଆଲୁଅର ଗୀତ ଗାଇବ ପୃଥିବୀ । ଆମ ସଭ୍ୟତା, ସଂସ୍କୃତି ଆଉ ଚେତନାର ଗୀତ କହିଦେବ କାନେ କାନେ । ଭୋଗ ନୁହେଁ ତ୍ୟାଗ ଆମ ଜୀବନର ମନ୍ତ୍ର । ମାନବର ଧର୍ମ ଆଉ କର୍ମ, ଶାନ୍ତି ଆଉ ପ୍ରୀତି ।

Digitized by PPRACHIN, SOA

ସମସ୍ତେ ଏଣୁ ଖୋଲି ଦେବା ଆଗେ ଆମ ପୂରୁବ ଦୁଆର ।

ଚୌକିଦାର ତା'ପରେ ଖୋଲିଦିଅ ଦକ୍ଷିଣ ଦୁଆର ।

ସମସ୍ତେ କାହିଁକି । କାହିଁକି ଖୋଲିବା ଦକ୍ଷିଣ ଦୁଆର ?

ଚୌକିଦାର ମଳୟ ଆସିବ ଧିରେଧିରେ ଦକ୍ଷିଣ ଦିଗରୁ । ସାଥିରେ ଆଣିବ କୋଇଲିର କୁହୁଗୀତ, ପ୍ରେମର ସଙ୍ଗୀତ । ସେଇ ଗୀତ ଗାଇ ମଣିଷ ପାଲଟି ଯିବ ଜୀବନ୍ତ ଦେବତା, ଚଳନ୍ତି ଦେବତା ।

ସମସ୍ତେ କାହାର ଚଳନ୍ତି ଦେବତା... ?

ଚୌକିଦାର ପ୍ରେମର, ମାନବିକତାର ।

ସମସ୍ତେ ସାରା ବିଶ୍ୱେ ଭରିଯିବ ବିଶ୍ୱାସର ବାର୍ତ୍ତା । ମଣିଷ ମଣିଷ ସବୁ ହେବେ ଭାଇଭାଇ । ଦେଶେଦେଶେ ଖେଳିଯିବ ଶାନ୍ତିର ବାର୍ତ୍ତା । ଯୁଦ୍ଧ ଭୟ ଯିବ ଅପସରି । ବୁଝିଗଲୁ ବୁଝିଗଲୁ ସବୁ ତା'ପରେ... ?

ଚୌକିଦାର ତା'ପରେ ଖୋଲିଦେବ ଉତ୍ତର ଦୁଆର ।

ସମସ୍ତେ : ଉତ୍ତର ଦୁଆର ? କାହିଁକି ?

ଚୌକିଦାର ଉତ୍ତର ଦୁଆର ଦେଇ ଘରକୁ ଆସିବ ପାଚିଲା ଧାନକ୍ଷେତର ସୁନେଲୀ ଫସଲ । ହଳଦିଆ ସୋରିଷ ଫୁଲର ବାସ୍ନା । ଆସିବେ ଘରକୁ ଲକ୍ଷ୍ମୀ, ଶସ୍ୟର ଆରାଧ୍ୟାଦେବୀ । ଘରେ ଘରେ ପିଠାପଣା ଖାଇ ସମସ୍ତେ ହୋଇବେ ଉତ୍ସବ ମୁଖର । ଚାରିଆଡ଼େ ଖେଳିଯିବ ଖୁସି ଆଉ ଆନନ୍ଦର ବାର୍ତ୍ତା ।

ସମସ୍ତେ ତା'ପରେ ଖୋଲିଦେବା ପଶ୍ଚିମ ଦୁଆର ?

ଚୌକିଦାର : ଖୋଲିଦେବ ସିନା–କିନ୍ତୁ ହୁସିଆର ଥିବ । ଥିବ ସାବଧାନ ।

ସମସ୍ତେ : କାହିଁକି ?

ଚୌକିଦାର : ଆମକୁ ବିପଦ ଅଛି । ଏଣୁ ସଜାଗ ହେବାର ପ୍ରୟୋଜନ ଅଛି ।

ସମସ୍ତେ : କି ବିପଦ ଅଛି ? ଖୋଲି କହନ୍ତୁ ଆମକୁ ଆଗେ ।

ଚୌକିଦାର : ସିଏ ପରା ପଶ୍ଚିମ ଦୁଆର ? ସକାଳର ସୂର୍ଯ୍ୟ ଏଠି ଅନ୍ଧାରର ପଣତରେ ଲୁଚିଯାଏ । ହଜିଯାଏ ତା'ର ଆଲୁଅ ।

ସମସ୍ତେ : ହଁ ହଁ ସତକଥା । ହଜିଯାଏ ସେଠି ଦିନର ଆଲୁଅ ।

ଚୌକିଦାର : ମାଡ଼ି ଆସେ କାଳରାତି । ରାତିର ଅନ୍ଧାର ଭିତରେ ଜାଗି ଉଠନ୍ତି ପଶୁ ସବୁ । ମଣିଷ ଭିତରେ ଲୁଚି ରହିଥିବା ପଶୁ ସବୁ ଚେଇଁ ଉଠନ୍ତି । କାମନା ଓ ଭୋଗର ଲାଳସା ସବୁ ଛାତିର ପିଞ୍ଜରା ଠେଲି ବାହାରି ପଡ଼ନ୍ତି ପଦାକୁ । ସଂସାରଟା ସେତେବେଳେ ନରକ ପାଲଟି ଯାଏ । ଆଉ ସେତେବେଳେ ଦରକାର ପଡ଼େ ମୋର । ଖୋଜାପଡ଼େ ଚୌକିଦାର ମାନଙ୍କର । ଗୋଟିଏ ହାତରେ ଲଣ୍ଠନ ଆଉ ଗୋଟିଏ ହାତରେ ଚିତାଶୟ ଲାଠି । ମଝିରେ ମଝିରେ ଧରମ ଡାକର ହୁଙ୍କାର । ହୁସିଆର... । ସାବଧାନ... । ଆଉ ଯେତେବେଳେ ଅବସ୍ଥା ଅସମ୍ଭାଳ ହୁଏ ସେତେବେଳେ ବାଜିଉଠେ ମୋର ଏ ସୁସୁରୀ (ହୁଇସିଲ୍ ବଜାଇଲା) । ମୋର ସୁସୁରୀ ଡାକ ଶୁଣି ବେଳେବେଳେ ସଙ୍କଟଟା ଟଳିଯାଏ । ଆଉ କେତେବେଳେ କେତେବେଳେ ସିଏ ରକ୍ତାକ୍ତ କରିଦିଏ ମୋତେ ଆଉ ମାନବିକତା ସବୁକୁ । ଜୀବନର ମୂଲ୍ୟବୋଧ ସବୁ ହାତରେ ପଡ଼ି ବାଟରେ ଗଡ଼ାଗଡ଼ି ହୁଅନ୍ତି । ଏ ପରା ପଶ୍ଚିମା ପବନର

Digitized by PPRACHIN, SOA

ଖେଳ । ମଣିଷ ତ ଛାର, ସାଧୁସନ୍ଥମାନେ ବି ବେଳେବେଳେ ସେଇ ପବନର ଚକାଭଉଁରୀ ଭିତରେ ପଡ଼ି ବାଟ ହଜେଇ ଦିଅନ୍ତି । ସମାଜର ବିଶ୍ୱାସକୁ ଦୋହଲାଇ ଦିଅନ୍ତି । ଈଶ୍ୱରଙ୍କର ସ୍ୱରୂପ ବି ବେଳେବେଳେ କଦାକାର ପାଲଟିଯାଏ । ସବୁ ସେଇ ପଶ୍ଚିମା ବତାସର ଖେଳ । ଏଠି ସଂସ୍କୃତି ଆଉ ଅପସଂସ୍କୃତି ଭିତରେ ଫରକ କେହି ବୁଝିବାକୁ ଚାହାନ୍ତି ନାହିଁ । ବିଶ୍ୱାସ ଅବିଶ୍ୱାସ ଆଉ ଅନ୍ଧବିଶ୍ୱାସ ଭିତରେ ଦୂରତ୍ୱକୁ କେହି ପରଖି ନେବାକୁ ଆଗେଇ ଆସନ୍ତି ନାହିଁ । ଅନଧିକାର ଓ ଅଧିକାର ଭିତରେ, ପୁଣି ଅଧିକାର ଆଉ କର୍ତ୍ତବ୍ୟ ମଧ୍ୟରେ ଥିବା ସଂପର୍କକୁ କେହି ତଦାରଖ କରିବାକୁ ଚାହାନ୍ତି ନାହିଁ ।

ସମସ୍ତେ — କାହିଁକି ? କାହିଁକି ?

ଚୌକିଦାର — ସମସ୍ତଙ୍କୁ ଦରକାର ସ୍ୱାଧୀନତା । ବ୍ୟକ୍ତିଗତ ଅଧିକାର ।

ସମସ୍ତେ — ଆମକୁ ବି ଦରକାର ସ୍ୱାଧୀନତା, ବ୍ୟକ୍ତିଗତ ଅଧିକାର ସବୁ ।

ଚୌକିଦାର — କିନ୍ତୁ କିଏ ଦେବ ସ୍ୱାଧୀନତା ? କିଏ ଦେବ ବ୍ୟକ୍ତିଗତ ଅଧିକାର ?

ସମସ୍ତେ — ସରକାର ।

ଚୌକିଦାର — ସରକାର ? (ହସି) ସରକାର ପରା ତୁମେ ନିଜେ ।

By the people, of the people and for the people. ହେଲା ସରକାର ?

ସମସ୍ତେ — ତା'ହେଲେ ଏ ସମାଜ ?

ଚୌକିଦାର — ସମାଜ କିଏ ? ଆମରି ମାନଙ୍କର ଏକ ଗୋଷ୍ଠୀବଦ୍ଧ ଜୀବନଯାପନର ପ୍ରୟାସ ହେଉଛି ଏ ସମାଜ । ସମାଜଠାରୁ ଅନେକ କିଛି ପାଇବାର ଆଶା କରିବା ଆଗରୁ ସମାଜର ଗଠନ ପାଇଁ ସୁସ୍ଥ ସାମାଜିକ ପରମ୍ପରା ସୃଷ୍ଟି କରିବା ପାଇଁ ଆମକୁ ଯଥେଷ୍ଟ କିଛି କର୍ତ୍ତବ୍ୟ କରିବାକୁ ପଡ଼ିବ । ନିଜକୁ ଶୃଙ୍ଖଳିତ କରିବାକୁ ପଡ଼ିବ । ତା'ପରେ ମିଳିବ ସ୍ୱାଧୀନତା । ସ୍ୱାଧୀନତା ଯେ ସ୍ୱେଚ୍ଛାଚାରିତା ନୁହେଁ ଏକଥା ଆଗେ ଉପଲବ୍ଧ କରିବାକୁ ପଡ଼ିବ । ପ୍ରତିଟି ବିଶ୍ୱାସକୁ ଅନ୍ଧବିଶ୍ୱାସ କହିବା ପୂର୍ବରୁ ସେଇ ବିଶ୍ୱାସ ଭିତରେ ଥିବା ସ୍ନେହ, ଶ୍ରଦ୍ଧା, ଭକ୍ତି ଆଉ ଶୃଙ୍ଖଳାବୋଧକୁ ତଉଲିବାକୁ ପଡ଼ିବ ।

ନ ହେଲେ ଅଳ୍ପ ବିଦ୍ୟାଭୟଙ୍କରୀ ଭଳି ସେଇ ପଶ୍ଚିମା ପବନର ଘୂର୍ଣ୍ଣିବାତ୍ୟାରେ ପଡ଼ି ଆମ ସମାଜର ସଂସ୍କୃତି ପରମ୍ପରା ଛିନ୍‌ଭିନ୍ ହୋଇ ଧ୍ୱଂସ ହୋଇ ଯିବାକୁ ବେଶୀ ଡେରି ଲାଗିବ ନାହିଁ । ସେମିତି ଆଇନ୍‌ର ମହତ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ତା'ର ପ୍ରୟୋଗ କରିବାକୁ ହେବ । ନହେଲେ ପ୍ରତିଟି ପରିବାର ଦିନେ ସେଇ ଅନ୍ଧ ଆଇନ୍‌ର ଅନ୍ଧାଧୁନ୍ ପ୍ରୟୋଗରେ ଆଉ ପରିବାର ହୋଇ ନରହି କେବଳ ତା'ର ପ୍ରତୀକ ହୋଇ ରହିଯିବ । ଏଇ ଦେଖୁନ ସେଇ ପ୍ରତୀକ ବାବୁଙ୍କୁ । ଦେଖ ତାଙ୍କୁ, ଶୁଣ ତାଙ୍କ କାହାଣୀ । ଶୁଣ । ତା'ପରେ କହିବ ମୁଁ ଠିକ୍ କହୁଛି କି ଭୁଲ୍ କହୁଛି ? (ଚୌକିଦାର ମଞ୍ଚର ଗୋଟିଏ ସ୍ଥାନକୁ ବାଡ଼ି ଦେଖାଇ ଦେଲା । ଦେଖାଗଲା ମେଣ୍ଟାଲ୍ ହସ୍‌ପିଟାଲ୍‌ର ଗୋଟିଏ ଖଟରେ ରୋଗୀର ଡ୍ରେସ୍ ପିନ୍ଧି ଶୋଇଛି ପ୍ରତୀକ । ପାଖ କୋଠରୀରେ ମେଲ୍ ନର୍ସ ପ୍ରବୋଧ ନିଜେ ନିଜେ ଗପି ଚାଲିଛି ଓ ନିଜ ପାଇଁ ରାତି ବିଛଣା ସଜାଡୁଛି ।)

ପ୍ରବୋଧ — ରାତି ଆସି ସାଢ଼େ ଦଶଟା ବାଜିଲାଣି । ଆଜି ଆଉ ଡାକ୍ତର ବାବୁ ଆସିବେନି ବୋଧହୁଏ । ଖିଆପିଆ ତ ସରିଲା । ଏଥର ବିଛଣାଟା ସଜାଡ଼ି ଦେବାକୁ ପଡ଼ିବ । ନା ନା ...ଯଦି ବାଇ ଚାନ୍ସ ଡାକ୍ତର ବାବୁ ଆସିଯାଆନ୍ତି ତା'ହେଲେ କଥାଟା ଖରାପ ହେବ । କିରେ କଥା ଖରାପ ହେବ କାହିଁକି ? ଆମେ ସବୁ

Digitized by PPRACHIN, SOA

ମେଲ୍ ନର୍ସ ହେଲୁ ବୋଲି ଆମର କ'ଣ ଦେହପା ନାହିଁ । ଆମକୁ ନିଦ ଲାଗିବ ନାହିଁ ? କିରେ ଆମେ କ'ଣ ପାଗଳ ହୋଇଛୁ ନା ଯାତ୍ରାପାର୍ଟିବାଲା ହୋଇଛୁ ଯେ ରାତିସାରା ଚାହିଁ ଡାଏଲଗ୍ ମାରିବୁ । ଆରେ ଛାଡ଼ ସେ କଥା ସେମାନେ ତ ରାତି ସାରା ଚେଇଁଲେ ବି ସକାଳୁ ସକାଳୁ ଖଟିଆ କାମୁଡ଼ି ଶୋଇ ପଡୁଛନ୍ତି । ହେଲେ ଆମର ଶୋଇବା ଦୂରର କଥା ଘଡ଼ିଏ ଢୁଳେଇ ପଡ଼ିବାକୁ ବି ତର ନାହିଁ । କିରେ ନାଇଟ୍ ଡ୍ୟୁଟିରେ ରହି ପୋଲିସ୍‌ବାଲା ପରା ମଉକା ଦେଖି ଶୋଇ ପଡୁଛନ୍ତି । ହେଲେ ଆମରି ଉପରେ ସମସ୍ତଙ୍କ ଆଖି । ହେଇଟି ଦେଖୁନା ୯ଟା ବେଳେ ହାବିଲ୍‌ଦାର ବାବୁଙ୍କ ଡ୍ୟୁଟିକୁ ଆସିବା କଥା ଏପର୍ଯ୍ୟନ୍ତ ଦେଖା ନାହିଁ । ଯେମିତି ମୁଁ ବିଛଣା ପାରି ମଶାରୀ ଟାଙ୍ଗି ସାରିବି ସେମିତି କୁଆଡ଼େ ଥିବେ ବାବୁ, ବାବନା ଭୂତ ଭଳିଆ ଚଉକସ ନାଦି ଦେଇ, ହେଣ୍ଡିଆମାରି, ପେଟରେ ହାତ ବୁଲେଇ ବୁଲେଇ ଆସି ନଥି କିନା ବିଛଣାରେ ଶୋଇ ନାକ ଘଡ଼ଘଡ଼ କରିବେ । (କବାଟ ଠକ୍‌ଠକ୍ ହେଲା ।) ହେଇଟି ଆମ ହାବିଲ୍‌ଦାର୍ ବାବୁ ଆସିଗଲେ ବୋଧହୁଏ । ନାଁ ଧରୁ ଧରୁ ଶଶୁର ପୁଅ ଆସି ହାଜର । ଶଳା ହଜାରେ ବର୍ଷ ବଞ୍ଚିବ । (କବାଟ ଖୋଲିଲା ବେଳକୁ ଭିତରକୁ ଆସିଲେ ହାବିଲ୍‌ଦାର୍ ବାବୁ) ହଁ । ଆସିଗଲଟି ହାବିଲ୍‌ଦାର୍ ବାବୁ । ଏଥର ବିଛଣା କର । ଆଜି ତୁମ ପାଳି । ମୁଁ ଘର ଓଳେଇ ଦେଇଛି ।

ହାବିଲ୍‌ଦାର୍ ଓହୋ ଘରଟା ଓଳେଇ ଦେଇଛ ଯେତେବେଳେ ପାଟେନିଟା ପାରି ଦେଇଥିଲେ ତ କଥା ସଇଲା । ସେଇଥିପାଇଁ ମୋତେ ଅନେଇ ବସିଛ ?

ପ୍ରବୋଧ : ଆଉ ମଶାରୀଟା... ?

ହାବିଲ୍‌ଦାର୍ କାନ୍ଥରେ ତ କଣ୍ଟା ମରା ହୋଇଛି । ମଶାରୀ ଦଉଡ଼ିରେ ତ ଫାଶ ପଡ଼ିରହିଛି । ଖାଲି ନାଖେଇ ଦେବାକଥା । ସେଇଟା କ'ଣ ତୁମକୁ ଏତେ ଭିଡ଼ ପଡୁଛି ?

ପ୍ରବୋଧ : ନାଇଁ ନା...ସବୁଦିନ ମୁଁ ଘର ଓଳେଇବି, ବିଛଣା ପାରିବି, ମଶାରୀ ଟାଙ୍ଗିବି, ମଶାରୀ ଖେଞ୍ଚିବି ? ଏଇଟା ତ ମୋ ବୋପା ଜମିଦାରୀ ହୋଇଛି । ନାଇଁ ନାଇଁ ହେଇପାରିବ ନାହିଁ । କି ଭାଗ୍ୟ ମୋର ଦେଖ ହୋ । ଖାସ୍ ମଶାରୀ ଡେଲ୍ଲୀ ଖେଞ୍ଚିବି ନାହିଁ ବୋଲି ହଜାର ହଜାର ଟଙ୍କା ଖର୍ଚ୍ଚ କରି ବାହା ହେଲି ଯେ ଦେଖିଲାବେଳକୁ ଘରଣୀ କଲା ନର୍ସ ଚାକିରି । ତା'ର ରାତି ଡ୍ୟୁଟି ପଡ଼ିଲେ ମଶାରୀ ଖେଞ୍ଚିବା ମୋରି ଭାଗ୍ୟରେ ପଡ଼ିଲା । ଏବେ ଦେଖୁଛି, ଘରେ ବାହାରେ ସବୁଠି ଏଇ ମଶାରୀ ଖେଞ୍ଚି ଖେଞ୍ଚି ମୋ ଦିନ ସରିବ । ହେ ପ୍ରଭୁ ଏଇ ମଶାରୀ ଖେଞ୍ଚା ଯୋଗଟା ମୋ କପାଳରୁ ରବର ଘସି ଲିଭେଇ ଦିଅନ୍ତ ନାହିଁ ?

ହାବିଲ୍‌ଦାର୍ : ହଉ ହଉ ରାଗନା ମୁଁ ଖାଲି ଡ୍ରେସଟା ଚେଞ୍ଜ କରିଦିଏ, ବିଛଣା ପାରି ମଶାରୀ ଟାଙ୍ଗି ଦେବି ।

ପ୍ରବୋଧ : ଖାଲି ଟାଙ୍ଗି ଦେଲେ ହେବନାହିଁ ମଶାରୀ ଖେଞ୍ଚିବାକୁ ପଡ଼ିବ ।

ହାବିଲ୍‌ଦାର୍ : ହଉ ହେଲା ମୁଁ ସବୁ କରିବି ଖାଲି ଡ୍ରେସ୍‌ଟା ବଦଳେଇ ଦିଏ ।

ପ୍ରବୋଧ : ଡ୍ରେସ୍ ବଦଳେଇବାକୁ ଗାମୁଛା ଆଣିଛ ନା ମୋତେ ମାଗିବ ?

ହାବିଲଦାର : ଗାମୁଛି କ'ଣ ହେବ ? ତଳେ ଅଛି ପରା । (ହାବିଲଦାର ପେଣ୍ଟ ଖୋଲିବା ଆରମ୍ଭ କଲା)

ପ୍ରବୋଧ : ଛି ଛି । ଲଜ୍ଜା ସରମ ଟିକିଏ ନାହିଁ । (ନିଜେ ଆଖି ବନ୍ଦ କଲା । ଦେଖାଗଲା ହାବିଲଦାର ତଳେ ହାଫ୍‌ପ୍ୟାଣ୍ଟ ପିନ୍ଧିଛି)

Digitized by PPRACHIN, SOA

ହାବିଲଦାର ଆଖି ବନ୍ଦ କରୁଛ କ'ଣ ? ତଳେ ପରା ହାଫ୍ ପ୍ୟାଣ୍ଟ୍ ଅଛି ।

ପ୍ରବୋଧ ଖାଲି ସେତିକି ନା ତଳକୁ ତଳ ଆହୁରି କିଛି ଅଛି ?

ହାବିଲ୍‌ଦାର୍ ଅଛି ନା, ନ ହେଲେ କ'ଣ ମାହଳିଆକୁ ଏ ମାଟିଆ ପୋଷାକ ପିନ୍ଧିଛି ?

ପ୍ରବୋଧ ଗାମୁଛା କି ଲୁଙ୍ଗି ଯଦି କିଛି ଆଣିନ ତା'ହେଲେ ଆଜି ଦିନକ ସେଇ ପୋଷାକଟା ପିନ୍ଧିକିନା ଶୋଇ ପଡ଼ିଲେ କ'ଣ କିଛି ଅସୁବିଧା ଅଛି । ଏଠି କ'ଣ କିଏ ଦେଖିବାକୁ ଆସୁଛି ? ମୁଁ ତ ମୋର ଦରକାର ପଡ଼ିଲେ ଏଇ ପୋଷାକ ପିନ୍ଧି ଶୋଇପଡୁଛି ।

ହାବିଲ୍‌ଦାର୍ ନାଇଁ ନାଇଁ ନାଇଁ । ତୁମ ଚାକିରିରେ ଚଳିପାରେ । ହେଲେ ଆମ ଚାକିରିରେ ସେକଥା ଚଳିବ ନାହିଁ । ଚାକିରିରେ ଭର୍ତ୍ତି ହେଲାବେଳେ ପରା ଆମ ବଡ଼ ହାକିମଙ୍କ ଆଗରେ ଆମେ ଶପଥ ନେଇଛୁ । ଆମ ଦେହ ପଛେ ଛିନ୍‌ଛତର ହୋଇଯିବ, ହେଲେ ଆମ ପୋଷାକରେ ଦାଗ ଲାଗିବ ନାହିଁ । କି ଖାକିରେ କଳଙ୍କ ଲାଗିବ ନାହିଁ । ସେଇଥିପାଇଁ ପରା ମୁଁ ପୋଷାକ ପିନ୍ଧି ଶୋଉନାହିଁ ।

ପ୍ରବୋଧ ଓହୋ ପୋଷାକ ପିନ୍ଧି ଶୋଇଲେ କାଳେ ପୋଷାକରେ ଦାଗ ଲାଗିଯିବ । ଖାକିରେ କଳଙ୍କ ଲାଗିଯିବ ନୁହେଁ ?

ହାବିଲ୍‌ଦାର୍ ନୁହଁ ତ ଆଉ କ'ଣ ? ଖାଲି କ'ଣ ମୁଁ ଏକା ? ଆମ ଥାନାରେ ବି ସମସ୍ତେ ପୋଷାକ ଉତାରି ଦେଇ ଶୁଅନ୍ତି ନା ଆଉ ।

ପ୍ରବୋଧ ତୁମେ ତା'ହେଲେ ସେଇଆ ବୁଝିଛ ? ଠିକ୍ ଠିକ୍ । କଥା ତ କଥା, ତାକୁ ଯିଏ ଯେମିତି ବୁଝିଲା ନା ଆଉ । ହେଲେ ଆମର ସେମିତି ନୁହେଁ । ଆମ ପାଠ ଠିକ୍ ଓଲଟା ।

ହାବିଲ୍‌ଦାର୍ ମାନେ ?

ପ୍ରବୋଧ ଆମ ସାର୍ କହନ୍ତି, ତୁମ ପୋଷାକ ପଛେ ରକ୍ତପାତ ହୋଇଯାଉ, ତୁମ ଚିପ କାହା ଦେହରେ ବାଜିବ ନାହିଁ । ଚିପତ ଚିପ ଆମ ନିଶ୍ୱାସ ବି କାହା ଉପରେ ପଡ଼ିବ ନାହିଁ । ଏଣୁ ଆମେ ହାତରେ ଥଳି ଆଉ ମୁହଁରେ ତୁଣ୍ଡି ବାନ୍ଧି କାମ କରୁଛୁ । ଆମର ସବୁ କାମ ଖାଲି ଦେଖା ଦେଖିରେ ସରିବ ।

ହାବିଲ୍‌ଦାର୍ ଦେଖା ଦେଖିରେ ସରିବ ମାନେ ?

ପ୍ରବୋଧ ମାନେ, ଆମେ ରୋଗୀର ଆଖି ଦେଖିବୁ, ଜିଭ ଦେଖିବୁ, ନାଡ଼ୀ ଦେଖିବୁ, ବାସ୍ ସେତିକିରେ ସବୁ ଶେଷ । ତା'ପରେ ଚିଠା ଧରେଇ ନୋଟ୍ ପୁରେଇବୁ ।

ହାବିଲ୍‌ଦାର୍ ହଉ କନ୍ଥା ପକାଇ ମଶାରୀ ଟାଙ୍ଗ, ମୁଁ ବାହାରୁ ଟିକିଏ ବଇଁଶୀ ବଜେଇ ଆସେ ।

ପ୍ରବୋଧ ଆରେ ସେ ବଇଁଶୀଟା ପୁଣି ତୁମ ଖାକିମାର୍କା ନା ଟ୍ରାଫିକ୍‌ମାର୍କା ?

ହାବିଲ୍‌ଦାର୍ ଖାକି – ଖାକି ?

ପ୍ରବୋଧ ଜାଣିନ କି ବନ୍ଧୁ

"ପାନ, ବିଡ଼ି ନୁହେଁ ଛୋଟିଆ ନିଶା,

ଜଣାପଡ଼େ ନାହିଁ ଟାଣେ ପଇସା ।"

ତମାଖୁ, ପାନ, ଗୋଟକା ଆଉ ମଦ କ୍ୟାନସରର କାରଣ ହୋଇପାରେ । ଏଣୁ ଏଥିରୁ ମୁକ୍ତ ରହନ୍ତୁ, ସୁସ୍ଥ ରହନ୍ତୁ । (ଚାହିଁଲା ବେଳକୁ ହାବିଲ୍‌ଦାର୍ ନାହିଁ) । ହେ...ମୋତେ ଯେତେ ମାଠିବୁ ମାଠ, ମୁଁ ତ

Digitized by PPRACHIN, SOA

ସେଇ ଦରପୋଡ଼ା କାଠ । ଯା...ଯା...ନିଜେ ଭୋଗିଲେ ଜାଣିବୁ । (କବାଟ ବନ୍ଦ କରି ଆସିଲାବେଳକୁ କବାଟ କିଏ ବାଡ଼େଇଲା ।) ଯାଉ ଯାଉ କ'ଣ ଫେରିଆସିଲାଣି । ମୋ କଥା ଶୁଣି ଦେଲା ବୋଧ ହୁଏ । (କବାଟ ଖୋଲିଲା ଭିତରକୁ ଆସିଲେ ଡାକ୍ତରାଣୀ ସମ୍ଭାବନା ।)

ପ୍ରବୋଧ ଆପଣ କିଏ ? କାହାକୁ ଖୋଜୁଛନ୍ତି ?

ସମ୍ଭାବନା (ପ୍ରବେଶୀ) ମୁଁ ସମ୍ଭାବନା, ଆପଣଙ୍କୁ ଖୋଜୁଛି ।

ପ୍ରବୋଧ : ମୋତେ ? କିନ୍ତୁ କାହିଁକି ?

ସମ୍ଭାବନା ଆପଣ ଏଠାକାର ମେଲ୍ ନର୍ସ ?

ପ୍ରବୋଧ : ମୋ ପୋଷାକ ଦେଖି କ'ଣ ଜାଣିପାରୁ ନାହାଁନ୍ତି ?

ସମ୍ଭାବନା : ସନ୍ଧ୍ୟାରେ କ'ଣ ସୁଇପର୍ ଆସିନି ? ରିପୋର୍ଟ କରିଛନ୍ତି ?

ପ୍ରବୋଧ ସନ୍ଧ୍ୟାରେ ସୁଇପର୍ ଆସିଥିଲା, ସଫା କରିଯାଇଛି । ଏବେ ପରା ରାତି ଆସି ସାଢ଼େ ଦଶଟା ବାଜିଲାଣି ।

ସମ୍ଭାବନା : ଓ ହୋ...ଶୋଇବା ବେଳ ହୋଇଗଲା ପରା ?

ପ୍ରବୋଧ ହଁ...ନା, ନା... । ହେଲେ ଏତେକଥା କହିବାକୁ ଆପଣ କିଏ ?

ସମ୍ଭାବନା କିଏ ଭଳି ଭାବୁଛନ୍ତି ?

ପ୍ରବୋଧ ଡାକ୍ତର ଭଳି ତ ଲାଗୁଛନ୍ତି । ହେଲେ ଆପଣଙ୍କୁ ଏଠିକି ପଠେଇଲା କିଏ ?

ସମ୍ଭାବନା : ସାର୍ ଆଜି ରାଉଣ୍ଡରେ ଆସିବେ ନାହିଁ । ଏଣୁ ମୋତେ ପଠେଇଲେ । ଚାଲନ୍ତୁ ରୋଗୀ ପାଖକୁ ଚାଲନ୍ତୁ ।

ପ୍ରବୋଧ ଆପଣ ଟିକିଏ ଆସ୍ତେ କଥା ହୁଅନ୍ତୁ । ଆସ୍ତେ ଚାଲନ୍ତୁ । ଏଠି ପରା ନାରୀ ନିଷେଧ ଆଜ୍ଞା ଲାଗିଛି ।

ସମ୍ଭାବନା : କାହିଁକି ?

ପ୍ରବୋଧ : ରାତି ଅଧରେ ଓଡ଼ିଶୀ ନାଚିଲା ଭଳିଆ ଏମିତି ଘୁଙ୍ଗୁର ପିନ୍ଧି ଛମ୍‌ଛମ୍ କରି ଚାଲିଲେ ରୋଗୀର ନିଦ ଭାଙ୍ଗିଯିବ ନାହିଁ ? ହେଇଟି ଶୁଣନ୍ତୁ ସିଏ ମେଣ୍ଟାଲ୍ ରୋଗୀ ପୁଣି ତା'ର ନାରୀମାନଙ୍କ ପ୍ରତି ଏଲର୍ଜି ଅଛି । ଆପଣଙ୍କର ଏ ଛମ୍‌ଛମ୍ ଶବ୍ଦ ଶୁଣି ସିଏ ଯଦି ଉଠି ପଡ଼ିବ ନା ଏଠି ମହାଭାରତ କରିବ କହି ଦେଉଛି ।

ସମ୍ଭାବନା : ସିଏ କ'ଣ ଖାଇପିଇ ଶୋଇ ପଡ଼ିଲାଣି ?

ପ୍ରବୋଧ : ନା ଖାଇନାହାନ୍ତି । ଶୋଇପଡ଼ିଛନ୍ତି । ଉଠିଲେ ଖାଇବେ ।

ସମ୍ଭାବନା : ସେ କ'ଣ ସବୁ ଔଷଧ ଖାଉଛନ୍ତି ଲିଷ୍ଟଟା ଦେଖେଇଲ ? (ପ୍ରବୋଧ ଲିଷ୍ଟ ଆଣି ଦେଖେଇଛି ।) ଏଇ ଔଷଧଟା ସକାଳେ ଦେଉଛ ?

ପ୍ରବୋଧ : ହଁ...ନା, ନା...କେଉଁ ଔଷଧ ?

ସମ୍ଭାବନା ଔଷଧ ଗୁଡ଼ାକ ଦେଖାଅ...(ଦେଖି) ଏଇ ଔଷଧଟା ଦିନକୁ କେତେ ଥର ଦେଉଛ ? ସକାଳେ ଆଉ ରାତିରେ ଖାଇସାରିଲା ପରେ ଦେଉଛନା ନାହିଁ ?

ପ୍ରବୋଧ : (ଥ, ଥ, ମ, ମ ହୋଇ) ହଁ ଦେଉଛି ?

Digitized by PPRACHIN, SOA

ସମ୍ଭାବନା ଆଜି ସକାଳେ ଦେଇଥିଲ ?

ପ୍ରବୋଧ ହଁ ଦେଇଥିଲି । ନା...ଦେଇନି ।

ସମ୍ଭାବନା ସତ କୁହ ନ ହେଲେ ରିପୋର୍ଟ କରିବି ?

ପ୍ରବୋଧ ହଁ ଦେଇଥିଲି ।

ସମ୍ଭାବନା କାହିଁକି ଦେଇଥିଲ ?

ପ୍ରବୋଧ ଏମିତି ଧମକେଇଲେ କ'ଣ ସତଟା ମିଛ ହୋଇଯିବ ନା ମିଛଟା ସତ ହୋଇଯିବ ? (ଏତିକିବେଳେ ହାବିଲ୍‌ଦାର୍ ଆସିଛି) ହେଇଟି ଏଇ ହାବିଲ୍‌ଦାର୍ କାଲି ଏଇଠି ଶୋଇଥିଲା । ତାକୁ ପଚାରୁ ନାହାଁନ୍ତି ।

ହାବିଲ୍‌ଦାର୍ ନାଇଁ ନାଇଁ ମ୍ୟାଡ଼ମ୍ । ମୁଁ ରାତି ଡ୍ୟୁଟିରେ ଜମାରୁ ଶୁଏ ନାହିଁ । ଇଏ ମିଛ କହୁଛି ? ଆଜି ସକାଳେ ମୁଁ ଡ୍ୟୁଟିରୁ ଗଲାବେଳକୁ ତା'ସ୍ତ୍ରୀ ଏଠିକି ଆସିଥିଲା ତାକୁ ଦେଖି ରୋଗୀ ଚିଲ୍ଲେଇଥିଲା ।

ସମ୍ଭାବନା ତେଣୁ ତାକୁ ସକାଳେ ତୁମେ ଔଷଧ ଦେଇଛ ନୁହେଁ ?

ହାବିଲ୍‌ଦାର୍ ହଁ ହେଇଥିବ ।

ସମ୍ଭାବନା ମୁଁ ତୁମକୁ ପଚାରୁନି । ତୁମେ ଡ୍ୟୁଟିରେ ଅଛ ?

ହାବିଲ୍‌ଦାର୍ : ଆଜ୍ଞା ।

ସମ୍ଭାବନା ତୁମ ଡ୍ରେସ୍ କାହିଁ ?

ପ୍ରବୋଧ ଶୋଇବ ବୋଲି ସେ ଖୋଲି ଦେଇଛି ?

ହାବିଲ୍‌ଦାର୍ ନାଇଁ ଦାଗ ଲାଗିବନି ବୋଲି ଖୋଲି ଦେଇଛି । କାରଣ ମୁଁ ବାଥ୍‌ରୁମ୍ ଯାଇଥିଲି । ସିଏ ମିଛ କହୁଛି ।

ପ୍ରବୋଧ ତୁ ତ ଭାରି ସତିଆ । ତୁ ମିଛ କହୁଛୁ ।

ସମ୍ଭାବନା ଦି'ଜଣ ଯାକ ମିଛ କହୁଛ । ଆଜି ମୁଁ ଦୁହିଁଙ୍କ ନାମରେ ରିପୋର୍ଟ କରିବି । (ଦି'ଜଣ ଆଗକୁ ଆସିଲେ କାନ ଧରି)

ଦୁହେଁ ସରି ମ୍ୟାଡ଼ାମ୍ । ଆଉ କେବେ ଏମିତି ଭୁଲ୍ କରିବୁ ନାହିଁ ?

ସମ୍ଭାବନା ଠିକ୍ ଅଛି । ଆଉ କେବେ ଏମିତି ଭୁଲ୍ କରିବ ନାହିଁ । ରୋଗୀର କେଶ୍ ଫାଇଲ୍ କାହିଁ ?

ପ୍ରବୋଧ ଖଟିଆ ପାଖରେ ଥିବ ଆଣୁଛି । (ଭିତରକୁ ଯାଇ ଫାଇଲ୍ ଆଣିଲେ)

ସମ୍ଭାବନା (ଫାଇଲ୍ ପଢ଼ି) ନାଁ– ହେଲା, ପ୍ରତୀକ ମହାନ୍ତି, ବୟସ ୫୦ ବର୍ଷ । ରୋଗ ଆଗରୁ ରୋଗୀ କ'ଣ କରୁଥିଲେ ?

ପ୍ରବୋଧ ସେ କ'ଣ କରୁଥିଲେ ମୁଁ କହିପାରିବି ନାହିଁ । ସାର୍ ମୋତେ ସେ ବିଷୟରେ କିଛି କହି ନାହାଁନ୍ତି । ହେଲେ ମଝିରେ ମଝିରେ ସେ ଏମିତି ଆଙ୍ଗୁଳି ହଲାନ୍ତି । (କରି ଦେଖେଇ ଦେଲା)

ସମ୍ଭାବନା ଭିତରକୁ ଚାଲିଲେ ମୁଁ ତାଙ୍କୁ ଟିକିଏ ଦେଖିବି ? (ତାଙ୍କ ଆଗକୁ ପ୍ରବୋଧ ଆସି)

ପ୍ରବୋଧ ନାଇଁ ମ୍ୟାଡ଼ମ୍ ଆପଣ ଭିତରକୁ ଯାଆନ୍ତୁ ନାହିଁ । ଯଦି ତାଙ୍କ ଆଖିରେ ଆପଣଙ୍କ ଚେହେରା ଥରେ ପଡ଼ିଯିବ ନା ତା'ହେଲେ ସେ ଏଇନେ ହୁଲୁସ୍ଥୁଲ କରି ଡାକ୍ତରଖାନା କମ୍ପେଇ ଦେବେ ।

Digitized by PPRACHIN, SOA

ସମ୍ଭାବନା ଠିକ୍ ଅଛି ମୁଁ ଏଇଠି ଅଛି । ତୁମେ ତାଙ୍କୁ ଉଠାଅ । ମୁଁ ତାଙ୍କୁ ଟିକେ ଦେଖିବି । (ଫାଇଲ ପଢ଼ିଲେ)

ପ୍ରବୋଧ (ଭିତରକୁ ଯାଇ) ଆଜ୍ଞା ପ୍ରତୀକ ବାବୁ ! ଉଠନ୍ତୁ ଖାଇବେ ।

ପ୍ରତୀକ ନାଇଁ ମୁଁ ଖାଇବି ନାହିଁ । ଶୋଇବି ।

ପ୍ରବୋଧ ଉଠନ୍ତୁ ରୁଟି ଦି'ଖଣ୍ଡ ଖାଇ ଔଷଧ ଖାଇ ପୁଣି ଶୋଇ ପଡ଼ିବେ ।

ପ୍ରତୀକ ମୁଁ ଖାଇବି ନାହିଁ ।

ପ୍ରବୋଧ ଆଜିପରା ରବିବାର । କ୍ଷୀରି ଖାଇବେ ନାହିଁ ? (ଆଶ୍ଚର୍ଯ୍ୟ ହୋଇ ଚାହିଁଛନ୍ତି ସମ୍ଭାବନା)

ପ୍ରତୀକ : ଆଜି ରବିବାର ଓହୋ ସେଇକଥା କହୁନ । ମୋ ମାଆ କ୍ଷୀରି ପଠେଇଛି ନିଶ୍ଚୟ ଆଉ ମୁଁ ଖାଇବି ନାହିଁ ? ନିଶ୍ଚେ ଖାଇବି । ଦିଅ ଦିଅ ମୁଁ ଖାଇବି । (ଖାଇଛି) ମୋ ମାଆ କେତେ ଭଲ ନୁହେଁରେ ପ୍ରବୋଧ...? ସେ ମୋତେ କେତେ ଭଲପାଏ ।

ପ୍ରବୋଧ ସେଇଥିପାଇଁ ପରା ସେ ପ୍ରତି ରବିବାର ତୁମ ପାଇଁ କ୍ଷୀରି ପଠେଇ ଦିଅନ୍ତି ।

ପ୍ରତୀକ ଆଜି ବି ମୋ ମାଆ ଆସିଥିଲା ?

ପ୍ରବୋଧ ହଁ କ୍ଷୀରି ନେଇ ଆସିଥିଲେ । ତୁମେ ଶୋଇଥିଲ । ତେଣୁ ସେ ଚାଲିଗଲେ ।

ପ୍ରତୀକ ମୋତେ ଡାକି ଦେଲ ନାହିଁ କାହିଁକି ?

ପ୍ରବୋଧ ମୁଁ ଡାକି ଦେଇଥାଆନ୍ତି । ହେଲେ ମା' କହିଲେ ନାଇଁ ସିଏ ଶୋଇଛି ଶୋଇଥାଉ । ମୁଁ ଆରଥରକୁ ଆସିଲେ ତାକୁ ଦେଖା କରିବି ।

ପ୍ରତୀକ ଆର ଥରକୁ ଆସିଲେ ମୋ ମାଆକୁ କହିବ ମୁଁ କେତେ ଦିନ ହେଲା ଚିତ୍ର ଆଙ୍କିନି । ଚିତ୍ର ଆଙ୍କିବାକୁ ମନ ହେଉଛି ।

ପ୍ରବୋଧ ଚିତ୍ର ଆଙ୍କୁନା ?

ପ୍ରତୀକ : କେମିତି ଆଙ୍କିବି ? ରଙ୍ଗ, ତୂଳୀ, ଚିତ୍ରପଟ କିଛି ତ ମୋ ପାଖରେ ନାହିଁ ।

ପ୍ରବୋଧ ଆଚ୍ଛା ଆଚ୍ଛା ଏଥର ଆସିଲେ ମୁଁ କହିବି ।

ସମ୍ଭାବନା : (ହାତରେ ଫାଇଲ୍ ଧରି) ତା'ମାନେ ଏ ଜଣେ ଚିତ୍ରକର । ରଙ୍ଗ, ତୂଳୀ, ଆଉ ଚିତ୍ରପଟ । (ଫାଇଲ୍‌ଟା ହାତରୁ ଖସି ପଡ଼ିଛି ।)

ପ୍ରତୀକ : (ଚମକି) କିଏ ସେଠି ?

ପ୍ରବୋଧ : କାହିଁ କେହି ନାହିଁ ତ ।

ପ୍ରତୀକ : କିଏ ସେଠି ? କିଏ ତୁ ? ତୁ ପୁଣି ଆସିଛୁ ? (ସମ୍ଭାବନା ଚାଲିଗଲା ପାଦର ନୂପୁର ଛମକିନା ବାଜିଉଠିଲା) ମୋ ମାଆ କଥା ମାନି ଶେଷରେ ତା'ହେଲେ ପାଉଁଜି ପିନ୍ଧିଲୁ ନୁହେଁ । ଭଲ କଲୁ । ହେଲେ ପୁଣି ସେ ଡ୍ରେସ୍ ପିନ୍ଧିଛୁ କାହିଁକି ? ଦେଖେଇ ହେଉଛୁ ନା ମୋତେ ଆଉ ମୋ ମାଆକୁ ଖତେଇ ହେଉଛୁ ନୁହେଁ । ମୋ ମାଆକୁ ତୋର କମ୍ପାରୁ ଖାତିର ନାହିଁ । ଓଡ଼ିଆ ଘରର ବୋହୂ ହୋଇ ବି ତୁ ଶାଶୁ ଶ୍ୱଶୁର ଆଗରେ ଡ୍ରେସ୍ ପିନ୍ଧି ଥେଇ ଥେଇ ହୋଇ ନାଚୁଛୁ । ଦେଖିବୁ ଦେଖିବୁ ଏଇନେ ମୋତେ ...ବଜ୍ଜାତ କୋଉଠିକାର... ଦେଖିବୁ ଦେଖିବୁ । (ମାରିବାକୁ ଧାଇଁଲେ ପ୍ରବୋଧ ଧରି ପକାଇଲେ ।)

Digitized by PPRACHIN, SOA

ପ୍ରବୋଧ ହାବିଲ୍‌ଦାର୍ ବାବୁ ! ଧାଇଁ ଆସ । (ହାବିଲ୍‌ଦାର୍ ତରତରରେ ହୁଇସିଲ୍ ମାରି ଠେଙ୍ଗାରେ ଟଙ୍ଗା ହୋଇଥିବା ପୋଲିସ୍ ଡ୍ରେସ୍‌କୁ କଚାଡ଼ି କଚାଡ଼ି ଆଗକୁ ଆସିଲା ସମ୍ଭାବନା ତା' ପାଉଁଜି ଖୋଲି ଫାଇଲ୍ ଧରି ପଳେଇଲା) (ପ୍ରତୀକ ହାବିଲ୍‌ଦାର୍‌ର ଡ୍ରେସ୍‌କୁ ଦେଖି ଡରିଡରି ମୁହଁ ଲୁଚେଇଲା, ହାବିଲ୍‌ଦାର୍ ଚାଲିଗଲା ପରେ)

ପ୍ରବୋଧ ତୁମେ ଏମିତି ରାଗିଲେ ଚଳିବ ? କାହା ଉପରେ ରାଗୁଛ ? ଏଠି ତ କେହି ନାହିଁ ।

ପ୍ରତୀକ କେହି ନାହିଁ । ସତ କହୁଛ ସେଠି କେହି ନାହିଁ । ମୋତେ ଲାଗିଲା ସେଇ ଝିଅଟି ଆସିଥିଲା ତା' ନାଁ ପ୍ରୀତି । ପ୍ରୀତିରୂପା । ସେ ମୋ ସାଙ୍ଗରେ ପ୍ରେମର ଛଳନା କଲା । ଭଲପାଇ ବାହା ହେଲା । ବାପା, ମାଆ ପ୍ରତିବାଦ କରିଥିଲେ ବୋଲି ବାହାଘର ପରେ ସେମାନଙ୍କ ଉପରେ ପ୍ରତିଶୋଧ ନେଲା, ପୋଲିସ୍ ଲଗେଇ ସେମାନଙ୍କୁ ଜେଲ୍‌କୁ ପଠେଇ ଦେଲା । ବିନା ଦୋଷରେ ମୋତେ ବାଡ଼େଇ ବାଡ଼େଇ ପୋଲିସ୍ ନୟାନ୍ତ କଲା, ତା'ପରେ ସେ ହଜିଗଲା । ତା' ନା ପ୍ରୀତି । ସେ ଆସିଥିଲା...ତୁମେ ତାକୁ ଜାଣିନ । ସେ ଭାରି ଭୟଙ୍କର । ତା' ନାଁ ପ୍ରୀତି କିନ୍ତୁ ପ୍ରକୃତରେ ସେ ଭାରୀ ନିଷ୍ଠୁର । ନହେଲେ ଆଜି ପର୍ଯ୍ୟନ୍ତ ସେ ମୋତେ ଥରେ ହେଲେ ଦେଖା କଲା ନାହିଁ କାହିଁକି ? କାହିଁକି ମୋତେ କହିଲା ନାହିଁ ଯେ ସେ ଏମିତି କାହିଁକି କଲା ? ମୋର ଦୋଷ କ'ଣ ଥିଲା ? ମଣିଷକୁ ମଣିଷର ଭଲପାଇବାଟା କ'ଣ ଏମିତି ଦି'ପଦ କଥାରେ ତୁଟିଯାଏ । ସ୍ୱାମୀ ସ୍ତ୍ରୀର ସଂପର୍କ, ବାପା ମା'ର ସଂପର୍କଟା ଭିତରେ କ'ଣ ଏମିତି ରାଗ ରୁଷା ହେଲେ ତାକୁ ପୋଲିସ୍‌ର ଲାଠି ଆଉ ହାତ-କଡ଼ିର ବେଡ଼ି ଦେଇ ସଜାଡ଼ି ଦେବାକୁ ପଡ଼ିବ ? ସେଇଥିପାଇଁ ମାଆ ମୋର ମୋ' ଉପରେ ରାଗିଛି । କ୍ଷୀରି ନେଇ ଆସୁଛି, ହେଲେ ମୋ' ସାଙ୍ଗରେ ଦେଖା କରୁନି । ଏ ଦୁନିଆଁରେ ଆଉ ମୋତେ ଭଲପାଇବା ପାଇଁ କେହି ଜଣେ ବି ନାହିଁ । ମୁଁ ବଞ୍ଚିବି କେମିତି । କାହିଁକି ବଞ୍ଚିବି ଆଉ କାହା ପାଇଁ ବଞ୍ଚିବି ? (କାନ୍ଦିଛି ଅନ୍ଧାର)

୨ୟ ଦୃଶ୍ୟ

(ସମ୍ଭାବନାର ଘର । ଆଲୁଅ ଆସିଲାବେଳକୁ ଦେଖାଗଲା ତା'ର ମାଆ ବାରମ୍ବାର ଫୋନ୍ କଲେ ଓ ପରେ ବସି ଖବରକାଗଜ ଦେଖୁଛନ୍ତି ଆଉ କାନ୍ଦୁଛନ୍ତି । ଏତିକିବେଳେ କଲିଙ୍ଗ୍‌ବେଲ୍ ବାଜିଲା, ତରତର ହୋଇ ତା'ର ମା' ଖବରକାଗଜ ରଖିଦେଇ କବାଟ ଖୋଲିଲା ।)

ପ୍ରୀତିରୂପା (ସମ୍ଭାବନାର ମା') : ଏତେ ରାତିଯାଏ ତୁ କେଉଁଠି ଥିଲୁ ? କ'ଣ କରୁଥିଲୁ ? ମୋ ଫୋନ୍ ଧରୁ ନଥିଲୁ କାହିଁକି ? ଆଜିକାଲି ଦେଶ ଦୁନିଆର ହାଲଚାଲ ଯାହା, ମୋ ମନ ଡରରେ ଏକାବେଳେ ଛାନିଆ ହୋଇଯାଉଛି ।

ସମ୍ଭାବନା ସିଧା ହସ୍‌ପିଟାଲ୍‌ରୁ ଆସୁଛି । ବୁଝିଲୁ ମାଆ ଏ ହସ୍‌ପିଟାଲ୍‌କୁ ମୁଁ ଯେତେଦିନ ହେଲା ହାଉସ୍‌ମେନ୍‌ସିପ୍ କରିବା ପାଇଁ ଆସିଲିଣି, ସବୁଦିନ କିଛି ନ କିଛି ନୂଆ ଘଟଣା ଘଟୁଛି । ଭାରି ଇନ୍‌ଟେରେଷ୍ଟିଙ୍ଗ୍ । ଆଜି ସନ୍ଧ୍ୟାରେ ଡିଉଟି ସାରି ଫେରିଲାବେଳକୁ ସାର୍‌ଙ୍କ ହାବୁଡ଼ରେ ପଡ଼ିଗଲି । କହିଲେ ସମ୍ଭାବନା ମୁଁ ଟିକିଏ ବ୍ୟସ୍ତ ଅଛି ତୁମେ ଯାଇ ଟିକିଏ ମେଣ୍ଟାଲ୍ ୱାର୍ଡ଼ଟା ବୁଲିଦେଇ ଆସ । ଗଲାବେଳେ ମୋତେ ରିପୋର୍ଟ କରିଦେଇ ଯିବ । ମୁଁ ବି ଚାଲିଲି । ହେଲେ ସେଠି ଜଣେ ଏମିତି ରୋଗୀକୁ ଦେଖିଲି ମୁଁ ତ ଏକଦମ୍ ଅବାକ୍ । କେଶ୍ ଷ୍ଟଡ଼ି ପାଇଁ ତାଙ୍କର ଫାଇଲ୍‌ଟା ଖୋଜୁ ଖୋଜୁ ଡେରି ହୋଇଗଲା । ସାର୍‌ଙ୍କୁ କହି ଫାଇଲ୍‌ଟା ମୁଁ ଘରକୁ ବି ନେଇ ଆସିଛି । ଖାଇସାରି ପଢ଼ିବି । ମାଆ ଭାରି ଭୋକ । ମୁଁ

Digitized by PPRACHIN, SOA

ଗୋଡ଼ହାତ ଧୋଇ ଆସୁଛି ତୁ କ'ଣ ଦି'ଟା ଖାଇବାକୁ ଦେ । (ଖବରକାଗଜ ଦେଖି) ସବୁଦିନ ଖବରକାଗଜ ପୃଷ୍ଠାରେ ଯୌତୁକ ନିର୍ଯ୍ୟାତନା, ବଧୂହତ୍ୟା । ଏମାନଙ୍କୁ ସବୁ ଗୁଳି କରିଦେବାକୁ ଇଛା ହେଉଛି । (ସମ୍ଭାବନା ଭିତରକୁ ଗଲେ, ମାଆ ଯାଇ ଫାଇଲ୍ ଖୋଲିଲେ ଆଶ୍ଚର୍ଯ୍ୟ ହୋଇ ଗୋଟିଏ ପରେ ଗୋଟିଏ ପୃଷ୍ଠା ଓଲଟାଇ ପଢ଼ିଲେ, ମୁହଁର ରଙ୍ଗ ବଦଳି ଚାଲିଲା ।) ମା' ଖାଇବା ବାଢ଼ିଲୁ, ଭାରି ଭୋକ । (ମାଆ ଭିତରକୁ ଗଲେ ସମ୍ଭାବନା ଆସିଲେ ଓ ଫାଇଲ୍ ଦେଖିଲେ । ମାଆ କ୍ଷୀରି ନେଇ ଆସିଲେ ।)

ପ୍ରୀତିରୂପା : ନେ ଆଗ କ୍ଷୀରି ଖାଆ । ମୁଁ ଖାଇବା ଗରମ କରୁଛି ।

ସମ୍ଭାବନା : ଆ କ୍ଷୀରି... ବାଃ ଭାରି ବଢ଼ିଆ...ଆଜି ରବିବାର ନା...ସେଇଥିପାଇଁ କ୍ଷୀରି ହୋଇଛି ନୁହେଁ ?

ପ୍ରୀତି ଆମ ଘରେ ତ ପ୍ରତି ରବିବାର କ୍ଷୀରି ରନ୍ଧା ହୁଏ । ତୁ କ'ଣ ଜାଣିନୁ ?

ସମ୍ଭାବନା : ହଁ ଜାଣେ । କିନ୍ତୁ ସେ କଥା ଜାଣେନି ଯେ ରବିବାରରେ କ୍ଷୀରି ରନ୍ଧାହୁଏ ବୋଲି ବରଂ କ୍ଷୀରି ଖାଇଲେ ଜାଣେ ଆଜି ରବିବାର ବୋଲି । ଆଚ୍ଛା ମା' ଆମଘରେ ରବିବାର କ୍ଷୀରି କାହିଁକି ରନ୍ଧା ହୁଏ ? କାହିଁକି ରନ୍ଧାହୁଏ ମା... ?

ପ୍ରୀତି : (ଥ ଥ ମ ମ ହୋଇ) ସେମିତି କିଛି କାରଣ ନାହିଁ । ରବିବାର ଛୁଟିଦିନ ତ । ତେଣୁ ମୋର ଅଫିସ୍ ଯିବାର ନଥାଏ । ଅତଏବ ହାତରେ ଢେର୍ ସମୟ । ତେଣୁ କ୍ଷୀରି ରାନ୍ଧିବାକୁ ଇଚ୍ଛା ହୁଏ ।

ସମ୍ଭାବନା : ଆଚ୍ଛା ଆଚ୍ଛା । ମୁଁ ଭାବିଲି ରବିବାର ବୋଧହୁଏ କ୍ଷୀରି ଖାଇବାକୁ କିଏ ଭଲ ପାଏ । ତେଣୁ ରନ୍ଧାହୁଏ । କିଏ ଭଲ ପାଏ ? ତୁ ନା ମୁଁ ?

ପ୍ରୀତି (ଥ ଥ ମ ମ ହୋଇ) ତୁ, ମୁଁ, ଦୁହେଁ ଭଲ ପାଉ । ଆଚ୍ଛା ତୋ' ପାଦରେ ପାଉଁଜି କାହିଁକି ନାହିଁ ? କେଉଁଠି ହଜେଇ ଦେଲୁନା କ'ଣ ?

ସମ୍ଭାବନା ହଜେଇ ଦେଲି ନୁହେଁ, ହଜିଗଲା ବୋଲି କହୁନୁ । କିଏ କ'ଣ ଜିନିଷ ସବୁ ଜାଣିଶୁଣି ହଜେଇ ଦିଏ ? ହଜିଯାଏ । ବୁଝିଲୁ । ହଜିଗଲାତ ହଜିଗଲା । ଛାଡ଼ ସେ କଥା । ତୁ ଆଗେ ମୋ ପ୍ରଶ୍ନର ଉତ୍ତର ଦେ ?

ପ୍ରୀତି : କ'ଣ କହିଲୁ ପାଦର ପାଉଁଜି ହଜିଗଲା । ତୁ ମିଛ କହୁନୁତ ? ଏକାଥରକେ ୨ଟା ଯାକ ପାଦରୁ ପାଉଁଜି ହଜିଯିବ କିମିତି ? ତୁ ସତ କହ ପାଉଁଜି କ'ଣ କଲୁ ?

ସମ୍ଭାବନା : ସାମାନ୍ୟ ପାଉଁଜି ହଳେ ପାଇଁ ତୁ ଏତେ ବ୍ୟସ୍ତ ହେଉଛୁ କାହିଁକି ? ମୁଁ ଆଉ ହଳେ କିଣିଆଣିବି ?

ପ୍ରୀତି : ନା...ପାରିବୁ ନାହିଁ । କେଉଁଠୁ ପାଇବୁ ତୁ ସେ ପାଉଁଜି ?

ସମ୍ଭାବନା : ସେ ପାଉଁଜି ନ ମିଳିଲେ ବି ବଜାରରୁ ସେମିତି ପାଉଁଜି ଅନେକ ମିଳିବ ।

ପ୍ରୀତି : କିନ୍ତୁ ସେ ପାଉଁଜି ଆଉ କେଉଁଠି ମିଳିବ ନାହିଁ । ସେଇ ପାଉଁଜି ସାଙ୍ଗରେ ମିଶିଥିବା ଅତୀତର କାହାଣୀ ଆଉ ସ୍ମୃତିକୁ ସଂସାରର କୌଣସି ଦୋକାନରୁ ତୁ କିଣିପାରିବୁ ନାହିଁ ବୁଝିଲୁ ସମ୍ଭାବନା ।

ସମ୍ଭାବନା : ମାନେ ?

ପ୍ରୀତି : ସେଇଟା ଥିଲା ମୋ ଅନୁଶୋଚନାର, ପଶ୍ଚାତାପର ସ୍ମୃତି । ତୁ ବୁଝିପାରିବୁନି ମାଆ...ସେଇ ପାଉଁଜି ପାଇଁ ମୋ ଜୀବନଟା ଆଜି ମରୁଭୂମି ପାଲଟି ଯାଇଛି ।

Digitized by PPRACHIN, SOA

ସମ୍ଭାବନା ତା'ହେଲେ ତ ସେଇଟା ହଜିଯାଇଛି ଭଲ ହୋଇଛି ।

ପ୍ରୀତି ନା...ତୁ ସେମିତି କହନା ଝିଅ । ମୁଁ ବି ଦିନେ ସେମିତି ଭାବୁଥିଲି । ସେ ପାଉଁଜିଟା ହଜିଯାନ୍ତା କି ଭାଙ୍ଗି ଯାଆନ୍ତା କି । ମୋତେ ଆଉ ବାଧ ହୋଇ ପାଉଁଜି ପିନ୍ଧିବାକୁ ପଡ଼ନ୍ତା ନାହିଁ ।

ସମ୍ଭାବନା ବାଧ ହୋଇ କାହିଁକି ? ତୁ କ'ଣ ପାଉଁଜି ପିନ୍ଧିବାକୁ ଭଲ ପାଉ ନଥିଲୁ ?

ପ୍ରୀତି ପାଉଁଜି ପିନ୍ଧୁଥିଲି । କିନ୍ତୁ ଏତେ ଭାରି ପାଉଁଜି ସେଥିରେ ପୁଣି ଝୁମୁକା ଲାଗିଛି । ମୋତେ ସେଇଟା ପାଉଁଜି ନୁହେଁ ବେଡ଼ି ଭଳି ଲାଗୁଥିଲା । ସେତେବେଳେ ମୋର ଏକାଜିଦ୍ ମୁଁ ସେ ପାଉଁଜି ପିନ୍ଧିବି ନାହିଁ । ତା' ଛଡ଼ା ଅନ୍ଧବିଶ୍ୱାସକୁ ବେଡ଼ି କରି, ବଂଶ ପରମ୍ପରା ନାଁରେ, ସେ ପାଉଁଜି ପିନ୍ଧିବାକୁ ମୋ ବିବେକ ରାଜି ନଥିଲା ।

ସମ୍ଭାବନା ପାଉଁଜିରେ ପୁଣି ଅନ୍ଧବିଶ୍ୱାସ କ'ଣ ?

ପ୍ରୀତି ପୂରା ଘଟଣାଟା ଗୋଟିଏ କାହାଣୀ ଭଳି । ତୋ ବାପା ଆଉ ମୁଁ ପରସ୍ପରକୁ ଭଲ ପାଉଥିଲୁ । କିନ୍ତୁ ଆମ ବାହାଘର ପାଇଁ ତାଙ୍କ ଘରେ ନା ଆମ ଘରେ କେହି ରାଜି ନଥିଲେ । ଆମେ ଜିଦ୍ କରି ବାହା ହେଲୁ । ପରେ ତୋ ବାପା କୌଣସି ମତେ ଶାଶୁ ଶ୍ୱଶୁରଙ୍କୁ ମନେଇ ନେଲେ । ମୁଁ ବୋହୂ ହୋଇ ଯେଉଁଦିନ ଘରକୁ ଆସିଲି ଶାଶୁ ମୋତେ ଗୋଟିଏ ୧୦ ଭରି ଓଜନର ମାନ୍ଧାତା ଅମଳର ସୁନାହାର ଆଉ ସେଇ ଅଧକିଲିଆ ମରହଟ୍ଟିଆ ପାଉଁଜି ଧରେଇ ଦେଇ କହିଲେ ୟାକୁ ପିନ୍ଧିବାକୁ ପଡ଼ିବ ଏଇଟା ଆମ ବଂଶର ପରମ୍ପରା । ଆଉ ତୁ ଏ ଘରକୁ ବୋହୂ ହୋଇ ଆସିଛୁ ଝିଅ ନୁହେଁ ଏଠି ଡ୍ରେସ୍ ପିନ୍ଧିବା ମନା, ଶାଢ଼ୀ ପିନ୍ଧିବାକୁ ପଡ଼ିବ । ଏଇଟା ଘରର ପରମ୍ପରା । ମୁଁ ପ୍ରତିବାଦ କଲି ଏଇଟା ପରମ୍ପରା ନୁହେଁ ଅନ୍ଧବିଶ୍ୱାସ ।

ସମ୍ଭାବନା ତୁ ସେ ହାର ଆଉ ପାଉଁଜି ତାଙ୍କୁ ଫେରେଇ ଦେଲୁ ?

ପ୍ରୀତି ନା ହାରଟାକୁ ପିନ୍ଧି ପକେଇଲି ହେଲେ ସେଇ ଭାରି ପାଉଁଜିକୁ ଫେରେଇ ଦେବାକୁ ଚାହିଁଲି କାରଣ ସେଥିରେ ଝୁମୁକା ଲାଗିଛି ଚାଲିଲେ ଛମଛମ ହୋଇ ବାଜୁଛି । ମୋତେ ଲାଜ ଯେତିକି ଲାଗୁଥିଲା ତା'ଠୁ ବେଶୀ ଅଡୁଆ ଲାଗୁଥିଲା । ତୋ ବାପା ମୋତେ ବୁଝାଇ ଦେଲେ, ଏଇଠି ଘରେ ପିନ୍ଧିଥାଅ । ଚାକିରିକୁ ଗଲେ ଖୋଲି ବାକ୍ସରେ ରଖିଦେବ । ହେଲେ ମୁଁ ପାରିଲି ନାହିଁ । ମୋତେ ସବୁବେଳେ ଲାଗିଲା, ମୋ ପାଦରେ ଯେମିତି କିଏ ବେଡ଼ି ପକେଇ ଦେଇଛି । ମୋତେ ଲାଗିଲା ଶାଶୁ ଯେମିତି ମୋ ଉପରେ ପ୍ରତିଶୋଧ ନେଉଛନ୍ତି । ସାମାନ୍ୟ ଗୋଟିଏ ଅନ୍ଧ ବିଶ୍ୱାସ ପାଇଁ ମୋ ଜୀବନର ସୁଖ ସବୁ ଧ୍ୱଂସ ହୋଇଯିବାକୁ ବସିଛି ।

ସମ୍ଭାବନା କ'ଣ ସେ ଅନ୍ଧବିଶ୍ୱାସ ?

ପ୍ରୀତି ଶୁଣିଲେ ତୁ ବି ଆଶ୍ଚର୍ଯ୍ୟ ହୋଇଯିବୁ ଆଉ ହସିବୁ । ଆଜିର ଏ ଆଧୁନିକ ଯୁଗରେ ଏମିତି କୁସଂସ୍କାରର ଚିନ୍ତା କରିପାରୁଥିବା ମଣିଷ ବି, ଏ ସଂସାରରେ ଅଛନ୍ତି ।

ସମ୍ଭାବନା କହନା କହ । ମୁଁ ବି ଟିକିଏ ଶୁଣେ ।

ପ୍ରୀତି ଆମ ଶ୍ୱଶୁର ଶାଶୁଙ୍କ ଅନ୍ଧବିଶ୍ୱାସ ଥିଲା ଯେ ସେଇ ଝୁମୁକାଲଗା ପାଉଁଜି ନୂଆବୋହୂ ନ ପିନ୍ଧିଲେ ଘରର ଅମଙ୍ଗଳ ହେବ, ଶାଶୁଶ୍ୱଶୁରଙ୍କ ଆୟୁଷ କମିଯିବ ।

Digitized by PPRACHIN, SOA

ସମ୍ଭାବନା (ହସି) ସତେ ନା କଣ ? ସେଇ କଥାକୁ ତୁ ବି ବିଶ୍ୱାସ କରି ପାଉଁଜି ପିନ୍ଧିଲୁ ?

ପ୍ରୀତି : ପ୍ରଥମେ ପିନ୍ଧିବାକୁ ବାଧ୍ୟ ହେଲି । କିନ୍ତୁ ବେଶୀଦିନ ପିନ୍ଧିପାରିଲି ନାହିଁ । ମୋତେ ଜେଲ୍‌ଖାନାର କଏଦୀ ଭଳି ଲାଗିଲା । ମୋ ସ୍ୱାଧୀନତା, ମୋ ଅହଂକାର, ମୋ ସ୍ୱାଭିମାନ ସବୁ ଶାଶୁ ଶ୍ୱଶୁରଙ୍କ ଇଚ୍ଛା ତଳେ ଅଣନିଃଶ୍ୱାସୀ ହୋଇ ଯିବାଭଳି ଲାଗିଲା । ତୋ ବାପା ଚାକିରୀକୁ ଯିବା ପରେ ମୁଁ ପ୍ରତିବାଦ କଲି ଆଉ ପାଉଁଜି ଖୋଲି ଫୋପାଡ଼ି ଦେଲି ।

ସମ୍ଭାବନା ଫୋପାଡ଼ି ଦେଲୁ ? ଜେଜେମାତ ମନଦୁଃଖ କରିଥିବେ ନିଶ୍ଚୟ ? ତୁ ଜେଜେମାଙ୍କୁ ବୁଝେଇ ଦେଲୁନି ଏଇଟା ଗୋଟିଏ ଅନ୍ଧବିଶ୍ୱାସ ବୋଲି ।

ପ୍ରୀତି ଅନେକ ବୁଝେଇଲା ପରେ ସେ ହସିଲେ । କହିଲେ ମୁଁ ବି ଜାଣେ ବୋହୂ ଏ କଥାରେ କିଛି ସତ୍ୟତା ନାହିଁ । କିନ୍ତୁ ଏ ପାଉଁଜି ନ ପିନ୍ଧିଲେ କାଳେ ଯଦି ଘରର କିଛି ଅମଙ୍ଗଳ ହୁଏ ? ମୋ ଶାଶୁ ଶ୍ୱଶୁରଙ୍କର ଅଘଟଣ ଘଟେ ? ତା'ହେଲେ ଏ ସମାଜ, ବିଶେଷ କରି ଏ ଘରର ସମସ୍ତେ ସେଥିପାଇଁ ମୋତେ ଦାୟୀ କରିବେ ନାହିଁ ତ ? ମୁଁ ଭାବୁଥିବା ଅସତ୍ୟ ସେମାନଙ୍କ ପାଇଁ ଯଦି ସତ୍ୟ ପାଲଟି ଯାଏ ? ବିଶ୍ୱାସ ପାଲଟିଯାଏ ? ତେଣୁ ମୋ ଶାଶୁ ଶ୍ୱଶୁର ମରିବା ପର୍ଯ୍ୟନ୍ତ ମୁଁ ଏ ପାଉଁଜି ପିନ୍ଧୁଥିଲି । ପାଞ୍ଚ ପୁରୁଷ ତଳୁ ଏ ଘରେ ପରମ୍ପରା ଚାଲିଆସିଛି । ଶାଶୁ ହାତରୁ ବୋହୂର ପାଦକୁ ଏ ପାଉଁଜି ଆସିଛି ପିନ୍ଧିବା ପାଇଁ । ମୋ କର୍ତ୍ତବ୍ୟ ଭାବି ମୁଁ ତୋତେ ଦେଇଛି । ପିନ୍ଧିବୁ କି ନାହିଁ ସେଇଟା ତୋ'ର ଇଚ୍ଛା । ମୁଁ ବାଧ୍ୟ କରିବି ନାହିଁ ।

ସମ୍ଭାବନା ତା'ପରେ ତୁ କ'ଣ ସେ ପାଉଁଜି ପିନ୍ଧିଲୁ ?

ପ୍ରୀତି : ନା ପିନ୍ଧିଲି ନାହିଁ । କିନ୍ତୁ ତା'ପରେ ଶାଶୁ ଶ୍ୱଶୁରଙ୍କ ଟିକିଏ ଟିକିଏ କଥା ମୋତେ ଯେମିତି ତାଙ୍କର ଖୁଣ୍ଟଣା ଭଳି ଲାଗିଲା, ଅସହ୍ୟ ଲାଗିଲା । ମୋତେ ଲାଗିଲା ମୋ ଶାଶୁ ଶ୍ୱଶୁର ଯେମିତି ମୋ ଉପରେ ପ୍ରତିଶୋଧ ନେବାକୁ ଚାହୁଁଛନ୍ତି ।

ସମ୍ଭାବନା : କାହିଁକି ସେମାନେ କ'ଣ ତୋତେ ଗାଳିମନ୍ଦ କରୁଥିଲେ ?

ପ୍ରୀତି ନା ସେମିତି କିଛି ନୁହେଁ । ତେବେ ମୋ ସହିତ ଯେମିତି ସେମାନେ ଭଲ ଭାବରେ କଥାବାର୍ତ୍ତା କରୁ ନଥିଲେ ମୋ'ଠାରୁ ଯେମିତି ସେମାନେ ଦୂରେଇ ଯିବାକୁ ଚାହୁଁଥିଲେ ।

ସମ୍ଭାବନା : ସେମାନେ ଦୂରେଇଯିବାକୁ ଚାହୁଁଥିଲେ । ନା ତୁ ଦୂରେଇ ଯାଉଥିଲୁ ?

ପ୍ରୀତି ସେଇ ଏକା କଥା ।

ସମ୍ଭାବନା ନା, ମାଆ ଏକା କଥା ନୁହେଁ । ଏଇ ଯେମିତି ତୁ ଆଉ ମୁଁ, ଦୁହେଁ ଏ ଘରେ ଠିଆ ହୋଇଛେ । ଧରାଯାଉ ତୁ ମୋ'ଠାରୁ ଦୂରେଇ ଯିବାକୁ ଚାହୁଁଛି ତା'ହେଲେ ତୁ କ'ଣ କରିବୁ (ପ୍ରୀତି ଦୂରେଇଗଲା) ? ରାଇଟ୍ କିନ୍ତୁ ମୁଁ ଯଦି ତୋଠାରୁ ଦୂରେଇ ଯିବାକୁ ନ ଚାହିଁ ତୋତେ କୋଳେଇ ନେବାକୁ ଚାହିଁବି ତା'ହେଲେ (ଯାଇ କୋଳେଇ) ତୁ ତ ଆଉ ମୋଠାରୁ ଦୂରେଇ ଯାଇ ପାରିବୁନି । ମୋ ହାତରେ ଧରାପଡ଼ିଯିବୁ ନୁହେଁ କି ?

ପ୍ରୀତି : ସେତେବେଳେ ମୋର ଏ ବୁଦ୍ଧି କେଉଁଠି ଥିଲା କେଜାଣି ? ସେତେବେଳେ ମୁଁ ମୋ ନିଜକୁ କ୍ଷମା କରିପାରୁ ନଥିଲି । କହିପାରୁ ନଥିଲି କି ସହିପାରୁ ନଥିଲି । ସେତିକିବେଳେ ମୋର ଜଣେ ବାନ୍ଧବୀର ଚକ୍ରାନ୍ତର ଶିକାର ହୋଇଗଲି ।

Digitized by PPRACHIN, SOA

ସମ୍ଭାବନା	କିଏ ସେଇ ସାଙ୍ଗ ।

ପ୍ରୀତି	ପ୍ରତ୍ୟାଶା... ଆମେ ସାଙ୍ଗ ହୋଇ ବି.ଏ. । ପଢୁଥିଲୁ ତା'ପରେ ସେ ଓକିଲାତି କଲା, ଆଉ ମୁଁ ଏମ୍.ଏ. ପଢ଼ିଲି । ଆମେ ଦୁହେଁ ତୋ ବାପାଙ୍କ ପେଣ୍ଟିଙ୍ଗର ଫ୍ୟାନ୍ ଥିଲୁ । କିନ୍ତୁ ସେ ଯେ ମନେମନେ ପ୍ରତୀକଙ୍କୁ ବାହା ହେବାକୁ ଚାହୁଁଥିଲା ସେ କଥା ମୁଁ ଜାଣି ନଥିଲି । ଏଣେ ମୋ ଶାଶୁଙ୍କ ପାଖରୁ ଶୀଘ୍ର ମୁଁ କେମିତି ତୋ ବାପାଙ୍କ ଚାକିରୀ ପାଖକୁ ଖଲିକୋଟ ପଳାଇଯିବି ସେଇ ଚିନ୍ତା କରୁଥିଲି । ସେଥିପାଇଁ ଯୋଜନା ତିଆରି କରୁଥିଲି ।

ସମ୍ଭାବନା	ଚାଲିଗଲୁ ନାହିଁ । ବାପା କ'ଣ ମନା କଲେ ?

ପ୍ରୀତି	ହଁ...ସେ ଚାହୁଁଥିଲେ ମୁଁ ଆଉ କିଛିଦିନ ତାଙ୍କ ବାପାମା'ଙ୍କ ପାଖରେ ରହି ପରିବାରର ସ୍ନେହ ଶ୍ରଦ୍ଧାର ପାତ୍ର ହୋଇଯାଏ । କିନ୍ତୁ ଦିନକୁ ଦିନ ମୁଁ ଏକପ୍ରକାର ଅତିଷ୍ଠ ହୋଇପଡ଼ିଲି । ଯେଉଁଦିନ ବିରକ୍ତ ହୋଇ ମୁଁ ପାଉଁଜି କାଢ଼ି ଅଗଣାକୁ ଫୋପାଡ଼ି ଦେଲି, ସେଦିନ ଶାଶୁ ମୋତେ କହିଲେ ତୁମେ କ'ଣ ଆମର ମରଣ ଚାହଁ ? ମୁଁ ଅବାକ ହୋଇଗଲି । ତା'ପରେ କହିଲି– "ପାଉଁଜି ନ ପିନ୍ଧିଲେ, ଶାଢ଼ୀ ନ ପିନ୍ଧିଲେ କେହି ମରିଯିବେ ନାହିଁ । ଏଇଟା ଅନ୍ଧବିଶ୍ୱାସ, ସେ କଥା ମୁଁ ପ୍ରମାଣ କରିଦେବାକୁ ଚାହେଁ ।

ସମ୍ଭାବନା	ଭେରି ଇନ୍‌ଟେର୍‌ଷ୍ଟିଙ୍ଗ୍ । ତା'ପରେ ।

ପ୍ରୀତି	:	ଶାଶୁ କହିଲେ ଆମକୁ ସେ ପ୍ରମାଣର ଆବଶ୍ୟକତା ନାହିଁ । କାରଣ ସେ ବିଶ୍ୱାସ ସହିତ ଗୁରୁଜନମାନଙ୍କ ପ୍ରତି ଆମର ଯେଉଁ ଶ୍ରଦ୍ଧା ଆଉ ସମ୍ମାନ ମିଶି ରହିଛି । ସେଇ ଶ୍ରଦ୍ଧା ଆଉ ସମ୍ମାନକୁ ବଜାୟ ରଖିବା ପାଇଁ ଆମେ ଦୀର୍ଘ ୩୦ ବର୍ଷ ଚେଷ୍ଟା କରିଆସିଛୁ । ତୁମେ ସେ ବିଶ୍ୱାସକୁ ଅନ୍ଧବିଶ୍ୱାସ ଭାବି ଘୃଣା କରିବାକୁ ଚାହୁଁଛ ନା, ପ୍ରକୃତରେ ଏଠୁ ଚାଲିଯିବାକୁ ପାଉଁଜିକୁ ବାହାନା କରୁଛ ? ଯଦି ସେ କଥା ସତ, ତାହେଲେ ତୁମେ ବରଂ ଏଠୁ ଚାଲିଯାଅ । ପାଉଁଜି ବା ଶାଢ଼ୀ ପିନ୍ଧିବାର ଦରକାର ନାହିଁ । ତୁମେ ସେଠି ଖୁସିରେ ରହିବ ।

ସମ୍ଭାବନା	ତୁ କ'ଣ ବାପାଙ୍କ ସାଙ୍ଗରେ ଚାକିରୀକୁ ଚାଲିଗଲୁ । ବାପା କ'ଣ ଜେଜେମାଙ୍କୁ କିଛି କହିଲେ ନାହିଁ ?

ପ୍ରୀତି	କ'ଣ ଆଉ କହିବେ । ମାତୃଭକ୍ତ ସିଏ, ଶାଶୁଙ୍କୁ କିଛି ନ କହି ମୋତେ କହିଲେ ଦେଖ ମୁଁ ବ୍ୟାଚଲର ମେସ୍‌ରେ ରହୁଛି । ଆଉ କିଛିଦିନ ଅପେକ୍ଷା କର । ମୁଁ ଘରଭଡ଼ାଟିଏ ପାଇଲେ ଶୀଘ୍ର ଆସି ତୁମକୁ ନେଇଯିବି । ଏଇ କେତେଦିନ ତୁମେ ବାପା ମାଆଙ୍କ ସାଙ୍ଗରେ ଶାନ୍ତିରେ ରହିବାକୁ ଚେଷ୍ଟାକର । ଆଉ ଏଇ କେତେଦିନ ଡ୍ରେସ୍ ପିନ୍ଧା ଛାଡ଼ି ଶାଢ଼ୀ ପିନ୍ଧିନିଅ, ପାଉଁଜି ପିନ୍ଧିନିଅ ।

ସମ୍ଭାବନା	ସାମାନ୍ୟ ପାଉଁଜିକୁ ନେଇ ଏତେ ଚର୍ଚ୍ଚା କାହିଁକି ? ଏତେ ଜିଦ୍ କାହିଁକି ?

ପ୍ରୀତି	ସେଇଟା ବି ଆହୁରି ଇନ୍‌ଟରେଷ୍ଟିଙ୍ଗ୍ । ତାଙ୍କ ପରିବାରରେ ପାଞ୍ଚ ପୁରୁଷ ତଳେ ସେଇ ପାଉଁଜିକୁ ନେଇ ଶାଶୁ ବୋହୂର କଳି ହୋଇ ପ୍ରଥମେ ଶାଶୁ ଓ ପରେ ବୋହୂ ବିଷ ଖାଇ ଆତ୍ମହତ୍ୟା କରିଥିଲେ ।

ସମ୍ଭାବନା	ଆରେ ବାପ୍‌ରେ ବାପ୍ ସୋ ଷ୍ଟ୍ରେଞ୍ଜ୍ । ତା'ହେଲେ ଶାଶୁ ବୋହୂର କଳି କେବଳ ଆଜିକାଲିର ଟିଭି ସିରିଆଲ୍‌ରେ ନୁହେଁ ବରଂ ବହୁ ବର୍ଷର ପୁରୁଣା କଥା । ଓଲ୍‌ଡ୍ ୱାଇନ୍ ଇନ୍ ଏ ନିଉ ବଟଲ୍ । ତା'ପରେ ତୁ କ'ଣ କଲୁ ?

Digitized by PPRACHIN, SOA

ପ୍ରୀତି କ'ଣ ଆଉ କରିଥାନ୍ତି । ତୋ ବାପାଙ୍କ କଥା ମାନିନେଲି ସତ କିନ୍ତୁ ମୋ ମନ ମାନିଲା ନାହିଁ । ପରେ ପାଉଁଜିକୁ ଶାଶୁଙ୍କୁ ଫେରାଇ ଦେବାକୁ ଚାହିଁଲି ।

ସମ୍ଭାବନା ପାଉଁଜି ଫେରେଇ ଦେଲୁ, ହାର ଫେରେଇ ଦେଲୁନି ?

ପ୍ରୀତି : ସେଇଟାପରା ୧୦ ଭରି ଓଜନର ହାର ତାକୁ ପିନ୍ଧିବାରେ ମୋର କିଛି ଅସୁବିଧା ନଥିଲା ତେଣୁ ଫେରେଇଲି ନାହିଁ ।

ସମ୍ଭାବନା ଜେଜେମା କ'ଣ ଫେରେଇ ନେଲେ ?

ପ୍ରୀତି ନା ! କହିଲେ ତାକୁ ନେଇ ମୁଁ କ'ଣ କରିବି ? ତୁମେ ବରଂ ରଖ ତାକୁ ପିନ୍ଧିବ କି ନ ପିନ୍ଧିବ ସେଇଟା ତୁମର ଇଚ୍ଛା । ତେବେ ହଁ ଆମେ ବଂଚିଥିବା ଭିତରେ ତାକୁ କେବେ ଭାଙ୍ଗିବ ନାହିଁ କି ବିକିବ ନାହିଁ । ପଇସା ଦରକାର ହେଲେ ଆମକୁ କହିବ । ଆମେ ଯୋଗାଡ଼ କରିଦେବୁ ।

ସମ୍ଭାବନା ତା'ପରେ ?

ପ୍ରୀତି ମୁଁ ଯେମିତି ନିଜ ଭିତରେ ନିଜେ ବନ୍ଦୀ ହୋଇ ରହିଲି । ସେମାନଙ୍କ ସହିତ ମୁଁ ମନ ଖୋଲି ଦି'ପଦ କଥା କହିପାରିଲି ନାହିଁ କି ସେମାନେ ବି ମୋତେ ଯେମିତି ଦୂରେଇ ଦେବାକୁ ଚାହୁଁଥିଲେ । ଏତିକିବେଳେ ମୋର ପୁରୁଣା ସାଙ୍ଗ ପ୍ରତ୍ୟାଶା ସହିତ ମୋର ଯୋଗାଯୋଗ ହୋଇଗଲା । ପରେ ଜାଣିଲି ଯେ ମୋ ସହିତ ଯୋଗାଯୋଗ କରିବା ପାଇଁ ତାକୁ ମୋ ପାଖକୁ ପଠାଯାଇଥିଲା ।

ସମ୍ଭାବନା କିଏ ପଠେଇଥିଲା ?

ପ୍ରୀତି : ମୋ ବାପା ମା' । କାରଣ ସେମାନେ ଏ ବାହାଘର ଚାହୁଁ ନଥିଲେ ।

ସମ୍ଭାବନା ତୋ ସାଙ୍ଗ ଆସି ତୋତେ କ'ଣ କହିଲା ?

ପ୍ରୀତି : ସେ କହିଲା ମୁଁ ଗୋଟିଏ କମ୍ପ୍ଲେନ୍ ଲେଖିଦେଉଛି । ତୁ ଖାଲି ଦସ୍ତଖତ କରିଦେ-ଏଇଠି ମହିଳା ଥାନାରେ ଆମ ଗାଁର ଝିଅଟିଏ ଇନ୍‌ସପେକ୍ଟର ଅଛି ତାକୁ ମୁଁ ବୁଝେଇ ଦେଇଛି ସେ ଆସି ଥରେ ତୋ ଶାଶୁ, ଶ୍ୱଶୁରଙ୍କ ସାଙ୍ଗରେ ଥରେ କଥା ହୋଇଗଲେ ସବୁ ଠିକ୍ ଠାକ୍ ହୋଇଯିବ ।

ସମ୍ଭାବନା : ତୁ ରାଜି ହୋଇଗଲୁ ?

ପ୍ରୀତି : ଥାନା କଥା ଶୁଣି ମୁଁ ପ୍ରଥମେ ଡରିଗଲି । କହିଲି ନା ନା...ପୋଲିସ୍ ସେମାନଙ୍କ ସାଙ୍ଗରେ କ'ଣ କଥା ହେବ ବରଂ ତୁ ପ୍ରତୀକକୁ ବାଧ କର ସେ ଶୀଘ୍ର ମୋତେ ଏଠୁ ନେଇଯାନ୍ତୁ । ସେ କହିଲା ଠିକ୍ ଅଛି ସେଇଆ କରିବା ତୁ ଖାଲି ଦସ୍ତଖତ କରିଦେ । ମୁଁ ପ୍ରତୀକ ସହ କଥା ହେଉଛି ।

ସମ୍ଭାବନା : ସେଇଠୁ ତୁ ସେଥିରେ ଦସ୍ତଖତ କରିଦେଲୁ ?

ପ୍ରୀତି : ହଁ...

ସମ୍ଭାବନା : ସେଥିରେ କ'ଣ ଲେଖାଥିଲା ?

ପ୍ରୀତି : ପଢ଼ି ନଥିଲି ।

ସମ୍ଭାବନା : ନ ପଢ଼ି କିମିତି ଦସ୍ତଖତ କରିଦେଲୁ ?

ପ୍ରୀତି : ସାଙ୍ଗକୁ ବିଶ୍ୱାସ କରି ?

Digitized by PPRACHIN, SOA

ସମ୍ଭାବନା　ମୂର୍ଖଙ୍କ ଭଳି କଥା କହନା । ବିଶ୍ୱାସୀ ଲୋକଙ୍କୁ ସିନା ବିଶ୍ୱାସ କରାଯାଏ । ଅବିଶ୍ୱାସୀ ଲୋକଙ୍କ ସାଙ୍ଗରେ ବିଶ୍ୱାସଟା ତାଳ ଦେଇ ଚାଲିପାରେ ନାହିଁ ।

ପ୍ରୀତି　ମୁଁ କିମିତି ଜାଣିବି ସେ ବିଶ୍ୱାସଘାତକତା କରିବ ବୋଲି ?

ସମ୍ଭାବନା　ନିଜ ଲୋକଙ୍କ ବିରୁଦ୍ଧରେ କଣ୍ଢେନ୍ କରିବା ଆଗରୁ କଣ୍ଢେନ୍‌ର ସତ୍ୟତା ବିଷୟରେ ତୋର ଜାଣିନେବା ଦରକାର ଥିଲା । ତୁ ସେ କାଗଜ ଥରେ ପଢ଼ିଥିଲେ ସବୁ ଜାଣିପାରିଥାନ୍ତୁ । ପାଠପଢୁଆ ହୋଇ ମଧ୍ୟ ତୁ ମୂର୍ଖଙ୍କ ଭଳି କାମ କରିଛୁ । ତୁ ଭୋଗିବୁନି ତ ଆଉ ଭୋଗିବ କିଏ ?

ପ୍ରୀତି　ହଁ ଲୋ ଝିଅ । ତା'ରି ଫଳ ମୁଁ ଆଜି ଭୋଗୁଛି ।

ସମ୍ଭାବନା　ଆପଣା ହସ୍ତେ ଜିହ୍ୱା ଛେଦି କେ ହେବ ତା'ର ପ୍ରତିବାଦୀ ।

ପ୍ରୀତି　ସେଇଥିପାଇଁ ତ ତୋର ମା' ଆଖି ମଳିମଳି କାନ୍ଦିଲା ଭଳିଆ ମୁଁ ବି କବାଟ କିଳି ନିଜ ଭିତରେ ଗୁମୁରି ଗୁମୁରି କାନ୍ଦୁଛି ।

ସମ୍ଭାବନା　କାନ୍ଦିଲେ କ'ଣ ତୋ ଅତୀତ ଆଉ ଫେରିଆସିବ ? ନିଜେ ନିଜର ଭଲପାଉଥିବା ମଣିଷର କଥାକୁ ବିଶ୍ୱାସ କରିପାରିଲୁ ନାହିଁ । ଶାଶୁ ଶ୍ୱଶୁରଙ୍କ କଥା ଉପରେ ବିଶ୍ୱାସ ରଖିପାରିଲୁ ନାହିଁ ଅଥଚ ସାଙ୍ଗର କଥାକୁ ବିଶ୍ୱାସ କରିଗଲୁ । ତା' ଛଡ଼ା ପାଉଁଜି ପିନ୍ଧିବା ଶାଢ଼ୀ ପିନ୍ଧିବା ଏଇଟା ଏମିତି କିଛି ଅନ୍ଧବିଶ୍ୱାସ ନୁହେଁ । ଏଇଟା ତ ଆମ ଓଡ଼ିଆ ଘରର ଚଳଣି, ପରମ୍ପରା । ଏଇକଥା ଉପରେ ତୋ'ର ଏତେ ଜୋର ଦେବା ଉଚିତ ନଥିଲା ।

ପ୍ରୀତି　:　ତୁ ଠିକ୍ କହିଛୁ । ଗୁରୁଜନମାନଙ୍କ ଇଚ୍ଛାକୁ ସମ୍ମାନ ଦେବା ସେତେବେଳେ ମୋର ଉଚିତ୍ ଥିଲା ।

ସମ୍ଭାବନା　ତୁ ଯେମିତି ସେମାନଙ୍କର ବର୍ଷବର୍ଷର ଭକ୍ତି ଆଉ ଶ୍ରଦ୍ଧାକୁ କେଇଟା ଦିନରେ ଅନ୍ଧବିଶ୍ୱାସ ବୋଲି ଫୋପାଡ଼ି ଦେଇ ପାରିଲୁ, ତୋର ବର୍ଷବର୍ଷର ବନ୍ଧୁତ୍ୱର ବିଶ୍ୱାସ ବି କେଇଟା ଦିନରେ କେମିତି ବିଶ୍ୱାସଘାତକତାରେ ପରିଣତ ହୋଇଗଲା ଦେଖିଲୁତ । ଏଥର କହ ବିଶ୍ୱାସ, ଅବିଶ୍ୱାସ ଆଉ ଅନ୍ଧବିଶ୍ୱାସ ଭିତରେ କେତେ ବା ତଫାତ୍, କେତେ ବା ଫରକ । କହ ?

ପ୍ରୀତି　ଅସଲ କଥା ହେଲା ସେତେବେଳେ କେବଳ ପ୍ରତୀକ ବ୍ୟତୀତ ଏ ପୃଥିବୀରେ ମୁଁ ଆଉ କିଛି ପାଇବାକୁ ଚାହୁଁ ନଥିଲି । ପ୍ରତୀକ ବ୍ୟତୀତ ଏ ସଂସାରରେ ସେତେବେଳେ ମୋ ପାଇଁ ସବୁକିଛି ନିରର୍ଥକ ଥିଲା । ମୋର ବ୍ୟକ୍ତିଗତ ସ୍ୱାଧୀନତା, ବ୍ୟକ୍ତିଗତ ଅଧିକାର, ବ୍ୟକ୍ତିଗତ ଭୋଗ ଲାଳସା ମୋତେ ପାଗଳ କରି ଦେଇଥିଲା ।

ସମ୍ଭାବନା　କର୍ତ୍ତବ୍ୟହୀନ ସ୍ୱାଧୀନତା ଆଉ ଦାୟିତ୍ୱବିହୀନ ଅଧିକାର ଦୁହେଁ କେବଳ ସ୍ୱେଚ୍ଛାଚାରିତା ବ୍ୟତୀତ ଆଉ କିଛି ନୁହେଁ ମା । ଏତେ ପାଠ ପଢ଼ି ଏତିକି କଥା ତୁ ବୁଝି ନଥିଲୁ କେମିତି ? ମୋତେ ଲାଗୁଛି ତୁ କେବଳ ଡିଗ୍ରୀ ଗୁଡ଼ାଏ ପାଇବାକୁ ପାଠ ପଢୁଥିଲୁ । ଶିକ୍ଷିତ ହେବାକୁ ନୁହେଁ । ଛାଡ଼ ସେ କଥା । ମୋତେ ଏବେ କହ ତା'ପରେ କ'ଣ ହେଲା ?

ପ୍ରୀତି　ତା'ପରେ କ'ଣ ନହେଲା କହନ୍ତୁ । ଯାହା ସବୁ ମୁଁ କେବେ ସ୍ୱପ୍ନରେ ବି ଭାବି ନଥିଲି ସେଇ ସବୁ ଘଟଣା ମୁହୂର୍ତ୍ତକ ଭିତରେ ଘଟିଗଲା । ଆଉ ତା'ର ପ୍ରତିକ୍ରିୟା ଦୀର୍ଘ ପଚିଶ ବର୍ଷ ପରେ ଆଜି ବି ମୋତେ ଭୋଗିବାକୁ ପଡୁଛି । ହୁଏତ ସାରା ଜୀବନଟା ମୋତେ ତା'ର ଫଳ ଭୋଗିବାକୁ ପଡ଼ିବ ।

ସମ୍ଭାବନା　କାହିଁକି ? ଏମିତି କ'ଣ ଘଟଣା ଘଟିଲାକି ?

Digitized by PPRACHIN, SOA

ପ୍ରୀତି ରାତିଅଧରେ ପୋଲିସ୍ ଆସି ଶ୍ୱଶୁର, ଶାଶୁଙ୍କୁ ଆରେଷ୍ଟ କରି ନେଇଗଲା ମୁଁ କିଛି ପ୍ରତିବାଦ କରିବା ଆଗରୁ ମୋ ବାପାବୋଉ କୁଆଡ଼େ ଥିଲେ କେଜାଣି, ଆସି ମୋତେ ତାଙ୍କ ସାଥିରେ ଜୋର ଜବରଦସ୍ତି କରି ନେଇଗଲେ ।

ସମ୍ଭାବନା ଆଉ ତୋ ସାଙ୍ଗ କ'ଣ କଲା ?

ପ୍ରୀତି ସେ ତୋ ବାପା ସହିତ ଯୋଗାଯୋଗ କରି ମୋ ବିରୁଦ୍ଧରେ ତାଙ୍କୁ ବୁଝେଇବାକୁ ଲାଗିଲା । ତାଙ୍କୁ ଫେରାର ହୋଇଯିବାକୁ ଆଡ୍‌ଭାଇସ୍ କଲା । କିନ୍ତୁ ତୋ ବାପା ପୋଲିସ୍ ପାଖରେ ଆତ୍ମସମର୍ପଣ କରିଦେଲେ । ପୋଲିସ୍‌କୁ ମୋ ସହିତ ଯୋଗାଯୋଗ କରି ସତ୍ୟତା ବୁଝିବାକୁ କହିଲେ ।

ସମ୍ଭାବନା ଆଉ ତୁ ? ତୁ ପୋଲିସ୍ ଆଗରେ ସବୁ ସତ କଥା କହି ଦେଲୁନି ।

ପ୍ରୀତି : କେମିତି କହିଥାନ୍ତି ? ସେତେବେଳକୁ ମୁଁ ଆମଘରେ ଏକ ପ୍ରକାର ନଜରବନ୍ଦୀ ହୋଇସାରିଥିଲି । ଅଶୋକବନରେ ସୀତାଙ୍କୁ ଜଗି ରହିଲାଭଳି ମୋ ଚାରିପାଖରେ ଲୋକ ଜଗାଇ ଦିଆଗଲା । ମୋ ବାପା ମା' ଭାବିଥିଲେ ମୋତେ ବୁଝାବୁଝି କରି ଅନ୍ୟ ଜାଗାରେ ବାହା କରିଦେବେ ବୋଲି ଏମିତିକି ଯେତେବେଳେ ସେମାନେ ଜାଣିଲେ ଯେ ମୁଁ ମା' ହେବାକୁ ଯାଉଛି ସେତେବେଳେ ସେମାନେ ମୋର ଭ୍ରୁଣହତ୍ୟା କରିବାକୁ ଯୋଜନା କଲେ ।

ସମ୍ଭାବନା : ତୋ ବାପା ବୋଉ କ'ଣ ମଣିଷ ନା ଶୟତାନ ?

ପ୍ରୀତି ଅହଂକାର ମଣିଷକୁ ଶୟତାନ କ'ଣ ରାକ୍ଷସରେ ପରିଣତ କରିଦିଏ । ସେକଥା ସେତେବେଳେ ମୁଁ ବୁଝିଲି ଯେତେବେଳେ ମୋ ଅହଂକାରଠାରୁ ଆହୁରି ଯଥେଷ୍ଟ ବଡ଼ ଅହଂକାରୀର ସାମ୍ନା ମୋତେ କରିବାକୁ ପଡ଼ିଲା । ସୁଯୋଗ ଦେଖି ମୁଁ ସେଠାରୁ ଖସିଆସିଲି । ଏସ୍.ପି.ଙ୍କ ସହ ଯୋଗାଯୋଗ କରି ତାଙ୍କୁ ସବୁ ସତକଥା କହିଲି ଓ କେସ୍ ଉଠାଇ ଆଣିଲି ।

ସମ୍ଭାବନା : ଜେଜେବାପା, ଜେଜେମା । ସେମାନଙ୍କର କ'ଣ ହେଲା ?

ପ୍ରୀତି : ସେମାନେ ଜେଲ୍‌ରୁ ମୁକୁଳି ଆସିଲେ ସତ, ହେଲେ ଏ ଘରକୁ ଆଉ ଆସିଲେ ନାହିଁ ।

ସମ୍ଭାବନା : ତା'ହେଲେ ସେମାନେ କୁଆଡ଼େ ଗଲେ ?

ପ୍ରୀତି : ଗାଁକୁ ।

ସମ୍ଭାବନା : ତୁ ତାଙ୍କୁ ଅଟକେଇଲୁ ନାହିଁ ? ଭୁଲ ମାଗିଲୁ ନାହିଁ ?

ପ୍ରୀତି : ଅଟକେଇଥିଲି । ହେଲେ ଶାଶୁ କହିଲେ ଆମ ବର୍ଷ ବର୍ଷର ଶ୍ରଦ୍ଧା, ଭକ୍ତି ଆଉ ବିଶ୍ୱାସକୁ ଅନ୍ଧବିଶ୍ୱାସ କହି ତୁ ପାଦରେ ଆଡ଼େ ଦେଲୁ । ତଥାପି ଆମେ ତୋତେ ବାଧ କରି ନଥିଲୁ କି ଦୋଷ ଦେଇ ନଥିଲୁ । ପ୍ରତୀକକୁ କହିଥିଲୁ ତୋତେ ସାଥିରେ ନେଇ ଯିବା ପାଇଁ । ସେ ତୋତେ କାହିଁକି ନ ନେଲା ସେ ଜାଣିଥିବ ନ ହେଲେ ତୁ ଜାଣିଥିବୁ । ଆମେ ଦୋଷ ନ କରି ମଧ୍ୟ ଆଜି ସମାଜ ଆଗରେ ଦୋଷୀ ହୋଇଗଲୁ । କାହିଁକି ? ଯାହାକୁ ଅନ୍ଧବିଶ୍ୱାସ ନାଁ ଦେଇଥିଲୁ ସେଇଟା ତ ଏବେ ଆଉ ଅନ୍ଧବିଶ୍ୱାସ ନୁହେଁ ବରଂ ଆମର ବିଶ୍ୱାସ ପାଲଟି ଗଲା । ତୋ ଦେହରେ ଟିପଟିଏ ଦେବା ତ ଦୂରର କଥା ଆମେ ତୋତେ କଡ଼ା କରି ପଦେ କଥା ବି କହି ନଥିଲୁ । ଅଥଚ ତୁ ପୋଲିସ୍ ଲଗେଇ ଆମକୁ ମଣିଷରୁ ପଥର ବନେଇ ଦେଲୁ । ଯାପରେ ତୋ ହାତ ରନ୍ଧା ଖାଇବୁ କେମିତି, ତୋ ମୁହଁକୁ ଚାହିଁ ହସିବୁ କେମିତି ? ତୋ ଆଖିରେ ଆଖି ମିଶେଇ ଦି' ପଦ କଥା ହେବୁ କେମିତି ?

Digitized by PPRACHIN, SOA

ସମ୍ଭାବନା ସେମାନେ ଚାଲିଗଲେ ?

ପ୍ରୀତି ହଁ ।

ସମ୍ଭାବନା ଆଉ ବାପା ।

ପ୍ରୀତି ଜେଲ୍‌ରୁ ବାହାରିବା ପରେ ସେ ଯେମିତି ପାଗଳ ହୋଇଯାଇଥିଲେ । ଡ୍ରେସ୍ ପିନ୍ଧା ଝିଅ ଦେଖିଲେ ସେ ଚିତ୍କାର କରୁଥିଲେ । ପୋଲିସ୍‌ର ଲାଠି ଦେଖିଲେ ଭୟରେ ଲୁଚି ଯାଉଥିଲେ । ତାଙ୍କୁ ଚିକିତ୍ସା ପାଇଁ ମୁଁ ହସ୍‌ପିଟାଲ୍‌ରେ ଭର୍ତ୍ତି କରିଦେଲି । ତା'ପରେ ତୁ ଜନ୍ମ ହେଲୁ । ମୋ ବାପାମା'ଙ୍କ ବ୍ୟତୀତ ସେତେବେଳେ ମୋର ସାହା ଭରସା କେହି ନଥିଲେ । ଅଥଚ ସେମାନଙ୍କ ପାଖକୁ ମୁଁ ଆଉ ଫେରିଯିବାକୁ ଚାହୁଁ ନଥିଲି ।

ସମ୍ଭାବନା କାହିଁକି ? ତୁ ଜେଜେମାଙ୍କ ପାଖକୁ ଗାଁକୁ ଚାଲିଗଲୁନି ?

ପ୍ରୀତି ହାର୍ଟ ଆଟାକ୍‌ରେ ଶ୍ୱଶୁର ଚାଲିଯିବାର ଖବର ପାଇଲା ପରେ ସେଠାକୁ ଯିବାର ସାହସ ମୁଁ ଆଉ କରିପାରିଲି ନାହିଁ ।

ସମ୍ଭାବନା ଏବେ ଜେଜେମାଙ୍କ ଖବର କ'ଣ ତୁ କିଛି ଜାଣୁନା ?

ପ୍ରୀତି ଜାଣେନା–

ସମ୍ଭାବନା ତା'ହେଲେ ତା'ପରେ ତୁ କ'ଣ କଲୁ ?

ପ୍ରୀତି ଏପଟେ ତୋର ଲାଳନପାଳନ, ସେପଟେ ତୋ ବାପାର ଚିକିତ୍ସା ଖର୍ଚ୍ଚ । ମୁଁ ପୁରା ହନ୍ତସନ୍ତ ହୋଇଯାଇଥିଲି । ସେତିକିବେଳେ ମୋ ବାପା, ମା' ସାଙ୍ଗରେ ପ୍ରତ୍ୟାଶାକୁ ଧରି ମୋ ପାଖରେ ଆସି ପହଞ୍ଚିଲେ ।

ସମ୍ଭାବନା କାହିଁକି ? ଆଉ କ'ଣ ଚାହୁଁଥିଲେ ସେମାନେ ?

ପ୍ରୀତି ସେମାନେ ପ୍ରତ୍ୟାଶାର ଜଣେ ସାଙ୍ଗକୁ ଆଣିଥିଲେ ମୋତେ ବୁଝାଇବା ପାଇଁ । ନା' ତାର ପ୍ରମିଳା । ବାହାଘରର ୫ ବର୍ଷ ଭିତରେ ଦୁଇଦୁଇଟା ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇସାରିଥିଲା ସିଏ ।

ସମ୍ଭାବନା ଆରେ ବାପ୍‌ରେ ! କାହିଁକି ସ୍ୱାମୀମାନଙ୍କୁ ଛାଡ଼ପତ୍ର ଦେଇଥିଲା ସିଏ ?

ପ୍ରୀତି ପ୍ରଥମ ସ୍ୱାମୀ କାଳେ ଖୁବ୍ ମାତୃଭକ୍ତ ଥିଲା । ମା'କୁ ନ ପଚାରି କିଛି କରୁ ନଥିଲା । ସ୍ତ୍ରୀ ଅପେକ୍ଷା ମା'କୁ ବେଶି ଇମ୍ପୋର୍ଟାନ୍ସ ଦେଉଥିଲା ।

ସମ୍ଭାବନା ଆଉ ୨ୟ ସ୍ୱାମୀ ?

ପ୍ରୀତି : ଶୋଇଲାବେଳେ ଜୋର୍‌ରେ ଘୁଙ୍ଗୁଡ଼ି ମାରୁଥିଲା ।

ସମ୍ଭାବନା (ହସି) କ'ଣ କହିଲୁ ଶୋଇଲାବେଳେ ଜୋର୍‌ରେ ଘୁଙ୍ଗୁଡ଼ି ମାରୁଥିଲା ବୋଲି ତାକୁ ଛାଡ଼ପତ୍ର ଦେବାକୁ ପଡ଼ିଲା । ବିଚାରା ସ୍ୱାମୀଟାଏ– ସେ କ'ଣ ପାଇଁ ଏମାନଙ୍କ ସାଙ୍ଗରେ ଆସିଥିଲା ।

ପ୍ରୀତି ପ୍ରତୀକକୁ ଛାଡ଼ପତ୍ର ଦେଇ ଆଉଗୋଟିଏ ବାହା ହେବା ପାଇଁ ମୋତେ ବୁଝାଇବାକୁ ।

ସମ୍ଭାବନା ତୋତେ ସିଏ କ'ଣ କହିଲା ?

ପ୍ରୀତି କହିଲା ତୁମେ କ'ଣ ଟିଭି ଦେଖୁନ ? ଖବର କାଗଜ ପଢୁନ ? ନାରୀ ସଶକ୍ତିକରଣ କ'ଣ ବୁଝୁନ ? ଆଜିକାଲି ଆଉ ସେ ଯୁଗ ନାହିଁ । ନାରୀ ସ୍ୱାଧୀନତା ଏବେ ଆମରି ହାତମୁଠାରେ । ଖାଲି ମନକୁ

Digitized by PPRACHIN, SOA

ଦୃଢ଼ କରିପାରିଲେ ହେଲା । ଆଉ ଯାହା ଯାହା ସବୁ କହିଲା, ତୋ' ଆଗରେ ମାଆ ହୋଇ ସେ ସବୁ କଥା ମୁଁ କହିପାରିବି ନାହିଁ ।

ସମ୍ଭାବନା ତୁ କହିଲୁନି, ମୁଁ ସିନା ଆଉ କାହାକୁ ବାହା ହୋଇଯିବି, ହେଲେ ମୋ ଝିଅ, ତାକୁ ପାଳିବ କିଏ ? ମୋ ପାଇଁ ଆଉ ଜଣେ ପାଗଳ ପାଲଟି ଯାଇଛି । ତାକୁ ଚିକିତ୍ସା କରିବ କିଏ ?

ପ୍ରୀତି ତା'ର ଉତ୍ତର ଦେଲେ ମୋ ବାପା ମା' । କହିଲେ ପ୍ରତୀକର ଚିକିତ୍ସା ଖର୍ଚ୍ଚ ଆମେ ବହନ କରିବୁ ।

ସମ୍ଭାବନା : ଆଉ ମୋ ଲାଳନ ପାଳନ । ମୋ ଦାୟିତ୍ୱ ? ସେ ବିଷୟରେ କେହି କିଛି କହିଲେନି ?

ପ୍ରୀତି : ଛାଡ଼୍ ସେ କଥା । ସେ କଥା ଶୁଣି ତୋର ଲାଭ ନାହିଁ ।

ସମ୍ଭାବନା : ତଥାପି ଶୁଣିବାକୁ ଇଚ୍ଛା ହେଉଛି, କହନା ।

ପ୍ରୀତି ତୋତେ ଚାଇଲ୍ଡ୍ ସେଣ୍ଟରରେ ଛାଡ଼ିଦେବାର ପରାମର୍ଶ ଦେଇଥିଲେ ସମସ୍ତେ । ଆଉ ତାର ଖର୍ଚ୍ଚ ବହନ କରିଥାନ୍ତେ... ।

ସମ୍ଭାବନା : ତୋ ବାପାମା' । ବାଃ–ପଇସାର ଅହଂକାର ଖୁବ୍ ଥିଲା ନା ତୋ ବାପା ମା'ର । ନହେଲେ ସ୍ୱାମୀ ସ୍ତ୍ରୀର ଭଲ ପାଇବା ଆଉ ମା' ଝିଅର ସମ୍ପର୍କକୁ ସେମାନେ କିଣାବିକା କରିବାର ଆସ୍ପର୍ଦ୍ଧା କରିଥାନ୍ତେ କେମିତି ? ତା'ପରେ ତୁ କ'ଣ କଲୁ ?

ପ୍ରୀତି : ଜୀବନରେ ଗୋଟିଏ ଭୁଲ୍ କରି ମୁଁ ବୁଝିସାରିଥିଲି ଯେ ଅନ୍ୟ ଉପରକୁ ଟେକାଟିଏ ପକେଇଲେ ନିଜ ପାଇଁ ପଥରଟିଏ ଥୁଆ ହୋଇଥାଏ । ଅନ୍ୟ ପାଇଁ ଖୋଳିଥିବା ଗାତରେ ମୁଁ ନିଜେ ପଡ଼ି ଛଟପଟ ହେଉଥିଲି । ତେଣୁ ମୋ ବିବେକର ଡାକକୁ ମୁଁ ଆଉ ଏଡ଼େଇ ଯିବାକୁ ଚାହିଁଲି ନାହିଁ । ସେମାନଙ୍କୁ ଫେରେଇ ଦେଲି । ଆଉ ଚାକିରି କରି ସମସ୍ୟାର ସାମ୍ନା କରିବାକୁ ନିଜକୁ ପ୍ରସ୍ତୁତ କରିନେଲି ।

ସମ୍ଭାବନା : ଗୁଡ୍ ଭେରି ଗୁଡ୍ । ଦ୍ୟାଟ୍ସ ଲାଇକ୍ ଏ ଗୁଡ୍ ଡିସିସନ୍ । ତାକୁ କହିଲୁ ନାହିଁ ଏଇଟା ହିଁ ହେଉଛି ନାରୀ ସଶକ୍ତିକରଣ ଆଉ ନାରୀ ସ୍ୱାଧୀନତାର ମୂଳମନ୍ତ୍ର । ସେଲ୍ଫ ଡିପେନ୍‌ଡାନ୍‌ସି । ତୁ ଚିନ୍ତା କରନା ମା' ତୁ ମୋ ପାଇଁ ଅନେକ କିଛି କରିଛୁ । ଏଣିକି ମୁଁ ବଡ଼ ହେଲିଣି, ଡାକ୍ତର ହେଲିଣି, ବାପାଙ୍କ ଚିକିତ୍ସା ମୁଁ କରିବି । ଆଉ ଜେଜେମାଙ୍କୁ ବି ଫେରେଇ ଆଣିବି ।

ପ୍ରୀତି : ଆଉ ମୋ ସୁଖ ? ତାକୁ ତୁ କ'ଣ ଆଉ ଫେରେଇ ଆଣିପାରିବୁ ? ଝିଅ ! ସୂତା ଛିଣ୍ଡିଗଲେ ଗଣ୍ଠି ପକେଇ ଯୋଡ଼ି ଦେଇ ହୁଏ କିନ୍ତୁ ବିଶ୍ୱାସ ଥରେ ଅବିଶ୍ୱାସର ଗୋଲକ ଧନ୍ଦାରେ ହଜିଗଲେ ତାକୁ ଆଉ ଉଦ୍ଧାର କରିବା ଏତେ ସହଜ ହୁଏନା । ସମୟର ସୁଅରେ ମୁଁ ଆଉ ମୋ ବୟସ, ମୋ ଇଚ୍ଛା, ମୋ କାମନା, ମୋ ସ୍ୱପ୍ନ ସବୁ ଉଜୁଡ଼ି ଯାଇଛି । ମୁଁ ଆଉ ପାରୁନି ଲୋ ଝିଅ । ତିନିତିନିଟା ଜୀବନକୁ ନଷ୍ଟ କରିଦେବାର ପଶ୍ଚାତାପ ମୋତେ ଜାଳିପୋଡ଼ି ମାରୁଛି ।

ସମ୍ଭାବନା : ଜାଣେନା ଭାଙ୍ଗିଯାଇଥିବା ମନ ଆଉ ଉଜୁଡ଼ି ଯାଇଥିବା ବିଶ୍ୱାସକୁ ଯୋଡ଼ିପାରିବି କି ନାହିଁ । କିନ୍ତୁ ମନ ଆଉ ବିଶ୍ୱାସ ଯଦି ସୂତାଖିଅ ଭଳି ମୋ ଖାଲି ଆଖିକୁ ଦେଖାଯାଉଥାନ୍ତେ ତା'ହେଲେ ତୋ ପାଇଁ ତାକୁ ମୁଁ ନିଶ୍ଚୟ ବିନା ଗଣ୍ଠିରେ ବି ଯୋଡ଼ିଦେଇ ପାରନ୍ତି । ତୋ ଅତୀତକୁ ମୁଁ ଫେରେଇ ଆଣି ନପାରିଲେ ବି ମୋ ଜେଜେମାଙ୍କୁ ମୁଁ ନିଶ୍ଚୟ ଫେରେଇ ଆଣିପାରିବି । ମୋତେ ତାଙ୍କ ଠିକଣା ଦେ, ଆଉ ମୋ ବ୍ୟାଗ୍ ଭିତରୁ ପାଉଁଜିଟା ବି' ଦେ ।

Digitized by PPRACHIN, SOA

ପ୍ରୀତି ପାଉଁଜି ତା'ହେଲେ ହଜିନି ?

ସମ୍ଭାବନା ନା–ବ୍ୟାଗ୍‌ରେ ରଖି ଦେଇଛି । (ପ୍ରୀତି ପାଉଁଜି କାଢ଼ି ଦେଲେ)

ପ୍ରୀତି ଏଇଟା କ'ଣ କରିବୁ ?

ସମ୍ଭାବନା ସୀତାଦେବୀଙ୍କୁ ହନୁମାନ ରାମଚନ୍ଦ୍ରଙ୍କର ସନ୍ତକକୁ ଦେଖେଇଲା ଭଳିଆ ମୁଁ ଜେଜେମାଙ୍କୁ ଏ ପାଉଁଜି ଦେଖେଇ ମୋର ପରିଚୟ ଦେବି, ଆଉ ଫେରେଇ ଆଣିବି ।

(ପ୍ରୀତି ତାକୁ ପାଉଁଜି ଦେଲେ ଆଉ କୋଳେଇ ନେଇ କାନ୍ଦି ଉଠିଲେ)

ତୃତୀୟ ଦୃଶ୍ୟ

(ଡାକ୍ତରଖାନା)

ପ୍ରବୋଧ ପ୍ରତୀକ ବାବୁ ନିଅ ଔଷଧଟା ଖାଇଦିଅ ।

ପ୍ରତୀକ ଡାକ୍ତରବାବୁ ସେଦିନ କହୁଥିଲେ ମୋତେ ଆଉ ଔଷଧ ଖାଇବାକୁ ହେବନି ବୋଲି ।

ପ୍ରବୋଧ ଡାକ୍ତର ବାବୁ ଔଷଧ କମେଇ ଦେଇଛନ୍ତି ପରା । ଦେଖୁନ ମାତ୍ର ୨ଟା ଔଷଧ । ଏତିକି ଖାଇଦିଅ ଆଜି ଡାକ୍ତରବାବୁ ଆସିଲେ ତାଙ୍କୁ ପଚାରିବା ।

ପ୍ରତୀକ ନାଇଁ ନାଇଁ ମୋତେ ଔଷଧଗୁଡ଼ା ଭଲ ଲାଗୁନି ।

ପ୍ରବୋଧ ଔଷଧ କ'ଣ କାହାକୁ ଖାଇବାକୁ ଭଲ ଲାଗେ ? ତୁମକୁ ଯେମିତି ଔଷଧ ଖାଇବାକୁ ଭଲ ଲାଗେନି, ମୋତେ ସେମିତି ଔଷଧ ଦେବାକୁ ଭଲ ଲାଗେନି । ଖାଲି ବାଧ୍ୟରେ ପଡ଼ି ଦେବା କଥା ନା ଆଉ । ଆଜି ଡାକ୍ତର ବାବୁ ଆସନ୍ତୁ, ତାଙ୍କୁ ପଚାରିବି କାହିଁକି ଏତେ ଔଷଧ ଦେଉଛନ୍ତି ? ନିଅ ଖାଇଦିଅ ।

ପ୍ରତୀକ : ସେ ପୋଲିସ୍ ବାବୁ ଅଛି ନା ନାହିଁ ?

ପ୍ରବୋଧ ଅଛି ।

ପ୍ରତୀକ କାହିଁ ଦିଶୁନି ତ ।

ପ୍ରବୋଧ ଚା, ଫା ଖାଇବାକୁ ଯାଇଥିବ । ତୁମେ ତାକୁ ଏତେ ଡରୁଛ କାହିଁକି ? ମୁଁ ଡାକିଲେ ସିନା ସିଏ ଆସିବ ।

ପ୍ରତୀକ ମୁଁ ଔଷଧ ନଖାଇଲେ ତୁମେ ତାକୁ ଡାକିବ ନୁହଁ ?

ପ୍ରବୋଧ ତୁମେ ଔଷଧ ନଖାଇବ କାହିଁକି ?

ପ୍ରତୀକ ଜମାରୁ ଇଚ୍ଛା ହେଉନି ।

ପ୍ରବୋଧ ତା'ହେଲେ କ'ଣ ଇଚ୍ଛା ହେଉଛି ?

ପ୍ରତୀକ ଚିତ୍ର ଆଙ୍କିବି ।

ପ୍ରବୋଧ ମା' କହିଛନ୍ତି ରଙ୍ଗତୂଳୀ ଆଣିଦେବେ ତା'ପରେ ତୁମେ ଚିତ୍ର ଆଙ୍କିବ ।

ପ୍ରତୀକ ତୁମେ ତ କେତେଦିନ ହେଲା ସେଇକଥା କହୁଛ । ମା'ଆ ଆସିବେ । ରଙ୍ଗତୂଳୀ ଆଣିବେ । ସବୁ ମିଛ କଥା ନୁହେଁ, ମୁଁ କ'ଣ ଛୋଟ ପିଲା ବୁଝିପାରୁନି । ଶୁଣ ମୋତେ ମିଛ କଥା ଆଦୌ ଭଲ ଲାଗେନି ।

Digitized by PPRACHIN, SOA

ପ୍ରବୋଧ ନା ନା ସେକଥା ନୁହେଁ । ମା'ଆ ପରା କେତେଦିନ ହେଲା କାହିଁକି ଆସିନାହାନ୍ତି । ସେ ଆସିଲେ ମୁଁ କହିବି ।

ପ୍ରତୀକ ସେ ଆଉ ଆସିବ ନାହିଁ । ମୋ ଉପରେ ରାଗିଛି । ମୁଁ ତା' କଥା ନମାନି ବାହା ହେଲି । ତା' କଥା ନମାନି ତା' ବୋହୂ ଶାଢ଼ୀ ନ ପିନ୍ଧି ଡ୍ରେସ୍ ପିନ୍ଧିଲା । ପାଉଁଜି ଫୋପାଡ଼ି ଦେଲା । ମୁହଁ ଉପରେ ଜବାବ୍ ଦେଲା । ସମସ୍ତଙ୍କ ନାଁରେ ଯୌତୁକ ନିର୍ଯ୍ୟାତନା, ବଧୂ ହତ୍ୟା ଷଡ଼ଯନ୍ତ୍ରର ମିଛ ଦଫା ସବୁ ଲଗେଇ ସମସ୍ତଙ୍କୁ ଜେଲ୍ ପଠେଇ ଦେଲା । ଆମ ଘରର ମାନସମ୍ମାନ ସବୁ ତା'ର କେଇପଦ ମିଛ କଥାରେ ଧ୍ୱଂସ ହୋଇଗଲା । ଲୋକେ ଆମକୁ ଛି ଛାକର କଲେ । ଏତେ ମାନଅପମାନ ସହିଲେ କେଉଁ ବାପା ମା' ମୋ ଭଳି କୁଳାଙ୍ଗାରର ମୁହଁ ଚାହିଁବ କୁହ । ତେଣୁ ତୁମେ ବି ଜୀବନରେ ଜମାରୁ ମିଛ କହିବ ନାହିଁ । ମିଛକୁ ମୁଁ ଭାରି ଘୃଣା କରେ ।

ପ୍ରବୋଧ ତୁମେ ମନ ଊଣା କରନି । ସେମିତି ଭାବନି । ପୁଅ ଝିଅ ହଜାରେ ଦୋଷ କରିଥିଲେ ବି ତାଙ୍କ ପିଲାଙ୍କ ବିପଦ ପଡ଼ିଲେ ବାପା ମାଆ କେବେ ରହିପାରିବେନି । ନିଶ୍ଚୟ ପାଖରେ ଆସି ଠିଆ ହେବେ ।

ପ୍ରତୀକ ତୁମେ ସତ କହୁଛ, ସେମାନେ ଆସିବେ ?

ପ୍ରବୋଧ ହଁ ଆସିବେ । ନେଲ ଔଷଧ ଖାଇଦେଲ ।

ପ୍ରତୀକ ଆଚ୍ଛା ମୋତେ କି ରୋଗ ହୋଇଛି ?

ପ୍ରବୋଧ : ନାଇଁ ନାଇଁ ଆପଣଙ୍କୁ ରୋଗ କାହିଁକି ହେବ । ଆପଣ ତ ପୁରା ଠିକ୍ ଠାକ୍ ଅଛନ୍ତି ।

ପ୍ରତୀକ : ତା'ହେଲେ ମୁଁ ଡାକ୍ତରଖାନାରେ କାହିଁକି ଅଛି ?

ପ୍ରବୋଧ ଡାକ୍ତରବାବୁଙ୍କୁ ପଚାରିବେ । ଆଗ ଦି' ଢୋକ ପାଣି ପିଇଦେଲେ(ପ୍ରତୀକ ଔଷଧ ଖାଇ ପାଣି ପିଇଲେ) । (ନିଜକୁନିଜେ) ଓହୋ ଏଇ ଦି'ଢୋକ ପାଣି ପିଆଇବାକୁ ମଣିଷ ପୁରା ଦି'ଢାଳ ପାଣି ପିଇ ସାରିଲାଣି । (ବାହାରେ କିଏ ଡାକିଲା ।) ଏଇ ଡାକ୍ତରବାବୁ ଆସିଲେ ବୋଧହୁଏ । (ହାବିଲଦାର ପ୍ରବେଶ)

ହାବିଲ୍‌ଦାର ହଇହୋ ନର୍ସବାବୁ । କଫି ପିଇବ ନିଅ ।–

ପ୍ରବୋଧ ହଇହୋ ନର୍ସବାବୁ କ'ଣ ? ମୋର କ'ଣ ନାଁ ନାହିଁ ? ନାଁ ଧରି ଡାକୁନ ?

ହାବିଲ୍‌ଦାର : ତୁମେ ମୋତେ ହାବିଲଦାର ବାବୁ ଡାକୁଛ କେମିତି ? ହଉ ହେଲା ନିଅ ଥଣ୍ଡା ହୋଇଯିବ । କଫି ।

ପ୍ରବୋଧ ଆଜି କ'ଣ ଭାରି ପ୍ରେମରେ କଫି ଦିଆ ହେଉଛି ? କ'ଣ କିଛି କାମ ଅଛି ବୋଧହୁଏ ?

ହାବିଲଦାର : କି କଥା କହୁଛ ସାଙ୍ଗ ।

ପ୍ରବୋଧ ପୁଣି ସାଙ୍ଗ ? ନାଇଁ ଡାଲ୍ ମେଁ କୁଛ କୁଛ କାଲା ହେ । ସତ କୁହ କାମ କ'ଣ ଅଛି ?

ହାବିଲ୍‌ଦାର ଆଜି ରାତିଟା ତୁମେ ଟିକିଏ ଚଳେଇ ଦିଅନ୍ତି ନାହିଁ ।

ପ୍ରବୋଧ : (ତା' ପାଟିରେ ହାତ ଦେଇ) ଆବେ ଚୁପ୍ ଚୁପ୍ ! ସେପଟେ ରୋଗୀ ଚେଇଁଛି । ଯଦି କଥାଟା ତା' କାନରେ ପଡ଼ିବ ନା, ରାତିରେ ମୋତେ ଉଚ୍ଛନ୍ନ କରିବ । ସେତେବେଳେ ତାକୁ ସମ୍ଭାଳିବ କିଏ ? ମୁଁ ନା ମୋ ବୋପା ?

Digitized by PPRACHIN, SOA

ହାବିଲ୍‌ଦାର ନାଇଁ ନାଇଁ ସେ ବ୍ୟବସ୍ଥା ମୁଁ କରିଦେଇ ଯିବି ନା...ମୁଁ ଯିବା ଆଗରୁ ଏଇ ପୋଷାକ ହଳକ ଏଠି ଟାଙ୍ଗି ଦେଇଯିବି । ଏତିକି ଦେଖିଦେଲେ ତ ତା' ପିଳେହି ପୁରା ପାଣି ହୋଇଯିବ ସିଏ ଚିଲ୍ଲେଇବ କ'ଣ ?

ପ୍ରବୋଧ ନାଇଁରେ ପୁଅ, ସେ କଥା ବି ପୁରା ଠିକ୍ ନୁହେଁ । ସେ ତୁମ ପୋଷାକକୁ ଦେଖି ଯେତିକି ନ ଡରୁଛି ତା'ଠାରୁ ବେଶୀ ଡରୁଛି ତୁମ ଠେଙ୍ଗାକୁ । ସେଇ ଅସଲ ଚିଜଟା କାହିଁ ? ଏ ପୋଷାକ ସାଙ୍ଗରେ ସେଇଟା ବି ମୋର ଦରକାର ।

ହାବିଲ୍‌ଦାର ଆରେ ଆରେ ସେଇଟା ତ ଜଳଖିଆ ଦୋକାନରେ ଛାଡ଼ିଦେଇ ଆସିଲି ନା କ'ଣ ?

ପ୍ରବୋଧ ଦୌଡ଼ ଦୌଡ଼ । ପୋଲିସ୍ ହାତରେ ବଂଧୁକ କି ଠେଙ୍ଗା ନାହିଁ ମାନେ କେଉଁ କାମକୁ ନୁହଁ ବୁଝିଲ । (ହାବିଲ୍‌ଦାର ଧାଇଁ ପଳେଇଲା) (ପ୍ରବୋଧ ଭିତରକୁ ଗଲା)

ପ୍ରତୀକ ଡାକ୍ତର ବାବୁ ଆସିଲେ ?

ପ୍ରବୋଧ ନା-ନା- ପୋଲିସ୍ ବାବୁ ।

ପ୍ରତୀକ ସେ କାହିଁକି ଆସିଲେ ?

ପ୍ରବୋଧ ନା ନା ସେ ବାହାରକୁ ଗଲା ।

ପ୍ରତୀକ ବାହାରକୁ ପଳେଇଲେ ?

ପ୍ରବୋଧ ନାଇଁ ମାନେ ଏଇଠିକି ଯାଇଛି । ଆସିବ ।

ପ୍ରତୀକ ଆଉ ତାଙ୍କ ଠେଙ୍ଗା ?

ପ୍ରବୋଧ (ଚିନ୍ତାରେ) ଠେଙ୍ଗା...ତାଙ୍କ ଠେଙ୍ଗା ସେଇ କବାଟ କୋଣରେ ଥିବ ।

ପ୍ରତୀକ ମୋତେ ଟିକିଏ ସେଇଟା ଦିଅନ୍ତ ନାହିଁ ?

ପ୍ରବୋଧ ତାକୁ ଆପଣ କ'ଣ କରିବେ ?

ପ୍ରତୀକ : ତାକୁ ଲୁଚେଇ ଦେବି । ତା'ପରେ ଦେଖିବି ପୋଲିସ୍ ମୋତେ କିମିତି ଡରେଇବ ?

ପ୍ରବୋଧ ସେ କଥା ସତ ଯେ ହେଲେ ତା' ଠେଙ୍ଗାକୁ ଆପଣଙ୍କର ଏତେ ଡର କାହିଁକି ?

ପ୍ରତୀକ କାହିଁକି କେଜାଣି । ସେଇ ଠେଙ୍ଗାଟାକୁ ଭୂଇଁରେ ବାଡ଼େଇ ଦେଲାବେଳକୁ ତା'ର ସେ ଶବ୍ଦରେ ମୋ ଛାତି ଭିତରଟା ଧଡ଼ଧଡ଼ ହୋଇଯାଉଛି । ଯାହା ପୁଅକୁ ସାପ କାମୁଡ଼େ ତା' ମାଆ ପାଳଦଉଡ଼ି ଦେଖିଲେ ଡରେ ପରା । ଆଉ ଏଇ ସାପଟ ଜଣ ଜଣ କରି ମୋ ପରିବାରର ସମସ୍ତଙ୍କୁ ଦଂଶି ଦେଇଛି । ମୋ ସୁଖ ଶାନ୍ତିର ସଂସାରକୁ ଜାଳିପୋଡ଼ି ଛାରଖାର କରିଦେଇଛି । (ପଶି ଆସିଲେ ଡାକ୍ତରବାବୁ)

ଡାକ୍ତରବାବୁ କ'ଣ ପ୍ରତୀକ ବାବୁ କେମିତି ଅଛନ୍ତି ? ଭଲ ଅଛନ୍ତି ତ ?

ପ୍ରତୀକ ମୋତେ ଆଦୌ ଭଲ ଲାଗୁନି । ଆପଣ ଏ ଠେଙ୍ଗାବାଲା ପୋଲିସ୍‌କୁ କାହିଁକି ଏଠି ରଖିଛନ୍ତି ? ତା'କୁ ଏଠୁ ବାହାର କରିଦିଅନ୍ତୁ ।

ଡାକ୍ତରବାବୁ ଠିକ୍ ଅଛି ମୁଁ ତାକୁ ଏଠୁ ବାହାର କରିଦେବି ଯେ ହେଲେ ତା' ଆଗରୁ ଆପଣଙ୍କୁ ମୋର ଗୋଟିଏ କଥା ମାନିବାକୁ ପଡ଼ିବ ।

Digitized by PPRACHIN, SOA

ପ୍ରତୀକ ମୁଁ ଆପଣଙ୍କ ସବୁକଥା ମାନିବି ବାଶ୍ ତାକୁ ମୋ ଆଖି ଆଗରୁ ହଟେଇ ଦିଅନ୍ତୁ ।

ଡାକ୍ତରବାବୁ ଆପଣ ଆଜି ଔଷଧ ଖାଇଛନ୍ତି ?

ପ୍ରତୀକ ହଁ ଖାଇଛି । ହେଲେ ମୋର ରୋଗ କ'ଣ ଡାକ୍ତରବାବୁ ? ମୁଁ ତ ଭଲ ଅଛି, ଆପଣ ୟାକୁ ମନା କରନ୍ତୁ ଇଏ ମୋତେ ଆଉ ଔଷଧ ଦେବନି ।

ଡାକ୍ତରବାବୁ : ଠିକ୍ ଅଛି ମୁଁ ତାକୁ ମନା କରିଦେଉଛି । ହେ ପ୍ରବୋଧ ! ତୁମେ ପ୍ରତୀକ ବାବୁଙ୍କୁ ବେଶୀ ଔଷଧ ଦେବ ନାହିଁ । ଯାହା ମୁଁ ଲେଖି ଦେଉଛି କେବଳ ସେତିକି ଦେବ, ହେଲା ? (ଠାରିଦେଲେ)

ପ୍ରତୀକ ହଁ ଆଜ୍ଞା ।

ଡାକ୍ତରବାବୁ ଆପଣ ଯଦି ଜିଦ୍ ନ କରିବେ, ଚିତ୍କାର ନ କରିବେ ? ପ୍ରବୋଧର କଥାମାନି ସୁନା ପିଲା ପରି ଯଦି ଚଳିବେ ତା'ହେଲେ ମୁଁ ସେ ପୋଲିସ୍‌ବାଲାକୁ ଏଠୁ ବାହାର କରିଦେବି । ହେଲା ।

ପ୍ରତୀକ ଆପଣ ମୋର ଆଉ ଗୋଟିଏ କଥା ରଖିବେ ଡାକ୍ତର ବାବୁ ? ମୋ ମାଆକୁ ଟିକିଏ ଖବର ଦେବେ, ସେ ଆସିବ । ସେ ନା ମୋ ଉପରେ ରାଗିଛି ସେଇଥିପାଇଁ ସେ ଏଠିକି ଆସୁନି । ମୋର କ'ଣ ଦୋଷ କହିଲେ ? ମୁଁ କ'ଣ କାହାକୁ ଏଫ୍.ଆଇ.ଆର୍ ଦେବାକୁ କହିଥିଲି । ନା ମୁଁ ଜାଣିଥିଲି ଯେ ମୋ ବିଶ୍ୱାସରେ ଜଣେ ବିଷ ମିଶେଇଦେବ ବୋଲି । (କାନ୍ଦିଲେ)

ଡାକ୍ତରବାବୁ : ପୁଣି କାନ୍ଦିଲେ । ଆପଣ ଏମିତି ଯଦି କାନ୍ଦିବେ ତା'ହେଲେ ମୋତେ ଇଞ୍ଜେକ୍‌ସନ୍ ଦେବାକୁ ପଡ଼ିବ ।

ପ୍ରତୀକ : (ଲୁହ ପୋଛି) ନାଇଁ ମୁଁ ଆଉ କାନ୍ଦିବି ନାହିଁ । ଆପଣ ଟିକିଏ ମାଆକୁ ନେଇ ଆସନ୍ତୁ । ତାକୁ ବୁଝେଇ ଦିଅନ୍ତୁ । ପ୍ରକୃତରେ ମୋର କିଛି ଦୋଷ ନାହିଁ । ସେ ଥରେ ମୋ ପାଖକୁ ଆସିଲେ ମୁଁ ଆଉ କାନ୍ଦିବି ନାହିଁ ।

ଡାକ୍ତରବାବୁ : ହଉ ହଉ ମୁଁ ଯିବି । ଆଚ୍ଛା ଦେଖି ତୁମ ଜିଭ ଦେଖି, ଆଖି । ବାଃ ଭେରି ଗୁଡ୍ (ଚିଠା ଲେଖି ପ୍ରବୋଧକୁ ଦେଲେ) ଏଥର ମୁଁ ଆସୁଛି ।

ପ୍ରତୀକ ମୋ ମାଆକୁ ଆଉ ଗୋଟିଏ କଥା କହିବେ ?

ଡାକ୍ତରବାବୁ : କ'ଣ କୁହନ୍ତୁ ?

ପ୍ରତୀକ : ମୋ ପାଇଁ ରଙ୍ଗତୂଳୀ ନେଇଆସିବ ମୁଁ ଅନେକ ଦିନରୁ ତୂଳୀରେ ରଙ୍ଗ ବୋଳିନି ।

ଡାକ୍ତରବାବୁ : ଠିକ୍ ଅଛି କହିବି । ଆପଣ ଆରାମରେ ରହନ୍ତୁ । ପ୍ରବୋଧ ବାବୁଙ୍କୁ ବହି ପଢ଼ିବାକୁ ଦିଅ । (ପ୍ରବୋଧ ଆଣିଦେଲା) ଆପଣ ପଢୁଥାନ୍ତୁ ମୁଁ ଆସୁଛି । (ବାହାରକୁ ଆସିଲେ) (ପ୍ରୀତିରୂପାକୁ ଦେଖି) ଆପଣ ଭିତରକୁ ଆସିଲେ କାହିଁକି ?

ପ୍ରୀତିରୂପା (ଇସାରାକରି) ଧିରେ ଡାକ୍ତର ବାବୁ ଧିରେ ! ଆପଣ ରାଗନ୍ତୁ ନାହିଁ । ତାଙ୍କ ଖବର ବୁଝିବାକୁ ମୁଁ ଚାଲିଆସିଲି । ତାଙ୍କୁ ଟିକିଏ ଦେଖିଥାନ୍ତି ।

ଡାକ୍ତରବାବୁ : ଆପଣଙ୍କୁ ଯଦି ପ୍ରତୀକ ବାବୁ ଦେଖିଦିଅନ୍ତି ତା'ହେଲେ ତାଙ୍କ ଅବସ୍ଥା ବିଗିଡ଼ିଯିବ । ଆପଣ କ'ଣ ସେଇଆ ଚାହାନ୍ତି ?

ପ୍ରୀତିରୂପା : ନା ଡାକ୍ତରବାବୁ । କିନ୍ତୁ ଆଉ କେତେଦିନ ଏମିତି ଚାଲିଥିବ ? କେତେଦିନ ଆଉ ମୁଁ ଏମିତି ଲୁଚକାଳି ଖେଳିଲାଭଳି ଲୁଚିଲୁଚି ତାଙ୍କୁ ଦେଖୁଥିବି ? ଜୀବନରେ ଆଉ କେବେ କ'ଣ ମୁଁ ତାଙ୍କ ଆଖିରେ ଆଖି ମିଶାଇ କଥା ହୋଇପାରିବି ନାହିଁ ?

Digitized by PPRACHIN, SOA

ଡାକ୍ତରବାବୁ ସେ କଥା ମୁଁ ଏବେ କିଛି କହିପାରିବି ନାହିଁ ତେବେ ହଁ ଆଗ ଅପେକ୍ଷା ତାଙ୍କର ଅବସ୍ଥା କ୍ରମେ ସୁଧୁରି ଆସୁଛି ତଥାପି ପୁରା ଭଲ ହେବାକୁ ସମୟ ଲାଗିବ । ତେବେ ସବୁଠୁ ବଡ଼ କଥା ହେଲା ତାଙ୍କ ମା' ଯଦି ଆସି ତାଙ୍କୁ ଥରେ କ୍ଷମା କରି କୋଳେଇ ନିଅନ୍ତେ ତା'ହେଲେ ତାଙ୍କର ମାନସିକ ସ୍ଥିତି ଅନେକାଂଶରେ ଠିକ୍ ହୋଇ ଯାଆନ୍ତା । ଏଇଟା ମୋର ବିଶ୍ୱାସ । (ଏତିକିବେଳେ ସମ୍ଭାବନାର ପ୍ରବେଶ)

ସମ୍ଭାବନା ଆପଣ ଠିକ୍ କହିଛନ୍ତି ସାର୍ । ମୁଁ ବି ଠିକ୍ ସେଇଆ ଭାବୁଛି । ସେଇଥିପାଇଁ ଜେଜେମାଙ୍କୁ ଆଣିବାକୁ ମୁଁ ଗାଁକୁ ଯାଇଥିଲି ।

ପ୍ରୀତିରୂପା ଶାଶୁ କ'ଣ ତୋ ସାଥିରେ ଆସିଛନ୍ତି ?

ସମ୍ଭାବନା ନା ।

ପ୍ରୀତିରୂପା ନିଜ ପୁଅର ଏମିତି ଅବସ୍ଥା ଜାଣିବା ପରେ ବି' ସେ ଆସିବାକୁ ମନା କରିଦେଲେ ?

ସମ୍ଭାବନା ସେ ମନା କରିନାହାନ୍ତି ।

ପ୍ରୀତିରୂପା ତା'ହେଲେ ?

ସମ୍ଭାବନା ସେ ଆସନ୍ତା ରବିବାର ଦିନ ସିଧା ଏଇଠିକି ଆସିବେ ।

ପ୍ରୀତିରୂପା ଆଉ ଆମ ଘରକୁ ଯିବେନି ।

ସମ୍ଭାବନା ଜାଣିନି । ସେ ଆସିଲେ ତୁ ପଚାରି ବୁଝିନେବୁ ।

ଡାକ୍ତରବାବୁ ତା'ହେଲେ ଆମକୁ ରବିବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ।

ପ୍ରୀତିରୂପା ଏବେ ପୋଲିସ୍‌କୁ ଏଠୁ ଉଠେଇ ଦିଅନ୍ତୁ ।

ଡାକ୍ତରବାବୁ ଏବେ ନୁହେଁ । ତାଙ୍କ ମା'ଙ୍କ ଉପସ୍ଥିତି ପରେ ତାଙ୍କର ପ୍ରତିକ୍ରିୟା ଦେଖି ସିଦ୍ଧାନ୍ତ ନିଆଯାଇପାରିବ । ତା' ଆଗରୁ ନୁହେଁ । ଆପଣ ଯାଆନ୍ତୁ ମୁଁ ତାଙ୍କୁ ଏ ଖବରଟା ଦେଇଆସେ । (ଡାକ୍ତରଙ୍କର ଭିତରକୁ ପ୍ରସ୍ଥାନ)

ସମ୍ଭାବନା ତୁ ଯାଆ ମାଆ, ମୁଁ ପରେ ଆସୁଛି । (ପ୍ରୀତିରୂପା ପ୍ରସ୍ଥାନ)

ଡାକ୍ତରବାବୁ ଆପଣଙ୍କ ପାଇଁ ଦୁଇଟି ଗୁଡ୍ ନିଉଜ୍ । ଶୁଣିବେ...

ପ୍ରତୀକ କ'ଣ ?

ଡାକ୍ତରବାବୁ : ପ୍ରଥମ ଖବର ହେଲା ଆସନ୍ତା ରବିବାରଦିନ ଆପଣଙ୍କ ମାଆ ଆପଣଙ୍କ ପାଖକୁ ଆସିବେ ।

ପ୍ରତୀକ କ'ଣ କହିଲେ ମୋ ମାଆ ଏଇଠିକି ଆସିବ ? ମୋ ପାଖକୁ ଆସିବ ? ସେ ମୋତେ କ୍ଷମା କରିଦେଇଥିବ ତ ?

ଡାକ୍ତରବାବୁ : ହଁ ହଁ ସେ ନିଶ୍ଚୟ ଆପଣଙ୍କୁ କ୍ଷମା କରିଦେଇଛନ୍ତି ନହେଲେ ସେ ଆସନ୍ତେ କାହିଁକି ? ଖାଲି ସେତିକି ନୁହେଁ ସେଦିନ ସେ ଆପଣଙ୍କ ପାଇଁ ରଙ୍ଗତୁଳୀ ମଧ୍ୟ ଆଣିବେ ।

ପ୍ରବୋଧ : ବାଃ ବଢ଼ିଆ କଥା । ଆମ ପ୍ରତୀକ ବାବୁ ଭାରି ଖୁସି ହେବେ ନାଇଁ ? ଆଉ ୨ୟ ଖବର ?

ଡାକ୍ତରବାବୁ : ତା'ପରେ ଆମ ପ୍ରତୀକ ବାବୁଙ୍କୁ ଜଗିବା ପାଇଁ ଆଉ ପୋଲିସ୍ ରହିବେ ନାହିଁ । ନା କ'ଣ କହୁଛନ୍ତି ।

ପ୍ରତୀକ ତା'ହେଲେ ମୁଁ ଘରକୁ ଚାଲିଯିବି ? ନା ନା ସେଠି ଯଦି ସେଇ ପ୍ରୀତିରୂପା ଆସି ପହଞ୍ଚିଯିବ ?

Digitized by PPRACHIN, SOA

ଡାକ୍ତରବାବୁ   ସେ କଥା ଆପଣ ଭାବନ୍ତୁ ନାହିଁ । ଆପଣଙ୍କ ମାଆ ସେ କଥା ସମ୍ଭାଳି ନେବେନି ?

ପ୍ରତୀକ   ମୋ ମାଆ ଥରେ ମୋତେ କ୍ଷମା କରିଦେଉ ଦେଖିବେ ମୁଁ ଆଉ ତା' କଥା କେବେ ଅମାନ୍ୟ କରିବି ନାହିଁ । ମୋ ଜୀବନର ସବୁଇଚ୍ଛା ମୁଁ ତା'ରି ଇଚ୍ଛା ପାଖରେ ସମର୍ପଣ କରିଦେବି ।

ଡାକ୍ତରବାବୁ   ଆଉ ଆପଣଙ୍କ ସ୍ତ୍ରୀ ?

ପ୍ରତୀକ   କି ସ୍ତ୍ରୀ ? କାହାର ସ୍ତ୍ରୀ ? ତା' କଥା ପାଟିରେ ଧରନ୍ତୁ ନାହିଁ ଡାକ୍ତରବାବୁ । ତା' ନାଁ ଶୁଣିଲେ ମୋ ମୁଣ୍ଡ ଗରମ ହୋଇଯାଉଛି । ତା' ଭଳି ଜଣେ ଅହଂକାରୀ, ସ୍ୱାର୍ଥପର ନାରୀ, ଯାହାପାଇଁ ପ୍ରେମ, ଭଲ ପାଇବା ସବୁ ମୂଲ୍ୟହୀନ । କେବଳ ଛଳନା ଛଡ଼ା ସେ ଆଉ କିଛି ଜାଣେନା । ଆମ ଓଡ଼ିଆ ଘରର ଚାଲିଚଳନ, ପରମ୍ପରା ସବୁ ତା' ପାଇଁ କେବଳ ଅନ୍ଧବିଶ୍ୱାସ ଛଡ଼ା ଆଉ କିଛି ନୁହେଁ । ତା' ସହିତ ମୋର ସବୁ ସମ୍ପର୍କ ବହୁ ଆଗରୁ ତୁଟି ସାରିଛି । ଯିଏ ମୋ ବାପା ମା'ଙ୍କୁ ନିଜର ବାପା ମା' ଭଳି ସମ୍ମାନ ଦେଇ ଶିଖିଲା ନାହିଁ, ମୋ ଘରର ମାନମହତକୁ ନିଜର ମାନ ମହତ ବୋଲି ଭାବିଲା ନାହିଁ, ନିଜର ସ୍ୱାର୍ଥ ଆଉ ଅହଂକାର ପାଇଁ ସମସ୍ତଙ୍କ ଇଚ୍ଛା ଆଉ ସ୍ନେହ ଶ୍ରଦ୍ଧାକୁ ବେଡ଼ି ପକେଇ ଜେଲ୍‌କୁ ପଠେଇଦେଲା ତା' ସହିତ ମୋର କ'ଣ ସମ୍ପର୍କ । ମୁଁ ତାକୁ କେବେ ଛାଡ଼ିବି ନାହିଁ ।

ଡାକ୍ତରବାବୁ :   ଆପଣ ତାଙ୍କୁ କ୍ଷମା କରିବେ ନାହିଁ ।

ପ୍ରତୀକ   କେମିତି କ୍ଷମା କରିବି ? ଯଦି ରୋଗୀକୁ ଆପଣ ଔଷଧ ବଦଳରେ ବିଷ ଦେଇଦିଅନ୍ତି ତା'ହେଲେ ସେ ରୋଗୀ କ'ଣ ବଞ୍ଚିବ ? ଆଉ ଭାଗ୍ୟବଳରୁ ଯଦିବା ବଂଚିଯାଏ, ତା'ହେଲେ ପୁଣିଥରେ ସେ କ'ଣ ଆଉ ଆପଣଙ୍କ ପାଖକୁ କେବେ ଔଷଧ ନେବାକୁ ଆସିବ ?

ଡାକ୍ତରବାବୁ :   ଛାଡ଼ନ୍ତୁ ସେ କଥା । ଆଚ୍ଛା କହିଲେ, ଆପଣଙ୍କ ମା' ରଙ୍ଗତୂଳୀ ଆଣିଲେ ଆପଣ ପ୍ରଥମେ କ'ଣ ଆଙ୍କିବେ ? ପାହାଡ଼, ନଦୀ, ଝରଣା, ଆକାଶ, ଫୁଲ, ପ୍ରକୃତି ।

ପ୍ରତୀକ :   ନା ନା... ଡାକ୍ତରବାବୁ । ମୁଁ ଆଗ ମୋ ମା'ର ଚିତ୍ର ଆଙ୍କିବି । ଆକାଶଠୁ ଗଭୀର ଆଖି ଦି'ଟା ତା'ର । ଝରଣାଠୁଁ ଲମ୍ବା ତା' ପଣତକାନୀ ପାହାଡ଼ଠାରୁ ବିଶାଳ ତା'ର କୋଳ ଆଉ ଜହ୍ନଠାରୁ ସୁନ୍ଦର ତା' କପାଳର ସିନ୍ଦୁର ଟୋପା । ମୁଁ ସେଇ ଚିତ୍ର ଆଙ୍କିବି । ମୋ ମାଆର ଚିତ୍ର ଆଙ୍କିବି ।

(ଧିରେ ଧିରେ ପ୍ରତୀକଙ୍କ ଉପରେ ଆଲୋକ କେନ୍ଦ୍ରୀଭୂତ ହେଲା । ଡାକ୍ତରବାବୁ ବାହାରକୁ ଆସିଲେ । ସେଠାରେ ସମ୍ଭାବନା ତାଙ୍କୁ ଅପେକ୍ଷା କରିଥିଲା ଦୁହେଁ ଆଲୋଚନା କଲେ ସେଠାରେ ଆଲୋକ ଉଜ୍ଜ୍ୱଳତର ହେଲା ଦୁହିଁଙ୍କର ଅସ୍ପଷ୍ଟ ଆଲୋଚନା କିଛି ଶୁଣାଗଲା ନାହିଁ ପୁଣି ଅନ୍ଧାର ଧିରେ ଧିରେ ନଇଁ ଆସିଲା ।)

୪ର୍ଥ ଦୃଶ୍ୟ

(ପ୍ରତୀକ ବ୍ୟସ୍ତ ଭାବରେ ବୁଲୁଛନ୍ତି ପ୍ରବେଶ କଲେ ଡାକ୍ତରବାବୁ ହାତରେ ଚିତ୍ର କରିବାର ସାମଗ୍ରୀ)

ଡାକ୍ତରବାବୁ :   ନିଅନ୍ତୁ ପ୍ରତୀକ ବାବୁ ! ଆପଣଙ୍କର ଅତି ପ୍ରିୟ ରଙ୍ଗତୂଳୀ ଆସିଗଲା । ଏଥର ଚିତ୍ର କରନ୍ତୁ ।

ପ୍ରତୀକ :   ଯାକୁ ଆଣିଲା କିଏ ?

ଡାକ୍ତରବାବୁ :   ମୁଁ ଆଣିଲି ।

ପ୍ରତୀକ :   ଆଉ ମୋ ମାଆ ?

Digitized by PPRACHIN, SOA

ଡାକ୍ତରବାବୁ — ସେ ଆପଣଙ୍କ ପାଇଁ କ୍ଷୀରି ରାନ୍ଧୁଥିଲେ ଆଜି ପରା ରବିବାର ? ମାଆ କହିଲେ ଡାକ୍ତରବାବୁ ଆପଣ ଏଇ ରଙ୍ଗତୂଳୀ ନେଇ ଆଗ ପ୍ରତୀକକୁ ଦିଅନ୍ତୁ । ସେ ଚିତ୍ର କରୁଥାଉ, ମୁଁ କ୍ଷୀରି ରାନ୍ଧିସାରିଲେ ନିଜେ ନେଇଯିବ । ସେଇଥିପାଇଁ ମୁଁ ଆଗ ଚାଲିଆସିଲି ।

ପ୍ରତୀକ — ଆପଣ ସତ କହୁଛନ୍ତି ଡାକ୍ତର ବାବୁ ? ମୋ ମାଆ ନିଶ୍ଚୟ ଆସିବ ତ ?

ଡାକ୍ତରବାବୁ — ନିଶ୍ଚୟ ଆସିବେ । ମୋ ଉପରେ ଭରସା ରଖନ୍ତୁ । ନିଅନ୍ତୁ ଚିତ୍ର ଆଙ୍କନ୍ତୁ ।

(ପ୍ରତୀକ ଷ୍ଟାଣ୍ଡରେ ଡ୍ରଇଁ ପାଇଁ ସବୁ ସଜେଇଲାବେଳକୁ ପ୍ରବୋଧ ପ୍ରବେଶ)

ପ୍ରବୋଧ — ବାବୁ ଆଉ କ'ଣ ଦରକାର ?

ପ୍ରତୀକ — ପାଣି ଆଉ ତୂଳୀ ପୋଛିବା ପାଇଁ ଖଣ୍ଡେ କନା । (ପ୍ରବୋଧ ଯାଇ ଆଣିଲେ)

ପ୍ରବୋଧ — ନିଅନ୍ତୁ ଏଥର ରଙ୍ଗ ଗୋଳେଇ ଚିତ୍ର ଆଙ୍କନ୍ତୁ । (ପ୍ରତୀକ ଚିତ୍ର ଆଙ୍କିବାକୁ ଲାଗିଲେ କ୍ରମେ ତାଙ୍କରି ଉପରେ ଆଲୋକ ଘନୀଭୂତ ହେଲା । ସେଠାରୁ ବାହାରି ଡାକ୍ତରବାବୁ ଓ ପ୍ରବୋଧ ବାହାର କୋଠରୀକୁ ଚାଲିଆସିଲେ ।)

ଡାକ୍ତରବାବୁ — (ପ୍ରୀତିରୂପାକୁ ଦେଖି) ଆପଣ ଆସିଲେ ଆଉ ସମ୍ଭାବନା କାହିଁ ?

ପ୍ରୀତିରୂପା — ମୁଁ ଜାଣିନି । ସେ କହିଲା ତୁମେ ଯାଅ । ମୁଁ ଶୀଘ୍ର ପହଞ୍ଚିଯିବି ।

ଡାକ୍ତରବାବୁ — ହାବିଲଦାର କାହିଁ ?

ହାବିଲଦାର — ୟେସ୍ ସାର୍ ।

ଡାକ୍ତରବାବୁ — ଧିରେ ଧିରେ । ଶୁଣ ତୁମେ ଏଇଠି ଥିବ ଦରକାର ପଡ଼ିଲେ ସାମ୍ନାକୁ ଆସିବ ନହେଲେ ଚୁପଚାପ୍ ଏଇଠି ବସିଥିବ । ଆଉ ପ୍ରବୋଧ ତୁମେ ବି ଇଞ୍ଜେକ୍ସନ୍ ରେଡ୍ଡୀ କରି ରଖିଥିବ ।

ପ୍ରବୋଧ — ଇଞ୍ଜେକ୍ସନ୍‌ଟା ଲୋଡ୍ କରିଦେବି ସାର୍ ?

ଡାକ୍ତରବାବୁ — ନାନା ଖାଲି ରେଡ୍ଡୀ କରି ରଖିଥିବ । ଦରକାର ପଡ଼ିଲେ ଲୋଡ୍ କରିବ । ସମ୍ଭାବନା ଏତେବେଳଯାଏ କୁଆଡ଼େ ଗଲା ? ତାକୁ ଟିକିଏ ଫୋନ୍ କରୁନାହାନ୍ତି ?

ପ୍ରୀତିରୂପା — ମୁଁ ସେତେବେଳରୁ ଫୋନ୍ ଲଗେଇ ଚାଲିଛି କିନ୍ତୁ ସେ ତ ରିସିଭ୍ କରୁନି ।

ହାବିଲଦାର — ହୁଏତ ଗାଡ଼ି ଚଲାଉଥିବେ ତେଣୁ ଫୋନ୍ ରିସିଭ୍ ଉଠେଇପାରୁ ନଥିବେ ।

ଡାକ୍ତରବାବୁ — ପ୍ରବୋଧ ଯାଇ ଦେଖିଲୁ ସେ କ'ଣ କରୁଛନ୍ତି ? (ପ୍ରବୋଧର ପ୍ରସ୍ଥାନ) ସମ୍ଭାବନା ଆଉ କେତେ ଡେରି କରିବ କେଜାଣି ?

ପ୍ରବୋଧ — (ଫେରିଆସି) ବାବୁ ଚିତ୍ର ଆଙ୍କୁଛନ୍ତି ବୋଧହୁଏ । ଆମ ଡାକ୍ତରାଣୀ ଦିଦିଙ୍କ ଚିତ୍ର ।

ପ୍ରୀତିରୂପା — ନା ନା– ସେଇଟା ତାଙ୍କ ମା'ଙ୍କ ଚିତ୍ର । ତମ ଡାକ୍ତରାଣୀ ଦିଦିଙ୍କୁ ତ ସେ କେବେ ଦେଖି ନାହାନ୍ତି ।

ପ୍ରବୋଧ — କିନ୍ତୁ ସେଇଟା ତ ଆମ ଡାକ୍ତରାଣୀ ଦିଦିଙ୍କ ଫଟୋ ଭଳିଆ ଦିଶୁଛି ।

ଡାକ୍ତରବାବୁ — ତାଙ୍କ ମା'ଙ୍କ ଚେହେରା ବି' ସେମିତି ଥିଲା ।

ହାବିଲଦାର — ସାର୍, ଜଣେ କିଏ ବୁଢ଼ୀମା ଏଆଡ଼କୁ ଆସୁଛନ୍ତି ବୋଧହୁଏ ? ସେଇ ହୋଇଥିବ କି କ'ଣ ? (ସମସ୍ତେ ସେ ଆଡ଼କୁ ଅନେଇଲେ) (ବୁଢ଼ୀ ବେଶରେ ସମ୍ଭାବନାର ପ୍ରବେଶ)

Digitized by PPRACHIN, SOA

ଡାକ୍ତରବାବୁ : ଓହୋ କେତେ ଡେରି କରିଦେଲ ।

ସମ୍ଭାବନା ମେକ୍ଅପ୍ ମ୍ୟାନ୍ ଡେରି କରିଦେଲା । ହଉ ମାଆ କ୍ଷୀରିଗିନା ମୋତେ ଦେଇଦେ । ସାର୍ ଆପଣ ଭିତରକୁ ଯାନ୍ତୁ ବାପାଙ୍କ ପାଖରେ ରହିବେ । (ହାବିଲଦାରକୁ)ଆପଣ ଆଉ ମାଆ ଏଇଠି ରହିବେ ଡାକରା ପଡ଼ିଲେ ଭିତରକୁ ଯିବେ ନହେଲେ ନାହିଁ ।

ଡାକ୍ତରବାବୁ (ପ୍ରବୋଧକୁ) ତୁମେ ଇଞ୍ଜେକ୍ସନ୍ ରେଡ଼ୀ କରି ରଖିଥିବ । ସମ୍ଭାବନା ଆମେ ଆଗରେ ଯାଉଛୁ ତୁମେ ପଛେ ପଛେ ଆସ । ଅଲ୍ ଦି ବେଷ୍ଟ୍ । ହଁ ତୁମର ମନେଅଛି ତ, କ'ଣ ସବୁ କରିବାକୁ ହେବ ?

ସମ୍ଭାବନା (ଦୀର୍ଘଶ୍ୱାସ ମାରି) ରହନ୍ତୁ ରହନ୍ତୁ, ମୁଁ ଆଗ ଦେଖିନିଏଁ । (ଲିଷ୍ଟ ବାହାର କରି ପଢ଼ିଲେ) (ଡାକ୍ତରବାବୁ ଓ ପ୍ରବୋଧ ଭିତରକୁ ଗଲେ)

ପ୍ରବୋଧ : କ'ଣ ଆଞ୍ଚା ସରିଲା ?

ପ୍ରତୀକ ହଁ ସରିଲା, କେମିତି ଲାଗୁଛି ?

ଡାକ୍ତରବାବୁ : ଆରେ ବାଃ ବଢ଼ିଆ ହୋଇଛି ତ ? ନାଇଁରେ ପ୍ରବୋଧ । ଆଚ୍ଛା ଇଏ କ'ଣ ଆପଣଙ୍କ ମା ?

ପ୍ରତୀକ : ହଁ ମୋ ମା ! ଦେଖିଲେ ତା' କପାଳର ସିନ୍ଦୁରଟା କେମିତି ଦାଉ ଦାଉ ହୋଇ ଜଳୁଛି ।

ଡାକ୍ତରବାବୁ : ଦେଖି ଦେଖି (ଚିତ୍ରଟା ଆଣି) ପ୍ରବୋଧ ନିଅ ଚିତ୍ରଟାକୁ କାନ୍ଥରେ ଲଗାଇଦିଅ । ରୁହ ରୁହ ମୁଁ ଅଠା ଆଣିଦେଉଛି । (ତରତର ହୋଇ ବାହାରକୁ ଆସି) (ସମ୍ଭାବନାକୁ କହିଲେ) ଆରେ ତୁମ କପାଳରେ ସିନ୍ଦୂରଟୋପା ଲଗେଇନ । ସେ ଚିତ୍ରରେ ଏତେବଡ଼ ସିନ୍ଦୂରଟୋପା ଲାଗିଛି ।

ସମ୍ଭାବନା : ସର୍ବନାଶ । ଏଇନେ ସିନ୍ଦୁର ପାଇବି କେଉଁଠୁ ?

ପ୍ରୀତି : (କପାଳରୁ ଟିକିଲି ଖୋଲି) ନେ ନେ, ତୋ କପାଳରେ ମୋର ଏ ଟିକିଲିଟା ଲଗେଇଦେ (ଟିକିଲି ନେଇ ଝିଅ କପାଳରେ ଲଗେଇ ଦେଲେ) ।

ଡାକ୍ତରବାବୁ : (ଭିତରକୁ ଯାଇ) ନିଅ ନିଅ ଅଠା ନିଅ ଲଗେଇଦିଅ (କ୍ରମେ ଆଲୋକ ଚିତ୍ରପଟ ଉପରେ ଘନୀଭୂତ ହେଲା ।) (ସମ୍ଭାବନା ମା' ବେଶରେ ଭିତରକୁ ପ୍ରବେଶ କଲା । ହାତରେ କ୍ଷୀରି ଗିନା ।)

ସମ୍ଭାବନା କ୍ଷୀରି ଖାଇବୁ ପରା ପ୍ରତୀକ ? ଆଜି ମୁଁ ତୋତେ କ୍ଷୀରି ଖୁଆଇ ଦେବି ।

ପ୍ରତୀକ : (ଦେଖିଲେ ଓ ଭାବବିହ୍ୱଳ ହୋଇ) ମା', ତୁମେ ଆସିଛ ? ମୋତେ କ୍ଷମା କରିଦିଅ ମାଆ । (ପାଦ ଧିରବା)

ସମ୍ଭାବନା : ଆରେ ଆରେ ତୁ ଏ କ'ଣ କରୁଛୁ ?

ପ୍ରତୀକ : ମୋତେ ଆଜି ପ୍ରାୟଶ୍ଚିତ କରିବାକୁ ଦିଅ ମାଆ । ତୁମମାନଙ୍କ କଥା ନମାନି ଯାହାକୁ ଭଲ ପାଉଥିଲି ସେ ମୋ ସହିତ ପ୍ରତାରଣା କଲା । ମୋ ବିଶ୍ୱାସରେ ବିଷ ମିଶେଇଦେଲା । ଠାକୁର ଭଳିଆ ମୋ ବାପା ମାଆଙ୍କ ହାତରେ ହାତକଡ଼ି ପକେଇ ଦାଣ୍ଡରେ ବୁଲାଇଲା, ମୁଁ କୁଳାଙ୍ଗାର ମା', ମୋତେ କ୍ଷମା କରିଦିଅ । ମୋ ପାଇଁ ତୁମ୍ଭେମାନେ ଢେର୍ କଷ୍ଟ ପାଇଛ ।

ସମ୍ଭାବନା : ତୁ ବି' ତ କିଛି କମ୍ କଷ୍ଟ ପାଇନୁ । ତୁ ଆଜି ପର୍ଯ୍ୟନ୍ତ ଏଇଠି ବନ୍ଧା ହୋଇପଡ଼ିଛୁ ।

ପ୍ରତୀକ ତୁମେ ମୋ ପାଖକୁ ଆସିଛ ଆଉ ମୋତେ କ୍ଷମା କରିଦେଇଛ ମାନେ ମୁଁ ଆଉ ଏଠି ରହିବି କାହିଁକି ? ମୁଁ ଏଥର ଆମ ଘରକୁ ଯିବି । ହେଲେ ତୁମେମାନେ କେମିତି ଅଛ ? ଜେଲ୍‌ରୁ କେବେ ଘରକୁ ଆସିଲ ?

Digitized by PPRACHIN, SOA

ସମ୍ଭାବନା ଆମେ ଭଲରେ ଅଛୁ । ଜେଲ୍‌ରୁ ବୋହୂ ଯାଇ ଆମକୁ ମୁକୁଳେଇ ଆଣିଲା । ଏବେ ଆମେ ଆମ ବୋହୂ ସାଙ୍ଗରେ ଆସି ଘରେ ଅଛୁ ।

ପ୍ରତୀକ କ'ଣ କହିଲ ମାଆ, ବୋହୂକୁ ତୁମେ ତୁମରି ପାଖରେ ରଖିଛ ? କାହିଁକି ରଖିଛ ? ସେ ଯଦି ପୁଣିଥରେ...

ସମ୍ଭାବନା ନାରେ ପ୍ରତୀକ । ଆମେ ତାକୁ ଭୁଲ ବୁଝିଥିଲେ । ଏସବୁ ସେ କରିନି, ତା'ର ସାଙ୍ଗ ପ୍ରତ୍ୟାଶାକୁ ଲଗେଇ ତା' ବାପା ମା' ଏମିତି କରେଇଥିଲେ । ପୋଲିସ୍‌ରେ ମିଛ ଏଫାୟାର୍ ଦେଇ ଆମକୁ ହଇରାଣ କରିଥିଲେ ।

ପ୍ରତୀକ କିଏ ପ୍ରତ୍ୟାଶା ? ମୁଁ ଜାଣିଥିଲି ସିଏ ଅହଂକାରୀ ଆଉ ଉଗ୍ର । କିନ୍ତୁ ସେ ନିଜର ସ୍ୱାର୍ଥ ପାଇଁ ଏତେ ପ୍ରତିଶୋଧପରାୟଣ ହୋଇପାରିବ ସେକଥା ମୁଁ ସ୍ୱପ୍ନରେ କେବେ ଭାବି ନଥିଲି । ବୁଝିଲୁ ମାଆ ସିଏ ମୋତେ ବାହା ହେବାକୁ ଚାହିଁଥିଲା । ମୁଁ ତାକୁ ମନା କରିଦେଇଥିଲି । ସେଇଥିପାଇଁ ବୋଧହୁଏ ସେ ପ୍ରତିଶୋଧ ନେଇଗଲା ।

ସମ୍ଭାବନା ବୋହୂ ନିଜେ ଯାଇ ଥାନାରେ ତା' ନାମରେ ନାଲିସ୍ କରିବା ପରେ ପୋଲିସ୍ କେସ୍ ଉଠେଇନେଲା । ଆମକୁ ସେ ଜେଲ୍‌ରୁ ଆଣି ଘରେ ରଖିଲା । ଆମ ବୋହୂର କିଛି ଦୋଷ ନାହିଁ । ମିଛଟାରେ ଆମେ ତାକୁ ଦୋଷ ଦେଇ ଚାଲିଥିଲୁ । କିନ୍ତୁ ପୋଲିସ୍ ପାଖରୁ ସବୁକଥା ଶୁଣିଲାପରେ ଆମେ ଜାଣିଲୁ ଯେ ଷଡଯନ୍ତ୍ର ତା' ବାପା ମା'ର ।

ପ୍ରତୀକ ସେମାନେ ତ ପ୍ରଥମରୁ ଆମ ବାହାଘରକୁ ବିରୋଧ କରୁଥିଲେ କିନ୍ତୁ ବାପା ମା' ହୋଇ ନିଜ ଝିଅର ସୁଖକୁ ଏମିତି ସର୍ବନାଶ କରିଦେବେ ବୋଲି ମୁଁ ଭାବି ନଥିଲି । ପ୍ରୀତିରୂପା ତେବେ ତୁମରି ପାଖରେ ଅଛି । ସେ କେମିତି ଅଛି ?

ସମ୍ଭାବନା ସେ ଭଲ ଅଛି ।

ପ୍ରତୀକ ଆଉ ପାଉଁଜି ? ଶାଢ଼ୀ ? ସେଇ ଶାଢ଼ୀ ଆଉ ପାଉଁଜୀ ପିନ୍ଧୁଛି ନା ନାହିଁ ?

ସମ୍ଭାବନା ସେତେବେଳେ ସିନା ନାଇଁ କହୁଥିଲା ହେଲେ ତା'ପରେ ଆଉ ସେ କେବେ ବି ଡ୍ରେସ୍ ପିନ୍ଧିନି କି ପାଦରୁ ପାଉଁଜି କାଢ଼ିନି ।

ପ୍ରତୀକ ଯାହାହେଉ ଆମ ଘରର ପ୍ରତିଟି ପରମ୍ପରାକୁ ଅନ୍ଧବିଶ୍ୱାସ କହୁଥିବା ତୋର ପାଠୁଆ ବୋହୂ ଶେଷରେ ସେଇ ପରମ୍ପରାକୁ ମାନିନେଲା । କଥାରେ ନାହିଁ ଭାତ ଉତୁରିଲେ ଚୁଲିକୁ ଯାଏ ।

ସମ୍ଭାବନା ମଣିଷ ମାତ୍ରକେ ଭୁଲ୍ ହୁଏ । ଭୁଲ୍‌କୁ ସୁଧାରିନେବା ହିଁ ତ ମଣିଷ ପଣିଆ । ସେ ତା'ର ଭୁଲ୍‌କୁ ସୁଧାରି ନେଇଛି ।

ପ୍ରତୀକ ସତ ଯେ ହେଲେ ସବୁ ଭୁଲ୍‌ର ପ୍ରତିକ୍ରିୟା ତ ସମାନ ନୁହେଁ ମା' । ଏମିତି ଗୋଟିଏ ଗୋଟିଏ ଭୁଲ୍ ଅଛି ଯାହାର ସଂଶୋଧନ କରିନେଲେ ବି ସାମାଜିକ ଜୀବନ ଆଉ ସମ୍ପର୍କ ସବୁକୁ ପୁଣି ଫେରେଇ ଆଣି ହୁଏନି ।

ସମ୍ଭାବନା ନାରେ ପୁଅ ନା । ଦେଖିବୁ ଚାଲ ବୋହୂ ଆମ ସାଙ୍ଗରେ କେତେ ଖୁସିରେ ଅଛି ।

ପ୍ରତୀକ ତା'ହେଲେ ସେ ଆସିଲା ନାହିଁ କାହିଁକି ?

Digitized by PPRACHIN, SOA

ସମ୍ଭାବନା : ସେ ମୋତେ କହିଲା ଆପଣ ଯାନ୍ତୁ ମୁଁ ଆଉ ଝିଅ ମିଶି ଆଉଦିନେ ଯିବୁ ।

ପ୍ରତୀକ ଝିଅ ? କାହାର ଝିଅ ?

ସମ୍ଭାବନା ତୋର ଝିଅ ? ମୋ ନାତୁଣୀ ।

ପ୍ରତୀକ ମୋ ଝିଅ ? ମୋତେ ତ ଏକଥା ସେ କେବେ କହିନଥିଲା ?

ସମ୍ଭାବନା ସିଏ ନିଜେ ବି ତ ଜାଣିନଥିଲା ଯେ ସେ ମାଆ ହେବାକୁ ଯାଉଛି ।

ପ୍ରତୀକ ମୋ ଝିଅକୁ ଏଠାକୁ ନେଇଆସିଲ ନାହିଁ ? ମୁଁ ଦେଖିଥାନ୍ତି । ସିଏ କେତୁଟିଏ ହେଲାଣି ? ତା' ନାଁ କ'ଣ ? ଚାଲି ଶିଖିଲାଣି ନା ନାହିଁ । କଥା କହିଲାଣି ?

ସମ୍ଭାବନା ସେ କଣ ଆଉ ଏମିତି ବକଟେ ଅଛି । ସେ ଏଡ଼େବଡ଼ ହେଲାଣି, ତା' ନାଁ ସମ୍ଭାବନା । ସେ ଡାକ୍ତରୀ ପଢୁଛି ।

ପ୍ରତୀକ ଏଡ଼େବଡ଼ ହେଲାଣି ମୋ ଝିଅ ? ତା'ମାନେ ମୁଁ ଏଠି କେତେବର୍ଷ ହେଲାଣି ରହିଲିଣି ମା' ?

ସମ୍ଭାବନା ପ୍ରାୟ ୨୫ ବର୍ଷ ।

ପ୍ରତୀକ : ଅଥଚ ଏଇ କାଲି ପରି ଲାଗୁଛି ।

ସମ୍ଭାବନା : ହଉ ନେ କ୍ଷୀରି ଖାଇଦେ । ତୋର ଔଷଧ ଖାଇବାବେଳ ହେଲାଣି । (କ୍ଷୀରି ଖୁଆଇ ଦେଲେ) ଡାକ୍ତର ବାବୁ ତାକୁ ଔଷଧ ଦିଅନ୍ତୁ । ମୁଁ ଆସୁଛି । ତୁ ଶୋଇପଡ଼ ।

ପ୍ରତୀକ ତୁମେ ପୁଣି କେବେ ଆସିବ ମାଆ ? ମୁଁ ଟିକିଏ ତୁମ ସାଙ୍ଗରେ ଘରକୁ ଯାଇଥାନ୍ତି ? ମୋ ଝିଅକୁ ଦେଖିଥାନ୍ତି । ତୁମ କୋଳରେ ମଥା ରଖି ଶୋଇଯାନ୍ତି ।

ସମ୍ଭାବନା ତୋ ଦେହ ପରା ଭଲ ନାହିଁ ? ଡାକ୍ତରବାବୁ ଛାଡ଼ିବେ ନାହିଁ ।

ପ୍ରତୀକ : ନା ମା' ମୋର କିଛି ହୋଇନି । ଡାକ୍ତରବାବୁ ଏଠି ମିଛଟାରେ ମୋତେ ଅଟକାଇ ରଖିଛନ୍ତି । ମୁଁ ଥରେ ଖାଲି ସେମାନଙ୍କୁ ଦେଖିଥାନ୍ତି । ଡାକ୍ତରବାବୁ ! ମୋତେ ଟିକିଏ ଛାଡ଼ିଦିଅ । ମୁଁ ସେମାନଙ୍କୁ ଦେଖି ପୁଣି ଏଠିକି ଫେରିଆସିବି ।

ଡାକ୍ତରବାବୁ : ଠିକ୍ ଅଛି । ଆପଣ ଯଦି କିଛି ଦୁଷ୍ଟାମୀ ନ କରନ୍ତି ତା'ହେଲେ ଆପଣଙ୍କୁ ଯିବାକୁ ଅନୁମତି ଦିଆଯିବ ।

ପ୍ରତୀକ : ନା ମୁଁ ଆଦୌ ଦୁଷ୍ଟାମୀ କରିବି ନାହିଁ । ମୋ ମାଆ ପରା ମୋ ସାଙ୍ଗରେ ଅଛି । ବିଶ୍ୱାସ ହେଉନି ଯଦି ଆପଣ ବି ମୋ ସାଙ୍ଗରେ ଚାଲୁ ନାହାନ୍ତି ।

ଡାକ୍ତରବାବୁ : ମୁଁ ତ ଯିବି ହେଲେ ସେ ପୋଲିସ୍‌ବାଲାକୁ ସାଙ୍ଗରେ ନେଇ ଯିବି । ରାଜି ତ ?

ପ୍ରତୀକ : ତାକୁ ନେଇଯିବେ ? ତାକୁ ନେଇଯିବେ କାହିଁକି ?

ଡାକ୍ତରବାବୁ : ତାକୁ ନନେଲେ ମୁଁ ଯିବିନି ।

ପ୍ରତୀକ : ଠିକ୍ ଅଛି ତା'ହେଲେ ତାକୁ ନେଇ ଚାଲନ୍ତୁ ।

ସମ୍ଭାବନା : ମୁଁ ଏବେ ଆସୁଛି ପ୍ରତୀକ ।

ପ୍ରତୀକ : (ଡାକ୍ତରଙ୍କୁ) ଆମେ କାଲି ଆମ ଘରକୁ ଯିବାତ, ଡାକ୍ତରବାବୁ ?

ଡାକ୍ତରବାବୁ : ହଁ ଯିବା ।

Digitized by PPRACHIN, SOA

ପ୍ରତୀକ ଆମେ କାଲି ଯିବା ମା' ? ତୁ ଯାଆ । ହଉ ଶୁଣ । (ସମ୍ଭାବନା ଅଟକିଗଲେ) (ଚିତ୍ର ଦେଇ) ଏଇଟା ନେଇଯା କାନ୍ଥରେ ଟାଙ୍ଗିବୁ ।

ସମ୍ଭାବନା (ବାହାରକୁ ଆସି) ଓହୋ... ମଣିଷ ବଞ୍ଚିଗଲା । ଦେଲୁ ଦେଲୁ, ଟୋପେ ପାଣିଦେଲୁ । ଡରରେ ମୋ ତଣ୍ଟି ଶୁଖିଗଲାଣି । ବାପ୍‌ରେ ବାପ୍ ଆକ୍ଟିଂ କରିବା କେତେ କଷ୍ଟ ?

ଡାକ୍ତରବାବୁ (ବାହାରକୁ ଆସି) ସବୁ ବିଗିଡ଼ି ଗଲା । ତୁମେ ସବୁ ବିଗାଡ଼ି ଦେଲ

ସମ୍ଭାବନା କ'ଣ ହେଲା ସାର୍ ମୁଁ କ'ଣ କଲି ?

ଡାକ୍ତରବାବୁ ଘରକୁ ଯିବା କଥାରେ କାହିଁକି ରାଜି ହେଲ ?

ସମ୍ଭାବନା ମୁଁ ତ କିଛି କହିନାହିଁ । ଆପଣ ପରା ଅନୁମତି ଦେଲେ । ଛାଡନ୍ତୁ ସେ କଥା । ଏଇନେ କ'ଣ କରିବା କହ ବୋଉ ?

ପ୍ରୀତିରୂପା ମୁଁ କ'ଣ କରିବି ? ଗାଁରୁ କ'ଣ ମା'କୁ ଆଣିହେବନି ।

ସମ୍ଭାବନା ଜେଜେମା'ଙ୍କୁ ଆଣିବାର ହୋଇଥିଲେ ମୁଁ କ'ଣ ସାଙ୍ଗରେ ଆଣିପାରି ନଥାନ୍ତି ?

ପ୍ରୀତିରୂପା ମାଆ କ'ଣ ଆସିବାକୁ ମନା କଲେ ?

ସମ୍ଭାବନା ଜେଜେମା କେବେଠାରୁ ସ୍ୱର୍ଗକୁ ଚାଲିଗଲେଣି ?

ପ୍ରୀତିରୂପା ତା'ହେଲେ ଏବେ କ'ଣ ହେବ ?

ସମ୍ଭାବନା ଆପାତତଃ ମୁଁ ଜେଜେମା ହୋଇ ଚଳେଇନେବି ।

ଡାକ୍ତରବାବୁ ଆଉ ଝିଅ... ଝିଅଟେ କୁଆଡୁ ଆଣିବ ?

ସମ୍ଭାବନା ଝିଅକୁ ତ ବାପା ଦେଖି ନାହାନ୍ତି । ତେଣୁ ମୋ ସାଙ୍ଗମାନଙ୍କ ଭିତରୁ କାହାକୁ ବୁଝେଇଦେଲେ ୨/୩ ଘଣ୍ଟା କାମ ଚଳେଇ ଦେଇପାରିବନି ?

ଡାକ୍ତରବାବୁ ଗୁଡ୍ ଆଇଡ଼ିଆ । ତା'ହେଲେ କାଲି ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।

ସମ୍ଭାବନା ଆମ ସାଙ୍ଗରେ ପ୍ରବୋଧବାବୁଙ୍କୁ ତ ନେବାକୁ ପଡ଼ିବ ସାଙ୍ଗରେ ଇନ୍ସପେକ୍ଟର୍ ଆଉ ହାବିଲଦାରଙ୍କୁ ବି ନେବାକୁ ପଡ଼ିବ (କଥା କହି କହି ସମସ୍ତଙ୍କର ପ୍ରସ୍ଥାନ)

ପ୍ରବୋଧ (ହାବିଲଦାରଙ୍କୁ) ଏଥର ବିଛଣା କର । ମୁଁ ଭିତରକୁ ଯାଇ ଦେଖିଆସେ... । (ଭିତରକୁ ଗଲେ ପ୍ରତୀକ ଚିତ୍ର କରୁଥିଲେ) ପୁଣି କାହାର ଚିତ୍ର ଆଙ୍କୁଛନ୍ତି ?

ପ୍ରତୀକ ପ୍ରୀତିରୂପା । ମୋ ସ୍ତ୍ରୀର...

(ଧିରେ ଧିରେ ଆଲୋକ କେନ୍ଦ୍ରୀଭୂତ ହେଲା ଓ ମଉଳିଗଲା ।)

ଶେଷଦୃଶ୍ୟ

(ପ୍ରତୀକଙ୍କ ଘର । ଘର ଭିତରେ ଡାକ୍ତରବାବୁ, ପ୍ରୀତିରୂପା । ସମ୍ଭାବନା ଓ ଅନ୍ୟ ଜଣେ ଝିଅ ସୁଲେଖା)

ଡାକ୍ତରବାବୁ (ପ୍ରୀତିରୂପାକୁ) ଦେଖନ୍ତୁ ଆପଣ ବିଲ୍‌କୁଲ୍ ଡରିବେ ନାହିଁ । ୨୫ ବର୍ଷ ପୂର୍ବେ ଆପଣ ତାଙ୍କ ସହିତ ଯେମିତି ବ୍ୟବହାର କରୁଥିଲେ ଆଉ ମିନ୍ କଥାବାର୍ତ୍ତା କରୁଥିଲେ । ସେମିତି କଥାବାର୍ତ୍ତା କରିବେ । ଯା ଭିତରେ ଏ ଘର ଆଉ ପରିବାରରେ କ'ଣ ସବୁ ଅଘଟଣ ଘଟିଛି । ତା' ଉପରେ ବେଶୀ କିଛି ତାଙ୍କୁ

Digitized by PPRACHIN, SOA

କହିବେ ନାହିଁ କିମ୍ବା ତାଙ୍କୁ ମଧ୍ୟ ସେ ବିଷୟରେ କିଛି କହିବାର ସୁଯୋଗ ଦେବେ ନାହିଁ । ଆଇ ମିନ୍ ଟୁ ସେ ଦ୍ୟାଟ୍ ଆପଣ ନିଜେ ବେଶୀ ଇମୋସ୍‌ନାଲ୍ ହେବେ ନାହିଁ କି ସେ ଯେମିତି ଆଦୌ ଇମୋସ୍‌ନାଲ୍ ନ ହୁଅନ୍ତି ସେ କଥା ଉପରେ ଦୃଷ୍ଟି ରଖିବେ । ନହେଲେ ସବୁ ଗଡ଼ବଡ଼ ହୋଇଯିବ ।

ପ୍ରୀତିରୂପା : ମୋତେ ଭାରି ଡର ଲାଗୁଛି । ଆପଣମାନେ ସବୁ ପାଖେ ପାଖେ ଥିବେ ତ ?

ଡାକ୍ତରବାବୁ : ଡରିବାର ସେମିତି କିଛି କାରଣ ନାହିଁ । ଆମେ ସବୁ ସେପଟେ ଥିବୁ । ସବୁବେଳେ ପ୍ରତୀକ ବାବୁଙ୍କ ଉପରେ ଆମେ ନଜର ରଖିଥିବୁ । ଆପଣଙ୍କୁ ଖାଲି ସାବଧାନ ରହିବାକୁ ପଡ଼ିବ ମାତ୍ର ଭୟର କିଛି କାରଣ ନାହିଁ ।

ସମ୍ଭାବନା : ସାର୍, ଇଯେ ମୋ ସାଙ୍ଗ ସୁଲେଖା । କଲେଜରେ ଭଲ ଅଭିନୟ କରୁଥିଲା ।

ସୁଲେଖା : ସାର୍ ନମସ୍କାର ।

ଡାକ୍ତରବାବୁ : ସୁଲେଖା । ତୁମେ ତୁମ ବାପାଙ୍କୁ ଯେମିତି ସମ୍ମାନ ଦିଅ, ତାଙ୍କ ସହିତ ଯିମିତି କଥାବାର୍ତ୍ତା କର ସେମିତି କରିବ । ଭାବିନିଅ ଯେ ତୁମର ବାପା । କିନ୍ତୁ ମନେରଖ ବେଶୀ କଥା କହିବାକୁ ଚେଷ୍ଟା କରିବ ନାହିଁ । କିମ୍ବା ତାଙ୍କୁ ମଧ୍ୟ ବେଶୀ କଥା କହିବାର ସୁଯୋଗ ଦେବ ନାହିଁ । କାରଣ ତୁମେ ଏ ପରିବାରର ଅତୀତ ବିଷୟରେ ବେଶୀ କିଛି କଥା ଜାଣିନ ।

ସୁଲେଖା : ନାଇଁ ସାର୍, ସମ୍ଭାବନା ମୋତେ ଅନେକ କିଛି କଥା କହିଛି । ତା' ଛଡ଼ା ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଯେହେତୁ ମୁଁ ଅଳ୍ପବହୁତ ଅଭିନୟ କରିଛି ତେଣୁ ପରିସ୍ଥିତି ସହିତ ଆଡ଼ଜଷ୍ଟ କରିବା କିଛି କିଛି ଜାଣିଛି ।

ଡାକ୍ତରବାବୁ : ଠିକ୍ ଅଛି । ଆଚ୍ଛା ସମ୍ଭାବନା, ପ୍ରବୋଧ ଆସିଲେ ତାକୁ ଇଞ୍ଜେକ୍‌ସନ୍‌ଟା ରେଡ଼ୀ କରି ରଖିବାକୁ କହିବ, ଓକେ ।

ସମ୍ଭାବନା : ୟେସ୍ ସାର୍ ।

ଡାକ୍ତରବାବୁ : ଆଉ କ'ଣ ବାକି ରହିଲା ? (ଏତିକିବେଳେ ବାହାରେ ଗାଡ଼ିର ହର୍ଣ୍ଣ ଶୁଭିଲା) ସେମାନେ ଆସିଗଲେ ବୋଧହୁଏ । ସମ୍ଭାବନା ! ତୁମେ ତାଙ୍କୁ ସ୍ୱାଗତ କରି ଆଣିବ ଆଉ ତୁମ ମାଆଙ୍କ ସହ ପରିଚିତ କରାଇଦେବ । ସୁଲେଖା ତୁମେ ଏଇଠି ଥାଅ । ମୁଁ ଦେଖୁଛି ପ୍ରବୋଧ ଆସିଲାକି ନାହିଁ ? (ଏତିକିବେଳେ ତରତର ହୋଇ ହାବିଲଦାର ଭିତରକୁ ପଶିଆସିଲେ ଓ ଡାକ୍ତରବାବୁଙ୍କ ଦେଖି)

ହାବିଲ୍‌ଦାର : ସାହେବ ମୁଁ ଡ୍ୟୁଟି କେଉଁଠି ଲଗେଇବି ?

ଡାକ୍ତରବାବୁ : ସେଇ ବାରଣ୍ଡାରେ ଡ୍ୟୁଟି ଲଗାଅ । ଡାକିଲେ ଭିତରକୁ ଆସିବ । ନହେଲେ ନାହିଁ ।

ହାବିଲ୍‌ଦାର : ଜୀ ସାହେବ ।

ଡାକ୍ତରବାବୁ : ପଳେଇବ ନାହିଁ କି ଘୁମେଇ ପଡ଼ିବ ନାହିଁ । ଯାଅ ।

ହାବିଲଦାର : ଜୀ ସାହେବ । (ପ୍ରସ୍ଥାନ) (ଭିତରକୁ ଆସିଲେ ପ୍ରବୋଧ ଓ ପ୍ରତୀକ)

ଡାକ୍ତରବାବୁ : ଓ୍ୱେଲ୍‌କମ୍ ହୋମ୍ ପ୍ରତୀକବାବୁ ।

ପ୍ରତୀକ : ଥ୍ୟାଙ୍କ୍ ୟୁ ଡାକ୍ତରବାବୁ । (ମା'ଙ୍କୁ ମୁଣ୍ଡିଆ ମାରିଲେ)

ସମ୍ଭାବନା : ଇଯେ ମୋ ନାତୁଣୀ ସମ୍ଭାବନା । (ସୁଲେଖା ଆଗେଇ ଆସିଲେ ଜୁହାର ହେଲେ)

ପ୍ରତୀକ : ତୁମ ନାଁ ସମ୍ଭାବନା ?

ସୁଲେଖା : ହଁ...

Digitized by PPRACHIN, SOA

ପ୍ରତୀକ କ'ଣ ପଢୁଛ ?

ସୁଲେଖା ଡାକ୍ତରୀ ପଢୁଛି ।

ପ୍ରତୀକ ଡାକ୍ତରୀ ପାଶ୍ କରି କ'ଣ କରିବ ?

ସୁଲେଖା ଲୋକଙ୍କ ସେବା କରିବି ।

ପ୍ରତୀକ ଭେରି ଗୁଡ୍ । ଚିତ୍ର ଆଙ୍କି ଜାଣିଛ ?

ସୁଲେଖା ହଁ...(କାନ୍ଥଆଡ଼କୁ ଚାହିଁଲେ)

ପ୍ରତୀକ କାନ୍ଥରେ ଥିବା ଏଇ ଚିତ୍ର ସବୁ ତୁମେ ଆଙ୍କିଛ ବୋଧହୁଏ ?

ସୁଲେଖା କିଛି ମୋର, ଆଉ କିଛି ଆପଣଙ୍କର ।

ଡାକ୍ତରବାବୁ (ଚୁପ୍‌ଚୁପ୍ ପ୍ରବୋଧକୁ) ଇଞ୍ଜେକ୍‌ସନ୍ ଆଣିଛ ?

ପ୍ରବୋଧ ହଁ ସାର୍, ବ୍ୟାଗ୍‌ରେ ଅଛି ।

ଡାକ୍ତରବାବୁ ଶୀଘ୍ର ତାକୁ ବାହାର କରି ରେଡ଼ୀ କରି ରଖ । ଯେମିତି ଦରକାର ପଡ଼ିଲା ମାତ୍ରେ ଲୋଡ୍ କରିପାରିବ ।

ପ୍ରବୋଧ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । (ସାର୍ ଭିତରକୁ ଗଲେ)

ସମ୍ଭାବନା ପ୍ରତୀକ ! ତୋ ଝିଅର ନା କେମିତି ଲାଗୁଛି । ତା' ନାମ ମୁଁ ରଖିଛି, ସମ୍ଭାବନା !

ପ୍ରତୀକ ମୁଁ ବି ତା' ଭିତରେ ଅନେକ ସମ୍ଭାବନାକୁ ଦେଖୁଛି ମାଆ । ଡାକ୍ତର ପୁଣି ଚିତ୍ରକର । ବାଃ... କିପ୍ ଇଟ୍ ଅପ୍ ।

ସମ୍ଭାବନା : (ସୁଲେଖାକୁ) ଯାଆ ତ ମାଆ, ତୋ ବାପା ପାଇଁ ସରବତ୍ ଆଣିବୁ (ସୁଲେଖାର ପ୍ରସ୍ଥାନ) ଇୟେ ପ୍ରୀତିରୂପା । ଡାକ୍ତରବାବୁ ଭିତରକୁ ଆସନ୍ତୁ ଚା' ପିଇବେ । (ସମସ୍ତଙ୍କର ପ୍ରସ୍ଥାନ କେବଳ ପ୍ରତୀକ ଓ ପ୍ରୀତିରୂପା ରହିଲେ)

ପ୍ରୀତିରୂପା : (ଜୁହାର ହେଲା)

ପ୍ରତୀକ : ଉଠ ଉଠ...

ପ୍ରୀତିରୂପା ମୋତେ କ୍ଷମା କରିଦିଅ ପ୍ରତୀକ । କେବଳ ମୋରି ଗୋଟିଏ ଭୁଲ୍ ପାଇଁ ଆମର ଏ ସଂସାର ଉଜୁଡ଼ି ଗଲା ।

ପ୍ରତୀକ : କ୍ଷମା ତ ମୋର ମାଗିବା କଥା । ଏତେଦିନ ଧରି ମୁଁ ତୁମକୁ ଭୁଲ୍ ବୁଝିଥିଲି ।

ପ୍ରୀତିରୂପା : ପ୍ରତୀକ ! ତୁମେ ମୋତେ ଠିକ୍ କହୁଥିଲ, ବରଂ ମୁଁ ତୁମକୁ ଭୁଲ୍ ବୁଝିଥିଲି । ମୋ ଭିତରେ ଥିବା ଶିକ୍ଷାର ଅହଂକାର, ଅନ୍ୟମାନଙ୍କ ପ୍ରତି ମୋ ମନ ଭିତରେ ଜମି ରହିଥିବା ହେୟ ମନୋଭାବ ଆଉ ସବୁଠାରୁ ବଡ଼ ଭୁଲ୍ ଥିଲା ଯେ ସେତେବେଳେ ତୁମକୁ ମୁଁ ଏକାନ୍ତ ଭାବେ ନିଜର କରି ରଖିବାକୁ ଚାହୁଁଥିଲି ଆଉ ସେ ଲାଳସା ମୋତେ ସ୍ୱାର୍ଥପର କରିଦେଇଥିଲା । ବାପାମା ପରିବାର ଏ ସବୁ ଯେ ତୁମର ଭଲପାଇବାର ସୀମାରେଖା ଭିତରେ ଆବୋରି ରହିଛି ସେ କଥା ମୁଁ ଜାଣି ନଥିଲି । ସେତେବେଳେ ଏଇ ବିରାଟ ପୃଥିବୀରେ କେବଳ ତୁମେ ଆଉ ମୁଁ କୁ ଛାଡ଼ିଦେଲେ ଆଉ ମୋତେ ଯେମିତି କିଛି ଦେଖାଯାଉ ନଥିଲା ।

ପ୍ରତୀକ ନା ପ୍ରୀତି ! ଭଲ ପାଇବାର ରାସ୍ତା ଏତେଟା ସଂକୀର୍ଣ୍ଣ ନୁହେଁ । ଆକାଶ ଭଳି ବିଶାଳ । ଭଲ ପାଇବାର ସେଇ ବିଶାଳ ସାମ୍ରାଜ୍ୟ ଭିତରକୁ ଥରେ ପଶିଆସିଲେ ମଣିଷର ମନ, ହୃଦୟ, ଦୃଷ୍ଟିକୋଣ

Digitized by PPRACHIN, SOA

ସବୁଥିରେ ସେଇ ବିଶାଳତାର ହିଁ ରୂପାନ୍ତର ଘଟେ ବୋଲି ମୋର ବିଶ୍ୱାସ । ଯିଏ ଜଣକୁ ଭଲ ପାଇ ପାରିଲା, ସଂସାରକୁ ଭଲ ପାଇବାଟା ତାକୁ ଶିଖେଇବାକୁ ପଡ଼େ ନାହିଁ । ଭଲ ପାଇବା କେବଳ ଏକ ବ୍ୟକ୍ତିଗତ ଅନୁଭୂତି ନୁହେଁ ବରଂ ସାମଗ୍ରିକ ଚେତନାର ସ୍ୱତଃସ୍ଫୁର୍ତ୍ତ ଅଭିବ୍ୟକ୍ତି । ସେଇ ଅନୁଭୂତିର ରଙ୍ଗରେ ମୁଁ ମୋର ଛୋଟିଆ ସଂସାରର କ୍ୟାନ୍‌ଭାସ୍‌ରେ ରଙ୍ଗ ଭରିଦେବି ବୋଲି ପ୍ରେମିକା ମଥାରେ ସିନ୍ଦୂର ପିନ୍ଧେଇ ତାକୁ ସ୍ତ୍ରୀର ମର୍ଯ୍ୟାଦା ଦେଲି । ଭାବିଥିଲି ବାପା, ମାଆ, ଭାଇ ବଂଧୁ ସମସ୍ତଙ୍କୁ ନେଇ ମୋ କ୍ୟାନ୍‌ଭାସ୍‌ର ଫ୍ରେମ୍‌ଟି ଏଥର ଖୁବ୍ ସୁନ୍ଦର ଲାଗିବ । ଭରପୂର ଲାଗିବ । ହେଲେ ସେଇ ପ୍ରେମିକା, ମଥାରେ ସିନ୍ଦୂର ନାଇ ସାରିଲାପରେ ନା ଆଉ ପ୍ରେମିକା ହୋଇ ରହିଲା, ନା ହୋଇପାରିଲା ଘରଣୀ... ମୋ ସ୍ୱପ୍ନର କ୍ୟାନ୍‌ଭାସ୍‌ଟା ପୁରାପୁରି ଅଙ୍ଗାର ପାଲଟିଗଲା ।

ପ୍ରୀତିରୂପା ଆଉ ସେ କଥା କୁହନା ପ୍ରତୀକ । ଅତୀତକୁ ଅତୀତ ହୋଇ ରହିବାକୁ ଦିଅ । ଚାଲ ଏବେ ଆମେ ପୁଣିଥରେ ସେଇ କ୍ୟାନ୍‌ଭାସ୍‌ରେ ନୂଆ ରଙ୍ଗ ଭରିଦେବା ।

ପ୍ରତୀକ : ତୁମେ କ'ଣ ପଢ଼ିନ...ସମୟ ଗତିର ସୁଅ, ନଦୀର ବୋହିଯିବା ପାଣି, ଧନୁରୁ ଖସିଯିବା ତୀର ଆଉ କେବେ ଫେରିଆସେ ନାହିଁ । ମୋ ସ୍ୱପ୍ନର କ୍ୟାନ୍‌ଭାସ୍‌ଟା ପୁରା କଳାପଡ଼ିଯାଇଛି ।

ପ୍ରୀତିରୂପା ଠିକ୍ ଅଛି । ସେଇ କଳା ରଙ୍ଗ ଉପରେ ଦୁଇଟି ଅଧାଜହ୍ନର ନାଲିରେଖା ଆଙ୍କି ଦେଇ ତାକୁ ଜଗନ୍ନାଥଙ୍କ ଅଧରର ସ୍ମିତ ହସରେ ତ ତୁମେ ରୂପାନ୍ତରିତ କରିଦେଇପାରିବ ?

ପ୍ରତୀକ ହଁ ହଁ ପାରିବି ପାରିବି । ଆଉ ସେଇ ନାଲିରଙ୍ଗ ନେବି ତୁମ କପାଳର ଏଇ ସିନ୍ଦୁର ଟୋପାରୁ ।...(ମୁହଁ ଟେକି ଧରିଛି) ଆହା...ତୁମ ସିନ୍ଦୂର ଟୋପା ଆଜି ଠିକ୍ ପୁନେଇଁ ଜହ୍ନ ଭଳି ଚକ୍‌ଚକ୍ କରୁଛି । ମୋ ମାଆ ମଥାର ସିନ୍ଦୂର ଟୋପା ପରି । (ଭାବାନ୍ତର) । ହେଲେ ମୋ ମାଆ । ମାଆର କପାଳରେ ତ ସିନ୍ଦୂର ନଥିଲା...ମାଆ ସିନ୍ଦୂର ପିନ୍ଧିନଥିଲା କାହିଁକି ? କ'ଣ ଭୁଲି ଯାଇଥିଲା ନା ଅନ୍ୟ କିଛି କାରଣ ଥିଲା ? (ଭିତର ଘରକୁ ଧାଇଁଗଲା) (ସମ୍ଭାବନାକୁ ଧରି) ମା' ମା' ତୋ ମଥାର ସିନ୍ଦୂର କାହିଁକି ନାହିଁ ? ତୁ କାହିଁକି ସିନ୍ଦୂର ପିନ୍ଧିନୁ ? ମୋ ବାପା କାହାନ୍ତି ? (ତାକୁ ହଲେଇ ଦେଲାବେଳକୁ ମୁଣ୍ଡରୁ ଓଢ଼ଣୀ ଖସିଯାଇଛି) ତୁ ତ ମୋ ମାଆ ନୁହେଁ କହ କହ ତୁ କିଏ ?

ସମ୍ଭାବନା : (ଡରରେ) ତୁମ ଝିଅ ସମ୍ଭାବନା ।

ପ୍ରତୀକ : (ଚିତ୍କାର କରି) ଆଃ...ପୁଣି ମିଛ, ପୁଣି ଛଳନା । ବାପା କାହାନ୍ତି କହ ? ସତ କହ ମୋ ବାପା, ମାଆ କାହାନ୍ତି ?

ସମ୍ଭାବନା ସେମାନେ ଆଉ ନାହାନ୍ତି ।

ପ୍ରତୀକ : ତୁମେମାନେ ତାଙ୍କୁ ମାରିଦେଇଛ (କାନ୍ଥରେ ଲାଗିଥିବା ସ୍ତ୍ରୀର ଚିତ୍ରକୁ ଚିରିଦେଇ) ମୋତେ କ୍ଷମା କରିଦିଅ ମା... ।

ଡାକ୍ତରବାବୁ : ପ୍ରବୋଧ ଇଞ୍ଜେକ୍‌ସନ୍ ଦିଅ, ଆଉ ୧୦୮ ଆମ୍ବୁଲାନ୍‌ସକୁ ଫୋନ୍ କର । ହାବିଲଦାର ଜଲ୍‌ଦି । (ଇଞ୍ଜେକ୍‌ସନ ଦେଲେ) (ପ୍ରତୀକ ସ୍ୱାଭାବିକ ହେଲେ । (ସମ୍ଭାବନା ଚାଲିଯାଉଥିଲା ତାର ପଣତ ପ୍ରତୀକର ହାତମୁଠାରେ ରହିଯାଇଥିଲା)

ପ୍ରତୀକ : (ସ୍ୱର ବଦଳିଗଲା) ଶୁଣ...ସମ୍ଭାବନା ! ତୁ ଝିଅ ମୋ ଖାଲି ନୁହେଁ । ତୁ ସମ୍ଭାବନା... ତୋ'ରି ଭିତରେ ଅଛି ଅନେକ ସମ୍ଭାବନାର ସ୍ୱର । ଅନେକ ଆଶାର କିରଣ । ଅନେକ ସ୍ୱପ୍ନର ବର୍ଣ୍ଣାଳୀ ।

Digitized by PPRACHIN, SOA

ଭବିଷ୍ୟତର ଅନେକ କିଛି ସମ୍ଭାବନାର ସମ୍ଭାବନା ତୁ । ଅଥଚ ତୁ ମିଛ କହିଲୁ ? ସତ୍ୟକୁ ଭଣ୍ଡେଇ ଦେବାର ପ୍ରୟାସ କଲୁ ?

ସମ୍ଭାବନା : ମୋତେ କ୍ଷମା କରିଦିଅ ବାପା ।

ପ୍ରତୀକ କ୍ଷମା ଯଦି ମାଗିବା କଥା ମୋତେ ନୁହେଁ ମାଆ, ତୁ ନିଜଠାରୁ କ୍ଷମା ମାଗିନେ । ନିଜର ଅନ୍ତରାତ୍ମାଠାରୁ ଅନୁଶୋଚନାର ଲୁହ ନିଗାଡ଼ି ପ୍ରାୟଶ୍ଚିତ କରିନେ । କାରଣ ତୁ ଖାଲି ମୋ ଝିଅ ନୁହେଁ ତୁ ପରା ଓଡ଼ିଶା ଦେଶର ଝିଅ । ଓଡ଼ିଆ ଜାତିର ସମ୍ଭାବନା । ତୋରି ଆଖିରେ ଭବିଷ୍ୟତର ଅନେକ ସ୍ୱପ୍ନ ଦେଖୁଛନ୍ତି ଆମର ସାମାଜିକ ପରମ୍ପରା, ଆଉ ଆମ ପାରିବାରିକ ସମ୍ପର୍କମାନେ । ସେମାନଙ୍କ ପାଇଁ ତୁ ଅନେକ ସମ୍ଭାବନାର ପ୍ରତୀକ ଆଉ ଏଇ ପ୍ରତୀକର ସମ୍ଭାବନା ବି ତୁ । ମୋର ଏଇ କେଇପଦ କଥାକୁ ତୁ ମନେରଖିଥିବୁ ମାଆ । ଜଣେ ଆଧୁନିକା, ଶିକ୍ଷିତା, ସ୍ୱାଧୀନଚେତା ଝିଅ ତୁ । ତୁ ଆଜି ଝିଅ ଅଛୁ କାଲି କାହାର ସ୍ତ୍ରୀ ହେବୁ, କାହାର ବୋହୂ ବି ହେବୁ । ତୋ' ଭିତରେ ଆପଣାର ଦକ୍ଷତା, କୃତିତ୍ୱ, ସ୍ୱାଭିମାନ, ଆଉ କର୍ତ୍ତବ୍ୟବୋଧକୁ ନେଇ ଅହଂକାର କରିବା ପାଇଁ ଅନେକ କିଛି ଉପାଦାନ ଅଛି । ତଥାପି ପରିବାର ଉପରେ ନିଜର କର୍ତ୍ତୃତ୍ୱ ଜାହିର ନକରି ଗୁରୁଜନମାନଙ୍କ ନିକଟରେ ନିଜର ଅହଂକାରକୁ ସମର୍ପଣ କରି ନିଜର ସମସ୍ତ ଇଚ୍ଛା ପୂରଣ କରିବାକୁ ପ୍ରୟାସ କରିବୁ ।

ସମ୍ଭାବନା ଚେଷ୍ଟା କରିବି ।

ପ୍ରତୀକ ଆଉ ସେଥିପାଇଁ ନିଜେ ଅନେକ କିଛି ପାଇବା ଅପେକ୍ଷା ଅନ୍ୟମାନଙ୍କୁ ଅନେକ କିଛି ବାଣ୍ଟିପାରିବା ଉପରେ ଅଧିକ ଗୁରୁତ୍ୱ ଦେବୁ ।

ସମ୍ଭାବନା ବୁଝିପାରିଲିନି ବାବା ।

ପ୍ରତୀକ ଅନ୍ୟକୁ ସୁଖ ଦେଇ ନିଜେ ସୁଖ ସାଉଁଟିବାର ଚେଷ୍ଟା କରିବୁ ମାଆ । ପରିବାରକୁ ହସେଇ, ନିଜେ ହସିବାର ପ୍ରୟାସ କରିବୁ । ସମସ୍ତଙ୍କ ସୁଖ ଦୁଃଖରେ ସାମିଲ ହୋଇ ନିଜ ସୁଖ ଦୁଃଖକୁ ବାଣ୍ଟିବାରେ ଯତ୍ନବାନ ହେବୁ । ଏହାହିଁ ଆମ ପରମ୍ପରା ଆମ ସଭ୍ୟତାର ଚାବିକାଠି ।

ସମ୍ଭାବନା ଏଥର ବୁଝିଗଲି ବାବା ।

ପ୍ରତୀକ ଆଉ ଗୋଟିଏ କଥା ମନେରଖିବୁ ମା ! ତୁ ବୋହୂ ହେଲାପରେ ତୋ ସ୍ୱାମୀର ବାପାମା'ଙ୍କୁ ଶ୍ୱଶୁର ଶାଶୁ ନୁହଁ ବରଂ ନିଜର ବାପା ମା' ଭଳି ଭାବିବୁ । ତାଙ୍କୁ ସେମିତି ସମ୍ମାନ ଦେବୁ । ତାଙ୍କ ପରିବାରକୁ ନିଜର ପରିବାର ଭଳି ଭଲ ପାଇବୁ । ଆଉ ବଡ଼ ହୋଇ ଘରକୁ ବୋହୂ ଆଣି ଯେତେବେଳେ ତୁ ନିଜେ ଶାଶୁ ପାଲଟିଯିବୁ ସେତେବେଳେ ତୋ ବୋହୂକୁ ବୋହୂ ନୁହେଁ ନିଜର ଝିଅ ଭଳି ଭଲ ପାଇବୁ । ତାକୁ ସେମିତି ସ୍ନେହ କରିବୁ । ତା'ର ସବୁ ସୁଖଦୁଃଖ, ଅଳି ଅର୍ଦ୍ଦଳକୁ ମା' ଭଳି ସହିବୁ । ତା'ର ମନ ନେଇ ବନ୍ଧୁଭଳି ତାକୁ ଆପଣାର କରିବୁ । ଏତିକି ମନେରଖିବୁ ତୋର ଏ ପାଖର ସମ୍ପର୍କ ଯେତିକି ମଧୁର ହେବ ଆରପାଖର ସମ୍ପର୍କ ବି ଠିକ୍ ସେମିତି ମଧୁର ହେବାକୁ ବାଧ ହେବ । କଥାରେ ଅଛି ତ "ଦେଇଥିଲେ ପାଇ" ।

ଆଉ ଏତିକି କଥା ତୁ ଯଦି କରିପାରୁ ତା' ହେଲେ ମୁଁ ସ୍ଥିରନିଶ୍ଚିତ ଯେ ତୋର ଏ ଉଦାହରଣ ସମାଜରେ ନୂଆ ଆଶାର ସମ୍ଭାବନା ସୃଷ୍ଟି କରିବ । ପ୍ରତ୍ୟେକ ପରିବାରର ଶାଶୁ ବୋହୂ ଯେଉଁଦିନ ମା' ଝିଅ ହୋଇଯାଇପାରିବେ ସେଦିନ ଆମ ସମାଜରୁ ନାରୀ ନିର୍ଯ୍ୟାତନା ଆଉ ଯୌତୁକ ଯନ୍ତ୍ରଣା ଭଳି ମହାମାରୀ ଆପେ ଆପେ ଲୋପ ପାଇଯିବ । ନହେଲେ ଆଇନର ସେଇ ଅନ୍ଧମୁହାଁଣିରେ

Digitized by PPRACHIN, SOA

ପଶ୍ଚିମା ପବନର ସେଇ ଉତ୍କଟ ବ୍ୟକ୍ତି-ସ୍ୱାଧୀନତା, ପଶ୍ଚିମ ଦୁଆର ଠେଲି ଆମ ସଭ୍ୟତାରେ ଗଢ଼ି ଉଠିଥିବା ସବୁ ସମ୍ପର୍କ ଆଉ ସମ୍ଭାବନାର ଅନ୍ୟ ଦୁଆରଗୁଡ଼ିକୁ ଚିରଦିନ ପାଇ ବନ୍ଦ କରିଦେବ । ନା ଉଇଁବ ଆଶାର ସୂରୁଜ ନା ବୋହିବ ସମ୍ଭାବନାର ମଳୟ, ପଶ୍ଚିମ ଦୁଆର ଠିଆମେଲା ଥିବ ଅଥଚ ବାକି ଦୁଆର ସବୁରେ ପଡ଼ିଯିବ ତାଲା ।

(ଆମ୍ବୁଲାନ୍ସର ସାଇରନ୍ ବାଜିଲା)

ଚୌକିଦାର : ହୁସିଆର, ସାବଧାନ । ପଶ୍ଚିମ ଦୁଆର ଠିଆମେଲା ଅଛି ହୋ... ଗାଁ ବାଲା... ଜାଗିରୁହ, ହୁସିଆର ରୁହ ।

ସମସ୍ତେ : ତା'ହେଲେ କ'ଣ କିଳିଦେବା ପଶ୍ଚିମ ଦୁଆର ?

ଚୌକିଦାର : ତୁମେ ଜାଣ, ତୁମେ କ'ଣ ଚାହଁ ।

ସମସ୍ତେ : ତା'ହେଲେ ବିଜ୍ଞାନ, ପ୍ରଯୁକ୍ତି, ବୈଷୟିକ ଶିକ୍ଷା, ଯନ୍ତ୍ରପାତି, ତା'ର କ'ଣ ହେବ ?

ଚୌକିଦାର : ତୁମେ କୁହ ଆଗେ ସଦ୍‌ଜ୍ଞାନ ନା ବିଜ୍ଞାନ ? ଆଗେ ସୂକ୍ତି ନା ପ୍ରଯୁକ୍ତି ? ଆଗେ ବିଷୟ ନା ବୈଷୟିକ ଶିକ୍ଷା ? ଆଗେ ମନ୍ତ୍ର ନା ଆଗେ ଯନ୍ତ୍ର ? କ'ଣ ଚାହଁ ତୁମେ ?

୧ମ ଓ ୨ୟ : ବିଜ୍ଞାନ, ବୈଷୟିକ ଜ୍ଞାନ, ଯନ୍ତ୍ରପାତି ବିନା ଆଧୁନିକ ଜୀବନ ଯେ ମୂଲ୍ୟହୀନ ।

୩ୟ ଓ ୪ର୍ଥ : ସ୍ୱାଧୀନତା ଆଉ ବ୍ୟକ୍ତି ଅଧିକାର ବିନା ଜୀବନ ଯେ ସ୍ୱାଦହୀନ ।

ସମସ୍ତେ : ସେମାନଙ୍କୁ ଅଧିକାର ଦିଅ । ସେମାନଙ୍କର ଅଧିକାର ଏକାନ୍ତ ପ୍ରୟୋଜନ ।

ଚୌକିଦାର : ମୁଁ ବି ଚାହୁଁଛି ସେମାନଙ୍କୁ ଅଧିକାର ଦିଅ । ସେଇ ଅଧିକାର, ସେଇ ବ୍ୟକ୍ତିଗତ ଅଧିକାର ଯାହା ବ୍ୟକ୍ତିଗତ କର୍ତ୍ତବ୍ୟର ଉତ୍ତରଦାୟିତ୍ୱକୁ ବହନ କରେ । ସେଇ ସ୍ୱାଧୀନତା ଯେମିତି କେବେବି ସ୍ୱେଚ୍ଛାଚାରିତାରେ ପରିଣତ ନହୁଏ । ସେଇ ବିଜ୍ଞାନ ଯେମିତି ପରମାଣୁ ବିଧ୍ୱଂସର ବାର୍ତ୍ତା ବହନ କରି ନ ଆଣେ । ସେଇ ବୈଷୟିକ ଶିକ୍ଷା ଯେମିତି ମଣିଷକୁ ଯନ୍ତ୍ର ମାନବରେ ପରିଣତ କରିବାକୁ ବାଧ ନକରେ । ସେହି ଯନ୍ତ୍ର ଯେମିତି ମାରଣାସ୍ତ୍ର ହୋଇ ସଭ୍ୟତାକୁ ଆତଙ୍କିତ କରିବାର ପ୍ରୟାସ ନକରେ । ମୁଁ ବି କହୁଛି ସେମାନଙ୍କୁ ଅଧିକାର ଦିଅ । ସମସ୍ତଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ଦିଅ । କିନ୍ତୁ ଅଗ୍ରାଧିକାର ଦିଅ, ସ୍ନେହ, ପ୍ରେମ ଆଉ ମାନବିକତାକୁ । ଅଗ୍ରାଧିକାର ଦିଅ, ତ୍ୟାଗ, ଶାନ୍ତି ଆଉ ଭାଇଚାରା ପାଇଁ । ଏହାହିଁ ଆମର ପରମ୍ପରା, ସଂସ୍କୃତି । ଆମ ସଭ୍ୟତାର ଅମୂଲ୍ୟ ଦର୍ଶନ ଆଉ ନିଦର୍ଶନ । ନାରୀକୁ ସମ୍ମାନ ଦେଇ ଯେମିତି ନାରୀ ନିର୍ଯ୍ୟାତନାକୁ ଲୋପ କରିହେବ ସେମିତି ପରସ୍ପରକୁ ଭଲ ପାଇପାରିଲେ ବିଶ୍ୱାସ କଲେ ହିଁ ଦେଶ, ପରିବାର ହସିଉଠିବ । ଭୋଗ ନୁହେଁ ତ୍ୟାଗ ହିଁ ଆମର ମୂଳମନ୍ତ୍ର... । ତେଣୁ କହୁଛି ।

ଖୋଲା ଥିଲେ ଥାଉ ପଛେ ପଶ୍ଚିମ ଦୁଆର । ପବନଟା କିନ୍ତୁ ବୋହୁଥାଉ ସଦାବେଳେ ପୂରୁବ ଦିଗରୁ, ବୋହିଆଣୁ ଅନେକ ଆଶାର ସୁନେଲି କିରଣ । ବ୍ୟକ୍ତି ଶାନ୍ତି, ଆଣୁ ବିଶ୍ୱ ଶାନ୍ତି । ବିଶ୍ୱ ତୃପ୍ତିରେ ବ୍ୟକ୍ତି ତୃପ୍ତ ହେଉ । ବ୍ୟକ୍ତି ସ୍ୱାଧୀନତା ଅନ୍ୟର ସ୍ୱାଧୀନତାକୁ ଧ୍ୱଂସ ନକରୁ ବରଂ ସମ୍ମାନ ଦେଇଶିଖୁ ।

ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ

ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

Digitized by PPRACHIN, SOA

ଜନନୀ ଜନ୍ମଭୂମିଶ୍ଚ

(ସଙ୍ଗୀତଧର୍ମୀ ନାଟ୍ୟ ପ୍ରଯୋଜନା)

Digitized by PPRACHIN, SOA

ପାତ୍ର ପରିଚୟ

୧.	କୋରସ	ସମସ୍ତେ କୋରସ ଭାବେ ଗୋଟିଏ ପ୍ରକାର ପୋଷାକ ପରିଧାନ କରିପାରିବେ ବା ପ୍ରୟୋଜନ ସ୍ଥଳେ ୪/୬ ଜଣ କୋରସ ଏକା ପ୍ରକାରର ପୋଷାକ ପିନ୍ଧିବେ ଓ ଅନ୍ୟ ଚ଼ରିତ୍ରମାନେ ଭିନ୍ନ ଭିନ୍ନ ପୋଷାକ ପିନ୍ଧିବେ ।
୨.	ଦର୍ଶକ	୩ ଜଣ ଦର୍ଶକ ବିଭିନ୍ନ ପୋଷାକ ପିନ୍ଧି ସାଧାରଣ ଦର୍ଶକ ଭାବେ ଭିନ୍ନ ଭିନ୍ନ ସାଧାରଣ ଦର୍ଶକଙ୍କ ଭିତରେ ବସିଥିବେ ।
୩.	ଦୁର୍ଯ୍ୟୋଧନ	କୌରବ ରାଜପୁତ୍ର - ଶ୍ରୀ ଶିବାଜୀ ପଟ୍ଟନାୟକ
୪.	ଯୁଧିଷ୍ଠିର	ପାଣ୍ଡବଙ୍କ ଜ୍ୟେଷ୍ଠପୁତ୍ର - ଶ୍ରୀ ରାଜେଶ ମହାନ୍ତି
୫.	କୃଷ୍ଣ	ଦ୍ୱାରୀକାଧି ପତି - ଶ୍ରୀ ମିହିର କୁମାର ସ୍ୱାଇଁ
୬.	ଶକୁନି	ଦୁର୍ଯ୍ୟୋଧନଙ୍କ ମାତୁଳ - ଶ୍ରୀ ସ୍ୱପ୍ନେଶ୍ୱର ପ୍ରଧାନ
୭.	କର୍ଣ୍ଣ	ଅଙ୍ଗରାଜ, ଦୁର୍ଯ୍ୟୋଧନଙ୍କ ମିତ୍ର - ଶ୍ରୀ ଅନନ୍ତ ମିଶ୍ର
୮.	ବିଦୁର	କୌରବ ମନ୍ତ୍ରୀ, କୃଷ୍ଣ ଭକ୍ତ - ଶ୍ରୀ ଗୌରୀଶଙ୍କର ଦାସ
୯.	ଅର୍ଜୁନ	ଶ୍ରୀ ବଳରାମ, ଭୀମ - ଶ୍ରୀ କୃପାସିନ୍ଧୁ ମହନ୍ତ, ନକୁଳ - ଶ୍ରୀ ଚିତ୍ତରଞ୍ଜନ ପଣ୍ଡା, ସହଦେବ - ଶ୍ରୀ ଶରତ ବସନ୍ତରା
୧୦.	ଧୃତରାଷ୍ଟ୍ର	କୌରବାଧିପତି - ଶ୍ରୀ ରମାକାନ୍ତ ଦାସ
୧୧.	କୁନ୍ତୀ	ପଣ୍ଡୁ ପତ୍ନୀ, ଯୁଧିଷ୍ଠିରଙ୍କ ମାତା - ଶ୍ରୀ ରଜନୀ ମିଶ୍ର
୧୨.	ଦ୍ରୌପଦୀ	ଯୁଧିଷ୍ଠିରଙ୍କ ପତ୍ନୀ, କୃଷ୍ଣଙ୍କ ସଖୀ - ଶ୍ରୀ ସୁବାସ ସାହୁ
	ନିର୍ଦ୍ଦେଶନା	ଶ୍ରୀ ଚୌଧୁରୀ ଜୟପ୍ରକାଶ ଦାସ
	ସହ ନିର୍ଦ୍ଦେଶନା	ଶ୍ରୀ ମିହିର କୁମାର ସ୍ୱାଇଁ
	ସଙ୍ଗୀତ	ଶ୍ରୀ ରାମହରି ଦାସ ଓ ଶ୍ରୀ ଚୌଧୁରୀ ଜୟପ୍ରକାଶ ଦାସ
	ମଞ୍ଚ ସ୍ୱର୍ଗତ	ଶ୍ରୀ ଲକ୍ଷ୍ମୀଧରଣ ମହାରଣା

ପୋଷାକ ଓ ରୂପସଜ୍ଜା ଶ୍ରୀ ମିହିର କୁମାର ସ୍ୱାଇଁ ଓ ଶ୍ରୀ ରମାକାନ୍ତ ଦାସ

ପ୍ରଥମ ପ୍ରଯୋଜନା ନାଟକ ବିଭାଗ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପ୍ରେକ୍ଷାଳୟ

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

ଗଣେଶ ବନ୍ଦନା

ହେ ଗଜାନନ ପାର୍ବତୀ ନନ୍ଦନ
ମୂଷିକ ବାହନ, ବିଘ୍ନ ବିନାଶନ ।
ଆୟୁଧ ଧରିଣ, ଆସ ଅବତରି
କରୁଛୁ ପ୍ରାର୍ଥନା, ଆମ୍ଭେ କରଯୋଡ଼ି ।
ହେ ଗଜାନନ... (ଘୋଷା)
ଶୁଭାଶୀଷ ଦେଇ, ଅନୁମତି ଦେଲେ
ନାଟକ ଆମର କରିବୁ ଆରମ୍ଭ
ମହାଭାରତର ଭାରତୀ ଗାଥାରୁ
କିଞ୍ଚିତ ମାତ୍ରକେ କରିବୁ ବଖାଣ ।୧
ହେ ଗଜାନନ...
ଉପସ୍ଥିତ ରହି ଦେଖିବ ନାଟକ
ଦୋଷା ଦୋଷ ଆମ୍ଭ ନ ଧରିବ ହେ
ଆଶୀର୍ବାଦ କର ଏ ନାଟମଣ୍ଡଳୀ
ନାଟ ପ୍ରଦର୍ଶନ କରୁଥାଉ ହେ... ।୨
ହେ ଗଜାନନ...
ନାଟକର ନାମ ରଖିଅଛୁ ଆମ୍ଭେ
ଜନନୀ ଜନ୍ମ ଭୂମିଶ୍ଚ...
ନଟନଟୀ ସବୁ ପ୍ରସ୍ତୁତ ହେଲେଣି
କରୁଅଛୁ ଏବେ ନାଟକ ଆରମ୍ଭ ।୩
ହେ ଗଜାନନ...

(ନାଟକ ଆରମ୍ଭ ହୁଏ, କୋରସ ଚରିତ୍ରମାନଙ୍କଠାରୁ ।
ମଞ୍ଚରେ ଆଲୋକ ଆସିବା ପରେ ଘୋଷଣା ହୁଏ)

କୋରସ (୧) : ହେ ସୁଧିବୃନ୍ଦ !

ଆପଣମାନେ ନିଶ୍ଚେ ଉପଲବ୍ଧି କରିଥିବେ, ଯେତେବେଳେ ଆପଣମାନଙ୍କ ପରିବାର ଉନ୍ନତିର ପାହାଚ ଚଢିବାକୁ ଆରମ୍ଭକରେ, ସେତେବେଳେ ଆପଣଙ୍କର କିଛି ପ୍ରତିବେଶୀ ତାହାକୁ ଧ୍ୱଂସ କରିବାର ଚେଷ୍ଟା କରି ଭାଇ ଭାଇଙ୍କ ମଧ୍ୟରେ ଅନ୍ତଃଦ୍ୱନ୍ଦ୍ୱ ସୃଷ୍ଟି କରନ୍ତି । ଫଳରେ ଆପଣମାନଙ୍କ ମଧ୍ୟରେ କ୍ରମେ ମତାନ୍ତର ଓ ମନାନ୍ତର ସୃଷ୍ଟି ହୋଇ ହୋଇ ବେଳେବେଳେ ହତ୍ୟା ରକ୍ତପାତର ଘଟଣା ଘଟିବାର ମଧ୍ୟ ଦେଖିବାକୁ ମିଳିଥାଏ ।

କୋରସ (୨) : ଏଇଭଳି ଧ୍ୱଂସକାରୀ ଶକ୍ତି କେବଳ ପରିବାର ନୁହେଁ ପ୍ରୟୋଜନ ବେଳେ, କେତେ ରାଜ୍ୟ, ସାମ୍ରାଜ୍ୟର ଧ୍ୱଂସ କରିବାପାଇଁ ମଧ୍ୟ ପଶ୍ଚାଦପଦ ହୋଇନାହାନ୍ତି । ଭାରତର ଭାଗ୍ୟାକାଶରେ, ଏଇଭଳି ଶକ୍ତିମାନେ ପଂଚନଦୀ ଅଞ୍ଚଳର ସ୍ୱାତନ୍ତ୍ର୍ୟ ଦାବୀରେ ଭାରତକୁ ଖଣ୍ଡବିଖଣ୍ଡ କରିବାର ପ୍ରୟାସ କରିଛନ୍ତି ।

କୋରସ(୩) : ସେ ପୁଣି ଧର୍ମର ଦ୍ୱାହିଦେଇ। କ୍ରମେ ସେହିପରି ଭାରତର ବିଭିନ୍ନ ଅଞ୍ଚଳର ବିଚ୍ଛିନ୍ନତାବାଦୀ ଶକ୍ତିମାନେ କେଉଁଠି ଧର୍ମ-ଜାତି ଓ ସାମ୍ପ୍ରଦାୟିକତାର ଧ୍ୱନି ଦେଇ ଏହି ମହାଭାରତୀୟ ସଭ୍ୟତାକୁ ଖଣ୍ଡବିଖଣ୍ଡ ମଧ୍ୟ କରିବାର ପ୍ରୟାସରେ ମଗ୍ନ । ଏଥିପାଇଁ ଦାୟୀ କିଏ ?

କୋରସ କିଏ.... ? କିଏ.... ? କିଏ ... ?

ତେବେ ଆସନ୍ତୁ, ସେହି କିଏର ଜବାବ ଖୋଜିବା ନାଟକ ଜନନୀ ଜନ୍ମଭୂମିଶ୍ଚରୁ........ ।

ଓଁ ସହ ନା ବବତ୍ତୁ,
ସହନୌ ଭୁନକ୍ତୁ, ସହ ବୀର୍ଯ୍ୟଂ କରବାବହୈଃ,
ତେଜସ୍ୱିନାବଧିତମସ୍ତୁ, ମା ବିଦ୍ୱିଷା ବହୈଃ ।
ଓଁ ଶାନ୍ତିଃ .. ଶାନ୍ତିଃ.... ଶାନ୍ତିଃ... ।

Digitized by PPRACHIN, SOA

(ମଞ୍ଚପୂଜା ସରିବାପରେ, ଜର୍ଜର ଦଣ୍ଡକୁ ମଂଚର ସମ୍ମୁଖ ଭାଗରେ ପୋତି ଦିଆଯିବା ପରେ)

କୋରସ(୧) : ହେ ସମଗ୍ର ସଂସାରର ସୁଖପ୍ରଦାନକାରୀ, ହେ ଶୁଭଶକ୍ତି, ଯିଏକି ଆମର ସମାଜକୁ ବିଭିନ୍ନ ସମୟରେ ବିଭିନ୍ନ ରୂପରେ, ଅଶୁଭ ଶକ୍ତିଠାରୁ ରକ୍ଷାକରି ଆସିଛନ୍ତି, ସେ ଆମର ଏହି ନାଟକକୁ ସକଳ ତ୍ରୁଟି ବିଚ୍ୟୁତିରୁ ରକ୍ଷା କରନ୍ତୁ ......।

କୋରସ(୨) : ମାଙ୍ଗଳିକ ତ ସରିଲା । ଏଥର ଚାଲ ଆମର ଦର୍ଶକ ବଂଧୁମାନଙ୍କୁ ଆଜିର ନାଟକର ପୂର୍ବାଭାସ ସଂପର୍କରେ ଟିକିଏ ସୂଚନା ଦେଇଦେବା ।

କୋରସ(୩) : ହଁ ଦିଅନ୍ତୁ... ।

ଦୁର୍ଯ୍ୟୋଧନ : (ଦର୍ଶକଙ୍କ ଭିତରୁ ବାହାରି) ଅପେକ୍ଷାକର । (ଦର୍ଶକମାନଙ୍କୁ) ଦେଖିଛକି କେଶବଙ୍କୁ କେହି ? କହିକି ପାରିବ ଅବା ଅଛନ୍ତିକି ଏଠି ?

ଦର୍ଶକ-୧ : କେଉଁ କେଶବଙ୍କୁ ଖୋଜୁଛନ୍ତି ?

ଦୁର୍ଯ୍ୟୋଧନ : ବ୍ୟାସଙ୍କ ରଚିତ, ମହାଭାରତ, ମହାକାବ୍ୟର ବହୁ ଚର୍ଚ୍ଚିତ ପୁରୁଷ ।

ଦର୍ଶକ-୨ : ସେତ ଅନେକଦିନ ତଳର କଥା । ସେ ହୁଏତ ବୈକୁଣ୍ଠରେ ଥିବେ ।

ଦୁର୍ଯ୍ୟୋଧନ : ନା ସେ ନାହାନ୍ତି ସେଠାରେ । ଆସିଛନ୍ତି କାଳେ ମହାଭାରତୀୟ ସଭ୍ୟତାର ପରିଦର୍ଶନରେ ।

ଦର୍ଶକ-୩ : କିନ୍ତୁ ଆପଣ କିଏ ? ଆପଣ ତାଙ୍କୁ କାହିଁକି ଖୋଜୁଛନ୍ତି ?

ଦୁର୍ଯ୍ୟୋଧନ : ପାରୁନାହଁ ଚିହ୍ନି ମତେ ?

ଦର୍ଶକ-୧ : ନା, ପାରୁନାହୁଁ, ଚିହ୍ନି ।

ଦୁର୍ଯ୍ୟୋଧନ : ପାରିବ କିପରି ? ଯୁଗେ ଯୁଗେ ଯେଉଁମାନେ ଜନ୍ମଭୂମି ଭାରତକୁ ଅଖଣ୍ଡ ରଖିବାର କରିଛନ୍ତି ଆକୁଳ ପ୍ରୟାସ, ତୁମେ ତାଙ୍କୁ କରିଛ ନିହତ ।

ଦର୍ଶକ-୨ : କିଏ ? ଆମେ... ?

ଦୁର୍ଯ୍ୟୋଧନ : କେବେ ଅବା ମହାତ୍ମାଙ୍କୁ, ଆଉ ଦିନେ ମୋତେ, ଅଭିମାନୀ, ଅହଂକାରୀ ଦୁର୍ଯ୍ୟୋଧନ ଆଖ୍ୟାଦେଇ ଅନ୍ୟାୟ ଭାବରେ କରିଛ ନିହତ । ଭାରତକୁ ଖଣ୍ଡ ଖଣ୍ଡ କରିବାର ଚକ୍ରାନ୍ତରେ ସେ ଯେଉଁ ଅଙ୍କୁର ହୋଇଥିଲା ଦିନେ କୃଷ୍ଣଙ୍କ ନେତୃତ୍ୱରେ ଆଜି ସେହି ବୃକ୍ଷେ ଫଳିଛି ଅସଂଖ୍ୟ ବିଚ୍ଛିନ୍ନତାବାଦୀ ଫଳ । ସେଥିପାଇଁ ଦାୟୀ କିଏ ?

ଦର୍ଶକ-୩ : ଦାୟୀ କିଏ ... ? ଦାୟୀ କିଏ ... ?

ଦୁର୍ଯ୍ୟୋଧନ : ସେହି ପ୍ରଶ୍ନ ପଚାରି କୃଷ୍ଣଙ୍କୁ କହିଥାନ୍ତି ମୁହିଁ ହସ୍ତିନାକୁ ଖଣ୍ଡ ଖଣ୍ଡ କରିବାର ପ୍ରୟାସରେ ଯୁଦ୍ଧଂଦେହି ଡାକଦେଲେ କିଆଁ ଧର୍ମଯୁଦ୍ଧ ନାମେ ? କିବା ପ୍ରୟୋଜନ ଥିଲା ଅବା ବ୍ୟାସଦେବଙ୍କର କୃଷ୍ଣଙ୍କୁ ସେ ଘୋଷଣା କରିଲେ ଭଗବାନ ବୋଲି ? ସେ ଯେଉଁ ପଥ ପ୍ରଦର୍ଶନ ଆରମ୍ଭ ହୋଇଥିଲା ମହାଭାରତର ଯୁଗେ, ଆଜିତାର ପୁନରାବୃତ୍ତି ହେଉଛି ଭାରତେ ।

କୋରସ(ସମସ୍ତେ): ହଁ...ହଁ...ହୋଇଛି ଭାରତେ ।

ଦୁର୍ଯ୍ୟୋଧନ : ଉଚିତ କି ନଥିଲା ବ୍ୟାସଙ୍କ ସତ୍ୟାସତ୍ୟ କରି ଉତ୍ଥାପନ ରାଜ୍ୟ ବିଭାଜନ ଯୋଜନାର ଖୋଲାଖୋଲି ନିନ୍ଦା କରିବାର ? ତା'ନ କରି ବ୍ୟାସ । ଆପଣାର କଳ୍ପନାରେ ବାସୁଦେବେ ଭଗବାନ ଆଖ୍ୟାଦେଇ ସୃଷ୍ଟିକଲେ ଅନ୍ୟ ଏକ କଳ୍ପନାର ଇତିହାସ । (ସୂତ୍ରଧରକୁ) ପାର ଯଦି ସେଇ ସତ୍ୟ କର ଉତ୍ଥାପନ । ଜାଣନ୍ତୁ ସମସ୍ତେ, ଜନ୍ମଭୂମି ରକ୍ଷା ପାଇଁ ପ୍ରାଣ ପଣେ ଚେଷ୍ଟାକରି

Digitized by PPRACHIN, SOA

କରିଥିଲି ଅବା କେଉଁ ଅପରାଧ ମୁହିଁ । କରହେ ବର୍ଣ୍ଣନା, ଶାନ୍ତି ପ୍ରତିଷ୍ଠାର ବାହାନାରେ କୃଷ୍ଣଙ୍କର ଥିଲା କେଉଁ ହୀନମନ୍ୟ ଅଭିପ୍ରାୟ ଅବା...

କୋରସ୍- ୧ ଶୁଣ ଆହେ ସୁଧିଜନେ ଦେଇ ମନ କର୍ଣ୍ଣ ।
ଦ୍ୱାପର ଯୁଗର କଥା କରିବା ଗାୟନ ।

କୋରସ- ୨ କୌରବଙ୍କ ପାଶେ ଥିଲା ହସ୍ତିନା ସାମ୍ରାଜ୍ୟ
ପାଣ୍ଡବଙ୍କୁ ଦେଇଥିଲେ ଇନ୍ଦ୍ରପ୍ରସ୍ତ ରାଜ୍ୟ ।

କୋରସ-୩ କୌରବେ ଡାକିଲେ ଦିନେ ପାଣ୍ଡବଙ୍କୁ ଯାଇ
ପଶା ଖେଳିବାକୁ ଥିଲେ ଆସ ପାଞ୍ଚ ଭାଇ ।

କୋରସ- ୧ ଦେଖିବ କିଏ ହୋ ଆସ
କ୍ଷେଣ୍ଣ କ୍ଷେଣ୍ଣ ଏବେ ଲଢେଇ ଲାଗିବେ ଦେଖଣାହାରୀଙ୍କୁ ସୁଖ ।

କୋରସ- ୨ ଝିମିଟି ଖେଳରେ ହାରି ପାଣ୍ଡୁ ପୁତ୍ରଗଣ ।
ହରାଇଲେ ନିଜ ରାଜ୍ୟ ଅଧିକାରପଣ ।

କୋରସ-୩ ନଈତଳେ ଗଲା ଓଧ, କର୍ମ ତ କରିଛି କାହାକୁ କହିବି ? ଧାନ ଖୁଟି ଖାଏ ଖୁଦ ।

କୋରସ- ୧ ଆପଣା ସର୍ତ୍ତରେ ହାରି ପଞ୍ଚଭ୍ରାତାଗଣ ।
ବାରବର୍ଷ ବନବାସ କରିଲେ ଗମନ ।

କୋରସ- ୨ ସାଧୁ ହୁଅ ସାବଧାନ
ଗୋଡ଼ ଖସିଗଲେ ନିଜେ ଛୋଟା ସିନା ତୁଣ୍ଡ ନିଏ ବଂଶ ମାନ ।

କୋରସ-୩ ଅଜ୍ଞାତ ବାସ ସମୟ ପୁରିଗଲା ପରେ ।
ପାଣ୍ଡବେ ବିଚାର କଲେ ଫେରିବେ ନଗରେ ।

କୋରସ- ୪ ଦ୍ରୌପଦୀଙ୍କ ପ୍ରେରଣାରେ ସମସ୍ତ ପାଣ୍ଡବ ।
ଯୁଦ୍ଧ ପାଇଁ ସ୍ଥିର କଲେ ନିଜ ମନୋଭାବ ।

କୋରସ- ୧ ପାଣ୍ଡବଙ୍କ ମଧ୍ୟେ କ୍ରମେ ମତାନ୍ତର ହେଲା ।
ସେହି ମତାନ୍ତର ମନାନ୍ତର ରୂପ ନେଲା ।

ଶୁଣ ଆହେ...

୨ୟ ଦୃଶ୍ୟ (ପାଣ୍ଡବ ଶିବିର)

ଦ୍ରୌପଦୀ (ପ୍ରବେଶି) ଏତେ ଚିନ୍ତା ଏବେ କାହାପାଇଁ । ଆଜିଯିଏ ଚିନ୍ତିତ ସିଦ୍ଧାନ୍ତ ପାଇଁ, କାଲି ତାଙ୍କ ସେଇ ଚିନ୍ତା ଥିଲା ଅବା କେଉଁ କାରାଗୃହେ ବନ୍ଦୀ ? ଯେତେବେଳେ ଆପଣାର ରାଜ୍ୟ ଆଉ ରାଜ ସିଂହାସନ ସାଥେ, ପତ୍ନୀ, ଭ୍ରାତାସବୁ ପଣ ରଖୁଥିଲେ ଦ୍ୟୁତକ୍ରୀଡା ବେଳେ ।

ଯୁଧିଷ୍ଠିର ପାଞ୍ଚାଳି ହୁଅନା କ୍ରୋଧିତ । ରାଜ୍ୟ ଆଉ ରାଜସିଂହାସନ କିବା ଏକମାତ୍ର ପରିଚୟ ମାନବର ?

ଦ୍ରୌପଦୀ ଚାହେଁନା ମୁଁ ତୁମର ରାଜ୍ୟ ଅବା ରାଜସିଂହାସନ । ଚାହେଁ ମୁହିଁ ବୀରର ବୀରତ୍ୱ । ସେଥିପାଇଁ ସ୍ୱୟଂମ୍ବରେ ପଣ ରଖିଥିଲି ପାଇବାକୁ ପତିରୂପେ ଏ ଧରାର ଶ୍ରେଷ୍ଠ ଧନୁର୍ଦ୍ଧର । କିନ୍ତୁ ଦେଖନ୍ତୁ ଦୁର୍ଭାଗ୍ୟ ମୋର । ସେହିପରି ବୀରଶ୍ରେଷ୍ଠ ପଞ୍ଚପତି ସମ୍ମୁଖରେ ନିଃସହାୟ ଭାବେ ଲଜ୍ଜିତ ହୋଇଲି ମୁହିଁ କୁରୁରାଜସଭା ମଧ୍ୟେ । ସେଥିଲାଗି କରିଛି ଯା'ପଣ, ଆପଣ ଜାଣନ୍ତି ତାହା । ପତିଭାବେ

Digitized by PPRACHIN, SOA

ଆପଣଙ୍କ ଦାୟିତ୍ୱ ମୋହର ପ୍ରତିଜ୍ଞା ପୂରଣ ଲାଗି, ଅଥଚ ଆପଣ...।

ଯୁଧିଷ୍ଠିର — ଦୁଃଶାସନ ଅନୁଜ ତୁମର ।

ଦ୍ରୌପଦୀ — ଅନୁଜ, ଅଗ୍ରଜ କିଛି ବୁଝେନା ବିଚାର । ଦୋଷୀପାଇଁ ଉପଯୁକ୍ତ ଦଣ୍ଡ ବିଚାରର ଧର୍ମ । ହେଉସେ ଅଗ୍ରଜ ଅଥବା ଅନୁଜ ।

ଯୁଧିଷ୍ଠିର — କ୍ଷମାଦେବା ନାରୀର ମହତ୍ୱ ।

ଦ୍ରୌପଦୀ — ଜାଣିଛି ମୁଁ ତାହା । ମାତ୍ର କ୍ଷମାର ଅଯୋଗ୍ୟ ବ୍ୟକ୍ତିଙ୍କୁ କ୍ଷମାଦାନ କରି, କ୍ଷମାର ଅପମାନ କରିବାକୁ ଇଚ୍ଛାନାହିଁ ମୋର ।

ଯୁଧିଷ୍ଠିର — ଦୁଃଶାସନେ ହତ୍ୟାକରି କି ଆନନ୍ଦ ପାଇବ ଦ୍ରୌପଦୀ ?

ଦ୍ରୌପଦୀ — ଦୁଷ୍ଟକୁ ଦମନ କରି, ଅନ୍ୟାୟକୁ ପ୍ରତିରୋଧ କରିବାର ଆନନ୍ଦ ମିଳିବ ମତେ ।

ଯୁଧିଷ୍ଠିର — ସେହି ଅନ୍ୟାୟରେ ମୁଁ ମଧ ଅଛି କିଛି ଦାୟୀ । ସେଥିପାଇଁ ମୋର ମଧ କିଛି ଦଣ୍ଡ ପ୍ରାପ୍ୟ ।

ଦ୍ରୌପଦୀ — ପ୍ରାୟଶ୍ଚିତ କରିବାକୁ ଚାହୁଁଛନ୍ତି ଯଦି, ଘୋଷଣା କରନ୍ତୁ ଯୁଦ୍ଧ କୌରବଙ୍କ ସାଥେ । ସେହିହେବ ଆପଣଙ୍କର ଉପଯୁକ୍ତ ଦଣ୍ଡ ।

ଯୁଧିଷ୍ଠିର — ମୁଁ ଚାହେଁନା ପ୍ରତିହିଂସା, ହତ୍ୟାରକ୍ତପାତ । ମୁଁ ଚାହୁଛି ଶାନ୍ତିପୂର୍ଣ୍ଣ ସମାଧାନ ଆଲୋଚନା ମାଧମରେ ।

ଦ୍ରୌପଦୀ — ହୁଁ.... ଆଲୋଚନା । ଏହା ଆପଣଙ୍କର ଉଦାରତା ନୁହଁ ବରଂ ଭୟ । କୌରବଙ୍କ ଶକ୍ତିଭୟେ ଜର୍ଜରିତ ଆଜି ଅଗ୍ରଜ ପାଣ୍ଡବ । ଠିକ୍ ଅଛି ! ନିରାଶ କରିବେ ଯଦି ପ୍ରଥମ ପାଣ୍ଡବ, ଯିବିମୁହିଁ ଅନ୍ୟପାଣ୍ଡବଙ୍କ ପାର୍ଶ୍ୱେ, ଭିକ୍ଷାମାଗିବାକୁ ପାଞ୍ଚାଳିର ମାନ ।

ଯୁଧିଷ୍ଠିର — ବୁଝିବାକୁ ଚେଷ୍ଟାକର ପ୍ରିୟେ !

ଦ୍ରୌପଦୀ — ଆପଣ ନ ଚାହିଁଲେ ନାହିଁ । ଆହୁରି ଅଛନ୍ତି ଚତୁଃଷ୍ପତି ମୋର । ସେମାନେ କରିବେ ଯୁଦ୍ଧ ।

ଯୁଧିଷ୍ଠିର — ମୋର ଇଚ୍ଛା ବିରୁଦ୍ଧରେ ?

ଦ୍ରୌପଦୀ — ସମସ୍ତେ କରିବେ ଯୁଦ୍ଧ, ମୋ ପ୍ରେରଣାରେ ।

ଯୁଧିଷ୍ଠିର — ଅସମ୍ଭବ ଏହା...! ହେ ଭ୍ରାତାଗଣ ! (ଭୀମ, ଅର୍ଜ୍ଜୁନ ଆଦିଙ୍କ ପ୍ରବେଶ) କୁହ ସର୍ବେ ! ଆମେଚାହୁଁ ଶାନ୍ତି (ସମସ୍ତେ ନୀରବ) (ଦ୍ରୌପଦୀ ହସିଲେ)

ଦ୍ରୌପଦୀ — କୁହ ସର୍ବେ ... ଆମେ ଚାହୁଁ ପ୍ରତିଶୋଧ ।

ସମସ୍ତେ — ଆମେ ଚାହୁଁ ପ୍ରତିଶୋଧ । (ଦ୍ରୌପଦୀ ହସିଲେ)

ଯୁଧିଷ୍ଠିର — (କାନରେ ହାତ ଦେଇ) ନା... ନା... ଅସମ୍ଭବ... ଅସମ୍ଭବ...

ଦ୍ରୌପଦୀ — ସମ୍ଭବ...

ସମସ୍ତେ — ସମ୍ଭବ...(ଦ୍ରୌପଦୀ ହସିଲେ)

(ଯୁଧିଷ୍ଠିର ବ୍ୟତିରେକ ସମସ୍ତେ ପ୍ରସ୍ଥାନ)

ଯୁଧିଷ୍ଠିର — ହେ... କେଶବ... ରକ୍ଷାକର, ରକ୍ଷାକର...। ଶରଣ ତୁମର ନେଲି ମୁହିଁ ରକ୍ଷାକର ପାଣ୍ଡବଙ୍କ ମାନ ।

Digitized by PPRACHIN, SOA

(ଶଙ୍ଖଧ୍ୱନି, ଘଣ୍ଟଧ୍ୱନି ମଧ୍ୟରେ କୃଷ୍ଣଙ୍କର ପ୍ରବେଶ)

କୃଷ୍ଣ — କି ପାଇଁ ସ୍ମରଣ କରିଲେ ଆହେ ଭ୍ରାତା ?

ଯୁଧିଷ୍ଠିର — ପାଣ୍ଡବେ ବର୍ଜନ କରି ଧର୍ମର ମହତ୍ତ୍ୱ, ଦ୍ରୌପଦୀର ପ୍ରେରଣାରେ ପ୍ରତିଶୋଧ ନେବାପାଇଁ ହୁଅନ୍ତି ଉନ୍ମତ୍ତ । ତୁମ୍ଭେ ଯାଇ ବୁଝାଅ ତାହାଙ୍କୁ ମୁଁ ଚାହୁଁଛି ଶାନ୍ତି, ଧର୍ମର ଦ୍ୱାହିଦେଇ ।

କୃଷ୍ଣ — ଧର୍ମ (ହସି) କି ଅବା ଜାଣିଛ ତୁମ୍ଭେ ଧର୍ମାଧର୍ମ ବିଷୟରେ । ଧର୍ମର ନୂତନ ଅଧ୍ୟାୟ ଏକ କହୁଛି ତୁମ୍ଭଙ୍କୁ । ଏ ଧରଣୀ ଆଉ କିଛି ନୁହେଁ, ଅଟେ ଏକ ମୃତ୍ୟୁ ଯଜ୍ଞଶାଳା । ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ, ଲକ୍ଷ କୋଟି ଜୀବ ଏଠି ପଡୁଛନ୍ତି ଢଳି ମୃତ୍ୟୁକୋଳେ । କାହା ଇଚ୍ଛା ଅନିଚ୍ଛାରେ ଘଟୁଛି ଏସବୁ ? କହିକି ପାରିବ ଏଥିପାଇଁ ଦାୟୀ କିଏ ? ଚାହିଁଲେ ବା ପ୍ରତିରୋଧ କରିକି ପାରିବେ କେହି, ଏଇ ନିତ୍ୟ ସ୍ରୋତକୁ ?

ଯୁଧିଷ୍ଠିର — ସେତ ଅଟେ ସୃଷ୍ଟିର ରହସ୍ୟ ! କେ ଜାଣିଛି ସ୍ରଷ୍ଟାଙ୍କ ଉଦ୍ଦେଶ୍ୟ ?

କୃଷ୍ଣ — ମୃତ୍ୟୁ, ରକ୍ତପାତ ଯଦି ସ୍ରଷ୍ଟାଙ୍କ ଉଦ୍ଦେଶ୍ୟ, ଆପଣ କି ଲାଗି ବୃଥାରେ ଚିନ୍ତିତ ? ଭଗବାନ ନିଜେ ପରା ନାନା ଅବତାରେ ଜନ୍ମି ଏ ଧରାରେ, ବାରମ୍ବାର କରିଛନ୍ତି ହତ୍ୟା ରକ୍ତପାତ, ଏ ସୃଷ୍ଟିର ରକ୍ଷା ଲାଗି ।

ଯୁଧିଷ୍ଠିର — ତଥାପି... ଭାଇ, ବନ୍ଧୁ, କୁଟୁମ୍ବଙ୍କୁ ହତ୍ୟାକରି ହେବିମୁହିଁ ବିଶ୍ୱରେ ବନ୍ଦିତ ?

କୃଷ୍ଣ — ପୁଣି ଭୁଲ କରୁଛନ୍ତି ଭ୍ରାତା । କିଏ କାହା ଭାଇ, ବନ୍ଧୁ କିଏ ବା କୁଟୁମ୍ବ । ପିତା-ପୁତ୍ର, ନନ୍ଦିନୀ-ଜନନୀ ସବୁ ପ୍ରହେଳିକା ମାତ୍ର । କହିଛି ତୁମ୍ଭଙ୍କୁ ପରା ବାରମ୍ବାର, ଏ ସଂସାର ମିଛମାୟା ରାଜ୍ୟ, କେ ନୁହେଁ କାହାର ।

ଯୁଧିଷ୍ଠିର — ସେଥିଲାଗି କହେ ପ୍ରଭୁ ! ଏ ମିଛମାୟାର ରାଜ୍ୟେ ଅଧିଶ୍ୱର ହେବାପାଇଁ, ଏତେ ହତ୍ୟା ରକ୍ତପାତଠାରୁ ସନ୍ୟାସ ଜୀବନ ବରଂ ସୁଖପ୍ରଦ ।

କୃଷ୍ଣ — ନୁହେଁ ଏହା କ୍ଷତ୍ରୀୟର ପନ୍ଥା ଅବା ବୀରର ବଚନ । ଆପଣାର କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇ ପଳାତକ ଭୀରୁ ଆଚରଣ, ଜ୍ୟେଷ୍ଠ ପଣ୍ଡୁ ପୁତ୍ରେ ଶୋଭାପାଏନାହିଁ ।

ଯୁଧିଷ୍ଠିର — ମୁଁ ଯେ ନିରୂପାୟ ।

କୃଷ୍ଣ — ତୁମ୍ଭେସିନା ନିରୂପାୟ ହୋଇ, ବାଛିନେବ ସନ୍ୟାସ ଜୀବନ, କିନ୍ତୁ ଅନ୍ୟ ପାଣ୍ଡୁପୁତ୍ର, ମାତାକୁନ୍ତୀ, ପତିବ୍ରତା ପାଞ୍ଚାଳୀର ଭବିଷ୍ୟତ ବିଷୟରେ ବିଚାର କରିଛନ୍ତି ଦିନେ । କି ହେବ ତାଙ୍କର ଗତି ?

ଯୁଧିଷ୍ଠିର — ଧର୍ମସଙ୍କଟର ଏହି ଘଡିସନ୍ଧି ମୁହୂର୍ତ୍ତରେ କର୍ତ୍ତବ୍ୟ ଅକର୍ତ୍ତବ୍ୟର ଭେଦାଭେଦ ପାରୁନାହିଁ ଜାଣି । ଶରଣ ତୁମ୍ଭର ପଶୁଛି କେଶବ, କରତୁମ୍ଭେ ମାର୍ଗ ପ୍ରଦର୍ଶନ ।

କୃଷ୍ଣ — ଉଚିତ ସମୟେ ପାଇଛ ସାକ୍ଷାତ ମୋହର । ଜ୍ଞାନକର ଯଦି ନାରାୟଣ ବୋଲି ମତେ, କହୁଚି ତୁମ୍ଭଙ୍କୁ । ସ୍ରଷ୍ଟାଙ୍କର ଏହି ବିଶାଳ ସୃଷ୍ଟିରେ ପାଇଛନ୍ତି କେବେ ଅପ୍ରୟୋଜନୀୟ, ଅବା ଉଦ୍ଦେଶ୍ୟବିହୀନ ବସ୍ତୁ କିଛି ? ଠିକ୍ ସେହିପରି, ତୁମ୍ଭର ଏ ଜନ୍ମ ମଧ୍ୟେ ଅଛି ଏକ ଗୋପନ

Digitized by PPRACHIN, SOA

ଉଦ୍ଦେଶ୍ୟ । କେବଳ ତୁମ୍ଭର କାହିଁକି, ତୁମ୍ଭର, ମୋହର ଆଉ ପାଣ୍ଡବଙ୍କ ଜନ୍ମ ସୂକ୍ଷ୍ମ ଭାବେ ବନ୍ଧାଏକ ଉଦ୍ଦେଶ୍ୟ ସାଧନ ବ୍ରତେ ।

ଯୁଧିଷ୍ଠିର କି ଉଦ୍ଦେଶ୍ୟ ସଖା ? କୁହ ମତେ ବିସ୍ତାରେ ବୁଝାଇ ।

କୃଷ୍ଣ ସମଗ୍ର ଧରାରେ ପ୍ରତିଷ୍ଠା ମୁଁ କରିବାକୁ ଯାଉଛି ଏକ ଧର୍ମରାଜ୍ୟ । ଯାହାର ସୀମାନ୍ତ ହେବ ଏ ସାରା ଭୁବନ । ନଥିବ ସେ ରାଜ୍ୟେ ଦୁଃଖ ଓ ଅଶାନ୍ତି । ଥିବ ଖାଲି ଶାନ୍ତି ଆଉ ପ୍ରୀତି ।

ଯୁଧିଷ୍ଠିର ଏ ତ ମୋର ସ୍ୱପ୍ନର ସାମ୍ରାଜ୍ୟ ।

କୃଷ୍ଣ ସେ ରାଜ୍ୟର ଅଧିଶ୍ୱର ତୁମ୍ଭେହେବ ଭ୍ରାତା । ଏହା ମୋର ଉକ୍ତି ନୁହଁ, ବିଧିର ନିର୍ଦ୍ଦେଶ । ସେଥିଲାଗି ପାଇଛ କେବଳ ତୁମ୍ଭେ କ୍ଷତ୍ରିୟ ଜନମ ।

ଯୁଧିଷ୍ଠିର ଅବିଶ୍ୱାସ୍ୟ ମନେହୁଏ ମୋତେ ।

କୃଷ୍ଣ କିନ୍ତୁ ସେଥିଲାଗି ଶକ୍ତିଶାଳୀ ହେବାକୁ ପଡିବ । ସେଥିପାଇଁ ପ୍ରଥମତଃ ପ୍ରୟୋଜନ ପାଣ୍ଡବଙ୍କ ସମ୍ମିଳିତ ଶକ୍ତି । କିନ୍ତୁ ମନେହୁଏ ଯାହା, ପାଣ୍ଡବ ଉନ୍ମତ୍ତ ଆଜି ନିଜ ନିଜ ଅର୍ନ୍ତଦ୍ୱନ୍ଦ୍ୱ ମଧ୍ୟେ । ଏହା କେବେ ଆଶାକରେ ନାହିଁ ମୁହିଁ ପାଣ୍ଡବଙ୍କ ନିକଟରୁ ।

ଯୁଧିଷ୍ଠିର ସେଥିଲାଗି ଦାୟୀକିଏ ବାସୁଦେବ ?

କୃଷ୍ଣ ଜ୍ୟେଷ୍ଠଭ୍ରାତା ତୁମ୍ଭେ । ଦ୍ୟୁତକ୍ରୀଡା ସିଦ୍ଧାନ୍ତ ଗ୍ରହଣ କରିବା ଆଗେ କନିଷ୍ଠ ଭ୍ରାତାଙ୍କ ମତାମତ ଗହଣ କରିବା କିବା ନଥିଲା ଉଚିତ । ଆଉ ଆଜି ପୁଣି ସେମାନଙ୍କ ମତାମତ କରି ପ୍ରତ୍ୟାଖ୍ୟାନ... । ତହିଁପରେ ଜାଣ ତୁମ୍ଭେ ଦ୍ରୌପଦୀଙ୍କ ପଣ । ଦୁଃଶାସନ ବକ୍ଷରକ୍ତେ କରିବେ ସେ ବେଣୀର ବନ୍ଧନ ।

ଯୁଧିଷ୍ଠିର କ୍ଷମାସିନା ନାରୀର ନାରୀତ୍ୱ..........

କୃଷ୍ଣ ସେହିପରି ନାରୀର ସଂହାର ମୂର୍ତ୍ତିପୁଣି ନାଶ କରିପାରେ ମହିଷାସୁରକୁ । ଯୁଗେ ଯୁଗେ ନାରୀର କ୍ରୋଧରେ ଧ୍ୱଂସ କେତେ ହୋଇଛି ସାମ୍ରାଜ୍ୟ । ମନେହୁଏ ଏବେ ସେହି ସମୟ ଆସିଛି ଭ୍ରାତା ଆଉ ଏକ ସାମ୍ରାଜ୍ୟର ଧ୍ୱଂସ ଆଉ ବେଶୀ ଡେରି ନାହିଁ ।

ଯୁଧିଷ୍ଠିର କେବଳ ଜଣେ ମାତ୍ର ନାରୀ ପାଇଁ ?

କୃଷ୍ଣ ତୁମ୍ଭେ ଭୁଲ କରୁଛ ଭ୍ରାତା । ନାରୀ ଏକ ସଂଖ୍ୟାନୁହଁ । ନାରୀ ଏକ ଶକ୍ତି । ଶୁଭ କି ଅଶୁଭ, ସୃଷ୍ଟି ଅବା ଧ୍ୱଂସ, ନିର୍ଭର କରୁଛି ତାର ଉପଯୁକ୍ତ ବିନିଯୋଗର ସାଫଲ୍ୟ ଉପରେ । ଦ୍ରୌପଦୀ ଆଜି ଠିକ୍ ସେହିପରି ଏକ ଧ୍ୱଂସକାରିଣୀ ଶକ୍ତି । ତାକୁ ଯଦି ଉପଯୁକ୍ତ ସମୟରେ କୌରବ ଉପରେ ପ୍ରୟୋଗନକର, ତା ହେଲେ ଅବିଳମ୍ବେ ଜାଳିପୋଡି ଧ୍ୱଂସ କରିବସେ ପାଣ୍ଡବଙ୍କୁ ଅନ୍ତଃଦ୍ୱନ୍ଦ୍ୱ ମଧ୍ୟେ । ଏଥିରେ ସନ୍ଦେହ ନାହିଁ ତିଳେମାତ୍ର ...।

ଯୁଧିଷ୍ଠିର : କିନ୍ତୁ...

ଦ୍ରୌପଦୀ : (ପ୍ରବେଶୀ) ଦୀର୍ଘ ୧୩ ବର୍ଷ ଧରି ବିଚାର ବିମର୍ଷ ପରେବି ଆହୁରି ରହିଛି ଅବା ଅବଶେଷ କିଛି । ଅସମୟେ ଆସିଯଦି ଅପରାଧ କରିଥାଏ କ୍ଷମାଦେବ ମୋତେ।

କୃଷ୍ଣ : କୁଆଡେ ଯାଉଛ ?

ଦ୍ରୌପଦୀ : ତୁମ୍ଭେ କର ତୁମ୍ଭର ବିଚାର । ମୁଁ ଚାଲିଲି ଆପଣା କର୍ମରେ ।

କୃଷ୍ଣ : ଆଲୋଚନା କରିବନି ଅବା... ।

Digitized by PPRACHIN, SOA

ଦ୍ରୌପଦୀ (ବ୍ୟଙ୍ଗ) ଆଲୋଚନା...ଏ ନିରର୍ଥକ ଆଲୋଚନା କରି ଲାଭନାହିଁ କିଛି । ଆଜି ପ୍ରୟୋଜନ ମୋର ଯୁଦ୍ଧ, ଖାଲି ଯୁଦ୍ଧ । ଯୁଦ୍ଧ ଆଉ ଦୁଃଶାସନ ବକ୍ଷ ରକ୍ତ। ଆଉ ସେଥିପାଇଁ ଲୋଡା ମୋର ମଧ୍ୟମ ଓ କନିଷ୍ଠ ପାଣ୍ଡବ । ତା ପରେ ଶାନ୍ତି... ତା ପୂର୍ବରୁ ନୁହେଁ ।

କୃଷ୍ଣ ନିରୁତ୍ସାହିତ କରନ୍ତି ଯଦ୍ୟପି ସମସ୍ତ ପାଣ୍ଡବ ? କି ଉପାୟ କରିଛବା ସ୍ଥିର, ପାଇବାକୁ ଦୁଃଶାସନ ବକ୍ଷରକ୍ତ ସଖୀ ?

ଦ୍ରୌପଦୀ ସଖୀବୋଲି ସମ୍ବୋଧନ କରୁଛ ଯେହେତୁ ପାଣ୍ଡବେ ଫେରାଇନେଲେ ଶପଥ ମୋହର, ତୁମେତ ପାରିବ ଆଣି ଦୁଃଶାସନ ବକ୍ଷରକ୍ତ, (ବ୍ୟଙ୍ଗ) ସଖା ।

କୃଷ୍ଣ ଏତ ଅସମ୍ଭବ ସଖୀ । ଦ୍ୱାରିକାର ଅଧିପତି ମୁହିଁ । ଦ୍ୱାରିକା ସହିତ କରିନାହିଁ ବିରୋଧ ଯେହେତୁ ହସ୍ତିନା କେବେ ହେଁ, କେଉଁ ତର୍କେ କରିବି ମୁଁ ଯୁଦ୍ଧର ଘୋଷଣା ହସ୍ତିନା ସହିତ । କୌରବଙ୍କ ଆଜନ୍ମ ବିରୋଧ ପାଣ୍ଡବଙ୍କ ସାଥେ । ପାରିଲେ ପାରିବେ ସେମାନେ ଯୁଦ୍ଧର ଘୋଷଣା କରି ।

ଦ୍ରୌପଦୀ ତା ହେଲେ କି ଲାଗି ଆସିଛ ଏଠାକୁ ?

କୃଷ୍ଣ ଆସିଛି ଏଠାକୁ ଅଭୟ ଦେବାକୁ ପାଣ୍ଡବଙ୍କୁ । ଯଦି ତୁମେ ଘୋଷଣା କରିବ ଯୁଦ୍ଧ କୌରବଙ୍କ ସାଥେ, ଅବଶ୍ୟ କରିବି ମୁହିଁ ସମସ୍ତ ସାହାଯ୍ୟ । ଅସ୍ତ୍ରଶସ୍ତ୍ର ସୈନ୍ୟବଳ ଯାହାଲୋଡା ହେବ ପାଣ୍ଡବର । ଏପରିକି ଚାହିଁବେ ଯଦି ନିଜେ ଆସି ଛିଡାହେବି ପାଣ୍ଡବର ପାର୍ଶ୍ୱେ ।

ଦ୍ରୌପଦୀ ତେବେ ଠିକ୍ ଅଛି । ତୁମ୍ଭେ କର ଯୁଦ୍ଧ ଆୟୋଜନ ।

କୃଷ୍ଣ ଆଉଥରେ ଭାବି ଦେଖ ସଖୀ ।

ଦ୍ରୌପଦୀ ପାଣ୍ଡବେ କରିବେ ଯୁଦ୍ଧ ।

ଯୁଧିଷ୍ଠିର ମୋ ଇଚ୍ଛା ବିରୁଦ୍ଧରେ ?

ଦ୍ରୌପଦୀ ଆହୁରି ସନ୍ଦେହର ଅବଶେଷ ଅଛି ? ଅଛି ଯଦି ଥାଉ । ମୁଁ ଚାଲିଲି ଆପଣା କର୍ମରେ । (ପ୍ରସ୍ଥାନ)

ଯୁଧିଷ୍ଠିର ଦେଖୁଛତ ହେ କେଶବ, ପାଣ୍ଡବଙ୍କ ମନୋଭାବ । କୁହ ମୋତେ, କି କର୍ତ୍ତବ୍ୟ କରିବି ମୁଁ ଏବେ ।

କୃଷ୍ଣ ମନେହୁଏ ବିଦ୍ରୋହର ଘନଝଂଜା ଆସୁଛି ଘନେଇ, ପାଣ୍ଡବ ଶିବିରେ । ଇଏ ତାର ପୂର୍ବାଭାଷ । କିଅବା କରିବା ଏବେ ସ୍ଥିର । ଏକ ଦିଗେ କୌରବ ପାଣ୍ଡବ ଯୁଦ୍ଧ । ଅନ୍ୟଦିଗେ ମନେହୁଏ ପାଣ୍ଡବଙ୍କ ଅନ୍ତଃଦ୍ୱନ୍ଦ୍ୱ ସମୂଳେ ବିନାଶ କରିବ ପାଣ୍ଡବଙ୍କ ବଂଶ । ଦୁଇ କୂଳ ଏବେ କ୍ଷୟଗ୍ରସ୍ତ ।

ଯୁଧିଷ୍ଠିର ଅଛିକି ଉପାୟ କିଛି ?

କୃଷ୍ଣ ଦୁଇକୂଳ ରକ୍ଷାପାଇଁ ଅଛି ଅବା ଯେତିକି ଉପାୟ ସେସବୁ କେବଳ କ୍ଷଣସ୍ଥାୟୀ ।

ଯୁଧିଷ୍ଠିର ହେଉ କ୍ଷଣସ୍ଥାୟୀ । କିନ୍ତୁ ଏ ସଙ୍କଟ ଟଳିଯାଉ ଆଗେ ।

କୃଷ୍ଣ ଠିକ୍ ଅଛି । ପ୍ରଥମ ଉପାୟ ହେଲା- ପାଣ୍ଡବେ ବର୍ଜନ କରି ଆପଣାର ସର୍ବଦାବୀ, ସର୍ବଅଧିକାର ନିଜ ଇଚ୍ଛା ମତେ ସନ୍ନ୍ୟାସୀ ଜୀବନ କରିବେ ଗ୍ରହଣ ।

ଯୁଧିଷ୍ଠିର ଅସମ୍ଭବ ମନେହୁଏ ତାହା...

କୃଷ୍ଣ ନତୁବା ପାଣ୍ଡବେ ହସ୍ତିନାର ଦରବାରେ ପ୍ରାର୍ଥନା କରିବେ ତାଙ୍କ ଭରଣ ପୋଷଣ ଲାଗି କିଛି ଭିକ୍ଷା ।

Digitized by PPRACHIN, SOA

ଯୁଧିଷ୍ଠିର ଭିକ୍ଷା । (ଦୀର୍ଘଶ୍ୱାସ ପକାଇ)

କୃଷ୍ଣ କିଏ ବା କରିବ ଭିକ୍ଷା ? ଆପଣକି ନିଜେଯିବେ ହସ୍ତିନାର ଦରବାରେ ଭିକ୍ଷାପାତ୍ର ନେଇ । ଅସୁନ୍ଦର ହେବ ତାହା ଭ୍ରାତା । ବରଂ ଯଦି ଚାହିଁ ଦୁତକୁ ପ୍ରେରଣ କରି ଆଲୋଚନା କର ତୁମ୍ଭେ ହସ୍ତିନା ସହିତ ।

ଯୁଧିଷ୍ଠିର ମନେହୁଏ ମୋର ଏ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ଲୋଡା ଏକ ବିଚକ୍ଷଣ ଦୂତ । ଯିଏ ସଦା ଜ୍ଞାତଥିବ କୌରବ, ପାଣ୍ଡବଙ୍କ ମନୋଭାବ, ପରମ୍ପରା ନେଇ । ତୁମ୍ଭବିନା କିଏ ବା ବହିବ ଏ ଗୁରୁଭାର । ହେ କେଶବ କରୁଚି ପ୍ରାର୍ଥନା, ଦିଅନ୍ତୁ ସମ୍ମତି ଯିବାପାଇଁ ହସ୍ତିନା ନଗରୀ, ପାଣ୍ଡବର ଦୂତଭାବେ ।

କୃଷ୍ଣ ଠିକ୍ ଅଛି ଚେଷ୍ଟା କରି ଦେଖାଯାଉ ଥରେ... । (ଯୁଧିଷ୍ଠିର ପ୍ରସ୍ଥାନ) (କୃଷ୍ଣ ପ୍ରସ୍ଥାନୋଦ୍ୟତ)

ଦ୍ରୌପଦୀ (ପ୍ରବେଶୀ) ଶୁଣ ଆହେ ସଖା । ଦୂତରୂପେ କୁରୁସଭା ମଧ୍ୟେ ଯିବା ପୂର୍ବେ ଚାହିଁ ଦେଖ ମୋର ଲୁଣ୍ଠିତ କେଶକୁ । ଯାହାଦିନେ ନିର୍ଯ୍ୟାତିତ ହୋଇଥିଲା ସେଇ ସଭାସ୍ଥଳେ । ସେଇସ୍ଥାନେ ଯିବ ତୁମେ ଭିକ୍ଷାପାତ୍ର ନେଇ, ପାଣ୍ଡବଙ୍କ ଶାନ୍ତିଦୂତ ହୋଇ ? ପାରିବତ ? ହଁ ନ ପାରିବ କିଆଁ ? ପାଣ୍ଡବର ବନ୍ଧୁ ପୁଣି ଦ୍ରୌପଦୀର ସଖା...

କୃଷ୍ଣ କର ନାହିଁ ବ୍ୟଙ୍ଗ ମୋତେ ସଖୀ...

ଦ୍ରୌପଦୀ ସତ୍ୟ କହୁଅଛି ବ୍ୟଙ୍ଗ କରୁନାହିଁ ସଖା ! ୧୩ ବର୍ଷ ତଳେ ଦିନେ ଅମର୍ଯ୍ୟଦା ହୋଇଥିଲା ମୋର ଯେଉଁ ସଭାମଧ୍ୟେ, ସେଇସ୍ଥାନେ କାଲିହେବ ତୁମ ଅମର୍ଯ୍ୟଦା ।

କୃଷ୍ଣ ସେଥିପାଇଁ ଅଛି ମୁଁ ପ୍ରସ୍ତୁତ ।

ଦ୍ରୌପଦୀ ତଥାପି ଯଦି ତୁମ୍କୁ ନ ଆସିବ କ୍ରୋଧ ! ସେତେବେଳେ ସ୍ମରଣ କରିବ ମୋର ନିର୍ଯ୍ୟାତିତ କେଶ । ତା ପରେ ବି ଯଦି ତୁମ୍ଭେ ଶାନ୍ତି ସନ୍ଧି କରିବ ସ୍ଥାପନ କୌରବଙ୍କ ସଙ୍ଗେ, ତାହେଲେ ତୁମେ ଶୁଣ ପଞ୍ଚାଳିର ପଣ । ନିଜେ ବାହାରିବି ମୁହିଁ ପ୍ରତିଜ୍ଞା ପୁରଣେ । ଅବା ଆତ୍ମ ବିସର୍ଜନେ ।

କୃଷ୍ଣ : ନିରାଶ ହୁଅନା ସଖୀ ! କୁହ ତେବେ କି କର୍ତ୍ତବ୍ୟ ମୋର ।

ଦ୍ରୌପଦୀ : କର୍ତ୍ତବ୍ୟ ତୁମର ତୁମେ ଜାଣ ସଖା । ମୁଁ ଚାହୁଁଛି ବଞ୍ଚିବାକୁ ଆପଣାର ସ୍ୱାତନ୍ତ୍ର୍ୟରେ ନାରୀର ମର୍ଯ୍ୟାଦା ନେଇ । ସେ ମର୍ଯ୍ୟାଦା କଳଙ୍କିତ କରିଛି ଯେ, ତାହାର ବିଚାର ତୁମ ହସ୍ତେ ଅର୍ପଣ କରି ମୁଁ ରହିଲି ନିଶ୍ଚିନ୍ତେ । ବାକି କଥା ତୁମେ ଜାଣ ।

କୃଷ୍ଣ : ଅବଶ୍ୟ ହୋଇବ ତାର ଉଚିତ ବିଚାର ।

ଦ୍ରୌପଦୀ : ସେ ବିଚାର ସନ୍ଧିର ନୁହେଁ ଯୁଦ୍ଧର । ଶାନ୍ତିର ନୁହେଁ ପ୍ରତିଶୋଧର ।

କୃଷ୍ଣ : ଯାହା ତବ ଇଚ୍ଛା । ସେଥିପାଇଁ କରିବି ମୁଁ ଆପ୍ରାଣ ପ୍ରଚେଷ୍ଟା । ଦେଲି ଏହି ବଚନ ତୁମ୍ଭକୁ ।

(ଦ୍ରୌପଦୀ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ)

ଏ ସମ୍ବାଦ ରଖିବ ଗୋପନେ । ମୁଁ ଫେରିବାଯାଏ ହସ୍ତିନା ନଗରୁ । (କୃଷ୍ଣଙ୍କ ପ୍ରସ୍ଥାନ)

ଦ୍ରୌପଦୀ : କୃଷ୍ଣ ବାସୁଦେବଙ୍କର ଜୟ ହେଉ ।

୨ୟ ଦୃଶ୍ୟ

କୋରସ୍ ୧ : ହେ...ହେ...ହେ...

କୋରସ୍ ୨ : ହେ...ହେ...ହେ...

Digitized by PPRACHIN, SOA

କୋରସ୍ ୩ : ହେ...ହେ...ହେ...

କୋରସ୍ ୧ : କୃଷ୍ଣ ଆସୁଛନ୍ତି... ଶାନ୍ତି ସନ୍ଧି ନେଇ... ହସ୍ତିନାପୁରକୁ

(ପ୍ରତିଧ୍ୱନୀତ ହୋଇ ଏ କାନରୁ ସେ କାନକୁ କଥାଟା ଧୀରେ ଧୀରେ ବ୍ୟାପିଯିବ ଏବଂ ଶବ୍ଦ କ୍ରମେ ଉଚ୍ଚତର ହେବ)

କୋରସ୍-୧୨ : ଶୁଭଇ ଯୋଜନ କୋଶରେ...

କୋରସ୍ ୩ (ଗୀତ) ବାଇଦ...ହୋ ହୋ ବାଇଦ...

କୋରସ୍ ୧ ବାଇଦ ବାଇଦ ତୁଣ୍ଡବାଇଦରେ
ଶୁଭଇ ଯୋଜନ କୋଶ

କୋରସ୍ ୨ ସେଇ ଶବଦ ତ ନିମିଷେ ବାଜିଲା
ମାତୁଳ ଶକୁନି ପାଶରେ,
ମାତୁଳ ଶକୁନି ପାଶ ।

କୋରସ୍ ୩ ଲୁଣଖାଏ ସିନା ମାଟିର ମାଠିଆ
ଚିନ୍ତାଖାଏ ଦେହ ମନ...

ସମସ୍ତେ ସେଇ ଚିନ୍ତା ଏବେ ଶକୁନି ମାମୁଁର
ଘାରିଛି ପରାଣ ମନରେ... । ଘାରିଛି ପରାଣ ମନ ।

୩ୟ ଦୃଶ୍ୟ (ଶକୁନି କକ୍ଷ)

ଶକୁନି(ପ୍ରବେଶି): ଚରଆସି ଗୋପନରେ ଦେଇଛି ସମ୍ବାଦ ଯାହା, ଅବିଶ୍ୱାସ୍ୟ ମନେହୁଏ ମତେ । ଦୀର୍ଘ ୧୩ ବର୍ଷ ଧରି କରିଥିଲି ପ୍ରତୀକ୍ଷାବା ଏଥିଲାଗି ? ମନେ ମନେ ପାଞ୍ଚିଥିଲି ୧୩ ବର୍ଷପରେ ପାଣ୍ଡବେ ଅବଶ୍ୟ ଫେରିବେ ହସ୍ତିନା, କୃଷ୍ଣଙ୍କର ପ୍ରେରଣାରେ ପ୍ରତିଶୋଧ ପାଇଁ । ତାହେଲେ ବା ହୁଏତ ପୁରିବ ମୋର ମନସ୍କାମ । ତିଳ ତିଳ କରି ଯେଉଁମାନେ ଅନାହାରରେ ନାଶକରିଛନ୍ତି ମୋର ପିତା ଓ ଭ୍ରାତାଙ୍କୁ, ସେହିବଂଶ ଧ୍ୱଂସ ନ କରିବା ଯାକେ ଶାନ୍ତିରେ ମୁଁ ପାରୁନାହିଁ ବଞ୍ଚି । ଅଥଚ କୃଷ୍ଣ ଆସୁଛନ୍ତି ହସ୍ତିନା ସଭାକୁ ପାଣ୍ଡବର ଶାନ୍ତିଦୂତ ହୋଇ । ପାଣ୍ଡବେକି ସତରେ ଭୁଲିଲେ ତାଙ୍କ ଆପଣାର ଅପମାନ, ପତ୍ନୀ ନିର୍ଯ୍ୟାତନା ? ହାଃ- ଧିକ୍ ଧିକ୍ ତାଙ୍କ କ୍ଷତ୍ରିୟ ପଣକୁ । ଆଉ କିଭଳି ଭାବରେ ଅପମାନ ଦେଇଥିଲେ ଅବା ଚାହିଁଥାନ୍ତେ ପ୍ରତିଶୋଧ । ମନେହୁଏ ଏତେଦିନର ପ୍ରତୀକ୍ଷା ମୋହର ହୋଇବ ନିଷ୍ଫଳ । କେଶବଙ୍କ କୁଟନୀତି ବଚନ ଉପରେ ଭରସାରଖି ମୁଁ କରିଛି ବା ଭୁଲ ? ଦେଖାଯାଉ, କୃଷ୍ଣ ଚାହୁଁଛନ୍ତି ମୋର ଗୋପନେ ସାକ୍ଷାତ, ନିଭୃତରେ ଅର୍ଦ୍ଧରାତ୍ରେ ତାଙ୍କରି ଶିବିରେ । ଜଣାଯିବ ସେତେବେଳେ । ଅଛି କିବା ଉଦ୍ଦେଶ୍ୟ ତାଙ୍କ ଶାନ୍ତିଯାତ୍ରା ଛଳେ ।

ଦୁର୍ଯ୍ୟୋଧନ (ପ୍ରବେଶ) ଏଇ ଯେ ମାତୁଳ ! ଅସ୍ଥିର ହୋଇ ମୁଁ ଖୋଜୁଛି ତୁମ୍ଭଙ୍କୁ ।

ଶକୁନି କି କାରଣେ ଅସ୍ଥିରତା ବତ୍ସ ?

ଦୁର୍ଯ୍ୟୋଧନ ଏଇମାତ୍ର ମିଳିଛି ସମ୍ବାଦ, କୃଷ୍ଣ ଆସୁଛନ୍ତି ହସ୍ତିନାର ଦରବାରେ ।

ଶକୁନି ଯୁଦ୍ଧବାର୍ତ୍ତା ନେଇ ?

ଦୁର୍ଯ୍ୟୋଧନ ନା...

ଶକୁନି ତେବେ... ?

Digitized by PPRACHIN, SOA

ଦୁର୍ଯ୍ୟୋଧନ		ଚର ମୁଖୁଁ ପାଇଛି ବାରତା ଯାହା, କୃଷ୍ଣ ଆସୁଛନ୍ତି ପାଣ୍ଡବର ସନ୍ଧିବାର୍ତ୍ତା ନେଇ ।
ଶକୁନି		ସନ୍ଧିବାର୍ତ୍ତା ନେଇ ?
ଦୁର୍ଯ୍ୟୋଧନ		ଦୟାଆସେ ମୋତେ । ବିଚରା ପାଣ୍ଡବ...
ଶକୁନି		କିନ୍ତୁ ବତ୍ସ, ମନେମୋର ଆସୁଛି ସନ୍ଦେହ । କୃଷ୍ଣ ଆସୁଛନ୍ତି ଯେତେବେଳେ ଥାଇପାରେ କିଛି ଗୋପନ ରହସ୍ୟ ।
ଦୁର୍ଯ୍ୟୋଧନ		ହୁଏତ ବା ହୋଇପାରେ ...।
ଶକୁନି		ନିଶ୍ଚୟ ରହିଛି ପୁତ୍ର, ଜାଣିଛି କୃଷ୍ଣଙ୍କୁ ଯାହା ବିଶ୍ୱାସ ହେଉନି ମନେ, ସନ୍ଧିପାଇଁ ଆସିଥିବେ ସିଏ । ସାବଧାନ ରୁହ ପୁତ୍ର । କୃଷ୍ଣ ଖାଲି ଦୂତ ନୁହେଁ, କୁଟଚକ୍ରୀ । ହେୟ ମନେକରନାହିଁ ତାଙ୍କୁ । ମୋର ମନେହୁଏ ଯାହା କୃଷ୍ଣଙ୍କର ସନ୍ଧିଯାତ୍ରା, କପଟପଶାର ପ୍ରତିଶୋଧ ନେବାପାଇଁ ଏ ଏକ ଛଳନା ଛଡା ଅନ୍ୟ କିଛି ନୁହେଁ ।
ଦୁର୍ଯ୍ୟୋଧନ		କୁହନ୍ତୁ ମୋତେ ମାତୁଳ । କେଉଁ ଭାବେ ପ୍ରତିହତ କରାଯିବ ପାଣ୍ଡବଙ୍କ ସନ୍ଧିପତ୍ର ।
ଶକୁନି		ଚିନ୍ତା କରିବାକୁ ଦିଅ ପୁତ୍ର । ଭାବି ଦେଖେ କିବା ଥାଇପାରେ ପାଣ୍ଡବଙ୍କ ଦାବି ।
ଦୁର୍ଯ୍ୟୋଧନ		ସମସ୍ତ ଦାବିତ ହାରିଛନ୍ତି ପଶାଖେଳ ସମୟରେ। ଆଉ କିବା ଦାବି ରହିଛି ତାଙ୍କର ?
ଶକୁନି		ତା ଅବଶ୍ୟ ସତ୍ୟ । କିନ୍ତୁ ପୁତ୍ର ଜାଣ ତୁମେ, ମହାରାଜଙ୍କର ଦୁର୍ବଳତା ପାଣ୍ଡବଙ୍କ ପ୍ରତି ।
ଦୁର୍ଯ୍ୟୋଧନ		ହଁ ସେଇ ଦୁର୍ବଳତା ଶତ୍ରୁ ଏ ଦେଶର।
ଶକୁନି		ସେଥିଲାଗି ଅଧୈର୍ଯ୍ୟ ହୁଅନା ବତ୍ସ । ରହିଛି ଉପାୟ ଏକ । ଯଦି ତାହା ହୋଇବ ସଫଳ....... ।
ଦୁର୍ଯ୍ୟୋଧନ		କୁହ ମାତୁଳ । କିବା କାର୍ଯ୍ୟ କରିବାକୁ ହେବ ?
ଶକୁନି		ତୁମେ ଯାଇ କୁହ ମହାରାଜେ, କୃଷ୍ଣଙ୍କ ସହିତ ସାକ୍ଷାତ କରିବା ଆଗେ ମହାରାଜ ପ୍ରସ୍ତୁତ କରନ୍ତୁ ଏକ ଶାନ୍ତି ପରିଷଦ । କୃଷ୍ଣଆସି ଆଲୋଚନା କରନ୍ତୁ ପ୍ରଥମେ ଶାନ୍ତି ପରିଷଦ ନିକଟରେ । ଆଲୋଚନା ଶେଷେ ପରିଷଦ ଦେବ ତାଙ୍କ ବିବରଣୀ ମହାରାଜ ପାର୍ଶ୍ୱେ। ତା' ପରେ ଉଚିତ ଯଦି ମଣିବେ ନରେଶ, ଆଲୋଚନା କରିବେ ସେ କୃଷ୍ଣ ସାଥେ ।
ଦୁର୍ଯ୍ୟୋଧନ	:	କି ଲାଭ ହୋଇବ ଅବା, ପରିଷଦ କରିଲେ ଗଠନ ?
ଶକୁନି	:	କୃଷ୍ଣଙ୍କର ଅସଲ ଉଦ୍ଦେଶ୍ୟ ହେବ ଆମ ଅବଗତ । ତା ପରେ ଗୋପନେ କରିବା ସ୍ଥିର ପ୍ରତିକାର ତାର ।
ଦୁର୍ଯ୍ୟୋଧନ	:	ଚାଲ ତେବେ ଯିବା ଦୁହେଁ, ମହାରାଜା ପାଶେ ।
ଶକୁନି	:	ମୋତେ ଯେବେ ତୁମ ସାଥେ ଦେଖିବେ ନରେଶ ସନ୍ଦେହ କରିବେ ନିଶ୍ଚେ ।
ଦୁର୍ଯ୍ୟୋଧନ	:	ଠିକ୍ ଅଛି ।
ଶକୁନି	:	ଶୁଣ ପୁତ୍ର ! ଶାନ୍ତି ପରିଷଦେ ଅବଶ୍ୟ ରଖିବ ତୁମ୍ଭେ ବିଦୁରଙ୍କୁ ସଦସ୍ୟ ଭାବରେ ।
ଦୁର୍ଯ୍ୟୋଧନ	:	ପାଣ୍ଡବେ ଅଟନ୍ତି ତାଙ୍କ ଅତିପ୍ରିୟ । ସେ ରହିଲେ ସଦସ୍ୟ ଭାବରେ, କୌରବଙ୍କ ହିତଠାରୁ ପାଣ୍ଡବଙ୍କ ହିତପାଇଁ ଧ୍ୟାନଦେବେ ବେଶି ।
ଶକୁନି	:	ନା, ନା, ନା...। ବିଦୁରଙ୍କୁ ରଖିଲେ ସଦସ୍ୟ, କୃଷ୍ଣଙ୍କର ଆସିବ ବିଶ୍ୱାସ ଶାନ୍ତି ପରିଷଦ ପ୍ରତି । ତା'ହେଲେ ସିନା ସନ୍ଦେହ ନରଖି ମନେ ଖୋଲାଖୋଲି ଆଲୋଚନା କରିବେ-ସେ ଶାନ୍ତି ପରିଷଦ ସାଥେ ।
ଦୁର୍ଯ୍ୟୋଧନ	:	ତୁମ ମତେ ଆଉ କିଏ ରହିବେ ସଦସ୍ୟ ?

Digitized by PPRACHIN, SOA

ଶକୁନି — ଯୁବରାଜ ସ୍ୱୟଂ ନିଶ୍ଚେ ରହିବେ ସେଥିରେ । ସାଥେ ଥିବେ ମହାମନ୍ତ୍ରୀ ଆଉ ତୁମ ଏ ମାତୁଳ ।

ଦୁର୍ଯ୍ୟୋଧନ — ଏମାନଙ୍କ ସଙ୍ଗେ ସଖାମୋର ରହିଲେ ମୋ ସାଥେ, ଆପତ୍ତି କି ରହିଛି ତୁମର ?

ଶକୁନି — ଆପତ୍ତି କି ଲାଗି ପୁତ୍ର । ଚେଷ୍ଟାକରି ଦେଖଆଗେ, ମହାରାଜ, ହୋଇବେତ ରାଜି ଶାନ୍ତି ପରିଷଦ ଗଠନର ପାଇଁ ?

ଦୁର୍ଯ୍ୟୋଧନ — ସେଥିପାଇଁ ହୁଅନା ଚିନ୍ତିତ । ପାଣ୍ଡବଙ୍କ ପ୍ରତି ଦୁର୍ବଳତା ଥାଏ ଯଦି ଥାଉ । ମୋ ଲାଗି ରହିଛି ତାଙ୍କ ଅନାବିଳ ପୁତ୍ର ସ୍ନେହ । ସେହି ସ୍ନେହେ ମୁହିଁ ବାନ୍ଧିବି ତାହାଙ୍କୁ । (ପ୍ରସ୍ଥାନ)

ଶକୁନି(ନିଜକୁ): — କୃଷ୍ଣ ଯାହା ଆଣନ୍ତୁ ସନ୍ଦେଶ ପଛେ, ପରିସ୍ଥିତି ସଦା ଆପଣା ଆୟତ୍ତରେ ନ ରଖିଲେ ଶକୁନିର ହେବ ପରାଜୟ । କୃଷ୍ଣ ଯଦି କରନ୍ତି ବା ପ୍ରତାରଣା ମୋ ସାଥିରେ, ଆପଣାର ଚେଷ୍ଟା ନିଜହସ୍ତେ କରିବି ମୁଁ । (ବିଦୁରଙ୍କ ପ୍ରବେଶ)

ଏଇ ଯେ ମହାମନ୍ତ୍ରୀ, ଶୁଣିଥିବେ ନିଶ୍ଚେ, ବାସୁଦେବ ଆସୁଛନ୍ତି ପାଣ୍ଡବଙ୍କ ଶାନ୍ତିଦୂତ ହେଇ ହସ୍ତିନା ସଭାକୁ ?

ବିଦୂର — ସେଥିଲାଗି ଯାଉଛି ମୁଁ ମହାରାଜ ପାର୍ଶ୍ୱେ ।

ଶକୁନି — ସମ୍ବାଦ ଦେବାକୁ ?

ବିଦୂର — ସମ୍ବାଦ ତ ସେ ପାଇଥିବେ ଆପଣଙ୍କଠାରୁ । ମୁଁ ଯାଉଛି ଅନ୍ୟକାର୍ଯ୍ୟ ପାଇଁ ।

ଶକୁନି — ଜାଣିବାରେ ଅଛିକି ଆପତ୍ତି ?

ବିଦୁର — ଦ୍ୱାରିକାର ଅଧିପତି ଆସୁଛନ୍ତି ଯେତେବେଳେ ହସ୍ତିନା ସଭାକୁ । ହସ୍ତିନାର ମହାରାଜ ତରଫରୁ ସ୍ୱାଗତର ଆୟୋଜନ କରିବାକୁ ହେବ ।

ଶକୁନି — ମହାରାଜ ଯଦି କରନ୍ତି ଆପତ୍ତି ?

ବିଦୁର — ଅତିଥିଙ୍କୁ ସ୍ୱାଗତ କରିବା ପ୍ରଚଳିତ ପ୍ରଥା, ରାଜ ପରମ୍ପରା ।

ଦୁର୍ଯ୍ୟୋଧନ — (ପ୍ରବେଶି) ଅତିଥି ନୁହଁନ୍ତି, ଦୂତ ସିଏ ।

ବିଦୁର — ଦୂତକୁ ସ୍ୱାଗତ କରିବା ମଧ୍ୟ ରାଜ ପରମ୍ପରା ।

ଦୁର୍ଯ୍ୟୋଧନ — ପୁରାତନ ପରମ୍ପରା ଭଙ୍ଗ ହେଲେ କ୍ଷତି କିବା ହେବ କିଛି ହସ୍ତିନାର ?

ଶକୁନି — ଉତ୍ତେଜିତ ହୁଅନାହିଁ ପୁତ୍ର । ମନ୍ତ୍ରୀଙ୍କର ରାଜକାର୍ଯ୍ୟ କରିବାକୁ ଦିଅ ତାଙ୍କୁ ।

(ଚୁପଚୁପ ଦୁର୍ଯ୍ୟୋଧନକୁ) ଶୁଣ ଆହେ ପୁତ୍ର ମୋର ଯୁକ୍ତି, ଆଡମ୍ବରେ ସ୍ୱାଗତ କରି ବାସୁଦେବେ, ଯଥାଇଚ୍ଛା ଉପହାର ଦେଇତାଙ୍କୁ, ହୁଏତ ବା ପାଣ୍ଡବଙ୍କ ଉଦ୍ଦେଶ୍ୟକୁ ବିଫଳ କରାଯାଇପାରେ । (ଦୁର୍ଯ୍ୟୋଧନ ସମ୍ମତି)

ଆପଣ ଯାଆନ୍ତୁ ମହାମନ୍ତ୍ରୀ । ମହରାଜାଙ୍କର ଅନୁମତି ନେଇ କରନ୍ତୁ ସ୍ୱାଗତ ବାସୁଦେବ କୃଷ୍ଣେ । (ବିଦୁର ପ୍ରସ୍ଥାନ)

କୁହ ବତ୍ସ, କିବା ହେଲା ଆଲୋଚନା ମହାରାଜସାଥେ । ଶାନ୍ତି ପରିଷଦ ଅବା ହେଲାକି ଗଠିତ ?

ଦୁର୍ଯ୍ୟୋଧନ — ମହାରାଜ ଦେଇଛନ୍ତି ସମ୍ମତି ପଠାଇ । ଶାନ୍ତି ପରିଷଦ ହୋଇଛି ଗଠିତ, ଆପଣଙ୍କ ପରାମର୍ଶ ମତେ ।

ଶକୁନି — ଚମତ୍କାର ପୁତ୍ର । ଚାଲ ଏବେ ମହାରଜେ କହି କୃଷ୍ଣଙ୍କର ଆତିଥ୍ୟର ବନ୍ଦୋବସ୍ତ କରିବାକୁ ହେବ ।

Digitized by PPRACHIN, SOA

ଦୁର୍ଯ୍ୟୋଧନ ଯାଅ ତୁମେ ଏକା ! କୃଷ୍ଣଙ୍କ ସ୍ୱାଗତ ଲାଗି ନୁହେଁ ମୁଁ ସମ୍ମତ ।

ଶକୁନି ଏ ଆମର ଆନ୍ତରିକ ସ୍ୱାଗତିକା ନୁହଁ ପୁତ୍ର, ଛଳନା ମାତର । ଯଦି କୃଷ୍ଣ ଧରା ଦିଅନ୍ତି ଏଥିରେ ତାହେଲେ ତାଙ୍କୁ କରି କରାୟତ, ପାଣ୍ଡବଙ୍କ ଉଦ୍ଦେଶ୍ୟକୁ କରାଯିବ ପଣ୍ଡ ।

ଦୁର୍ଯ୍ୟୋଧନ ଆଉ ଯଦି ସିଏ ନ ଦିଅନ୍ତି ଧରା... ?

ଶକୁନି ତାହାହେଲେ ଉଦ୍ଦେଶ୍ୟ ତାଙ୍କର ପଣ୍ଡହେବ ନିଶ୍ଚେ । ପାଣ୍ଡବ, କୌରବଙ୍କର ଏ ସମସ୍ୟା ଅତ୍ୟନ୍ତ ଜଟିଳ । କୃଷ୍ଣଙ୍କର ଆୟତ୍ତ ବାହାରେ ।

ଦୁର୍ଯ୍ୟୋଧନ ଆମେ ଚାହୁଁ ସମାଧାନ କୌରବ ପକ୍ଷରେ ।

ଶକୁନି (ସ୍ୱଗତୋକ୍ତି) ଦେଖାଯାଉ- କୃଷ୍ଣଙ୍କର ଅଛିକିବା ଯୁକ୍ତି, ପାଣ୍ଡବଙ୍କ ଅଧିକାର ସପକ୍ଷରେ (ପ୍ରକାଶ୍ୟେ) ନିଶ୍ଚିନ୍ତରେ ରୁହ ପୁତ୍ର, କୌରବଙ୍କ ଅଧିକାର ଘେନି । ବିଫଳ କରିବି ନିଶ୍ଚେ କୃଷ୍ଣଙ୍କର ଉଦ୍ଦେଶ୍ୟ, ମୁଁ ବଞ୍ଚିଥିବା ଯାଏ ।

ଦୁର୍ଯ୍ୟୋଧନ ତା ହେଲେ ମୁଁ ଆସୁଛି ମାତୁଳ ।

ଶକୁନି ଆସ ପୁତ୍ର ମୁଁ ଦେଖୁଛି ଯାଇ, ମହାରାଜ କଲେଣିକି ସ୍ୱାଗତର ଆୟୋଜନ କିଛି । (ଦୁହେଁ ପ୍ରସ୍ଥାନ)

୪ର୍ଥ ଦୃଶ୍ୟ (ରାଜପଥରେ କୃଷ୍ଣଙ୍କୁ ସ୍ୱାଗତ କରୁଛନ୍ତି ଶକୁନି, ବିଦୁର)

କୋରସ୍ : (ଗୀତ)

ସ୍ୱାଗତମ୍ ମଧୁ ସ୍ୱାଗତମ (୦)
ହେ ଯଦୁପତି ଦ୍ୱାରିକାଧିପତି କୃଷ୍ଣ ବାସୁଦେବ ସ୍ୱାଗତମ୍ (୧)
ଯାଦବ କୁଳର ମଉଡ଼ମଣି ହେ ଶ୍ରୀରାଧାର ପାଦ ମର୍ଦ୍ଦନକାରୀ
ଧେନୁ ଚାରୀ ପୁଣି ବଇଁଶୀଧାରୀ ହେ ପାଣ୍ଡବର ଦୂତ ସ୍ୱାଗତମ୍
ହସ୍ତିନାପୁରକୁ ସ୍ୱାଗତମ୍ (୨)

କୋରସ ଗୀତ : ସ୍ୱାଗତମ୍...ମଧୁ...ସ୍ୱାଗତମ୍...

ଶକୁନି : ଯାଦବପତି, ଦ୍ୱାରିକାଧୀଶ୍ୱର, କୃଷ୍ଣବାସୁଦେବଙ୍କୁ ହସ୍ତିନାର ଅଧିପତି ମହାରାଜ ଧୃତରାଷ୍ଟ୍ରଙ୍କ ତରଫରୁ ସ୍ୱାଗତ ଜଣାଇ ହସ୍ତିନାର ଆତିଥ୍ୟ ଗ୍ରହଣ କରିବା ଲାଗି ନିମନ୍ତ୍ରଣ କରୁଛି ।

କୃଷ୍ଣ ଦ୍ୱାରିକାର ଅଧିପତି ଭାବେ ଆସିଥାନ୍ତି ଯଦି ହସ୍ତିନା ନଗରୀ, ଗ୍ରହଣ ମୁଁ କରିଥାନ୍ତି ଆନନ୍ଦରେ ରାଜକୀୟ ଆତିଥ୍ୟ ତୁମର । କିନ୍ତୁ ହେ ମାତୁଳ, ମନସ୍କାମ ମୋର ନହେଲେ ପୂରଣ, କିପରି ବା ଗ୍ରହଣ କରିବି ମୁହିଁ ଆତିଥ୍ୟ ତୁମର ? କ୍ଷମାକର ମୋତେ ।

ଶକୁନି : ମହାରାଜ ହୋଇବେ ଦୁଃଖିତ ।

କୃଷ୍ଣ : ମହାରାଜେ କହିବେ ବୁଝାଇ । ପାଣ୍ଡବର ଦୂତଭାବେ ପ୍ରାର୍ଥନା ମୋହର ଯଦି କରିବେ ପୂରଣ । ଗ୍ରହଣ କରିବି, ମନଭରି ରାଜକୀୟ ଆତିଥ୍ୟ ତାଙ୍କର । ତା' ପୂର୍ବରୁ ଶୋଭନୀୟ ହେବନାହିଁ ତାହା ।

ବିଦୁର ଅବସ୍ଥାନ କରିବେ କେଉଁଠି ତେବେ । ହେ କେଶବ ?

କୃଷ୍ଣ ମାତା କୁନ୍ତୀଙ୍କର ସାଥେ, ସାକ୍ଷାତ ହେବାର ଆଗେ ଅଛି ପ୍ରୟୋଜନ । ତା' ପରେ ଯାଇ ବିଶ୍ରାମର ଚିନ୍ତା ।

Digitized by PPRACHIN, SOA

ବିଦୁର	ସାଥେମୋର କରନ୍ତୁ ଗମନ, ରଥେ ମୋର ବସି । (ପ୍ରସ୍ଥାନ ଓ କୃଷ୍ଣଙ୍କର ଇସାରା)

୫ମ ଦୃଶ୍ୟ (ବିଦୁରଙ୍କ ଗୃହ)

କୁନ୍ତୀ	ହେ କେଶବ ! ପୁତ୍ରେ ମୋର ଅଛନ୍ତି କିପରି ?

କୃଷ୍ଣ	ମାତା ! ପୁତ୍ରେ ତବ ଦ୍ରୌପଦୀଙ୍କ ସହ ଅଛନ୍ତି କୁଶଳେ । ତାଙ୍କରି ବାରତା ନେଇ ଆସିଛି ମୁଁ ତୁମ୍ଭ ନିକଟକୁ ।

କୁନ୍ତୀ	ଶୀଘ୍ରକୁହ ! କି ବାରତା ଆଣିଛ କେଶବ ? ଶୁଭ କି ଅଶୁଭ କୁହ, ହୃଦମୋର ହେଉଛି ବ୍ୟାକୁଳ ।

କୃଷ୍ଣ	ଶାନ୍ତହୁଅ ମାତା । ଆସିଛି ମୁଁ ହସ୍ତୀନାପୁରକୁ ପାଣ୍ଡବର ଶାନ୍ତିଦୂତ ହୋଇ । ମାଗିବାକୁ ଭିକ୍ଷାଭାବେ ୫ ଖଣ୍ଡି ଗ୍ରାମ ପାଣ୍ଡବଙ୍କ ଲାଗି ।

କୁନ୍ତୀ	ମାତ୍ର ୫ ଖଣ୍ଡି ଗ୍ରାମ ! ମହାରାଜ ପଣ୍ଡୁପୁତ୍ରଙ୍କର ? ତାହା ପୁଣି ଭିକ୍ଷା ଭାବେ ? ହେ କେଶବ, ପୁତ୍ରେ ମୋର ଅଛନ୍ତିକି ଅବଗତ ? ଭବିଷ୍ୟତ ଲାଗି ।

କୃଷ୍ଣ	ଜାଣିଛି ମୁଁ ପାଣ୍ଡବଙ୍କ ନ୍ୟାଯ୍ୟ ଅଧିକାର । ଅବଶ୍ୟ ମାଗିବି ତାହା ହସ୍ତିନାସଭାରେ । ଏ କଥାବି ଜାଣିଛନ୍ତି ସର୍ବେ, କୌରବ କେବେହେଁ ତାହା ଦେବାପାଇଁ ହେବେନାହିଁ ରାଜି । ନ୍ୟାଯ୍ୟ ଅଧିକାର ପାଇଁ ପାଣ୍ଡବଙ୍କୁ ପ୍ରସ୍ତୁତ ହେବାକୁ ହେବ ଯୁଦ୍ଧକ୍ଷେତ୍ର ପାଇଁ ।

କୁନ୍ତୀ	ତା' ହେଲେ ତୁମେ କିମ୍ପା ଆସିଛ କେଶବ ଭିକ୍ଷା ପାତ୍ର ନେଇ ହସ୍ତିନାପୁରକୁ ? ପାଣ୍ଡବେକି ଅସମର୍ଥ ପିତାଙ୍କର ନ୍ୟାଯ୍ୟ ଅଧିକାର ଫେରିପାଇବାକୁ ?

କୃଷ୍ଣ	ପାଣ୍ଡବେ କଦାପି ଅସମର୍ଥ ନୁହେଁ ମାତା । ଯୁଦ୍ଧପାଇଁ ସରିନି ପ୍ରସ୍ତୁତି ସବୁ ।

କୁନ୍ତୀ	୧୩ ବର୍ଷ ଅବସର ପରେ ମଧ୍ୟ ସରିନି ପ୍ରସ୍ତୁତି ?

କୃଷ୍ଣ	ଅଧୈର୍ଯ୍ୟ ହୁଅନା ମାତା ! ଶୁଣ ମୋର ଉକ୍ତି । କୌରବ ପାଣ୍ଡବ ଯୁଦ୍ଧହେଲେ ପାଣ୍ଡବଙ୍କ ପ୍ରତିପକ୍ଷେ ରହିବେ ବିଶ୍ୱର ତିନୋଟି ଅଜେୟ ଶକ୍ତି । ପ୍ରଥମରେ ମୃତ୍ୟୁଞ୍ଜୟୀ ପିତାମହ ଭୀଷ୍ମ, ଦ୍ୱିତୀୟରେ ଅସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟ, ତଥା ତୃତୀୟରେ ଅଙ୍ଗରାଜ କର୍ଣ୍ଣ । ସେଥିପାଇଁ ୧୩ ବର୍ଷ ପୂର୍ବେ କହିଥିଲି ଆପଣଙ୍କୁ, ହସ୍ତିନାରେ ରହଣି କାଳରେ ମାତା, ଛଳେ ଅବା କୌଶଳେ ପିତାମହଙ୍କର ମନେ ଜାଗ୍ରତ କରିବ ତୁମେ ଜୀବନ ବିତୃଷ୍ଣା ମଧ୍ୟେ ମୃତ୍ୟୁର ବାସନା । ଆଉ ଯଦି ହୁଅଇ ସମ୍ଭବ, ଏକାନ୍ତରେ ଅଙ୍ଗରାଜେ ଆପଣାର ପରିଚୟ ଦେଇ କହିବ ତାହାଙ୍କୁ ତାଙ୍କ ଜନ୍ମ ଇତିହାସ । ଇତିମଧ୍ୟେ ଅବଶ୍ୟ ମୁଁ ପାଇଛି ଦ୍ରୋଣଙ୍କର ଦୁର୍ବଳତା । ସେଇହେବ ଶେଷଅସ୍ତ୍ର ତାଙ୍କ ମୃତ୍ୟୁପାଇଁ । କୁହ ମାତା କେତେଦୂର ଅଗ୍ରସର ହୋଇଅଛନ୍ତି ଆପଣାର କାର୍ଯ୍ୟେ ।

କୁନ୍ତୀ	ପାରିନି ମୁଁ ମୃତ୍ୟୁଭେଦ ଜାଣି ପିତାମହଙ୍କର। ଅବଶ୍ୟ ଜାଗିଛି ଜୀବନ ବିତୃଷ୍ଣା ପିତାମହଙ୍କର । ପିତାମହ କହିଛନ୍ତି ଏକାନ୍ତରେ ମୋତେ । ଯଦି ହୁଏ କୌରବ ପାଣ୍ଡବଙ୍କ ଯୁଦ୍ଧ ସେଇହେବ ତାଙ୍କ ଜୀବନର ଅନ୍ତିମ ଅଧ୍ୟାୟ । ପଣ କରିଛନ୍ତି ପୁଣି, ନାରୀ କିମ୍ବା ଅର୍ଦ୍ଧନାରୀ ବିରୁଦ୍ଧରେ ଅସ୍ତ୍ର ଧରି କରିବେନି ଯୁଦ୍ଧ ।

କୃଷ୍ଣ	ନାରୀ କିମ୍ବା ଅର୍ଦ୍ଧନାରୀ । ସଯତ୍ନେ ରହିଲା ମୋର ମନରେ ଏ କଥା । ଦେଖାଯିବ, ଯଦି କେବେ ହୁଏ ପ୍ରୟୋଜନ । କିନ୍ତୁ ମାତା ଅଙ୍ଗରାଜ କର୍ଣ୍ଣ ? ଦେଲଣିକି ପରିଚୟ ତାଙ୍କୁ ?

Digitized by PPRACHIN, SOA

କୁନ୍ତୀ କ୍ଷମାକର ବାସୁଦେବ । ନିରୁପାୟ ମୁହିଁ କର୍ଣ୍ଣ ସଂପର୍କରେ। ଦୀର୍ଘ ୧୩ ବର୍ଷ ଧରି ଯେତେଥର ଚାହିଁଛି ମୁଁ ପରିଚୟ ଦେବାକୁ କର୍ଣ୍ଣରେ । ସେତେଥର ଅଶ୍ରୁସିକ୍ତ ହୋଇଛି ନୟନ ସିନା, ଅନ୍ତରର କୋହଟିପି ପରିଚୟ ଦେଇ ପାରିନାହିଁ ତାହାର ସମ୍ମୁଖେ । ନା, ନା ! ନିରୁପାୟ ମୁହିଁ ବାସୁଦେବ । ଏ ଅତି କଠିନ କାର୍ଯ୍ୟ । ପରିତ୍ୟକ୍ତ ପୁତ୍ର ସମ୍ମୁଖରେ ଉଭାହୋଇ ପୁତ୍ରବୋଲି ସମ୍ବୋଧନ କରିବାକୁ କେମିତି କେଜାଣି ମୋତେଲାଗେ ଅସହାୟ ।

କୃଷ୍ଣ ଅବଶ୍ୟ କଠିନ ମାତା। ଠିକ ଅଛି, ସେ ଦାୟିତ୍ୱ ନେଲି ମୁହିଁ । କିନ୍ତୁ ମାତା, ଅନ୍ୟ ଏକ କାର୍ଯ୍ୟ ଅଛି ଆପଣଙ୍କ ଲାଗି ।

କୁନ୍ତୀ ଶୁଣେ ଆଗେ କିବା ସେହି କାର୍ଯ୍ୟ ।

କୃଷ୍ଣ ଅତ୍ୟନ୍ତ ପ୍ରୟୋଜନ ତାହା ପାଣ୍ଡବଙ୍କ ପ୍ରାଣରକ୍ଷା ଲାଗି । କେବଳ ସେତିକି ନୁହେଁ, ଏହି କାର୍ଯ୍ୟ ସମ୍ଭବ ହୋଇବ ଏକା ଆପଣଙ୍କ ଦ୍ୱାରା ।

କୁନ୍ତୀ କୁହ ତେବେ ବିଳମ୍ବ ନ କରି ।

କୃଷ୍ଣ କାଲି ପ୍ରଭାତରେ, ସୂର୍ଯ୍ୟଙ୍କୁ ତର୍ପଣସାରି ଫେରିବାର ପଥେ, ଏକାନ୍ତେ ନିବୃତ୍ତେ । ଉଭାହୋଇ କର୍ଣ୍ଣଙ୍କ ସମ୍ମୁଖେ ମାଗିବେ ତାହାଙ୍କୁ ପଞ୍ଚପୁତ୍ର ପ୍ରାଣ, ଯଦିହୁଏ ସମ୍ମୁଖ ସମର ।

କୁନ୍ତୀ : କିନ୍ତୁ...

କୃଷ୍ଣ : ଆପଣଙ୍କ ପରିଚୟ ମୁଁ ଦେଇଥିବି ଯଥେଷ୍ଟ ପୂର୍ବରୁ । ତା ଛଡା ଜାଣନ୍ତି ଆପଣ ପ୍ରତିଦିନ ସେହି ମୂହୁର୍ତ୍ତରେ ଅଦେୟ ରହେନା କିଛି କର୍ଣ୍ଣ ନିକଟରେ ।

କୁନ୍ତୀ ମାତା ହୋଇ ପରୋକ୍ଷରେ କର୍ଣ୍ଣ ଭଳି ପୁତ୍ରର ମୃତ୍ୟୁକୁ ଅବା ଚାହିଁବି କିପରି ?

କୃଷ୍ଣ ଭାବିଦେଖ ମାତା- ଏକ ପାର୍ଶ୍ୱେ କର୍ଣ୍ଣ, ଅନ୍ୟପାର୍ଶ୍ୱେ ପଞ୍ଚପୁତ୍ର ତବ । ତା ଛଡା କର୍ଣ୍ଣଙ୍କର ମୃତ୍ୟୁ ତୁମେ ଚାହୁନାହଁ ମାତା ବରଂ ତୁମେ କର୍ଣ୍ଣଠାରୁ ଚାହୁଁଅଛ ପାଣ୍ଡବଙ୍କ ଜୀବନ ପ୍ରାର୍ଥନା ।

କୁନ୍ତୀ କିନ୍ତୁ ମନ ମୋର ବୁଝୁନାହିଁ, ହେବନିକି ଏହା କର୍ଣ୍ଣ ପ୍ରତି ଅବିଚାର ମୋର ?

କୃଷ୍ଣ କରିଛି ମୁଁ ସକଳ ପ୍ରଚେଷ୍ଟା, କର୍ଣ୍ଣଙ୍କୁ ଆଣିବା ଲାଗି ପାଣ୍ଡବ ଶିବିରେ । କିଏ କହିପାରେ ! ହୁଏତ ଶେଷରେ, ଜ୍ୟେଷ୍ଠପୁତ୍ର ତବ ହୋଇଯିବେ ରାଜି, ମାତାଙ୍କ ସ୍ନେହରେ ।

କୁନ୍ତୀ : କେଜାଣି କି ଇଚ୍ଛା ଅଦୃଷ୍ଟର ।

ବିଦୁର : ଆସନ୍ତୁ ହେ ପ୍ରଭୁ । ଭୋଜନର ହେଲାଣି ସମୟ । (ଅନ୍ଧକାର)

୬ଷ୍ଠ ଦୃଶ୍ୟ

(ରାତ୍ରିର ଏକାନ୍ତରେ କୃଷ୍ଣ ଶିବିରରେ ଲୁଚି ଲୁଚି ଶକୁନିର ପ୍ରବେଶ)

କୃଷ୍ଣ : କୁଶଳତ ସବୁ ହସ୍ତିନାର ?

ଶକୁନି(ଚମକି):କିନ୍ତୁ ଏ କି ପ୍ରହସନ ତୁମ୍ଭ ପାରୁନାହିଁ ବୁଝି । ଯୋଜନାନୁସାରେ କଥାଥିଲା ବନବାସ ପରେ ପାଣ୍ଡବେ କରିବେ ଯୁଦ୍ଧ ହସ୍ତିନା ସହିତ, ଅଥଚ ଆପଣ ଆସିଲେ ଶେଷେ ସନ୍ଧିବାର୍ତ୍ତା ଧରି । ଏଇଥି ପାଇଁ କି ମୁହିଁ ଚୁକ୍ତି କରିଥିଲି ଆପଣଙ୍କ ସାଥେ ।

କୃଷ୍ଣ : ଉତ୍ତେଜିତ ହୁଅନା ମାତୁଳ। ଚୁକ୍ତି ଅନୁସାରେ ସବୁ ଠିକ୍ ଅଛି । ମନେକର ଏହି ଆଗମନ ତାର ପ୍ରଥମ ସୋପାନ । କୁହ ଖୋଲି ହସ୍ତିନାର ସମାଚାର ସବୁ ।

Digitized by PPRACHIN, SOA

ଶକୁନି ଯୋଜନାନୁସାରେ ହସ୍ତିନାର ସମସ୍ତ ସମସ୍ୟା ଏହି ଅଧମର ଅଛି କରାୟତେ । ରହିଁବା ମାତ୍ରକେ କୁରୁକ୍ଷେତ୍ରେ ବାଜିବ ଦୁନ୍ଦୁଭିଃ । ସେ ଲାଗି କରନା ଚିନ୍ତା । ଆହେ ବାସୁଦେବ । ସମସ୍ତ ନିର୍ଦ୍ଦେଶ ତୁମ ରହିଅଛି ଗୋପନେ, କୌଶଳେ ହସ୍ତିନାପୁରରେ । ଇତିମଧ୍ୟେ ହସ୍ତିନାର ରାଜସଭା, ରାଜକାର୍ଯ୍ୟ, ପ୍ରତିରକ୍ଷା, ଗୋପନ ରହସ୍ୟ ସବୁ କରିଛି ଆୟତ୍ତ । ଉଚିତ ସମୟେ ମୁହିଁ ଯୋଗାଇବି ସମସ୍ତ ଗୋପନ ତଥ୍ୟ ।

କୃଷ୍ଣ ତୁମ କାର୍ଯ୍ୟ କଳାପରେ, ଜନ୍ମିଛିକି କୌଣସି ସନ୍ଦେହ କୌରବ ହୃଦୟେ ?

ଶକୁନି ନା ବାସୁଦେବ, କୌରବ ଜାଣନ୍ତି ମୋତେ ହିତକାଂକ୍ଷୀ ତାଙ୍କ ।

କୃଷ୍ଣ ବାଃ ଚମତ୍କାର ତୁମ ଅଭିନୟ । ଠିକ୍ ଅଛି । କିନ୍ତୁ ଫେରିଯିବା ପୂର୍ବେ ଦାୟିତ୍ୱ ରହିଛି ଏକ ତୁମ ଲାଗି । ସାବଧାନେ କରିବ ପୂରଣ ।

ଶକୁନି ଅଛି କି ସନ୍ଦେହ କିଛି ?

କୃଷ୍ଣ ଏକ କି କଥା କହୁଛ ମାତୁଳ । ତୁମକୁ ସନ୍ଦେହ ? ଅସମ୍ଭବ ।

ଶକୁନି କୁହନ୍ତୁ କି କାର୍ଯ୍ୟ ।

କୃଷ୍ଣ ଯେବେ ଯିବି ମୁହିଁ କୌରବର ଦରବାରେ, ପାଣ୍ଡବର ଶାନ୍ତିବାର୍ତ୍ତା ନେଇ, ନାନା ଭାବେ ଉତ୍ତେଜିତ କରି ଦୁର୍ଯ୍ୟୋଧନେ, ପାଣ୍ଡବଙ୍କ ଶାନ୍ତି ସନ୍ଧି କର ପ୍ରତ୍ୟାଖ୍ୟାନ ।

ଶକୁନି କିନ୍ତୁ ପାଣ୍ଡବଙ୍କ ସନ୍ଧିବାର୍ତ୍ତା ସମ୍ବନ୍ଧରେ ମିଳିବକି ପୂର୍ବାଭାଷ କିଛି ?

କୃଷ୍ଣ ପାଣ୍ଡବଙ୍କ ନ୍ୟାଯ୍ୟ ଅଧିକାର - ଅର୍ଦ୍ଧ ରାଜ୍ୟ ।

ଶକୁନି ଅର୍ଦ୍ଧ ରାଜ୍ୟ ! ବାସ୍ !! ଏଥିପାଇଁ ଦୁର୍ଯ୍ୟୋଧନେ ଉତ୍ତେଜିତ କରିବାକୁ ଲୋଡା ନାହିଁ ମୋର ପ୍ରୟୋଜନ । ଜାଣନ୍ତି ସମସ୍ତେ ଦୁର୍ଯ୍ୟୋଧନ ଦୁର୍ବଳତା କଥା । ମାତୃଭୂମି ଭକ୍ତ ସିଏ । ଅନାୟାସେ ଦେଇପାରେ ଜୀବନସେ ମାତୃଭୂମି ପାଇଁ ସିନା, ମାତୃଭୂମି ଅସମ୍ମାନ ଅବା ବିଭାଜନ ସହିବନି କେବେ ।

କୃଷ୍ଣ ତାର ସେଇ ଦୁର୍ବଳତା ହେବ ଆମ୍ଭ ଅସ୍ତ୍ର । ଆଉ ଏକ ଦାୟିତ୍ୱ ତୁମକୁ ଦେଉଅଛି ମୁହିଁ । ଅତ୍ୟନ୍ତ ଚତୁର ଭାବେ ସମାପନ କରିବାକୁ ହେବ ତାହା...ଅନ୍ୟଥା ଯୋଜନା ସବୁ ହୋଇପାରେ ପଣ୍ଡ ।

ଶକୁନି ନିର୍ଦ୍ଦେଶ ଦିଅନ୍ତୁ ମତେ ।

କୃଷ୍ଣ ହସ୍ତିନାର ଦରବାରେ ପାଣ୍ଡବର ସନ୍ଧି ଯେବେ ହେବ ପ୍ରତ୍ୟାଖ୍ୟାନ, ସେତେବେଳେ ନାନାଭାବେ ଉତ୍ତେଜିତ କରିବି ମୁଁ... । ଅତି ସାବଧାନେ ଦୁର୍ଯ୍ୟୋଧନେ ଦିଅହେ ମନ୍ତ୍ରଣା କରିବାକୁ ବନ୍ଦୀ ମୋତେ ।

ଶକୁନି ଏ କି କଥା କହୁଛ କେଶବ ? ଆପଣ ହୋଇଲେ ବନ୍ଦୀ କୌରବର କାରାଗାରେ, ଯୋଜନା ଆମର ସବୁ ହେବ ଅର୍ଥହୀନ । କିପରି ମୁଁ ପୂରଣ କରିବି ଉଦ୍ଦେଶ୍ୟ ମୋହର ।

କୃଷ୍ଣ (ହସି) ଏଇ ବୁଦ୍ଧି ନେଇ କୂଟନୀତି ଖେଳ ଖେଳୁଛ ମାତୁଳ ? ଶୁଣ ତେବେ କହୁଛି ମୁଁ । କୌଶଳେ ସେଦିନ ସଭାଗୃହେ ଦ୍ୱାରପାଳ ରଖିବ ଯେତେକ ଆପଣାର ସୈନ୍ୟ, ବନ୍ଦୀ କରିବାକୁ ମୋତେ । ଆଦେଶ ପାଇଲାମାତ୍ରେ ସୈନ୍ୟମାନେ ନିଜ ନିଜ ମଧ୍ୟେ ଖଣ୍ଡଯୁଦ୍ଧ କରିବେ ରଚନା, ସେଇ ସୁଯୋଗରେ ଖସିଯିବି ମୁହିଁ ।

Digitized by PPRACHIN, SOA

ଶକୁନି ଚମତ୍କାର, ଚମତ୍କାର ଯୋଜନା ।

କୃଷ୍ଣ ଏବେ ଫେରିଯାଇ, ହସ୍ତିନାର ରାଜପୁରେ, କରିବ ଏ ଗୁଜବ ପ୍ରଚାର । କୃଷ୍ଣ ଅଟେ ଅତ୍ୟନ୍ତ ମାୟାବୀ...ଚାହିଁଲେ ସେ କରିପାରେ ଅବିଳମ୍ବେ ମାୟାର ରଚନା ।

ଶକୁନି ବାଃ ! କୃଷ୍ଣ ଅଟେ ଅତ୍ୟନ୍ତ ମାୟାବୀ-ଚାହିଁଲେ ସେ କରିପାରେ ଅବିଳମ୍ବେ ମାୟାର ରଚନା । (ଶକୁନିର ପ୍ରସ୍ଥାନ)

କୃଷ୍ଣ : ମହାମନ୍ତ୍ରୀ, ମହାମନ୍ତ୍ରୀ ।

ବିଦୁର : (ପ୍ରବେଶୀ) କି କାରଣେ କରିଲେ ସ୍ମରଣ ମୋତେ ନିଶାର୍ଦ୍ଧରେ ପ୍ରଭୁ ?

କୃଷ୍ଣ : ରହିଛି ଗୋପନ କଥା । ଜାଣନ୍ତି ଆପଣ କାଲିଯିବି ମୁହିଁ ହସ୍ତିନା ସଭାକୁ । କିନ୍ତୁ.........

ବିଦୁର : ଘଟିଛିକି ଅଘଟଣ କିଛି ?

କୃଷ୍ଣ : ଅଘଟଣ ଘଟିବାର ଅଛି ସମ୍ଭାବନା ।

ବିଦୁର : କିବା ଅଘଟଣ ପ୍ରଭୁ ?

କୃଷ୍ଣ : ଚର ମୁଖୁଁ ପାଇଛି ମୁଁ ଗୋପନ ସମ୍ବାଦ । କାଲି ଯେବେ ଯିବି ମୁହିଁ ହସ୍ତିନା ସଭାକୁ, ସଭାଗୃହ ମଧ୍ୟେ ଦୁର୍ଯ୍ୟୋଧନ ଆଦେଶରେ ବନ୍ଦୀ କରାଯିବ ମୋତେ ।

ବିଦୁର : ଅସମ୍ଭବ ଏହା ! ଦୂତକୁ ବନ୍ଦୀ କରିବା ନୁହେଁ ରାଜଧର୍ମ ।

କୃଷ୍ଣ : ହସ୍ତିନାର ରାଜସଭା ମଧ୍ୟେ ଧର୍ମାଧର୍ମ କିଛି ନାହିଁ ଏବେ । ଏଣୁ ଅନୁରୋଧ ମୋର ଆପଣଙ୍କ ଅନୁଗତ କିଛି ଯୋଦ୍ଧା ଛଦ୍ମବେଶେ ଅସ୍ତ୍ରଶସ୍ତ୍ରେ ହୋଇ ସୁସଜ୍ଜିତ ରହିଥିବେ ସଭାଗୃହ ମଧ୍ୟେ । ପ୍ରୟୋଜନ ହେଲେ ପ୍ରତିରୋଧ କରିବେ ସେମାନେ ।

ବିଦୁର ନିଶ୍ଚିତ ରୁହନ୍ତୁ ପ୍ରଭୁ । ପ୍ରତିକାର କରିବି ଅବଶ୍ୟ ।

କୃଷ୍ଣ ନିଶ୍ଚିତ ହେଲି ମୁଁ ଏବେ । ଏଥର ଯାଆନ୍ତୁ...... କରିବେ ବିଶ୍ରାମ ।

(ବିଦୁର ପ୍ରସ୍ଥାନ ହସି ହସି କୃଷ୍ଣ ଶୋଇଲେ । ସକାଳର ସୂଚନା)

୭ମ ଦୃଶ୍ୟ ନଦୀକୂଳ

(କର୍ଣ୍ଣ ଗାଧୋଉଛନ୍ତି । ଗାଧୋଇସାରି ସୂର୍ଯ୍ୟଙ୍କୁ ପାଣି ଟେକୁଥିବେ...)

ଜବା କୁସୁମ ସଂକାଶଂ କାଶ୍ୟପେୟଂ ମହାଦ୍ୟୁତି
ଧ୍ୱାନ୍ତାରିଃ ସର୍ବ ପାପଘ୍ନଂ ପ୍ରଣତୋସ୍ମି ଦିବାକରଂ ।

(ଅଦୂରରେ କୃଷ୍ଣ ଏବଂ କୁନ୍ତୀ ପ୍ରବେଶୀ)

କୃଷ୍ଣ ଏଇଦେଖ ମାତା, ଜ୍ୟେଷ୍ଠ ପୁତ୍ର ତବ ଆପଣାର ଅଜାଣତେ ପୂଜଇ ଆପଣା ପିତା ସୂର୍ଯ୍ୟଦେବତାଙ୍କୁ ଇଷ୍ଟ ଦେବ ମନେକରି ।

କୁନ୍ତୀ : ଧନ୍ୟ ପୁତ୍ର, ଧନ୍ୟ ତୁମ ପିତୃଭକ୍ତି ।

କୃଷ୍ଣ : ଶୁଣ ମାତା, ଅପେକ୍ଷା କରନ୍ତୁ ଏଠି । ଯାଉଛି ମୁଁ କର୍ଣ୍ଣ ପାଶେ । ପରିଚୟ କହିବି ତାହାଙ୍କୁ । କିନ୍ତୁ ମାତା, ମନସ୍ଥିରକରି ପ୍ରାର୍ଥନା କରିବେ ଯାହା କହିଥିଲି ମୁହିଁ ।

କୁନ୍ତୀ : କେଉଁ ମୁଖେ ଭିକ୍ଷା ମୁହିଁ କରିବି ଲଜ୍ଜାହୀନା ଭାବେ ?

କୃଷ୍ଣ : ହେ ଜନନୀ, ଆପଣ ଚାହାନ୍ତି ଅବା ପଞ୍ଚପୁତ୍ର ମୃତ୍ୟୁ ?

କୁନ୍ତୀ : ଏକି କଥା କହୁଛ କେଶବ ? ମାତା କିବା ଚାହେଁ କେବେ ପୁତ୍ରର ମରଣ ?

Digitized by PPRACHIN, SOA

କୃଷ୍ଣ ତର୍କ ବିତର୍କର ସମୟ ଏ ନୁହଁ ମାତା । ପାଣ୍ଡବର ହିତ ଲାଗି ଆପଣା ଉଦ୍ୟମେ ଯାହାକିଛି କରିଛି ମୁଁ ଆଜି ଯାକେ, କରିବାକୁ ଚାହାନ୍ତିକି ପଣ୍ଡ ? କୁହନ୍ତୁ ସେ କଥା ? ଫେରିଯିବି ମୁହିଁ ଦ୍ୱାରିକାକୁ ହତଭାଗ୍ୟ ପାଣ୍ଡବଙ୍କ ଭବିଷ୍ୟତ ଆପଣଙ୍କ ହସ୍ତେ ଦେଇ ।

କୁନ୍ତୀ ଅଭିମାନ କର ନାହିଁ ପୁତ୍ର । ବୁଝିବାକୁ ଚେଷ୍ଟାକର ମାତାର ବେଦନା ।

କୃଷ୍ଣ ଏକ ପାର୍ଶ୍ୱେ ପଞ୍ଚପୁତ୍ର, ତବ ଅନ୍ୟପାର୍ଶ୍ୱେ ଏକମାତ୍ର ପୁତ୍ର । କୁହନ୍ତୁ ଚଞ୍ଚଳ, ହେଉଛି ଉଚ୍ଛୁର ?

କୁନ୍ତୀ ଠିକ୍ ଅଛି । ଯଥା ତବ ଇଚ୍ଛା ।

କୃଷ୍ଣ ମନେଅଛି । ମାଗିବାକୁ କହିଥିଲି ଯାହା, ଅବା ପୁଣି କହିବି ବୁଝାଇ ?

କୁନ୍ତୀ ସବୁ ମନେଅଛି ପୁତ୍ର - କିନ୍ତୁ - ପାରିବିତ ?

କୃଷ୍ଣ ମନ ଦୃଢ କଲେ ନିଶ୍ଚୟ ପାରିବେ ମାତା ! ଏଇ ଦେଖ ଆସୁଛନ୍ତି କର୍ଣ୍ଣ । (କର୍ଣ୍ଣଙ୍କୁ) ପ୍ରଣାମ ହେ ଜ୍ୟେଷ୍ଠ କୁନ୍ତୀପୁତ୍ର !

କର୍ଣ୍ଣ ଜ୍ୟେଷ୍ଠକୁନ୍ତୀ ପୁତ୍ର ? ମତିଭ୍ରମ ହେଲାଣିକି ବାସୁଦେବ ? ଜାଣନାକି ରାଧାଙ୍କର ପୁତ୍ରବୋଲି, ରାଧେୟ ନାମରେ ଖ୍ୟାତ ମୁହିଁ ସମଗ୍ର ଭୂବନେ ।

କୃଷ୍ଣ ଅଙ୍ଗରାଜ ! ଜାଣେ ମୁଁ ଏକଥା । ପିତା ଅଧିରଥ ଆଉ ମାତା ରାଧାଙ୍କର ପାଳିତ ସନ୍ତାନ ତୁମେ । କିନ୍ତୁ କିଏ ତୁମ ଜନ୍ମଦାତ୍ରୀ ଜାଣିଛକି ତୁମେ ?

କର୍ଣ୍ଣ ଜାଣିବାର ନାହିଁ ପ୍ରୟୋଜନ । ଯେଉଁ ପିତାମାତା ଆପଣା ପୁତ୍ରକୁ ବିସର୍ଜନ କରିଛନ୍ତି ଭାଗିରଥି ଜଳେ, ତାଙ୍କଲାଗି ମରିଛି ମୁଁ ଚିରଦିନ ପାଇଁ । କିବା ଲାଭ ଅବା ଅତୀତର ସେଇ ପରିଚୟ ଜାଣି ? ବରଂ ସୁଖୀ ମୁହିଁ ରାଧେୟ ନାମରେ ।

କୃଷ୍ଣ ସୁଖୀ ବା ଅସୁଖୀ ହୁଅ ଅଙ୍ଗରାଜ । ଏ କଥା ନିରାଟ ସତ୍ୟ, ତୁମେ ଅଟ ଜ୍ୟେଷ୍ଠ କୁନ୍ତୀପୁତ୍ର ।

କର୍ଣ୍ଣ ପ୍ରମାଣ କି ଅଛି କିଛି ତାର ?

କୃଷ୍ଣ ସାକ୍ଷୀ ତୁମ ପିତା ସୂର୍ଯ୍ୟଦେବ ।

କର୍ଣ୍ଣ ସୂର୍ଯ୍ୟ ଦେବ ପିତା ମୋର... ?

କୃଷ୍ଣ ହଁ ଅଙ୍ଗରାଜ, ସୂର୍ଯ୍ୟଙ୍କ ଔରସରୁ, ମାତା କୁନ୍ତୀଙ୍କ ଗର୍ଭରୁ ଜନ୍ମବୋଲି ଜ୍ୟେଷ୍ଠ କୁନ୍ତୀପୁତ୍ର ତୁମେ । ସେଇ ମାତା କୁନ୍ତୀଙ୍କ ଆଜ୍ଞାରେ ଆସିଛି ମୁଁ ନିମନ୍ତଣ କରିବାକୁ ଆପଣଙ୍କୁ ପାଣ୍ଡବ ଶିବିରେ ।

କର୍ଣ୍ଣ ପାଣ୍ଡବ ଶିବିରେ ନିମନ୍ତ୍ରଣ ମୋର ? କରୁଛକି ବ୍ୟଙ୍ଗ ମତେ କୃଷ୍ଣ ?

କୃଷ୍ଣ ମାତା କୁନ୍ତୀଙ୍କର ଇଚ୍ଛା, ଜ୍ୟେଷ୍ଠ କୁନ୍ତୀ ପୁତ୍ର ଯେଣୁ ତୁମ୍ଭେ, ଜ୍ୟେଷ୍ଠ ପାଣ୍ଡବର ସବୁ ଅଧିକାର, ପ୍ରଥମେ ପାଇବ ତୁମ୍ଭେ ।

କର୍ଣ୍ଣ (ବ୍ୟଙ୍ଗରେ) ସବୁ ଅଧିକାର ?

କୃଷ୍ଣ ଯଶ, ମାନ, ରାଜ୍ୟ...ଏପରିକି ପାଞ୍ଚାଳୀ ପାଇବ ତୁମ୍ଭେ ପାଣ୍ଡବର ସମଅଧିକାରେ ।

କର୍ଣ୍ଣ ମାତା କୁନ୍ତୀ ଚାହାଁନ୍ତି ଏକଥା ?

କୃଷ୍ଣ ଜ୍ୟେଷ୍ଠ ଭ୍ରାତା ଜ୍ଞାନ କରି ତୁମ୍ଭ ଶିରେ ରାଜଛତ୍ର ଧରିଥିବେ ଯୁଧିଷ୍ଠିର ନିଜେ ।

କର୍ଣ୍ଣ ଉତ୍କୋଚର ପ୍ରଲୋଭନ ଦେଖାଉଛ ମୋତେ...

କୃଷ୍ଣ ଯଦି ତୁମ୍ଭେ କୌରବଙ୍କୁ ତ୍ୟାଗକରି ପାଣ୍ଡବେ ଶିବିରେ ଫେରିଯିବ ।

କର୍ଣ୍ଣ ପାଣ୍ଡବେ କି ଚାହାଁନ୍ତି ସେ କଥା ? ବିଶ୍ୱାସ ହୁଏନା ମୋର ।

କୃଷ୍ଣ ପାଣ୍ଡବଙ୍କ ତରଫରୁ ମାତା କୁନ୍ତୀ ନିଜେ ଆସିଛନ୍ତି ତୁମ୍ଭ ନିକଟକୁ ।

Digitized by PPRACHIN, SOA

କର୍ଣ୍ଣ ଅସମ୍ଭବ ଏହା ବାସୁଦେବ । ପାଣ୍ଡବ ଶିବିରେ ଫେରିବାର ସବୁ ପଥ ରୁଦ୍ଧ ଆଜି । ହସ୍ତିନାର ରାଜଛତ୍ର ଦୂରେ ଥାଉ, ସାରା ପୃଥିବୀର ରାଜଛତ୍ର ଯଦି ମୋ ମସ୍ତକେ ଧରି, ଯୁଧିଷ୍ଠିର ଯଦି ନିଜେ ଆସି ହୁଅନ୍ତି ପ୍ରସ୍ତୁତ ତା ହେଲେ ବି ସମ୍ଭବ ନୁହେଁ ଫେରିଯିବା ପାଣ୍ଡବ ଶିବିରେ ।

କୃଷ୍ଣ ପାଣ୍ଡବେ କି ଏକାନ୍ତ ଅଯୋଗ୍ୟ ତୁମ ଭ୍ରାତା ହେବାପାଇଁ ?

କର୍ଣ୍ଣ ପାଣ୍ଡବଙ୍କ କିଛି ନାହିଁ ଦୋଷ । ଜାଣ ତୁମ୍ଭେ ମୋତେ । ମୃତ୍ୟୁ ପଛେ କରିବି ସ୍ୱାଗତ ବନ୍ଧୁମିତ୍ର ପାଇଁ, କିନ୍ତୁ ଆପଣାର ସ୍ୱାର୍ଥଲାଗି ମିତ୍ରକୁ ମୋହର ତ୍ୟାଗକରି ସଙ୍କଟର ମୁଖେ, ଆତ୍ମଘାତୀ ହେବିନାହିଁ କେବେ ।

କୃଷ୍ଣ : ଯୁଧିଷ୍ଠିର ଯଦି ନିଜେ ଆସେ ତୁମ ପାର୍ଶ୍ୱେ କରିବାକୁ ଅନୁରୋଧ ?

କର୍ଣ୍ଣ : (ଚମକି) ଯୁଧିଷ୍ଠିର ଜାଣନ୍ତି ଏ କଥା ?

କୃଷ୍ଣ : ମାତା କୁନ୍ତୀ ଆଉ ମୋ ବ୍ୟତୀତ, ତୁମେ ଏକା ଜାଣିଲ ଏ ଗୋପନ ରହସ୍ୟ ।

କର୍ଣ୍ଣ : ତାହାହେଲେ ଶପଥ କର ତୁମ୍ଭେ, ଏ ଗୋପନ ରହସ୍ୟର ଉନ୍ମୋଚନ କରିବନି କେବେ । ମୁଁ ଚାହେଁନା କଳଙ୍କିତ ଏଇ ଜୀବନ ରହସ୍ୟ ଅନ୍ୟ କେହି ଜାଣୁ ।

କୃଷ୍ଣ ମାତା କୁନ୍ତୀ ଆସିଛନ୍ତି ତୁମ୍ଭ ନିକଟକୁ କରିବାକୁ ଅନୁରୋଧ ଏକ । ତୁମ୍ଭେ ତାଙ୍କୁ କହିବ ବୁଝାଇ, (କୁନ୍ତୀଙ୍କୁ) ଏଇ ତବ ଜ୍ୟେଷ୍ଠ ପୁତ୍ର ମାତା, ବହୁ ଚେଷ୍ଟାକରି ହୋଇଛି ନିଷ୍ଫଳ, ପାର ଯଦି ନିଜେ ଆସି ଅନୁରୋଧ କର । (କୁନ୍ତୀ ପାଖେଇ ଆସିଲେ, କୃଷ୍ଣ ଦୂରେଇ ଗଲେ କର୍ଣ୍ଣ ଆସି ନମସ୍କାର କଲେ ।)

କୁନ୍ତୀ କ୍ଷମାକର ପୁତ୍ର। ଘୃଣା ଆଉ କରନାହିଁ ମୋତେ । ବାଲ୍ୟ ଚପଳତା ବଶେ ମହର୍ଷିଙ୍କ ମନ୍ତ୍ରର ପରୀକ୍ଷା କରି ସୂର୍ଯ୍ୟଦେବେ କରିଲି ପ୍ରାର୍ଥନା ଯେବେ, ଥିଲି ମୁଁ କୁମାରୀ । ଲୋକନିନ୍ଦା ଅପବାଦ ଭୟେ ନିରୁପାୟ ହୋଇ ମୁହିଁ ବିସର୍ଜନ କଲି ଶେଷେ ଆପଣା ପୁତ୍ରକୁ ଭାଗିରଥୀ ଜଳେ । ସେଇଦିନୁ ପ୍ରତିମୁହୂର୍ତ୍ତରେ ଅନୁଶୋଚନାର ଦହନରେ ଜଳୁଛି ମୁଁ ଦିବାନିଶି । ଏତେ ଦିନ ପରେ ସୁଯୋଗ ଆସିଛି ଆଜି । କ୍ଷମା କରି ଫେରିଚାଲ ପୁତ୍ର ଆପଣା ଗୃହକୁ ।

କର୍ଣ୍ଣ କରନାହିଁ, ଅଧିକ ଲଜ୍ଜିତ ମୋତେ । ବୁଝୁଛି ମୁଁ ଆପଣଙ୍କ ବ୍ୟଥା । କିନ୍ତୁ ମାତା, କେଉଁ ଅଭିପ୍ରାୟେ ଏତେଦିନ ପରେ ପରିଚୟ କରିଲେ ଘୋଷଣା ?

କୁନ୍ତୀ ବହୁବାର ଚେଷ୍ଟା ମୁଁ କରିଛି ପୁତ୍ର । କିନ୍ତୁ ପ୍ରତିଥର ଜର୍ଜରିତ ହୋଇଛି ମୁଁ ଆପଣାର କୃତକର୍ମ ଲାଗି । ଏତେଦିନ ପରେ ଆସିଛି ଯେହେତୁ ନିରାଶ କରନା ପୁତ୍ର ।

କର୍ଣ୍ଣ କିନ୍ତୁ ମାତା, ନିରୁପାୟ ମୁହିଁ । ପାଣ୍ଡବ ଶିବିରେ ମୋର ଫେରିବାର ସବୁପଥ ରୁଦ୍ଧ ଆଜି ଚିରଦିନ ପାଇଁ ।

କୁନ୍ତୀ : ମୁଁ ବଞ୍ଚିଥାଉ ଥାଉ ପାଣ୍ଡବ ଶିବିରେ ଅବଜ୍ଞା କରିବ କିଏ ? କାହାରବା ଅଛି ଏ ସାହସ ?

କର୍ଣ୍ଣ : କିନ୍ତୁ...

କୁନ୍ତୀ : ତେବେ ବା ଆପତ୍ତି କିଆଁ ପୁତ୍ର ?

କର୍ଣ୍ଣ : ତୁମେ କୁହ ମାତା, ଏନ୍ତୁଡି ଶାଳରୁ ଆଜିଯାକେ ପାଳିପୋଷି ମଣିଷ କରିଛି ଯିଏ ମୋତେ, ସେମାନେ କି ନୁହଁନ୍ତି ମୋହର ମାତାପିତା ? ତାଙ୍କର ଏ ବାର୍ଦ୍ଧକ୍ୟ କାଳରେ କେଉଁ ମୁଖେ ପରିତ୍ୟାଗ କରି ତାଙ୍କୁ ଫେରିଯିବି ଆପଣଙ୍କ ସାଥେ ?

କୁନ୍ତୀ ନିରାଶ ହେବିକି ପୁତ୍ର ?

Digitized by PPRACHIN, SOA

କର୍ଣ୍ଣ — ଅନ୍ୟ କିଛି କରହେ ଆଦେଶ !

କୃଷ୍ଣ — ଉଚିତ କହିଅଛନ୍ତି ଅଙ୍ଗରାଜ ମାତା । ଅନୁଭବ କର ତାଙ୍କ ଅସହାୟ ପରିସ୍ଥିତି । ଚାହଁଯଦି ଅନ୍ୟକିଛି ମାଗିନିଅ ପ୍ରତିବଦଳରେ... (ଠାରିବା)

କୁନ୍ତୀ — ଚାହଁ ଯଦି ଭିକ୍ଷାଦିଅ ମୋତେ ପାଣ୍ଡୁ ପଞ୍ଚପୁତ୍ରର ଜୀବନ ।

କର୍ଣ୍ଣ — (ହସି) ମୁଁ ଜାଣିଛି ଏହା ତୁମ ଅନ୍ତରର କଥା ନୁହେଁ, ତଥାପି ଭିକ୍ଷା ତୁମେ ଚାହୁଁଛ ଯେହେତୁ ନିରାଶ ହେବନି କେବେ କର୍ଣ୍ଣ ନିକଟରୁ । ଶୁଣ ମାତା........ ଯଦି ହୁଏ କୌରବ ପାଣ୍ଡବ ଯୁଦ୍ଧ ରଣାଙ୍ଗନେ କ୍ଷମାଦେବି ଅର୍ଜୁନର ବ୍ୟତିରେକ ସମସ୍ତ ପାଣ୍ଡବେ ।

କୁନ୍ତୀ — କିନ୍ତୁ ପୁତ୍ର, ଭିକ୍ଷା ମୋର ତୁମ ପାଶେ ପଣ୍ଡୁ ପଞ୍ଚପୁତ୍ରର ଜୀବନ ।

କର୍ଣ୍ଣ — ଯୁଦ୍ଧ ଶେଷେ କର୍ଣ୍ଣ ବା ଅର୍ଜୁନ ଯିଏ ବଞ୍ଚିଥିଲେ ପଞ୍ଚପୁତ୍ର ତବ ରହିବ ଅତୁଟ ।

କୁନ୍ତୀ — ଦେଖିବାକୁ ହେବ ଶେଷେ ମୋତେ, ଭାଇ ଭାଇ ଯୁଦ୍ଧ ?

କର୍ଣ୍ଣ — ଅଥବା ଚାହିଁବେ ଯଦି, ଦେବି ମୋ ଜୀବନ ତୁମ୍ଭ ପାଦେ କରି ସମର୍ପଣ ।

କୁନ୍ତୀ — ଲଜ୍ଜା ଆଉ ଦିଅନାହିଁ ପୁତ୍ର । କରନା ଧିକ୍‌କାର ।

କର୍ଣ୍ଣ — ଦିଅନ୍ତୁ ମେଲାଣି ତେବେ ।

କୁନ୍ତୀ — ପୁଣି କେବେ ଦେଖାହେବ ପୁତ୍ର ?

କର୍ଣ୍ଣ — ବଞ୍ଚିରହେ ଯଦି, ଯୁଦ୍ଧପରେ ହୋଇବ ସାକ୍ଷାତ । ନତୁବା ଏ ଜନ୍ମପାଇଁ ଏଇ ଶେଷ ଦେଖା । (ନମସ୍କାର କରି, କୁନ୍ତୀ କାନ୍ଦି କାନ୍ଦି ଯିବା ସମୟରେ)

ଶୁଣ ମାତା, ଅନୁରୋଧ ମୋର ଏକ ତୁମ୍ଭ ପାଶେ । ଜୀବନ ରହସ୍ୟ ମୋର ଚିରଦିନ ରଖିବ ଗୋପନ । ବିଶେଷତଃ ପାଣ୍ଡବଙ୍କଠାରେ ।

କୁନ୍ତୀ — ତଥାସ୍ତୁ (ପ୍ରସ୍ଥାନ)

କୃଷ୍ଣ — (କର୍ଣ୍ଣଙ୍କ ସମ୍ମୁଖକୁ ଆସି) ପାଣ୍ଡବଙ୍କୁ ଆପଣାର ଅନୁଜ ଜାଣିଲା ପରେ ଯୁଦ୍ଧ ସମୟରେ ସେମାନଙ୍କ ସାଥେ ଯୁଦ୍ଧ କରିବାକୁ ଅସ୍ତ୍ର ତୁମ୍ଭ ଥରିଉଠେ ଯଦି ।

କର୍ଣ୍ଣ — ଅଧିକ ସମ୍ଭବ ତାହା । ତାହା ହେଲେ ଅଧିକ ଆନନ୍ଦିତ ହେବ ତୁମେ । ଜାଣିଛି ତୁମର ଅସଲ ଉଦ୍ଦେଶ୍ୟ । ସରଳଧର୍ମ ବିଶ୍ୱାସୀ ପାଣ୍ଡବମାନଙ୍କୁ ଧର୍ମନାମେ କରି କରାୟତ୍ତ ଆପଣାର ସ୍ୱାର୍ଥଲାଗି ଧ୍ୱଂସକାର୍ଯ୍ୟେ କରିଛ ନିଯୁକ୍ତ । ତୁମ ସ୍ୱାର୍ଥ ବିରୁଦ୍ଧରେ ସ୍ୱରଉତ୍ତୋଳନ କରନ୍ତି ଯିଏ, ଜରାସନ୍ଧ ଅବା ଶିଶୁପାଳ, ସମସ୍ତଙ୍କୁ ଅନ୍ୟାୟରେ କରିଛ ନିଧନ । ଏବେ ତୁମ ଦୃଷ୍ଟି ହସ୍ତିନା ଉପରେ । ଧର୍ମ ରକ୍ଷାନାମେ ପାଣ୍ଡବଙ୍କୁ ସେଥିଲାଗି କରୁଅଛ ଉତ୍ସାହିତ, କୌରବଙ୍କ ବିରୁଦ୍ଧରେ ଅସ୍ତ୍ର ଧରିବାକୁ । ସେଇ ସୁଯୋଗରେ ଛଳେ ବଳେ ଅଥବା କୌଶଳେ କୌରବଙ୍କୁ ଧ୍ୱଂସକରି କରିବାକୁ ଚାହଁ ହସ୍ତିନାକୁ ଖଣ୍ଡ ବିଖଣ୍ଡିତ । ତା ହେଲେ ଯାଇ ସସାଗରା ଧରଣୀରେ ପୂଜିତ ହୋଇବ ତୁମ୍ଭେ ଧର୍ମଗୁରୁ ଭାବେ ଯୁଗ ସ୍ରଷ୍ଟା ହୋଇ । ସମସ୍ତେ ମାନିବେ ତୁମ୍ଭଙ୍କୁ ପ୍ରଭୁ ବୋଲି । ଏ ସାରା ସୃଷ୍ଟିରେ ତୁମ୍ଭ ଇଚ୍ଛା ବିରୁଦ୍ଧରେ, ପ୍ରତିବାଦ କରିବାକୁ ରହିବେନି କେହି । ବାଃ ଚମତ୍କାର ଯୋଜନା ତୁମର ।

କୃଷ୍ଣ — ଏ ତୁମର ମିଥ୍ୟା ଅଭିଯୋଗ ।

କର୍ଣ୍ଣ — (ହସି) ଧରାପଡିଗଲ ବୋଲି କରୁଛକି ଲଜ୍ଜା ବାସୁଦେବ ? ଆପଣାର ଅତ୍ୟଧିକ ଉଚ୍ଚାକାଂକ୍ଷା ପାଇଁ, ଧ୍ୱଂସ କରିବାକୁ ଉଚିତ ମଣିଲ ଶେଷେ ମହାଭାରତର ଏଇ ବିଶାଳ ସଂସ୍କୃତି ।

Digitized by PPRACHIN, SOA

କୃଷ୍ଣ ଏହାଠାରୁ ଅଧିକ ଆଉ ଲଜ୍ଜିତ କରନା ମତେ ନିରୁପାୟ ମୁହିଁ ।

କର୍ଣ୍ଣ ଧ୍ୱଂସ କିବା ସର୍ଜନାର ଏକମାତ୍ର ପଥ । ଧର୍ମ ଆଉ ଧର୍ମରକ୍ଷାନାମେ ଏଇ ହତ୍ୟାରକ୍ତପାତ ନୁହଁଇକି ଅମର୍ଯ୍ୟାଦା ଆପଣା ଧର୍ମର । ଦୟାକରି ବନ୍ଦକର ଏହା । ରକ୍ଷାକର ଏଇ ପ୍ରାଚୀନ ସଂସ୍କୃତି ସଂସ୍କାରର ପଥ ଅନୁସରି । ଏହା ମୋର ଶେଷ ଅନୁରୋଧ । (ପ୍ରସ୍ଥାନ)

୮ମ ଦୃଶ୍ୟ

(କୌରବ ଦରବାର)

ଦୁର୍ଯ୍ୟୋଧନ ମନମୋର ଚଞ୍ଚଳ, ଉଦ୍‌ବିଗ୍ନ । କିବା ଶାନ୍ତିବାର୍ତ୍ତା ନେଇ ଆସିଛନ୍ତି କେଶବ, ହସ୍ତିନା ନଗରୀ । ମୁଁ ବଞ୍ଚିଥାଉଁ ଥାଉଁ ସବୁ ଷଡଯନ୍ତ୍ର ତାର କରିବି ନିଷ୍ଫଳ । କିନ୍ତୁ ମାତୁଳ ଶକୁନି କାହାନ୍ତି ଏ ଯାଏ ?

ଶକୁନି : ମାତୁଳ ଶକୁନି ସଦା ତୁମପାଶେ ପୁତ୍ର !

ଦୁର୍ଯ୍ୟୋଧନ : ମାତୁଳ ! ଅତ୍ୟନ୍ତ ବିବ୍ରତ ମୁହିଁ ସମ୍ମୁଖୀନ ହେବାକୁ କେଶବ ।

ଶକୁନି : ହସ୍ତିନାପୁରର ଯୁବରାଜ ତୁମେ । ଛାର ଗୋପାଳବାଳକ ଲାଗି ହେଉଛ ବିବ୍ରତ ?

ଦୁର୍ଯ୍ୟୋଧନ ବିବ୍ରତ ମୁଁ ନୁହେଁ କୃଷ୍ଣ ନାମେ । ଏକମାତ୍ର ଆଶଙ୍କା ମୋ ମନେ, କୃଷ୍ଣଙ୍କର ସନ୍ଧିବାର୍ତ୍ତା ପାଇଁ । କିଏ ଜାଣେ କେଉଁ କାରଣରେ ଆସିଅଛି ହସ୍ତିନାକୁ ଶାନ୍ତିଦୂତ ହୋଇ । ଛଳ ପ୍ରିୟ କେଶବର ଛଳବାକ୍ୟ ଶୁଣି, କିଏ ଜାଣେ କି ବିଚାର କରିବେ ସମସ୍ତେ ।

ଶକୁନି ସମସ୍ତେ ବା କିଏ ? ମହାମନ୍ତ୍ରୀ ବିଦୁରଙ୍କ ବ୍ୟତିରେକ ସମସ୍ତେ ଅଛନ୍ତି ଆମ ସପକ୍ଷରେ । ଭୟନାହିଁ ପୁତ୍ର ! ଶୁଣ ମନଦେଇ, କୃଷ୍ଣଙ୍କ ବକ୍ତବ୍ୟ ପରେ, ମହାମନ୍ତ୍ରୀ ଆଲୋଚନା କରିବା ପୂର୍ବରୁ, ଆରମ୍ଭ କରିବ ତୁମେ ଯୁକ୍ତି ଅନର୍ଗଳ । ଅଛି ଏ ବିଶ୍ୱାସ ମୋର । ଯୁକ୍ତି ତୁମ ଅଭେଦ୍ୟ ଅକାଟ୍ୟ ।

ଦୁର୍ଯ୍ୟୋଧନ ତା'ପରେ ବି କର୍ଣ୍ଣପାତ ନ କରନ୍ତି ଯଦି ମହାମନ୍ତ୍ରୀ ?

ଶକୁନି ତାହେଲେ କରିବା ଆମେ ବାସୁଦେବେ ବନ୍ଦୀ ।

କର୍ଣ୍ଣ (ପ୍ରବେଶି) ଦୂତକୁ ବନ୍ଦୀ କରିବା ଅନ୍ୟାୟ ମାତୁଳ, ନୁହେଁ ରାଜଧର୍ମ ।

ଶକୁନି ରାଜଧର୍ମ ନୁହଁ ଅଙ୍ଗରାଜ, ରାଜନୀତି ଏହା । ରାଜନୀତି ରାଜରକ୍ଷାପାଇଁ, ରାଷ୍ଟ୍ରରକ୍ଷା ପାଇଁ।

ଦୁର୍ଯ୍ୟୋଧନ ରାଜରକ୍ଷା ସାଥେ ଦୂତରବା ଅଛି କି ସଂପର୍କ ?

ଶକୁନି ଶୁଣ ପୁତ୍ର ! କୃଷ୍ଣ ଖାଲି ଦୂତ ନୁହେଁ । କୃଷ୍ଣ ଅଟେ ଅତ୍ୟନ୍ତ ମାୟାବୀ । ଏପରି ଦୂତକୁ ବନ୍ଦୀ କରିବା ନୁହଁଇ ଅନ୍ୟାୟ ।

କର୍ଣ୍ଣ ତଥାପି ... ମାତୁଳ... ଏ ଅଟେ ଅଧର୍ମ...

ଶକୁନି ରାଜନୀତି ମଧ୍ୟେ ଧର୍ମାଧର୍ମ ନୀତିବାକ୍ୟ ସବୁ ଦୁର୍ବଳତା ମାତ୍ର । ମନେରଖ ପୁତ୍ର ! ରାଷ୍ଟ୍ର ରକ୍ଷା, ରାଜାଙ୍କର ଏକାନ୍ତ କର୍ତ୍ତବ୍ୟ, ଏକମାତ୍ର ରାଜଧର୍ମ, ଏକମାତ୍ର ଧ୍ରୁବସତ୍ୟ ଅଟେ।

ନେପଥ୍ୟରୁ(ରକ୍ଷୀ): ସାବଧାନ ! ମହାରାଜ ବିଜେ । (ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ପ୍ରବେଶ ଓ ଆସନ ଗ୍ରହଣ) (ବିଦୁରଙ୍କ ସହ)

ଶକୁନି କୃଷ୍ଣ କାହାନ୍ତି ?

ବିଦୁର ମହାରାଜ ଭଗବାନ୍ କୃଷ୍ଣ ଆସୁଛନ୍ତି ହସ୍ତିନାପୁରକୁ ତାଙ୍କୁ ସ୍ୱାଗତ କରିବାର ଆୟୋଜନ ...

Digitized by PPRACHIN, SOA

ଦୁର୍ଯ୍ୟୋଧନ — ମହାମନ୍ତ୍ରୀ ? ପ୍ରଶ୍ନ ଏକ ମୋର... । ଭଗବାନ କିଏ ? ଦାତା ନା ଯାଚକ ? ପ୍ରଭୁ ଅବା ଦୂତ ? ନୀରବେ ରହିଲେ କିଆଁ ? ଅନୁରୋଧ ମୋର, ଅନ୍ୟର ଦୂତଭାବେ ଆସିଛି ଯିଏ ହସ୍ତିନାପୁରକୁ ଭିକ୍ଷାପାଇଁ, ଭିକ୍ଷାପ୍ରାର୍ଥୀ ସାମାନ୍ୟ ଦୂତକୁ, କୁରୁସଭା ମଧ୍ୟେ ଭଗବାନ ସମ୍ବୋଧନ, ମନେହୁଏ ଅପମାନ ସମଗ୍ର ସଭାକୁ । ମହାମନ୍ତ୍ରୀ ସଂଯତ କରନ୍ତୁ ଆଗେ ଶବ୍ଦ ବ୍ୟବହାର ।

ବିଦୁର — ଯୁବରାଜ ଏହା ମୋର ଅନୁଭୂତିର ପରିପ୍ରକାଶ ।

ଦୁର୍ଯ୍ୟୋଧନ — କାହା ଅନୁଭୂତି ? ବିଦୁରଙ୍କର ନା ମହାମନ୍ତ୍ରୀଙ୍କର ? ରାଜସଭା ମଧ୍ୟେ ବ୍ୟକ୍ତିଗତ ଚିନ୍ତାଠାରୁ ରାଜଚିନ୍ତା ଶ୍ରେଷ୍ଠତର । ଅନୁରୋଧ ମୋର ପାଣ୍ଡବ ଦୂତକୁ, ଦୂତ ବୋଲି ସମ୍ବୋଧନ କରାଯିବା ଉଚିତ ତାଙ୍କର ।

ବିଦୁର — ମହାରାଜ ଗୁରୁଜନ ସିଏ ।

ଦୁର୍ଯ୍ୟୋଧନ — ଗୁରୁଲଘୁ ପ୍ରଶ୍ନ ନାହିଁ ଏଠି । ରାଜସଭା ଦିଏନା ସମ୍ମାନ ଗୁରୁଲଘୁ ଭେଦେ । ରାଜସଭା ଦିଅଇ ସମ୍ମାନ, ପଦବୀକୁ ପଦମର୍ଯ୍ୟାଦାକୁ । ସେ ହୁଏତ ହୋଇପାରେ ଗୁରୁଜନ ଅବା ଶ୍ରେଷ୍ଠଜନ । ତେଣୁ ମହାମନ୍ତ୍ରୀ ! ସାମାନ୍ୟ ଦୂତକୁ ଭଗବାନ ଆଖ୍ୟାଦେବା ନୁହଁଇ ଉଚିତ୍ ।

ଶକୁନି — (ଚୁପଚୁପ୍ ଦୁର୍ଯ୍ୟୋଧନକୁ) ସାଧୁ... ସାଧୁ ପୁତ୍ର, ସାଧୁ ତୁମ ଅକାଟ୍ୟ ଯୁକ୍ତିର ଜାଲ । ଏହିପରି ଧରିରଖ୍ ଯୁକ୍ତିବାଣ ଜର୍ଜରିତ କରଆଜି ସମଗ୍ର ସଭାକୁ (ପ୍ରକାଶ୍ୟରେ) ଯୁବରାଜଙ୍କର ଯୁକ୍ତି ଅତ୍ୟନ୍ତ ଯଥାର୍ଥ ।

କର୍ଣ୍ଣ — ଯୁବରାଜ ! ଦୂତବୋଲି ନ କହି ତାହାଙ୍କୁ ସମ୍ବୋଧନ କରାଯାଇପାରେ ଅବା ବାସୁଦେବନାମେ ।

ଦୁର୍ଯ୍ୟୋଧନ — ବାସୁଦେବ ନାମେ, କର ସମ୍ବୋଧନ ଦୂତେ ।

ବିଦୁର — ମହାରାଜ, ବାସୁଦେବ କୃଷ୍ଣ ଆସୁଛନ୍ତି ହସ୍ତିନା ସଭାକୁ ଶାନ୍ତିବାର୍ତ୍ତା ନେଇ । ତାହାଙ୍କୁ ସ୍ୱାଗତ କିବା ସାଧାରଣ ଦୂତ ଭାବେ ହେବ ସମୀଚୀନ ।

ଶକୁନି — ତା ଠାରୁ ଅଧିକ ହେଲେ, ମର୍ଯ୍ୟାଦା ରହିବନାହିଁ ହସ୍ତିନାପୁରର ।

ଧୃତରାଷ୍ଟ୍ର — କିନ୍ତୁ...

ଶକୁନି — ଆଶଙ୍କା କି ଲାଗି ମହାରାଜ ? କୃଷ୍ଣଙ୍କର ବିଶ୍ରାମ ଲାଗି, ମହାରାଜ ନିଜେ ଆୟୋଜନ କରିଥିଲେ ରାଜକୀୟ ଆତିଥ୍ୟ ତାଙ୍କର । ତାହାକୁ ଉପେକ୍ଷା କରି କୃଷ୍ଣ ଯେବେ ରହିଲେ ମନ୍ତ୍ରୀଙ୍କ ଗୃହେ । ଅପମାନ ହେଲାନିକି ହସ୍ତିନା ସଭାକୁ ? ଅବା କିଛି ଅପମାନ ବାକି ଅଛି ପାଇବାକୁ ଏଠି ?

ନେପଥ୍ୟରୁ(ରକ୍ଷୀ): ବାସୁଦେବ କୃଷ୍ଣ ବିଜେ ।

ଶକୁନି : ଏଇତ ଆସିଲେଣି ବାସୁଦେବ, ସ୍ୱାଗତଂ...ସ୍ୱାଗତଂ ।

ଧୃତରାଷ୍ଟ୍ର : ଆସନ ଗ୍ରହଣ କରନ୍ତୁ ।

କୃଷ୍ଣ : ଧନ୍ୟବାଦ... ।

ଧୃତରାଷ୍ଟ୍ର : ହେ ପାଣ୍ଡବର ଦୂତ, ହସ୍ତିନାର ଦରବାରେ କହିବାର ଯାହାଥିଲା, କୁହନ୍ତୁ ବିସ୍ତାରି ।

କୃଷ୍ଣ : ପାଣ୍ଡବର ଶାନ୍ତିଦୂତ ହୋଇ ଆସିଛି ହସ୍ତିନା, ପାଣ୍ଡବ ଓ କୌରବଙ୍କ ମଧ୍ୟେ ଶାନ୍ତି ସନ୍ଧି ଚୁକ୍ତିପାଇଁ ପଥ ଖୋଲିବାକୁ ।

ଧୃତରାଷ୍ଟ୍ର — ଏହି ଶାନ୍ତିଚୁକ୍ତି ପାଇଁ ଅଛି କିଛି ସର୍ତ୍ତ କିବା ଯୁଧିଷ୍ଠିରଙ୍କର ?

କୃଷ୍ଣ — କହିଛନ୍ତି ଯୁବରାଜ । ୧୩ ବର୍ଷ ବନବାସ ଯିବା ପୂର୍ବେ ଯାହାଥିଲା ତାଙ୍କ ଅଧିକାର, କୌରବଙ୍କ ସଭାରେ, ଚାହାନ୍ତି ସେ ସେହି ଅଧିକାର । (ଦୁର୍ଯ୍ୟୋଧନ ତାଚ୍ଛଲ୍ୟରେ ହସିଛି)

Digitized by PPRACHIN, SOA

ଦୁର୍ଯ୍ୟୋଧନ ଅଧିକାର !

ଶକୁନି ହୃତଧନ- ହୃତରାଜ୍ୟ- ହୃତ ଅଧିକାର, କରଇକି ଦାବୀକେହି, ବୀର ଅବା ଗୁଣିଜ୍ଞାନୀ ନର ? ହେ ପାଣ୍ଡବ ଦୂତ, ଜ୍ଞାନୀହୋଇ ବୃଥାଦାବୀ କରୁଛ କିମ୍ପାଇଁ ?

କର୍ଣ୍ଣ ମହାରାଜ, ଯୁଧିଷ୍ଠିରେ, ଦେଇଥିଲେ ଯୁବରାଜ ପଦ । ଅସମର୍ଥ ଯିଏ ରକ୍ଷାକରିବାରେ ଆପଣାର ପଦ ଓ ମର୍ଯ୍ୟାଦା, କେଉଁ ମୁଖେ ପୂର୍ବପଦ ଦାବୀକରେ ସିଏ ?

କୃଷ୍ଣ ସମସ୍ତେ ଜାଣନ୍ତି ତାହା, କେଉଁଭାବେ ବଞ୍ଚିତ କରିଛ ତୁମେ ପଣ୍ଡୁପୁତ୍ରେ ।

ଶକୁନି ଝିମିଟି ଖେଳରେ ସର୍ତ୍ତରଖି ଆପଣା ସର୍ବସ୍ୱ, ନିଜକର୍ମ ଫଳେ ହରାଇଛନ୍ତି ସମସ୍ତଦାବୀ ପାଣ୍ଡବେ ଅବହେଳେ ।

କର୍ଣ୍ଣ ସେଥିଲାଗି ଦାୟୀ କିବା କେବଳ କୌରବ ? ଆଉ ପାଣ୍ଡବେ ତୁମର ଅବା ଦୁଗ୍ଧ ପୋଷ୍ୟ ଶିଶୁ ?

କୃଷ୍ଣ ମୁଁ ମାନୁଛି ପାଣ୍ଡବଙ୍କ ଦୁର୍ବଳତା ଥାଇପାରେ କିଛି । ସର୍ତ୍ତ ଅନୁସାରେ ୧୩ ବର୍ଷ ବନବାସ କରିଛନ୍ତି ଭୋଗଯେଣୁ ସେ ସମସ୍ୟା ହୋଇଛି ଅତୀତ । ଏବେ ସେ ଚାହାନ୍ତି ପାଣ୍ଡୁପୁତ୍ରଭାବେ ପାଣ୍ଡୁଙ୍କର ନ୍ୟାଯ୍ୟଦାବି, ନ୍ୟାଯ୍ୟ ଅଧିକାର ।

ଦୁର୍ଯ୍ୟୋଧନ (ହସି) ପାଣ୍ଡୁଙ୍କର ନ୍ୟାଯ୍ୟ ଅଧିକାର ପାଣ୍ଡୁପୁତ୍ରେ ? ପାଣ୍ଡୁପୁତ୍ର କିଏ କାହିଁ ପଞ୍ଚଭ୍ରାତା ମଧ୍ୟେ ? ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଧର୍ମଙ୍କର ପୁତ୍ର ହେତୁ ଧର୍ମପୁତ୍ର ନାମେ ଖ୍ୟାତ ସମସ୍ତ ଭୁବନେ । ଭୀମସେନ ପବନ ନନ୍ଦନ, ଆଉ ତୁମ ସଖା ? ସିଏ ପରା ଇନ୍ଦ୍ରଙ୍କ ନନ୍ଦନ ?

କୃଷ୍ଣ ଆଉ କିଛି କହିବାର ପ୍ରୟୋଜନ ନାହିଁ । ବୁଝିଗଲି ତୁମର ଉଦ୍ଦେଶ୍ୟ। କୌଣସିମତେ ବଞ୍ଚିତ କରିବାକୁ ଚାହଁ ତୁମେ ପଂଚ ଭ୍ରାତା ନ୍ୟାଯ୍ୟ ଅଧିକାର ।

ଶକୁନି କିବା ଅଧିକାର ? କାହା ଅଧିକାର ? ପାଣ୍ଡୁଙ୍କର ପୁତ୍ର ଯଦି କେହିନାହିଁ, କିଏ ବା ପାଇବ ତାଙ୍କ ଅଧିକାର ?

ଦୁର୍ଯ୍ୟୋଧନ : (ହସି)

ବିଦୁର : ଆପଣା ବଂଶର ଅମର୍ଯ୍ୟାଦା କରନାହିଁ, ଯୁବରାଜ ।

ଦୁର୍ଯ୍ୟୋଧନ ନୁହଁକି ଏହା ସତ୍ୟ ମହାମନ୍ତ୍ରୀ ?

କୃଷ୍ଣ ଅବଶ୍ୟ ତା ସତ୍ୟ ଯୁବରାଜ । ସେହିପରି କୁରୁବଂଶ ଇତିହାସ ପଢି ପଚାର ପିତାଙ୍କୁ, ପଚାର ମାତାଙ୍କୁ । ମାତା ଅମ୍ବିକା ଓ ଅମ୍ବାଳିକାଙ୍କ ଗର୍ଭୁ ବ୍ୟାସଙ୍କ ଔରସରୁ ଜନ୍ମହୋଇ ଧୃତରାଷ୍ଟ୍ର ଏବଂ ପାଣ୍ଡୁ କେଉଁ ଅଧିକାର ବଳେ ମହାରାଜ ବିଚିତ୍ରବୀର୍ଯ୍ୟଙ୍କ ସିଂହାସନ କଲେ ଆରୋହଣ ।

ଧୃତରାଷ୍ଟ୍ର ଆଃ...ବନ୍ଦକର ।

ବିଦୁର ବନ୍ଦକର ବାସୁଦେବ । ଅନୁରୋଧ କରୁଛି ତୁମକୁ । କୌରବ ବଂଶର ଅମର୍ଯ୍ୟାଦା କରନାହିଁ ଆଉ ।

କର୍ଣ୍ଣ ଯୁବରାଜ ! ସଖା ! ଏପରି ସମୟର ଅପଚୟ କରି କିଛି ଲାଭ ନାହିଁ । କୁହ କୃଷ୍ଣ ସଂକ୍ଷେପରେ ପାଣ୍ଡବଙ୍କ ଉକ୍ତି ।

କୃଷ୍ଣ ଯୁଧିଷ୍ଠିରଙ୍କର ଏକମାତ୍ର ସର୍ତ୍ତ । ମହାରାଜ ଅର୍ଦ୍ଧରାଜ୍ୟ ପାଣ୍ଡୁପୁତ୍ରେ ଦେଇ, ବାକି ଅର୍ଦ୍ଧରାଜ୍ୟ କୌରବଙ୍କୁ କରନ୍ତୁ ପ୍ରଦାନ ।

Digitized by PPRACHIN, SOA

ଦୁର୍ଯ୍ୟୋଧନ (ରାଗରେ) ଅସମ୍ଭବ ତାହା । ଯୁଧିଷ୍ଠିରଙ୍କର ଏଇ ଯଦି ଏକମାତ୍ର ସର୍ତ୍ତ, ତା'ହେଲେ ଆଗ୍ରହ୍ୟ କରିବି ତାହାକୁ । ରାଜ୍ୟ ବିଭାଜନ ପାଇଁ ଷଡଯନ୍ତ୍ର କରୁଥିବା ହେ ବିଚ୍ଛିନ୍ନତାବାଦୀ, କହିବ ପାଣ୍ଡବେ ଯାଇ କୁରୁରାଜ୍ୟ ନୁହଁଇ ଦ୍ରୌପଦୀ । ଭାଗଭାଗ କରି ତାକୁ ଭୋଗକରୁଥିବେ ପଞ୍ଚଭ୍ରାତା ନିଜ ଇଚ୍ଛାମତେ !

କୃଷ୍ଣ ସ୍ତବ୍ଧ ହୁଅ ଦୁର୍ଯ୍ୟୋଧନ ...

ଦୁର୍ଯ୍ୟୋଧନ ସତ୍ୟ ବାକ୍ୟ ଲାଗୁଛିକି କଟୁ ?

କର୍ଣ୍ଣ ସ୍ଥିର ହୁଅ ସଖା ।

ବିଦୁର କୁହନ୍ତୁ କେଶବ, ଅନ୍ୟ କିଛି ଅଛିକି ପ୍ରାର୍ଥନା ?

କୃଷ୍ଣ ଅତ୍ୟନ୍ତ ବିନୟୀଭାବେ କହିଛନ୍ତି ଯୁଧିଷ୍ଠିର ମତେ । ସଖା ! କହିବ ବୁଝାଇ ଜ୍ୟେଷ୍ଠ ତାତେ ! ଶାନ୍ତି ଆମ ଋହୁଁ ସର୍ବକ୍ଷଣ । ଶାନ୍ତି ପାଇଁ କୌରବ ପାଣ୍ଡବ ହେଲେ ରାଜି, ଚିରଦିନ ଲିଭିଯିବ ଭ୍ରାତୃବିବାଦର ଅଗ୍ନି । ସେଥିପାଇଁ ଅନ୍ୟ ଏକ ପ୍ରସ୍ତାବ ଅବଶ୍ୟ ରହିଛି ।

ଧୃତରାଷ୍ଟ୍ର କୁହନ୍ତୁ ଚଞ୍ଚଳ । ଆମେ ମଧ୍ୟ ଋହୁଁ ଶାନ୍ତି । କିନ୍ତୁ ଅସମ୍ଭବ ସର୍ତ୍ତ କିଛି ଥାଏ ଯଦି ...

କୃଷ୍ଣ କହିଛନ୍ତି ଯୁଧିଷ୍ଠିର ! ଜ୍ୟେଷ୍ଠ ପିତା ଯଦି ନ ହୁଅନ୍ତି ରାଜି, ଦେବାପାଇଁ ଅର୍ଦ୍ଧରାଜ୍ୟ ପାଣ୍ଡବଙ୍କ ଲାଗି, ଆମ ପାଞ୍ଚଭାଇ ପାଇଁ ପାଞ୍ଚଖଣ୍ଡି ଗ୍ରାମ ଭିକ୍ଷା ଦେବେ ମୋତେ । ସେଇଥିରେ ରହିବୁ ସନ୍ତୁଷ୍ଟ ଆମେ ।

କର୍ଣ୍ଣ ମାତ୍ର ପାଞ୍ଚଖଣ୍ଡି ଗ୍ରାମ ଋହିଁଛନ୍ତି ଯୁଧିଷ୍ଠିର ? ତାହାପୁଣି ଭିକ୍ଷା ଭାବେ ? ହାଃ... ଧିକ୍...

ବିଦୁର ଏ ଅତି ଉତ୍ତମ କଥା ମହାରାଜ । ମୋ ମତରେ କୌରବଙ୍କ ବିଶାଳ ସାମ୍ରାଜ୍ୟ ମଧ୍ୟ ପାଞ୍ଚଖଣ୍ଡ ଗ୍ରାମମାତ୍ର ଦିଆଯାଇପାରେ ।

ଧୃତରାଷ୍ଟ୍ର ପାଞ୍ଚଖଣ୍ଡି ଗ୍ରାମ ମାତ୍ର ଭିକ୍ଷା ଭାବେ ଦିଆଯାଇପାରେ । (କୃଷ୍ଣ ଶକୁନିକୁ ଠାରିବା)

ଶକୁନି (ଚୁପଚୁପ୍ ଦୁର୍ଯ୍ୟୋଧନଙ୍କୁ) ନୀରବେ ବସିଛ କିଆଁ ପୁତ୍ର । ଭାବିଛକି ମନେ, ପାଞ୍ଚଖଣ୍ଡିଗ୍ରାମ ପାଇଁ ଲଢ଼ିବ କିମ୍ପାଇ? ଭାବିଦେଖ ଯୁବରାଜ, ପାଞ୍ଚଖଣ୍ଡି ଗ୍ରାମ ନାମେ କୃଷ୍ଣ ଯଦି ଋହାଁନ୍ତି ତୁମର ସମସ୍ତ ନଗରୀ ?

ଦୁର୍ଯ୍ୟୋଧନ ସମସ୍ତ ନଗରୀ ? ବୁଝିପାରୁନାହିଁ ମୁହିଁ ?

ଶକୁନି ହସ୍ତିନା, ବାରଣାବତ, ଇନ୍ଦ୍ରପ୍ରସ୍ଥ, ବାୟୁପ୍ରସ୍ଥ, ଯମପ୍ରସ୍ଥ ଭଳି ପାଞ୍ଚଟି ନଗରୀ ଯଦି ଋହାନ୍ତି କେଶବ ?

ଦୁର୍ଯ୍ୟୋଦନ ଅସମ୍ଭବ ।

ଶକୁନି ତା' ହେଲେ ତୁମେ ବଞ୍ଚିବ କିପରି ? ରହିବ କେଉଁଠି ତୁମେ ? କେଉଁ ରାଜ୍ୟେ କରିବ ରାଜତ୍ୱ ? ମହାରାଜ ବୋଲାଇବ କେଉଁ ସାମ୍ରାଜ୍ୟରେ ? ନୀରବେ ବସିଛ କିଆଁ ତେବେ ? କରୁଛବା କାହର ପ୍ରତୀକ୍ଷା ? ଏଇଦେଖ, ମହାମନ୍ତ୍ରୀ ଦେଉଛନ୍ତି ବଚନ କୃଷ୍ଣଙ୍କୁ ।

ବିଦୁର କୁହ ବାସୁଦେବ। କେଉଁ ପାଞ୍ଚଖଣ୍ଡି ଗ୍ରାମ ମାଗିଛନ୍ତି ପ୍ରିୟ ଯୁଧିଷ୍ଠିର ।

ଦୁର୍ଯ୍ୟୋଧନ ଅପେକ୍ଷା କରନ୍ତୁ ମହାମନ୍ତ୍ରୀ । ପ୍ରଶ୍ନ ଏକ ଅଛି ମୋର ପାଣ୍ଡବ ଦୂତଙ୍କୁ । କୁହ ଦୂତ, ପାଞ୍ଚଖଣ୍ଡି ଗ୍ରାମ ଯାହା ପାଇବେ ପାଣ୍ଡବେ, ରହିବତ ସେହିଗ୍ରାମ ଏ ରାଜ୍ୟର ଅଧୀନସ୍ଥ ହୋଇ ? ରାଜ୍ୟାନୁଶାସନ ମାନି ଚଳିବେତ ପଣ୍ଡୁ ପୁତ୍ରଗଣ ? ପ୍ରତିବର୍ଷ ଶେଷେ ହସ୍ତିନାର ରାଜକୋଷେ ଦେଇଯିବେ ଆସି ତାଙ୍କ ନ୍ୟାଯ୍ୟ କର ! କୁହ କୃଷ୍ଣ ଯୁଧିଷ୍ଠିର ରାଜିତ ଏଥିରେ ?

Digitized by PPRACHIN, SOA

କୃଷ୍ଣ ଯୁବରାଜ ! ଯୁଧିଷ୍ଠିର ଚାହାଁନ୍ତି ତାଙ୍କର ସାର୍ବଭୌମ ଅଧିକାର । ହେଉ ତାହା ରାଜ୍ୟ ଅବା ଗ୍ରାମ । ହସ୍ତିନାର ରାଜଶକ୍ତି କରିବନି ହସ୍ତକ୍ଷେପ କେବେ ତାଙ୍କ ସ୍ୱାଧୀନତା ପରେ ।

ଶକୁନି : ଅସମ୍ଭବ ଏହା ।

ଦୁର୍ଯ୍ୟୋଧନ : ଜାଣନାକି ଦୂତ ! ସାର୍ବଭୌମ କୁରୁରାଜ୍ୟ, ଅବିଚ୍ଛିନ୍ନ, ଅଖଣ୍ଡ ସାମ୍ରାଜ୍ୟ । ଖଣ୍ଡ ଖଣ୍ଡ କରି ସେହି ସାର୍ବଭୌମ ରାଜ୍ୟ, ବିଚ୍ଛିନ୍ନତାବାଦୀର ଏଇ ଉଦ୍ଭଟ ଚିନ୍ତାରେ ଯଦି ବାଣ୍ଟିବାକୁ ହୁଏ ତାହେଲେ ତାହାକୁ ଭାଗ କରିବାକୁ ହେବ ଏକଶତ ପଞ୍ଚ ବିଭାଗରେ ।

ବିଦୁର ତାହା କେବେ ହେବକି ସମ୍ଭବ ?

କର୍ଣ୍ଣ ଯୁବରାଜଙ୍କ ଯୁକ୍ତି ଅତ୍ୟନ୍ତ ଯଥାର୍ଥ । କୁରୁରାଜ୍ୟ ଯଦି ଦେଇପାରେ ପାଞ୍ଚଖଣ୍ଡି ଗ୍ରାମ ପାଣ୍ଡବର ପଞ୍ଚଭ୍ରାତା ନାମେ, ତା' ହେଲେ କିଆଁ ନ ପାଇବେ ତାଙ୍କ ଅଧିକାର କୌରବର ଏକଶତ ଭ୍ରାତା ?

ଶକୁନି ଏହିପରି ଭାଗ ଯଦି ହୋଇବ ହସ୍ତିନା ରାଜ୍ୟ । ତେବେ ତାହାର ଅଧିପତି ହେବ କିଏ ?

କୃଷ୍ଣ ସେ କଥା ଜାଣନ୍ତି, ମହାରାଜ ଅବା ମନ୍ତ୍ରୀ-ପରିଷଦ ।

ଦୁର୍ଯ୍ୟୋଧନ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ", ସେହି ଜନ୍ମଭୂମି ହେବ ଖଣ୍ଡ ବିଖଣ୍ଡିତ । ମୁଁ ଜୀବିତ ଥିବାଯାକେ ହେବନାହିଁ ତାହା । ହୁଏତ କୌରବ ନତୁବା ପାଣ୍ଡବ ରାଜତ୍ୱ କରିବେ ହସ୍ତିନାରେ । କିନ୍ତୁ ମୁଁ ବଞ୍ଚିଥିବାଯାକେ ଖଣ୍ଡବିଖଣ୍ଡିତ ହେବନାହିଁ କେବେ ହସ୍ତିନା ସାମ୍ରାଜ୍ୟ ।

କୃଷ୍ଣ ଶୁଣ ଦୁର୍ଯ୍ୟୋଧନ ! ପାଞ୍ଚଖଣ୍ଡି ଗ୍ରାମ ମାଗିଛନ୍ତି ବୋଲି ଭୀରୁ ମନେକର ନାହିଁ ପାଣ୍ଡବଙ୍କୁ । ପାଣ୍ଡବେ ଚାହିଁବେ ଯଦି ମୁହୂର୍ତ୍ତ ମଧ୍ୟରେ ହସ୍ତିନାକୁ କରିବେ ଆୟତ୍ତ ।

କର୍ଣ୍ଣ ପାଣ୍ଡବଙ୍କ ଏତେ ଶକ୍ତି ଅଛି ଯଦି, ଭିକ୍ଷା ପାତ୍ର ଧରି ଆସିଛ କି ଲାଗି କୌରବ ସଭାକୁ ଭୀକ୍ଷାର୍ଥୀ ଭାବରେ ?

କୃଷ୍ଣ ଆସିଥିଲି ଦେଖିବାକୁ କୌରବଙ୍କ ଅଭିପ୍ରାୟ । ଯେଉଁ ମାତୃଭୂମି ଗର୍ବରେ ବଞ୍ଚିତ କରୁଛ ତୁମେ ପାଣ୍ଡବଙ୍କ ଅଧିକାର, ସେହି ବକ୍ଷଦିନେ ହେବ ତୁମ ରକ୍ତରେ ରଞ୍ଜିତ ।

କର୍ଣ୍ଣ : ସେତ ମୋର ଭାଗ୍ୟ । ଜନ୍ମଭୂମି ରକ୍ଷାପାଇଁ ବୀରଗତି ପ୍ରାପ୍ତହେବ ମୋର । ତଥାପି ଭିକ୍ଷାପାଇଁ ଆସିବନି ତୁମ ପାଣ୍ଡବଙ୍କ ଦରବାରେ କେବେ ।

କୃଷ୍ଣ ଜାଣନାକି ଅର୍ଜ୍ଜୁନଙ୍କ ପରାକ୍ରମ ? ଯୁଦ୍ଧକ୍ଷେତ୍ରେ ଅବିଳମ୍ୱେ ନାଶିବ ତୁମ୍ଭଙ୍କୁ । ଭୀମର ଶପଥ କଥା ମନେଥିବ ନିଶ୍ଚେ । ଗଦାଘାତେ ଲୁଣ୍ଠିତ କରିବ ତୁମ ଯୁବରାଜ ଶିର ।

ଦୁର୍ଯ୍ୟୋଧନ : ଅହଂକାରୀ ଦୂତ । ଶାନ୍ତି ନାମେ ଆସିଛ ଏଠାକୁ କୌରବଙ୍କୁ ଯୁଦ୍ଧପାଇଁ ଆହ୍ୱାନ ଦେବାକୁ । ଯଦି ଏତେ ଯୁଦ୍ଧର ବାସନା ଥିଲା ପାଣ୍ଡବର ଦ୍ରୌପଦୀର ପଣତ ତଳେ ଲୁଚିରହି ତୁମକୁ ସେ ପଠାଇଲେ କିଆଁ ଭିକ୍ଷା କରିବାକୁ ?

କୃଷ୍ଣ : ଯାଉଅଛି ମୁଁ ତେବେ ମହାରାଜ । ପୁଣି ଦେଖାହେବ କୌରବ ଓ ପାଣ୍ଡବର ଯୁଦ୍ଧକ୍ଷେତ୍ରେ ଦିନେ । ସେହିଦିନ ପ୍ରତିଶୋଧ ନେବି ମୁହିଁ ହସ୍ତିନା ସଭାର ।

ଶକୁନି (ଚୁପଚୁପ୍) ଶୁଣ ପୁତ୍ର । ଯିବାପାଇଁ ଦିଅ ନାହିଁ କୃଷ୍ଣଙ୍କୁ । ଶୀଘ୍ର ବନ୍ଦୀକର ତାଙ୍କୁ ।

ଦୁର୍ଯ୍ୟୋଧନ କୁଆଡେ ଯିବହେ ଉଦ୍ଦିଷ୍ଟ ପୁରୁଷ କୁରୁ ସଭାଛାଡି ? କିଏ ଅଛି ବନ୍ଦୀ କର ଦୂତେ । (ଯୁଦ୍ଧ ଓ କୃଷ୍ଣଙ୍କର ପ୍ରତିରୋଧ) (କୃଷ୍ଣଙ୍କ ପ୍ରସ୍ଥାନ)

Digitized by PPRACHIN, SOA

ଶେଷଦୃଶ୍ୟ

(ପାଣ୍ଡବଙ୍କ ଶିବିର)

ଦ୍ରୌପଦୀ(କାନ୍ଦି): ଶୁଣିଲେଣି ମହାରାଜ ! ଏଇମାତ୍ର ଆସିଚି ସମ୍ବାଦ ଯାହା ହସ୍ତିନାରୁ ଅବିଶ୍ୱାସ୍ୟ ମନେହୁଏ ମୋତେ ।

ଯୁଧିଷ୍ଠିର କି ସମ୍ବାଦ ପ୍ରିୟେ ? ମାତା କୁନ୍ତୀ- ପିତାମହ ଭୀଷ୍ମ, ଜ୍ୟେଷ୍ଠ ପିତା ଆଦି ଅଛନ୍ତିତ କୁଶଳରେ ସବୁ ?

ଦ୍ରୌପଦୀ ସେମାନେ ତ ଅଛନ୍ତି କୁଶଳେ । କିନ୍ତୁ ମନା ମୋର ନ ମାନି ଆପଣ ହସ୍ତିନାର ଦରବାରେ ପଠାଇଲେ କୃଷ୍ଣ ବାସୁଦେବେ ।

ଯୁଧିଷ୍ଠିର କି ହୋଇଛି ପ୍ରିୟେ ? ଘଟିଛିକି ଅଘଟଣ କିଛି ?

ଦ୍ରୌପଦୀ କୌରବେ କରିଛନ୍ତି ବନ୍ଦୀ ବାସୁଦେବେ ।

ଯୁଧିଷ୍ଠିର ଦୂତଙ୍କୁ ବନ୍ଦୀ କରିବା ଏକାନ୍ତ ଅନ୍ୟାୟ ।

ଦ୍ରୌପଦୀ ଯେଉଁ ରାଜସଭା ନାରୀର ଲଜ୍ଜାକୁ ଲୁଣ୍ଠନ କରିବାପାଇଁ ପ୍ରତିବାଦ କରେନାହିଁ, ସେଠାରେ କରିବ କିଏ ନ୍ୟାୟ ଆଉ ଅନ୍ୟାୟ ବିଚାର ।

ଯୁଧିଷ୍ଠିର କୃଷ୍ଣଙ୍କୁ ବନ୍ଦୀକରିବା ଅସମ୍ଭବ ।

ଦ୍ରୌପଦୀ ଦୂତ ଆସି ଦେଇଛି ସମ୍ବାଦ... ଯାହା ତୁରନ୍ତ ଏହାର ପ୍ରତିକାର ନ କଲେ, ପାଣ୍ଡବେ ହୁଏତ ହରାଇବେ ଚିରଦିନପାଇଁ ପାଣ୍ଡବ ସଖାଙ୍କୁ ।

ଯୁଧିଷ୍ଠିର (କ୍ରୋଧରେ) ଅସମ୍ଭବ ଏହା । କୃଷ୍ଣ ଖାଲି ପାଣ୍ଡବର ସଖା ନୁହେଁ, ପାଣ୍ଡବର ଗୁରୁ, ପ୍ରଭୁ ସିଏ । ପାଣ୍ଡବେ କେବଳ ସହିଯିବେ ଆପଣାର ଅପମାନ ସିନା, ସହିବେନି ପ୍ରଭୁଙ୍କର ଅପମାନ କେବେ ।

ଦ୍ରୌପଦୀ ବିଶ୍ୱାସ ହୁଏନି ମନେ ।

ଯୁଧିଷ୍ଠିର ଅବିଶ୍ୱାସ ମନେହୁଏ ଯଦି, ସୂର୍ଯ୍ୟ, ଚନ୍ଦ୍ର, ସାକ୍ଷୀରଖି କରୁଛି ଶପଥ, ଅବିଳମ୍ୱେ ନିଶ୍ଚୟ କରିବି ଯୁଦ୍ଧ କୌରବଙ୍କ ବିରୁଦ୍ଧରେ ।

କୃଷ୍ଣ (ପ୍ରବେଶୀ) ଅବଶ୍ୟ କରିବ ଯୁଦ୍ଧ, କିନ୍ତୁ ମନେରଖ- ଧର୍ମଯୁଦ୍ଧ ନାମେ କର ଯୁଦ୍ଧର ଘୋଷଣା । ଜାଣନ୍ତୁ ସମସ୍ତେ ସାରାବିଶ୍ୱେ । ଧର୍ମରକ୍ଷାଲାଗି ତୁମେ ଧରିଅଛ ଅସ୍ତ୍ର । ପ୍ରଚାର କର ସର୍ବତ୍ର ଗୁରୁ କହିଛନ୍ତି...

କୋରସ ଯଦା ଯଦାହି ଧର୍ମସ୍ୟ
ଗ୍ଲାନିର୍ଭବତି ଭାରତ
ଆ...ଆ...ଆ...ଆ...
ଅଭ୍ୟୁତ୍‌ଥାନଂ ଅଧର୍ମସ୍ୟ
ତଦାତ୍ମାନଂ ସୃଜାମ୍ୟହଂ
ପରିତ୍ରାଣାୟ ସାଧୂନାଂ
ବିନାଶାୟଚ ଦୁଷ୍କୃତାମ୍
ଧର୍ମସଂସ୍ଥା ପନାର୍ଥାୟ

Digitized by PPRACHIN, SOA

ସମ୍ଭବାମି ଯୁଗେ ଯୁଗେ ।
ଆ...ଆ...ଆ...ଆ...

ଦୁର୍ଯ୍ୟୋଧନ : ଏ କଥା ବି' ଶୁଣି ରଖ କୃଷ୍ଣ ! ଦୁର୍ଯ୍ୟୋଧନ ଭୟ କରେ ନାହିଁ ଯୁଦ୍ଧ ପାଇଁ ଅଥବା ମୃତ୍ୟୁପାଇଁ । ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'' ମୋ ଜୀବନ ମନ୍ତ୍ର । ଜନ୍ମଭୂମି ପାଇଁ ବୀରଗତି ପ୍ରାପ୍ତ ହେବା କ୍ଷତ୍ରୀୟର ଧର୍ମ । ମାତୃଭୂମି ପାଇଁ ଆତ୍ମବଳୀ ଦେଇ ସହୀଦ ହେବାକୁ କୁଣ୍ଠା ନାହିଁ ମୋର । ତଥାପି କାପୁରୁଷ ଭଳି ଭିକ୍ଷା ପାତ୍ର ଧରି...ହା...ଧିକ୍ ଧିକ୍ ତୁମ କ୍ଷତ୍ରିୟ ପଣକୁ ଅବା ତୁମ ଛଳନା ପଣକୁ । କଟିଗଲେ କଟିଯାଉ ଶିର ମୋର...ମାତ୍ର ସ୍ୱାଭିମାନ ମୋର ବିଜୟ ପତାକା ଧରି ଉଡୁଥାଉ ମହାଭାରତର ଭାରତୀ ଗାଥାରେ । (...ଉପରୁ ଆଲୁଅ ଅନୁକୂଳ ହେବ ।)

(ଶେଷ ଗୀତ :)
କୋରସ୍ :

ମହାଭାରତର ପୁରୁଣା ଗପରେ ଅଛି କେତେ ନୂଆ ସୁଆଦ ଭରି ।
ଶିଖାଏ ଆମକୁ ମାତୃଭୂମି ଭକ୍ତି ବୀର ଗାଥା ଭଳି କାହାଣୀ ଧରି ।
ଯୁଗେ ଯୁଗେ ଏଠି ଚକ୍ରାନ୍ତ ହୋଇଛି, ଭାରତଭୂମିକୁ ଭାଙ୍ଗିବା ପାଇଁ ।
ଜାତି, ଧର୍ମ, ଭାଷା, ସଂସ୍କୃତି ନାମରେ ବିଚ୍ଛିନ୍ନତା ବାଦୀ ବନ୍ଧୁକ ନେଇ ।
ଡରିଯିବା ନାହିଁ, ହାରିଯିବା ନାହିଁ । ମନେ ରଖିଥିବା ଗୋଟିଏ କଥା ।
ଜାତି ଧର୍ମ କଥା ପଛକୁ ପକାଇ ବଜାୟୀ ରଖିବା ଆମ ଏକତା ।
ଜନନୀ ଅଥବା ଜନମଭୂମିର ମାନ ରଖିବାର ଶପଥ ନେଇ
ଫେରିଯିବା ଏବେ ଦର୍ଶକ ବନ୍ଧୁହେ ଆପଣା ବାଟରେ ମେଲାଣି ନେଇ
ଆସୁ ଯେତେ ବାଧା କରିବା ନାହିଁରେ ଭୟ...।
ଜନମେ ମରଣେ ଗାଉଥିବା ସଦା ମାତୃଭୂମିର ଜୟ...।
ମାତୃଭୂମିର ଜୟ...।

ସମାପ୍ତ

Digitized by PPRACHIN, SOA

ନୀରବ ଆହ୍ବାନ

Digitized by PPRACHIN, SOA

ପାତ୍ର ପରିଚୟ

୧. ରାଧୁମିଶ୍ର
୨. ହରି ଷଡ଼ଙ୍ଗୀ
୩. ମଧୁ ପଣ୍ଡା
୪. ଦୀନବନ୍ଧୁ
୫. ମନୁଆ
୬. ପୀତବାସ
୭. ମୋହନା
୮. ଅଗାଧୁ
୯. ଡାକ୍ତର
୧୦. ଅବ୍ଦୁଲ୍
୧୧. କରିମ୍
୧୨. ମର୍ଜିନା
୧୩. ନୀତୁ
୧୪. ଲକ୍ଷ୍ମୀ
୧୫. କୋରସ୍ (ଚାରି/ପାଞ୍ଚଜଣ)

ନାଟ୍ୟକାରଙ୍କ କୃତଜ୍ଞତା

ନାଟକ ତିନୋଟି (ନୀରବ ଆହ୍ୱାନ, ବ୍ରଜନାଥ ବଡ଼ଜେନା, ଚରୈବେତି) ଗୀତ ନାଟକ ବିଭାଗ, (ସୂଚନା ଓ ପ୍ରସାରଣ,) ଭୁବନେଶ୍ୱର ଦ୍ୱାରା ଅନୁମୋଦିତ ଓ ଭୁବନେଶ୍ୱର ବିଭାଗୀୟ ପ୍ରଭାରୀ ନାଟ୍ୟଦଳ ଦ୍ୱାରା ପ୍ରକାଶିତ ଓଡ଼ିଆ ନାଟକର ପାଣ୍ଡୁଲିପି ସଂକଳନ 'ଗୋଟିଏ ଶାମୁକା ଅନେକ ମୁକ୍ତା' ଦ୍ୱିତୀୟଭାଗ ୨୦୦୩ରେ ସଂକଳିତ । ଉକ୍ତ ନାଟକ ତିନୋଟିର ରଚନା ପ୍ରଯୋଜନା ଓ ପରିବେଷଣ ପାଇଁ ତତ୍‌କାଳୀନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀଯୁକ୍ତ କାମାକ୍ଷା ପ୍ରସାଦ ସିଂହଦେଓ ଓ ଡେପୁଟି ଡାଇରେକ୍ଟର ଶ୍ରୀମତୀ ଭାସ୍ୱତୀ ପାଲ୍ ଚୌଧୁରୀ ତଥା ନାଟ୍ୟ ପରିବେଷଣ କରିଥିବା ଭୁବନେଶ୍ୱର ଗୀତ ନାଟକ ପ୍ରଭାରୀର ସମସ୍ତ କଳାକାର ଓ କର୍ମକର୍ତ୍ତାମାନଙ୍କୁ ମୋର ଧନ୍ୟବାଦ ଜ୍ଞାପନ କରୁଛି ।

Digitized by PPRACHIN, SOA

୧ମ ଦୃଶ୍ୟ

(ଗାଁ ଚଉପାଢ଼ୀ, କିଛି ଲୋକ ପଶାଖେଳରେ ବ୍ୟସ୍ତ)

ରାଧୁମିଶ୍ର : ପକା ତିନି...ତିନି...ତିନି

ହରି ଷଡଙ୍ଗୀ ବୁଝିଲ ମିଶ୍ର ଆପଣେ, ଏ ପଶାପାଲି ତମ ଡାକ ଯେମିତି ଶୁଣୁଚି,ମହାଭାରତରେ ଶକୁନି ମାମୁଁର ଡାକ ବି ସେମିତି ଶୁଣି ନଥିବ ମ !

ମଧୁ ପଣ୍ଡା : ହଇହେ ଷଡ଼ଙ୍ଗୀ ଭାଇନା ! ସେଇଟା ପରା ତାଙ୍କ ବୁନିଆଦି ଖେଳ । ଆଉ ତାଙ୍କ ଡାକ ନଶୁଣିବ କେମିତି ? ତାଙ୍କରି ଡାକରେ ପରା ଗାଁ ଆତଯାତ ! ଆଉ ପଶାପାଲି କିବା ଛାର ।

ଗୀତ

ହରି ଷଡ଼ଙ୍ଗୀ : ଦେଖିଲେ...ଦେଖିଲେ ଏମାନଙ୍କର ବହପ ?

ମଧୁପଣ୍ଡା : ଏମାନଙ୍କର ଦୋଷ କ'ଣ ? ନାଟର ଗୋବର୍ଦ୍ଧନ ତ ଆମରି ଲୋକ ।

ରାଧୁ ମିଶ୍ର : ଆରେ କଥାରେ ନାଇଁ କାଠକୁ କୁରାଢ଼ି ହାଣେ, କେମିତି ହାଣେ ?

ହରି ଷଡ଼ଙ୍ଗୀ : କୁରାଢ଼ି ପେଟରେ ଖଣ୍ଡେ କାଠ ପଶେ ବୋଲି ସିନା ।

ମଧୁପଣ୍ଡା : ନିଜକୁ ମହାତ୍ମା ଦେଖେଇ ହଉଚି, ଦରିଦ୍ର ସେବା କରୁଛି ।

ରାଧୁ ମିଶ୍ର : କହିଲା ଭଳିଆ ।

ଚଞ୍ଚୁ ଚରଣେ ଲଗାଇ ହିଙ୍ଗୁଳ ନିଜ ତୁଣ୍ଡେ ମଣ୍ଡି ଖଣ୍ଡ ମୃଣାଳ
ଚାରୁପୂର୍ବ ଅଙ୍ଗ ବୁଲାଇବକୀ ତେବେ ସେ ମରାଳୀ ବୋଲାଇବକି ?

ହରି ଷଡ଼ଙ୍ଗୀ : ସେଇଆ ନୁହେଁ ଆଉ କ'ଣ ? କାହିଁ ରାଣୀ କାହିଁ ଚନ୍ଦରକାଣୀ ।

ରାଧୁ ମିଶ୍ର : ଆଣ୍ଠୁକୁଡ଼ାଟାଏ ତ । ପୁଅ ନାହିଁ କି ଝିଅ ନାହିଁ । ଚିନ୍ତା ନାହିଁ କି ଦକ ନାହିଁ । ଯାହା ବା ଟିକିଏ ଥିଲା ମାଇକିନିଆ ମରିଗଲା ପରେ ବୁଢ଼ାକୁ ତ ମଉକା ମିଳିଗଲା । ବାର ଦୁଆର ବୁଲି ଖାଉଚି । ବାରଧନ୍ଦାରେ ମୁଣ୍ଡ ପୁରାଇ ଗାଁରେ ନାଟ ଲଗେଇଛି ।

ହରି ଷଡ଼ଙ୍ଗୀ : ଖାଲି କ'ଣ ଗାଁରେ ନାଟ ଲଗେଇଛି ଆଜି କାଲି ନିଜ ଘରେ ଗାଁ ସାରା ଟୋକାଙ୍କ ଆଖଡ଼ା ଜମେଇ ରାଧାଲୀଳା କରୁଛି ।

ରାଧୁ ମିଶ୍ର : ରାଧାଲୀଳା କ'ଣ ? ନାଟକ ଫାଟକ କରୁଚି ନା କ'ଣ

ମଧୁ ପଣ୍ଡା : ଆଜ୍ଞା ସେ ନାଟଲୀଳା କଲେ ତ ଭଲ ହୁଅନ୍ତା ଲୋକେ ଧର୍ମ କର୍ମରେ ମନ ବଳାନ୍ତେ ସେ କଥା କରିବ କୁଆଡୁ ?

ରାଧୁ ମିଶ୍ର : ତା'ହେଲେ ପୁଣି କ'ଣ କରିଛି ? (ବୁଝି ପାରି ହସି) ଆରେ ବୁଢ଼ାକାଳେ ପୁଣି କଟର କେଁ ହଉଚି ନା କ'ଣ କିରେ ଷଡ଼ଙ୍ଗୀ ।

Digitized by PPRACHIN, SOA

ହରି ଷଡ଼ଙ୍ଗୀ : ନାଇଁ ମ ମିଶ୍ରେ ବୁଢ଼ା ନିଜେ ପ୍ରେମ କରୁନି ସିନା ହେଲେ ଅନ୍ୟର ରତି ଦେଖି ନିଜ ପୀରତିର ସପନ ଦେଖୁଚି ।

ରାଧୁମିଶ୍ର ଆରେ ଖୋଲି କୁହ ମ କ'ଣ କରୁଛି ?

ମଧୁ ପଣ୍ଡା : ସତରେ ଯେମିତି କିଛି ଜାଣିନ ? କହିବଟି ଷଡ଼ଙ୍ଗୀ ।

ହରି ଷଡ଼ଙ୍ଗୀ : ମହାନ୍ତି ସାହିର ଘନ ମହାନ୍ତି ଝିଅ ନିତୁ, ଆଜିକାଲି ବୁଢ଼ା ଘରେ ସଦାବେଳେ ରହୁଛି ।

ରାଧୁମିଶ୍ର : କିଏ ? ତାହାର ସେଇ ବାଲ୍ୟ ବିଧବା ଝିଅଟାତ ?

ମଧୁ ପଣ୍ଡା : ହଁ ମ ! ସେଇତ ଏଇନେ ରାଧା ସାଜିଛି ।

ରାଧୁ ମିଶ୍ର : ବୁଢ଼ାଟାକୁ ବାହାହବ କିରେ ?

ମଧୁପଣ୍ଡା : ନାଇଁ ମ ମିଶ୍ରେ ଆପଣେ । ବୁଝେଇ କହୁଛି ଶୁଣ । ଦ୍ୱାପର ଯୁଗରେ ଗୋପ ପୁରରେ ଥିଲେ ଜଣେ କୃଷ୍ଣ । ଆଉ ଷୋଳ ସହସ୍ର ଗୋପ ନାରୀ । ସେଠି ଚାଲିଥିଲା କୃଷ୍ଣ ଲୀଳା ।

ମଧୁ ପଣ୍ଡା : ହେଲେ ଏ କଳିଯୁଗରେ ଆମ ଗାଁ ଦୀନବନ୍ଧୁ ଘରେ ଅଛନ୍ତି ଗୋଟାଏ ରାଧା ନିତୁ ମହାନ୍ତି । ଆଉ ବାରଜାତିର ଅଛବ, ହରିଜନ, ଦଳିତ, ପତିତ ଯେତେସବୁ ଟୋକା । କୃଷ୍ଣ ସାଜି ନାଟ ଲଗେଇଛନ୍ତି ଆଉ କ'ଣ ?

ମନୁଆ : (ପ୍ରବେଶ କରି) ଆଜ୍ଞା ଓଳକି ।

ମଧୁପଣ୍ଡା : କିରେ କିରେ ତୋର ସାହସ ତ କିଛି କମ୍ ନୁହଁ ଦେଖୁଚି । ଅଛବ ପିଲା ହୋଇ ବ୍ରାହ୍ମଣସାହିର ଦ୍ୱାର ବାରଣ୍ଡା ଉପରକୁ ସିଧା ମାଡ଼ି ଆସୁଛୁ ।

ହରି ଷଡ଼ଙ୍ଗୀ : ଦୂରକୁ ଦୂରକୁ ଯାଅ । ଦୂରରେ ଠିଅ ହୁଅ । ହଇରେ ଆମକୁ ଛୁଇଁ ପକେଇବୁ ନା କ'ଣ ?

ରାଧୁ ମିଶ୍ର : ଆରେ ଛୁଇଁବା ତ ଦୂରର କଥା, ତୋ ଛାଇ ପଡ଼ିଲେ ଆମ ସପ୍ତ ପୁରୁଷ ନର୍କକୁ ଯିବେ । କ'ଣ ଭାବିଛୁ କି ?

ମନୁଆ : କାହିଁକି ଆଜ୍ଞା, ମୁଁ ହରିଜନ ହେଲି ବୋଲି କ'ଣ ମଣିଷ ନୁହେଁ ?

ରାଧୁ ମିଶ୍ର : ଚୁପ୍ କର ବେଶି ବଡ଼ବଡ଼ କଥା କହୁଛି । ସେ ଦୀନବନ୍ଧୁଟା ତୁମକୁ ମୁଣ୍ଡରେ ବସେଇ ବସେଇ ତୁମ ମୁହଁ ଉପରକୁ କରିଦେଲାଣି । କହ କୁଆଡ଼େ ଆସିଥିଲୁ ?

ମନୁଆ : ଜେଜେ ପଠାଇଥିଲେ ।

ମଧୁପଣ୍ଡା : ଆମ ପାଖକୁ ?

ହରି ଷଡ଼ଙ୍ଗୀ : କାହିଁକିରେ ?

ମନୁଆ : କହିଛନ୍ତି ଘରେ ଘରେ ବୁଲି କହିଆସ ବର୍ଷାରେ ଭାଙ୍ଗି ପଡ଼ିଥିବା ସ୍କୁଲ ଘର ଆଉ ଦାତବ୍ୟ ଚିକିତ୍ସାଳୟ ଆଦି ସବୁ ପୁଣି ଥରେ ତିଆରି ହେବ । ସମସ୍ତେ କର ସେବା କରିବେ । ସନ୍ଧ୍ୟାବେଳେ ବୈଠକ ଅଛି ।

ମଧୁ ପଣ୍ଡା : କରସେବା କାହିଁକି ? କିରେ କଥା ତ ହେଲା ସରକାରୀ ଅନୁଦାନ ଆସିଲେ ସେ ସବୁ କାମ ହାତକୁ ନିଆଯିବ । ଆଉ ଏଇନେ କର ସେବା କରିବ । ଖର୍ଚ୍ଚ ଦବ କିଏ ?

Digitized by PPRACHIN, SOA

ମନୁଆ ସେକଥା ମୁଁ ଠିକ୍ କରି କହିପାରିବିନି । ତେବେ ବୋଧହୁଏ ସେ କୋଉଠୁଁ ଯୋଗାଡ଼ କରିଥିବେ । ମୁଁ ଆସୁଛି ଆଜ୍ଞା (ପ୍ରସ୍ଥାନ କରିବାକୁ ଉଦ୍ୟତ)

ହରି ଷଡ଼ଙ୍ଗୀ ରହ ରହ ହାତରେ ସେଇଟା କ'ଣ ଧରିଛୁ ?

ମନୁଆ ଏଇଟା ଜେଜେ ଆଣିବାକୁ କହିଥିଲେ । ଜେଜେଙ୍କ ଜିନିଷ । ମୁଁ ଯାଉଛି ଆପଣମାନେ ଆସିବେ । (ମନୁଆ ପ୍ରସ୍ଥାନ)

ରାଧୁ ମିଶ୍ର : ଉଠ ଯିବା ।

ହରି ଷଡ଼ଙ୍ଗୀ : କୁଆଡ଼େ ଘରକୁ ?

ରାଧୁ ମିଶ୍ର : ନୁହଁ ଆଉ କ'ଣ ଡାକ୍ତରଖାନା ଆଡ଼େ ?

ମଧୁପଣ୍ଡା : ନାଇଁ ମାନେ ମୁଁ କ'ଣ କହୁଥିଲି କି ।

ରାଧୁ ମିଶ୍ର : ଗଲେ ଭଲ ହୁଅନ୍ତା ନା କ'ଣ ?

ହରି ଷଡ଼ଙ୍ଗୀ : ନାଇଁ ନାଇଁ କଦାପି ନୁହଁ, ନୈବ ନୈବଚ ।

ମଧୁ ପଣ୍ଡା : ନାଇଁମାନେ ସିଆଡୁ ମଧ କିଛି ଖବର ଆଣିବାର ଦରକାର ଅଛି ନା ନାହିଁ ?

ରାଧୁ ମିଶ୍ର : ହଉ ତମେ ଯିବ ଯଦି ଯାଅ । ଆମେ ଚାଲିଲୁ ଘରକୁ । ଚାଲ ଚାଲ । (ଅନ୍ଧାର)

୨ୟ ଦୃଶ୍ୟ

(ଦୀନବନ୍ଧୁଙ୍କ ଘର । ଦୀନବନ୍ଧୁ ବସି ତାଳପତ୍ର ଚଟେଇ ବୁଣୁଛନ୍ତି ଓ ଗୀତ ଗାଉଛନ୍ତି । ନିତୁର ପ୍ରବେଶ । ଦୀନବନ୍ଧୁ ବାବୁଙ୍କର ତା' ଆଡ଼କୁ ଲକ୍ଷ୍ୟ ନାହିଁ । ନିତୁ ଘର ଭିତରକୁ ପଶି ଯାଇଛି ଓ ଫେରି ଆସିଛି)

ନିତୁ : କେତେଟା ବାଜିଲାଣି ?

ଦୀନବନ୍ଧୁ : କିଏ ନିତୁ । ଆ ବସ୍ ।

ନିତୁ : ମୁଁ ପଚାରୁଛି କେତେଟା ବାଜିଲାଣି, ଜଣାଅଛି ?

ଦୀନବନ୍ଧୁ : କେତେ ଆଉ ହବ ? ବାରଟା କି ଗୋଟାଏ ବାଜିଥିବ ।

ନିତୁ : ଦି'ଟା ବାଜିବାକୁ ଗଲାଣି, ଏ ପର୍ଯ୍ୟନ୍ତ ଖିଆପିଆ ହେଇନି ଦେଖୁଛି ?

ଦୀନବନ୍ଧୁ : ତୁ ଏତେ ରାଗୁଛୁ କାହିଁକି ? ଯାଉଛି ଏଇନେ ଖାଇ ଦଉଛି ।

ନିତୁ : ସେଇ ସାତ ସକାଳୁ ରନ୍ଧା ରନ୍ଧି ସାରି ଯାଇଥିଲି । ଭାତ ଶୁଖି ଚଣା ହେଇଯିବଣି ।

ଦୀନବନ୍ଧୁ : ଏ ଦେଶରେ ସେଇ ଚଣା ଭାତ ମୁଠାଏ କେତେ ଜଣଙ୍କୁ ମିଳୁଛି କହିଲୁ

ନିତୁ : ...ଇଥିପାଇଁ ତ ଦିନକୁ ଓଳିଏ ଖାଇ ଓଳିଏ ଉପାସ ରହୁଚ । କ'ଣ ନା ଖାଦ୍ୟ ବଞ୍ଚିବ ।•ଶୀଘ୍ରଗଲ ଖାଇବ ଗଲ । ତାଳପତ୍ର ଚଟେଇ ବୁଣିବାଟା କ'ଣ ଏତେ ବଳେଇ ପଡ଼ିଛି ?

ଦୀନବନ୍ଧୁ : ତମ ଗାଁ ପ୍ରୌଢ଼ଶିକ୍ଷା କେନ୍ଦ୍ରକୁ ପଠେଇବି ବୋଲି ଭାବୁଛି ।

ନିତୁ : ଭଲ କରିଚ । ଯାଅ ଖାଇବ ଯାଅ ।

Digitized by PPRACHIN, SOA

ଦୀନବନ୍ଧୁ : ରହ ଟିକିଏ ରହ, ଏଇଟା ସାରି ଦେଇ ଯାଉଛି ।

ନିତୁ : (ତାଙ୍କୁ ଧରି ଉଠେଇଲା) ନାଇଁ ନାଇଁ ତମେ ଗଲ । ଚଟେଇ ମୁଁ ବୁଣି ଦେଉଛି । (ବୁଢ଼ାକୁ ଉଠେଇ ନିଜେ ବୁଣିଲା)

ଦୀନବନ୍ଧୁ ଆଉ ତୁ ଖାଇବୁ ନାହିଁ ?

ନିତୁ : ମୁଁ ଘରୁ ଖାଇଦେଇ ଆସିଛି ।

ଦୀନବନ୍ଧୁ : ଆଛା ଆଛା । (କହି ଦୀନବନ୍ଧୁ ଭିତରକୁ ଚାଲିଗଲେ । ନିତୁ ଚଟେଇ ବୁଣୁଥିଲା ପ୍ରବେଶ କଲା ମନୁଆ)

ମନୁଆ : କାହାନ୍ତି ? ଜେଜେ କୁଆଡ଼େ ଗଲେ ?

ନିତୁ ଜେଜେ ଭିତରେ ଖାଉଛନ୍ତି । (ମନୁଆ ଅଗରେ ହାତ ଦେଖେଇ ଠିଆ ହେଲେ)

ମନୁଆ ଛାଡ଼ ତମେ, ମୁଁ ତାଙ୍କୁ ପଚାରିବି ।

ନିତୁ : କ'ଣ ପଚାରିବ ?

ମନୁଆ : କାହିଁକି ସେ ମୋତେ ପାଠ ପଢ଼େଇଲେ ? କାହିଁକି ମୁଁ ଶିକ୍ଷିତ ହେଲି । – କାହିଁକି ମୁଁ ଜାଣି ପାରିଲି ଯେ ମଣିଷ ଭିତରେ ଥିବା ଜାତି ଭେଦଭାବ ମଣିଷ ଗଢ଼ିଚି । ମୁଁ ଯଦି ପାଠ ପଢ଼ି ନଥାନ୍ତି । ତା'ହେଲେ କିଏ ଅପମାନ ଦେଲେ ବି ମୋତେ ବାଧି ନଥାନ୍ତା । କିନ୍ତୁ ଆଜି ସେମାନେ ।

ନିତୁ : କେଉଁମାନେ ?

ମନୁଆ : ସେଇ ରାଧୁମିଶ୍ର ଆଉ ତା'ର ଦି'ଟା ଚାମଚା । ହରି ଷଡ଼ଙ୍ଗୀ ଆଉ ମଧୁପଣ୍ଡା । ମତେ କହିଲେ କ'ଣ ନା ମୋ ଛାଇ ପଡ଼ିଲେ ତାଙ୍କ ସପ୍ତପୁରୁଷ ନର୍କକୁ ଯିବେ । ଇଛା ହଉଥିଲା ସେଇଠି ସେ ତିନିଟାଙ୍କ ତଣ୍ଟି ମୋଡ଼ି ଦେଇଥାନ୍ତି ।

ନିତୁ : ଛି ଛି ସେମିତି କ'ଣ କହୁଚ ? ସେମାନେ ଗୁରୁଜନ । କ'ଣ କହିଦେଲେ ବୋଲି କ'ଣ ତାଙ୍କ କଥାକୁ ଧରନ୍ତି । ତମେ ଗୋଟିଏ ଶିକ୍ଷିତ ପିଲା ହୋଇ ।

ମନୁଆ : ଆଉ ସେମାନେ କ'ଣ ଶିକ୍ଷିତ ନୁହନ୍ତି ? ସେମାନେ କ'ଣ ପାଠ ପଢ଼ି ନାହାନ୍ତି ? ସେଇମାନେ ପରା ଏଇ ଗାଁର ମୁଖିଆ ? ହର୍ତ୍ତା କର୍ତ୍ତା । ଏଇ ଆଦର୍ଶ ସେମାନେ ଦେଖାଉଛନ୍ତି ?

ନିତୁ : ସେମାନେ ତୁମର ଆଦର୍ଶ ନୁହନ୍ତି । ତୁମର ଆଦର୍ଶ ହଉଛନ୍ତି ଜେଜେ ।

ମନୁଆ : ହଁ । କାହାନ୍ତି ଜେଜେ ? ତେଣୁ ମୁଁ ତାଙ୍କୁ ପଚାରିବାକୁ ଚାହୁଁଛି ?

ନିତୁ : (ମନୁଆ ଚାଲିଯାଉଥିଲା ବେଳେ ଧରି ନେଇଛି) ତୁମକୁ ମୋ ରାଣ । ତୁମେ ଏକଥା ଜେଜେଙ୍କୁ ପଚାର ନାହିଁ । ସେ ମନ ଦୁଃଖ କରିବେ ।

(ମନୁଆ ରହିଯାଇ ନିତୁକୁ ଚାହିଁଚି ଓ ଧୀରେଧୀରେ ଆସି ବସିଛି । ନିତୁ ଭିତରକୁ ଯାଇ ପାଣି ଗ୍ଲାସ ଆଣି ତାକୁ ଦେଇଛି । ମନୁ ପାଣି ପିଇ ସାରିଲା ପରେ ନିତୁ ଗ୍ଲାସ୍ ଉଠାଇଲା ବେଳକୁ ମନୁ ତା' ହାତ ଧରିନେଇଛି)

ମନୁଆ : ତୁମେ କ'ଣ ଏମିତି ଚୁପ୍‌ଚାପ୍ ରହିଥିବା ? କେବେ ବି ମୁହଁ ଖୋଲିବନି ?

Digitized by PPRACHIN, SOA

ନିତୁ ବାଲ୍ୟ ବିଧବାର ସ୍ୱପ୍ନ ଦେଖିବା ମନା ।

ମନୁ କିନ୍ତୁ ବିଧବାର ତ ପୁଣି ଗୋଟାଏ ମନ ଥାଏ ! ସେ ମନର ବି ଗୋଟାଏ ଇଚ୍ଛାଥାଏ । ସେ ଇଚ୍ଛାଟାକୁ ବୁଝିବାକୁ ଚେଷ୍ଟା କରିବା କ'ଣ ମନା ? ତା'ଛଡ଼ା ଜେଜେ ତ ଅଛନ୍ତି ଆଉ ଆମର ଚିନ୍ତା କ'ଣ ?

ନିତୁ ସବୁ କଥାରେ ବୋଝ ଜେଜେଙ୍କ ଉପରେ ଲଦିଦେବାକୁ ମୋର ଇଚ୍ଛା ନାହିଁ । କେତେ ଲୋକଙ୍କ ବୋଝ ଆଉ ସେ ବୋହିବେ ?

ଜେଜେ : (ପ୍ରବେଶି) କିଏ କାହା ବୋଝ ବୋହୁଛି ନିତୁ ?

ନିତୁ (ଥତମତ ହୋଇ) କାହିଁ ନାହିଁ ତ... ।

ମନୁଆ : ଏଇ ଆପଣଙ୍କ କଥା କହୁଥିଲି କେତେ ଲୋକଙ୍କ ଦୁଃଖ ସୁଖର ବୋଝକୁ ବୋହି ଚାଲିଛନ୍ତି ଦକ ନାହିଁ କି ଚିନ୍ତା ନାହିଁ ।

ଜେଜେ : ଆଗେ ଚିନ୍ତା କରୁଥିଲି । ଖୁବ୍ ଚିନ୍ତା କରୁଥିଲି । କିନ୍ତୁ ତୁମମାନଙ୍କ ଭଳି ପର ଉପକାରୀ ଯୁବକ ଯୁବତୀ ମୋ ହାତଧରି ଚାଲିବା ବେଳଠୁଁ ମୋର ଆଉ ଚିନ୍ତା ନାହିଁ କି ଆଶଙ୍କା ନାହିଁ । ମୁଁ ଏ ଦେଶର ଭବିଷ୍ୟତ ଘେନି ଖୁବ୍ ଆଶାବାଦୀ ହୋଇ ଉଠିଛି ।

ମନୁଆ : ମୁଁ ଆସୁଛି ଜେଜେ ।

ଜେଜେ : ସମସ୍ତଙ୍କୁ ଡାକି ଦେଇଛୁ ?

ମନୁଆ : ହଁ ଜେଜେ ।

ଜେଜେ : ଦି'ଟା ଖାଇ ଦେଇ ଯା ।

ମନୁଆ : ଭୋକ ନାହିଁ, ମୁଁ ଆସୁଛି । (ପ୍ରସ୍ଥାନ)

ଜେଜେ : (ନିତୁକୁ) କ'ଣ ହେଲା ତା'ର ? ସେ ଏମିତି ଚାଲିଗଲା କାହିଁକି ?

ନିତୁ : ମୁଁ କେମିତି ଜାଣିଲି ? ତାଙ୍କୁ ପଚାରିଲେନି । (ପ୍ରସ୍ଥାନ)

ଜେଜେ : (ହସି) ପାଗଳିଟାଏ, (ଚଟେଇ ଆଣି ସଜାଡ଼ି ରଖିଲେ) । ମା' ଆସିଲୁ (ରଙ୍ଗୀନ ଶାଢ଼ୀ ନିତୁ ଦେହରେ ପକାଇ)

ନିତୁ ଜେଜେ ଏ କ'ଣ ଜେଜେ ? ଖାଲି ରଙ୍ଗୀନ ଶାଢ଼ୀ ପିନ୍ଧିଦେଲେ ତ ବିଧବା ସଧବା ହୋଇପାରିବ ନାହିଁ ? ବରଂ ମିଛଟାରେ ଏ ସମାଜର ତିରସ୍କାର ଗୁଡ଼ାଏ ସହିବାକୁ ପଡ଼ିବ ।

ଜେଜେ : ତୁ ସର୍ବଂ ସହା ହୋଇ ମଧ୍ୟ ସାମାନ୍ୟ ତିରସ୍କାରକୁ ଭୟ କରୁଛୁ ମା' ?

ନିତୁ : ତଥାପି ।

ଜେଜେ : ମୁଁ ଆଜି ଶୁଣିବି ନାହିଁ, ତୁ ଆଜି ବୈଠକକୁ ମୋ ସାଙ୍ଗରେ ଯିବୁ । ଆଉ ଏଇ ରଙ୍ଗୀନ ଶାଢ଼ୀ ପିନ୍ଧି ଯିବୁ । କିଏ କ'ଣ କହିବ ଦେଖିବି ।

ନିତୁ କିନ୍ତୁ ଜେଜେ ?

Digitized by PPRACHIN, SOA

ଜେଜେ : ଯାହା କହୁଚି ସେଇଆ କରିବୁ । ନହେଲେ ମୋତେ ଜେଜେ ବୋଲି ଡାକିବୁ ନାହିଁ, କି ଏଠିକି ଆଉ ଆସିବୁ ନାହିଁ ।

ନିତୁ : ଜେଜେ !!

ଜେଜେ ମୁଁ ଠିକ୍ କହୁଚି ମା' । ତୁ ଯଦି ମୋ ଝିଅ ହୋଇଥାନ୍ତୁ । ତତେ ଆଜି ପର୍ଯ୍ୟନ୍ତ ବିଧବା ହେଇ ରହିବାକୁ ମୁଁ ଦେଇନଥାନ୍ତି ।

ନିତୁ ଜେଜେ ?

ଜେଜେ ଦେଖ ମା' ମୁଁ ଆଜି ସମାଜକୁ କୁସଂସ୍କାର ମୁକ୍ତ କରିବାକୁ ଯାଉଥିଲାବେଳେ ତୁ କେମିତି କୁସଂସ୍କାର ଭିତରେ ବୁଡ଼ି ରହିବାକୁ ପସନ୍ଦ କରୁଛୁ ?

ନିତୁ : କିନ୍ତୁ ମୋ ବାପା, ମା' । ଭାଇ ଭଉଣୀ, ସେମାନେ ମୋ ପାଇଁ ନିନ୍ଦାର ପାତ୍ର ହେବେ ସେକଥା ମୁଁ ସହିବି କେମିତି ?

ଜେଜେ : ବିଧବା ବିବାହ ଆଜିକାଲି ନିନ୍ଦାର କଥା ନୁହଁ ବରଂ ଗର୍ବର କଥା । ସୌଭାଗ୍ୟର କଥା । (ନିତୁର ହାତ ଧରି) ସତ କହିଲୁ ମା' । ଖାଲି ଏମିତି ସାଧାଲୁଗା ଖଣ୍ଡେ ଦେହରେ ଗୁଡ଼ାଇ ହେଲେ, ମନ କ'ଣ ସନ୍ୟାସୀ ହେଇଯାଏ ?(କଇଁ କଇଁ କାନ୍ଦି ଜେଜେ ଛାତିରେ ମୁଣ୍ଡରଖେ)

(ଅନ୍ଧାର)

୩ୟ ଦୃଶ୍ୟ

(ମିଶ୍ରଙ୍କ ଘର ବାରଣ୍ଡା । ମିଶ୍ରେ ବସି ହୁକା ଟାଣୁଥିଲେ, ଆଉ ଷଡ଼ଙ୍ଗୀ ଓ ପଣ୍ଡା ଆସି ପହଞ୍ଚିଲେ)

ମିଶ୍ର : ଆଉ ମିଟିଙ୍ଗ ସାରି ଆସିଲତ ? କୁହ ମିଟିଙ୍ଗରେ କ'ଣ ସବୁ ହେଲା ?

ଷଡ଼ଙ୍ଗୀ : ଅବସ୍ଥା ଯାହା ହେଲାଣି ମିଶ୍ରେ ଆପଣେ । ଏଣିକି ଆପଣ ନିଜ ହାତରେ ଯୋର ମଙ୍ଗ ନଭିଡ଼ି ଧରିଲେ ଏ ଦେଶ, ଏ ରାଜ୍ୟରେ ଆଉ ଚଳି ହେବନି ଦେଖୁଚି ।

ମିଶ୍ରେ : କାହିଁକି ? କ'ଣ ହେଲା ?

ପଣ୍ଡା : ଆଉ ବାକି ରହିଲା କ'ଣ ? ସେ ବୁଢ଼ା ଯୋଗୁଁ ଆମକୁ ଏଥର ଏ ଗାଁ ଭୂଇଁ ଛାଡ଼ିବାକୁ ପଡ଼ିବ ଦେଖୁଚି ।

ମିଶ୍ରେ : କ'ଣ ହେଲା କହୁନ ? ଖୋଲିକି କହୁନ ?

ପଣ୍ଡା : ମହାନ୍ତି ସାହିର ସେଇ ବିଧବା ଝିଅ ମ ? କ'ଣ ତା ନାଁ ଟା ?

ମିଶ୍ରେ : ନିତୁ ନିତୁ । କହ ହେ କ'ଣ ହେଲା ସେଇଠୁ ?

ଷଡ଼ଙ୍ଗୀ : ତାକୁ ଧରି ବୁଢ଼ା ଆଜି ମିଟିଙ୍ଗକୁ ଆସିଥିଲା ବୁଝିଲ ।

ପଣ୍ଡା : ଖାଲି କ'ଣ ସେମିତି ଆସିଥିଲା ?

ମିଶ୍ରେ : ଆଉ ?

ଷଡ଼ଙ୍ଗୀ : ଖାଲି ଯାହା ଶଙ୍ଖା ସିନ୍ଦୁର ପିନ୍ଧିବାକୁ ବାକି ଅଛି ନା, ଆଉ କ'ଣ ?

Digitized by PPRACHIN, SOA

ମିଶ୍ରେ ମାନେ ?

ପଣ୍ଡା ସେଇ ବିଧବା ମାଇକିନିଆଟାକୁ ରଙ୍ଗୀନ ଶାଢ଼ୀ ପିନ୍ଧାଇ ସାଙ୍ଗରେ ନେଇ ଆସିଥିଲା । ବୁଝିଲ ?

ଷଡ଼ଙ୍ଗୀ : ଧର୍ମ ସହିବ ଟି ? ମୋର ତ ଛାତି ଫାଟି ଯାଉଥାଏ । ଖାଲି ଖବରଟା ଆଣିବି ବୋଲି ଦାନ୍ତ କାମୁଡ଼ି ତଳକୁ ମୁହଁ ପୋତି ବସିରହିଲି ସିନା ।

ମିଶ୍ରେ କ'ଣ କରାଯିବ କହିଲେ ?

ପଣ୍ଡା ଯାହା କରୁଛ ଚଞ୍ଚଳକର । ନହେଲେ ଗାଁ ଦାଣ୍ଡରେ ଆମ ବ୍ରାହ୍ମଣ ଘରର ଝିଅ, ମାଇପେ ଆଉ ମୁଣ୍ଡ ଟେକି ଚଲାବୁଲା କରିପାରିବେନି ।

ମିଶ୍ରେ ଆଚ୍ଛା ତା'ର ଏଡ଼େ ବହପ । ଆସ ମୋ ସାଙ୍ଗରେ ଆଜି ଏହାର ଗୋଟାଏ ଫଇସଲା ହବ ।

ଷଡ଼ଙ୍ଗୀ ହେଲେ କୋଉଁଠିକି ଯିବେ ?

ମିଶ୍ର ବୁଢ଼ା ଘରକୁ ।

ପଣ୍ଡା : ମଲା ସେ କ'ଣ ଘରେ ଅଛି ?

ମିଶ୍ର : ଆଉ ?

ଷଡ଼ଙ୍ଗୀ : ଡାକ୍ତରଖାନାରେ । ତା' ଚେଲା ଚାମୁଣ୍ଡାକୁ ନେଇ ସେଠି କରସେବା କରୁଛି ।

ମିଶ୍ର : କର ସେବା ? ଆଜି ତା'ର କରସେବା ଛଡ଼େଇ ଦଉଚି । ଆସ ଯିବା ଡାକ୍ତରଖାନାକୁ (ପ୍ରସ୍ଥାନ)

(ଅନ୍ଧାର)

୪ର୍ଥ ଦୃଶ୍ୟ

(ଦେଖାଗଲା ଡାକ୍ତରଖାନା ଛପରକାମ ଚାଲିଛି । ହାତକୁ ହାତ ବଢ଼େଇ କାମ ଚାଲିଛି । ଦୀନବନ୍ଧୁ ମଧ କାମ କରୁଛନ୍ତି)

ନିତୁ : ତମେ ଏଥର ଛାଇରେ ବସ ଜେଜେ, ଥକି ଯିବଣି ।

ଦୀନବନ୍ଧୁ : ହଁ ରେ ମା' ଭାରି ଖରା ହେଉଛି । ବୁଢ଼ା ହେଲିଣି, ଆଉ ଖରା ସହି ହେଉନି ।

ନିତୁ : ଛାଇରେ ବସ । ପଣା ଆଣିଦିଏ, ପିଇବ...।

ଦୀନବନ୍ଧୁ : ଆରେ ନିତୁ ଏକା ମୋ ପାଇଁ ନୁହଁ ସମସ୍ତଙ୍କ ପାଇଁ ପଣା ଆଣିବୁ । ଖରାରେ ସମସ୍ତେ ଥକି ଯିବେଣି ।

ମନୁଆ : ସେ ଏକା, ଏକା କ'ଣ ଏତେ ଲୋକଙ୍କ ପାଇଁ ପଣା କରିପାରିବ ଜେଜେ ?

ଜେଜେ : ତୁ ଯାଉନୁ ତାକୁ ସାହାଯ୍ୟ କରିବୁ । ଡାକ୍ତର ବାବୁଙ୍କୁ କହିବୁ ଆସିବାକୁ ।

(ପ୍ରସ୍ଥାନ, ସମସ୍ତେ ହସି ଉଠିଲେ)

ମୋହନା : ଜେଜେ ଡାକ୍ତରଖାନା କାମ ତ ସରିଲା ବୋଲି ଜାଣ । ସ୍କୁଲ ଘରକଥା ଏଥର ଟିକିଏ ବୁଝ ।

ଦୀନବନ୍ଧୁ ବୁଝିବା ବୁଝିବା ! ଖାଲି ସ୍କୁଲ ଘର କାହିଁକି । ଗାଁ ରାସ୍ତା, ଗାଁ ପୋଖରୀ, ନଳକୂପ ସବୁ କଥା ବୁଝିବାକୁ ହେବ ।

ପୀତବାସ କିନ୍ତୁ କରିବା କେମିତି ? ସରକାରୀ ସାହାଯ୍ୟ ପାଇଁ ଚେଷ୍ଟା ନକଲେ ତ ହେବ ନାହିଁ ।

Digitized by PPRACHIN, SOA

ଦୀନବନ୍ଧୁ : କିରେ ହବ ନାହିଁ କାହିଁକି ?

ଅଗାଧୁ : କାହାରି ଘରେ ତ ଖାଇବାକୁ ନାହିଁ । ଆମେ ଚାନ୍ଦା ଭେଦା କରି କ'ଣ ଏତେ ପଇସା ଯୋଗାଡ଼ କରିପାରିବା ?

ଦୀନବନ୍ଧୁ କିରେ ଚାନ୍ଦା ଭେଦା ଦବାକୁ ତମକୁ କିଏ କହୁଚି ?

ଦଣ୍ଡପାଣି : ତା'ହେଲେ ପଇସା କୋଉଠୁ ଆସିବ ?

ଦୀନବନ୍ଧୁ ଦେଖ ଆମେ ସମସ୍ତେ ଏକ ହୋଇ କାମ କଲେ କୌଣସି କାମ ଆମକୁ ବଳେଇଯିବ ନାହିଁ । ଆଉ ସରକାରୀ ସାହାଯ୍ୟ କଥା କହୁଛ ? ସରକାରଙ୍କ ନିକଟରେ କେତେ ବଡ଼ ବଡ଼ ଯୋଜନା ଅଛି, ତା'ଛଡ଼ା ସରକାର ହାତକୁ ଅନାଇ ଆମେ ନିଜେ ହାତଗୋଡ଼ ବାନ୍ଧି ବସିଯିବା କ'ଣ ଠିକ୍ ହେବ ?

ମୋହନା : ହେଲେ ଆମେ ହେଲେ ଖଟିଖିଆ ଲୋକ । ଦିନେ ନଖଟିଲେ ଉପାସ ରହିବୁ । ପଇସା ପାଇବୁ କେଉଁଠୁ ? କେତେ ଦିନ କରସେବା କରିପାରିବୁ ?

ଦୀନବନ୍ଧୁ : ସେକଥା ମୁଁ ଜାଣେ । ଆରେ ତମେ ନଖଟିବ କାହିଁକି ? ଖଟିବାକୁ କେହି ବାରଣ କରୁନି । ମଝିରେ ମଝିରେ ଦିନେ ଅଧେ ସମସ୍ତେ ଶ୍ରମଦାନ କଲେ ଯଥେଷ୍ଟ । ଆରେ ଏତିକି ଶ୍ରମଦାନ କରି ସ୍ୱାଧୀନତା ଆଗରୁ ଆମେ କେତେ ରାସ୍ତାଘାଟ, ପୋଖରୀ, ନାଳ ତିଆରି କରିବୁ ତା'ର ହିସାବ ନାହିଁ ।

(ଏତିକିବେଳେ ନିତୁ, ଡାକ୍ତର ଓ ମନୁଆ ପଣାଧରି ପ୍ରବେଶ କରିଛନ୍ତି)

ଆରେ ଡାକ୍ତର ବାବୁ ଆପଣ ପଣା ଧରି...

ଡାକ୍ତର : ଆପଣ ଏ ବୟସରେ ଗାଁ ଲୋକଙ୍କ ପାଇଁ ଏତେ କାମ କରୁଛନ୍ତି ? ଆଉ ଆମେ କ'ଣ ଚୁପ୍‌ଚାପ୍ ହୋଇ ବସିରହି ପାରିବୁ ?

ଦୀନବନ୍ଧୁ : ଖୁବ୍ ଭଲକଥା । ଆଉ ଏମାନଙ୍କ ପାଇଁ ?

ନିତୁ : ଭିତରେ ଅଛି ।

ଦୀନବନ୍ଧୁ : ଆରେ ପିଇବ ଯାଅ । ଭିତରେ ପଣା ଅଛି ପିଇବ ଯାଅ । (ସମସ୍ତେ ଚାଲିଗଲେ)

ମନୁଆ : ବୁଝିଲ ଜେଜେ, ଏ ପଣା ଡାକ୍ତରବାବୁ ଦେଇଛନ୍ତି । ତାଙ୍କ ତରଫରୁ ।

ଦିନବନ୍ଧୁ : ବାଃ ଭଲକଥା । ବୁଝିଲେ ଡାକ୍ତରବାବୁ, ସମସ୍ତେ ଯଦି ନିଜପାଇଁ, ନିଜ ଗାଁ ପାଇ ଏମିତି ଶ୍ରମଦାନ କରନ୍ତେ, ତା'ହେଲେ ଦେଶ ସ୍ୱର୍ଗରେ ପରିଣତ ହୋଇଯାନ୍ତା ।

ଡାକ୍ତର : ଜେଜେ ! ଏ ବୟସରେ ଏ ଦେଶକୁ ସ୍ୱର୍ଗରେ ପରିଣତ କରିବାକୁ ଆପଣ ଯେତିକି ପରିଶ୍ରମ କରୁଛନ୍ତି, ତାକୁ ଦେଖିଲେ ମୁଣ୍ଡ ଆପେଆପେ ନଇଁଯାଉଛି ।

ଦୀନବନ୍ଧୁ : କି କଥା କହୁଛନ୍ତି ଡାକ୍ତରବାବୁ । ଆମ ପ୍ରତ୍ୟେକଙ୍କ ଭିତରେ ଯଦି ଏଇ ଟିକକ ମାନବିକ ଆଦର୍ଶ ଥାନ୍ତା, ତା'ହେଲେ ଆମ ଦେଶର ଅବସ୍ଥା ଆଜି ଅନ୍ୟପ୍ରକାର ହୋଇଥାନ୍ତା ।

"ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ । କର୍ମେ ଜିଏଁ ନର, କର୍ମ ଏକାତା'ର ଜୀବନର ମାନଦଣ୍ଡ ।"

(ରାଧୁମିଶ୍ର, ମଧୁପଣ୍ଡା ଓ ହରିଷଡ଼ଙ୍ଗୀ ପ୍ରବେଶ କରି)

ରାଧୁମିଶ୍ର : ଦୀନବନ୍ଧୁ ବାବୁ...।

Digitized by PPRACHIN, SOA

ଦୀନବନ୍ଧୁ ଆରେ ଆସନ୍ତୁ ଆସନ୍ତୁ, ମିଶ୍ରେ ଆପଣେ ! ମୁଁ ଜାଣିଥିଲି ଆପଣମାନେ ନିଶ୍ଚୟ ଆସିବେ । ଏଇ ମହତ କାମରେ ଆପଣମାନେ ଉପସ୍ଥିତ ନରହିଲେ ପିଲାମାନେ ଉତ୍ସାହ ପାଇବେ କାହାଠୁଁ ? ଆଲୋ ନିତ୍ରୁ, ଆଉ ତିନି ଗ୍ଲାସ୍ ପଣା ଆଣେ ।

ମିଶ୍ର ଆମେ ଏଠିକି ପଣା ପିଇବାକୁ, କି ତୁମ ଚେଲାଚାମୁଣ୍ଡାଙ୍କୁ ଉତ୍ସାହ ଦେବାକୁ ଆସିନୁ ଦୀନବନ୍ଧୁ ବାବୁ । ଆସିଚୁ ଗୋଟାଏ ଫଇସଲା କରିବାକୁ ।

ଦୀନବନ୍ଧୁ ଫଇସଲା... ?

ଷଡ଼ଙ୍ଗୀ : ହଁ । କାହା ଅନୁମତି ନେଇ ଗୁଡ଼ାଏ ଅଛବ ପିଲାଙ୍କୁ ମେଳି କରି, ଏ ସବୁ ଧନ୍ଦା ଚଳେଇଛନ୍ତି ଶୁଣେ ?

ପଣ୍ଡା : ଯେତେହେଲେ ମିଶ୍ରେ ଆପଣେ ଏ ଗାଁର ମୁରବି ।

ଷଡ଼ଙ୍ଗୀ ସାତଖଣ୍ଡ ମୌଜାର ଲୋକ ତାଙ୍କ କଥା ମାନି ଚଳନ୍ତି ।

ପଣ୍ଡା : ଆଉ ଆପଣ ତାଙ୍କ ପରାମର୍ଶ ନନେଇ, ମନକୁ ମନ ଯାହା ଆସିଲା ତା' କରିଯାଉଛନ୍ତି ।

ଦୀନବନ୍ଧୁ ମୁଁ ତ କିଛି ଖରାପ କାମ କରୁନି... ? ଏଇ ଗାଁର ଉନ୍ନତି ପାଇଁ, ଲୋକମାନଙ୍କ ସୁଖ ସୁବିଧା ପାଇଁ, ଯାହା କରିବା କଥା କେବଳ ସେତିକି କରୁଛି ।

ମିଶ୍ର ଲୋକମାନଙ୍କ ସୁଖ ସୁବିଧା ଦେଖିବା ପାଇଁ ଆପଣ କ'ଣ ଏକା ଠିକା ନେଇଛନ୍ତି ? ଡାକ୍ତରଖାନା ଭାଙ୍ଗି ଯାଉଛି ତ ଭାଙ୍ଗୁ, ତାକୁ ମରାମତି କରିବା ଦାୟିତ୍ୱ ସରକାରଙ୍କର । ସେକଥା ସରକାର ବୁଝିବ । ଆମେ ବୁଝିବା । ସେ କଥା ବୁଝିବାକୁ ଆପଣ କିଏ ସେ ? (ନିତ୍ରୁ ପ୍ରବେଶ କରି)

ନିତ୍ରୁ ମତେ ଡାକୁଥିଲେ କେକେ ?

ଦୀନବନ୍ଧୁ : ହଁ ମା' ! ତିନି ଗ୍ଲାସ୍ ପଣା ଆଣ ତ (ଷଡ଼ଙ୍ଗୀ ଓ ପଣ୍ଡା ଠରାଠରି ହୋଇ ନିତ୍ରୁକୁ କହିଛନ୍ତି)

ମିଶ୍ର : ଏଇ ରହ ରହ । ପଣା ପଛେ ଆଣିବୁ । (ପାଖକୁ ଯାଇ) ଆଲୋ ତୁ ମହାନ୍ତି ପଡ଼ାର ଘନ ମହାନ୍ତି ଝିଅଟି ?

ନିତ୍ରୁ : ହଁ ।

ମିଶ୍ର : କିହୋ ପଣ୍ଡାଏ ଏଇ ପରା ମହାନ୍ତିର ସେଇ ବିଧବା ଝିଅଟି ?

ପଣ୍ଡା : ହଁ ଯେ ଆଜ୍ଞା । ଆଉ କ'ଣ ସେ ବିଧବା ହୋଇ ଅଛି ? ତା' ବେଶଭୂଷାକୁ ଦେଖୁ ନାହାନ୍ତି ।

ମିଶ୍ର : ହଁ ସେଇଆ ତ ଦେଖୁଚି । କିଲୋ ! ଯା ଭିତରେ ତୋର ବାହାଘର ହୋଇ ଗଲାଣିନା କ'ଣ ? କାଇଁ ଆମେ ତ ଜାଣିଲୁନି ?

ଷଡ଼ଙ୍ଗୀ : ନାଇଁ ମ ମିଶ୍ରେ ବାହା କାହିଁକି ହବ ? ବାହା ହବା ପାଇଁ ଏବେ ପୁଣି କୁଆଁରୀ ସାଜିଛି ନା ଆଉ ।

ମିଶ୍ର : ତା'ମାନେ ବାହା ହେବାପାଇଁ ତା'ର ଏଇ ବେଶ ?

ପଣ୍ଡା : ଧର୍ମ ଛାଡ଼ିଗଲା ମିଶ୍ର ଆପଣେ ! ଏ ଦେଶରୁ ଧର୍ମ ଛାଡ଼ିଗଲା ।

ମିଶ୍ର ହଇଲୋ ! ଗୋଟିଏ ବାଲ୍ୟ ବିଧବା ହୋଇ ତୋତେ ଏ ବେଶ ହେବାପାଇଁ ଟିକିଏ ଲଜ୍ୟା ଲାଗିଲାନି ?

ଦୀନବନ୍ଧୁ : ମିଶ୍ରେ ଆପଣେ ।

Digitized by PPRACHIN, SOA

ମିଶ୍ର	:	ଏ ବେଶ ହେବା ଆଗରୁ ତତେ ଟିକିଏ ବିଷ ମିଳିଲାନି ଆତ୍ମହତ୍ୟା କରିବାକୁ ? (ନିତୁ କାନ୍ଦି ଭିତରକୁ ଯାଇଚି)
ଦୀନବନ୍ଧୁ	:	ମିଶ୍ରେ ଆପଣେ । ଆପଣ ସୀମା ବାହାରକୁ ଚାଲିଯାଉଛନ୍ତି । ଟିକିଏ ସଂଯତ ହୋଇ କଥା କୁହନ୍ତୁ ।
ପଣ୍ଡା	:	କ'ଣ ହେଲା ? କଥା କେମିତି କହିବାକୁ ହେବ ସେକଥା ଆପଣ ଆମକୁ ଶିଖେଇବେ ?
ଦୀନବନ୍ଧୁ	:	ହଁ ଶିଖେଇବି ! ଗୋଟିଏ ଯୁବା ଝିଅକୁ ସମସ୍ତଙ୍କ ଆଗରେ ଏମିତି କହି ଅପମାନ ଦବାର ଅଧିକାର ଆପଣମାନଙ୍କର ନାହିଁ ।
ଷଡ଼ଙ୍ଗୀ		ଅଛି । ସେ ଅଧିକାର ତାଙ୍କର ଅଛି । କାରଣ ସେ ଏ ଗାଁର ମୁଖିଆ ।
ଦୀନବନ୍ଧୁ	:	ମୁଖିଆ ବୋଲି ମନକୁ ଯାହା ଆସିବ ତାହା କହି ଯିବେ – ୬୦ ବର୍ଷର ସ୍ୱାଧୀନତା ପରେ ଦେଶ ଆଜି ଯେତେବେଳେ ପ୍ରଗତିର ଶୀର୍ଷରେ ପହଞ୍ଚିବାକୁ ଲାଗିଲାଣି । ନାରୀମାନଙ୍କୁ ଯେତେବେଳେ ସବୁ କ୍ଷେତ୍ରରେ ଉଚ୍ଚସ୍ଥାନ ଦିଆଯାଉଛି । ବାଲ୍ୟବିବାହ ପ୍ରଥା କେବେଠୁଁ ଲୋପ ପାଇସାରିଲାଣି – ଏସବୁକୁ ଆଖି ଆଗରେ ରଖି ଯୁଗ ସଙ୍ଗେ ପାଦ ମିଳେଇ ଚାଲିବାଟା କ'ଣ ଅପରାଧ ?
ମିଶ୍ର	:	ଏ ସବୁ ତା'ହେଲେ ଆପଣଙ୍କ କୁଶିକ୍ଷା ?
ଦୀନବନ୍ଧୁ	:	ହଁ । ମୁଁ ତାକୁ କହିଛି ଏ ବେଶ ହେବାକୁ । ଆଉ ତା' ବାହାଘର ମୁଁ ନିଜ ହାତରେ କରିବି । ଦେଖିବି କିଏ କ'ଣ କରିବ ?
ପଣ୍ଡା, ଷଡ଼ଙ୍ଗୀ	:	ଶୁଣିଲେ ! ଶୁଣିଲେତ ମିଶ୍ର ଆପଣେ ?
ମିଶ୍ର	:	ଠିକ୍ ଅଛି । ଆମେ ବି କାମ କରିବୁ ସେତେବେଳକୁ ଆମକୁ ଆଉ ଦୋଷ ଦେବ ନାହିଁ । (ଏତିକିବେଳେ ପ୍ରବେଶ କରିଛି ଅବଦୁଲ)
ଅବଦୁଲ	:	ଜେଜେ ଜେଜେ (ପ୍ରବେଶି)
ଦୀନବନ୍ଧୁ	:	କିଏ ଅବଦୁଲ । ଆସ ଏଠାକୁ ଆସ – କ'ଣ ହେଲା ?
ଅବଦୁଲ	:	ଆପଣ ଶୀଘ୍ର ଆସନ୍ତୁ । ଆମ ବସ୍ତିର ଅବସ୍ଥା ଖୁବ୍ ଖରାପ ।
ଦୀନବନ୍ଧୁ	:	ଆରେ କ'ଣ ହେଇଚି ଖୋଲିକରି କହ ?
ଅବଦୁଲ	:	୩–୪ ଦିନ ତଳେ ରହିମ୍‌ର ଝାଡ଼ାବାନ୍ତି ହୋଇଥିଲା, କିନ୍ତୁ ପରେପରେ ଏବେ ୧୦–୧୨ ଜଣଙ୍କୁ ଝାଡ଼ାବାନ୍ତି ହେଲାଣି, ରହିମ୍‌ର ଅବସ୍ଥା ମଧ୍ୟ ଖୁବ୍ ଖରାପ । ବସ୍ତିର ଲୋକେ ଡରରେ ଛାନିଆଁ ହେଇଗଲେଣି । ଗାଁ ଆରପଟ ହରିଜନ ବସ୍ତିରେ ବି ହଇଜା ଲାଗି ଗଲାଣି, ସେମାନେ ଗାଁ ଛାଡ଼ି ପଳାଇଯାଉଛନ୍ତି ।
ଦୀନବନ୍ଧୁ	:	ଆରେ ଡାକ୍ତରବାବୁ ଜାଣିଛନ୍ତି କି ନାହିଁ ?
ଅବଦୁଲ	:	ନାଇଁ ଜେଜେ ଆମେ ଡାକ୍ତରବାବୁଙ୍କୁ କହିନୁ, ଆମେ ଝଡ଼ାଫୁଙ୍କା କରୁଥିଲୁ ସେ–ସେ କଥା ଜାଣିଛନ୍ତି ତେଣୁ କାଳେ ଯିବେ ନାହିଁ ?
ଡାକ୍ତର	:	ଆରେ ନଯିବାର କ'ଣ ଅଛି ? ତମେ ଚାଲ ମୁଁ ଆସୁଛି ।

Digitized by PPRACHIN, SOA

ମିଶ୍ର ରୁହନ୍ତୁ ଡାକ୍ତରବାବୁ ।

ଷଡ଼ଙ୍ଗୀ ଏସବୁ କିଛି ଭଲକଥା ନୁହେଁ ଦୀନବନ୍ଧୁ ବାବୁ । ଆମର ଫଇସଲା ହୋଇଛି ଯେ ଆମ ଗାଁ ଡାକ୍ତର ଅନ୍ୟ କୁଆଡ଼େ ଯିବେନି, ବିଶେଷ କରି ଅଛୁବ, ଅସ୍ପୃଶ୍ୟ ଲୋକଙ୍କଘରକୁ ଯିବେନି ।

ଦୀନବନ୍ଧୁ କିଏ ଫଇସଲା କରିଛି ?

ଷଡ଼ଙ୍ଗୀ କାହିଁକି ? ଆମ୍ଭେମାନେ, ମାନେ ମିଶ୍ରେ ଆପଣେ କରିଛନ୍ତି ।

ଦୀନବନ୍ଧୁ ଶୁଣନ୍ତୁ ! ଏଇଟା ମିଶ୍ରେଙ୍କର ଜାଗିରି ନୁହେଁ । ସରକାରୀ ଚାକିରି । ସେ ସରକାରୀ ଡାକ୍ତର । ସରକାରଙ୍କ ସେବାରେ, ଜନତାଙ୍କ ସେବାରେ ଯିବେ । ଏଥିରେ ତୁମମାନଙ୍କ ମୁଣ୍ଡ ପୁରାଇବାର କୌଣସି ହକ୍ ନାହିଁ ।

ପଣ୍ଡା କାହିଁକି ହକ୍ ନାହିଁ । ସରକାର କ'ଣ ଏକା ତାଙ୍କରି, ଆମର କିଛି ଅଧିକାର ନାହିଁ ?

ଦୀନବନ୍ଧୁ ଅଛି । ସମସ୍ତଙ୍କର ସମାନ ଅଧିକାର ଅଛି । ଧନୀ, ନିର୍ଦ୍ଧନ, ଶିକ୍ଷିତ, ଅଶିକ୍ଷିତ, ସମସ୍ତଙ୍କର ସମାନ ଅଧିକାର ଅଛି । ତୁମେ ତୁମ କାମରେ ଯାଅ ଅଯଥାରେ ତାଙ୍କର ଆଉ ମୋର ସମୟ ନଷ୍ଟ କରନା ଯାଅ ।

ମିଶ୍ର ଆଚ୍ଛା ! ଠିକ୍ ଅଛି । ତୁମକୁ ସାବଧାନ କରି ଦଉଚି ଡାକ୍ତରବାବୁ । ଭାବିଚିନ୍ତି କାମକର ନହେଲେ ଫଳ ବିଷମୟ ହେବ । (ପ୍ରସ୍ଥାନ)

ଅବଦୁଲ ତା'ହେଲେ ଆପଣ ଯିବେ ନାହିଁ ଡାକ୍ତରବାବୁ ?

ଡାକ୍ତର : ନିଶ୍ଚୟ ଯିବି । ଅଲବତ୍ ଯିବି, ନଯିବି କାହିଁକି ? ଏଇ କେଇଟା ଲୋକଙ୍କର ଧମକ୍‌ରେ ଡରି ମୁଁ ମୋ କର୍ତ୍ତବ୍ୟରେ ଅବହେଳା କରିବି ?

ଦୀନବନ୍ଧୁ : ଆରେ ନଯିବେ କାହିଁକି ? ମଣିଷ ସେବା ହିଁ ତ ଈଶ୍ୱରଙ୍କ ସେବା ? ତା'ଠୁ ବଳି ବଡ଼ କାମ ଆଉ କ'ଣ ଥାଇପାରେ ? (ଡାକ୍ତରଙ୍କ ପ୍ରସ୍ଥାନ ଓ ବ୍ୟାଗ୍‌ଧରି ସଙ୍ଗେ ସଙ୍ଗେ ପ୍ରବେଶ)

ଡାକ୍ତର : ଜେଜେ । ମୋ' ପାଖରେ ତ ସାଲାଇନ୍ ୱାଟର ଏତେ ବେଶୀ ନାହିଁ ।

ଦୀନବନ୍ଧୁ : ହେଉ । ଯାହା ଅଛି ନେଇ ଚାଲନ୍ତୁ । ବାକି ବ୍ୟବସ୍ଥା ପାଇଁ ବ୍ଲକ ପି.ଏଚ.ଡ଼ିକୁ ଚିଠି ଲେଖି ଖବର ପଠାନ୍ତୁ । ମୁଁ ଲୋକ ଠିକ୍ କରି ଦଉଚି । ଆରେ ହେ ମନୁଆ ! ତୁ ଡାକ୍ତର ବାବୁଙ୍କ ପାଖରୁ ଚିଠି ନେଇ ବଡ଼ ଡାକ୍ତରଖାନାକୁ ଯିବୁ ବୁଝିଲୁ । ଆଉ ତମେ ସବୁ କାମ ସାରି ଘରକୁ ଯିବ । ମା' ନିତୁ ଶୁଣିଲୁ (ନିତୁ ପାଖକୁ ଆସିଚି) ଘର ଆଡ଼େ ନଜର ରଖିଥିବୁ ମା', ଚାଲନ୍ତୁ ଡାକ୍ତରବାବୁ ।

ଅବଦୁଲ : ଏଇ ଲୋକଟା ବଡ଼ ଖରାପ ବାବୁ । ସେ ଆପଣଙ୍କୁ ହଇରାଣ କରିପାରେ... ।

ଦୀନବନ୍ଧୁ : ଆଉ ଏ ଦୁନିଆରେ କ'ଣ ସମସ୍ତେ ଭଲ ଲୋକଥାନ୍ତେ ? ହଇରାଣ, କଲେ କରିବ । ତାକୁ ଡରି ମୁଁ କ'ଣ ମୋ ବିବେକକୁ, ମୋ ଆଦର୍ଶକୁ ହତ୍ୟା କରିପାରିବି ? ନା-କେବେ ନୁହେଁ, ତୁମେ ଚାଲ ସେ ଯାହା କରିବ କରୁ ଚାଲ ଆମେ ଯିବା ।

ଡାକ୍ତର : ଟିକିଏ ଆଗରୁ ଯଦି ମୋତେ ସେମାନେ ଖବର ଦେଇଥାନ୍ତେ ତା'ହେଲେ ହଇଜାଟା ଏତେ ବ୍ୟାପି ନଥାନ୍ତା ।

Digitized by PPRACHIN, SOA

ଦୀନବନ୍ଧୁ : ତା’ ନୁହେଁ ଆଉ କ’ଣ ? ଏଇ କୁସଂସ୍କାର ସେମାନଙ୍କୁ ଅନ୍ଧ କରିଦେଇଛି । ଦେଖିବ ଚାଲ ନିଶ୍ଚୟ ସେମାନେ ଗୁଣିଗାରେଡ଼ି କରୁଥିବେ ।

(ଅନ୍ଧାର)

୫ମ ଦୃଶ୍ୟ

(କାଳିସି ନୃତ୍ୟ...)

ଦର୍ଶକ : ମା’ଲୋ ମା’ ...ଏଥର ଆମ ହରିଜନ ବସ୍ତିରୁ ଏ ମଡ଼କ ନେଇ ଯାଲୋ । ମା...ଆଉ ମୁଣ୍ଡ ଖା ନା ।

ମର୍ଜିନା : (ଗୁଣୁ ଗୁଣୁ ହୋଇ) ସେ ବସ୍ତିରୁ ଆଣି ଏ ବସ୍ତିରେ ହଇଜା ପୁରେଇଲା ।

ଦର୍ଶକ : କାହାକୁ କ’ଣ କହୁଚ ଚାଚି ?

ମର୍ଜିନା : ଆଲ୍ଲାକୁ କହୁଚି, ଏ ବସ୍ତିକୁ ମେହେରବାନୀ କର ।

(କାଳସୀ ନୃତ୍ୟ କରି କରି ପ୍ରସ୍ଥାନ କଲା । ସମସ୍ତେ ଚାଲି ଯାଇଛନ୍ତି, ମଞ୍ଚରେ କେବଳ ମର୍ଜିନା, ଏତିକିବେଳେ ତରତର ହୋଇ ଆସିଛି କରିମ୍ ।

ମର୍ଜିନା : କୁଆଡ଼େ ଏମିତି ଧାଉଁଛନ୍ତି ଚାଚା ?

କରିମ୍ : ଯା ଯା ତୁ ବି ଭାଗ୍ ଯା । ପିଲାମାନଙ୍କୁ ନେଇ ଭାଗ୍‌ଯା ।

ମର୍ଜିନା : ତୁମେ କୁଆଡ଼େ ଯାଉଚ ?

କରୀମ : ଆରେ ମୁଁ ତ ଗାଁ ଛାଡ଼ି ଭାଗି ଯାଉଛି, ଅବଦୁଲକୁ ନେଇ କରି ତୁ ବି ପଳା ।

ମର୍ଜିନା : ସେତ ଡାକ୍ତରଙ୍କ ସାଙ୍ଗରେ ଗାଁର ଘରଘର ବୁଲି ରୋଗୀ ଦେଖାଉଛି ।

କରୀମ : ଡାକ୍ତର କ’ଣ କରିବ ? ୟେତ ଆଲ୍ଲାର ବଦ୍‌ଦୁଆ ଅଛି ?

ମର୍ଜିନା : କିନ୍ତୁ ଡାକ୍ତର କହୁଛନ୍ତି ଏଇଟା ଗୋଟିଏ ରୋଗ ବେମାରୀ

କରୀମ : ଆରେ ଡାକ୍ତର ଆଉ ଅଧିକ କ’ଣ କହିବ ? ଲେକିନ୍ ଆଲ୍ଲା ଯେବେ ଗୁସା କରନ୍ତି ତ ଏମିତି ବେମାରୀ ଫୈଲ୍ ଜାତା ହୈ ।

ମର୍ଜିନା : ତା’ହେଲେ ତ ଘରଛାଡ଼ି ଯୁଆଡ଼େ ପଳେଇଗଲେ ବି ଆଲ୍ଲାଙ୍କ ଗୁସାରୁ ତ ବଞ୍ଚି ପାରିବା ନାହିଁ ।

କରୀମ : ଆରେ ତୁମ୍ ଭାଗୋ ୟା ନ ଭାଗୋ ଲେକିନ୍ ମୁଁ ଭାଗିଯାଉଚି ।

ମର୍ଜିନା : ହେଲେ ଚାଚି, ଚାଚି କାହାନ୍ତି ?

କରୀମ : ଆରେ ତାକୁ ତ ବେମାରୀ ଲାଗିଲାଣି ତିନିଚାରିଟା ...ହୋଇଗଲାଣି ।

ମର୍ଜିନା : ଚାଚିକୁ ଏମିତି ଛାଡ଼ିଦେଇ ତମେ ପଳେଇ ଯାଉଚ ?

କରୀମ : ଆଲ୍ଲା ଚାହିଁଲେ ତ ମୋତେ ଦୁସୁରା ଚାଚି ମିଳିବ ହେଲେ-ମୋତେ ବିମାରୀ ଧରି ପକେଇଲେ ।

ମର୍ଜିନା : ଇଏତ ଆପଣଙ୍କ ଦୁସୁରା ବିବି ନା ?

Digitized by PPRACHIN, SOA

କରୀମ ଠିକ୍ ହାଏ, ତିସିରୀ ବି ମିଲିଯିବ, ଲେକିନ୍ ତୋର ଏ ଚାଚା ଚାଲିଗଲେ ଆଉ ଚାଚା ମିଳିବନି । ତୁ ଥା ମୁଁ ଚାଲିଲି ।

ମର୍ଜିନା ଆରେ ଚାଚା, ଶୁଣ... ହୁଁ ଏମିତି ଲୋକଙ୍କୁ ଆଲ୍ଲା କାହିଁକି ବଞ୍ଚେଇ ରଖିଛନ୍ତି କେଜାଣି ?

(ଅନ୍ଧାର)

୬ଷ୍ଠ ଦୃଶ୍ୟ

(ଦେଖାଗଲା ଦୀନବନ୍ଧୁ ଓ ଆଉ କିଛି ଲୋକ କୋଡ଼ି, କୋଦାଳ ଧରି ଗାଁ ସଫା କରୁଛନ୍ତି, କିଏ ବ୍ଲିଚିଙ୍ଗ ପାଉଡ଼ର ପକାଉଛନ୍ତି)

ଦୀନବନ୍ଧୁ ଆରେ ହେ, ଅନ୍ୟମାନେ କୁଆଡ଼େ ଗଲେ ? ରାସ୍ତାଘାଟ, ନାଳନର୍ଦ୍ଦମା, କୂଅ ସବୁଠୁ ବ୍ଲିଚିଙ୍ଗ ପାଉଡ଼ର ପକା ହେଲା ତ ?

ଅବଦୁଲ : ଗାଁ ମୁଣ୍ଡ ପର୍ଯ୍ୟନ୍ତ ପକାହେଇଛି ।

ଦୀନବନ୍ଧୁ : ଡାକ୍ତର ବାବୁଙ୍କ ପାଖରୁ ଓ.ଆର.ଏସ୍. ପୁଡ଼ିଆ ସବୁ ଘରେ ଘରେ ବଣ୍ଟା ହେଲା ତ ?

ଅବଦୁଲ ନର୍ସ ଦିଦି ଓ ବେହେରାବାବୁ ସେ ସବୁ ବାଣ୍ଟୁଛନ୍ତି ।

ଦୀନବନ୍ଧୁ : ଏଥର ତୁ ଗୋଟିଏ କାମ କର । ସେମାନେ ସମସ୍ତେ ଆସିଗଲେ କୋଡ଼ି କୋଦାଳ ନେଇ ରାସ୍ତାକଡ଼ରେ ଏହି ଖାଲ ଗୁଡ଼ାକ ଭର୍ତ୍ତି କରିଦେବ । କାଲି ଭିତରେ ଯେମିତି ଗାଁଟା ଯାକ ପରିଷ୍କାର ପରିଚ୍ଛନ୍ନ ହୋଇଯାଏ ଦେଖିବ ।

ଅବଦୁଲ ଆଜ୍ଞା ହଁ ।

ଦୀନବନ୍ଧୁ : ଆଜି କେତେଜଣ ହସ୍ପିଟାଲ ଗଲେ... ?

ଅବଦୁଲ : ପାଞ୍ଚଜଣ ଆଜ୍ଞା

ଦିନବନ୍ଧୁ : ଆଚ୍ଛା ଅବଦୁଲ ! ଗଲୁ ଗଲୁ ଡାକ୍ତରବାବୁଙ୍କ ପାଖରେ ଫୁଟା ପାଣିଥିବ ମୁନ୍ଦେ ନେଇ ଆସିବୁ । ଖରାରେ ବୁଲି ବୁଲି ତଣ୍ଟି ଶୁଖିଗଲାଣି ।

ଅବଦୁଲ : ଆଜ୍ଞା ମୁଁ ପାଣି ଆଣିବି, ପିଇବା ନ ପିଇବା କଥା ପରେ ବୁଝିବା ।

(ଅବଦୁଲ ପାଣି ଆଣି ଦେଇଛି, ଦୀନବନ୍ଧୁ ପିଇବାକୁ ଉଦ୍ୟତ ଡାକ୍ତରଙ୍କ ପ୍ରବେଶ)

ଡାକ୍ତର ବୁଝିଲ ଜେଜେ । ୫ଜଣଙ୍କୁ ସିନା ହସ୍ପିଟାଲ ପଠେଇଦେଲେ ଆହୁରି କିଛି ଲୋକଙ୍କ ଅବସ୍ଥା ସେତେ ଭଲ ନାହିଁ ।

ଅବଦୁଲ : ତା'ହେଲେ କ'ଣ କରିବା ?

ଦୀନବନ୍ଧୁ ଆଜି ରାତିରେ ଆମକୁ ଏଇଠି ରହିବାକୁ ପଡ଼ିବ ନା କ'ଣ କହୁଚ ଡାକ୍ତରବାବୁ ?

(ପାଣି ପିଇବା ସମୟରେ ମିଶ୍ରେ, ଷଡ଼ଙ୍ଗୀ ଓ ପଣ୍ଡା ପ୍ରବେଶ)

ମିଶ୍ରେ : ଏଁ ଏଁ କ'ଣ ହେଲା ? ପଠାଣ ହାତରୁ ପାଣି ପିଇଲା ? ଶଳା ନିଜକୁ ଭାରି ମହାତ୍ମା ବୋଲି ଭାବୁଚି ନାଇଁ ? ଯେ ସାକୁ ତେସା ନହେଲେ । କଥାରେ ନାହିଁ – ନା ରହେଗୀ ବାଁଶ ନା ବଜେଗୀ ବାଁଶୁରି ।

Digitized by PPRACHIN, SOA

ପଣ୍ଡା : ଶଳାକୁ ମାରିଦେଲେ ହୁଅନ୍ତା ?

ଷଡ଼ଙ୍ଗୀ : ନାଇଁ ନାଇଁ ମାରିଦେଲେ ଆଜ୍ଞା ଆମ ଅବସ୍ଥା ଅସମ୍ଭାଳ ହେଇଯିବ ।

ମିଶ୍ରେ : ଜାଳିଦିଅ ।

ଷଡ଼ଙ୍ଗୀ କାହାକୁ ?

ମିଶ୍ରେ : ଠିକ୍ କଥା ଚାଲ ଯିବା ।
(ଅବଦୁଲ ପାଣି ଗ୍ଲାସ ନେଇ ଚାଲିଗଲା)

ଡାକ୍ତର : ସେତ ସତକଥା, କିନ୍ତୁ ମୁଁ ଭାବୁଚି ଏ ପର୍ଯ୍ୟନ୍ତ ପି.ଏଚ୍.ସି.ରୁ କିଛି ଖବର ଆସିଲାନି, ମୁଁ ଏକା କ'ଣ ସମ୍ଭାଳି ପାରିବି ? ଅତିକମ୍‌ରେ ଜଣେ, ଦି'ଜଣ, ଡାକ୍ତର ନର୍ସ ଆସିଗଲେ ଚଳନ୍ତା ।

ଜେଜେ : ତୁମେ ବ୍ୟସ୍ତ ହୁଅନା ଡାକ୍ତରବାବୁ ଆମେ ସମସ୍ତେ ତୁମକୁ ସାହାଯ୍ୟ କରିବୁ । ଦରକାର ହେଲେ ନିତୁକୁ ଗାଁରୁ ଡକେଇଦେବି ସେବା କରିବାରେ ସେ ନର୍ସଠୁ ମଧ ବଳିଯିବ । ଆଉ ଏଠିତ ଅବଦୁଲର ସ୍ତ୍ରୀ ଅଛି ଆମେ ସମସ୍ତେ ଲାଗିପଡ଼ିବା ।

ଡାକ୍ତର : ହେଲେ ଔଷଧ, ସାଲାଇନ୍ ସେ ସବୁ କୋଉଠୁ ଆସିବ ?

ଜେଜେ : ତୁମେ ବ୍ୟସ୍ତ ହୁଅନା ମନୁଆ ପି.ଏଚ୍.ସି. କ'ଣ ଖବର ଆଣୁଚି ଦେଖାଯାଉ, ତା'ପରେ ଯାହା ହେବ ଦେଖିବା ।

(ଅନ୍ଧାର)

୭ମ ଦୃଶ୍ୟ

(ମିଶ୍ରଙ୍କ ଘର/ ସମୟ ସନ୍ଧ୍ୟା)

(ଲକ୍ଷ୍ମୀ ଆଳତୀ ନେଇ ଆସିଛି)

ଲକ୍ଷ୍ମୀ : ନିଅ ଠାକୁରଙ୍କ ଆଳତୀ ନିଅ ।

ମିଶ୍ରେ : ରଖହେ ତୁମର ଆଳତି ଫାଳତି । ମୋ ଚଦର ଆଉ ବାଡ଼ି ଦେଲ ମୁଁ ଯାଏ

ଲକ୍ଷ୍ମୀ : ଏଇତ ପଶା ଖେଳି ଖେଳି ରାତି ଘଡ଼ିକରେ ଘରକୁ ଫେରିଲ, ପୁଣି କୁଆଡ଼େ ବାହାରିଲ ?

ମିଶ୍ରେ : ମାଇକିନିଆଙ୍କର କ'ଣ ସବୁକଥା ଜାଣିବା ଦରକାର ?

ଲକ୍ଷ୍ମୀ : ବ୍ରାହ୍ମଣ ଘରେ ଜନ୍ମ ହେଇଚ । ଗାଁର ମୁଖିଆ ଆଉ ସାହିର ବଡ଼ପଣ୍ଡା ବୋଲେଇ ହଉଚ । ଅଥଚ ସକାଳ ସନ୍ଧ୍ୟାରେ ଜପ ନାହିଁ କି ଗାୟତ୍ରୀ ନାହିଁ । ସଦାବେଳେ ଖାଲି ପଶାଖେଳ, ନହେଲେ ୟା, ତା' ଚୁଗୁଲି କରି ଦିନ କାଟୁଛ ।

ମିଶ୍ରେ : (ଥଟ୍ଟାରେ) ଯାହା ଘରେ ସ୍ୱୟଂ ଲକ୍ଷ୍ମୀଦେବୀ ବିଜେ, ତା'ଘରେ ଆଉ ଗୀତା, ଗାୟତ୍ରୀର କ'ଣ ଦରକାର ଅଛି ?

ଲକ୍ଷ୍ମୀ : ସେଇ ଷଡ଼ଙ୍ଗୀ ଆଉ ପଣ୍ଡାଙ୍କ ସାଙ୍ଗରେ ପଡ଼ି ତୁମେ ଦିନକୁ ଦିନ ଖରାପ ହେଇ ଯାଉଚ, ବୁଢ଼ା ବୟସରେ ଧର୍ମ କର୍ମରେ ମନ ନଦେଇ ସବୁବେଳେ ଅପକର୍ମରେ ମାତିଛ ଏଇଟା କମାରୁ ଭୟକଥା ନୁହେଁ ।

Digitized by PPRACHIN, SOA

ମିଶ୍ରେ   ହଇ ଏ –ବୁଢ଼ା ବୟସରେ କର୍ମ-ଅକର୍ମ ସବୁ ତମଠୁଁ ଶିଖିବାକୁ ପଡ଼ିବ ନା କ'ଣ ?

ଲକ୍ଷ୍ମୀ   ନା ମୋଠୁ ଶିଖିବ କାହିଁକି ? ସେଇ ଷଡ଼ଙ୍ଗୀ ଆଉ ପଣ୍ଡାଠୁ ଶିଖୁଥାଅ । ପାପଫଳ ଦିନେ ଭୋଗିବ ଯେ ।

ମିଶ୍ରେ : ହଉଥାଉ, ଆଉ ହିତୋପଦେଶ ଦିଅନା, ଯାହା କହିଲି କର ।

ଲକ୍ଷ୍ମୀ   ଯାଉଚି (ପ୍ରସ୍ଥାନ) (ତରତର ହୋଇ ପଶିଆସିଲେ ପଣ୍ଡା, ଷଡ଼ଙ୍ଗୀ)

ମିଶ୍ରେ   (ଆସ୍ତେ) ଆରେ ତୁମେ ଏଠିକି କାହିଁକି ଆସିଲ । ଯା ପଳା ଏଇନେ ଲକ୍ଷ୍ମୀ ଦେଖିଦେବ ଯଦି ।

ଷଡ଼ଙ୍ଗୀ : ଆମେ ଯାଉଚୁ, ହେଲେ ଆପଣେ, ଶୁଣିଲେ ଖୁସିହେବେ ଲୋକ ଠିକ୍ କରି ଦେଇଛୁ ଆଜି ରାତିରେ କାମ ଶେଷ କରିବାକୁ ହେବ ।

ପଣ୍ଡା : ବୁଢ଼ା ଆଜି ସେଇପଠାଣ ବସ୍ତିରେ ରହିବ । ରାତାରାତି ଆମ କାମ ଫତେ ।

ମିଶ୍ରେ   କାହାକୁ ଠିକ୍ କଲ ? ବିଶ୍ୱାସୀ ଲୋକ ତ ?

ଷଡ଼ଙ୍ଗୀ : ମୋହନା ମ...।

ପଣ୍ଡା   ମୋହନା ଆଜି ମୋହିନୀ ମନ୍ତ୍ର ଝାଡ଼ିବ ।

ମିଶ୍ରେ   ଆରେ ସିଏ କେମିତି ରାଜି ହେଲା ବା ?

ଷଡ଼ଙ୍ଗୀ : ରାଜି କ'ଣ ଖାଲି ଏମିତି ହେଇଗଲା ? ଟୋକାଟାକୁ ପାଲେଇଦେଲି ବୋଲି ସିନା...।

ପଣ୍ଡା : ତାକୁ କୁହାହେଇଚି ମିଶ୍ରେ ଆପଣେ ବ୍ୟାଙ୍କରେ କହି ତୋର କୃଷି ଋଣ ଛାଡ଼କରି ଦେବେ ବାଶ୍...।

ଷଡ଼ଙ୍ଗୀ : ଟୋକା ପାଟିରୁ ତ ଲାଳ ବୋହିଲା; ପାଞ୍ଚହଜାର ଟଙ୍କା ଆଣିଚିଟି...ସୁଧ ମୂଳ ହୋଇ ୬/୭ ହଜାର ହେବଣି କି କ'ଣ...?

ପଣ୍ଡା : କହନ୍ତି ନାଇଁ ଟଙ୍କା ମୁହଁ କରେ ବଙ୍କା ।

ମିଶ୍ର : ଏତେ ଦିନରେ ଗୋଟିଏ କାମ ତୁମେ କରି ଦେଖେଇଲ, ହୋ ପଣ୍ଡାଏ ଯାଅ ମୋହନାକୁ ମନ୍ଦିର ପାଖକୁ ନେଇଆସ, ମୁଁ ଏଇନେ ଯାଉଛି ।

ପଣ୍ଡା : ଶୀଘ୍ର ଆସିବେ ।

ଷଡ଼ଙ୍ଗୀ : ଶଳାବୁଢ଼ାକୁ ଆଜି ସାବାଡ଼ କରିଦବା (ପ୍ରସ୍ଥାନ)

ଲକ୍ଷ୍ମୀ : (ପ୍ରବେଶି) କିଏ ଆସିଥିଲା ? ସେ ହୋଇଥିବେ ନିଶ୍ଚେ ? ସେମାନେ ଷଡ଼ଙ୍ଗୀ ଆଉ ସେ ପଣ୍ଡା କାହିଁକି ଆସିଥିଲେ ଶୁଣେ ?

ମିଶ୍ରେ : ମତେ ଡାକିବାକୁ ।

ଲକ୍ଷ୍ମୀ : କୁଆଡ଼େ ଯିବ ?

ମିଶ୍ରେ   ମନ୍ଦିରକୁ ଯିବି ବୈଠକ ଅଛି ।

ଲକ୍ଷ୍ମୀ : ମିଛକଥା କୁହନାହିଁ, ଗଲାବେଳେ କ'ଣ ବୁଢ଼ାକୁ ସାବାଡ଼ କରିଦେବେ ବୋଲି କହିଦେଇଗଲେ ?

ମିଶ୍ରେ : (ଥଥ, ମଥ ହୋଇ) କିଏ, କାଇଁ ନାଇଁତ...।

Digitized by PPRACHIN, SOA

ଲକ୍ଷ୍ମୀ : ନିଶ୍ଚେ ସେ ଦି'ଜଣ ଜେଜେବୁଢ଼ା ପଛରେ ଲାଗିଥିବେ । ନିଜରତ କିଛି କାମଧନ୍ଦା ନାହିଁ ସଦାବେଳେ ସେଇ ପରୋପକାରୀ ବୁଢ଼ାଟା ପଛରେ ବିଲୁଆ, କୁକୁରଭଳି ଭୋ...ଭୋ ହେଉଥିବେ ।

ମିଶ୍ରେ : ଆଉ ବୁଢ଼ାର କିଛି ଦୋଷ ନାହିଁ ?

ଲକ୍ଷ୍ମୀ ସିଏ ତ କାହାର କ୍ଷତି କରିଥିବା କଥା ମୁଁ ଆଜିଯାକେ ଶୁଣି ନାହିଁ ବରଂ ଶତ୍ରୁ ହେଲେବି ଦୁଃଖରେ ସମସ୍ତଙ୍କର ସାହାହେବାର ଶୁଣିଛି ଜାଣିଛି ।

ମିଶ୍ରେ : ତୁମେ ହେଲେ ଠାକୁର ପୂଜା ନକରି ତାରି ପୂଜାକରନ୍ତ ମୁକ୍ତି ମିଳିଯାଆନ୍ତା ।

ଲକ୍ଷ୍ମୀ ଖାଲି ଏ ଗାଁ ନୁହଁ, ଆଖପାଖ ଦଶଖଣ୍ଡ ଗାଁ ଲୋକ ତାଙ୍କୁ ପୂଜା କରୁଛନ୍ତି ବୁଝିଲ ହେଲେ କେତେଟା ଲୋକ ତୁମର ପ୍ରଶଂସା କରୁଛନ୍ତି କହିଲ ଦେଖି ?

ମିଶ୍ରେ : ଦିଅ ଦିଅ । ତୁମ ଉପଦେଶ ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ । ମୁଁ ଯାଏ ।

ଲକ୍ଷ୍ମୀ : ବୁଝି ଖବରଦାର, ନିଆଁକୁ ଅଣ୍ଟିରେ ପୂରାଇବୁ ନାହିଁ ଅଣ୍ଟି ପୋଡ଼ିଯିବ ଜାଣିଥା । (ପ୍ରସ୍ଥାନ)

ମିଶ୍ରେ : ଯାହା କହିଲେ ଅର୍ଦ୍ଧାଙ୍ଗିନୀ– ଅଣ୍ଟି ପୋଡ଼ିଯିବ । ଆହେ ପୋଡ଼ିଗଲେ ତମେ ମଲମ ଲଗାଇ ଦବ ନି । (ଘରପୋଡ଼ି ଦୃଶ୍ୟ)

(ଅନ୍ଧାର)

୮ମ ଦୃଶ୍ୟ

(ମୁସଲମାନ ବସ୍ତି)
(ସମୟ ରାତ୍ରି)

ମନୁଆ : ମୁଁ ଆସିଗଲି ଜେଜେ ।

ଦୀନବନ୍ଧୁ : ଖବର କ'ଣ ? ଆଗେ କହ ।

ମନୁଆ : ଡିଷ୍ଟ୍ରିକ୍ ହେଡ୍ କ୍ୱାଟରକୁ ଖବର ଦିଆଯାଇଛି । କାଲି ସକାଳେ ମେଡ଼ିକାଲ ଟିମ୍ ଆସି ପହଞ୍ଚିଯିବେ ।

ଦୀନବନ୍ଧୁ : ଭଲ କଥା ।

ଡାକ୍ତର : ହେଲେ ୨–୩ ଜଣଙ୍କ ଅବସ୍ଥା କ୍ରମେ ଖରାପ ହେବାକୁ ଗଲାଣି ଆଉ ଅଧିକ ସମୟ ଏଠି ଅଟକାଇ ରଖିବା ଠିକ୍ ନୁହେଁ ।

ଦୀନବନ୍ଧୁ : ତା'ହେଲେ ସେମାନଙ୍କୁ ଶୀଘ୍ର ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରାଯାଉ ମନୁଆ ତୁ... ।

(ଏତିକିବେଳେ ଧାଇଁ ଧାଇଁ ମୋହନାର ପ୍ରବେଶ)

ମୋହନା : ଜେଜେ ...ଜେଜେ ।

ଦୀନବନ୍ଧୁ : କିରେ କ'ଣ ହେଲା ? ତୁ ଏତେ ରାତିରେ... ?

ମୋହନା : ଜେଜେ ସେମାନେ ଆପଣଙ୍କ ଘର ପୋଡ଼ି ଦେଇଛନ୍ତି ।

ଦୀନବନ୍ଧୁ : ଆଉ ନିତୁ, ନିତୁ କେମିତି ଅଛି ?

Digitized by PPRACHIN, SOA

ମୋହନା : କହିପାରିବିନି ।

ଦୀନବନ୍ଧୁ ମୁଁ ତାକୁ ଘରକୁ ପଠାଇଦେଇ ଆସିଥିଲି ।

ମନୁଆ : ମୁଁ କିଛି କହିପାରିବି ନାହିଁ ।

ଦୀନବନ୍ଧୁ : ମନୁଆ ତୁ ଗାଁକୁ ପଳା ନିତୁର ଯଦି କିଛି ହୋଇଥାଏ ଶୀଘ୍ର ଖବର ଦେବୁ ମୁଁ ଯିବି ।

ମନୁଆ ଯାଉଚି ଜେଜେ (ପ୍ରସ୍ଥାନ)

ଡାକ୍ତର : କିଏ, କିଏ ଘର ପୋଡ଼ିଲା ?

ଅବଦୁଲ କହ କିଏ ସେ ପୋଡ଼ିଲା ?

ଡାକ୍ତର କହୁନୁ କାହିଁକି ?

ମୋହନା : ମୁଁ ଜାଣିନି ।

ଅବଦୁଲ ତୁ ସବୁ ଜାଣିଛୁ କହ ?

ଦୀନବନ୍ଧୁ ଓ ହୋ, କାହିଁକି ତମେ ତାକୁ କଷ୍ଟ ଦଉଚ କହିଲା ସେ ବା କ'ଣ ଜାଣେ ।

ଅବଦୁଲ : ନାଁ ଜେଜେ, ଆମେ ତାକୁ ଛାଡ଼ିବୁନି, ଯିଏ ଆପଣଙ୍କ ଘର ପୋଡ଼ିଚି ଆମେ ତା'ର ବଦଲା ନିଶ୍ଚୟ ନବୁ

ଦୀନବନ୍ଧୁ ଏମିତି କଥା କହିବା ଖାଲି ଅନ୍ୟାୟ ନୁହେଁ, ଭାବିବା ମଧ୍ୟ ଅନ୍ୟାୟ । ଆଉ କେବେ ଯେମିତି ଏମିତି କଥା ମୁଣ୍ଡରେ ନପଶେ । କ୍ରୋଧ ମଣିଷର ଶ୍ରେଷ୍ଠ ଶତ୍ରୁ, ସେମାନେ ଭୁଲ୍ କରୁଛନ୍ତି କରନ୍ତୁ, ତା'ବୋଲି ତମେ ଭୁଲ୍ କରିବ ? କେବେ ନୁହେଁ ।

ଡାକ୍ତର : ଆପଣ ଘରକୁ ଯାଆନ୍ତୁ ଜେଜେ । ଆମେ ଏଇଠି ଅଛୁ ।

ଦୀନବନ୍ଧୁ ଯାହାତ ଗଲାଣି, ଗଲାଣି । ଆଉ ଯାଇ ଲାଭ କ'ଣ ?

ଅବଦୁଲ : ନାଇଁ ଜେଜେ ଆପଣ ଘରକୁ ଯାଆନ୍ତୁ ।

ଦୀନବନ୍ଧୁ : ଘର ତ ପୋଡ଼ିଗଲାଣି କିନ୍ତୁ ଏଠି କେତୋଟି ଅମୂଲ୍ୟ ଜୀବନକୁ ମୁର୍ମୁଷ ଅବସ୍ଥାରେ ଛାଡ଼ି ମୁଁ ଯାଇପାରିବି ନାହିଁ ।

ଅବଦୁଲ : ଜେଜେ !!

ଅଗାଧୁ : ଜଲଦି ଆସନ୍ତୁ ଡାକ୍ତରବାବୁ, ହରିଆ ମା' ଆଉ କଥା କହୁନି ।

ଦୀନବନ୍ଧୁ : ହଁ ଅବଦୁଲ ତମେ ଦୌଡ଼ି ଯାଇ ୮/ ୧୦ ଜଣ ଲୋକ ଯୋଗାଡ଼ କର, ଯୋଉ ରୋଗୀମାନଙ୍କ ଅବସ୍ଥା ଖୁବ୍ ଖରାପ, ସେମାନଙ୍କୁ ଦଉଡ଼ିଆ ଖଟରେ ସହରର ହସ୍ପିଟାଲକୁ ବୋହି ନେଇଯିବେ । ଡାକ୍ତରବାବୁ ଆପଣ ଯାଆନ୍ତୁ । କମ୍ପାଉଡ଼ର ବାବୁଙ୍କୁ ସେମାନଙ୍କ ସହିତ ପଠେଇବାର ବ୍ୟବସ୍ଥା କରନ୍ତୁ ।

(ଅବଦୁଲ ଓ ଡାକ୍ତରଙ୍କ ପ୍ରସ୍ଥାନ)

ଦୀନବନ୍ଧୁ : (ମୋହନାକୁ ଦେଖି) ଆଉ ତୁ ଠିଆ ହୋଇ ରହିଲୁ କାହିଁକି ? ଯା କ'ଣ ଖାଇଚୁ ନା ନାହିଁ ? (ମୋହନ ଗୋଡ଼ଧରି କାନ୍ଦିଉଠିଲା) ଆରେ କାନ୍ଦୁଛୁ କାହିଁକି ? ଘର ମୋର ପୋଡ଼ିଗଲା ତୁ କାନ୍ଦୁଚୁ କାହିଁକି ?

Digitized by PPRACHIN, SOA

ମୋହନା : ସେମାନେ ମୋ ଋଣ ଛାଡ଼ କରିଦେବେ ବୋଲି କହି ମୋରି ହାତରେ ଆପଣଙ୍କ ଘରେ ନିଆଁ ଲଗେଇ ଦେଇଛନ୍ତି ଜେଜେ। ମୋତେ କ୍ଷମା କରନ୍ତୁ ଜେଜେ, ମୋତେ କ୍ଷମା କରନ୍ତୁ ।

ଦିନବନ୍ଧୁ : ତତେ ଈଶ୍ବର କ୍ଷମା କରିସାରିଛନ୍ତି । ତୁ ତୋ ନିଜର ଭୁଲ୍ ବୁଝି ସାରିଛ ଯେତେବେଳେ । ତତେ ମୁଁ ବା କହିବି କ'ଣ ? ଈଶ୍ବର ସେମାନଙ୍କର ମଙ୍ଗଳ କରନ୍ତୁ । ଯା ଘରକୁ ଫେରିଯା

(ମୋହନା ଓ ଦୀନବନ୍ଧୁ ପ୍ରସ୍ଥାନ)

(ଏଇ ଦୃଶ୍ୟରେ ମିଶ୍ରଙ୍କୁ ଗ୍ରାମବାସୀମାନେ ମିଶି ମାଡ଼ଦେଲେ । ମିଶ୍ର ମାଡ଼ଖାଇ ଦରମରା ହୋଇ ମଞ୍ଚ ଉପରେ ପଡ଼ିଚନ୍ତି, ପରେ ପରେ ପ୍ରବେଶ କରିଛି ମନୁଆ, ହଠାତ୍ ସାମନାରେ ମିଶ୍ରଙ୍କୁ ପଡ଼ିଥିବାର ଦେଖି ପଚାରିଛି)

ମନୁଆ : କିଏ ?

ମିଶ୍ର : ଆଃ–ଆଃ ମତେ ବଞ୍ଚାଅ ମତେ ବଞ୍ଚାଅ

ମନୁଆ : ମିଶ୍ରେ ଆପଣେ ?

ମିଶ୍ର : କିଏ ?

ମନୁଆ ମୁଁ ମନୁଆ ।

ମିଶ୍ର : ମତେ ଟିକିଏ ଘରକୁ ନେଇଯାରେ ପୁଅ ।

ମନୁଆ : (ପାଖକୁ ଯାଇ) ମୁଁ । ମୁଁ ଆପଣଙ୍କୁ ଛୁଇଁଲେ ଆପଣଙ୍କ ସପ୍ତପୁରୁଷ ନର୍କରେ ପଡ଼ିବେ ମିଶ୍ରେ ଆପଣେ, ମୁଁ କେମିତି ଆପଣଙ୍କୁ ଛୁଇଁବି ?

ମିଶ୍ର : ସେ କଥା କହି ମତେ ଆଉ ଲଜ୍ଜ୍ୟା ଦେ'ନାରେ ମନୁଆ–ମୋ ପାପର ଫଳ ମୁଁ ବହୁତ ପାଇଲିଣି ମତେ ଘରକୁ ନେଇ ଚାଲ୍ ନହେଲେ ମୁଁ ମରିଯିବି, ଏମାନେ ମୋତେ ମାରିଦେବେ ।

(ଅନ୍ଧାର)

୯ମ ଦୃଶ୍ୟ

(ଜେଜେ ଘର । ଦୁଇ ତିନି ଜଣ କାର୍ଯ୍ୟ ଶେଷ କରି ମଞ୍ଚ ଉପରକୁ ଆସିଛନ୍ତି)

ମନୁଆ : (ଝଡ଼ବେଗରେ ପ୍ରବେଶ କରି) ନିତୁ–ନିତୁ କୁଆଡ଼େ ଗଲେ...(ଜଣଙ୍କୁ) ନିତୁ ଭିତରେ ଅଛି ?

୧ମ : ମୁଁ ଜାଣିନି (ମନୁଆ, ନିତୁ, ନିତୁ ଡାକି ଭିତରକୁ ଗଲାରେ ଭିତରୁ ବାହାରିଚି ଓ ଅନ୍ୟ ଦୁଇଜଣଙ୍କୁ ପଚାରିଛି)

ମନୁଆ : ତମେ ନିତୁକୁ ଦେଖିଛ... ?

୨ୟ : ନିତୁତ ଏଠି ନଥିଲା ।

ମନୁଆ : ହଁ ନିତୁ କାଲି ରାତିରେ ଜେଜେଙ୍କ ଘର ଜଗି ରହିଥିଲା ।

୩ ୟ : ତା'ମାନେ କ'ଣ ନିତୁ... ।

ମନୁଆ : ନା–ନା ସେମିତି କୁହ ନାହିଁ, ମୋ ନିତୁର କିଛି ହୋଇ ନାହିଁ ସେ ଠିକ୍ ଅଛି ।

Digitized by PPRACHIN, SOA

୧ମ ଆସ ଆଉଥରେ ଭଲକରି ଦେଖିବା ।

(ସମସ୍ତେ ଖୋଜିଛନ୍ତି ପୁଣି ବାହାରକୁ ଆସିଛନ୍ତି)

୨ୟ ନାଁ ଚାରିଆଡ଼େ ତ ଦେଖିଲେ କୋଉଆଡ଼େ ନାହିଁ ।

୩ୟ (ଭିତରୁ ବାହାରକୁ ଆସି) ଏଇ ଦେଖିଲ ଏଇ ଶାଢ଼ୀଟା । ଏଇଟା କାହାର ?

ମନୁ ଏଇଟା ନିତୁର । ଜେଜେ ତାକୁ ଦେଇଥିଲେ । ତେବେ କ'ଣ ନିତୁ ? ନା (କାନ୍ଦିଚି ସମସ୍ତେ ତାକୁ ବୁଝେଇଛନ୍ତି । ଏହି ସମୟରେ ବାହାରୁ ନିତୁ ଆସିଚି)

୧ମ (ନିତୁକୁ ଦେଖି) ଏଇତ ନିତୁ !

ମନୁ ନିତୁ...ତୁମେ ତୁମେ ଠିକ୍ ଅଛ ତ ? କାଲିରାତିରେ ତୁମେ କ'ଣ ଏଠି ନଥିଲ ?

ନିତୁ ରାତି ୧୦ଟା ପର୍ଯ୍ୟନ୍ତ ଏଇଠି ଥିଲି – କିନ୍ତୁ ଖୁବ୍ ଡର ଲାଗିବାରୁ ମୁଁ ଘରକୁ ଚାଲିଗଲି । ଭୋର୍‌ରୁ ଖବରପାଇଲି ଯେ ଜେଜେଙ୍କ ଘର ପୋଡ଼ି ଯାଇଛି । ସେଠୁ ଦଉଡ଼ି ଆସିଲି ।

ମନୁ ଯା'ହେଉ ଭଗବାନ ତୁମକୁ ବଞ୍ଚେଇ ଦେଇଛନ୍ତି । କିନ୍ତୁ ଏଇ ଶାଢ଼ୀଟା... ?

ନିତୁ : ଘରକୁ ଗଲାବେଳେ ଏଇଟା ବଦଳେଇ ଏଠି ରଖିଦେଇ ଯାଇଥିଲି

୨ୟ : ହଉମା ଘରଟାକୁ ଆମେ ଠିକ୍ କରିଦେଲୁ । ବାକି ଜିନିଷପତ୍ରଗୁଡ଼ା ତୁମେମାନେ ସଜାଡ଼ି ରଖିଦେବ ।

୩ୟ ରାତିସାରା କାମ କରି କରି ଦେହ ଅସକତିଆ ଲାଗିଲାଣି । ଆମେ ଯାଉଚୁ ।

ନିତୁ ଆପଣମାନଙ୍କୁ ବହୁତ ଧନ୍ୟବାଦ, ଜେଜେ ନଥିବାବେଳେ ଆପଣ ରାତିରାତି ତାଙ୍କ ପୋଡ଼ି ଯାଇଥିବା ଘରକୁ ପୁଣି ସଜାଡ଼ି ଦେଲେ

୧ମ ଆରେ ଯିଏ ପରକଥା ବୁଝି ଦିନ ବିତେଇ ଦେଉଛି ତ । କଥା ବୁଝିବାକୁ ଲୋକ କ'ଣ ଅଭାବ ରହିବେ ?

୨ୟ ହଉ ଆମେ ଯାଉଚୁ (ପ୍ରସ୍ଥାନ) ।

ମନୁ : ବୁଝିଲ ତୁମର ଏ ପୋଡ଼ାଶାଢ଼ୀ ଦେଖି ମୁଁ ଡରି ଯାଇଥିଲି ।

ନିତୁ ହୁଏତ ସେଇଟା ହିଁ ସତ୍ୟ, ଯେ ଏଇ ଶାଢ଼ୀ ସଙ୍ଗେ, ସଙ୍ଗେ ମୋ ଜୀବନର ସବୁ ଆଶାଭରସା ବି ପୋଡ଼ି ପାଉଁଶ ହେଇଯାଇଛି ।

ମନୁ ଏମିତି କ'ଣ କହୁଚ ?

ନିତୁ : ମୁଁ ଠିକ୍ କହୁଚି । ଗତକାଲି ମିଶ୍ରେ ଆପଣେ ବି ଠିକ୍ କହିଥିଲେ । ଏ ସ୍ୱପ୍ନ ଦେଖିବା ଆଗରୁ ମୋର ଆତ୍ମହତ୍ୟା କରିବା ଉଚିତ୍ ଥିଲା ।

ମନୁ : ତୁମେ ଏମିତି ଭାଙ୍ଗିପଡ଼ିଲେ ଚଳିବନି ନିତୁ ? ତମକୁ ନେଇ ଯେ ମୁଁ କେତେ ସ୍ୱପ୍ନ ଦେଖିଚି, ତୁମେ ବିଶ୍ୱାସ କରିପାରିବ ନାହିଁ ।

ନିତୁ : ବିଶ୍ୱାସ କରି ବି କିଛି ଲାଭନାହିଁ ମନୁଭାଇ । ହୁଏତ ଏ ଜୀବନରେ ତୁମ ସଙ୍ଗେ ମୋର ବାହାଘର ସମ୍ଭବ ନୁହେଁ ।

Digitized by PPRACHIN, SOA

ମନୁ : କାହିଁକି ? କାହିଁକି ସମ୍ଭବ ନୁହେଁ । ସବୁ ଅସମ୍ଭବକୁ ମୁଁ ସମ୍ଭବ କରିବି । ତା'ଛଡ଼ା ଜେଜେଙ୍କର ମଧ୍ୟ ସେୟା ଇଚ୍ଛା ।

ନିତୁ କିନ୍ତୁ ମିଶ୍ରେ ଆପଣେ... ?

ମନୁ : ହେଇ ଦେଖ ଅସଲକଥା କହିବାକୁ ମୁଁ ଭୁଲିଯାଇଥିଲି । ମିଶ୍ରଙ୍କର ଅବସ୍ଥା ଖୁବ୍ ଶୋଚନୀୟ । ଏଇ ଘରପୋଡ଼ିବା ବିଷୟ ନେଇ ଗାଁ ଲୋକ ତାଙ୍କୁ ଖୁବ୍ ପିଟିଛନ୍ତି । ସେ ବର୍ତ୍ତମାନ ଦରମରା ଅବସ୍ଥାରେ । ସେ ତାଙ୍କର ଭୁଲ୍ ବି ବୁଝିପାରିଛନ୍ତି ।

ନିତୁ କ'ଣ କହୁଚ ତୁମେ... ?

ମନୁ : ଡାକ୍ତରବାବୁ କି ଜେଜେ କେହି ନାହାନ୍ତି । ମାଉସୀ ଏକୁଟିଆ ହଇରାଣ ହଉଛନ୍ତି । ମୁଁ ଯାଉଚି ଜେଜେ, ଆଉ ଡାକ୍ତରବାବୁଙ୍କୁ ଧରି ଆସିବି ଏଇଠି ଥାଅ । (ଅନ୍ଧାର)

୧୦ମ ଦୃଶ୍ୟ

(ମୁସଲମାନ ବସ୍ତି ଅଞ୍ଚଳ କରିମ ଚାଚା ୟାଡ଼କୁ ସିଆଡ଼କୁ ଅନେଇ ଧୀରେ, ଧୀରେ ମଞ୍ଚରେ ପହଞ୍ଚିଲେ । ଏବଂ ବାହାରେ କାହାକୁ ରହିବାକୁ ଇସାରା ଦେଲେ । ଧୀରେଧୀରେ ଆଗେଇଲାବେଳେ ତା'ର ବିପରୀତ ଦିଗରୁ ପ୍ରବେଶ କଲା ମର୍ଜିନା)

ମର୍ଜିନା : ଆରେ, ଆରେ, ଚାଚା ତୁମେବ କ'ଣ ଫେରିଆସିଲ... ? ତୁମେ ପରା ଗାଁ ଛାଡ଼ି ପଳେଇଥିଲ ?

କରିମ୍ : କୋନ୍ ବେଟୀ ମର୍ଜିନା ? ନାଇ ଆମେ ଶୁଣିଲା ହମରା ଗାଁରେ ହଇଜା ରୋଗ ଭଲ ହୋଇଗଲା, ସେଥିପାଇଁ ୱାପସ ଚାଲିଆସିଲି ।

ମର୍ଜିନା : ତମେ ଏଭଳି ଡରୁଆ ଲୋକ ଚାଚା, ଡରିକି ଗାଁ ଛାଡ଼ି ପଳେଇଲ ? ବେମାରୀ ଅବସ୍ଥାରେ ଚାଚୀକି ବି ଟିକିଏ ଅନେଇଲ ନାହିଁ ?

କରିମ୍ : ଆହା ସେ ଦୁଃଖକଥା ଆଉ ମନରେ ପକାନା ବେଟୀ – ତୋ ଚାଚୀକଥା ମନେ ପଡ଼ିଲାରୁ ମୋର ଖାଲି କୋହ ଉଠୁଛି । ଭାରି ଭଲ ବିବି ଥିଲା ମୋର । ମୋତେ ଛାଡ଼ି ଚାଲିଗଲା (କାନ୍ଦୁଛି)

ମର୍ଜିନା : ତମକୁ ଏ ଖବର ଦେଲା କିଏ ?

କରିମ୍ : ଆରେ ବେଟୀ ଖବର ଦବା ଲୋକର କ'ଣ ଅଭାବ ଅଛି, ଶୁଣିଲି ତୋ ଚାଚୀକୁ ଆଲ୍ଲାକୋ ପ୍ୟାରୀ ହୋଗୟୀ । ତତେ ମିଛ–ମତେ ସତ ବେଟୀ ତିନି ଦିନ ମୁଁ ପାଣି ଛୁଇଁନି ।

ମର୍ଜିନା : ସେଇଠୁ କ'ଣ କଲ ?

କରିମ୍ : କ'ଣ ଆଉ କରିବି ? ମୋର ଭାଇ ବୀରାଦରି ମୋତେ କହିଲେ କରିମ୍ ବେଟା, ସାରୀ ଜିନ୍ଦେଗୀ କ୍ୟା ଅକେଲାପନ୍ ମୈ ବିତେଇବୁ–ଶାଦି ହେଇଯା ।

ମର୍ଜିନା : ସେଇଠୁ ?

କରିମ୍ : ହଁ ବେଟୀ ଆଉ କ'ଣ କରିଥାନ୍ତି (ସକସକ ହେଇ) ? ଲେକିନ୍ ତୋର ଆର ଚାଚୀ ବହୁତ ଆଚ୍ଛା ଥିଲା । ମତେ ବହୁତ ପ୍ୟାର କରୁଥିଲା ବେଟୀ । ତା' କଥା ଭାବିଲା ବେଳକୁ ମୋ ଆଖିକୁ ପାଣି ଆସିଯାଉଚି ।

Digitized by PPRACHIN, SOA

ମର୍ଜିନା କାହିଁକି ଶୁଖିଲା ଆଶୁଁ ଢାଳୁଚ ଚାଚା । ଯାଅ ତୁମ ନୂଆ ବିବିକୁ ନେଇ ଘରକୁ ଯାଅ ।

କରିମ୍ ହାଁ ହାଁ ଜାନତାହୁଁ ଆଓ ଆଓ (ବୁର୍ଖା ପିନ୍ଧି ଆସିଚି) ଏ ହାଏ ମର୍ଜିନା ବେଟୀ । ତୁହ୍ମାରୀ ଭତିଜୀ ହୋଗୀ ।

ମର୍ଜିନା ନମସ୍ତେ । (ସେ ଖାଲି ହାତ ଉଠେଇଚି)

କରିମ୍ ଆଛାବେଟି ଆଜିକାଲି ବୁର୍ଖା ବଜାରରେ ମିଲ୍‌ତି ନେହିଁ ହୈ କ୍ୟା ? ଅବଦୁଲକୁ କହି ଆଣୁ ନାହୁଁ ତୋ ପାଇଁ ?

ମର୍ଜିନା ହାଁ ମିଲ୍‌ତି ହୈ, ଲେକିନ୍ ମୁଁ ପିନ୍ଧିବା ଛାଡ଼ି ଦେଇଚି ।

କରିମ୍ : ଠିକ୍ ଅଛି – ଠିକ୍ ଅଛି । ଜମାନା ବଦଳି ଗଲାଣି । ଆଉ ବୁର୍ଖା କା କ୍ୟା ଜରୁରତ୍ ? ଅବଦୁଲର କ'ଣ କସୁର ?

ଅବଦୁଲ (ପ୍ରବେଶି) ଆରେ କରିମ୍ ଚାଚା ତମେ ଫେରିଆସିଲ ?

କରିମ୍ ଆରେ ଅବଦୁଲ ବେଟା, ଏଇନେ ତୋରି କଥା ପଡ଼ିଥିଲା ।

ଅବଦୁଲ : ତମେ ଆସିଗଲ ଚାଚା ଭଲହେଲା – ଚାଚୀ ବିଚରା ବହୁତ ତକଲିପ ଉଠାଇଲେଣି ।

କରିମ୍ : ଆରେ ସେକଥା ୟାଦ୍ ନା ଦିଲା ବେଟା ।

ମର୍ଜିନା ଚାଚା ଆଉ ଗୋଟାଏ ନୂଆ ଚାଚୀ ଆଣିଚି ।

ଅବଦୁଲ ନୂଆ ଚାଚୀ ?

କରିମ୍ ତୁ ଫିକର୍ କରନି ବେଟା । ମୁଁ ସଭିକୁ ବିରିୟାନି ଖିଲେଇବି । ପହିଲେ ମୋତେ ଘରକୁ ଯାନେଦୋ ।

ମର୍ଜିନା : ହଁ ତୁମେ ଘରକୁ ଯାଅ ଚାଚା, ଜଲଦି ଯାଅ । ନୂଆ ଚାଚୀ ଆଉ ଏଠି କେତେ ଠିଆ ହେବେ ?

କରିମ୍ ହଁ, ଜାତାହୁଁ ଜାତାହୁଁ...ଆଓ ଚଲେ (ପ୍ରସ୍ଥାନ)

ଅବଦୁଲ ମର୍ଜିନା ! ଚାଚୀ ତ ବେମାରୀରୁ ଭଲ ହେଇଗଲା । ସେ ତ ମରିଯାଇନି । ଆଉ ଏ ଚାଚା ?

ମର୍ଜିନ ଅଭିରୁହ ମଜା ଦେଖ । ପୁରୁଣା ଚାଚୀ କେମିତି ଝାଡୁ ଧରି କରିମ୍ ଚାଚାକୁ ମାରିବାକୁ ଗୋଡ଼େଇବ । ସେ ଆମକୁ ବିରିଆନି ଖିଲେଇବ କ'ଣ ? ଚାଚୀ ଆଜି ତାକୁ ବିରିଆନି ଖିଲେଇବ ।

ଅବଦୁଲ ହଁ ଶୁଣ ଜେଜେ ଆଉ ଡାକ୍ତରବାବୁ ଆସୁଛନ୍ତି, ସେମାନେ ଆଜି ଚାଲିଯିବେ ।

ମର୍ଜିନ : ହଁ ସାତ ଦିନ କାଳ ଜେଜେ ଆଉ ଡାକ୍ତରବାବୁ ଯୋଉ କାମକଲେ କୋଉ ମଣିଷ କାହାପାଇଁ ଏମିତି କରିବ ନାହିଁ ।

ଅବଦୁଲ : ଜେଜେ ତ ମଣିଷ ନୁହଁନ୍ତି ଫରିସ୍ତା ।

(ଏତିକିବେଳେ କରିନାର ପାଟି ଓ ଚାଚୀର ଛାଞ୍ଚୁଣିମାଡ଼)

କରିମ୍ ଆରେ ମରଗିୟା...ମରଗିୟା, ମାରି ପକେଇଲାରେ ମୁଝେ, ବଚାଓ...ମୁଝେ ବଚାଓ ।

୧ମ ଚାଚି (ବୁର୍ଖାପିନ୍ଧା) ମେରେ ହୋତେ ହୁଏ ତୁମ୍ ଦୁସ୍‌ରୀ ଲୋକ ଆୟେ ହୋ ? ଭାଗୋ ଭାଗୋ ।

Digitized by PPRACHIN, SOA

କରିମ୍ : ମର୍ଜିନା ବେଟୀ...ଅବଦୁଲ ବେଟା ମୁଝେ ବଚାଓ...ମୁଁ ଭାବିଥିଲି ଓ ମରଗଇ । ଲେକିନ୍ ଏ ଜିନ୍ଦା ଅଛି, ଅଭି ମେ କ୍ୟା କରୁଁ (ଏମିତି ମାଡ଼ଖାଇ ଦୌଡୁଥିବା ସମୟରେ ଜେଜେ ଡାକ୍ତରଙ୍କ ପ୍ରବେଶ)

ଦୀନବନ୍ଧୁ : ଆରେ ଆରେ ଏ କ'ଣ ହଉଚି ଏଠି ?

ମର୍ଜିନା : ଶୁଣନ୍ତୁ ଜେଜେ । କରିମ୍ ଚାଚା ହଇଜାରେ ତା' ବିବି ମରିଗଲା ବୋଲି ଭାବି ଆଉ ଜଣଙ୍କୁ ଶାଦି କରି ଚାଲିଆସିଚି...ସେଥିପାଇଁ ।

ଦୀନବନ୍ଧୁ : ଆରେ କରିମ୍ । ତମେ ଏମିତି କାମ କାହିଁକି କଲ ?

କରିମ୍ : ମୁଁ ଶୋଚିଲି ସେ ମରିଯାଇଚି ବୋଲି (ସମସ୍ତେ ହସି ଉଠିଲେ) ଲେକିନ୍ ଜେଜେ ଅଭି ଆଉ ମୁଁ କ'ଣ କରିବି, ୟାକୁ ତ ଛାଡ଼ି ପାରିବିନି...।

ଦୀନବନ୍ଧୁ : କିନ୍ତୁ ତମର ଏକାମ କରିବା ବଡ଼ ଅନ୍ୟାୟ ହେଇଚି...ଛାଡ଼ ଯାହା ତ ହବାର ହେଲାଣି (କରିମ୍‌ର ସ୍ତ୍ରୀକୁ) ଶୁଣ ମା' । କରିମ୍ ଭୁଲ୍ କରିଦେଇଚି ତୁ ତାକୁ କ୍ଷମା କରିଦେ । ଆଉ ସେ ଝିଅଟାକୁ ନେଇ ତା'ଗାଁରେ ଛାଡ଼ିଦିଅ ।

ହଉ ଯାଅ ଘରକୁ ଯାଅ (ସେମାନେ ନମସ୍କାର କରି ଚାଲିଗଲେ) ଅବଦୁଲ, ମର୍ଜିନା ଆମେ ଯାଉଚୁ । ଏଣିକି ଗାଁର ଦାୟିତ୍ୱ ତୁମମାନଙ୍କୁ ଲାଗିଲା । ଗାଁର ପରିଷ୍କାର ପରିଚ୍ଛନ୍ନତା ଉପରେ ନଜରଦବ । ସବୁ ମିଳିମିଶି ଚଳିବ ।

ଅବଦୁଲ : ହଁ ଜେଜେ...ଆପଣ ଆମର ବହୁତ ଉପକାର କଲେ । ଆଉ ଡାକ୍ତରବାବୁ ବି ଆମକୁ ବଞ୍ଚେଇଦେଲେ । ସେଥିପାଇଁ ଆମେ କେମିତି ଧନ୍ୟବାଦ ଦବୁ ଜାଣିପାରୁନୁ ।

ଦୀନବନ୍ଧୁ : ଆରେ ନାଇଁ ନାଇଁ ତୁ ସେମିତି କାହିଁକି ଭାବୁଚୁ...। ବିପଦ ସମୟରେ ମଣିଷକୁ ସାହାଯ୍ୟ କରିବା ହଉଚି ମଣିଷର ଧର୍ମ ।

(ଏତିକିବେଳେ ଝଡ଼ ବେଗରେ ଆସିଚି ମନୁଆ)

ମନୁଆ : ଜେଜେ ଜଲଦି ଚାଲ, ସିଆଡ଼େ ମିଶ୍ର ଆପଣଙ୍କ ଅବସ୍ଥା ଖୁବ୍ ଖରାପ, ଡାକ୍ତରବାବୁ ଆପଣ ବି ଚାଲନ୍ତୁ ।

ଦୀନବନ୍ଧୁ : କ'ଣ ହେଲା ?

ଡାକ୍ତର : କ'ଣ ହେଲା ?

ମନୁଆ : ସେକଥା ମୁଁ ବାଟରେ କହିବି, ଆପଣ ଆଗ ଚାଲନ୍ତୁ ।

ଦୀନବନ୍ଧୁ : ହଉ ଆମେ ଆସୁଚୁ ଅବଦୁଲ । ତୁମେ ଥାଅ, (ପ୍ରସ୍ଥାନ)

(ଅବଦୁଲ ମର୍ଜିନା ଠିଆହୋଇ ପରସ୍ପରକୁ ଚାହିଁଲେ)

(ଅନ୍ଧାର)

Digitized by PPRACHIN, SOA

୧୨ଶ ଦୃଶ୍ୟ

(ମିଶ୍ରଙ୍କ ଘର । ମିଶ୍ରେ ଖଟ ଉପରେ ଶୋଇଛନ୍ତି । ବ୍ୟାଣ୍ଡିଜ୍ ବନ୍ଧା ହେଇଚି । ଚେତାଶୂନ୍ୟ ଭାବେ ପଡ଼ି ରହିଛନ୍ତି । ଲକ୍ଷ୍ମୀ ବସି ଖଟ ପାଖରେ କାନ୍ଦୁଛନ୍ତି । ପାଖରେ ଅଛନ୍ତି ପଣ୍ଡା ଓ ଷଡ଼ଙ୍ଗୀ)

ଲକ୍ଷ୍ମୀ ମୁଁ କ'ଣ କରିବି ଲୋ ମା' ? ମୋ' ସଂସାର ସରିଗଲା, ମୁଁ ପ୍ରଥମରୁ ମନା କରୁଥଲି । ମୋ କଥା ଶୁଣିଲେନି ।

ପଣ୍ଡା : ଓହୋ ଭାଉଜ...ତମେ ଟିକିଏ ଚୁପ୍ ହୁଅ ଭଲ ।

ଲକ୍ଷ୍ମୀ ସେ କାହିଁକି କଥା କହୁ ନାହାନ୍ତି ? ଯାଅ ଡାକ୍ତରଙ୍କୁ ଡାକ ।

ଷଡ଼ଙ୍ଗୀ ଆରେ ସେ ଡାକ୍ତରଟା ପରା ସିଆଡ଼େ ଯାଇ ମୁସଲମାନ ବସ୍ତିରେ ପଶିଛି, ଆମେ ତାକୁ ପାଇବୁ କୋଉଠୁ... ?

ପଣ୍ଡା : ସବୁ ସେଇ ବୁଢ଼ାର କାମ... । ତାରି ଯୋଗୁ ଆଜି ମିଶ୍ରେ ଆପଣଙ୍କର ଏ ଦଶା ।

ଲକ୍ଷ୍ମୀ : ନାଇଁ ନାଇଁ ସେମିତି କୁହନି ତାଙ୍କର କ୍ଷତି କରିବାକୁ ଯାଇ ଆଜି ଯାଙ୍କୁ ଭଗବାନ ଯେ ଦଣ୍ଡ ଦେଇଛନ୍ତି । ସେ ଭଲ ଲୋକ । ସବୁ ତୁମମାନଙ୍କ ଦୋଷ ।

(ଏତିକିବେଳେ ଜେଜେ ଓ ଡାକ୍ତର ପ୍ରବେଶ କଲେ ବ୍ୟସ୍ତ ଭାବରେ)

ଦୀନବନ୍ଧୁ : ଡାକ୍ତରବାବୁ ଦେଖନ୍ତୁ । ଆଉ କ'ଣ କରିବାକୁ ହବ କୁହନ୍ତୁ । ଏଇଠି ହବନା ବଡ଼ଡ଼ାକ୍ତରଖାନାକୁ ପଠେଇବାକୁ ପଡ଼ିବ ?

ଡାକ୍ତର (ନାଡ଼ି ଦେଖୁ ଦେଖୁ) ନାଡ଼ି, ହାର୍ଟ୍‌ବିଟ୍ ଠିକ୍ ଅଛି । ଚେତା ନଆସିବା ପର୍ଯ୍ୟନ୍ତ କିଛି କହିହଉନି । ତଥାପି ଚେଷ୍ଟା କରି ଦେଖେ । (ଇଞ୍ଜେକ୍‌ସନ ଦଉଚନ୍ତି) ସବୁ ଈଶ୍ୱରଙ୍କ ଇଚ୍ଛା ।

ଦୀନବନ୍ଧୁ : ଦେଖ ଡାକ୍ତରବାବୁ । ମିଶ୍ରେଙ୍କର କିଛି ହୋଇଗଲେ ମୁଁ ବଡ଼ ଦୁଃଖୀ ହେଇଯିବି ବୁଝିଲ ଡାକ୍ତରବାବୁ । (ଲକ୍ଷ୍ମୀ କାନ୍ଦି ଉଠିଚି) ଦେଖ ମା' ଇଏ କାନ୍ଦିବାର ବେଳ ନୁହେଁ । ଧୈର୍ଯ୍ୟଧର, ଈଶ୍ୱରଙ୍କୁ ଡାକ, ଈଶ୍ୱର ନିଶ୍ଚୟ ତମ ଡାକ ଶୁଣିବେ ।

ଲକ୍ଷ୍ମୀ : କ'ଣ କହିବି ଜେଜେ ଯାଙ୍କୁ ମୁଁ କେତେଥର କହିଚି । ସେ ଦେବତା ସମାନ ମଣିଷ । ତାଙ୍କ ସହିତ ଶତ୍ରୁତା କରନି । ସେ ମୋ କଥା ଶୁଣିଲେନି (ପଣ୍ଡା ଓ ଷଡ଼ଙ୍ଗୀକୁ ଦେଖାଇ) ଏମାନଙ୍କ ବୁଦ୍ଧିରେ ପଡ଼ି ଏମିତି ଫଳ ପାଇଲେ (କାନ୍ଦିଲା)

ଦୀନବନ୍ଧୁ ପଛକଥା ଭାବି ଆଉ ଲାଭ କ'ଣ ଅଛି ମା' ? ଯାହା ତ ହବାର ହେଲାଣି । ଏବେ କାନ୍ଦିଲେ କ'ଣ ହେବ ? ରାତି ସାରା ଶୋଇନ, ଯାଅ ବିଶ୍ରାମ କର । ମା' ଯାଅ ।

ଲକ୍ଷ୍ମୀ : ଆଉ ଆପଣମାନେ ?

ଦୀନବନ୍ଧୁ : ମୁଁ ଆଉ ଡାକ୍ତର ଏଇଠି ଅଛୁ ।

ଲକ୍ଷ୍ମୀ ମୁଁ ଆଉ ଯିବି କୁଆଡ଼େ ? ମୁଁ ମଧ୍ୟ ଏଇଠି ବସିବି (ପାଦ ପାଖରେ ବସି ପାଦ ଆଉଁସିଲେ କିଛି ସମୟ ପରେ ମିଶ୍ରେଙ୍କର ଚେତା ଫେରିଚି)

Digitized by PPRACHIN, SOA

ମିଶ୍ର : ଲକ୍ଷ୍ମୀ...ଲକ୍ଷ୍ମୀ...ପାଣି...ପାଣି... ।

(ଲକ୍ଷ୍ମୀ ପାଣି ପାଇଁ ଯାଇ ଫେରିବି ପାଣି ନେଇ) ଏଇ ନିଅ ପାଣି ।

ମିଶ୍ର : ଡାକ୍ତରବାବୁ ମୁଁ ଭଲ ହୋଇଯିବି ତ ?

ଡାକ୍ତର : ନିଶ୍ଚୟ ନିଶ୍ଚୟ । ଅଳ୍ପ ପାଣି ପିଇବେ ।

ମିଶ୍ର : ମୁଁ ଜୀବନରେ ବହୁତ ପାପ କରିଛି । ପିତା ସମାନ ଦୀନବନ୍ଧୁ ବାବୁଙ୍କୁ ବାରମ୍ୱାର ହଇରାଣ କରିଛି । ତାଙ୍କ ଘର ମଧ୍ୟ ପୋଡ଼ିଦେଇଛି । ଭଗବାନ କେବେ ମୋତେ କ୍ଷମା ଦେବେନି ।

ଦୀନବନ୍ଧୁ : ତୁମେ ସେକଥା ମୋଟେ ଚିନ୍ତା କରନାହିଁ ମିଶ୍ରେ । ସବୁ ଠିକ୍ ହୋଇଯିବ ।

ମିଶ୍ର : କିଏ ଦୀନବନ୍ଧୁ ବାବୁ, ଆପଣ ଆସିଛନ୍ତି ?(ଉଠିବାକୁ ଚେଷ୍ଟା କଲେ)

ଦୀନବନ୍ଧୁ : ତମେ ଶୋଇରୁହ । ମୁଁ ତୁମ ପାଖରେ ଅଛି ।

ମିଶ୍ର : ମୋତେ କ୍ଷମା କରନ୍ତୁ ଦୀନବନ୍ଧୁ ବାବୁ । ମୁଁ ମହାପାପୀ । ଏବେ ମୁଁ ବୁଝୁଚି ଯେ ତମେ କେଡ଼େ ମହାନ । ଗୋଟିଏ ଗାଲରେ ଚାପୁଡ଼ା ଖାଇ ଆଉ ଗୋଟାଏ ଗାଲ ବଢ଼ାଇ ଦବାର ଉଦାରତା ବାପୁଙ୍କ ପରି ଆଉ କାହାର ଥାଏ ? ତୁମେ ସତରେ ଜଣେ ଆଦର୍ଶବାଦୀ ମଣିଷ । ମୁଁ ଯଦି ସେମିତି ହୋଇପାରନ୍ତି ?

ଦୀନବନ୍ଧୁ : ନ ପାରିବ କାହିଁ ?

ମିଶ୍ର : ସେ ଟୋକା କାହିଁ, ଆରେ ମନୁଆ କାହିଁ ? ମୁଁ ତାକୁ ଅଛୁଆ ବୋଲି କହି ଅପମାନ ଦେଇଛି । କିନ୍ତୁ ଶେଷରେ ସେ ମୋର ଜୀବନ ବଞ୍ଚାଇଲା ।

ଦିନବନ୍ଧୁ : ତମର ଜ୍ଞାନୋଦୟ ହେଇଚି ଯେତେବେଳେ, କେବଳ ନିଜ ଉପରେ ବିଶ୍ୱାସ ରଖ । ଈଶ୍ୱର ତମର ମଙ୍ଗଳ କରିବେ । (ଅନ୍ଧାର)

୧୩ଶ ଦୃଶ୍ୟ

(ଚଉପାଢ଼ୀର ଏକ ସଭା)

ମନୁଆ : ବହୁତ ଦିନପରେ ଏ ଗାଁର ଶାନ୍ତି ଶୃଙ୍ଖଳା ଫେରି ଆସିଚି । ଆମେ ସମସ୍ତେ ଏକ ହୋଇଚେ । ଏ ବର୍ଷ ଦଶହରା ଉତ୍ସବ ମହା ଆଡ଼ମ୍ୱରରେ ପାଳନ ହବ...।

ସମସ୍ତେ : ହଁ ହଁ ହବ ।

ଦୀନବନ୍ଧୁ : ଦେଖନ୍ତୁ ଆପଣମାନେ ହେଲେ ଏଗାଁର ପ୍ରତିନିଧି । ଆପଣମାନେ ଯଦି ରାଜି ଅଛନ୍ତି, ତା'ହେଲେ ଦୁର୍ଗାପୂଜା କରନ୍ତୁ, ମୋର ଏଥିରେ କିଛି ଆପତ୍ତି ନାହିଁ । କିନ୍ତୁ ଭାଇମାନେ ଏବର୍ଷ ବନ୍ୟା, ବର୍ଷା, ହୋଇ ଫସଲ ଯେମିତି କ୍ଷତି ହେଇଚି, ଏଥିରେ କାହାଠୁ ଚାନ୍ଦା ନ ନେଇ, କାହାକୁ ଦୁଃଖ ନଦେଇ ସାଧାରଣ ଭାବରେ, ସାତ୍ତ୍ୱିକ ମାର୍ଗରେ ମା' କରୁଣାମୟୀଙ୍କ ପୂଜା ଅର୍ଚ୍ଚନା କରାଗଲେ ମୋର ଆପତ୍ତି ନାହିଁ ।

ମୋହନା : ଚାନ୍ଦା ନହେଲେ ପୂଜା କେମିତି ହବ ?

Digitized by PPRACHIN, SOA

ମିଶ୍ର : ଦେଖନ୍ତୁ ଭାଇମାନେ, ପ୍ରତିବର୍ଷ ଏ ସାଇ ସେ ସାଇ ହେଇ ୨ଟି ପୂଜା ଅନୁଷ୍ଠାନ ହେଉଥିଲା ଏବର୍ଷ ଗାଁ ମଝିରେ ପୂଜାର ଆୟୋଜନ ହଉ । ସମସ୍ତେ ନିଜ ନିଜର ଶକ୍ତି ଅନୁସାରେ ଦାନା ଆକାରରେ ଯାହା ଦେବେ ତା ଗ୍ରହଣ କରାଯିବ । ଏବଂ ଅତିକମ୍ ଖର୍ଚ୍ଚରେ ପୂଜା କରାଯାଇ ବାକି ପଇସା ଗାଁର ଉନ୍ନତି କାମରେ ବିନିଯୋଗ କରାଯିବ, ନା କ'ଣ କହୁଚ ?

ଦୀନବନ୍ଧୁ : ସାଧୁ ସାଧୁ ସାଧୁ (ସମସ୍ତେ କରତାଳି ଦେଲେ) ।

ମୋହନା ଏଥର ପୂଜାର ପୁରୋହିତ ହେବେ ମିଶ୍ରେ ଆପଣେ ।

ଦୀନବନ୍ଧୁ ସାଧୁ ସାଧୁ ସାଧୁ ।

ମିଶ୍ର ଏଥର ଦାନା ପଇସା ସବୁ ରହିବ ଅଗାଧୁ ପାଖରେ ।

ପଣ୍ଡା : ଠିକ୍ କଥା ।

ମିଶ୍ର : ହଉ ଏଥର ପୂଜାର ଆୟୋଜନ କରାଯାଉ ।

ମନୁଆ : ଏବର୍ଷ ପୁଣି ତାଜିଆ ସାଙ୍ଗରେ ଦଶହରା ମେଢ଼ ଭସାଣି, ଆମ ସାଇ ମେଲଣ ପଡ଼ିଆରେ ହବ ବୋଲି ସ୍ଥିର କରାଯାଉ ?

ମୋହନା : କେତେ ଦିନ ପରେ ଦୁଇ ବସ୍ତିବାଲାଙ୍କର ମନ ମିଳିଛି । ବସ୍ତିବାଲାଙ୍କର ମନରେ ବହୁତ ଆନନ୍ଦ !! ତେଣୁ ସେଇଠି ହେବ ।

ଦୀନବନ୍ଧୁ ନା ନା । କିନ୍ତୁ ଏ ଦୁଇ ସମ୍ପ୍ରଦାୟର ଉତ୍ସବକୁ ଏକା ସାଙ୍ଗରେ ଏକା ସ୍ଥାନରେ କରେଇବାକୁ ଇଛା ନାହିଁ । କାରଣ ଯଦି କିଛି ଅଘଟଣ ଘଟେ ମୋର ଏତେ ଦିନର ସାଧନା ବ୍ୟର୍ଥ ହେଇଯିବ ।

ଷଡ଼ଙ୍ଗୀ ଅଘଟଣ ଘଟିବ କାହିଁକି ? ଆପଣ ତ ତାଙ୍କ ପଟର ମୁରବୀ ହେବେ, ଆଉ ମିଶ୍ରେ ଆପଣେ ତ ଏପଟେ ଅଛନ୍ତି ତାଛଡ଼ା ଆମେ ସବୁ ଅଛୁ, ନା କ'ଣ ପଣ୍ଡାଏ ?

ପଣ୍ଡା : ଠିକ୍ କଥା ସେଇଆ ହଉ । ଖାଲି ଜେଜେ ରାଜି ହେଲେ ହେଲା ।

ଷଡ଼ଙ୍ଗୀ ଜେଜେ ନିଶ୍ଚୟ ରାଜି ହେବେ ନା କ'ଣ ଜେଜେ ?

ଦୀନବନ୍ଧୁ : ତମେ ମାନେ କହୁଚ ଯେତେବେଳେ ମୋର ଆପତ୍ତି କରିବାର କିଛି ନାହିଁ । କିନ୍ତୁ ଦେଖ କିଛି ଗଣ୍ଡଗୋଳ ଯେମିତି ନହୁଏ ।

ରାଧୁମିଶ୍ର : ଚାଲ ଚାଲ ଆମେ ଟିକିଏ ମଣ୍ଡପ ଆଡ଼େ ଘୁରି ଆସିବା ।

ଷଡ଼ଙ୍ଗୀ : ଆପଣ ଯାଆନ୍ତୁ ଜେଜେ, ଆମେ ଟିକିଏ ଇୟାଡ଼େ ଯାଉଛୁ ।
(ସମସ୍ତଙ୍କର ପ୍ରସ୍ଥାନ ଅଛନ୍ତି ପଣ୍ଡା, ଷଡ଼ଙ୍ଗୀ)

ପଣ୍ଡା : ହଇହେ ଷଡ଼ଙ୍ଗୀ ଏଇଟା କ'ଣ ଠିକ୍ ହେଲା ?

ଷଡ଼ଙ୍ଗୀ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଆପଣ କୋଷାଧ୍ୟକ୍ଷ ହେବା ଉଚିତ୍ ଥିଲା ?

ପଣ୍ଡା : ଏ ମିଶ୍ରେ ଆପଣେ ଏମିତି କରିବେ ବୋଲି କିଏବା ଜାଣିଥିଲା ।

ଷଡ଼ଙ୍ଗୀ : ନା କିଛି ଗୋଟିଏ କରିବା ଦରକାର ।

Digitized by PPRACHIN, SOA

ପଣ୍ଡା : ଏ ବର୍ଷ ଭସାଣି ସାଙ୍ଗକୁ ମୁସଲମାନମାନଙ୍କର ତାଜିଆ ବାହାରିବ ଦେଖି ବିଚାରି କିଛି ନ କଲେ ।

ଷଡ଼ଙ୍ଗୀ : ପଣ୍ଡାଏ ଠିକ୍ ବେଳ ପଡ଼ିଛି, ଏଥର ଯିବ କୁଆଡ଼େ । ଏମିତି ଖେଳ ଖେଳିବି ଯେ ତେଲ ତେଲିଆ ଠାଏଁ ଆଉ ବୁଢ଼ା ବିଚରା ପୋତି ହୋଇପଡ଼ିବ । ଅଖା ଧୋଉଥିବ ଗୁଣ ଗାଉଥିବ । ଗାନ୍ଧୀମାହାତ୍ମା ହବାର ସ୍ୱପ୍ନ ତୁଲିକି ଯିବ, ମୁହଁରେ ପାଣି ଦେବାକୁ କେହି ନଥିବେ । (ଅନ୍ଧାର)

୧୪ଶ ଦୃଶ୍ୟ

(ମନୁଆ ବସିଚି)

ନିତୁ : କ'ଣ ହେଲା... ? ଏମିତି ଚୁପ୍‌ଚାପ୍ ହୋଇ ବସିଚ ଯେ ?

ମନୁ : ନା କିଛି ନାହିଁ ।

ନିତୁ : କିଛି ଗୋଟାଏ ହେଇଚି, ତମେ କହିବାକୁ ଚାହୁଁନ ।

ମନୁ : କହିଲି ପରା କିଛି ହେଇନି ।

ନିତୁ : ତମେ ଯେତେ କହିଲେ ବି, ତମ ମୁହଁ କହୁଚି କିଛି ହେଇଚି । କୁହନା ମୋତେ ।

ମନୁ : ଓଃ କାହିଁକି ମତେ ବିରକ୍ତ କରୁଛ କହିଲ ?

ନିତୁ : କ'ଣ ହେଇଚି ନକହିଲେ ମୁଁ ତୁମକୁ ଛାଡ଼ିବିନି ।

ମନୁ : ସବୁ କଥା ଜାଣିବା କ'ଣ ତୁମର ନିହାତି ଦରକାର... ?

ନିତୁ : ମୁଁ ଜାଣିବିନି ତ ଆଉ କିଏ ଜାଣିବ କହିଲ – ତୁମଠୁ ଆପଣାର ମୋର ଆଉ କିଏ ଅଛି ଯେ ?

ମନୁ : କିନ୍ତୁ ମୁଁ ତୁମକୁ କେମିତି କହିବି କହିଲ, ଆଜି ଯାହା ଶୁଣିଲି ।

ନିତୁ : କ'ଣ ଶୁଣିଲ... ?

ମନୁ : ଜେଜେଙ୍କୁ ଯଦି କହିବନି କୁହ କହିବି ?

ନିତୁ : ନା କହିବିନି ।

ମନୁ : ପଣ୍ଡା ଆଉ ଷଡ଼ଙ୍ଗୀ ମିଶି ଭସାଣି ଆଉ ତାଜିଆରେ ହିନ୍ଦୁ ମୁସଲମାନ ଗଣ୍ଡଗୋଳ କରିବେ ବୋଲି ମସୁଧା କରିଛନ୍ତି ।

ନିତୁ : ସତେ ନା କ'ଣ... ? ଜେଜେଙ୍କୁ ଖବର ନଦେଲେ କିଛି ଅସୁବିଧା ହୋଇଯିବ ଯଦି ।

ମନୁଆ : ତୁମେ ବ୍ୟସ୍ତ ହୁଅନି, ମୁଁ ବସ୍ତିକୁ ଯାଉଚି ସେଠାକାର ଅବସ୍ଥା ସମ୍ଭାଳି ନେବି, ତୁମେ ମିଶ୍ରଙ୍କ ପାଖକୁ ଯାଇ ସବୁକଥା କୁହ ଆଉ ଏପଟୁ ଯେମିତି କିଛି ଗଣ୍ଡଗୋଳ ନହୁଏ ଦେଖ ମୁଁ ଯାଉଚି (ଫେରିପଡ଼ି) ନିତୁ... ?

ନିତୁ : କ'ଣ... ?

ମନୁଆ : ଶୁଣ ।

ମନୁଆ : ତୁମ ହାତ ଦେଖି (ନିତୁ ହାତ ବଢ଼େଇଚି ଓ ତା' ହାତରେ ମନୁ ଚୁଡ଼ି ପିନ୍ଧେଇଚି) ।

ମନୁଆ : ମା'ଙ୍କ ପାଦ ଲାଗି କରି ଆଣିଛି ।

Digitized by PPRACHIN, SOA

ନିତୁ	ଏତେ ବ୍ୟସ୍ତ କାହିଁକି ?
ମନୁଆ	କାଲି କ'ଣ ହେବ କିଏ କହିପାରିବ ?
ନିତୁ	ତୁମେ ଏମିତି କାହିଁକି ଭାବୁଚ ? (ମନୁଆ ଚାଲିଯାଇଚି, ନିତୁ ଚାହିଁଚି) (ଅନ୍ଧାର)

୧୫ଶ ଦୃଶ୍ୟ

(ତାଜିଆ ସଜା ଚାଲିଛି, ଅବଦୁଲ ଓ କରିମ୍ ତାଜିଆ ପାଖରେ ଛିଡ଼ା ହୋଇଥାନ୍ତି)

କରିମ୍	ତାଜିଆ ଫତେମେଁ କୌନ ଆଗେ ଚଲେଗା ??
ଅବଦୁଲ	ଜେଜେ ଆଏଙ୍ଗେ ନା, ଓ୍ବହି ଚଲେଙ୍ଗେ ହମାରି ସାଥ ଔର କ୍ୟା ?
କରିମ୍	ଆଏଙ୍ଗେ ଜରୁର ତୋ ?
ଅବଦୁଲ	ଉନକା ବାତ୍ କଭି ଇଧର ଉଧର ହୁଆ ହେ କ୍ୟା ?
କରିମ୍	ଓ୍ବ ତୋ ନେହିଁ ହେ, ମଗର ଇତନା ଦେର କିଉଁ ହୁଆ ?
ଅବଦୁଲ	ଉନକେ ଓ୍ବାହାଁ ଭି ଆଜ ଉତ୍ସବ ହୈ ନା ଇସଲିୟେ ଦେର ହୋତା ହୋଗା, ଔର କ୍ୟା ?
କରିମ୍	ନେହିଁ ତୋ କିସିକୋ ଭେଜ ଦୋ ।
ଅବଦୁଲ	ଭେଜନା ନେହିଁ ହୋଗା ଓ୍ବ ଅଭି ଆତେହି ହୋଙ୍ଗେ । (ଧାଇଁ ଧାଇଁ ମନୁଆର ପ୍ରବେଶ)
ମନୁଆ	କରିମ୍ ଚାଚା, ଅବଦୁଲ ଭାଇ ଏଠି ସବୁ ଠିକ୍ ଠାକ୍ ତ ?
ଅବଦୁଲ	ହଁ ତ ହେଲେ ଜେଜେ କାହିଁ ତୁମେ ଏମିତି କାହିଁକି ଆସିଲ...: ?
ମନୁଆ	(ପାଖକୁ ଡାକି ଚୁପ୍ ଚାପ୍) ମନଦେଇ ଶୁଣ ସେପଟେ ସବୁ ଗଣ୍ଡଗୋଳ ହେଇଯାଇଛି, ପଣ୍ଡା ଓ ଷଡ଼ଙ୍ଗୀ ମିଶି ମେଲଣ ପଡ଼ିଆରେ ଗଣ୍ଡଗୋଳ କରିବାର ଯୋଜନା କରିଛନ୍ତି ।
ଅବଦୁଲ	ସେ ଦି'ଟା ଲୋକ ଖୁବ୍ ଖତରନାକ ଅଛନ୍ତି ।
କରିମ୍	ସେ ଦି'ଟାକୁ ପୋଲିସରେ ଦେଇ ଦିଅନା ମନୁଆ ବାବୁ ।
ମନୁଆ	ସେଇମାନଙ୍କ କଥା ବୁଝିବାକୁ ଜେଜେ ସେଇଠି ରହିଗଲେ ଆଉ ମୋତେ ଏଠିକି ପଠେଇଲେ ।
କରିମ୍	: ତୁମେ ତ ଆମର ଛୋଟା ଜେଜେ ଅଛ । ମନୁଆ ବାବୁ ତୁମେ ତାଜିଆ ଆଗରେ ଚାଲିବ ?
ଅବଦୁଲ	ଚାଲିବ ତ ମନୁଆ ବାବୁ ?
ମନୁଆ	: ତୁମେମାନେ କହିବ ତ ମୁଁ ଆଗରେ ଚାଲିବାକୁ ପ୍ରସ୍ତୁତ ଅଛି ହେଲେ ମୋର ଗୋଟିଏ ଅନୁରୋଧ ରଖିବାକୁ ପଡ଼ିବ ।
କରିମ୍	କ'ଣ କୁହ... ?
ମନୁଆ	ଯଦି ସେପଟରୁ କିଛି ଗଣ୍ଡଗୋଳ ହୁଏ ତା'ହେଲେ ଏପଟରୁ ଯେମିତି କିଛି ଗଣ୍ଡଗୋଳ କରାନଯାଏ (କରିମ୍, ଅବଦୁଲ ପରସ୍ପରକୁ ଅନେଇଲେ) ।

Digitized by PPRACHIN, SOA

ମନୁଆ : ସେପଟରୁ କେବଳ ପଣ୍ଡା ଆଉ ଷଡ଼ଙ୍ଗୀର ଦି'ଚାରିଟା ଲୋକ ବ୍ୟତୀତ ଆଉ କେହି ଗଣ୍ଡଗୋଳ କରିବେ ନାହିଁ, ଏକଥା ମୁଁ ଜାଣେ ।

ଅବଦୁଲ : କିନ୍ତୁ ସେମାନେ ଗଣ୍ଡଗୋଳ କରିବେ କାହିଁକି ?

ମନୁଆ : ସେମାନେ ଜେଜେଙ୍କୁ ଜୀବନରୁ ମାରିଦେବାକୁ ଚାହାନ୍ତି ।

କରିମ୍ : ଆଚ୍ଛା ।

ମନୁଆ : ସେଥିପାଇଁ ଯାହା କହୁଚି ଶୁଣ, ଆମ ତାଜିଆବସ୍ତି ଡେଇଁଗଲା ପରେ, ଆଉ ହିନ୍ଦୁ ଗାଁ ଭିତରେ ନପଶି ନଦୀ କୂଳେକୂଳେ ମେଳଣ ପଡ଼ିଆ ପର୍ଯ୍ୟନ୍ତ ଯିବା । ଆଉ ସେଇଠି ପହଞ୍ଚିଲାପରେ ତାଜିଆକୁ ମଝିରେ ରଖି ସମସ୍ତେ ଚାରିପଟରେ ଘେରି ରହିବା ।

ଅବଦୁଲ : ବାଃ ବଢ଼ିଆ କଥା ।

ମନୁଆ : କିନ୍ତୁ ସେହି ସମୟରେ ଆମ କେତେଜଣଙ୍କୁ ଖୁବ୍ ହୁସିୟାର ରହିବାକୁ ପଡ଼ିବ । କାରଣ କିଏ ଜାଣେ ରାତି ଅନ୍ଧାରରେ ପଣ୍ଡା ଆଉ ଷଡ଼ଙ୍ଗୀର ଲୋକ କୋଉଠି ଲୁଚି ଥିବେ ।

କରିମ୍ : ତୁମେ ଚିନ୍ତା କରନା ସାନ ଜେଜେ ବାବୁ । ଆମେ ସବୁ ଜାଗତିଆର ରହିବୁ ।

ମନୁଆ : ବେଶ୍ ଚାଲ ଏଥର ।

(ବାଜା ବାଜି ଉଠିଲା ତାଜିଆ ଚାଲିଲା)

(ଅନ୍ଧାର)

୧୬ଶ ଦୃଶ୍ୟ

(ଦୀନବନ୍ଧୁ ପଦାଚାରଣ କରୁଥାନ୍ତି)

ନିତୁ : (ପ୍ରବେଶି) ଜେଜେ ଆପଣ କୁଆଡ଼େ ଯାଉଛନ୍ତି ?

ଦୀନବନ୍ଧୁ : ଭସାଣୀ ମେଢ଼ ପାଖକୁ ତୁ ଯିବୁନି ?

ନିତୁ : ଯିବିବୋଲିତ ବାହାରିଚି ।

ଦୀନବନ୍ଧୁ : ଚାଲ ଯିବା ।

ନିତୁ : ନାହିଁ ଆପଣ ସେଠିକି ଯାଆନ୍ତୁ ନାହିଁ ?

ଦୀନବନ୍ଧୁ : କିନ୍ତୁ କାହିଁକି ?

ନିତୁ : ମୁଁ କହିଲି ପରା ଆପଣ ସେଠିକି ଯାଇପାରିବେ ନାହିଁ ।

ଦୀନବନ୍ଧୁ : ବାଃରେ ଶହ ଶହ ଲୋକ ଆନନ୍ଦ ଉତ୍ସବ କରିବେ ତୁମେ ସବୁ ଉତ୍ସବ ଦେଖିବ ନାଚିବ ଆଉ ମୁଁ ଏହି ଅନ୍ଧାର ଘରେ ପଡ଼ି ରହିବି ? ନାଇଁ ହବ ନାହିଁ ମୁଁ ଯିବି, ମୁଁ ବି ହସିବି, ମୁଁ ଅଲବତ ଯିବି ।

ନିତୁ : ତୁମେ ଗଲେ ମୋ ମୁଣ୍ଡ ଖାଇବ ।

ଦୀନବନ୍ଧୁ : (ହଠାତ୍ ଗମ୍ଭୀର ହୋଇ) ଆରେ ମୁଁ ତ ମଜା କରୁଥିଲି, କିନ୍ତୁ ମୁଁ ବୁଝିପାରୁନି ତୁ ମତେ ସେଠାକୁ ଯିବାକୁ ଦଉନାହୁଁ କାହିଁକି ?

Digitized by PPRACHIN, SOA

ନିତୁ : ନାଇଁ ସେ କିଛି ନୁହେଁ ।

ଦୀନବନ୍ଧୁ ମୁଁ ଠିକ୍ ବୁଝିପାରୁଛି ଯା ଭିତରେ ନିଶ୍ଚୟ କିଛି ରହସ୍ୟ ଅଛି । (ଜୋର୍‌ରେ ହଲେଇ ଦେଇ) ନିତୁ ସବୁକଥା ଖୋଲିକହ... ? ମନୁଆ କାହିଁ ? କ'ଣ ହେଉଚି ?

ନିତୁ ସେ ମୁସଲମାନ ବସ୍ତିକୁ ଯାଇଛନ୍ତି ।

ଦୀନବନ୍ଧୁ : କାହିଁକି ?

ନିତୁ ପଣ୍ଡା ଆଉ ଷଡ଼ଙ୍ଗୀ ମିଶି ଗଣ୍ଡଗୋଳ କରିବାର ଯୋଜନା କରିଛନ୍ତି ।

ଦୀନବନ୍ଧୁ : ତା'ହେଲେ ମତେ ନିଶ୍ଚୟ ଯିବାକୁ ପଡ଼ିବ ।

ନିତୁ : କିନ୍ତୁ ଜେଜେ ?

ଦୀନବନ୍ଧୁ ଦେଖ ନିତୁ, ଶହ ଶହ ଜୀବନକୁ ମରଣମୁହଁକୁ ଠେଲି ଦେଇ ମୁଁ କ'ଣ ଏକା ଶାନ୍ତିରେ ରହିପାରିବି, ମତେ ଛାଡ଼ ମୁଁ ଯାଏ ।

ନିତୁ : ମତେ କଥାଦିଅ, ମୁଁ ମଧ୍ୟ ତମ ସାଙ୍ଗରେ ଯିବି ।

ଦୀନବନ୍ଧୁ : ଠିକ୍ ଅଛି, ତୁ ଯା ଆଗେ ମିଶ୍ରଙ୍କୁ ଯାଇ ଖବର ଦେ ।

ଦୀନବନ୍ଧୁ : ହେ ମହାତ୍ମା ଏ କ'ଣ ହେଲା – ମୋ ବିବେକ ବିରୁଦ୍ଧରେ ଏ ନିଷ୍ପତ୍ତିରେ କାହିଁକି ଏକମତ ହେଲି ? ତାଜିଆ ଆଉ ଭସାଣି ମେଢ଼ ଏକାଠି ହେଲେ ଯଦି କିଛି ଅଘଟଣ ଘଟେ । ତେବେ ସମସ୍ତ ପରିଶ୍ରମ ବ୍ୟର୍ଥ ହୋଇଯିବ । ଆଉଥରେ ତୁମର ଆଦର୍ଶରୁ ମୁଁ ହତ୍ୟା କରିବାକୁ ଚାହେନା, ହେ ମହାତ୍ମା ମତେ ଶକ୍ତି ଦିଅ, ମୁଁ ଯେପରି ତୁମ ଆଦର୍ଶକୁ ବିଚ୍ୟୁତ ନହୁଏ, ମୋ ଜୀବନ ଯାଉପଛେ, ଏ ନିରୀହ ମଣିଷ ଗୁଡ଼ାକ ରକ୍ଷା ପାଆନ୍ତୁ, ହେ ପ୍ରଭୁ, ଏମାନଙ୍କୁ ରକ୍ଷାକର ।

(ଭଏସ୍ ଅଫ୍ ମହାତ୍ମା...)

ଦୀନବନ୍ଧୁ : ଏଥର ମତେ ଯିବାକୁ ପଡ଼ିବ, ମୁଁ ବଞ୍ଚିଥାଉ ମୋର ଆଖି ଆଗରେ ଏତେ ରକ୍ତପାତ ମୁଁ ହବାକୁ ଦେବିନି । (ପ୍ରସ୍ଥାନ)

(ଅନ୍ଧାର)

୧୭ଶ ଦୃଶ୍ୟ

(ଗଣ୍ଡଗୋଳ)

(ମୃତ ମନୁଆକୁ ଘେନି ମିଶ୍ର, ଷଡ଼ଙ୍ଗୀ ମୋହନା ଓ ଜେଜେ ଆଦିଙ୍କ ପ୍ରବେଶ)

ଦୀନବନ୍ଧୁ : ହେ ପ୍ରଭୁ ଏ କ'ଣ କଲ ମୋତେ ପଛେ ନେଇଯାଇଥାନ୍ତ ତା ନକରି ତୁମେ ମୋର ବର୍ତ୍ତମାନ, ମୋର ଭବିଷ୍ୟତକୁ ଏ ଦେଶର ଭବିଷ୍ୟତକୁ ହାତରୁ ଛଡ଼େଇ ନେଇଗଲ । ଆଉ ମୁଁ ବଞ୍ଚିବି କାହାକୁ ନେଇ ? (ନିତୁର ପ୍ରବେଶ)

ନିତୁ : ଜେଜେ ତୁମେ ଠିକ୍ ଅଛ ତ ଆଉ ସିଏ କାହିଁ... ?

(ନିତୁ ମନୁଆକୁ ଦେଖି କାନ୍ଦିଉଠିଛି, ଜେଜେଙ୍କ ଗୋଡ଼ତଳେ ବସି, ଦଉଡ଼ି ଚାଲିଯାଉଚି)

Digitized by PPRACHIN, SOA

ଦୀନବନ୍ଧୁ : ଅତୀତର ଇତିହାସରୁ ଆମେ କିଛି ଶିଖିପାରିଲୁ ନାହିଁ, ଆଜି ମଧ ଆମେ ଖାଲି ହିଂସାର ପୁନରାବୃତ୍ତି କରି ଚାଲିଛୁ । କେବେ ଆଉ ଏ ଲୋକଙ୍କର ଆଖି ଖୋଲିବ କେଜାଣି ?

(କରିମ୍ ଆଉ ମର୍ଜିନାର ପ୍ରବେଶ)

ମର୍ଜିନା ଗଣ୍ଡଗୋଳ ଏବେ ଶାନ୍ତ ହୋଇଯାଇଚି ଜେଜେ ।

ଦୀନବନ୍ଧୁ : ଧ୍ୱଂସ ପରେ ଶାନ୍ତି ତ ମୁଁ ଚାହିଁ ନଥିଲି ମା', ମୁଁ ଚାହିଁଥିଲି ଜ୍ଞାନର ଶାନ୍ତି, ପ୍ରଗତିର ଶାନ୍ତି, ହେ ମହାତ୍ମା ! ଚିରଦିନ କ'ଣ ଏ ନିରୀହ ମଣିଷଗୁଡ଼ାକ ଏମିତି ହୀନ ରାଜନୀତିର ଶିକାର ହୋଇ ଚାଲିଥିବେ । କେବେ ଆଉ ଏମାନେ ନିଜକୁ ଶିକ୍ଷିତ କରିବେ ଆଉ ସେଇ ହୀନ ଚକ୍ରାନ୍ତର ପ୍ରତିରୋଧ କରିବା ଶିଖିବେ କେଜାଣି... । (ନେପଥ୍ୟରୁ କରୁଣ ସ୍ୱର)

(ଅନ୍ଧାର)

Digitized by PPRACHIN, SOA

ବ୍ରଜନାଥ ବଡ଼ଜେନା

Digitized by PPRACHIN, SOA

ପାତ୍ର ପରିଚୟ

୧. ମହାରାଜ

୨. ମହାମନ୍ତ୍ରୀ

୩. ଦ୍ୱାରପାଳ

୪. ବଡ଼ଜେନା

୫. ବଡ଼ଜେନାଙ୍କ ସ୍ତ୍ରୀ

୬. ପରୀକ୍ଷା ପାତ୍ର

୭. ସୁବୁଦ୍ଧି

୮. ପାଇକ (ରକ୍ଷୀ)

୯. ପାରିଷଦ ଚାରିଜଣ (କୋରସ୍ ଭଳି କାମ କରିବେ)

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

(ମହାରାଜଙ୍କର ବିନୋଦ କକ୍ଷ । ନୃତ୍ୟ ଶେଷରେ ଦ୍ୱାରପାଳର ପ୍ରବେଶ)

ମହାରାଜ : ହାଃ ହାଃ ହାଃ

ମନ୍ତ୍ରୀ : ମହାରାଜ ! ମରହଟ୍ଟା ଯୁଦ୍ଧପରେ, ଆପଣଙ୍କର କ୍ଲାନ୍ତି ନିବାରଣ ପାଇଁ ଏହାଠାରୁ ଆହୁରି ଅଧିକ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଦ୍ୱାରପାଳ : ମହାରାଜଙ୍କର ଜୟ ହେଉ ।

ମହାମନ୍ତ୍ରୀ : କି ସମ୍ବାଦ ?

ଦ୍ୱାରପାଳ : ହଜୁର ! କବି ବଡ଼ଜେନାଏଁ ଆସିଛନ୍ତି । ସାଙ୍ଗରେ କାବ୍ୟଟିଏ ଆଣିଛନ୍ତି ।

ମହାମନ୍ତ୍ରୀ : ଏଇନେ ମହାରାଜାଙ୍କର ଚିତ୍ତବିନୋଦନର ସମୟ ତାଙ୍କୁ କୁହ ! କାଲି ରାଜଦରବାରରେ ସାକ୍ଷାତ କରିବେ ।

ମହାରାଜ : ତାଙ୍କୁ ସସମ୍ମାନେ ଘେନି ଆସ ।

ଦ୍ୱାରପାଳ : ଯଥା ଆଜ୍ଞା (ପ୍ରସ୍ଥାନ)

ମହରାଜ : ଏଇ କବିଙ୍କ ସଂପର୍କରେ ତୁମର ମତ କ'ଣ ମହାମନ୍ତ୍ରୀ ?

ମହାମନ୍ତ୍ରୀ : କବିଙ୍କର ପିତା ବାଲୁଙ୍କେଶ୍ୱର ପଟ୍ଟନାୟକ ନିବାସ କାଜରା ଗ୍ରାମ ।

ମହାରାଜ : ଜାଣେ, ଆଉ ବଡ଼ଜେନା ପଦବୀ !

ମହାମନ୍ତ୍ରୀ : ଗଜପତି ମହାରାଜ କୃପାକରି, ତାଙ୍କୁ ଏ ଉପାଧି ପ୍ରଦାନ କରିଅଛନ୍ତି ।

ମହାରାଜ : ଗଜପତିଙ୍କ କୃପାର କାରଣ ?

ମହାମନ୍ତ୍ରୀ : ଶୁଣାଯାଏ, କବିଙ୍କର ପୂର୍ବପୁରୁଷ ପ୍ରଥମେ ପୁରୁଷୋତ୍ତମ କ୍ଷେତ୍ରରେ ଓ ପରେ ଖୋରଧାରେ ବସବାସ କରୁଥିଲେ । ସମ୍ଭବତଃ ବର୍ଗୀ ଅତ୍ୟାଚାର ସମୟରୁ ସେମାନେ ଆଠ ପୁରୁଷ ଧରି ସେହି ମହାରାଜାଙ୍କର ଛତ୍ର ଛାୟା ତଳେ ପ୍ରତିପାଳିତ

ମହାରାଜ : ଏହା କ'ଣ ତାଙ୍କ ପୈତୃକ ଉପାଧି ?

ମହାମନ୍ତ୍ରୀ : ନାଁ, ମହାରାଜ ! ଗଜପତିଙ୍କ ଦରବାରରେ କବି ଜଣେ ପ୍ରଖ୍ୟାତ ବିଦେଶୀ ପୋଥି ଲେଖକଙ୍କ ଅକ୍ଷର ମଧ୍ୟରେ ଶ୍ଳୋକମାନ ଲେଖି ଗଜପତି ଓ ସଭା ସଦସ୍ୟମାନଙ୍କୁ ଚମତ୍କୃତ କରିଥିଲେ । ଖୁସି ହୋଇ ଗଜପତି ତାଙ୍କୁ ବଡ଼ ନାଁ-ଟିଏ, ଦବାକୁ ଚାହିଁବାରୁ କବି ବଡ଼ଜେନା ନାମଟ ପ୍ରାର୍ଥନା କରିଥିଲେ ଗଜପତି ମହାରାଜ ତାଙ୍କୁ ବଡ଼ ଯେଉଁ ନାଁ, ମାନେ ବଡ଼ ଜେ – ନା ପଦବୀ ଦେଇଥିଲେ ।

ମହାରାଜ : ହୁଁ ! ତାଙ୍କର ଏପରି ଦେଶଦେଶାନ୍ତର ବୁଲିବାର କାରଣ ?

ମହାମନ୍ତ୍ରୀ : ତାହାର ଉତ୍ତର ତ କେବଳ କବି ହିଁ ଦେଇପାରିବେ । ସମ୍ଭବତଃ ବିଭିନ୍ନ ରାଜସଭା ବୁଲି ବୁଲି ଧନ ଆହରଣ କରିବା ତାଙ୍କର ଅଭ୍ୟାସ ।

Digitized by PPRACHIN, SOA

ବଡ଼ଜେନା : (ପ୍ରବେଶି) ମହାରାଜଙ୍କର ଜୟ ହେଉ ।

ମହାମନ୍ତ୍ରୀ : ଆଗମନର ଅଭିପ୍ରାୟ ?

ବଡ଼ଜେନା : ମଣିମାଙ୍କର ଶ୍ରୀ କମଳ ଲାଗି ଏକ କାବ୍ୟ ରଚନା କରିଛି ।

ମହାମନ୍ତ୍ରୀ : ଦରବାରକୁ ନ ଆଣି ଏଠାକୁ ଆଣିବାର କାରଣ ?

ବଡ଼ଜେନା : ଜାଣିଲି ମରହଟ୍ଟା ଯୁଦ୍ଧରେ ମହାରାଜ ଖୁବ୍ କ୍ଳାନ୍ତ । ତେଣୁ କ୍ଳାନ୍ତି ଦୂର କରିବାର ମହୋଷଧି ଘେନି ଆସିଛି ମଣିମା ।

ମହାମନ୍ତ୍ରୀ : କ୍ଳାନ୍ତି ଦୂର କରିବ ଏ କାବ୍ୟ... ?

ବଡ଼ଜେନା : ଏହାକୁ ଏକ ସାଧାରଣ କାବ୍ୟ ବୋଲି ବିଚାର କରନ୍ତୁ ନାହିଁ ମହାମନ୍ତ୍ରୀ । ଏଥିରେ ମହାମହିମ ମହରାଜାଙ୍କର ବୀରତ୍ୱର ଜ୍ୱଳନ୍ତ କାହାଣୀ ଲିପିବଦ୍ଧ ହୋଇ ରହିଛି ।

ମହାରାଜ : ଆଚ୍ଛା ! ଏହାର ନାମ ?

ବଡ଼ଜେନା : "ସମର – ତରଙ୍ଗ" । ମରହଟ୍ଟା ଯୁଦ୍ଧରେ ଆମ ମହାରାଜଙ୍କର ବୀରତ୍ୱ ଓ ବିଜୟର କାହାଣୀ ଏ କାବ୍ୟ ।

ମହାରାଜ : ସତେ ?

ବଡ଼ଜେନା : ମହାରାଜଙ୍କର ଆଦେଶ ହେଲେ କାବ୍ୟ ଖଣ୍ଡି ପଢ଼ି ଶୁଣାଇ ଦିଅନ୍ତି !

ମହାମନ୍ତ୍ରୀ : ମହାରାଜଙ୍କର ସମୟର ଅଭାବ । ତା'ଛଡ଼ା ମହାରାଜ ଖୁବ୍ କ୍ଳାନ୍ତ ।

ବଡ଼ଜେନା : ସେଇଥିପାଇଁ ତ ଆଣିଛି । ଆପଣାର ବିଜୟ କାହାଣୀ । ଶ୍ରବଣ କରି ଆନନ୍ଦ ଉତ୍‌ଫୁଲ୍ଲିତ ହେବା ମାନବର ସ୍ୱଭାବ । ଆଉ ମହାରାଜ ଜାଣନ୍ତି ମନ ଆନନ୍ଦିତ ହେଲେ, ଶାରୀରିକ କ୍ଳାନ୍ତି ଆପେ ଦୂର ହୋଇଯାଏ ।

ମହାରାଜ : କଥାର ଚାତୁରୀରେ କଥାକାରକୁ ପରାସ୍ତ କରିବା ଅସମ୍ଭବ । ବରଂ ଆପଣ କାବ୍ୟର ବିଶେଷ ଅଂଶ ପଢ଼ି ଶୁଣାଇ ପାରନ୍ତି ।

ବଡ଼ଜେନା : ଯଥା ଆଜ୍ଞା ମହାରାଜ (କାବ୍ୟପଠନ)

ବରଗୀ ଓଡ଼ିଶା କଲେ ଅମଳ,
ବିହି ଯୋଗେ ହେଲା ଆନ ବନାଉଁ,
ଫଉଜ କଷିଲେ କୋପେ ଯେ
ମୋଟରି ନିକଟେ ପଡ଼ିଲେ ବଳ ।
କାହିଁ ପାଇଁ ପ୍ରୁଥୀ ନାଶିବ ମୋର,
ନ ଘେନିତା ରାଜା ରାମେ ଯେ ।
ନୃପତି ଜାଣିସେ ପୁଟ ବିଚାର ।
ରାଜାରାମ ପଣ୍ଡିତଙ୍କୁ ବାଟରେ ।
ହାକିମ ଅଟନ୍ତି ସେହୁ ଯେ
ମାତାଙ୍ଗ ଧଣ୍ଡା କମାଣ ନିଶାଣ

ସରବରା ଦେଉଥିଲେ ଭୁପାଳ ।
ରାଜା ରାମେ ଘୋଷା ବହିଲେ ତହୁଁ ସେ ।
ମଞ୍ଜୁ ଚଉଧୁରୀ ସଙ୍କେତ ବିଚାରି ବାହାର ହୋଇଲେ ଆପେ ଯେ ।
ଓକିଲ ପେସିଲେ ଅବନୀ ପାଳ ।
ପଇସା ନେଇ ଫେରାଅ ନସର ଯେ
ଦଗାଦେବା ମନେ ଗୁପତେ ଅରଣ୍ୟେ ବାହାରିଲେ ଅତି ତମେ ଯେ ।
ଆଜ୍ଞା ଦେଲେ ଦେଖି ଯାଅ ଆମ୍ଭର ।
ଶଂଖୋଳି ଆସ ମର୍ଯ୍ୟାଦା ବେଭାରେ ସେ ।
ଟୀଉଗୁଳି ଦେଇ ଭେଟିବ ତାହାଙ୍କୁ ପାଶୋରିବ ନାହିଁ ଆଉ ଯେ ।
ଡାଲ ତରୁଆର କଟାରୀପୁଣ

Digitized by PPRACHIN, SOA

ସବୁଦେଇ ତେବେ ସନ୍ତୋଷ ନୋହି ଜୀବନ ଯାଚିଦେଲେ କେହି କେହି ଯେ
ତହିଁ କେଉଁ କେଉଁ ଜନ ଯେ ଆନନ୍ଦେ ଦିଗାମ୍ବର ବେଶେ ଚଳିଲେ ପିଣ୍ଡାବାସ କରି ଦାନ ଯେ ।

ମହାରାଜ ବାଃ, ବାଃ, ତା'ପରେ ଚେମଣା ଭୋଷଲେ କଥା ?

ବଡ଼ଜେନା ଲେଖା ଅଛି, ଲେଖା ଅଛି ମହାରାଜ (ଖୋଜି)

ଯେଣୁ ତୁଗୁଲ ନାନା ମତେ କଲେ ଆପେ ଚେମଣା ବାବୁ ବାହାରିଲେ
ବାଟକୁ ରାଜାରାମ ମଞ୍ଜୁ ଯାଇ ବୋଇଲେ ବଙ୍ଗଳା ଯାଅ କିମ୍ପାଇ ସେ
କଲିକତା ଢେଙ୍କାନାଳ ଯେ ଏହା ସାଧ କରି ନଗଲେ କଟକ ଛାଡ଼ିଯାଉଛୁ ସମ୍ଭାଳ ଯେ !!!
ସାରା ଫଉଜ ପକାଇଲେ ଆଣି ମହା ଭୟରେ କମ୍ପିଲା ଧରଣୀ
ପବନ ନଚଳି ହୋଇଲା ସ୍ଥିର ଶୃଙ୍ଖଳା ସହିତ ପିଅନ୍ତେ ନିରସେ
ଅବାଟ ହୋଇଲା ବାଟ ଯେ । ଦଶଦିଗ ଧ୍ୱନୀ ପୁରିଲା ବାଜନ୍ତେ ବାଜି କରି ଘଣ୍ଟି ଘଣ୍ଟ ଯେ !!
ଉପର ମନେ ବନ୍ଦୋବସ୍ତ କରି ଫଉଜ କଟକ ଗଲେ ବାହାରି
ପଇସା ସବୁତ ମିଳିଲା ନାହିଁ ଏଣୁ ଚେମଣା ବାବୁ ରୋଷ ବହି ସେ
ଜଳିଲେ ଅଗ୍ନି ପରାଏ ଯେ । ମଞ୍ଜୁ ରାଜାରାମଙ୍କର କ୍ରୋଧ ବାଣୀ ଘୃତ ତହିଁ ପଡୁଥାଏ ଯେ !!

ମହାରାଜ : ଠିକ୍ - ଠିକ୍ ତା' ପରେ ?

ବଡ଼ଜେନା : ଏହାପରେ ଦ୍ୱିତୀୟ ଛାନ୍ଦର ଆରମ୍ଭ ।

ରାଗ-ପାହାଡ଼ିଆ କେଦାର

ସାରା ଫଉଜ ହେଲେ ତିଆର ମସହି ମୂଷା ହେଲେ ବାହାର
ପାଗ, ଶୁଆର କି ସରଦାର କି ଜମା ଦାର ଯେ
ଯେ ଯାହା ମୁରାତମା ସମ୍ଭାର ଦଉଲତ ଘେନି ହେଲେ ହାଜର
ମହୁରାକରି ହୁକୁମ ପାଇଁ ପାନ୍ତି ସତ୍ୱର ଯେ କେହି ଚଢ଼ିଛି ତାଜି, ବାଜି ଉପରେ ଯେ
ରଙ୍ଗ ଅଙ୍ଗାଅଙ୍ଗକୁ ବିଶେ ସୁନ୍ଦର ଯେ ଢାଲକୁ ପୁରି ବାମ ହାତରେ
ଭାଲ କସିଛି ଦକ୍ଷିଣ ହାତରେ ଲାଲ ପଗଡ଼ି ଭରା ମାନିଛି ଶିରକୁ ତାରଯେ
ଏହି ସମୟେ ଗଣକ ଯାଇ ସାୟତ ଧରି କହିଲା ଏହି
କ୍ଷଣି ପ୍ରୟାଣ କରିବା ବୀରବର କେଶରୀ ଯେ ନେପାଳ ଦେଶ ଜାଣ ସିନ୍ଧୁର
ଆମରି କସି କଲାହାଜିର ତହି ଆରେହି ରାଜା ଚେମଣାବାବୁ ବାହାରିଲେ ଯେ !!
ଚାରି ପାସରେ ଗାଗା ସୁଅରେ ଘେରି ଯେ ନାମ ଖ୍ୟାତି ସିପାହୀମାନେ ବାହାରିଲେ ଯେ
ଯେ କିବା ଚୋପଦାରେ ଡାକନ୍ତି କହି ଯେହେସେ ଯେଉଁ ସମ୍ପତ୍ତି
କି ଅବା ଛିଡ଼ି ପଡ଼ିଲା ଶୁର ନଗର ଶିରିଯେ ମହାପ୍ରବଳ ଫଉଜ, ଚାହିଁ
କାହା ଧଇର୍ଯ୍ୟ ରହିଲା ନାହିଁ କେହି ବସିଲେ ବିଷାଦ ହୋଇ
ମହିକି ଚାହିଁ ଯେ ।।

Digitized by PPRACHIN, SOA

କେ ଅବା ମନେ ତହିଁ ବିଚାରେ
ଅବଶ୍ୟ ହିଁ ତ ମରିବା ଥରେ
କେବଳ ହାଥ ଫିଟିବାକାଳ ହେବକି ନାହିଁ ଯେ
କେହୁ ବୋଲଇ ମରିବାର ପ୍ରମାଣ ଯେ
ଛାଡ଼ିଦେଲେ ବାଜିବ ମୋର ଡଙ୍କୁଣ ଯେ
କେବୋଲେ ଆଗୁଁ କହିକି ହେବ
ଯାହା କରିବେ ଶ୍ରୀ ବଳଦେବ
ମନେ ହେଉଛି ଆଖଡ଼େ ଯିବପରା ପରାଣ ଯେ
ଏମନ୍ତ ଶୁଣି ସେ ନୃପବର
ବୋଲନ୍ତି ଏ ଯେ ଘୋର ସାଗର
ଘୋଟି ଆସୁଛି କିଛି ବିଚାର ନାହିଁ ମନର ଯେ ।।

ନିଶରେ କର ପକାଇ କରି
ବୋଇଲେ ହେବି ମନ୍ଦର ଗୀରି
ମଛି ଦେବିନି ଅଛ ବିଚାରି ମନେ ତୁମ୍ଭର ଯେ ।।
ଏହି ସିନ୍ଧୁ ମନ୍ଥନ କରିବା ଯେବେ
କେତେ କାମ ରତନ ମିଳିବ ତେବେ ହେ
କେବଳ ତୁମ୍ଭେ ସୁର ଅସୁର
ପରାଏ ମତେ ବିଶ୍ୱାସୀ ଧର
କାଳ କାଳକୁ କିରତୀ ରହିଯିବ ଏ ଭବେ ହେ ।

ମହାରାଜ : ସାବାସ୍ - ସାବାସ୍ - ବଡ଼ଜେନା ଏ । ଅପୂର୍ବ ତୁମ୍ଭ କାବ୍ୟ ଚାତୁରୀ । ଆମ୍ଭେ ଖୁବ୍ ପ୍ରସନ୍ନ । ମହାମନ୍ତ୍ରୀ !

ମହାମନ୍ତ୍ରୀ : ହଜୁର୍ !

ମହାରାଜ : ଶୀଘ୍ର ଦରବାରରେ "ସମର - ତରଙ୍ଗ"ର ପାଠ କରାଇ ବଡ଼ଜେନାଙ୍କୁ ପାଟଶାଢ଼ୀ ପିନ୍ଧିବାର ଆୟୋଜନକର ।

ମହାମନ୍ତ୍ରୀ : ଯଥା ଆଜ୍ଞା ମହାରାଜ !

ବଡ଼ଜେନା : ମହାରାଜଙ୍କର ଜୟ ହେଉ ।

ମହାରାଜ : ଆଚ୍ଛା କବି, ତୁମ୍ଭର ଗୁଣତ କିଛି କମ୍ ନୁହେଁ ? ଅଥଚ ତୁମ୍ଭେ ଏପରି ଦେଶ ବିଦେଶରେ ଘୂରି ବୁଲୁଚ କାହିଁକି ? ଆମର ଏ ବିଶାଳ ରାଜସଭା କ'ଣ ଜଣେ କବିଙ୍କର ପୃଷ୍ଟପୋଷକତା କରିବାରେ ଅକ୍ଷମ ?

ବଡ଼ଜେନା : କ୍ଷମା କରିବେ ମହାରାଜ, ସାମାନ୍ୟ ଏ କବିର ପ୍ରତିପାଳନ ପାଇଁ ମହାରାଜଙ୍କର ରାଜ୍ୟର ଗୋଟିଏ ଗ୍ରାମ ମଧ୍ୟ ଯଥେଷ୍ଟ ମାତ୍ର । କେବଳ ଅର୍ଥ ଆହରଣ କିମ୍ବା ପଦ ପଦବୀ ଲୋଭରେ ମୁଁ ବିଦେଶ ଭ୍ରମଣ କରେ ନାହିଁ ପ୍ରଭୁ । ଏହା ମଧ୍ୟରେ ଅନ୍ୟ ଯଥେଷ୍ଟ କାରଣ ଅଛି ।

ମହାରାଜ : କାରଣ ବ୍ୟାଖ୍ୟା କରିବାରେ କିଛି ଆପତ୍ତି ?

ବଡ଼ଜେନା : ନାଁ, ଆପତ୍ତି ରହିବ କାହିଁକି ? ମହାରାଜ ଆମର ବୀର, ଜ୍ଞାନୀ, ବିଦଗ୍ଧପୁରୁଷ । ଆପଣ ନିଶ୍ଚେ ଅନୁଭବ କରିଥିବେ ଯେ, ବୀରର ପ୍ରତିଷ୍ଠା ଓ ବୀରତ୍ୱ ଯେପରି ସମର କ୍ଷେତ୍ରରେ ପ୍ରତିଷ୍ଠିତ ହୁଏ – ସେହିପରି ଜ୍ଞାନର କ୍ଷେତ୍ର, ପଠନ, ମନନ, ଏବଂ ତର୍କ ବିତର୍କରେ ବୃଦ୍ଧି ହୁଏ । ସେଇ ଜ୍ଞାନର ତୃଷ୍ଣା ମେଣ୍ଟାଇବା ପାଇଁ ମତେ ଦେଶାନ୍ତର ହେବାକୁ ପଡ଼େ । ତା'ଛଡ଼ା ମହରାଜ ଜାଣନ୍ତି ଝରଣା ସ୍ଥିର ହେଇଗଲେ ତାହାର ପାଣି ଯେପରି ଆବିଳ ହୋଇଯାଏ, ସେହିପରି ଜ୍ଞାନ ସୀମିତ ହୋଇଗଲେ, ସେଥିରେ ଅହମିକାର ଅବିଳତା ବୃଦ୍ଧି ପାଏ । ପରସ୍ପର ଆଦାନ ପ୍ରଦାନ ଓ ତର୍କ ବିତର୍କରେ ହିଁ ଜ୍ଞାନର ଶ୍ରୀବୃଦ୍ଧି ଘଟେ । ଏହା ଅନ୍ତତଃ ମୋର ଧାରଣା ।

Digitized by PPRACHIN, SOA

ମହାରାଜ : ତା'ହେଲେ ଚିରଦିନ ଏହିପରି ପରିବ୍ରାଜକର ଜୀବନ କଟାଇବାକୁ କ'ଣ ମନସ୍ଥ କରିଛ ?

ବଡ଼ଜେନା : ବାର୍ଦ୍ଧକ୍ୟର ଭାର ବୋଧହୁଏ ଏଣିକି ଅନ୍ତରାୟ ସୃଷ୍ଟି କରିବ ।

ମହାରାଜ : ତା'ହେଲେ ପରିବାର ପ୍ରତିପୋଷଣ କରିବ କିପରି ?

ବଡ଼ଜେନା : ତେଣିକି ଯାହା ଜଗନ୍ନାଥଙ୍କର ଇଚ୍ଛା ।

ମହାରାଜ କିଏ ଅଛି !

ଦ୍ୱାରପାଳ ଆଜ୍ଞା ହଜୁର !

ମହାରାଜ : ବଡ଼ଜେନାଙ୍କୁ ଗ୍ରାମଟିଏ ଜାଗିରି ପ୍ରଦାନ କରିବାର ବ୍ୟବସ୍ଥା କର ।
ଯାହା ଯାବତ୍ ଚନ୍ଦ୍ରାର୍କେ ତାଙ୍କ ମାହାଳିଆ ଜାଗିରି ରହିବ ।

ଦ୍ୱାରପାଳ : ଯଥା ଆଜ୍ଞା ମହାରାଜ

ବଡ଼ଜେନା : ଗୁଣ ଗ୍ରାହୀ, ମହାରାଜଙ୍କର ଜୟ ହେଉ !

(ଅନ୍ଧାର)

ଦ୍ୱିତୀୟ ଦୃଶ୍ୟ

(ବଡ଼ଜେନାଙ୍କ ଅଗଣା ତାଙ୍କ ସ୍ତ୍ରୀ ଅଗଣା ଓଳଉଛନ୍ତି ଦ୍ୱାରରୁ ବାଜା ବଜାଇ କିଛି ଲୋକ ଚାଲିଛନ୍ତି । ଆଗରେ ମୁଣ୍ଡରେ ପଗଡ଼ି ଭିଡ଼ି ବଡ଼ଜେନା ଚାଲିଛନ୍ତି)

ସ୍ତ୍ରୀ : (ହସି) ଆରେ ଏ କ'ଣ ବରବେଶରେ ବାଜା ବଜାଇ କୋଉଠୁ ଆସିଲ ?

ବଡ଼ଜେନା : (ସ୍ତ୍ରୀଙ୍କ ହାତରେ ସାନନ୍ଦ ଧରାଇ) ଏଇ ନିଅ, ଆମ ମହାରାଜ ପାଟଶାଢ଼ୀ ବାନ୍ଧି, ସାନନ୍ଦ ପଟ୍ଟା ଲେଖିଦେଇ ନୂଆଗାଁକୁ ମୋତେ ମାହାଳିଆ ଜାଗିରି ଦେଇଛନ୍ତି ।

ସ୍ତ୍ରୀ : (ଠାକୁରଙ୍କୁ ମୁଣ୍ଡିଆ ମାରି) ଯା ହେଉ ଠାକୁରେ ମୋ ଡାକ ଶୁଣିଲେ । ଏତେ ଦିନରେ ଆମ ଦୁଃଖ ଗଲା ।

ବଡ଼ଜେନା : ଜୀବନ ଯାକ ଲେଖନୀ ଚଳାଇ, ଚଳାଇ ଏ ଦରବୁଢ଼ା ବୟସରେ ହଳ ଚଳେଇ ଚାଷ କରିବି ? କେବେ ହେଲାଣି ନାଁ ହବ ? ଆରେ କଥାରେ ରହିଚି –

ଯାହା ନହେବ ବାଳକାଳେ   ତାହା କି ହେବ ପାଚିଲା ବାଳେ ।

ଚାଷ ପଣିଆଁ ଯଦି ଏତେ ସୁବିଧାର କାମ ହୋଇଥାନ୍ତା ? ତା'ହେଲେ ଭେଣ୍ଡିଆ ମରଦ ଗୁଡ଼ା ଚାଷବାସ ଗାଁଗଣ୍ଡା ଛାଡ଼ି ଚାକିରି କରିବାକୁ ନଅରକୁ ଧପାଳିଛନ୍ତି କାହିଁକି ?

ସ୍ତ୍ରୀ : ସେଇଟା ଲୋକଙ୍କ ଆଦତ୍ । ସେମାନେ କ'ଣ ପାରିବେ ନାହିଁ ବୋଲି ଭାବୁଛ ? ତା'ନୁହେଁ, ଚାକିରି କରି ଚାକର ହେବା ତାଙ୍କ ଇଚ୍ଛା, ଏଇ ଯେପରି ବାରଓଳି ତେର ପିଣ୍ଡା ହେବା ତୁମର ଇଚ୍ଛା । ଠାଏ ବସି ଖାଇବା ତୁମକୁ ଭଲ ଲାଗିବ କେମିତି ?

ବଡ଼ଜେନା : (ହସି) ହଉ ହେଲା, ମୁଁ ସିନା ଜୀବନସାରା ବାରଓଳି ତେରପିଣ୍ଡା ହେବାକୁ ଇଚ୍ଛା କରୁଛି, ହେଲେ ତୁମେ ଏଣିକି ଠାଏଁ ବସି, ଛଅ ଭୋଗ ନଅ ଠାଆ କରି ରାଜଭୋଗ ଖାଇ ଗୋଡ଼ ଉପରେ ଗୋଡ଼ ପକାଇ ଜାଗିରୀ-ଆଣି, ହୋଇ ରାଜତ୍ୱ କର । ମୋର ସେଥିରେ ଆପତ୍ତି ନାହିଁ । କିନ୍ତୁ ମୁଁ...

Digitized by PPRACHIN, SOA

ସ୍ତ୍ରୀ : ମୋ ଆଦତ୍ ଛାଡ଼ିବି ନାହିଁ ! ଏଇଆ ତ ?

ବଡ଼ଜେନା : ଧରିନିଅ ସେଇଆ (ପରକ୍ଷା ପାତ୍ର ଓ ସୁବୁଦ୍ଧି ପ୍ରବେଶ)

ପରକ୍ଷାପାତ୍ର ଓ ସୁବୁଦ୍ଧି : ଜୁହାର ଆଜ୍ଞା ! ଖବର ପଠେଇ ଥିଲେ... ?

ବଡ଼ଜେନା : ତୁମ ନିକଟରେ ମୋର ପ୍ରୟୋଜନ ଥିଲା ।

(ସୁବୁଦ୍ଧି ଓ ପାତ୍ର ପରସ୍ପରକୁ ଚାହିଁଲେ)

ନାଇଁ ସେମିତି କିଛି ନୁହେଁ । ଅବଶ୍ୟ ସେଥିରେ ତୁମର ଯଥେଷ୍ଟ ଲାଭ ମଧ୍ୟ ଅଛି ।

ପାତ୍ର : କହୁ ନାହାଁନ୍ତି ।

ବଡ଼ଜେନା : ମହାରାଜ ମୋତେ ଜାଗିରୀରେ ନୂଆଗାଁ ଜମି ଦେଇଛନ୍ତି ।

ସୁବୁଦ୍ଧି : ହଁ, ଶୁଣିଛୁ ।

ପାତ୍ର : ଭାରି ଭଲ ହେଲା । ଗୁଣି ଲୋକଙ୍କ ପୂଜା ହେଲା ।

ବଡ଼ଜେନା : ମୋର ଇଚ୍ଛା, ତୁମେ ଦୁହେଁ ତୁମର ହଳ ବଳଦ ନେଇ ସେଠାରେ ରହି ଚାଷ କର (ପୁଣି ପରସ୍ପରକୁ ଅନାଇଲେ)

ବଡ଼ଜେନା : କ'ଣ, କିଛି କହିବ ?

ପାତ୍ର : ଆଜ୍ଞା, ସେ ହେଲା ଜଙ୍ଗଲ ପାଖ ଅଞ୍ଚଳ ।

ସୁବୁଦ୍ଧି : ଘାସ ପଡ଼ିଆ କେତେ କାଳରୁ ପଡ଼ିଛି ।

ପାତ୍ର : ବାଘ, ହେଟାର ଭୟ ମଧ୍ୟ ଅଛି ।

ସୁବୁଦ୍ଧି : ସେଠି ରହି ଚାଷ କରିବା ଏତେ ସହଜ କଥା ନୁହେଁ ଆଜ୍ଞା ।

ବଡ଼ଜେନା : ଜାଣେ-ଜାଣେ । ସେଇଥିପାଇଁ ତ ତମକୁ ଡାକିଛି । ତୁମେ ଚାଷୀ ପୁଅ । ତୁମେ ନପାରିଲେ ଆଉ କ'ଣ ଏ କରଣ ପୁଅ ହଳ ଧରିପାରିବ ? ଯାଅ ସେଠାକାର ଚାଷୀମାନଙ୍କ ସହିତ ମିଶି ଚେଷ୍ଟା କରି ଦେଖ, ଚାଷ କରିପାରିଲେ ତୁମର ମଧ୍ୟ ଅଭାବ ରହିବ ନାହିଁ ।

ପାତ୍ର : ତଥାପି...

ସୁବୁଦ୍ଧି : ଥରେ ଚେଷ୍ଟା କରି ଦେଖିଲେ କ୍ଷତି କ'ଣ ?

ପାତ୍ର : ହେଉ, ତା'ହେଲେ ଆପଣ ଆଜ୍ଞାପତ୍ର ଖଣ୍ଡିଏ ଲେଖି ଦିଅନ୍ତୁ । ଆମେ ଆସନ୍ତା ସପ୍ତାହରେ ନୂଆଗାଁ ଯିବାର ବ୍ୟବସ୍ଥା କରୁଛୁ ।

ବଡ଼ଜେନା : ମୋର ଇଚ୍ଛା ଏ ବର୍ଷ ଅକ୍ଷୟ ତୃତୀୟାରେ ଯେମିତି ସେଠି ମୁଠି ଅନୁକୂଳ ହୁଏ ।

ସୁବୁଦ୍ଧି : ଆମରି ବି ସେଇଆ ଇଚ୍ଛା । ନହେଲେ ପରା ଚାଷୀ ବୁଡ଼ିଲେ ବରଷେ ।

ପାତ୍ର : ପୁଣି ଯାଇ ଅମଳ ଆର ସନକୁ ।

ବଡ଼ଜେନା : ହଉ ଯାଅ, ଯିବାର ଆୟୋଜନ କର ।

ସୁବୁଦ୍ଧି : ତେବେ, ଧାନ ବିହନର ଯୋଗାଡ଼ କରିବେ ହଜୁର୍ ।

Digitized by PPRACHIN, SOA

ବଡ଼ଜେନା ତୁମେ ଆଗ ଜମିକୁ ହଳ ଲଙ୍ଗଳ କରି ପ୍ରସ୍ତୁତ କର ମୁଁ ବିହନ ବ୍ୟବସ୍ଥା କରିଦେବି ।

ଦୁହେଁ ହଉ ଯାଉଛୁ ହଜୁର୍, ଓଳିକି (ପ୍ରସ୍ଥାନ)

ବଡ଼ଜେନା ବଡ଼ ଝିନ୍ ଝଟିଆ କାମରେ ପଡ଼ିଲା ମଣିଷ । ଏଇନେ କୋଉଠୁ ପୁଣି ଧାନ ବିହନ କରଜ କରିବାକୁ ହେବ । ହେଇଟି ଶୁଣୁଚ... !

ସ୍ତ୍ରୀ (ଭିତରୁ) କ'ଣ ?

ବଡ଼ଜେନା ପଖାଳ ତୋରାଣି କ'ଣ ଗଣ୍ଡିଏ ଦେଲ, ଭାରି ଭୋକ ହେଲାଣି ।

ସ୍ତ୍ରୀ (ଗାମୁଛା ନେଇ) କୁଆଡ଼େ ଯିବକି ? ଗୋଡ଼ ହାତ ଧୋଇ ଆସ ମୁଁ କଖାରୁ ବଡ଼ି ଦି'ଟା ପୋଡ଼ିଦିଏ ।

ବଡ଼ଜେନା ସାଉକାରଙ୍କ ନିକଟକୁ ଯିବି, କିଛି ଧାନ ବିହନ କରଜ କରିବାକୁ ପଡ଼ିବ ।

ସ୍ତ୍ରୀ : କରଜ କରିବ ?

ବଡ଼ଜେନା ନହେଲେ ଚାଷ ହେବ କେମିତି ?

ସ୍ତ୍ରୀ କେଜାଣି, କରଜ କଥା ଶୁଣିଲେ ମୋତେ ଭାରି ଡର ।

ବଡ଼ଜେନା : (ହସି) କହିଛି ପରା ।ଡର କାହାକୁ ଭୟ କାହାକୁ ଠାକୁରେ ଅଛନ୍ତି ଚଉବାହାକୁ ।

(ଅନ୍ଧାର)

ତୃତୀୟ ଦୃଶ୍ୟ

(ପୂର୍ବ ଅରଣା । ଛଅବର୍ଷ ପରେ)

ସ୍ତ୍ରୀ : ତମେ ସେ ଜମି ଜାଗିରୀ ଚିନ୍ତା ଛାଡ଼ିଦେଇ ଲେଖା ଲେଖି କର, ମହାରାଜ ଶାଢ଼ୀବାନ୍ଧି ଜାଗିରୀ ଦବା ଦିନଠାରୁ ତମେ ଆଉ ଲେଖନୀ ଧରିନ ?

ବଡ଼ଜେନା : ଲକ୍ଷ୍ମୀଙ୍କ ସେବାରେ ଲାଗି ରହିଲି ବୋଲି ସରସ୍ୱତୀଙ୍କର କୋପ ଦୃଷ୍ଟି ପଡ଼ିଲା ବୋଧ ହୁଏ ।

ସ୍ତ୍ରୀ : ତେଣେ ଲକ୍ଷ୍ମୀଠାକୁରାଣୀ ହେଲେ ପ୍ରସନ୍ନ ହେଇଥାନ୍ତେ ଭଲ ।

ବଡ଼ଜେନା : ଦୁଇ ନାବରେ ପାଦ ଦେଲେ ଯାହା ହେବାର କଥା ସେଇଆ ହେଲା । ଜାଗିରୀ ପାଇବା ଦିନଠାରୁ ଏଇ ଛଅ ବର୍ଷ ଭିତରେ କେବଳ ଋଣ ଗ୍ରସ୍ତ ହୋଇ ହନ୍ତସନ୍ତ ହେବା ସାର ହେଲା ।

ସ୍ତ୍ରୀ : ଚାଲି ନଜାଣି, ବାଟର ଦୋଷ ଦଉଛ କାହିଁକି ?

ବଡ଼ଜେନା : ଆରେ, ମୋ ହାତରେ ଚାଷ ହେବ ନାହିଁ ବୋଲି ଚାଷୀପୁଅଙ୍କୁ ଚାଷର ଦାୟିତ୍ୱ ଦେଇଥିଲି । ପଚାର ସେମାନଙ୍କୁ ?

ସୁବୁଦ୍ଧି : ହଁ, ମା'–ଆମେ ହଳ ଲଙ୍ଗଳ କରି ଧାନ ବୁଣିଦେଲା ପରେ ବର୍ଷା ଦିନ ଆସିଲା । ଦିନେ ରାତିରେ ଆମର ଦି'ଦିଟା ବଳଦ ବାଘ ଖାଇଗଲେ । ଆମେ ଜୀବନ ବିକଳରେ ପଳେଇ ଆସିଲୁ ।

ପାତ୍ର : ଗାଁ ବାଲା କିମ୍ୱା ରାଜାଙ୍କ କର୍ମଚାରୀ କେହି ଆମ ପାଖ ମାଡ଼ିଲେ ନାହିଁ । ଆମେ ଆଉ କ'ଣ କରିଥାନ୍ତୁ ।

Digitized by PPRACHIN, SOA

ବଡ଼ଜେନା   କ'ଣ ପାଇଁ ଯେ ସେମାନେ ମୋ ଉପରେ ଏତେ ଦାଉ ସାଧୁଛନ୍ତି କିଛି ବୁଝିପାରୁନି ।

ସୁବୁଦ୍ଧି : ସେଇଆ ତ । ସେମାନେ ତ କହିଲେ ଗାଁବାଲା ଚାଷ କରି ଅଧାଧିକ ଧାନ ଏଠାରେ ଦେଇ ଯିବେ ।

ବଡ଼ଜେନା : ତା' ବି ହେଲେ ଦିଅନ୍ତେ । ମାଗି ମାଗି ଚିଡ଼ା ହୋଇ ଶେଷରେ ମାଗିବା ଛାଡ଼ି ଦେଲି । ଲାଭ ଭିତରେ ଏତିକି ହେଲା କରଜ କରି ଆଣିଥିବା ଅଠର ପଉଟି ଧାନ ସେ ଗାଁରେ ବୁଡ଼ାଇ ଭିକାରି ହେଲି ।

ସ୍ତ୍ରୀ : ସେ ତ ଯାହା ହେବାର ହେଲା, ଲେଖା ଲେଖି ବନ୍ଦ କରିଦେଲେ ଚଳିବ କେମିତି ?

ବଡ଼ଜେନା : ଲେଖାଲେଖି ମୁଁ ବନ୍ଦ କରି ନାହିଁ । ଏଇ ମାନସିକ ଦୁଷ୍ଚିନ୍ତା ମଧ୍ୟରେ ତାହା ଉଣା ହୋଇଯାଇଛି ।

ସ୍ତ୍ରୀ : ସେ ତ ଯାହା ହେବାର ହବ । ଆଉ ଥରେ ପୁଣି ଲେଖା ଲେଖି ଆରମ୍ଭ କର ।

ବଡ଼ଜେନା : ସବୁ ଈଶ୍ୱରଙ୍କ ଇଚ୍ଛା ।

(ସରକାରଙ୍କ ଚପରାଶୀ ପ୍ରବେଶ)

ଚପରାଶୀ : ଆଜ୍ଞା ଓଳଗୀ !

ବଡ଼ଜେନା : କଥା କ'ଣ ?

ଚପରାଶୀ : ଆଜ୍ଞା, ସାଉକାରେ ପଠାଇଛନ୍ତି । ଛଅ ବରଷ ହେଇଗଲା ମୂଳତଃ ମୂଳ ସୁଧର ଦେଖା ନାହିଁ । ଏଣିକି ସେ ରାଜ ଦରବାରରେ ଫେରାଦ ହେଲେ ଆଉ ତାଙ୍କୁ ଦୋଷ ଦେବେ ନାହିଁ । (ପ୍ରସ୍ଥାନ)

ସ୍ତ୍ରୀ : ଏଁ କ'ଣ ହେଲା, ରାଜାଙ୍କଠାରେ ଫେରାଦ ହେବେ ? କ'ଣ ହବ ସେଇଠୁ ? ହେଇଟି ଶୁଣୁଚ ତମେ ଜମି ଜମା ସବୁ ବିକ୍ରୀ କରି ଋଣ ସୁଝିଦିଅ ।

ବଡ଼ଜେନା : ଆଉ ପିଲାମାନେ, ସେମାନେ ଖାଇବେ କ'ଣ ?

ସ୍ତ୍ରୀ : ହେ ପ୍ରଭୁ, ଶେଷରେ ଏଇଆ କଲ ?

ବଡ଼ଜେନା : ତମେ ସେ କଥା ଚିନ୍ତା କରନାହିଁ । ଶୋଇପଡ଼ । ଆଃ–ପ୍ରଭୁ ହେ !

ସ୍ତ୍ରୀ : ମୋ ଦେହ କ'ଣ ହୋଇଯାଉଛି ଲୋ ମା' !

(ସମସ୍ତେ ବ୍ୟସ୍ତ)

(ଅନ୍ଧାର)

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

(ବଡ଼ଜେନାଙ୍କ ଠାକୁର ପୂଜା କରୁଛନ୍ତି, ପାଖରେ ସ୍ତ୍ରୀରୋଗ ଶଯ୍ୟାରେ ମୁର୍ମୁଷ ଅବସ୍ଥା,
ପାତ୍ର ଏବଂ ସୁବୁଦ୍ଧି ଦୂରରେ ବସିଛନ୍ତି)

ଜଣାଣ

ଆହେ ଜଗନ୍ନାଥ ଦୁଃଖୀର ସଙ୍ଗତ ନରଖିଲେ ଭାସି ଯାଉଛି ।
ମତ୍ତଗରବରେ ପ୍ରଭୁଙ୍କୁ ନଚିହ୍ନି ତହିଁ ପ୍ରତିଫଳ ପାଉଛି
କାଳକ ଯାକ ତ ବାଳକ ବୁଦ୍ଧି ମୋ ନଗଲା କେହି ତରିଛି
କାଳନାଶନ-ମକୁ ଆଶା କରି ଅକାରଣରେ ମରୁଚି
ନାହିଁ ତାତ ମାତ ସ୍ୱାମୀ ଇଷ୍ଟ ମିତ୍ର ଭାଇବନ୍ଧୁ ଥାଇ ନାହିଁ
ଏପରି ଦରିଦ୍ର ହେଲେ ହେଁ ସୁରେନ୍ଦ୍ର ଆହା ବୋଲନ୍ତ ହିଁ ନାହିଁ
ପତିତ ପାବନ ବାନା ଉଡ଼ାଉଛ ମୋ'ଠାରେ ନଦିଅ ଦୃଷ୍ଟି
ପର ଅବରବି-ଚାରୁ ତୁମ୍ଭେ କଲେ କିପରି ରହିବ ସୃଷ୍ଟି
ରଖବା ନରଖ ମୋର ନାହିଁ ସଖ୍ୟ ବିଧିମତେ ସେ ବିଚାର
ବାର ବାର କରି ଜଣାଇଛି ଦିନ ବରଜ ନାଥ କିଙ୍କର ।

ବଡ଼ଜେନା : ନିଅ ଟିକିଏ ପାଦୁକା ପାଇଦିଅ ।

ସ୍ତ୍ରୀ : ମୁଁ ଆଉ ବଞ୍ଚିବିନି । ଟିକି ପୁଅମାନଙ୍କୁ ଦେଖିଥାନ୍ତି ।

ବଡ଼ଜେନା : ଘନଶ୍ୟାମ, ସାଧୁ ଚରଣଙ୍କ ନିକଟକୁ ତାର ପଠାଇଛି । ସେମାନେ ଆସୁଆସୁ ହପ୍ତା ଗଡ଼ି ଯାଇପାରେ । ଈଶ୍ୱରତ ଅମୀନଖାନା ଯାଇଛି ସଞ୍ଜକୁ ଫେରି ଆସିବ ।

ସ୍ତ୍ରୀ : ନାଇଁ ନାଇଁ ତାକୁ ଏବେ ଡାକି ପଠାଅ । ନହେଲେ ମୁଁ ଦେଖି ପାରିବି ନାହିଁ ।

ବଡ଼ଜେନା : ହଉ ହଉ ମୁଁ ଏଇନେ କାହାକୁ ପଠାଉଛି । ସୁବୁଦ୍ଧି, ଟିକିଏ ଗଲ, ଅମୀନଖାନାରୁ ଈଶ୍ୱରକୁ ଡାକି ଆଣିବ ।

ସୁବୁଦ୍ଧି : ଏଇ ଗଲି ହଜୁର୍ ।

ପାତ୍ର : ଆଜ୍ଞା ବଇଦ ଡକାଇବେ ନାହିଁ ?

ବଡ଼ଜେନା : କେଉଁ ବଇଦକୁ ଡାକିବ ପାତ୍ର ପୁଏ ? ସବୁ ବୈଦ୍ୟ ଦେଖିଗଲେଣି । ସମସ୍ତଙ୍କର ସେଇ ଗୋଟିଏ କଥା । ଜଗନ୍ନାଥ ସାହା । କେବଳ ରାଜ ବୈଦ୍ୟକୁ ଡାକି ନାହିଁ ।

ପାତ୍ର : କାହିଁକି ?

ବଡ଼ଜେନା : ତମେ ତ ଜାଣ ଆଜି କାଲି ରାଜା ଆମ୍ଭ ଉପରେ ରୁଷ୍ଟ ।

ପାତ୍ର : କିନ୍ତୁ କାରଣ କ'ଣ ?

ବଡ଼ଜେନା : କଥାରେ ନାହିଁ ରାଜାଗୋଜା ସେମାନଙ୍କର ସ୍ୱଭାବ ହେଲା କ୍ଷଣେ ତୁଷ୍ଟ କ୍ଷଣେ ରୁଷ୍ଟ । କାରଣ କିନ୍ତୁ ମୋତେ ଜଣାନାହିଁ ।

Digitized by PPRACHIN, SOA

ପାତ୍ର ସବୁ ସେଇ କାନ କୁହାଙ୍କ କାମ ।

ବଡ଼ଜେନା : ସେଇଥିପାଇଁ ମୁଁ ରାଜବୈଦ୍ୟଙ୍କୁ ଡାକି ନାହିଁ ।

ପାତ୍ର ତାଙ୍କର ଦୋଷ କ'ଣ ହଜୁର ?

ବଡ଼ଜେନା : ତାଙ୍କର ଦୋଷ ନାହିଁ ଯେ, ଭାବିଲି ଯଦି ସେ ଆସିବାକୁ ମନା କରିଦିଅନ୍ତି, ତା'ହେଲେ ମୋତେ ଆଘାତ ଲାଗିବ । ଆଉ ଯଦି ଆସନ୍ତି ହୁଏତ ରାଜା ତାଙ୍କ ଉପରେ କ୍ରୋଧ ହୋଇପାରନ୍ତି । ମୋ ପାଇଁ ସେ କାହିଁକି ରାଜାଙ୍କର କ୍ରୋଧର ପାତ୍ର ହେବେ ।

ପାତ୍ର : ଉଚିତ୍ କରିଛନ୍ତି ।

ସ୍ତ୍ରୀ ଈଶ୍ୱର ଆସିଲା ନାହିଁ, ବେଳ ଉଚ୍ଛୁର ହେଲାଣି ।

ବଡ଼ଜେନା : ଛି–ସେପରି କହନ୍ତି ନାହିଁ । ହରିନାମ ସ୍ମରଣ କର ।

ସ୍ତ୍ରୀ : ଟିକିଏ ଭାଗବତ...

ବଡ଼ଜେନା ହଉ ହଉ (ଭାଗବତ ପଢ଼ିଲେ)

ନାରାୟଣଂ ନମସ୍କୃତ୍ୟଂ ନରୋଚୈବ ନରୋତ୍ତମ୍ ଦେବୀ ସରସ୍ୱତୀ ବ୍ୟାସ ତତୋଜୟ ମୁଦିରୟେତ୍

(ମଝିରେ ଈଶ୍ୱର ଓ ସୁବୁଦ୍ଧିର ପ୍ରବେଶ । ଭାଗବତ ପଢ଼ା ଚାଲିଥାଏ । ବଡ଼ଜେନା ପୁଅକୁ ଇଶାରାରେ ପାଣି ଦେବାକୁ କହି ଦେଇ ପଢ଼ିବାକୁ ଲାଗିଲେ ପୁଅ ପାଣିଦେଇ କାନ୍ଦିଉଠିଲେ ।)

ବଡ଼ଜେନା : ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହଣାତି ନରୋପରାଣି
ତଥା ଶରୀରାଣି ବିଦାୟ ଜୀର୍ଣ୍ଣା ନ୍ୟାନି ସଂଯାତି ନବାନି ଦେହୀ

(ସମସ୍ତେ କାନ୍ଦୁଥାନ୍ତି) (ସ୍ତ୍ରୀ ଚାଲିଗଲେ)

ବଡ଼ଜେନା : ଆଉ କାନ୍ଦି ଲାଭ ନାହିଁ ସୁବୁଦ୍ଧି । ସତ୍କାରର ଆୟୋଜନ କରିବାକୁ ହେବ ।

ସୁବୁଦ୍ଧି : ମୋ' ମା' ଚାଲିଗଲେ, ଆଜ୍ଞା, ଦିନ ଅଦିନରେ, ବେଳ ଅବେଳରେ, ପେଜ ତୋରାଣି ଦେଇ ମା' ଆମ ପରିବାର ପାଳି ଥିଲେ ଆଜ୍ଞା, ପିଲେ ମୋର ଅନାଥ ହୋଇଗଲେ ।

ପାତ୍ର : ଗରିବର ମା' ଥିଲେ ଆଜ୍ଞା । କାହାରି ଆଖିରେ ଲୁହ ଦେଖି ପାରୁନଥିଲେ ।

ବଡ଼ଜେନା ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।

ମୋ ଜୀବନର ପ୍ରେରଣା ମରିଗଲା ପାତ୍ରେ । ଏ ଜୀବନଟା ଶେଷ ହୋଇଗଲା ।

ପାତ୍ର : ସେମିତି କହନ୍ତୁ ନାହିଁ ହଜୁର୍ । ଆମେ କାହା ଆଶ୍ରାରେ ବଞ୍ଚିବୁ ।

ବଡ଼ଜେନା : ସମସ୍ତଙ୍କୁ ଆଶ୍ରାଦେବା ପାଇଁ, ବଳିଆର ଭୁଜ ବାହାମେଲେଇ ବସିଛି । ତାଙ୍କୁ ହେଜ ତାଙ୍କୁ ଡାକ । ଚାଲ ସତ୍କାର ପାଇଁ ମଶାଣି ନେବାର ଆୟୋଜନ କରିବା (ଉଠିବାବେଳକୁ)

ପାଇକ (ପ୍ରବେଶି) ବଡ଼ ଜେନାଏଁ ଅଛନ୍ତି ?

ବଡ଼ଜେନା : ହଁ, କ'ଣ କୁହ ।

ପାଇକ : ମହାରାଜା ତଲବ କରିଅଛନ୍ତି (ସମସ୍ତେ ପରସ୍ପରକୁ ଅନାଇଲେ)

Digitized by PPRACHIN, SOA

ପାତ୍ର : ବଡ଼ଜେନାଙ୍କ ଘରଣୀ ଚାଲିଗଲେ ।

ବଡ଼ଜେନା : ମହାରାଜାଙ୍କର ତଲବ କରିବାର କାରଣ ?

ପାଇକ : ଜଣା ନାହିଁ । ମୋତେ ଖାଲି କୁହାଗଲା, ବସିବା ଜାଗାରୁ ଉଠି ଆସିବେ, ଦରକାର ଲାଗିଛି ।

ସୁବୁଦ୍ଧି ଏମିତି ବେଳରେ, ତୁମେ ମଣିଷ ନା ରାକ୍ଷସ ?

ବଡ଼ଜେନା ଛି ସୁବୁଦ୍ଧି, ତା'ର ଦୋଷ କ'ଣ ? ତା'ଛଡ଼ା ମୋର ବିପତ୍ତି କଥା ମହାରାଜା ଜାଣିବେ କେମିତି ? ଶୁଣ ପାଇକ, ମହାରାଜଙ୍କୁ କହିବ ମୁଁ ଶବ ସତ୍କାର ସାରି ଯଥା ଶୀଘ୍ର ପହଞ୍ଚିବି ।

ପାଇକ ଯଥା ଆଜ୍ଞା (ପ୍ରସ୍ଥାନ)

(କ୍ରମେ ଅନ୍ଧାର ମଧ୍ୟରୁ ଶୁଣାଗଲା) (ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ ।)

(ଅନ୍ଧାର)

ରାଜଦରବାର

ବଡ଼ଜେନା : ମହାରାଜଙ୍କର ଜୟ ହେଉ । ଆସିବାର ବିଳମ୍ବ ହେବାରୁ ଆମ୍ଭେ କ୍ଷମା ପ୍ରାର୍ଥନା କରୁଛୁ ।

ମହାରାଜ : ତୁମ୍ଭର ପତ୍ନୀ ବିୟୋଗର ସମ୍ବାଦ ଆମ୍ଭେ ପ୍ରାପ୍ତ ହେଇଅଛୁ ।

ମନ୍ତ୍ରୀ : ଦୀର୍ଘଦିନ ଧରି ରାଜଦରବାରକୁ ନଆସିବାର କାରଣ ?

ବଡ଼ଜେନା : ମହାରାଜ ଅନୁଗ୍ରହ କରି ମୋ ମୁଣ୍ଡରେ ଶାଢ଼ୀ ବନ୍ଧାଇଥିଲେ ମାତ୍ର ମହାରାଜ ମୋତେ ରାଜ ଦରବାରର କର୍ମଚାରୀ ଭାବେ ତ ନିଯୁକ୍ତି ଦେଇ ନାହାଁନ୍ତି ।

ମନ୍ତ୍ରୀ : କ'ଣ ଆପଣଙ୍କର ଅଭିଯୋଗ ?

ବଡ଼ଜେନା : ଅଭିଯୋଗ କରିବାକୁ କିଛି ନାହିଁ ମହାରାଜ । ମୋତେ ଯାହା ପାନ ପିକରେ ବଂଶାନୁକ୍ରମରେ ଭୋଗ କରିବା ପାଇଁ ଦାନ କରିଗଲେ ସେଥିପାଇଁ ମୁଁ କୃତଜ୍ଞ । କିନ୍ତୁ ଦୁଃଖର ବିଷୟ, ମଣ୍ଡୁକ ଉଦରରେ ଘୃତାନ୍ନ ସଦୃଶ ରାଗଭୋଗ ମୋ' ଭାଗ୍ୟରେ ପ୍ରତିକୂଳ ପ୍ରଭାବ ପକାଇଛି ।

ମନ୍ତ୍ରୀ : କ'ଣ କହିବାକୁ ଚାହାଁନ୍ତି ଆପଣ ? ଆପଣଙ୍କୁ ଜାଗିରୀ ଦିଆଯାଇଛି । ଚାଷ କରିବାର ଦାୟିତ୍ୱ ଆପଣଙ୍କର ।

ବଡ଼ଜେନା : ମହାରାଜ ଜାଣନ୍ତି, ମୁଁ ଚାଷୀ ନୁହେଁ, କବି । ଲେଖନୀ ଚାଷ ସିନା କରିପାରିବି ହଳ ଲଙ୍ଗଳ ନୁହେଁ ।

ମନ୍ତ୍ରୀ : ନିଜେ ଚାଷ ନକଲେ ମଧ୍ୟ ଚାଷୀକୁ ଲଗାଇ ଚାଷ କରାଯାଇପାରେ ।

ବଡ଼ଜେନା : ସେ କଥା ସତ । ମାତ୍ର ମହାରାଜ ଯଦି ଚାଷୀ ମେଳିହୁଏ ତହିଁକି ବା ମୋର ବଳ କାହିଁ ?

ମହାରାଜ : ଆମ୍ଭ ଦରବାରରେ ଫେରାଦ ହେଲ ନାହିଁ କାହିଁକି ?

ବଡ଼ଜେନା : କ୍ଷମା କରିବେ ମହାରାଜ, ବାରମ୍ବାର ରାଜ କର୍ମଚାରୀଙ୍କଠାରେ ଅଭିଯୋଗ କରି ନିରସ୍ତ ହେବା ପରେ, ମହାରାଜାଙ୍କୁ ସାକ୍ଷାତ କରିବାର ଚେଷ୍ଟା କରିବାକୁ ଯେତେବେଳେ ଆସିଛି । ମହାରାଜଙ୍କର ରୁଷ୍ଟଭାବ ଦେଖି ଭାଗ୍ୟକୁ ଆଦରି ଫେରି ଯାଇଛି ସିନା ଫେରାଦ ହୋଇପାରି ନାହିଁ ।

Digitized by PPRACHIN, SOA

ମହାରାଜ : ମହାରାଜାଙ୍କର ରୁଷ୍ଟ ହେବାର କାରଣ ଜ୍ଞାତ ଅଛ କି ?

ବଡ଼ଜେନା : କାରଣ ଜାଣିଥିଲେ ଜାଣିଥିବେ ମହାରାଜ କିମ୍ବା ଜାଣିଥିବେ ଅନ୍ତର୍ଯ୍ୟାମୀ ଜଗଦୀଶ୍ୱର । କାରଣ ମୋ' ଜ୍ଞାତ–ଅଜ୍ଞାତରେ ମହାରାଜଙ୍କର ବିମୁଖ ହେଲାଭଳି କିଛି କାର୍ଯ୍ୟ ତ ମୁଁ କେବେ କରିନାହିଁ ।

ମନ୍ତ୍ରୀ : ଧନାର୍ଜନ ପାଇଁ ଇତି ମଧ୍ୟରେ ତୁମ୍ଭେ କଲିକତା ଯାଇନାହଁ ?

ବଡ଼ଜେନା : କଲିକତା ଯିବା ସହିତ ମହାରାଜଙ୍କର କ୍ରୋଧର କାରଣ କିଛି ବୁଝାପଡୁ ନାହିଁ ।

ମନ୍ତ୍ରୀ : ମହାରାଜଙ୍କର ଜାଗିରୀ ଗ୍ରହଣ କରି ଅନ୍ୟ ନିକଟରୁ ଭିକ୍ଷାଗ୍ରହଣ କରିବା ମହାରାଜଙ୍କ ପାଇଁ ଅପମାନ ନୁହେଁ କି ?

ବଡ଼ଜେନା : ମୁଁ ଭିକ୍ଷା ପାଇଁ କଲିକତା ଯାଇ ନାହିଁ । ବରଂ ଦେଶ ବିଦେଶରେ କାବ୍ୟ ଚର୍ଚ୍ଚା କରି ଦେଶ ଓ ରାଜ୍ୟର ଯଶ ବୃଦ୍ଧି କରିବାର ଚେଷ୍ଟା କରିଛି ମାତ୍ର । ତା'ଛଡ଼ା ଜାଗିରୀ ଗ୍ରହଣ କରିବା ବେଳେ ମଧ୍ୟ, ମୁଁ ମହାରାଜଙ୍କୁ ମୋର ଦେଶ ବିଦେଶ ଭ୍ରମଣର ଉଦ୍ଦେଶ୍ୟ ସଂପର୍କରେ ମୋର ଧାରଣା ଜଣାଇ କହି ଅଛି ଯେ, ଦେଶ ବିଦେଶ ଭ୍ରମଣ କରିବାର ଉଦ୍ଦେଶ୍ୟ, ଜ୍ଞାନ ତୃଷ୍ଣା ନିବାରଣର ଏକ ମାଧ୍ୟମ । ଅବଶ୍ୟ ଏକଥା ସତ୍ୟ ଯେ ଜାଗିରୀରୁ ଯଥେଷ୍ଟ ଆୟ କରି ନପାରି କଲିକତା ଯିବାକୁ ବାଧ୍ୟ ହୋଇଥିଲି ।

ମନ୍ତ୍ରୀ : ଆପଣଙ୍କ ଅଭାବ ମହାରାଜଙ୍କୁ ଜଣାଇ କିଛି ଭିକ୍ଷା କରିପାରିଥାନ୍ତେ ?

ବଡ଼ଜେନା : ଭିକ୍ଷା କରିବା ଭିକ୍ଷୁକର କାର୍ଯ୍ୟ । ମୋର ଧର୍ମ କାବ୍ୟ ରଚନା ଓ କାବ୍ୟ ପଠନ । ଅବଶ୍ୟ ସେଥିରେ ଆନନ୍ଦିତ ହୋଇ ଯଦି କୌଣସି ରାଜା, ଜାଗିରୀ, ଅର୍ଥ କିମ୍ବା ପଦ, ପଦବୀ, ଦାନ ଦିଅନ୍ତି, ତାହାକୁ ଉପହାର ଭାବି ଗ୍ରହଣ କରିବାକୁ ମୁଁ କୁଣ୍ଠା ପ୍ରକାଶ କରେ ନାହିଁ । ଦୁଃଖରେ ବିଷୟ ବିଗତ ଛ'ବର୍ଷ ମଧ୍ୟରେ ମୁଁ ସେପରି କିଛି ରଚନା କରିପାରିନାହିଁ ।

ମହାରାଜ : କାରଣ ?

ବଡ଼ଜେନା : ଏପଟେ ଜାଗିରୀରେ ଚାଷୀମେଳି । ସେପଟେ ଋଣ ଗ୍ରସ୍ତ ଅବସ୍ଥା । ୨୫ ପ୍ରାଣୀ କୁଟୁମ୍ବଙ୍କ ପେଟଚିନ୍ତା । ତହିଁରେ ବୟସର ଭାର ଷାଠିଏ ଟପିଲାଣି । ସେଥିରେ ପୁଣି ଦୀର୍ଘ ଦିନଧରି ରୋଗଗ୍ରସ୍ତ ଗୃହିଣୀଙ୍କ ସେବା ଶୁଶ୍ରୁଷା ପାଇଁ, ପଥି ମହୋଷଧିର ବ୍ୟବସ୍ଥା (ଦୀର୍ଘ ଶ୍ୱାସଛାଡ଼ି) ମଣିଷର କ୍ଷମତା ଖୁବ୍ ସୀମିତ ମହାରାଜ ।

ମନ୍ତ୍ରୀ : ତୁମ୍ଭ ନାମରେ ସାହୁକାରଠାରୁ ଋଣ କରିବାର ଅଭିଯୋଗ ଅଛି ।

ବଡ଼ଜେନା : ଅଭିଯୋଗ ସତ୍ୟ ମହାରାଜ ।

ମନ୍ତ୍ରୀ : ଋଣ ଶୁଝିବାକୁ ଚେଷ୍ଟା କରି ନାହଁ କାହିଁକି ?

ବଡ଼ଜେନା : ତାହା ମୋର କ୍ଷମତାର ବାହାରେ । ତେବେ ମହାରାଜ ଆଜ୍ଞାଦେଲେ ଏଣିକି ସାହୁକାରଙ୍କର ସବୁ ଋଣ ପରିଶୋଧ କରିଦେଇ ପାରିବି ।

ମହାରାଜ : ମୋ ଆଜ୍ଞା ସହିତ ଋଣ ପରିଶୋଧର ସଂପର୍କ କ'ଣ ?

ବଡ଼ଜେନା : ମହାରାଜ ଆଜ୍ଞା କଲେ ମାହାଳିଆ ଜାଗିରୀ ଖଣ୍ଡିକ ସହିତ ମୋର ପୈତୃକ ସମସ୍ତ ସଂପତ୍ତି ବିକ୍ରି କରି ସାହୁକାରଙ୍କର କରଜ ସୁଝି ଦିଅନ୍ତି ।

Digitized by PPRACHIN, SOA

ମହାରାଜ : ଆଉ ତୁମ୍ଭର ୨୫ ପ୍ରାଣୀ କୁଟୁମ୍ବ... ?

ବଡ଼ଜେନା : ମହାରାଜ କୃପାକରି ଖଣ୍ଡିଏ ଘାଟ ପାରି ଆଜ୍ଞା ପତ୍ର ଲେଖିଦେଲେ ସପରିବାରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଯାଇ ସେଇ ପତିତ ପାବନଙ୍କ ଶରଣ ନିଅନ୍ତି ।

(ମହାରାଜ ଚିନ୍ତିତ ହୋଇ ପଡ଼ିଲେ)

ମହାରାଜଙ୍କୁ ଦୁଃଖିତ କରିବା ମୋର ଉଦ୍ଦେଶ୍ୟ ନୁହେଁ । ମାତ୍ର ମହାରାଜ ଯେହେତୁ ପ୍ରଜାଙ୍କର ମାତା ପିତା, ତାଙ୍କର ଆଜ୍ଞା ନନେଇ ଜାଗିରୀ ବିକ୍ରୀ କରିବା ଅନ୍ୟାୟ ଏବଂ ଅଧର୍ମ । ଏଣୁ ମୁଁ ମୋର ସବୁ କଥା ଏଇ କବିତାରେ ମହାରାଜଙ୍କୁ ଜଣାଇ ଦେଇଛି । (ବଢ଼ାଇ ଦେଲେ)

ମହାରାଜ କବିତାର ନାମ – 'ରାଜନ୍‌ଙ୍କୁ ଛଳଭକ୍ତି'

ବଡ଼ଜେନା : କ୍ଷମା କରିବେ ମହାରାଜ

ମହାରାଜ : (ପଢ଼ିସାରି) ଦୀର୍ଘ ନିଶ୍ୱାସ ପରେ କ୍ରୋଧରେ । ମହାମନ୍ତ୍ରୀ, ନୂଆଗାଁ ମାହାଲର ବକ୍‌ସୀଙ୍କୁ ଆଜ୍ଞାପତ୍ର ଲେଖି ଜଣାଇ ଦିଅ, ସେ ଜାଗିରୀର ସମସ୍ତ ଚାଷୀଙ୍କୁ ଡକାଇ ତାଙ୍କ ମନ୍ଦିରେ ଶୀଘ୍ର ସମାଧାନ କରି ସେମାନଙ୍କୁ ଦଣ୍ଡ ବିଧାନ କରନ୍ତୁ । ଆଉ ଏ କଥା ମଧ ଜଣାଇ ଦିଅନ୍ତୁ ଯଥା ଶୀଘ୍ର ରାଜାଜ୍ଞା ପାଳିତ ନହେଲେ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ।

(ଅନ୍ଧାର)

Digitized by PPRACHIN, SOA

(ନେପଥ୍ୟରୁ ଘୋଷଣା)

ରାଜ ଦରବାରରୁ ଫେରି ଆସି କବି ବଡ଼ଜେନା ମହାରାଜ ମହେନ୍ଦ୍ର ବାହାଦୁର ତ୍ରିଲୋଚନ ସିଂଙ୍କର ରାଜ ଦରବାରର ଉଦାରତା, ବିଶାଳତା ଓ ତତ୍‌କାଳୀନ ଢେଙ୍କାନାଳର ସୁଶାସନ ଓ ପ୍ରଜାଙ୍କର ସୁଖ ସ୍ୱାଚ୍ଛନ୍ଦ, ମହାରାଜଙ୍କର ବୀରତ୍ୱ ପ୍ରଜାବତ୍ସଳତା ଓ ବିଶାଳତାକୁ ତାଙ୍କ କାବ୍ୟ ରାଜ ସଭାରେ ବର୍ଣ୍ଣନା କଲେ ।

(ଗୀତ)

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ତିନି ଭୁବନ ପବିତ୍ର
ମହିମା ମହାବିଚିତ୍ର କଥା ଯେହେ
ସଂପୂର୍ଣ୍ଣ ବ୍ରହ୍ମ ସ୍ୱରୂପ ସାକ୍ଷାତ ପ୍ରକାଶି ରୂପ
ନାଚୁଛନ୍ତି ପାପି ପାପ ହୋଇ ଉଦୟେ
ଚତୁର୍ବ୍ବର୍ଗ ହିଁ ସୁଲଭ
ଯେଉଁ ସ୍ଥାନ ଜନମାନେ ସାକ୍ଷାତ ଦେବ । ୧ ।

ଏହୁ କ୍ଷେତ୍ରର ଉତ୍ତରେ ଭାବ ନଗରୀ ନାମରେ
ଅଛଇ ଏକ ନଗର ସଂସାର ସାର
ଗଡ଼ନାମ ଢେଙ୍କାନାଳ ଅଛି ପ୍ରସିଦ୍ଧ ଦେଉଳ
ବିଜେ କରିଛନ୍ତି ବଡ଼ ଭଦ୍ର ଠାକୁର
କଳିକଳ୍ମ ଦ୍ରୁମ ଗୋସାଇଁ
ଆରତେ ଡାକିଲେ ନ ଦିଅନ୍ତି ଭସାଇ । ୨ ।

ଏ ପ୍ରଭୁ ଅଂଶେ ଜନମ ଏ ରାଜ୍ୟ ନୃପତି ନାମ
ଶ୍ରୀ ତ୍ରିଲୋଚନ ଯେ କାମ ରୂପେ ସାକ୍ଷାତ
ରାଜ ରାଜ ସିଂହ ଜଏ ଶ୍ରୀଭ୍ରମର ବର ରାଏ
ନୃପଗଣ ତାରାଙ୍କୁ ଏ ଚନ୍ଦ୍ର ଉଦିତ
କି ବର୍ଣ୍ଣିବା ତାଙ୍କ କିରତି
କହି ବସିଲେ ତ ଆସୁ ନାହିଁ ଭାରତି । ୩।

(ଅନ୍ଧାର)

Digitized by PPRACHIN, SOA

ଚରୈବେତି

Digitized by PPRACHIN, SOA

ପାତ୍ର ପରିଚୟ

୧. ପାଗଳ
୨. ପୋଲିସ୍
୩. ହାବିଲ୍‌ଦାର
୪. ରତ୍ନାକାର ବାବୁ
୫. ସୁଦର୍ଶନ ବାବୁ
୬. ପ୍ରଦୀପ
୭. ରଘୁ
୮. ଧଡ଼ିଆ
୯. ଯୁବକ
୧୦. ଧରଣୀ
୧୧. ପ୍ରଶାନ୍ତ
୧୨. ବିନୋଦ
୧୩. ମାଧବ
୧୪. ପ୍ରିୟନାଥ
୧୫. ପିଲା
୧୬. ସୁମତୀ
୧୭. ମିନି
୧୮. ଝିଅ (କମ୍ପ୍ରୋନ୍)
୧୯. କୋରସ୍ (ପାଞ୍ଚଜଣ)

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

(ଆଲୁଅ ଆସିଲାବେଳକୁ ଦେଖାଗଲା, ମଞ୍ଚ ଉପରେ Cycloama ରେ କିଛି ଲୋକଙ୍କ ଛାଇ । 'ବନ୍ଦେ ମାତରମ୍' ଗୀତ ଗାଇ ଜାତୀୟ ସ୍ଲୋଗାନ ଦେଇ ଚାଲୁଛନ୍ତି)

(ମଞ୍ଚ ଉପରେ 60 Years of Independence ଲେଖା ହୋଇଛି । ଏତିକିବେଳେ ଗୋଟିଏ ପାଗଳ ସେମାନଙ୍କ ଉପରକୁ ଆଖି ବୁଲେଇ ଆଗ 60 Years of Independenceକୁ ଖସାଇ ପକାଇଲା, ଲୋକେ ସବୁ ବିଚ୍ଛିନ୍ନ ହୋଇଗଲେ । ସେଇ ଲୋକଙ୍କ ଭିତରୁ ଜଣେ ବୟବୃଦ୍ଧ ଲୋକ ବାହାରି ଆସି ପାଗଳକୁ ଧରି ପକାଇଛନ୍ତି । ଲୋକେ ମଧ୍ୟ ଆଗେଇ ଆସି ପାଗଳକୁ ବାଡ଼େଇବାକୁ ତିଆରି ହୋଇଛନ୍ତି ।)

ପାଗଳ : ଆଜି ମୁଁ ସମସ୍ତଙ୍କୁ ଗୁଳି କରିବି, ଏମାନଙ୍କ ଛାତିରେ ଗୁଳି ନବାଜିଲେ ଏମାନଙ୍କ ନିଦ ଭାଙ୍ଗିବନି । ଏଗୁଡ଼ା ସବୁ ଚେଇଁ ଶୋଇଛନ୍ତି । ରକ୍ତ ଢାଳି ସ୍ୱାଧୀନତା ଆଣି ନାହାଁନ୍ତି ବୋଲି ସ୍ୱାଧୀନତାର ମାନେ ଜାଣି ନାହାନ୍ତି । ସ୍ୱାଧୀନତା ମାନେ ଏମାନେ ଭାବନ୍ତି ଯେ, ଯେତେ ପାରିବ ମାରି ଖାଇବ । ଏ ଦେଶଟା ଯେମିତି ଏମାନଙ୍କ ବାପା ଜମିଦାରୀ । କାହାରି କିଛି ଦାୟିତ୍ୱ ନାହିଁ, କାହାରି କିଛି ଚିନ୍ତା ନାହିଁ । ଗଣତନ୍ତ୍ରକୁ ନିଲାମ କରି ନେତାମାନେ ଦୁର୍ନୀତିରେ ବୁଡ଼ି ଗଲେଣି । କିଏ କାହାକଥା ଭାବୁଛି ? ଗରିବ ମାଇପ ସବୁରି ଶାଳୀ । ଥରେ ମନ୍ତ୍ରୀ ହେଲେ ଚଉଦ ପୁରୁଷ ଉଦ୍ଧାର ହୋଇଗଲା । ସେମାନେ କୋଟିକୋଟି ଟଙ୍କାର ବିଛଣାରେ ଶୋଇବେ, ଆଉ ଆମେ ଶଳା ଭକୁଆ । ଆମେ ବର୍ଷ ସାରା ହଳ କରି ଚାଷ କରିବୁ । ଅଥଚ ଆମ ପେଟକୁ ଦାନା ନାହିଁ । ପିନ୍ଧିବାକୁ କନା ନାହିଁ । ଆଉ ଯିଏ ଥରେ ୫ ବର୍ଷ ଗାଦିରେ ବସିଲା, ସିଏ ଲାଲେ ଲାଲ୍ – ଆମକୁ ରୋଗ ହେଲେ ଚାରି ଅଣାର ହୋମିଓପାଥି ଆମ ପାଟିରେ ପଡୁନି । ଆଉ ସେମାନେ ଯିବେ ଲଣ୍ଡନ, ଆମେରିକା । କାହିଁକି ? ଏଠି କ'ଣ ଡାକ୍ତର ନାହାଁନ୍ତି ? ଶଳା ଏ ଦେଶଟାତ ଗୋଟିଏ ସାହାଣ ମେଲା, ଯିଏ ଯେତେ ପାରିଲା ବୋହି ନେଇ ଗଲା ।

ଆଜି ମୁଁ କାହାରିକୁ ଛାଡ଼ିବିନି । ଧୂଆମୂଳା ଅଧୂଆ ମୂଳା ସବୁ ସମାନ କରିଦେବି । ସବୁ ଦୋଷ ଏଇ ଜନତାର–ଶଳା ଜଳକା ଭଳିଆ ଦେଖି ଅଦେଖା, ଜାଣି ଅଜଣା । ଆଜି କାହାରିକୁ ଛାଡ଼ିବି ନାହିଁ ।

ମୋତେ ପାଗଳ କହି ବୁଲୁଛ ନାଇଁ । ଆବେ ମୁଁ ଯଦି ପାଗଳ ତା'ହେଲେ ମୋଠୁଁ ବଡ଼ ପାଗଳ ଥିଲେ ସେମାନେ ଯେଉଁମାନେ ଏ ଦେଶକୁ ସ୍ୱାଧୀନ କରିଥିଲେ ଆଉ ତୁମ ଭଳି ଅକର୍ମଣ୍ୟ, ଅପଦାର୍ଥଙ୍କ ହାତରେ ଏ ଦେଶର ଭବିଷ୍ୟତକୁ ଟେକି ଦେଇଗଲେ । ଛାଡ଼ ମୋତେ, ଆଜି ଶଳା କାହାକୁ ଛାଡ଼ିବି ନାହିଁ !

ପୋଲିସ୍ (ପୋଲିସ୍‌ର ପ୍ରବେଶ) ଏ – ଚୁପ୍‌କର, ଚୁପ୍‌କର, ବଦମାସ୍ ।

ପାଗଳ ମୁଁ ଚୁପ୍ କରିବି, ନାହିଁ ? ଆରେ ମୁଁ ଚୁପ୍ ନହେଲେ ତୁମ ଗୁମର ସବୁପଦାରେ ପଡ଼ିଯିବ ନାହିଁ ? ଏଇ ପୋଷାକ ଭିତରେ ଯେଉଁ ମଇଳା ଗୁଡ଼ାକ ଜମିଛି, ପଦାକୁ ବାହାରି ପଡ଼ିବ ନାହିଁ ? ଆରେ ଆମେ ଚୁପ୍ ଅଛୁ ବୋଲି, ଦେଶର ଅବସ୍ଥା ଆଜି ଏଇଆ । ଆମେ ଯଦି ପାଟି ଖୋଲିଥାନ୍ତୁ ତା'ହେଲେ ଏ ଦେଶର ଅବସ୍ଥା ଆଜି ଏଇଆ ହୋଇନଥାନ୍ତା । ତୁମେ ଆଜି ଆଇନ୍‌ର ରକ୍ଷକ ନହୋଇ ଭକ୍ଷକ ହୋଇଥାନ୍ତ । ଧନୀ, ଗରିବ ଦେଖି ବିଚାର କରୁନଥାନ୍ତ ।

Digitized by PPRACHIN, SOA

ପୋଲିସ୍	:	ଚାଲ୍ ଶଳା ଥାନାକୁ ଚାଲ୍ । ତୋ ପାଗଳାମି ବାହାର କରୁଛି ।
ପାଗଳ		ଆବେ ମୁଁ ପାଗଳ ନୁହେଁ । ପାଗଳ ତୁ ଆଉ ଏ ମେଣ୍ଢାଦଳ । ଯେଉଁମାନେ ତୋତେ ପକେଟ୍ ଗୁଞ୍ଜା ଦିଅନ୍ତି ।
ପୋଲିସ୍		ଭାରି ତ ବହପ ତୋର (ଧକ୍କା ମାରି) ହାବିଲ୍‌ଦାର ୟାକୁ ନେଇ ଜିପ୍‌ରେ ପୁରା । (ହାବିଲ୍‌ଦାର ଦୁଇଜଣକୁ ନେଇଗଲେ ରତ୍ନାକରକୁ) ଆପଣଙ୍କ ନାମ
ରତ୍ନାକର		ନାମରୁ କ'ଣ ମିଳିବ ?
ପୋଲିସ୍		ଜାଣିବା ଦରକାର ଅଛି ।
ରତ୍ନାକର	:	ଜହର ସିଂ ।
ପୋଲିସ୍	:	ଘର ?
ରତ୍ନାକର	:	ମୁଁ ଏଇ ଆଶ୍ରମରେ ରହେ ।
ପୋଲିସ୍	:	ଆପଣଙ୍କର ଏଇ ଆଶ୍ରମବାସୀ ହିଁ ଆପଣାର ।
ରତ୍ନାକାର	:	ଆଶ୍ରମ ଆଉ ଆଶ୍ରମବାସୀ ହିଁ ମୋର ଆପଣାର (Photograph ମାନେ Photo ଉଠାଉଥିଲେ)

(ଅନ୍ଧାର)

ଦ୍ୱିତୀୟ ଦୃଶ୍ୟ

(ଆଶ୍ରମର ଦୃଶ୍ୟ । ଗୋଟିଏ ଫଟୋ ଉପରେ ଫୁଲମାଳ ଦେଇ ଅଶ୍ରୁଳ ଆଖିରେ ସେଲ୍ୟୁଟ୍ କରି ଅସ୍ପଷ୍ଟ ସ୍ୱରରେ କହିଲେ)

ରତ୍ନାକର	:	ବନ୍ଦେ ମାତରମ୍ (ଅନେକ ଆଗରୁ ଘର ଭିତରକୁ ଆସି ସୁଦର୍ଶନ ବାବୁ ଏ ସବୁ ଲକ୍ଷ୍ୟ କରୁଥିଲେ ଓ ଧିରେଧିରେ ଡାକିଲେ)
ସୁଦର୍ଶନ	:	ରତ୍ନାକର – – (ରତ୍ନାକର ବାବୁ ଚମକିଲା ପରି ଅନେଇଲା ଓ ସୁଦର୍ଶନ ବାବୁଙ୍କୁ ଦେଖି କଥା ବୁଲେଇ ନେବା ଭଙ୍ଗୀରେ କହିଲେ)
ରତ୍ନାକର	:	ଆପଣ କାହାକୁ ଖୋଜୁଛନ୍ତି ?
ସୁଦର୍ଶନ	:	ତୋତେ-ରତ୍ନାକର ତୋତେ ।
ରତ୍ନାକର	:	କିନ୍ତୁ, ମୁଁ ତ ରତ୍ନାକର ନୁହେଁ ।
ସୁଦର୍ଶନ	:	ତୁ ଯଦି ରତ୍ନାକର ନୁହଁ, ତା'ହେଲେ (ଫଟୋକୁ ଚାହିଁ) ଇଏ କିଏ ? କହ ୟାକୁ ତୁ ଚିହ୍ନିନୁ, କି ତା' ସହିତ ତୋର ସଂପର୍କ ନାହିଁ ? କହ ଏମିତି ନୀରବ ରହିଲୁ କାହିଁକି ? ତୋର ଏଇ ନୀରବତା ହିଁ ମୋ ପ୍ରଶ୍ନର ଉତ୍ତର ରତ୍ନାକର ।
ରତ୍ନାକର	:	(ନୀରବ)
ସୁଦର୍ଶନ	:	ତୋ ଜୀବନର ସେଇ ଦୁର୍ଘଟଣା ପରେ...
ରତ୍ନାକର	:	(ହଠାତ୍ ଯେମିତି ଉତ୍ତେଜିତ ହୋଇ ଉଠିଲେ) ଦୟାକରି ତୁ ଆଉ ମୋ ଅତୀତକୁ ମନେ ପକାଇବାକୁ ଚେଷ୍ଟା କରନା ସୁଦର୍ଶନ ।

Digitized by PPRACHIN, SOA

ସୁଦର୍ଶନ (ଫଟୋ ପାଖକୁ ଯାଇ ଫଟୋକୁ ଧରିଲେ) ସେଇ ଘଟଣାର ସ୍ମୃତିକୁ ଧରି ତୁ କେବଳ ଅନୁତାପ ହିଁ କରି ଚାଲିଛୁଁ । ମୁଁ ଆଜି ଭାରି ଆଶ୍ଚର୍ଯ୍ୟ ହେଉଛି ଯେ ସେ ଦିନର ସେଇ ପୋଷାକ ଭିତରେ ଲୁଚି ରହିଥିବା ସେଇ ମଣିଷଟା ତା'ର ଅତୀତକୁ ଏତେ ସମ୍ମାନର ସହ ମନେରଖି ପାରିଛି । ଅଥଚ ମୁଁ ନିଜେ ଜଣେ ସ୍ୱାଧୀନତା ସଂଗ୍ରାମୀ ହୋଇ ମଧ୍ୟ ସ୍ୱାଧୀନତା ସଂଗ୍ରାମର ଅନେକ ଛୋଟ ବଡ଼ ଘଟଣାକୁ ଏତେ ଶୀଘ୍ର କେମିତି ଭୁଲି ଯାଇପାରିଲି ? ଭାବିଲେ ଦୁଃଖ ଲାଗେ ।

ରତ୍ନାକର ମୁଁ ମଧ୍ୟ ମୋର ଅତୀତକୁ ଭୁଲି ଯିବାକୁ ଚେଷ୍ଟା କରୁଛି ସୁଦର୍ଶନ ।

ସୁଦର୍ଶନ କିନ୍ତୁ ମୁଁ ଯାହା ଦେଖୁଛି ତୋର ଏ ଚେଷ୍ଟା ତ ଅତୀତକୁ ଭୁଲିଯିବାର ଚେଷ୍ଟା ନୁହେଁ ବରଂ ତାକୁ ମନେ ରଖିବାର ଚେଷ୍ଟା ହିଁ କରିଚାଲିଛୁ । (କଥା କହୁ କହୁ ବ୍ୟାଗ ଉପରେ ହାତ ପକାଇ ଦେଇଛନ୍ତି । ରତ୍ନାକର ବ୍ୟାଗଟିକୁ ଟାଣି ନେଇ ଜାବୁଡ଼ି ଧରିଛନ୍ତି ।)

ରତ୍ନାକର ନା-କେମିତି ବା ଭୁଲନ୍ତି । ଜୀବନର ସେଇ ଅଜାଗା ଘା – କାହାକୁ ଦେଖେଇ ହେବନି-ସିନା କିନ୍ତୁ ତୋତେ ବି'ତ ଲୁଚେଇ ହେବନି.... ।

ତୋତେ ଆଜି ଦେଖିବା ପରେ, ମୋର ସେଇ ଅତୀତ ଦିନର ଘଟଣା ସବୁ ଗୋଟି ଗୋଟି ହୋଇ ଆଖି ଆଗରେ ଭାସି ଉଠୁଛି... ।

(ଅନ୍ଧାର ଫ୍ଲାସ୍ ବ୍ୟାକ୍ ଷ୍ଟାର୍ଟ)

ତୃତୀୟ ଦୃଶ୍ୟ

(ରତ୍ନାକର ଘର, ସୁମତି ଘର କାମ କରୁଥିଲେ ଓ ରେଡ଼ିଓ ବାଜୁଥିଲା)

ରେଡ଼ିଓ-ଆକାଶବାଣୀ – ସମ୍ବାଦ ପଢ଼ୁଛନ୍ତି ଗଙ୍ଗାଧର ରଥ ଶର୍ମା । ମୁଖ୍ୟ ସମ୍ବାଦ – ଆଜି ଇଂଲଣ୍ଡର ମିତ୍ର ବାହିନୀ ତରଫରୁ ଆମେରିକାର ବୋମାବର୍ଷୀ ବିମାନ ଜାପାନର ହିରୋସିମା ଉପରେ ପରମାଣୁ ବୋମା ବର୍ଷଣ କରିଛି । ଏହି ବୋମାର ପରମାଣୁ ବିକିରଣ ଏତେ ଭୟଙ୍କର ଥିଲା ଯେ ଏହା ଏକ ୨ୟ ସୂର୍ଯ୍ୟର ଭ୍ରମ ସୃଷ୍ଟି କରିଥିଲା । ଏହି ବୋମା ବର୍ଷଣରେ ଲକ୍ଷଲକ୍ଷ ଲୋକ ମୃତାହତ ହୋଇଥିବାର ସମ୍ଭାବନା ଅଛି । ଏହି ଆକ୍ରମଣପରେ ମିତ୍ରପକ୍ଷର ବିଜୟ ସମ୍ଭାବନା ଅଧିକ ଉଜ୍ଜ୍ୱଳ ହୋଇଉଠିଛି ।

ଆଞ୍ଚଳିକ ସମ୍ବାଦ – ଆଜି କଟକ ଜିଲ୍ଲାର ସାଲେପୁର ଥାନା ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲାବେଳେ ପୋଲିସ୍‌ର ଗୁଳିମାଡ଼ରେ ୫ ଜଣ ଯୁବକର ମୃତ୍ୟୁ ଘଟିଛି । ସେମାନଙ୍କର ବୟସ ୧୬ରୁ ୨୦ ମଧ୍ୟରେ । ସେ ଅଞ୍ଚଳରେ ଉତ୍ତେଜନାର ଆଶଙ୍କା ଥିବାରୁ ପୋଲିସ୍‌କୁ ଦେଖିଲା ମାତ୍ରେ ଗୁଳି କରିବାର ଆଦେଶ ଦିଆଯାଇଛି (ରେଡ଼ିଓ ବନ୍ଦ କରି)

ସୁମତୀ : ରଘୁ-ରଘୁ, ହାବିଲ୍‌ଦାର ?

ପ୍ରଦୀପ : କ'ଣ ହେଲା କି ବୋଉ, ସଞ୍ଜବେଳଟାରେ କାହିଁକି ଏମିତି ରଡ଼ି କରୁଛୁ ।

ସୁମତୀ : ହଇରେ ସେଇ ଦ୍ୱିପ୍ରହରରୁ ଯାଇଛୁ ଯେ ଆସି ରାତି ଦି'ଘଡ଼ି ହେଲାଣି କହୁଛୁ କ'ଣ ନା ସଞ୍ଜବେଳ । ହଇରେ ତମ ବପା ପୁଅ ମୋତେ ଟିକିଏ ଶାନ୍ତିରେ ରଖେଇ ଦେବନି ଦେଖୁଛି । ରାତି ନାହିଁ, ଦିନ ନାହିଁ ବାପା ତ ଦିନ ରାତି ସବୁବେଳେ ଥାନା କାମରେ ବ୍ୟସ୍ତ, ଏଇ କେତେ ଦିନ ହେଲା ଦେଖୁଛି ତୁ ବି ଦିନଯାକ ବାହାରେ ବୁଲୁଛୁ କେଉଁଠି ରହୁଛୁ କ'ଣ କରୁଛୁ ସେ କଥା କେବଳ ଭଗବାନଙ୍କୁ ଜଣା ।

Digitized by PPRACHIN, SOA

ତୁ ଘରକୁ ନଫେରିବା ଯାଏ ଆଖି, କାନ ଠିଆ ହୋଇ ରହୁଛି । ଘରେ ତ ଆଉ ନ'ଟା କି ଛ'ଟା ନାହିଁ ଯେ ସେମାନଙ୍କ ସାଙ୍ଗରେ ଗପସପ ହେବି । ଦିନଟାଯାକ ଘର ଭିତରେ ଏକୁଟିଆ ପଡ଼ିପଡ଼ି ଯେତେ ସବୁ ବାଜେ ଚିନ୍ତା ମୁଣ୍ଡରେ ପଶୁଛି । ତହିଁରେ ପୁଣି ଦେଶ ରାଇଜର ଅବସ୍ଥା ଯାହା ହେଲାଣି ।

ପ୍ରଦୀପ : ଦେଶ ରାଇଜର ଅବସ୍ଥା କ'ଣ ଏମିତି ହୋଇଗଲା କି ?

ସୁମତୀ : ଆଉ କ'ଣ ହେବାକୁ ବାକି ଅଛି । ଏଇନେ ସମ୍ବାଦ ଶୁଣୁଥିଲି । କେଉଁଠି ବୋମା ପଡ଼ି ଲକ୍ଷଲକ୍ଷ ଲୋକ ମଲେଣି ତ, କେଉଁଠି ପୋଲିସ୍‌ଗୁଳିରେ କେତେ ପିଲା ମଲେଣି । ସବୁ ତୋରି ବୟସର – ଏ ସବୁ ଶୁଣି ମୋ ମନ, ଘର ଭିତରଟାରେ ଖାଲି ବାଡ଼େଇପିଟି ହେଉଛି । ତୁମର କ'ଣ ଦକ ଅଛି ନା ଚିନ୍ତା ଅଛି ?

ପ୍ରଦୀପ : ଓ – ଏଇ କଥା (ମା' କୁ କୁଣ୍ଢାଇ) ତୁ ଡରୁଛୁ । ତୁ ପରା ପୋଲିସ୍ ଇନ୍ସପେକ୍ଟର ରତ୍ନାକର ମହାନ୍ତିଙ୍କ ଧର୍ମପତ୍ନୀ ।

ବନ୍ଧୁକ ଗୁଳିକୁ ଏମିତି ଭୟକଲେ ଚଳିବ କେମିତି ? ଯା ମୋ ପାଇଁ ଖାଇବାକୁ ଆଣିଲୁ । ଭାରି ଭୋକ ହେଲାଣି ଯା – । (ଖାଇବା ଆଣି ଦେଲେ, ପ୍ରଦୀପ ଖାଇସାରି ବସି କିଛି ଲେଖାଲେଖି କରୁଥିଲା, ସୁମତି ପ୍ରବେଶ କଲେ)

ସୁମତୀ : ପ୍ରଦୀପ...(ଡାକଶୁଣି ପ୍ରଦୀପ ଲେଖାକୁ ଲୁଚେଇଦେଲା ଓ ଗୋଟିଏ ବହି ପଢ଼ିବାର ବାହାନା କଲା)

ପ୍ରଦୀପ : କ'ଣ କହ ?

ସୁମତୀ : ତୋତେ ଗୋଟିଏ କଥା ପଚାରିବାର ଥିଲା ।

ପ୍ରଦୀପ : ପଚାର ।

ସୁମତୀ : ତୋର ଏନ୍‌ଷ୍ଟ୍ରାସ୍ ପାଠ ତ ସରିଲା ।

ପ୍ରଦୀପ : ହଁ ସରିଲା, ସେଇଠୁ କ'ଣ ହେଲା ?

ସୁମତୀ : ତୋ ବାପା କହୁଥିଲେ ତୁ ଚାକିରି କରୁନୁ ।

ପ୍ରଦୀପ : କି ଚାକିରି ?

ସୁମତୀ : ସେ କହୁଥିଲେ, ତୋ ପାଇଁ ଗୋଟିଏ ପୋଲିସ୍ ଚାକିରି ଠିକ୍ କରିଛନ୍ତି ।

ପ୍ରଦୀପ : କାହିଁକି ବାପା ଯାହା କରିବେ ପୁଅ ସେଇଆ କରିବ, ଏମିତି କିଛି ମାନେ ଅଛି କି ? ପୋଲିସ୍ ଚାକିରି ଯେମିତି ଆମ କୁଳ ବେଉସା (ଗମ୍ଭୀର ହୋଇ) । ଦେଖ୍ ବୋଉ ତୋତେ ସଫାସଫା କହିଦେଉଛି । ମୁଁ ବାପାଙ୍କ ଭଳିଆ ଏମିତି ଗୋଟାଏ ଚାକିରି କରିବି ନାହିଁ ଯେ ଆଗରେ ନକହିଲେ ବି ପଛରେ ଲୋକେ ମୋତେ ଛି ଛି କରି ଛେପ ପକାଇବେ ।

ସୁମତୀ : ପୋଲିସ୍ ଚାକିରି କ'ଣ ଏତେ ଖରାପ ?

ପ୍ରଦୀପ : ନ ହେଲେ ଲୋକେ ପୋଲିସ୍‌ମାନଙ୍କୁ ଏତେ ଘୃଣା କରନ୍ତେ କାହିଁକି ? ଖାଲି ଏତିକି ନୁହଁ । ତୁ ଏକଥା ବି ଜାଣି ରଖ ଯେ ମୁଁ ଇଂରେଜ ସରକାରର ଗୋଲାମି କରିବି ନାହିଁ ।

ସୁମତୀ : ତା'ହେଲେ କରିବୁ କ'ଣ ?

Digitized by PPRACHIN, SOA

ପ୍ରଦୀପ ଗୋପବନ୍ଧୁଙ୍କ ସ୍ଥାପିତ ବନ ମହାବିଦ୍ୟାଳୟରେ ଶିକ୍ଷକତା କରିବାକୁ ଉଚିତ୍‌ମନେ କରିବି !

ସୁମତୀ କିନ୍ତୁ ତୋ ବାପା... ?

ପ୍ରଦୀପ ମୁଁ ଜାଣେ ମୋ ବାପା ଶ୍ରୀ ରତ୍ନାକର ମହାନ୍ତି ଜଣେ ପୋଲିସ୍ ଇନ୍‌ସପେକ୍ଟର । ତାଙ୍କର ସମ୍ମାନ ଅଛି । ଏମିତି ସମ୍ମାନ ଯେ ହାବିଲଦାରମାନେ ତାଙ୍କୁ ସେଲ୍ୟୁଟ କରନ୍ତି । ଆଉ ଏସ୍.ପି., ଡ଼ି.ଏସ୍.ପି. ଆସିଲେ ବାପା ଓଲଟି ତାଙ୍କୁ ସାଲ୍ୟୁଟ କରନ୍ତି । ଇନ୍‌ସପେକ୍ଟର ବାବୁଙ୍କୁ ଦେଖିଲେ ଚୋର ଖୁଣ୍ଟ ଲୁଚି ପଡ଼ନ୍ତି । କିନ୍ତୁ ଦେଶ ପ୍ରେମୀମାନେ ତାଙ୍କୁ ଛି ଛାକର କରି ଘୃଣା କରନ୍ତି ।

ସୁମତୀ କ'ଣ ଯେ ତୁ କହୁଛୁ ?

ପ୍ରଦୀପ ବୋଉ ତୁ ଏକଥା ଜାଣିଥା, ମୁଁ ବାପାଙ୍କ ଭଳି ଏମିତି ଗୋଟିଏ ଚାକିରି କରିବାକୁ ଚାହେଁନି, ଯେଉଁଠି ଆତ୍ମ ସମ୍ମାନ ନାହିଁ । ଆତ୍ମ ମର୍ଯ୍ୟାଦା ନାହିଁ । ଖାଲି ଗୋଲାମି ଆଉ ଗୋଲାମି ।

ସୁମତୀ ପାଠ ଶାଠ ପଢ଼ି ତୁ ଏଇଆ ଶିଖିଲୁ ? ବାପାଙ୍କୁ ଅସମ୍ମାନ କରୁଛୁ ?

ପ୍ରଦୀପ ନା ବୋଉ ତୁ ଭୁଲ୍ ବୁଝୁଛୁ । ମୁଁ ବାପାଙ୍କୁ କେବେ ଅସମ୍ମାନ କରିନି କିମ୍ବା କରିପାରିବି ନାହିଁ। ମାତ୍ର ନିଜର ଜୀବିକା ଅର୍ଜନ ପାଇଁ ବାପା ଯେଉଁ ବାଟ ବାଛି ଦେଇଛନ୍ତି ତାଙ୍କର ସେ ଜୀବିକାକୁ ମୁଁ କେବେହେଲେ ସମ୍ମାନ ଦେଇପାରିବି ନାହିଁ । ତା' ଅପେକ୍ଷା ଜଣେ ସାଧାରଣ ଭାରତୀୟ ଭାବେ ସମ୍ମାନର ସହିତ ବଞ୍ଚିବାକୁ ମୁଁ ଉଚିତ୍ ମନେକରିବି । ସେଥିପାଇଁ ଦିନେ ମଧୁବାବୁ ପରା କହିଥିଲେ –

ମାତୃଭୂମି ମାତୃ ଭାଷାର ମମତା ଯା ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?

ସୁମତୀ : ଏତେ ସବୁ ବଡ଼ବଡ଼ କଥା ମୋତେ ଶୁଣାଉଛୁ ନା ତୋ ବାପା ଆଗରେ ଏ ସବୁ କହି ପାରିବୁ ?

ପ୍ରଦୀପ ବାଧ କଲେ, ସତ କହିବାକୁ, ତୋ ପୁଅ କେବେହେଲେ ପଛେଇବ ନାହିଁ ବୋଉ ।

ସୁମତୀ : ତାଙ୍କ କଥା ନମାନିଲେ ସେ କେତେ ଭୟଙ୍କର ହୋଇଯାଆନ୍ତି ସେ କଥା ତୁ ଜାଣୁ ତ ?

ପ୍ରଦୀପ : ସେଇଥିପାଇଁ ତାଙ୍କ ଆଗରେ ଏସବୁ କଥା କହିବାକୁ ମୁଁ ଚେଷ୍ଟା କରି ନାହିଁ ।

ସୁମତୀ : ଏଇଟା କ'ଣ ତୋର ଶେଷକଥା – ?

ପ୍ରଦୀପ : ହଁ – ଶେଷ କଥା । (ବୋଉ ଚାଲିଗଲେ ପ୍ରଦୀପ ବହି ଛାଡ଼ି ଦେଇ ଦୀର୍ଘଶ୍ୱାସ ମାରିଲା) ଓ ହୋ... । (ଦେଶବନ୍ଦନାର ଗୀତଟିଏ ପ୍ରଦୀପ ଗାଉଥିଲା ରତ୍ନାକର ଆସି ଶୁଣିଲେ)

ରତ୍ନାକର : ତୋ ବୋଉ କାହିଁ ?

ପ୍ରଦୀପ : ଭିତରେ ଅଛି ।

ରତ୍ନାକର : ସୁମତୀ – ସୁମତୀ (କହି ପଶି ଯାଉଥିଲେ ଭିତରୁ ସୁମତୀ ଆସିଲେ)

ସୁମତୀ : କେତେ ଥର କହିଲିଣି ତୁମକୁ, ଯୋତା ପିନ୍ଧି ଗଡ଼ଗଡ଼ ହୋଇ କୁଆଡ଼େ ପଶି ଯାଉଛ ? ଯୋତାଟା ବାହାରେ କାଢ଼ି ଦେଇ ଆସ ।

ରତ୍ନାକର : ମୋର ଭିତରକୁ ଯିବା ଦରକାର ନାହିଁ । ଶୁଣ ତୁମକୁ କହିବାକୁ ଆସିଲି ମୁଁ ନାଇଟ୍ ପେଟ୍ରୋଲିଙ୍ଗରେ ଯାଉଛି । ଫେରୁ ଫେରୁ ବେଶୀ ରାତି ହୋଇପାରେ ରଘୁଆକୁ କହିବ ରାତିରେ ସେ ଏଇଠି ଡିଉଟି କରିବ ।

Digitized by PPRACHIN, SOA

ସୁମତୀ : ତୁମେ ତାଙ୍କୁ କହି ଦେଇ ଯାଉନ ।

ରତ୍ନାକର : ମୁଁ ଥାନାରେ କହି ଦେଉଛି । ମୁଁ ଆସୁଛି ।

ସୁମତୀ : ରାତିରେ ଖାଇବ ନାହିଁ ?

ରତ୍ନାକର : ବାହାରେ ଖାଇଦେବି (ପ୍ରଦୀପକୁ ଚାହିଁ) ତୁ ବାହାରକୁ ଯିବୁ ନାହିଁ । (ଚାଲିଗଲେ)

ପ୍ରଦୀପ : ଯେମିତି ମୁଁ ସବୁଦିନ ରାତିରେ ବାହାରକୁ ବୁଲିବାକୁ ଯାଉଛି ।

ସୁମତୀ : ତୁ ଏଇଠି ବସିଛୁ – ରଘୁଆ ଆସିଲେ କହିବୁ ସେ ଏଇଠି ଡିଉଟି କରିବ । ମୁଁ ଯାଉଛି । (ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ

(ରଘୁ ବଡ଼ ହାବିଲ୍ଦାର ଆଉ ଜଣେ ସାନ ହାବିଲ୍ଦାରକୁ ନେଇ ଆସିଲା)

ରଘୁ : କିବେ, ରହିଗଲୁ କାହିଁକି ?

ଧଡ଼ିଆ : (ଥରୁଛି) ବଡ଼ବାବୁଙ୍କ ଆଗକୁ ଯିବାକୁ ଗୋଡ଼ ଥରୁଛି । କାଳେ ରାଗିଯିବେ ।

ରଘୁ : ପୋଲିସ୍ ଚାକିରି କରଚୁଟି ? ବଡ଼ ବାବୁଙ୍କ ନା ଶୁଣି ତୋ ପିଳେହି ପାଣି ହୋଇ ଯାଉଛି । ତା'ହେଲେ ବଡ଼ ବାବୁଙ୍କ ଅର୍ଡ଼ର ଶୁଣିଲେତ ତୋ ପ୍ୟାଣ୍ଟ ମାରା ହୋଇଯିବ ଦେଖୁଛି ?

ଧଡ଼ିଆ : ସେଇଥିପାଇଁ ପରା ଠାକୁରଙ୍କୁ ସବୁଦିନେ ମୁଣ୍ଡିଆ ମାରି ଆସୁଛି । ହେ ପ୍ରଭୁ ଆଜି ଯେମିତି ବଡ଼ ବାବୁଙ୍କ ହାବୁଡ଼ରେ ନପଡ଼େ ।

ରଘୁ : କାହିଁ ମୁଁ ତ ଡରୁନି (ନିଶରେ ହାତ ମାରିଲେ କିନ୍ତୁ ନିଶ ନାହିଁ)

ଧଡ଼ିଆ : ଆପଣ ଯେତେହେଲେ ବଡ଼ ହାବିଲ୍ଦାର । କାହିଁ ଆପଣ ଆଉ କାହିଁ ମୁଁ- ।

ରଘୁ : ତୁ ମୋ ଅର୍ଡ଼ର ମାନୁଛୁଟି ?

ଧଡ଼ିଆ : ଆଜ୍ଞା ମାନୁଛି ତ !

ରଘୁ : ହଁ ! ନମାନିଲେ କମ୍ପଲେନ୍ କରିଦେବି । ଜାଣିଛୁ କେଉଁଠି ?

ଧଡ଼ିଆ : କ'ଣ ବଡ଼ବାବୁ ପାଖରେ ?

ରଘୁ : ବଡ଼ବାବୁ ଆମ ନିଜ ଲୋକଟି ।

ଧଡ଼ିଆ : କେମିତି ? କ'ଣ ବନ୍ଧୁବାନ୍ଧବ ?

ରଘୁ : ମୁଁ ପରା ତାଙ୍କର ପ୍ରସନାଲ୍ ଆଟେଣ୍ଡେଣ୍ଟ ।

ଧଡ଼ିଆ : ହଁ ଆଜ୍ଞା ସେଇଥିପାଇଁ ଆପଣଙ୍କର ବହୁତ ପାୱାର ।

ରଘୁ : ଦେଖିବୁ ?

ଧଡ଼ିଆ : ନାଇଁ...ଆଜ୍ଞା ।

ରଘୁ : ଆଟେନ୍‌ସନ୍ ସାବଧାନ (ଧଡ଼ିଆ ସାବଧାନରେ ଠିଆ ହେଲା)

Digitized by PPRACHIN, SOA

ରଘୁ		ବିଶ୍ରାମ (ଧଡ଼ିଆ ବିଶ୍ରାମ ହେଲା)
ଧଡ଼ିଆ		ଆଜ୍ଞା ଆଉ ନା ଏଥର ଥାଉ ।
ରଘୁ		ଏଥର ହେଲା...ଦେଖିଲୁ ତ ମୋ ପାୱାର ?
ଧଡ଼ିଆ		ଆଜ୍ଞା ହେଲା...ଦେଖିଲି ।
ରଘୁ		ଏଥର ଚାଲ୍ ... ।
ଧଡ଼ିଆ		ଆଜ୍ଞା, ଆପଣଙ୍କ ମା' କାଳେ ଭାରି ଭଲ ।
ରଘୁ		ମୋ ମା'...ମାନେ...
ଧଡ଼ିଆ	:	ମାନେ ବଡ଼ବାବୁଙ୍କ ମା' ।
ରଘୁ	:	ବଡ଼ବାବୁଙ୍କର ତ ମା' ନାହାନ୍ତି ।
ଧଡ଼ିଆ	:	ମାନେ ବାବୁଙ୍କ ବାବୁଆଣୀ... ।
ରଘୁ		ଓ...ମା' । ମା' ତ ମୋର ମା' ଦୁର୍ଗା ।
ଧଡ଼ିଆ	:	କ'ଣ ମଇଁଷା ମର୍ଦ୍ଦିନୀ ଦୁର୍ଗା ?
ରଘୁ	:	ନା ରେ –ଧଡ଼ିଆ । ଦୁର୍ଗେ ଦୁର୍ଗତି ନାଶିନୀ
ଧଡ଼ିଆ	:	ଆଚ୍ଛା...ଆଚ୍ଛା... ।
ରଘୁ		(ଭିତରକୁ ଅନେଇ) ଧଡ଼ିଆ ! ବାବୁ ଆଇଲେ ନା କ'ଣ ?
ଧଡ଼ିଆ	:	(ଥରି ଥରି ସାବଧାନ ହେବାକୁ ଯାଇ ରଘୁ ଉପରେ ଆଉଜି ପଡ଼ିଲା) (ଭିତରକୁ ଆସିଲେ ସୁମତୀ) (ରଘୁ ଧଡ଼ିଆକୁ ଉଠାଇଦେଲା)
ସୁମତୀ	:	(ଦେଖି) କ'ଣ ହେଲା କି ରଘୁ...
ରଘୁ	:	ନାଇଁ ମା' ଯାର ଟିକିଏ ମୁର୍ଗୀବାତ ଅଛି ତ, ପାଣି ଦରକାର (ସୁମତୀ ଘରକୁ ଫେରିଆସି)
ସୁମତୀ	:	ପାଣି ନିଅ...ସେଇଟା କିମିତି ରୋଗ କି ହୋ ରଘୁ ।
ରଘୁ	:	ସେ ରୋଗ ଆପଣ ବୁଝିପାରିବେନି ମା' ।
ସୁମତୀ	:	ତା'ହେଲେ ତାକୁ ରାତି ଡିଉଟିରେ ଲଗାଉଛନ୍ତି କାହିଁକି ? ମୁଁ ବାବୁଙ୍କୁ କହି ଦେବି...?
ରଘୁ	:	ନା ଇଁ ମା' । ତୁମକୁ ତା' ଛୁଆ ପିଲାର ରାଣ । ବାବୁଙ୍କୁ କହିବେ ନାହିଁ – । ନହେଲେ ତା' ଚାକିରି ପଟାସ୍ କିନା ଚାଲିଯିବ ।
ସୁମତୀ	:	ଆଚ୍ଛା ହେଲା – କିନ୍ତୁ ସେ ରାତି ଡିଉଟି କରିବ କିମିତି ?
ରଘୁ	:	ସବୁ ଠିକ୍ ହେଇ ଯିବ ମା'...ହେଲେ ରାତି ଡିଉଟି କାହିଁକି ?
ସୁମତୀ	:	ବାବୁ ରାତି ପେଟ୍ରୋଲିଙ୍ଗରେ ଯାଇ ଅଛନ୍ତି । କେତେବେଳେ ଫେରିବେ କେଜାଣି ?
ରଘୁ	:	ସାରା ରାତି ରହିବାକୁ ହେବ । ଏଇ କଥାଟି ମା' ? କିଛି ପରୱା ନାହିଁ ।

Digitized by PPRACHIN, SOA

ସୁମତୀ : ଖାଇବା ଆଣିନ ବୋଧ ହୁଏ, ଠିକ୍ ଅଛି । ମୁଁ ଖାଇବା ଠିକ୍ କରିଦେଉଛି । ଖାଇ ଦେଇ ଏଇଠି ଡିଉଟି କର ।

ରଘୁ (ମନକୁ ମନ) ଆମେ ଯଦି ଏଠି ଡିଉଟି କରିବୁ । ଥାନା ଉପରେ ପତାକା ଜଗିବ କିଏ ?

ସୁମତୀ (ଖାଇବା ଆଣି) ବଡ଼ବାବୁ କହିଛନ୍ତି, ଜଣେ ସାରା ରାତି ଏଇଠି ଜଗିବ ।

ରଘୁ : ହଁ, ମା' ବୁଝିଗଲି (ସୁମତୀର ପ୍ରସ୍ଥାନ)(ରଘୁ ପାଣି ମାରିବାକୁ ଗଲା ବେଳକୁ ଧଡ଼ିଆ ଉଠିପଡ଼ିଲା)

ଧଡ଼ିଆ : (ହସି) ବଡ଼ବାବୁ ତା'ହେଲେ ଘରେ ନାହାନ୍ତି ଟି ? ଯାହା ହେଉ ଜୀବନଟା ରକ୍ଷା ହୋଇଗଲା ।

ରଘୁ : ବଡ଼ବାବୁ ଥିଲେ କିନ୍ତୁ ଆଜି ତୋ ଚାକିରି କେହି ରକ୍ଷା କରି ପାରିନଥାନ୍ତେ ।

ଧଡ଼ିଆ : ମୋତେ ଭାରି ଭୋକ ହେଲାଣି – ଖାଇବି ?

ରଘୁ : ଧଡ଼ିଆ ବଡ଼ ଅଫିସର୍ କିଏ ମୁଁ ନା ତୁ ?

ଧଡ଼ିଆ : ଆଜ୍ଞା ଆପଣ ।

ରଘୁ : ତା'ହେଲେ ଆଗ ଖାଇବ କିଏ, ମୁଁ ନା ତୁ ?

ଧଡ଼ିଆ : ଆଜ୍ଞା ଆପଣ ଖାଇବା କଥା ଯେ ହେଲେ ମଲାବେଳେ ମୋ ଜେଜେ କହିଥିଲେ ପୁଅ ଲୋ ସଦାବେଳେ ମୋ କଥା ହେଜ କରିବୁ (କାନ୍ଦି ପକାଇଲା) ।

ରଘୁ : ତୋ ଜେଜେ କ'ଣ କହିଥିଲା ଲୋ ଧଡ଼ିଆ ?

ଧଡ଼ିଆ : କହିଲା – ଆପେ ଖାଇଥିଲେ ବୋପାର ନାଁ (ଥାଳିରୁ ବରାଟାଏ ଆଣି ଖାଇବାକୁ ଆଁ କଲା ବେଳେ)

ରଘୁ : (ଅର୍ଡ଼ର କଲା) ସା–ବ–ଧା–ନ ! (ଧଡ଼ିଆ ସାବଧାନ ପୋଜିସନ୍‌ରେ ଠିଆ ହେଲା – ରଘୁ ଖାଇବା ଆରମ୍ଭ କଲା)

ଧଡ଼ିଆ : ସାର୍, କାଲି ଆମ ଦିହିଁଙ୍କ ପେଟ ଖରାପ ହୋଇପାରେ... ।

ରଘୁ : ଦିହିଙ୍କର ପେଟ ଖରାପ ହେବ କାହିଁକି ?

ଧଡ଼ିଆ : ଛେପ ଢୋକି ଢୋକି ମୋ ପେଟ ଖରାପ ହେବ । ଆଉ ଏ ଖାଇବା ଉପରେ ମୋ ଆଶା ଡାକିଛି ଯେତେବେଳେ ତାକୁ ଏକା ଖାଇଲେ ଆପଣଙ୍କର ବି ପେଟ ଖରାପ ହେବ । ତେବେ ମୋ ପେଟ ଖରାପ ହେଉ ପଛେ କିନ୍ତୁ ଆପଣଙ୍କ ପେଟ ଖରାପ ହେଲେ ମୁଁ ମୁଣ୍ଡ ବାଡ଼େଇ ଦେବି ।

ରଘୁ : ଠିକ୍ ଅଛି ଆଁ କର୍ (ଧଡ଼ିଆ ଆଁ କଲା – ରଘୁ ଗୋଟିଏ ବରା ତା' ପାଟିରେ ଦେବାକୁ ଯାଉଥିଲା ପୁଣି କ'ଣ ଭାବି ଫାଳେ ତା'ପାଟିରେ ଦେଇ ବାକି ନିଜେ ଖାଇଲା ।)

ରଘୁ : (ଖାଇ ସାରିବା ପରେ ହାକୁଟି ମାରି ପେଟରେ ହାତ ବୁଲାଇଲେ) ମୁଁ ଏଠି ଥାନାବାବୁଙ୍କ ଘର ଜଗିଛି, ତୁ ଯା ସେଠି ପତାକା ଜଗିବୁ ।

ଧଡ଼ିଆ : ମୋତେ ଭୋକ ଲାଗୁଛି ।

ରଘୁ : ଆରେ ଧଡ଼ିଆ – ମୋତେ ତ ଭୋକ ଲାଗୁନି, ତୋତେ ଭୋକ ଲାଗିଲା କେମିତି ?

ଧଡ଼ିଆ : ଆଜ୍ଞା, ଆପଣପରା ଢୋଲେ ଖାଇଲେ ।

Digitized by PPRACHIN, SOA

ରଘୁ ଚୁପ୍, ଆବେ ଅଫିସର୍‌ଙ୍କୁ ଯଦି ଭୋକ ନଲାଗିଲା ତା'ହେଲେ ଆସିଷ୍ଟାଣ୍ଟକୁ କ'ଣ ଭୋକ ଲାଗିବା ଉଚିତ୍ ?

ଧଡ଼ିଆ : ନାହିଁ ସାର୍ ।

ରଘୁ ଏଥର ଡ୍ୟୁଟିକୁ ଯା ।

ଧଡ଼ିଆ କିନ୍ତୁ ସାର୍ ?

ରଘୁ (ଅର୍ଡ଼ର କଲା) ସେଣ୍ଟି ଫର୍‌ୱାର୍ଡ଼ ମାର୍ଚ୍ଚ : ଲେଫଟ୍ ରାଇଟ୍, ଲେଫଟ୍ – (ଧଡ଼ିଆ ଚାଲିଗଲା) (ରଘୁ ଏପଟ ସେପଟ ଅନାଇଁ ହାଇ ମାରି ଶୋଇଲା । କିଛି ସମୟ ପରେ ଧଡ଼ିଆ ଆସିଲା, ସାଙ୍ଗରେ ଆଉ ଜଣେ ପିଲା, ପ୍ରଦୀପର ସାଙ୍ଗ, ରଘୁ ଶୋଇ ଥବାର ଦେଖି ଧଡ଼ିଆ ତା' ସାଙ୍ଗରେ ଲାଗିଗଲା । ରଘୁର କାନରେ କାଠି ପୁରାଇଲା, ନାକରେ କାଠି ପୁରାଇଲା, ରଘୁ ଛିଙ୍କି ନିଦ ବାଉଳାରେ ଶୋଇ ପଡ଼ିଲା । ଧଡ଼ିଆ ହୁଇସ୍ଲି ମାରିଲା ମାତ୍ରେ ରଘୁ ଉଠି ପଡ଼ି)

ରଘୁ : ଆଟେନ୍‌ସନ୍ (କହିଲା ମାତ୍ରେ ଧଡ଼ିଆ ଆଟେନ୍‌ସନ୍ ହୋଇ ଠିଆ ହୋଇ ରହିଲା କିନ୍ତୁ ରଘୁ ଶୋଇ ପଡ଼ିବା ଆଗରୁ କହିଲା)

ରଘୁ : ସ୍ଲିପ୍ ଆଟ୍ ଇସ୍ (ରଘୁ ଶୋଇ ପଡ଼ିବା ମାତ୍ରେ ପାଖରେ ଧଡ଼ିଆ ମଧ ଶୋଇ ପଡ଼ିଲା) ହୁଇସିଲ୍ ଶବ୍ଦରେ ପ୍ରଦୀପ କବାଟ ଖୋଲି ବାହାରକୁ ଆସିଲା । ପିଲାକୁ ଦେଖି ।

ପ୍ରଦୀପ (ଚୁପଚୁପ୍) ଖବର କ'ଣ ?

ପିଲା ସୁଦର୍ଶନ ବାବୁ ଚିଠି ଦେଇଛନ୍ତି । କାଲି ତାଙ୍କ ଘରକୁ ଡାକିଛନ୍ତି ।

ପ୍ରଦୀପ : ସେ ଆମକୁ କାହିଁକି ଡାକିଛନ୍ତି ? ଆମେ ତ ତାଙ୍କ ଅହିଂସାବାଦୀ ଲୋକ ନୁହେଁ, ଆମେ ସେଠାକୁ କାହିଁକି ଯିବୁ ?

ପିଲା : ସେ କହିଛନ୍ତି ଯେ, ଆମେ କ୍ରାନ୍ତିକାରୀ ହେଲେ ମଧ ଆମ ଦୁହିଁଙ୍କ ଲକ୍ଷ୍ୟ ତ ଏକା ତା'ଛଡ଼ା ସେ ଅନୁରୋଧ କରିଛନ୍ତି ଯେତେବେଳେ ଗଲେ କ୍ଷତି କ'ଣ ?

ପ୍ରଦୀପ : କ୍ଷତି କିଛି ନାହିଁ ଯେ... । ହଉ ଠିକ୍ ଅଛି । କିନ୍ତୁ ସେଠାକୁ ଯିବା ଆଗରୁ ଆମେ ମିଟିଙ୍ଗ୍ କରି ଆମର କାର୍ଯ୍ୟପନ୍ଥା ଠିକ୍ କରି ନେବାକୁ ହେବ । ତୁରନ୍ତ କିଛି ଗୋଟାଏ ନକଲେ ହେବ ନାହିଁ । ଯାଅ ଆମ ଦଳର ସମସ୍ତଙ୍କୁ ଖବର ଦେଇ ଦେବ । କାଲି ଆଗ ବସିବା । ତା'ପରେ ଯାଇ ସୁଦର୍ଶନ ବାବୁଙ୍କ ଘରକୁ ଯିବା ।

ପିଲା : ଠିକ୍ ଅଛି – ବନ୍ଦେ ମାତରମ୍ ।

ପ୍ରଦୀପ : ବନ୍ଦେ ମାତରମ୍ – (ପିଲାଟି ଚାଲିଗଲା ପରେ)
ରଘୁ କାକା ...ଏ ରଘୁ କାକା...

ରଘୁ : (ଉଠିପଡ଼ି) କ'ଣ ହେଲା ସାନବାବୁ ।

ପ୍ରଦୀପ : ତୁମେ ତ ଶୋଇଛ । ଆଉ ଡିଉଟି କରୁଛି କିଏ ?

ରଘୁ : କାହିଁକି ସେଣ୍ଟ୍ରି...

Digitized by PPRACHIN, SOA

ପ୍ରଦୀପ : (ଧଡ଼ିଆକୁ ଦେଖେଇଦେଲା) ଆଉ ଏଇଟା କିଏ ?

ରଘୁ : ସେଣ୍ଟ୍ରି...ଆଟେନ୍‌ସନ୍
(ଧଡ଼ିଆ ଧଡ଼ପଡ଼ କରି ଉଠିପଡ଼ିଲା)

ରଘୁ : ଫାଉଣ୍ଡ ମାର୍ଚ୍ଚ – ଲେଫଟ୍ ରାଇଟ୍
(ଧଡ଼ିଆ ମାର୍ଚ୍ଚ କରି ଚାଲିଗଲା, ପଛେପଛେ ରଘୁ) (ଏତିକି ବେଳେ ବାହାରେ)

ପ୍ରଦୀପ : ବାପା ଫେରି ଆସିଲେ ବୋଧ ହୁଏ ?

ପଞ୍ଚମ ଦୃଶ୍ୟ (ଲକ୍ ଅପ୍ ରୁମ୍)

ରତ୍ନାକର : ଯେ ପର୍ଯ୍ୟନ୍ତ ସତକଥା ନକହିଛୁ ସେ ପର୍ଯ୍ୟନ୍ତ ଏଇଠି ପଡ଼ିଥା ।

ଯୁବକ : ମୋ କଥା ତ ତୁମେ ବିଶ୍ୱାସ କରୁନ, କେତେଥର କହିଲିଣି କ୍ରାନ୍ତିକାରୀ ଫ୍ରାନ୍ତିକାରୀ କାହାକୁ ମୁଁ ଜାଣିନି । ସେମାନେ କିଏ । କୋଉଠି ଥାନ୍ତି, କରନ୍ତି କ'ଣ ? ଏ ସବୁ ମୁଁ ଜାଣିବି କିମିତି ?

ରତ୍ନାକର : ଯେତେ କହିଲେ ମୁଁ ମାନିବି ନାହିଁ । ତୁ ନିଶ୍ଚୟ କ୍ରାନ୍ତିକାରୀ ଦଳରୁ ଜଣେ ନହେଲେ ଏତେ ରାତିରେ ରାସ୍ତାରେ ବୁଲୁଥିଲୁ କାହିଁକି ? ତୋ ଭାଗ୍ୟ ଖରାପ ତୁ ନାଇଟ୍ ପେଟ୍ରୋଲିଙ୍ଗ ବେଳେ ମୋରି ହାବୁଡ଼ରେ ପଡ଼ିଗଲୁ । ତୋ ସାଙ୍ଗରେ ଆହୁରି କେଇଟା ଥିଲେ ବୋଧହୁଏ । ମୋ ଆଖିରେ ଧୂଳି ଦେବାକୁ ତୁ ଚେଷ୍ଟା କରନା । ସତକହ ସେମାନେ କିଏ ? ସେମାନଙ୍କ ନାଁ କ'ଣ ? ଘର କୋଉଠି ?

ଯୁବକ : ମୁଁ କିଛି ଜାଣେନା ।

ରତ୍ନାକର : ଆଉ ତୁମ ଲିଡ଼ର୍ ? ତା' ନାଁ କ'ଣ ?

ଯୁବକ : କେମିତି କହିବି ?

ରତ୍ନାକର : (ଗୋଇଠାମାରି) ତୁ କେମିତି ସେ କଥା କହିବୁ ସେ କଥା ମୋତେ ଭଲ ଭାବରେ ଜଣାଅଛି (ଡାକିଲେ) ରଘୁ, ରଘୁଆ...

ରଘୁ : ସାର୍

ରତ୍ନାକର : ସଣ୍ଢୁଆସି ଟା ଆଣିଲୁ (ରଘୁଆର ପ୍ରସ୍ଥାନ) ଦେଖ୍ ତୁ ଯଦି ସେମାନଙ୍କ ନାଁ କହି ଦେଉ ତା' ହେଲେ ମୁଁ ନିଶ୍ଚୟ ତୋତେ ଛାଡ଼ି ଦେବି । ସତ କହ ସେମାନଙ୍କ ନାଁ କ'ଣ ?

ଯୁବକ : ଜାଣେ ନି ।

ରଘୁ : (ସଣ୍ଢୁଆସି ଧରି) ସଣ୍ଢୁଆସି ସାର୍ ।

ରତ୍ନାକର : ସିଧା ଆଙ୍ଗୁଳିରେ ଘିଅ ଉଠିବ ନାହିଁ ଦେଖୁଛି (ସଣ୍ଢୁଆସି ନେଇ ତା' ନଖ ଚାପି ଧରିଲେ) (ଚିତ୍କାର କରିଉଠିଲା ଯୁବକ)

ଯୁବକ : ମରିଗଲି, ମରିଗଲି... ।

ରତ୍ନାକର : (କଚାଡ଼ି ଦେଇ) ବଞ୍ଚିବାର ଇଚ୍ଛାଥିଲେ ସତ କହ କହୁଛି ।

Digitized by PPRACHIN, SOA

ଯୁବକ : ତୁମେ କ'ଣ ଭାବୁଛ କ୍ରାନ୍ତିକାରୀମାନଙ୍କୁ ଜୀବନର ଲୋଭ ଦେଖାଇଲେ ସେମାନେ ଦେଶକୁ ଭଲ ପାଇବା ଛାଡ଼ି ତୁମ ଭଳି ଦେଶ ଦ୍ରୋହୀ ମାନଙ୍କ ସହିତ ବନ୍ଧୁତ୍ୱ କରିବେ ? ଏଇଟା ତୁମର ବୋକାମୀ ? ମାତୃଭୂମି ପାଇଁ ଶହୀଦ ହେବାରେ ଯେଉଁ ଆନନ୍ଦ ଅଛି, ଗର୍ବ ଅଛି । ଗୋଲାମୀ କରି ତୁମେ ସେ କଥା ବୁଝିପାରିବ ନାହିଁ ଅଫିସର୍ ।

ରତ୍ନାକର : ୟୁ ବାଷ୍ଟଡ୍ । ମୁଁ ତୋତେ ଆଜି ଶେଷ କରିଦେବି (ଯୁବକର ହାତ ଉପରେ ଛିଡ଼ା ହୋଇ ବୁଟ୍ ଚକଟି ଦେଲେ)

ଯୁବକ : ଆଃ । ମୋତେ ଶେଷ କରିବା ଏତେ ସହଜ କଥା ନୁହେଁ ଅଫିସର୍ ମୋ ଭିତରେ ଶହୀଦ ବାଜି ରାଉତର ରକ୍ତ ଅଛି । ଅଛି ଭଗତ ସିଂର ଦୁର୍ବାର ସାହସ । ଆଉ ମନରେ ଅଛି ଖୁଦିରାମର ଶପଥ । ମୋତେ ଯେତେଥର ଶେଷ କରିବ ମୁଁ ସେତେଥର ଜନ୍ମନେବି । ବିଭିନ୍ନ ନାମରେ । କେତେଜଣଙ୍କୁ ତୁମେ ଶେଷ କରିବ ଇନସ୍ପେକ୍ଟର ? ତୁମ ବନ୍ଧୁକର ଗୁଳି ଶେଷ ହୋଇଯିବ ସିନା କିନ୍ତୁ ଏ ଦେଶରୁ ତୁମେ କ୍ରାନ୍ତିକାରୀ ଶେଷ କରିପାରିବ ନାହିଁ ଅଫିସର୍ ।

ରତ୍ନାକର : ମୁଁ ଏତେ ବୋକା ହୋଇନି ଯେ ତୋତେ ଶହଶହ ଲୋକ ଆଗରେ ଗୁଳି କରି ଶହୀଦ କରିଦେବି । ନାଁ...ମୁଁ ତୋତେ ଏମିତି ମାରିବି ଯେ ଏ ଦେଶର କେହି ଖବର ପାଇବେ ନାହିଁ । କ୍ରାନ୍ତିକାରୀ ନୁହେଁ କି ଗାନ୍ଧୀବାଦୀ ବି ନୁହଁ ବୁଝିଲୁ ।

ଯୁବକ : ମୋ ମୃତ୍ୟୁର ଖବର ଆଉ କେହି ନପାଇଲେ ବି ଏ ଦେଶର ମାଟି ପାଣି ପବନ ଏମାନେ ତ ନିଶ୍ଚୟ ଜାଣିବେ । ଏମାନଙ୍କୁ ତୁମେ କେମିତି ଲୁଚାଇବ ଅଫିସର୍ । ସେମାନେ ତୁମକୁ ସବୁବେଳେ କହିବେ – ଯେ ତୁମେ ଦେଶଦ୍ରୋହୀ, ତୁମେ ବିଶ୍ୱାସ ଘାତକ, ତୁମେ ମିର୍ଜାଫର ।

ରତ୍ନାକର : ୟୁ ବାଷ୍ଟର୍ଡ୍ (ପାଟି ଭିତରେ ରୋଲ୍‌ବାଡ଼ି ପୂରାଇ ଦେଲେ । ଯନ୍ତ୍ରଣାରେ ଛଟପଟ ହୋଇ ଯୁବକ ମରିଗଲା)

ରଘୁ : ସାର୍, ମରିଗଲା ବୋଧେ ?

ରତ୍ନାକର : ନେଇ ଯାଇ ଜଙ୍ଗଲରେ ଫୋପାଡ଼ି ଦେଇ ଆସ । (ଅନ୍ଧାର)

ଷଷ୍ଠ ଦୃଶ୍ୟ – (ସୁଦର୍ଶନ ବାବୁଙ୍କର ଘର)

(ସୁଦର୍ଶନ ବାବୁ ଚରଖାରେ ସୂତା କାଟୁଛନ୍ତି । ବାବୁଲା ପାଖରେ ଥାଇ ତାଙ୍କୁ ଜିନିଷ ଯୋଗାଇ ଦେଉଛି ।)

ସୁଦର୍ଶନ : ବାବୁଲା ! ସତରଞ୍ଜିଟିଏ ପକାଇ ଦେଇ ପାଣି ଆଣି ରଖ । ଏଇନେ ପ୍ରଦୀପ ଆସି ପହଞ୍ଚିବେ । (ବାବୁଲା ସତରଞ୍ଜିଟିଏ ପକାଇ ଦେଇ ପାଣି ଆଣିବାକୁ ଗଲା – ଭିତରେ ପ୍ରବେଶ କଲେ ପ୍ରଦୀପ, ବିନୋଦ, ଧରଣୀ, ପ୍ରଶାନ୍ତ)

ଧରଣୀ : ବନ୍ଦେ ମାତରମ୍ ।

ସୁଦର୍ଶନ : ଆରେ ଆସ – ଆସ । ବସ ।

ପ୍ରଦୀପ : ଆମକୁ କ'ଣ ପାଇଁ ଡାକିଥିଲେ କହନ୍ତୁ । ଆମେ ଯିବୁ ଆମର ତେଣେ ବହୁତ କାମ ଅଛି ।

Digitized by PPRACHIN, SOA

ସୁଦର୍ଶନ : ଦେଖ ପିଲାମାନେ ତୁମେମାନେ ମାତୃଭୂମିର ସ୍ୱାଧୀନତା ପାଇଁ ଜୀବନ ଉତ୍ସର୍ଗ କରି ସଂଗ୍ରାମ କରୁଛ ସେ କଥା ମୁଁ ଜାଣେ । ଆଜି ଭାରତମାତାର ମୁକ୍ତି ପାଇଁ ତୁମରି ମାନଙ୍କ ଭଳି ନିର୍ଭୀକ ବୀର ସନ୍ତାନମାନଙ୍କର ପ୍ରୟୋଜନ ଅଛି । ଯଦିଓ ତୁମର ସଂଗ୍ରାମର ମାର୍ଗ ଆଉ ଆମର ଅହିଂସାର ମାର୍ଗ ଭିନ୍ନ ତଥାପି ଆମର ଲକ୍ଷ୍ୟ ଏକ ଆଉ ଅଭିନ୍ନ । ଆସ ଆମେ ସମସ୍ତେ ଏକ ହୋଇ ମାତୃଭୂମି ସ୍ୱାଧୀନତା ସଂଗ୍ରାମକୁ ସାକାର କରିବା ।

ପ୍ରଦୀପ : ଆପଣ କ'ଣ କରିବାକୁ ଚାହାଁନ୍ତି ଯେ ଆମ ରାସ୍ତା ଠିକ୍ ରାସ୍ତା ନୁହଁ ।

ସୁଦର୍ଶନ : ନା ମୁଁ ସେ କଥା କହୁ ନାହିଁ ।

ବିନୋଦ : ତା' ହେଲେ କ'ଣ କହିବାକୁ ଚାହାନ୍ତି ?

ଧରଣୀ : ଆମେ କାହିଁକି ଆପଣଙ୍କ ସହିତ ମିଶିବୁ ।

ପ୍ରଦୀପ : ଆମେ ଆମର ଲକ୍ଷ୍ୟ ଓ ସିଦ୍ଧାନ୍ତ ଗ୍ରହଣ କରିସାରିଛୁ ।

ସୁଦର୍ଶନ : ମୁଁ ଜାଣେ ତୁମେମାନେ ଜଣେ ଜଣେ ବୀର ସୈନିକ । ତୁମ୍ଭମାନଙ୍କ ସିଦ୍ଧାନ୍ତ ବିଷୟରେ ମଧ୍ୟ ମୋର କିଛି ସନ୍ଦେହ ନାହିଁ – ମାତ୍ର ବନ୍ଧୁ ଟିକିଏ ଚିନ୍ତା କରି ଦେଖ ତୁମ ସିଦ୍ଧାନ୍ତକୁ ସାକାର କରିବାକୁ କେବଳ ତୁମେ କେତେଜଣ ଛିଡ଼ା ହେବା ଅପେକ୍ଷା ତୁମ ସାଙ୍ଗରେ ଯଦି ହଜାର ହଜାର ଜନତା ଛିଡ଼ା ହୁଅନ୍ତି । ତୁମେ କ'ଣ ଚାହିଁବ ନାହିଁ ଯେ ଏ ସ୍ୱାଧୀନତା ସଂଗ୍ରାମରେ ତୁମ ଆମ ଭଳି ମୁଷ୍ଟିମେୟ କେତେ ଲୋକଙ୍କ ଅପେକ୍ଷା ସମଗ୍ର ଦେଶବାସୀ ଆସି ସେମାନଙ୍କ ଅଧିକାର ସାବ୍ୟସ୍ତ କରନ୍ତୁ ।

ପ୍ରଶାନ୍ତ : ସେ ତ ଅତି ଉତ୍ତମ କଥା ।

ପ୍ରଦୀପ : କିନ୍ତୁ ସେ କଥା ସମ୍ଭବ ହେବ କିପରି । ସମସ୍ତେ କ'ଣ ବନ୍ଧୁକ ଧରି ବ୍ରିଟିଶ ବାହିନୀର ସାମନା କରିପାରିବେ ?

ବିନୋଦ : ତା'ହେଲେ ତ ଗୋଟିଏ ମୁହୂର୍ତ୍ତରେ ଏ ଦେଶ ସ୍ୱାଧୀନ ହୋଇଯିବ । ଏଥିରେ ଭାବିବାର କ'ଣ ଅଛି ।

ପ୍ରଦୀପ : ଏହା ଅସମ୍ଭବ । ଆମ ଲୋକଙ୍କ ପାଖରେ ଏତେ ସାହସ କାହିଁ ?

ସୁଦର୍ଶନ : ସାହସ ଅଛି । ତାକୁ ଉଦ୍‌ବୁଦ୍ଧ କରିବାକୁ ପଡ଼ିବ ।

ଧରଣୀ : କିନ୍ତୁ କିମିତି ?

ସୁଦର୍ଶନ : ପ୍ରଥମେ ଆମକୁ ତାଙ୍କର ବିଶ୍ୱାସ ଭାଜନ ହେବାକୁ ପଡ଼ିବ ।

ବିନୋଦ : ମାନେ ?

ସୁଦର୍ଶନ : ତାଙ୍କର ବିଶ୍ୱାସ ହେବା ଦରକାର ଯେ ଆମେ ତାଙ୍କରି ଅଧିକାର ପାଇଁ ସଂଗ୍ରାମ କରୁଛୁ । ତଙ୍କର ସ୍ୱାର୍ଥ ପାଇଁ ଆମେ ମୃତ୍ୟୁବରଣ କରୁଛୁଁ । ତା'ହେଲେ ଆମ ଭିତରୁ ଜଣକର ମୃତ୍ୟୁରେ ଶହଶହ ଜନତା ଶହୀଦ ହେବା ପାଇଁ ଆଗେଇ ଆସିବେ । ଫଳରେ ବ୍ରିଟିଶ ଶାସକ ପଛକୁ ଫେରିବାକୁ ବାଧ୍ୟ ହେବେ ।

(ଅନ୍ୟମାନେ ଜଣେ ଜଣକୁ ଅନାଇଲେ)

ସୁଦର୍ଶନ : ଦାଣ୍ଡିଯାତ୍ରାର ଘଟଣା । ଏହାର ପ୍ରମାଣ କରିଦେଇଛି । ହଜାର ହଜାର ନିରସ୍ତ୍ର ଜନତାଙ୍କୁ ଧରାଶାୟୀ କଲାପରେ ବି ଲକ୍ଷଲକ୍ଷ ସଂଖ୍ୟାରେ ଜନତା ମୃତାହତ ହେବାକୁ ଆଗେଇ ଆସିଛନ୍ତି । ବାଧ୍ୟ ହୋଇ ବ୍ରିଟିଶ ବାହିନୀକୁ ନିରସ୍ତ୍ର ହେବାକୁ ପଡ଼ିଛି ।

Digitized by PPRACHIN, SOA

ପ୍ରଦୀପ : ଆମେ କିନ୍ତୁ ଆଜି ରାତିରେ ପୋଲିସ୍ ଥାନା ଉପରେ ସଶସ୍ତ୍ର ଆକ୍ରମଣ କରିବାର ସମସ୍ତ ଯୋଜନା ଚୂଡ଼ାନ୍ତ କରି ସାରିଛୁ ।

ସୁଦର୍ଶନ : ଲାଭ କ'ଣ ଅଛି । ତୁମ ଆକ୍ରମଣରେ ହୁଏତ ୨/ ୪ ଜଣ ପୋଲିସ୍ ମରିବେ । କିନ୍ତୁ ଏହା ଦ୍ୱାରା ବ୍ରିଟିଶ ସରକାରଙ୍କର ବିଶେଷ କିଛି କ୍ଷତି ହେବ ନାହିଁ । କାରଣ ଏହି ସବୁ ପୋଲିସ୍‌ମାନେ ଇଂରେଜ ନୁହନ୍ତି । ଭାରତୀୟ, ଆଉ ସେଇ ଯୁଦ୍ଧରେ ତୁମମାନଙ୍କ ସଂଖ୍ୟାରୁ ମଧ୍ୟ କିଛି କମି ଯାଇପାରେ । ମୋଟା ମୋଟି ଦୁଇ ପକ୍ଷରୁ କେବଳ ଭାରତୀୟମାନେ ହିଁ ମୃତାହତ ହେବେ । ତୁମେ ଟିକିଏ ଚିନ୍ତା କରି ଦେଖ । ଆମେ ଯଦି ଏମିତି କାମ କରନ୍ତେ ଯେମିତି ଆମ ଦଳରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂଖ୍ୟା କ୍ରମ ବଢ଼ି ଚାଲିବ । ଆଜି ଶହ ଶହ ସଂଖ୍ୟାରେ ଅଛନ୍ତିତ । କାଲି ହଜାର ହଜାର ସଂଖ୍ୟାରେ । ପଥରି ଦିନ ଲକ୍ଷଲକ୍ଷ ସଂଖ୍ୟାରେ ସ୍ୱାଧୀନତା ସଂଗ୍ରାମୀ ଆସି ସହିତ ସାମିଲ ହୋଇ ବ୍ରିଟିଶ ବାହିନୀ ଆଗରେ ଛାତି ପତାଇ ଦେବେ । ତା'ହେଲେ ଯାଇ ଆମେ ଜିଣିପାରିବା, ତେଣୁ ମୋ'କଥା ମାନି ଭାରତୀୟଭାଇମାନଙ୍କୁ ହତ୍ୟା ନକରି ଚାଲ ସେମାନଙ୍କୁ ଉଦ୍‌ବୁଦ୍ଧ କରି ବ୍ରିଟିଶ୍ ବାହିନୀ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବାକୁ ଆହ୍ୱାନ କରିବା ତା'ହେଲେ ଆମର ବିଜୟ ସୁନିଶ୍ଚିତ ।

ପ୍ରଶାନ୍ତ : କିନ୍ତୁ ଏହା କ'ଣ ସମ୍ଭବ ?

ସୁଦର୍ଶନ : ଅସମ୍ଭବ ହେବ କାହିଁକି ? ଏମିତି ବହୁ ଚାକିରିଆ ଇଂରେଜମାନଙ୍କର ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଛନ୍ତି । କାରାବରଣ କରିଛନ୍ତି । ଏପରି କି ଜୀବନ ମଧ୍ୟ ଦେଇଛନ୍ତି । ଏମିତି ଗୋଟିଏ ଦୁଇଟା ନୁହେଁ ହଜାର ହଜାର ପ୍ରମାଣ ଅଛି ।

ପ୍ରଦୀପ : ସେ କଥା ଅବଶ୍ୟ ସତ ।

ପ୍ରଦର୍ଶନ : ସେଇଥିପାଇଁ କହୁଛି ଆସ ଆମେ ମିଳି ମିଶି କାମ କରିବା ଦେଶବାସୀ ସମସ୍ତଙ୍କୁ ସାଙ୍ଗରେ ନେଇ ସଂଗ୍ରାମ କରିବା ।

ବିନୋଦ : ତା'ହେଲେ ଆଜି ରାତିର ପ୍ରୋଗ୍ରାମ୍ ।

ସୁଦର୍ଶନ : କାର୍ଯ୍ୟକୁ ସ୍ଥଗିତ କରିଦିଅ । କାଲି ସକାଳେ ଆମେ ଅହିଂସା ଭାବରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଥାନା ଘେରାଉ କରିବାର ଯୋଜନା କରିବୁ ଶେଷରେ ଯାଇ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା । ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାକୁ ଆହ୍ୱାନ କରିବା ।

ପ୍ରଶାନ୍ତ : କିନ୍ତୁ ଶୋଭାଯାତ୍ରା କରିବେ କେମିତି ?

ପ୍ରଦୀପ : ସେମାନେ ଯଦି ଗୁଳି ଚଳାନ୍ତି ?

ସୁଦର୍ଶନ : ଶହୀଦ ହୋଇଯିବା, ସେଥିପାଇଁ ଏତେ ଡର କାହିଁକି ?

ଧରଣୀ : ଏଇଟା ତ ଆତ୍ମହତ୍ୟା ସାଙ୍ଗେ ସମାନ ।

ସୁଦର୍ଶନ : ଆତ୍ମହତ୍ୟା ନୁହେଁ ବୀରତା ହସିହସି ବନ୍ଧୁକ ଆଗରେ ଛାତିପତାଇ ଦେବା କମ୍ ସାହସର କଥା ନୁହେଁ ବନ୍ଧୁ । ଯଦି ତୁମର ଇଚ୍ଛା ନହୁଏ ତା'ହେଲେ ସେ ଶୋଭାଯାତ୍ରା ଆଗରେ ମୁଁ ଠିଆ ହେବି, ସେଥିପାଇଁ ତୁମେ ଚିନ୍ତା କରନି ।

Digitized by PPRACHIN, SOA

ପ୍ରଦୀପ : ଆମର ସାହସ ମଧ୍ୟ କିଛି କମ୍ ନୁହେଁ ମଉସା ।

ସୁଦର୍ଶନ : ସେ କଥା ମୁଁ ଜାଣେ । କାଲି ଆଗେ ଶୋଭାଯାତ୍ରାର ଆୟୋଜନ କରିବୁ । ଆମର ଇଚ୍ଛା ତୁମେ ମଧ୍ୟ ଆମ ସଙ୍ଗରେ ସାମିଲ ହୋଇ ଦେଖ କ'ଣ ହଉଚି ।

ପ୍ରଶାନ୍ତ : କ'ଣ କହୁଛୁ, ପ୍ରଦୀପ ?

ପ୍ରଦୀପ : ତୁମେମାନେ ଯାହା କହିବ ।

ବିନୋଦ : ଆମେ ତୋ ମୁହଁରୁ ଶୁଣିବାକୁ ଚାହୁଁ ।

ପ୍ରଦୀପ : ମୋର କିଛି ଆପତ୍ତି ନାହିଁ ।

ଧରଣୀ : ତା'ହେଲେ ଆମେ ମଧ୍ୟ ପ୍ରସ୍ତୁତ ।

ପ୍ରଦୀପ : ବନ୍ଦେ ମାତରମ୍ (ପ୍ରସ୍ଥାନ)

(ସେମାନେ ଗଲାପରେ ସୁଦର୍ଶନ ବାବୁ ପୁଣି ଯାଇ ଅରଟରେ ସୂତା କାଟିଲେ, ବାହାରୁ ରତ୍ନାକର ପ୍ରବେଶ)

ରତ୍ନାକର : ଆଉ କ'ଣ ସବୁ ଭଲ ତ ?

ସୁଦର୍ଶନ : ଆରେ କିଏ ରତ୍ନାକର, କୁଆଡ଼େ ଆସିଲୁ, ଆ, ବସ୍ ।

ରତ୍ନାକର : ମୁଁ ଏଠାକୁ ବସିବାକୁ ଆସିନି ।

ସୁଦର୍ଶନ : ମୁଁ ଜାଣେ ବ୍ରିଟିଶ ସରକାରଙ୍କର ପୋଲିସ୍ ଇନସ୍ପେକ୍ଟର ହେବା ଦିନଠାରୁ ଯେଉଁ ବନ୍ଧୁ ରତ୍ନାକର ଏ ଘରର ରାସ୍ତା ଭୁଲି ଯାଇଥିଲା । ସେ ଆଜି ଏମିତି ହଠାତ୍ ଚାଲି ଆସିଲା କେମିତି । ବାଟ ଭୁଲି ଚାଲି ଆସିଲୁ କିରେ ?

ରତ୍ନାକର : ସରକାରୀ ଡିଉଟିରେ ଆସିଛି ।

ସୁଦର୍ଶନ : କିନ୍ତୁ ଏଠିକି କାହିଁକି ?

ରତ୍ନାକର : ମିଟିଙ୍ଗ ସରିଲାଣି ?

ସୁଦର୍ଶନ : ତୁ ତ ଜାଣୁ । ଆମେ ଯାହାକରୁ ସରକାରଙ୍କୁ ଜଣେଇ କରୁ । ପୋଲିସ୍ ସାମ୍ନାରେ କରୁ । ଆମେ ଲୁଚାଛପା କିଛି କରୁନା । କାରଣ ଯାହା କରୁଛୁ । ଦେଶ ପାଇଁ କରୁଛୁ ଅହିଂସା ବଳରେ କରୁଛୁ । ମୋର ମିଟିଙ୍ଗ କରିବାର ହେଲେ ଥାନା ଆଗରେ କରିବି । ତୁମକୁ ଜଣାଇ ମିଟିଂ କରିବି ।

ରତ୍ନାକର : ମୁଁ ଖବର ପାଇଛି ଯେ ତୋ ଘରେ ଆଜି କ୍ରାନ୍ତିକାରୀମାନଙ୍କର ଗୁପ୍ତ ବୈଠକ ହେବାର ଅଛି ।

ସୁଦର୍ଶନ : କ୍ରାନ୍ତିକାରୀମାନଙ୍କ ସହ ମୋର ସଂପର୍କ କିଛି ନାହିଁ । ତା'ଛଡ଼ା କ୍ରାନ୍ତିକାରୀ ବୋଲି ତୁ କାହାକୁ କହୁଛୁ ? ଆଜି ଏ ଦେଶର ପ୍ରତ୍ୟେକ ଯୁବକ ଯୁବତୀ ସ୍ୱାଧୀନତା ପାଇଁ ଶହୀଦ ହେବାକୁ ତିଆର୍ । ତୋ' ପାଖରେ ସବୁ ଯୁବକ ଯୁବତୀ କ'ଣ କ୍ରାନ୍ତିକାରୀ ? ତା'ଛଡ଼ା ବନ୍ଧୁପୁତ୍ର ଭାବେ କାଲି ପ୍ରଦୀପ ଯଦି ଆମ ଘରକୁ ବୁଲି ଆସେ ? ତାକୁ ବି ତ ତୁ ସନ୍ଦେହ କରିବୁ ନିଶ୍ଚୟ ?

ରତ୍ନାକର : ଦେଖ ସୁଦର୍ଶନ ! ବନ୍ଧୁ ବୋଲି ତୋତେ ଛାଡ଼ି ଦେଉଛି ବୋଲି କେବେ ଭାବନା । ତୋର ଭାଗ୍ୟ ଭଲ ଯେ ତୋତେ ଅଭିଯୁକ୍ତ କରିବାର ଯଥେଷ୍ଟ ପ୍ରମାଣ ମୁଁ ପାଇନି ତଥାପି ତୋତେ ସତର୍କ କରାଇ

Digitized by PPRACHIN, SOA

ଦେଉଛି । ଯଦି କେଉଁଦିନ ସେଇ ସଶସ୍ତ୍ରବାଦୀ କ୍ରାନ୍ତିକାରୀଙ୍କ ସହ ତୋର ସମ୍ପର୍କ ମୋ' ନଜରକୁ ଆସେ ତା'ହେଲେ ସେଦିନ ତୋତେ ଆରେଷ୍ଟ ନକରି ଛାଡ଼ିବି ନାହିଁ ।

ସୁଦର୍ଶନ ଆପେ ଯିଏ ମରିବା ପାଇଁ ତିଆର୍ ହେଲାଣି ତାକୁ ଆରେଷ୍ଟର ଧମକ ଦେଇ ଲାଭ କ'ଣ ଅଛି ବନ୍ଧୁ । ତେବେ ତୋତେ ମଧ ଗୋଟିଏ କଥା କହି ରଖେ । ତୁ ଜଣେ ଭାରତୀୟ ହୋଇ ଭାରତୀୟମାନଙ୍କ ଉପରେ ଯେମିତି ଅତ୍ୟାଚାର କରୁଛୁ ତାକୁ ଆମେ ସହି ପାରୁଛୁ ସିନା କିନ୍ତୁ କ୍ରାନ୍ତିକାରୀ କେବେ ହେଲେ ସହିବେ ନାହିଁ, ହୁଏତ ରକ୍ତର ମୂଲ୍ୟ ତୋତେ ରକ୍ତରେ ଦେବାକୁ ପଡ଼ିପାରେ, ହୁସିଆର ।

ରତ୍ନାକର ମୁଁ ଏଠିକି ତୋର ଉପଦେଶ ଶୁଣିବାକୁ ଆସିନି ବୁଝିଲୁ ।

ସୁଦର୍ଶନ ଆଉ କ'ଣ ଉପଦେଶ ଦେବାକୁ ଆସିଛୁ । କିଛି ଲାଭ ନାହିଁ । ବୁଝିଲୁ ।

ରତ୍ନାକର : ଠିକ୍ ଅଛି (ପ୍ରସ୍ଥାନ)

ସପ୍ତମ ଦୃଶ୍ୟ (ରତ୍ନାକରଙ୍କ ଘର)

(ପୋଲିସ୍ ପୋଷାକରେ ଘର ଭିତରକୁ ରାଗ ଜରଜର ହୋଇ ପଶି ଆସିଲେ ରତ୍ନାକର)

ରତ୍ନାକର : ସୁମତୀ–ସୁମତୀ

ସୁମତୀ କ'ଣ ହେଲା ?

ରତ୍ନାକର : ପ୍ରଦୀପ କାହିଁ ?

ସୁମତୀ : ମୁଁ କେମିତି ଜାଣିବି ? ବଜାର ଆଡ଼କୁ ଯାଇଥିବ ।

ରତ୍ନାକର : ତୁମକୁ ବାରମ୍ବାର ମନା କରିଥିଲି ତାକୁ ବାହାରେ ବେଶୀ ବୁଲିବାକୁ ଛାଡ଼ ନାହିଁ ବୋଲି । ମୋ' କଥା ଶୁଣୁନ ଦିନକୁ ଦିନ ତା'ର ମତି ଗତି ଖରାପ ହେଲାଣି ।

ସୁମତୀ : ସେ ତ ସେମିତି ପିଲା ନୁହେଁ, କ'ଣ କଲା ?

ରତ୍ନାକର : ମୋ' କାନ କାଟିବାକୁ ତିଆରି ହେଲାଣି ।

ସୁମତୀ : ମାନେ... ?

ରତ୍ନାକର : ମାନେ ଆଉ କ'ଣ ସେଇ ଗାନ୍ଧୀବାଦୀ ସୁଦର୍ଶନ ପାଲରେ ପଡ଼ି ସରକାର ବିରୁଦ୍ଧରେ ଲଢ଼େଇ କରିବାର ଯୋଜନା କଲାଣି ।

ସୁମତୀ : ମଲା ମଲା, ଏବେ ତ ଏଇଠି ବସି କ'ଣ ବହି ପଢୁଥିଲା ଯା ଭିତରେ ଏତେ କାଣ୍ଡ କଲାଣି କେତେବେଳେ ? ଆଜି ଆସୁ ସେ ।

ରତ୍ନାକର : ତୁମକୁ ଚେତେଇ ଦେଉଛି ତାକୁ ବୁଝାବୁଝି କରି ବାଟକୁ ଆଣ ନହେଲେ ଫଳ ଭଲ ହେବ ନାହିଁ । ସେତେବେଳେ ଆଉ ମୋତେ ଦୋଷ ଦେବ ନାହିଁ – କହି ଦେଉଛି ।

ସୁମତୀ ମଲା ମଲା ସବୁ ଦାୟିତ୍ୱ ଯେମିତି ଏକା ମୋର – ତୁମେ ତା' ବାପା ହୋଇଛ । ତାକୁ ତାଗିଦ୍ କରି ଦେଉନ ।

Digitized by PPRACHIN, SOA

ରତ୍ନାକର : ଏତେ ଲୋକଙ୍କୁ ଶାସନ କରୁଛି ଆଉ କ'ଣ ନିଜ ପୁଅକୁ ଶାସନ କରିପାରନ୍ତି ନାହିଁ । କେବଳ ତୁମରି ପାଇଁ ମୁଁ ତାକୁ ଶାସନ କରିପାରୁନି । ମୋର ଦୁର୍ବଳତାର ବହୁତ ଫାଇଦା ତୁମେ ମା' ପୁଅ ଉଠେଇଲଣି । ଏଥର କିନ୍ତୁ ଆଉ ନୁହେଁ ଦରକାର ପଡ଼ିଲେ ତୁମ ଦି'ଜଣଙ୍କୁ ଶାସନ କରିବି – ବୁଝିଲ ।

ସୁମତୀ : ତୁମେ ଯାହା କରୁଛ କର ହେଲେ ମୋ ପୁଅର କିଛି ହେଲେ ଏ ଜୀବନ ରଖିବି ନାହିଁ । କହି ଦେଉଛି । (ଏତିକି ବେଳେ ପ୍ରଦୀପ ପ୍ରବେଶ)

ସୁମତୀ : କୁଆଡ଼େ ଯାଇଥିଲୁ ?

ପ୍ରଦୀପ : ଏଇଠିକି ?

ରତ୍ନାକର : କୋଉଠିକି ?

ପ୍ରଦୀପ : ବଜାରକୁ... ।

ରତ୍ନାକର : ଆଉ କ'ଣ ସବୁ ଆଲୋଚନା ହେଲା ?

ପ୍ରଦୀପ : (ଥତମତ ହୋଇ) ଆଲୋଚନା ? କିଛି ନାହିଁ ? କୋଉଠି ?

ରତ୍ନାକର : ବଜାରରେ ।

ପ୍ରଦୀପ : କାହିଁ ନା ତ ?

ରତ୍ନାକର : ତମ ସୁଦର୍ଶନ ବାବୁଙ୍କ ଅଫିସ୍‌ଘରେ ।

ପ୍ରଦୀପ : କାହିଁ ନା ତ ସେମିତି କିଛି ଆଲୋଚନା ତ ହୋଇନି ।

ରତ୍ନାକର : ତା'ମାନେ ତୁ ସେଠାକୁ ଯାଇଥିଲୁ ।

ପ୍ରଦୀପ : (ନୀରବ)

ରତ୍ନାକର : ତୁ ଜାଣିଛୁ ତୁ ଜଣେ ପୋଲିସ୍‌ର ପୁଅ । ଆଉ ସେ ସୁଦର୍ଶନ ଜଣେ ଗାନ୍ଧୀବାଦୀ । ତା' ସତ୍ତ୍ୱେ... ।

ପ୍ରଦୀପ : ସେ କିନ୍ତୁ ଦେଶ ଦ୍ରୋହୀ ନୁହେଁ ।

ରତ୍ନାକର : (ବାଡ଼େଇଲେ) ମୋ କଥା ଉପରେ ଜବାବ ଦେଉଛୁ ?

ସୁମତୀ : ତୁ କାହିଁକି ସେଠିକି ଯାଇଥିଲୁ କହ ?

ପ୍ରଦୀପ : (ନୀରବ)

ରତ୍ନାକର : ସେ କ'ଣ କହିବ – ମୁଁ କହୁଛି ଶୁଣ । ସେ ଯାଇଥିଲା ଦେଶ ପ୍ରେମୀ ହେବାକୁ । ସ୍ୱାଧୀନତା ସଂଗ୍ରାମୀ ହେବାକୁ । ଥାନା ଉପରୁ ସରକାରଙ୍କର ପତାକା କାଢ଼ି ତାଙ୍କ ପତାକା ଲଗାଇବାକୁ । ଚଉରି ଚଉରା ହତ୍ୟାକାଣ୍ଡ ଭଳି, ଏଠି ଗୋଟିଏ ହତ୍ୟାକାଣ୍ଡ କରି ବାପାମା'ଙ୍କୁ ପୋଡ଼ି ମାରିବାକୁ । ଦେଶଯାକ ସମସ୍ତେ ବାହାବାହା କରିବେ । ଦେଶପ୍ରେମୀ ହବ । ଅନେଇଛ କ'ଣ ? ସତ କି ମିଛ ତାକୁ ପଚାର ?

ସୁମତୀ : ହଇରେ ପ୍ରଦୀପ...ତୁ ଶେଷରେ ଆମକୁ ମାରି ଦେବାକୁ ବସିଛୁ । କ'ଣ ଆମେ ତୋର ଅପରାଧ କରିଛୁରେ – ଏତେ ଠାକୁର ପୂଜି ତୋତେ ଜନମ କରିଥିଲି କ'ଣ ଏଇଥିପାଇଁ ? ମୋ କର୍ମରେ ପୁଣି ଏଇଆ ଥିଲା...(କାନ୍ଦିଲେ)

Digitized by PPRACHIN, SOA

ପ୍ରଦୀପ   ବୋଉ ! ଏ ସବୁ ମିଛ କଥା । ତୋ'ରାଣ ପକେଇ କହୁଛି – ତୁମକୁ ମୁଁ କାହିଁକି ମାରିବି ।

ରତ୍ନାକର   ଆଉ ଥାନା ଉପରେ ଚଢ଼ାଉ କରିବା କଥା କ'ଣ ମିଛ କଥା ?

ପ୍ରଦୀପ   ଏ କଥା ତୁମକୁ କିଏ କହିଛି ?

ରତ୍ନାକର   ଯିଏ କହୁ ? ମୁଁ ଯାହା ପଚାରୁଛି ତା'ର ଉତ୍ତର ଦେ... ?

ପ୍ରଦୀପ   ହଁ ତା' ବି ମିଛ କଥା ।

ରତ୍ନାକର   ଆରେ ଯେଉଁମାନେ ତୋର ବାପାଙ୍କୁ ବିଭିନ୍ନ ଆଳରେ ହଇରାଣ କରୁଛନ୍ତି, ଅପଦସ୍ତ କରୁଛନ୍ତି । ତୁ ସେମାନଙ୍କୁ ସାହାଯ୍ୟ କରୁଛୁ ? ତୋତେ ଲାଜ ଲାଗୁନି ?

ପ୍ରଦୀପ   ବୋଉ କହୁଥିଲା – ମୋ ଜେଜେ କାଳେ ତାଙ୍କ ଜମିରେ ହଳକରୁଥିବାବେଳେ ଇଂରେଜ ସିପାହୀମାନେ ଜମିଦାର କଥାରେ ପଡ଼ି ମିଛଟାରେ ବାଡ଼ଇ ବାଡ଼େଇ ମାରି ଦେଇଥିଲେ ।

ରତ୍ନକର   ମୁଁ ସେତେବେଳେ ପୋଲିସ୍ ଚାକିରି କରିନଥିଲି ।

ପ୍ରଦୀପ   କିନ୍ତୁ ବଡ଼ ହୋଇ, ସେଇ ପିତୃ ହତ୍ୟାକାରୀର ଗୋଲାମି କରିବାକୁ ଆପଣ ଯଦି ଉଚିତ୍ ମନେ କଲେ ତା'ହେଲେ... ।

ରତ୍ନାକର   (ରାଗରେ) ପ୍ରଦୀପ ତୁ ସୀମା ବାହାରକୁ ଚାଲି ଯାଉଛୁ । (ସୁମତୀକୁ) ଦେଖ ଆଜି ରାତିରେ ସେ ଯେମିତି ଏ ଘରୁ ପଦାକୁ ଗୋଡ଼ ନକାଢ଼େ । ନହେଲେ ତୁମର ମଧ ଏ ଘରେ ସ୍ଥାନ ନାହିଁ । ସେମାନଙ୍କ କଥା ମୁଁ ବୁଝୁଛି । (ପ୍ରସ୍ଥାନ)

ସୁମତୀ   ହଇରେ ପ୍ରଦୀପ ସତରେ ତୁ କ'ଣ ଏଇଆ କରୁଛୁ, ଶେଷରେ ବାପା, ମା' ମୁହଁରେ କାଳି ବୋଳିବୁ ।

ପ୍ରଦୀପ   : ସ୍ୱାଧୀନତା, ସତ୍ୟାଗ୍ରହ, ଶହୀଦ ହେବା ଏ ସବୁ ହୃଦୟର ଭାଷା । ଏହାକୁ କହି ବୁଝେଇ ହୁଏନି ବୋଉ ।

ସୁମତୀ   : ତଥାପି ତୁ ତୋ ବାପା ବିରୁଦ୍ଧରେ ଯିବୁ ?

ପ୍ରଦୀପ   : ମୁଁ ତ ବାପାଙ୍କ ବିରୁଦ୍ଧରେ ଯାଉନି । ମୁଁ ମୋ ଦେଶ ସପକ୍ଷରେ ଛିଡ଼ା ହୋଇଛି । ମୋ' ମା'ର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି । ମୋର ଏ ସଂଗ୍ରାମ ବାପାଙ୍କ ବିରୁଦ୍ଧରେ ନୁହେଁ, ବ୍ରିଟିଶ ସରକାର ବିରୁଦ୍ଧରେ ।

ସୁମତୀ   ସରକାର ବିରୁଦ୍ଧରେ ଲଢ଼େଇ କରି କ'ଣ ପାଇବୁ ପ୍ରଦୀପ ?

ପ୍ରଦୀପ   : କ'ଣ ପାଇବି ? ତୋତେ ଗୋଟିଏ ଘଟଣା କହୁଛି ଶୁଣ । ଗଡ଼ଜାତ ଅଞ୍ଚଳରେ ପ୍ରଜାମେଳି ହେଉଥାଏ । ସରକାର ବିରୁଦ୍ଧରେ ଚାଷୀ ମୂଲିଆ, ଏକଜୁଟ ହୋଇ ବିଦ୍ରୋହ ଚଳେଇ ଥାନ୍ତି । କର, ଖଜଣା, ସବୁ ବନ୍ଦ କରି ଦିଆଯାଇଥାଏ । ଖବର ପହଞ୍ଚିଲା କଲେକ୍ଟରଙ୍କ ପାଖରେ ସେ ସଶସ୍ତ୍ର ଫଉଜ ପଠେଇ ଦେଲେ ବିଦ୍ରୋହ ଦମନ କରିବାକୁ । ବାଟରେ ପଡ଼ିଲା ନଈ । ବର୍ଷାଦିନ, ନଈରେ ପାଣି ଭରପୂର ନଉକା ନାହିଁ । ଅନେଇ ଦେଖିଲେ ନଈ ଆରପଟ ଘାଟରେ ନୌକାଟିଏ ବନ୍ଧା ହୋଇଛି । ସେଥିରେ ବାଳକଟିଏ ବସିଛି । ୧୨ ବର୍ଷର ବାଳକଟିଏ । ଫଉଜ ଡାକିଲେ ଏ ଲଡ଼କା – ନୌକା ଆଣ...ଆମେ ନଈ ପାର ହେବୁ । ବାଳକ କହିଲା ତୁମେ କିଏ କୁଆଡ଼େ ଯିବ । ଫଉଜ କହିଲେ ଆମେ କମ୍ପାନୀ ବାହାଦୂରର ଫଉଜ । ଗାଁକୁ ଯିବୁ – ପ୍ରଜାମେଳି ଭାଙ୍ଗିବୁ । ବାଳକ କହିଲା ସେ କଥା ହବ ନାହିଁ । ମୁଁ ଡ଼ଙ୍ଗା ନେବି ନାହିଁ । ଫଉଜ କହିଲେ ତୋତେ ଆମେ ବକ୍‌ସିସ୍ ଦେବୁ ।

Digitized by PPRACHIN, SOA

ବାଳକ କହିଲା ମୋତେ ବକ୍‌ସିସ୍ ଦେଇ ମୋରି ଗାଁରେ ନିଆଁ ଲଗେଇବ ସେ କଥା ହବ ନାହିଁ । ଫଉଜ ତାକୁ ଧମକେଇ କହିଲେ ନଈ ପାରି ନକଲେ ଆମେ ତୋତେ ଗୁଳି କରି ଦେବୁ । ବାଳକ କହିଲା ତଥାପି ମୁଁ ତୁମକୁ ନଈ ପାର କରେଇ ଦେବି ନାହିଁ । (ପ୍ରଦୀପ ନୀରବ ହୋଇଗଲା)

ସୁମତୀ : ତା'ପରେ କ'ଣ ହେଲା ?

ପ୍ରଦୀପ : କ'ଣ ଆଉ ହେବ ? ଫଉଜ ଗୁଳି ଚଢ଼େଇଲେ । ଆଉ ୧୨ ବର୍ଷର ସାହସୀ ବୀର ବାଜିରାଉତ ସେଇ ନାଆ ଉପରେ ଶହୀଦ ହୋଇଗଲା ।

ସୁମତୀ ଛି ଛି – ଏଇ ବାର ବର୍ଷର ଛୁଆଟାକୁ ମାରି ସେମାନେ ପାଇଲେ କ'ଣ କେଜାଣି ?

ପ୍ରଦୀପ : ସେମାନେ କିଛି ପାଇଲେ ନାହିଁ ସତ ହେଲେ ସେଇ କୋମଳ ଶିଶୁ ବାଜି ରାଉତ କ'ଣ ପାଇଲା ଜାଣୁ, ପାଇଲା ଶହୀଦର ସମ୍ମାନ । ଦେଶପ୍ରେମୀ ଜନତା ତାକୁ ନତ ମସ୍ତକରେ ସମ୍ମାନ ଜଣାଇଲା । ଆଖିର ଲୁହରେ ତା' ପାଦ ଧୋଇ ଦେଲା ବୁଝିଲୁ ଏ ଗୋଟିଏ ବାଜି ରାଉତର ମୃତ୍ୟୁରୁ ଅସଂଖ୍ୟ ବାଜିରାଉତ ସୃଷ୍ଟି ହୋଇ ମାତୃଭୂମିର ସ୍ୱାଧୀନତା ପାଇଁ ଶପଥ ନେଲେ ।

ସୁମତୀ : ସତରେ ଧନ୍ୟ ତା'ର ବାପା ମା' । ଧନ୍ୟ ସେମାନଙ୍କ ଜୀବନ ।

ପ୍ରଦୀପ : ଏମିତି ନିଜ ଜୀବନକୁ ଧନ୍ୟ କରିବା ପାଇଁ ଏ ଦେଶର ହଜାର ହଜାର ବାପ ମା' ତାଙ୍କ ପୁଅ ଝିଅଙ୍କୁ ମାତୃଭୂମି ପାଇଁ ଉତ୍ସର୍ଗ କରି ଦେଉଛନ୍ତି ବୋଉ ! ତୁ କ'ଣ ସେମାନଙ୍କ ଭିତରୁ ଜଣେ ହୋଇ ପାରିବୁନି ବୋଉ ?

ସୁମତୀ : (ନୀରବରେ ପ୍ରଦୀପ ମୁହଁକୁ ଚାହିଁଲେ – ଦୀର୍ଘ ନିଃଶ୍ୱାସ ମାରିଲେ)

ପ୍ରଦୀପ : ତୁ ଚୁପ୍ ରହିଲୁ ଯେ ।

ସୁମତୀ : (ମୁହଁରେ ଶୁଖିଲା ହସଟିଏ ପୁଅ ମୁଣ୍ଡରେ ହାତ ବୁଲାଇ ଦେଲେ) ସେ ସମୟ ଆସିଲେ କହିବେ ଆ ଖାଇବୁ ।

ଅଷ୍ଟମ ଦୃଶ୍ୟ (ରତ୍ନାକରବାବୁଙ୍କ ଘର)

(ସମୟ ସକାଳ – ରତ୍ନାକର ବାବୁ ଗୋଟିଏ ଚେୟାର ଉପରେ ଆଉଜି କରି ଘୁମାଉଁ ଥିଲେ)

ସୁମତୀ : କିଏ କ'ଣ କହିଦେଲା ବୋଲି ରାତି ସାରା ଅନେଇ ବସିଛ ଯେ ସକାଳ ହେଲାଣି । ଏଥର ଯାଅ ପୋଷାକ ବଦଳାଇ ଘଡ଼ିଏ ଶୋଇପଡ଼ ।

ରତ୍ନାକର : ହଁ ଯାଉଛି ଟିକିଏ ଶୋଇବି । ପ୍ରଦୀପ କାହିଁ ?

ସୁମତୀ : ରାତି ସାରା ତାଲା ପକାଇ ରଖିଥିଲି ଯେ ଏଇନେ ପାଇଖାନା ଯିବ କହିବାରୁ ତାଲା ଖୋଲି ଦେଇଛି । ଝାଡ଼ା ଝପଟ ସାରି ଗାଧୋଇ ଥିବ କି କ'ଣ ।

ରତ୍ନାକର : ହଉ ହେଲା ତାକୁ ଏଣିକି ବାହାରକୁ ଛାଡ଼ିବ ନାହିଁ ବୁଝିଲ ।

(ସୁମତୀ ଚେୟାର ସଜାଡ଼ି ରଖୁଥିଲେ ବାହାରୁ ରଘୁ କନେଷ୍ଟବଳ ଆସିଲା)

ରଘୁ : ଓଳିକି ହେଉଛି ମା' ।

Digitized by PPRACHIN, SOA

ସୁମତୀ	କିରେ ରଘୁ ଆଜି ଏତେ ଡେରି କାହିଁକି ?

ରଘୁ	ସେ କଥା କାହିଁକି କହୁଛନ୍ତି ଆଜ୍ଞା । ଆମେ ତ ହେଲୁ ହୁକୁମର ଚାକର ଆମର ଧୋଇ ନା ...ଖରା ନା ବର୍ଷା – ।

ସୁମତୀ	କାହିଁକି କ'ଣ ହେଲା ?

ରଘୁ	ଆସୁ ଆସୁ ମଝିଆ ବାବୁଙ୍କ ବାବୁଆଣି ଫରମାଇସ୍ କଲେ ରଘୁ ଟିକିଏ ମାଛ ଆଣି ଦିଅନ୍ତୁ ନାଇଁ । ବଡ଼ଲୋକଙ୍କୁ ଉତ୍ତର ନାହିଁ । ବାଧ ହୋଇଗଲି, ସେଇଥିପାଇଁ ପରା ଡେରି ହୋଇଗଲା ।

ସୁମତୀ	କାହିଁକି ? ତାଙ୍କ ଅର୍ଦ୍ଦଳି ଆସି ନାହିଁ କି ?

ରଘୁ	: କାଲି ରାତିସାରା ପାରା ମିଛୁଟାରେ ମଶାମାରି ମାରି ସମସ୍ତେ ଥେଇଆ, କାହାରି ହୋସ୍ ନାହିଁ, ସକାଳ ପହରକୁ ସବୁ ବେହାଲ ହୋଇ ଚାରିକାତ ମେଲେଇ ଦେଇଛନ୍ତି ।

ସୁମତୀ	(ସୁମତୀ ହସିଲେ) ତୁମର ଯେଉଁକଥା... ।

ରଘୁ	ମିଛ କହୁ ନାହିଁ ମା', ଆମେ ସିନା ଚାକିରି କରୁଛୁ ବୋଲି । ନଇଲେ ଆମେ ତ ପୁଣି ମଣିଷ । ଆମର ତ ପୁଣି ବିଶ୍ରାମ ଅଛି ନା ନାହିଁ । କହନ୍ତୁ କ'ଣ ଆସିବ କି ନାହିଁ ।

ସୁମତୀ	: ସେ କଥା ପରେ – ଆଚ୍ଛା ସକାଳେ କ'ଣ ଖାଇଛ କି ନାହିଁ ?

ରଘୁ	: ଖାଇଲି ଆଉ କେତେବେଳେ ମା'...ରାତି ନପାହୁଣୁ ତ ଧାଇଁଛି...

ସୁମତୀ	ହଉ ବସ । ମୁଁ ଜଳଖିଆ ଆଣି ଦିଏ ।

ରଘୁ	: ସେଇଆ ମୁଁ କହେ ପରା । ଏ ଥାନାରେ ଯେତେ ଅଫିସର ଅଛନ୍ତି ବଡ଼ବାବୁଙ୍କ ମା'ଙ୍କ ଭଳି କେହି ଆମ ଦୁଃଖ କଥା ବୁଝିବେ ନାହିଁ । ହଉ ମା'–ମୁଁ ଏଇଠି ବସିବି...ହେଲେ ମା' ବଡ଼ବାବୁ ନାହାନ୍ତି କି ?

ସୁମତୀ	: ସେ ଶୋଇଛନ୍ତି...ତୁମେ ବସ...(ପ୍ରସ୍ଥାନ)

ରଘୁ	: ହଉ...ସମସ୍ତେ ଶୋଇବେରେ ରଘୁଆ । ହେଲେ ତୋର ନିଦ ପାଇଁ ୱାରେଣ୍ଟ ଜାରି ହୋଇଛି ।

ପ୍ରଦୀପ	: (ପ୍ରବେଶି) କ'ଣ ହେଲା କି ରଘୁ କାକା ? କୋଉଠି ୱାରେଣ୍ଟ ଜାରି ହେଲା କି ?

ରଘୁ	: ନାଇଁ ହେବାକୁ ଏମିତି ମଜାରେ କହୁଛି ନା...
ଦେଖୁ ନାହାଁନ୍ତି ! କାଲି ରାତିସାରା ଠିଆ ଉଜାଗରକୁ ସକାଳେ ପୁଣି ଡିଉଟି ।

ପ୍ରଦୀପ	: କାଲି ରାତି ଉଜାଗର କାହିଁକି ? କେଉଁଠି ଚୋର ଧରୁ ଥିଲ କି ?

ରଘୁ	: ତୁମେ ଜାଣିନ କି ବାବୁ ! କାଲି ଦ୍ୱିପ୍ରହରରେ କିଏ ଆସି ବଡ଼ବାବୁଙ୍କୁ ଖବର ଦେଲା ଯେ ଅଧରାତିରେ କ୍ରାନ୍ତିକାରୀମାନେ ଥାନା ଆକ୍ରମଣ କରି ଥାନା ଉପରୁ ପତାକା ଛଡ଼େଇ ନେବେ । ଆଉ ଯାଏ କୁଆଡ଼େ । ସାଙ୍ଗେସାଙ୍ଗେ ଆଦେଶ ଜାରି ହେଲା ସମସ୍ତ ସଶସ୍ତ୍ର ବାହିନୀ ସାରାରାତି ଚାହିଁ ଥାନା ପତାକା ଜାଗିବେ । କିହୋ ବାବୁ ଏ କ୍ରାନ୍ତିକାରୀଙ୍କର କିଛି ଡର ନାହିଁ ଥାନା ଉପରୁ ପତାକା ନବାକୁ ଆସିବେ । ମୁଁ ବୁଝିପାରୁନି ବାବୁ । ଥାନାରେ ଏତେ ଜିନିଷ ଥାଉଥାଉ ସେମାନେ ପତାକା ଖଣ୍ଡେ ନେବାକୁ ଆସିବେ କାହିଁକି ? ଆଉ ତାକୁ ନେଇବା କ'ଣ କରିବେ ?

Digitized by PPRACHIN, SOA

ପ୍ରଦୀପ : ସେଇଆ ପରା...! ଆଚ୍ଛା ଏ ଅଜବ କଥା ବଡ଼ବାବୁଙ୍କୁ କହିଲା କିଏ ?
ସେଇଟା ପାଗଳ ନୁହଁ କି ?

ରଘୁ : କିଏ କେଜାଣି ଗୋଟିଏ ଲୋକ ଚିଠି ନେଇ ତ ଆସିଥିଲା । ଚିଠି ପାଇ ବଡ଼ବାବୁ ତ ରାଗରେ ଖପା ହୋଇ ଥାନାରୁ ସିଧା ବସାକୁ ଧାଇଁଲେ । ତା'ପରେ ତ ଆଦେଶ ଜାରି ହେଲା । ସମସ୍ତେ ପତାକା ଜାଗିବେ । ବୁଝିଲେ ବାବୁ ମୁଁ ବହୁତ ଚୋର ଡକାୟତ ଦେଖିଛି ହେଲେ ଆଜିକାଲି ଏ ନୂଆ ହୋଇ ଏ ଯେଉଁ ପତାକାଚୋର ବାହାରିଛନ୍ତି ତାଙ୍କ କଥା ମୁଁ ଜମାରୁ ବୁଝି ପାରୁନାହିଁ ।

ସୁମତୀ : (ଜଳଖିଆ ବାଢ଼ିଲି) ନିଅ ଖାଅ ରଘୁ...ପ୍ରଦୀପ ଖାଇବାକୁ ଚାଲ...ମୁଁ ବାଢ଼ି ଦେଇଆସିଛି ।

ପ୍ରଦୀପ : ଯାଉଛି (ପ୍ରସ୍ଥାନ)

ରଘୁ : (ଖାଉ ଖାଉ) ବୁଝିଲ ମା' ଯାହା କୁହନ୍ତୁ ପଛେ ତମ ହାତ ତିଆରି ମାଲପୁଆ ଖାଇଲେ କେବେ ମୁହଁରୁ ଛାଡ଼ିବ ନାହିଁ ।

ସୁମତୀ : ତୁମ କଥା ହିଁ ଏମିତି ! ଆଚ୍ଛା ରଘୁ ! ସୁଦର୍ଶନ ବାବୁଙ୍କୁ ଜାଣିଛଟି...?

ରଘୁ : ତାଙ୍କୁ ଜାଣିବିନି...ଭଲ କରି ଜାଣିଛି ନା

ସୁମତୀ : ସେ କେମିତି ଲୋକ ?

ରଘୁ : ଲୋକ ହିସାବରେ ତ ବହୁତ ଭଲ ହେଲେ ଆମ ପୋଲିସ୍ ବାବୁମାନେ ତାଙ୍କୁ ଦେଖିଲେ କାହିଁକି ସହି ପାରନ୍ତି ନାହିଁ ।

(ଏତିକି ବେଳେ ପଶି ଆସିଲେ ପ୍ରଦୀପ)

ସୁମତୀ : କୁଆଡ଼େ ବାହାରିଲୁ !

ପ୍ରଦୀପ : ଏଇ ବଜାର ଆଡ଼େ ।

ସୁମତୀ : ନାଇଁ ଯାଅନା, ତୋ ବାପା ମନା କରିଛନ୍ତି ।

ପ୍ରଦୀପ : (ବୋଉ ପାଖକୁ ଆସି ବୋଉକୁ ଗେଲ କରି) ଆଚ୍ଛା କହିଲୁ ବୋଉ ବାପା କାହିଁକି ମୋତେ ବାହାରକୁ ଯିବାକୁ ମନା କରିଛନ୍ତି ?

ସୁମତୀ : ସେ ଭାବୁଛନ୍ତି ଯେଉଁମାନେ ସରକାର ସାଙ୍ଗରେ ଲଢୁଛନ୍ତି ତୁ କାଳେ ସେମାନଙ୍କ ସାଙ୍ଗରେ ମିଶୁଛୁ । କାଳେ କ'ଣ ହୋଇଯିବ । ତୁ ତ ଆମର ନଅଟା କି ଛଅଟା ନୁହଁ, ଗୋଟିଏ ବୋଲି ପୁଅ ।

ରଘୁ : କ'ଣ କହିଲ ମା', ସାନବାବୁ ସେମାନଙ୍କ ସାଙ୍ଗରେ ମିଶିବେ ? କାହିଁକି ମୋର ଜମାରୁ ବିଶ୍ୱାସ ହେଉନି ।

ପ୍ରଦୀପ : କହିଲ ରଘୁ କାକା । ମୁଁ କ'ଣ ଏକଥା କରିପାରେ ?

ରଘୁ : ନାଇଁ । କେବେ ନାଇଁ ଏ କଥା ମୁଁ ବିଶ୍ୱାସ କରିବି ନାଇଁ ।

ପ୍ରଦୀପ : ଆଚ୍ଛା କହିଲୁ ବୋଉ ! ତୁ କାହାର କ'ଣ ଏମିତି ଅନିଷ୍ଟ କରିଲୁ ଯେ ତୋ ପୁଅର ଅମଙ୍ଗଳ ହେବ ? ଆରେ ତୋ ଭଳି ମା'ର ଆଶୀର୍ବାଦ ପାଇଲେ ମୁଁ ତ ମୁଁ, ଯେ କୌଣସି ଲୋକ ପୃଥିବୀ ଜୟକରି

Digitized by PPRACHIN, SOA

ଆସିବ । ଦେଲୁ ଦେଲୁ ତୋ ପାଦ ଧୂଳି ଟିକିଏ ମୁଣ୍ଡରେ ବୋଳି ଦେଲୁ । ଦେଖିବୁ କିଛି ଅଘଟଣ ଘଟିବ ନାହିଁ ।

(ପାଦ ଧୂଳି ନେଇ ମୁଣ୍ଡରେ ମାଇଲେ)

ରଘୁ (ହସି) ଆମ ସାନବାବୁଙ୍କ ଯେଉଁକଥା ?

ପ୍ରଦୀପ ଏଣିକି ସବୁଦିନ ମୁଁ ବାହାରକୁ ଗଲାବେଳେ ତୋ ପାଦଧୂଳି ନେଇ ଯାଉଥିବି । ଆଉ ତୁ କହୁଥିବୁ ।

'ଯାଅ ବୀର ରଣେ ଦେଉଛି ମେଲାଣି ନକର ଦୁଃଖ ଭୟ

ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ'

ସୁମତୀ (ହସି) ଯା ।

ରଘୁ ଯାଆ ହେ ସାନବାବୁ ! ଦି'ଘେରା ବୁଲି ପଳେଇ ଆସିବ ।

(ପ୍ରଦୀପ ଚାଲିଗଲା)

ସୁମତୀ : (ପଛରୁ) ବେଶୀ ସମୟ ରହିବୁ ନାହିଁ, ଦୁଷ୍ଟାମୀ କରିବୁ ନାହିଁ । ଶୀଘ୍ର ପଳେଇ ଆସିବୁ ।

ରଘୁ ମା'ଙ୍କର ଯେଉଁ କଥା ।

ସୁମତୀ : ତୁମେ ଜାଣିନ ରଘୁ, ଇୟେ ନିଦରୁ ଉଠିଲେ ଜାଣିବେ ଯଦି ପ୍ରଦୀପ ଘରେ ନାହିଁ ତା'ହେଲେ ରାଗି ପାଚି ଲାଲ୍ ହୋଇଯିବେ ।

ରଘୁ : କାହିଁକି ମିଛଟାରେ ବ୍ୟସ୍ତ ହେଉଛନ୍ତି ମା' । ବାବୁ ପରା ରାତି ଅନିଦ୍ରା ହୋଇ ଶୋଇଛନ୍ତି । ତାଙ୍କ ନିଦ ଭାଙ୍ଗିଲା ବେଳକୁ ସାନବାବୁ ଫେରି ଆସି ନଥିବେ ।

ସୁମତୀ : ଖାଇସାରି ବଜାରକୁ ଯାଇ ପରିବା ଆଣି ଦେବ ବୁଝିଲ ।

ରଘୁ : ଆପଣ ବ୍ୟାଗ ଦିଅନ୍ତୁ ମୁଁ ଗଲି ଆଉ ଆସିଲି ବୋଲି ଜାଣନ୍ତୁ । (ସୁମତୀ ଘରକୁ ଗଲେ – ପଇସା ଓ ବ୍ୟାଗ ଆଣିଦେଲେ–ରଘୁର ପ୍ରସ୍ଥାନ–ଅନ୍ଧାର)

ନବମ ଦୃଶ୍ୟ

(ରତ୍ନାକର ବାବୁଙ୍କ ଘର ଦୂରରୁ କୋଳାହଳ ଶୁଭାଗଲା, ଘର ଭିତରୁ ଅସ୍ପଷ୍ଟ କୋଳାହଳ ଶୁଣାଗଲା, ଭିତରୁ ତର ତରରେ ବାହାରି ଆସି କାନେଇଲେ ସୁମତୀ – ବ୍ୟସ୍ତ ଭାବରେ ଘର ଭିତରକୁ ପଶିଯାଇ ସ୍ୱାମୀଙ୍କୁ ଡାକିଲେ)

ସୁମତୀ : ଏ ଶୁଣୁଛ ! ଉଠିଲ ଉଠିଲ କ'ଣ ସବୁ ଗଣ୍ଡଗୋଳ ହୋଇଛି କି କ'ଣ ? (ପ୍ରବେଶ କଲେ ରତ୍ନାକର ଓ ପଛେ ପଛେ ସୁମତୀ)

ରତ୍ନାକର (କାନେଇଁ) ହଁ କ'ଣ ଗୋଟିଏ ଗଣ୍ଡଗୋଳ ଭଳିଆ ଲାଗୁଛି । ବୋଧହୁଏ ବଜାର ଆଡ଼େ କ'ଣ ହେଉଛି ମୁଁ ଟିକିଏ ଦେଖି ଆସେ ରଘୁଆ କାହିଁ ?

ସୁମତୀ ବଜାର ଆଡ଼େ ଯାଇଛି ।

ରଘୁ : (ଧାଇଁ ଧାଇଁ) ସାର୍, ବଡ଼ ଅଘଟଣ ହେବାକୁ ଯାଉଛି ସାର୍ ।

Digitized by PPRACHIN, SOA

ରତ୍ନାକର : କ'ଣ ହୋଇଛି ?

ରଘୁ : ବଜାର ଆଡୁ ଗୋଟିଏ ବଡ଼ ଶୋଭାଯାତ୍ରାରେ ଶହଶହ ଲୋକ ଏଇ ଥାନା ଆଡ଼କୁ ଆସୁଛନ୍ତି ।

ରତ୍ନାକର : ଏଇଟା ନିଶ୍ଚୟ ସେଇ ବଦମାସ୍ ସୁଦର୍ଶନ କାଣ୍ଡ ହୋଇଥିବ ।

ରଘୁ : ହଁ ସାର୍ ସେଇତ ସବୁ ନାଟର ଗୋବର୍ଦ୍ଧନ ।

ରତ୍ନାକର : ଆଜି ତାକୁ ନେତାଗିରି କରିବା ଶିଖାଉଛି । ରହିଥା ଯା ଥାନା ଏ.ଏସ୍.ଆଇ. ମହାନ୍ତି ବାବୁଙ୍କ କହିବୁ ସଶସ୍ତ୍ର ବନ୍ଧୁକଧାରୀ ସିପାହୀମାନଙ୍କୁ ଥାନା ବାହାରେ କର୍ଡ଼ନ କରିଦେବେ । ମୁଁ ଡ୍ରେସ୍ ଚେଞ୍ଜକରି ଆସୁଛି । (ଭିତରକୁ ଯିବା ପାଇଁ ଥାନା ବାବୁ ପ୍ରସ୍ତୁତ ହେଲେ, ରଘୁର ପ୍ରସ୍ଥାନ ଉଦ୍ୟମ)

ସୁମତୀ : ଏ ଶୁଣିଲ ଆମ ପ୍ରଦୀପ ଘରେ ନାହିଁ । ବଜାରକୁ ଯାଇଛି ।

ରତ୍ନାକର : ଏସ୍.ପିଙ୍କୁ କହି ଲାଠିଆଳ ବାହିନୀକୁ ଆଗରେ ରଖି ବନ୍ଧୁକଧାରୀଙ୍କୁ ପଛରେ ରଖିବ ମୁଁ ଅର୍ଡ଼ର ନଦେବା ପର୍ଯ୍ୟନ୍ତ କେହି ଫାଇରିଙ୍ଗ୍ ନ କରନ୍ତି ଯେମିତି।

ରତ୍ନାକର : ପ୍ରଦୀପ କୁଆଡ଼େ ଗଲା ?

ସୁମତୀ : ଏଇ ଟିକିଏ ଆଗରୁ ବୁଲିବା ପାଇଁ କହି ବାହାରି ଗଲା । କୁଆଡ଼େ ଗଲା କେଜାଣି ତୁମେ ଟିକିଏ ରଘୁଆକୁ ପଠାଇ ଦେଖନ୍ତ ନାହିଁ ।

ରତ୍ନାକର : ଏ ରଘୁଆ (ରଘୁଆ ଫେରି ଆସିଲା ତୁ ପ୍ରଦୀପକୁ ସେଠି ଦେଖିଲୁ)

ରଘୁ : ନୀରବ

ରତ୍ନାକର : କିରେ କହୁନୁ କାହିଁକି

ରଘୁ : ହଁ ଆଜ୍ଞା ଗାନ୍ଧୀ ଟୋପି ପିନ୍ଧି ପତାକା ଖଣ୍ଡେ ଧରି ସେ ମଧ ଆଗରେ ଚାଲିଛନ୍ତି ।

ରତ୍ନାକର : (ସୁମତୀକୁ) ଦେଖିଲ ମୁଁ ତୁମକୁ ବାରମ୍ୱାର କହିଲି ତାକୁ ବଜାରକୁ ବୁଲିବାକୁ ଛାଡ଼ିବ ନାହିଁ । ମୋ କଥା ତ ମାନିଲେ ନାହିଁ ଏଥର ବୁଝିବ, କିଛି ସୁବିଧା, ଅସୁବିଧା ହେଲେ ଆଉ ମୋତେ ଦୋଷ ଦେବ ନାହିଁ କହୁଛି ।

ସୁମତୀ : ତୁମର ଗୋଡ଼ ଧରୁଛି ତୁମେ ସେମିତି କୁହନା – କ'ଣ ଗୋଟିଏ ବ୍ୟବସ୍ଥା କର । ଯେମିତି କିଛି ଅଘଟଣ ନ ଘଟେ ।

ରତ୍ନାକର : (ରଘୁ) ତୁ ଛିଡ଼ା ହୋଇଛୁ କାହିଁକି ? ଯାହା କହିଲି ଏସ୍.ପିଙ୍କୁ ଯାଇ କହ ।

(ରତ୍ନାକର ଭିତରକୁ ଗଲେ କ୍ରମେ କୋଳାହଳ ନିକଟରୁ ନିକଟତର ହେଲା । ରତ୍ନାକର ଡ୍ରେସ୍ ଅପ୍ ହୋଇ ବାହାରିଗଲେ)

ସୁମତୀ : (ପଛେ ପଛେ ଆସି) ହେ ପ୍ରଭୁ ଚକାଡ଼ୋଳା, ହେ ମା' ତାରିଣୀ ଏ ବାପ ପୁଅ ଦୁହିଁଙ୍କୁ ରକ୍ଷା କର ପ୍ରଭୁ । ସବୁ ତୁମକୁ ଲାଗିଲା । ମୁଁ ଚଣ୍ଡାଳ କାହିଁକି ପିଲାଟାକୁ ବୁଲିବାକୁ ପଠଉଥିଲି କେଜାଣି ।

(ଅନ୍ୟପଟରୁ ଶୋଭାଯାତ୍ରାର ଧ୍ୱନି କ୍ରମେ ସ୍ପଷ୍ଟତର ହେଲା) (ସ୍ଲୋଗାନ ଶୁଭିଲା)

ବନ୍ଦେ...ମା ତରମ୍

Digitized by PPRACHIN, SOA

ଭାରତ ମାତା କି...ଜୟ

ମହାତ୍ମାଗାନ୍ଧୀ କି...ଜୟ

ସୁମତୀ : ରଘୁ-ରଘୁ । ଆଗେ ମୁଁ କ'ଣ କରିବି । କିଏ ମୋତେ ଟିକିଏ ବୁଦ୍ଧି ଦିଅ । ହେ ପ୍ରଭୁ । ହେ ଦୀନବନ୍ଧୁ (ପୁଣି ବାହାରେ)

ସ୍ଲୋଗାନ ଆମେ ଚାହୁଁ...ପୂର୍ଣ୍ଣ ସ୍ୱରାଜ ମହାତ୍ମାଗାନ୍ଧୀ...ଦେଲେଣି ଡାକ

ବ୍ରିଟିଶ ବାହିନୀ...ଭାରତ ଛାଡ଼ ଇନ୍ କ୍ଲାବ୍...ଜିନ୍ଦାବାଦ୍

ରତ୍ନାକର : ସୁଦର୍ଶନ ! ତୁମକୁ ସାବଧାନ କରି ଦିଆଯାଉଛି । ତୁମେ ଏ ଶୋଭାଯାତ୍ରାକୁ ନେଇ ତୁରନ୍ତ ଏ ସ୍ଥାନ ଖାଲି କର ନହେଲେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ତୁମେ ହିଁ ଦାୟୀ ରହିବ ।

ସୁଦର୍ଶନ : ଏ ଦେଶର ପରିସ୍ଥିତିକୁ ତୁମେ ମାନେ ହିଁ ଗୋଳିଆ କରିଛ । ଅଫିସର୍ ପଛରେ ଗୋଲାମୀ କରି ଏ ଦେଶକୁ ଗୋଲାମ କରିଛ । ଏବେ ବି ସମୟ ଅଛି ଏ ଗୋଲାମିର ପୋଷାକ ପରିତ୍ୟାଗ କରି ନିଜ ମାତୃଭୂମିର ମୁକ୍ତି ପାଇଁ ଦେଶ ବାସୀଙ୍କ ସହିତ ଆଗେଇ ଆସ । ଏଇ ଜାତୀୟ ତ୍ରିରଙ୍ଗା ତଳେ ଠିଆ ହୋଇ ସଗର୍ବରେ କୁହ ବନ୍ଦେ...

ସମସ୍ତେ : ମା-ତରମ୍...

ସୁଦର୍ଶନ ଇନ୍ କ୍ଲାବ୍

ସମସ୍ତେ : ଜିନ୍ଦାବାଦ୍

ରତ୍ନାକର : ପୋଲିସ୍ ଫୋର୍ସ ଚାର୍ଜ...

(ଆର୍ତ୍ତ ଚିତ୍କାର ସହ ଭିତରୁ ବନ୍ଦେ ମା ତରମ ଓ ଇନ୍‌କ୍ଲାବ୍ ଜିନ୍ଦାବାଦର ଧ୍ୱନି ଶୁଣାଯାଉଥିଲା)

(ଧ୍ୱନି ଚିତ୍କାର କ୍ରମେ ଉଚ୍ଚରୁ ଉଚ୍ଚ ହୋଇ ହଠାତ୍ ଯେପରି ସବୁ ନୀରବ ହୋଇଗଲା)

(ଦେଖା ଗଲା, ଧରଣୀ ଓ ପ୍ରଶାନ୍ତ ମୃତ ପ୍ରଦୀପକୁ ଧରିନେଇ ଆସିଲେ । ମୃତ ପ୍ରଦୀପର ହାତରେ ଥିଲା ପତାକା, କାନ୍ଧରେ ଓହଳୁ ଥିଲା ବ୍ୟାଗଟିଏ ଓ ମୁଣ୍ଡ ରକ୍ତାକ୍ତ ଗାନ୍ଧୀଟୋପିକୁ ଧରିଥିଲା ପ୍ରଶାନ୍ତ । ସେମାନେ ପ୍ରଦୀପର ଶବକୁ ସୁମତୀ ଆଗରେ ଶୁଆଇ ଦେଲେ ପ୍ରଦୀପର ମୁଣ୍ଡରେ ଟୋପିଟି ପିନ୍ଧାଇ ଦେଲେ ?

ସୁମତୀ : ପ୍ରଦୀପ...

ଧରଣୀ : ଆପଣ ଆଜି ଜଣେ ବୀରମାତା ହୋଇ ଯାଇଛନ୍ତି ମାଉସୀ ।

ପ୍ରଶାନ୍ତ : ଆଉ ଆପଣଙ୍କ ପୁଅ ହୋଇ ଯାଇଛି ସ୍ୱାଧୀନତା ସଂଗ୍ରାମର ବୀର ଶହୀଦ !

ଧରଣୀ : ବନ୍ଦେ...

ପ୍ରଶାନ୍ତ : ମାତରମ୍...(ସେମାନେ ଚାଲିଗଲେ)

ରଘୁ : (ରଘୁର ପ୍ରବେଶ) ମା...ମା...ସାନବାବୁ ।

ସୁମତୀ : ପ୍ରଦୀପ ...(କହୁ କହୁ ଫ୍ରିଜ୍ ହୋଇଗଲେ)

Digitized by PPRACHIN, SOA

ରଘୁ : ମା...ମା...(ଡାକି) ବଡ଼ବାବୁ...ବଡ଼ବାବୁ (ଡାକି ଥାନା ଆଡ଼କୁ ଧାଇଁଲେ)

(ଫ୍ଲାଶ୍ ବ୍ୟାକ୍ ଓଭର)

(ବଡ଼ବାବୁ ବଡ଼ବାବୁ – ଧ୍ୱନି ମିଳେଇଗଲା ବେଳକୁ ମଞ୍ଚରେ ଆଲୋକ ଆସିଲା । ଛିଡ଼ା ହୋଇଛନ୍ତି ରତ୍ନାକର ଓ ସୁଦର୍ଶନ)

ରତ୍ନାକର : ଗୋଟିଏ ମୁହୂର୍ତ୍ତ ଭିତରେ ଜୀବନଟା ଯେମିତି ମହା ଶୂନ୍ୟ ହୋଇଗଲା । ଜୀବନର ସବୁ ସୁଖ ଶାନ୍ତି ଆଖି ପିଛୁଳାକେ ଶବ ପାଲଟି ଗଲା । କାନ୍ଧରେ ପଡ଼ିଥିବା ମା' ପୁଅ ଦୁଇଟି ଶବଠାରୁ ବ୍ରିଟିଶ ସରକାରଙ୍କର ପୋଷାକ ଆହୁରି ବେଶୀ ଭାରି ଲାଗିଲା । ମୋର ସେଇ ଗୋଲାମିର ପରିଚୟକୁ ମୁଁ ସେଇଠି ଶେଷ କରି ଦେବାକୁ ସ୍ଥିର କରି ରାତ୍ରିର ଅନ୍ଧକାର ଭିତରେ ବାହାରି ପଡ଼ିଲି । ତା'ପରେ ମୁଁ ଆଉ କେବେ ପଛକୁ ଚାହିଁନି । କ'ଣ ସବୁ ସେଠି ଘଟିଲା କିଏ ବଞ୍ଚିଲା, କିଏ ମଲା, ତା'ର ହିସାବ ବି ମୁଁ ରଖିନି ।

ସୁଦର୍ଶନ : ସେଇଦିନ ରାତିରୁ ତୋତେ କିଡ୍‌ନାପ୍ କରିଥିବା ଅପରାଧରେ ପୋଲିସ୍ ଆମକୁ ଖୋଜି ବୁଲିଲା । ଆମେ ସବୁ ଅଣ୍ଡର ଗ୍ରାଉଣ୍ଡ ହୋଇ ଯିବାକୁ ବାଧ ହେଲୁ । ମୁଁ ଭାବିଥିଲି ନିଶ୍ଚୟ ତୋତେ କ୍ରାନ୍ତିକାରୀମାନେ କିଡ୍‌ନାପ୍ କରି ହତ୍ୟା କରିଥିବେ । ଅଥଚ ଆଜି ତୋତେ ବଞ୍ଚିଥିବାର ଦେଖି ମୋତେ ଯେ ଖୁସି ଲାଗୁଛି ସେ କଥା ମୁଁ ଭାଷାରେ ବୁଝାଇ ପାରିବିନି ରତ୍ନାକର ।

ରତ୍ନାକର : ଆଉ ତୁ କହ ! କ'ଣ ଏବେ କରୁଛୁ । କେଉଁଠି ରହୁଛୁ ।

ସୁଦର୍ଶନ : ଚାଲ୍ ଆମ ଘରକୁ ଯିବା । ଦୁଇ ବୃଦ୍ଧ ବନ୍ଧୁ ବାର୍ଦ୍ଧକ୍ୟର ଶେଷ ପାହାଚରେ ବସି ପିଲାଦିନର ଧୂଳି ଖେଳଠାରୁ ଆରମ୍ଭ କରି ସବୁ ହଜିଗଲା ସ୍ମୃତିକୁ ପୁଣି ସାଉଁଟି ଧରି ଅତୀତକୁ ରୋମନ୍ଥନ କରିବା ।

ରତ୍ନାକର : ନାଁ...ମୁଁ ଯେଉଁଠି ଅଛି, ଯେମିତି ଅଛି ସୁଖରେ ଅଛି । କେବଳ ଅତୀତକୁ ନେଇ ହିଁ ତୁ ମୁଁ ବଞ୍ଚିଛି । ମୋ ପାଖରେ ନା ଅଛି ବର୍ତ୍ତମାନ ନା ଅଛି ଭବିଷ୍ୟତ ।

ସୁଦର୍ଶନ : ସବୁଦିନ ତୁ ସେମିତି ଜିଦ୍‌ଖୋର୍ ହୋଇ ରହିଗଲୁ ।

ରତ୍ନାକର : କିନ୍ତୁ ଗୋଟିଏ ଅନୁରୋଧ ମୋର ଅତୀତ ଯେମିତି କେବେ ପ୍ରକାଶିତ ନହୁଏ ।

ସୁଦର୍ଶନ : ଅତୀତ ପାଇଁ ତୁ ଯଥେଷ୍ଟ ପ୍ରାୟଶ୍ଚିତ କରି ସାରିଛୁ ଆଉ ସେଥିପାଇଁ ଡର କାହିଁକି ?

ରତ୍ନାକର : ତଥାପି ମୋର ଅତୀତକୁ ମାତେ ଭୁଲି ଯିବାକୁ ଦେ...(ମିନିର ପ୍ରବେଶ । ଛୋଟ ଝିଅଟିଏ)

ମିନି : ବାବା...ବାବା...ତୁମେ କ'ଣ ପୁରସ୍କାର ପାଇବ ବୋଲି ଆଜି ଖବର କାଗଜରେ ବାହାରିଛି ।

ରତ୍ନାକର : କିଏ କହିଲା ।

ମିନି : ସାନ ବାବା କହୁଥିଲେ ।

ରତ୍ନାକର : ବାହାରିଥିବ – ତୁ ଯା ପାଠପଢ଼ିବୁ ଯା...ଅନ୍ୟମାନେ ଆସିଲେଣି ?

ମିନି : ଆମେ ସବୁ ତ କେତେ ବେଳୁ ବସି ପଢୁଛୁ । ତୁମେ ଆସୁନ ପଢ଼େଇବ ।

ରତ୍ନାକର : ହଉ ଯା ପଢୁଥାଅ । ମୁଁ ଏ ଜେଜେଙ୍କୁ ବିଦାକରି ଦେଇ ଯାଉଛି ଯା (ମିନିର ପ୍ରସ୍ଥାନ)

ସୁଦର୍ଶନ : ଇଏ କିଏ ?

Digitized by PPRACHIN, SOA

ରତ୍ନାକର : ଏଇ ଆଶ୍ରମର ଗୋଟିଏ ଅନାଥ ଶିଶୁ । ଆମ କେତେ ଜଣ ଅନାଥଙ୍କ ଭିତରେ ଇଏ ବି ଅନାଥଟିଏ । ଏଇମାନଙ୍କୁ ସହ ଏଇ ବସ୍ତିର ପିଲାମାନେ ମଧ୍ୟ ଏଇଠି ଆସି ପଢ଼ାପଢ଼ି କରନ୍ତି । ଏଇମାନଙ୍କୁ ନେଇ ଏବେ ମୋର ଜୀବନ ଚାଲିଛି । ଏମାନଙ୍କର ଖାଇବା, ପିଇବା, ପଢ଼ିବା, ଖେଳିବା ସବୁଠି ନିଜର ଅତୀତ ଖୋଜି ଦେଖୁଛି । ବେଶ୍ ଖୁସିରେ ଅଛି ।

ସୁଦର୍ଶନ ସରକାରୀ ସାହାଯ୍ୟ ମିଳୁଛି ନା ନାହିଁ ?

ରତ୍ନାକର ସରକାରୀ ସାହାଯ୍ୟ ପାଇଁ କେବେହେଲେ କହିନି । ତା'ଛଡ଼ା ଦେଶର ସମସ୍ତେ ଯଦି ସରକାରଙ୍କ ଉପରେ ନିର୍ଭର କରିବେ ତା'ହେଲେ ଦେଶ ଚାଲିବ କେମିତି ? ସରକାର କେଉଁଠୁ କେତେ ଆଣିବେ ? ଏମିତିରେ ବି, ତ ଦେଶର ଋଣ ଭାର କିଛି କମ୍ ନୁହେଁ । ତେବେ ସରକାରୀ ସାହାଯ୍ୟ ଅପେକ୍ଷା ବ୍ୟକ୍ତିଗତ ସାହାଯ୍ୟ ଉପରେ ମୁଁ ଅଧିକ ଗୁରୁତ୍ୱ ଦେଇଆସିଛି ।

ସୁଦର୍ଶନ : ତା'ର କାରଣ ?

ରତ୍ନାକର କାରଣ ଏବେ ବି ଆମ ଲୋକ ସରକାର କହିଲେ ଭିନ୍ନ ଏକ ସଂସ୍ଥା ବୋଲି ଭାବୁଛନ୍ତି । ତେଣୁ ସମାଜରେ ସରକାରୀ ଧନ, ସରକାରୀ ସାହାଯ୍ୟ, ସରକାରୀ କଳ, ଏପରିକି ସରକାରୀ କ୍ଷମତାର ଯେପରି ଅପବ୍ୟବହାର କରୁଛନ୍ତି ଦେଖିଲେ ଦୁଃଖ ଲାଗୁଚି । ଚାଷୀମାନେ ଚାଷ ପାଇଁ ସରକାରୀ ଋଣ ଆଣି, ଝିଅ ବାହାଘରରେ ଲଗାଇଲେଣିତ, ରାସ୍ତାଘାଟ, ଡାକ୍ତରଖାନା, ସ୍କୁଲ, ରିଲିଫ୍, କଣ୍ଟ୍ରୋଲ ଯେଉଁଠି ସବୁ ସରକାର ସମ୍ବଳ ଯୋଗାଇ ଦେଇଛନ୍ତି, ଦୁଃଖର କଥା ସେଇଠି ସବୁ ଦୁର୍ନୀତି ମୁଣ୍ଡ ଟେକୁଛି । ସରକାରୀ ଧନକୁ ଏ ଯାବତ୍ ଲୋକେ ଆପଣାଧନ ବୋଲି ବିଚାର କରିନାହାନ୍ତି । ସରକାରୀ ଅଫିସର୍‌ମାନେ ଲୋକ ସେବକ ନହୋଇ ହାକିମ୍ ହେବାକୁ ଚେଷ୍ଟା କରୁଛନ୍ତି । ଫଳରେ ଲୋକମାନଙ୍କ ସେବା ପାଇଁ ଉଦ୍ଦିଷ୍ଟ ଯେତେ ସବୁ ସରକାରୀ ଯୋଜନା କେଉଁଠି ନା କେଉଁଠି ଫସର ଫାଟି ଯାଉଛି ।

ସୁଦର୍ଶନ : ତୁ ତା'ହେଲେ କହୁଛୁ ସ୍ୱାଧୀନତା ପରେ ଏ ଦେଶର କିଛି ବି ଉନ୍ନତି ହୋଇନି ?

ରତ୍ନାକର ନା ମୁଁ କଥା କହୁନି । ଉନ୍ନତି ହୋଇଛି । ନିଶ୍ଚୟ ହୋଇଛି । କିନ୍ତୁ ସେଇ ସମୟ ମଧ୍ୟରେ ଅନ୍ୟଦେଶମାନଙ୍କରେ ଯେ ଭଳି ଉନ୍ନତି ହୋଇଛି । ଏ ଦେଶରେ ସେଭଳି ଉନ୍ନତି ସମ୍ଭବ ହୋଇପାରିନି । ଏଇ ଗୋଟିଏ କଥା ଦେଖନୁ ଦୀର୍ଘ (୬୦ବର୍ଷ) ପରେ ମଧ୍ୟ ଏ ଦେଶରେ ଜାତି, ଧର୍ମ, ବର୍ଣ୍ଣ ଏପରିକି ଲିଙ୍ଗ ଭେଦରେ ବିଭାଜନ ହେଉଛି । ରାଜନୀତି ହେଉଛି । ଅନ୍ୟଦେଶ ମାନଙ୍କର କ୍ଷତାର ପରୀକ୍ଷା କରି ବିଭିନ୍ନ ଦେଶରୁ ଦକ୍ଷ ଛାତ୍ରଛାତ୍ରୀ ବାଛି ତାଙ୍କୁ ନିଜ ଦେଶକୁ ନେଇ ତାଙ୍କର ଦକ୍ଷତାର ବିନିଯୋଗ କରୁଥିଲାବେଳେ ଆମ ଦେଶ ଦକ୍ଷତାକୁ ଉପେକ୍ଷା କରି ଜାତି ଧର୍ମ ଉପରେ ଅଧିକ ଗୁରୁତ୍ୱ ଦେଉଛି । ଏବେ ବି ଏ ଦେଶର ସାଧାରଣ ଜନତା ଭୋଟ କିଣା ବିକାରେ ବିଶ୍ୱାସ କରନ୍ତି । ଏବେ ବି ସେମାନେ ନିଜ ଦେଶ ଜାତିର ସମ୍ମାନ ଓ ପ୍ରତିଷ୍ଠା ପାଇଁ ଏତେ ବେଶୀ ସଚେତନ ନୁହନ୍ତି ଯେତେ ବେଶୀ ନିଜ ସ୍ୱାର୍ଥ ପାଇଁ ସଚେତନ । ସେଇଥିପାଇଁ ଉତ୍କଳ ଗୌରବ ମଧୁସୂଦନ ପରା ଲେଖିଥିଲେ –

'ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥୀ କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁଖେ ବନ୍ଧା ଥିଲେ ।'

Digitized by PPRACHIN, SOA

ସୁଦର୍ଶନ : ସେଇ ଭଳି କିଛି ମୁଷ୍ଟିମେୟ ନେତା ଓ ଅଫିସର୍‌ମାନଙ୍କ ପାଇଁ ସରକାରଙ୍କୁ ଆଜି ଲଜ୍ଜିତ ହେବାକୁ ପଡୁଛି ।

ରତ୍ନାକର : ଏହା କେବଳ ସରକାରଙ୍କୁ ନୁହେଁ, ସୁଦର୍ଶନ ! ସାରା ଦେଶର ମାନ, ସମ୍ମାନ ଓ ସ୍ୱାଭିମାନକୁ ବିଶ୍ୱ ଦରବାରରେ କଳଙ୍କିତ କରୁଛି । ଏକଥା କ'ଣ ସେମାନେ ବୁଝିପାରୁ ନାହାଁନ୍ତି । ନା ! ସେଥିପ୍ରତି ତାଙ୍କର ଆଦୌ ଭ୍ରୂକ୍ଷେପ ନାହିଁ ।

ସୁଦର୍ଶନ : ଯେଉଁଥିପାଇଁ ସାଧାରଣ ଜନତାର ଚରିତ୍ରରେ ମଧ୍ୟ ଏହାର ପ୍ରତିଫଳନ ଦେଖା ଦେଇଛି ।

ରତ୍ନାକର : ସେଥିପାଇଁ କାହାକୁ ଦାୟୀ କରିବା କହ ?

ସୁଦର୍ଶନ : ସତରେ ଏଇ ମାତ୍ର ୬୦ ବର୍ଷ ଭିତରେ ଆମର ଏତେ କଷ୍ଟରେ ଅର୍ଜିତ ସ୍ୱାଧୀନତାର ଏଇ ଅବସ୍ଥା ଦେଖି ଦୁଃଖ ଲାଗୁଛି ।

ରତ୍ନାକର : ଏବେ ପୁଣି ଏ ଦେଶର ବିଡ଼ମ୍ବନା ହୋଇଛନ୍ତି, ଏ ସନ୍ତ୍ରାସବାଦୀ ଗୋଷ୍ଠୀ, କାହାର ଯେମିତି ଏ ଦେଶ ପ୍ରତି ଦାୟିତ୍ୱ ନାହିଁ, କର୍ତ୍ତବ୍ୟ ନାହିଁ । ସବୁ ଖାଲି ସରକାରଙ୍କ କର୍ତ୍ତବ୍ୟ । (ବାହାରୁ ମାଧବର ପ୍ରବେଶ) (ଭିତରକୁ ମାଧବ ଆସିଲା–ତାକୁ ଦେଖି)

ରତ୍ନାକର : ଅନ୍ୟ କିଛି କାମ ଅଛି ନା ବଗିଚା କାମକୁ ଯିବା ।

ମାଧବ : ନାଇଁରେ ସ୍ୱାସ୍ଥ୍ୟକର୍ମୀ ଆସିଗଲେ । ତାଙ୍କୁ ଡାକି ଦେଖେଇବା ।

ରତ୍ନାକର : ଆଜି ପିଲାଙ୍କୁ ପାଠ ପଢ଼ାଉଛି କିଏ ?

ମାଧବ : ମୁଁ ପଢ଼ାଉଥିଲି ।

ରତ୍ନାକର : ଗାଈ ସେବା କରୁଛି କିଏ ?

ମାଧବ : ଶମ୍ଭୁ... ।

ରତ୍ନାକର : ତାକୁ କହିଚ ତ ଗାଈମାନଙ୍କୁ ଆଜି ଗାଧୋଇ ଦେଇ ତାଙ୍କୁ ସବୁ ଗରମ ତୋରାଣୀ ପିଇବାକୁ ଦେବ ।

ମାଧବ : ଆଜ୍ଞା...

ରତ୍ନାକର : ପିଲାମାନଙ୍କ ପାଠପଢ଼ା ସରିଲେ ତାକୁ ବଗିଚା କାମରେ ଲଗେଇବ । ମୁଁ ସ୍ୱାସ୍ଥ୍ୟକର୍ମୀଙ୍କ କଥା ବୁଝି ଦେଇ ଯାଉଛି ।

ମାଧବ : ମାଧୁରୀ ପଚାରିଲା, ଆପଣ ଆଜି କ'ଣ ଖାଇବେ, ସେ ରୋଷେଇ କରିବ ।

ରତ୍ନାକର : କାହିଁକି ? ସମସ୍ତେ ଯାହା ଖାଇବେ ।

ମାଧବ : ସମସ୍ତେ ତ ଆଜି ଭୋଜି ଖାଇବାକୁ ବସ୍ତିକୁ ଯିବେ ।

ରତ୍ନାକର : ଭୋଜି କାହିଁକି ?

ମାଧବ : ସ୍ୱାଧୀନତାର ୬୦ ବର୍ଷ ପାଇଁ ଯୁବକ ସଂଘରେ ଭୋଜି ହେଉଛି ।

ରତ୍ନାକର : ଆଚ୍ଛା ଆଚ୍ଛା ତା'ହେଲେ ମୋ'ପାଇଁ ରୁଟି ଦୁଇଖଣ୍ଡ କରିଦେଲେ ଚଳିବ । (ପ୍ରିୟନାଥ ସ୍ୱାସ୍ଥ୍ୟକର୍ମୀଙ୍କର ପ୍ରବେଶ)

Digitized by PPRACHIN, SOA

ରତ୍ନାକର ଆରେ ପ୍ରିୟନାଥ ଆସ । ଆଉ କୁହ କୁଆଡ଼େ ସବୁ ଯାଇଥିଲ ?

ପ୍ରିୟନାଥ ପ୍ରାୟ ୩ଟା ବସ୍ତି ଆଜି ବୁଲି ଆସିଲି ।

ରତ୍ନାକର : ଖାଲି ବୁଲି ଆସିଲ ନା କାମ କିଛି ହେଲା ।

ପ୍ରିୟନାଥ ବସ୍ତି କୂଅରେ ସବୁ ବ୍ଲିଚିଂ ପାଉଡ଼ର ପକାହେଲା, ନଳା, ଗନ୍ଧିଆ ଆଦି ସଫା କରାହୋଇଛି । ସେଥିରେ ବ୍ଲିଚିଂ ଆଉ ମଶାମରା ତେଲ ପଡ଼ିଛି । ସେମାନଙ୍କୁ ବୁଝାଇ ଦେଇ ଆସିଛି । ବର୍ଷାଦିନ ଆସିଲାଣି । ପାଣି ଫୁଟାଇ ଛାଣି ପିଇବେ । ଆଉ ୩ ନମ୍ବର ବସ୍ତିରେ ଓ.ଆର୍‌.ଏସ୍ ପୁଡ଼ିଆ ଦେଇ ଆସିଛି । ସେଠି ସମୟ ସମୟରେ ଡାଇରିଆର ପ୍ରକୋପ ହୁଏ ।

ରତ୍ନାକର : ଖାଲି ଓ.ଆର୍‌.ଏସ୍ ପୁଡ଼ିଆ ଦେଇ ଦେଲେ ହେବ ନାହିଁ, ସେମାନଙ୍କ ଖବର ସବୁଦିନ ବୁଝି ଆସିବାକୁ ପଡ଼ିବ ।

ପ୍ରିୟନାଥ ପ୍ରତିଦିନ ନିଶ୍ଚୟ ଯିବି ଓ ଆପଣଙ୍କୁ ରିପୋର୍ଟ କରିବି ।

ରତ୍ନାକର : ଅନ୍ୟ ସବୁ ବସ୍ତିରେ ହଇଜା ମ୍ୟାଲେରିଆ, ବିଷୟରେ ସବୁ ବୁଝେଇ କହିଛ ତ ?

ପ୍ରିୟନାଥ : ସବୁ ତ ବୁଝେଇ କହିଛି । ଆହୁରି କହିଛି ସବୁବେଳେ ଆଶ୍ରମର ବାବାଙ୍କ ସାଙ୍ଗରେ ଯୋଗାଯୋଗ ରଖିଥିବ ସେଇଠି ଖବର ଦେଲେ ଆମେ ଆସି ଯାହା ଦରକାର ସାହାଯ୍ୟ କରୁଥିବୁ ।

ରତ୍ନାକର : ବାଃ–ଧନ୍ୟବାଦ । (ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରସ୍ଥାନ୍ ପରେ)

ସୁଦର୍ଶନ : ସେ ଦିନର ବ୍ରିଟିଶ ସରକାରଙ୍କର ଜଣେ ଦୁର୍ଦ୍ଧର୍ଷ ପୋଲିସ୍ ଅଫିସର୍, ଯାହାର ନାଁ ଶୁଣିଲେ ସାଧାରଣ ଜନତା ତ ଦୂରର କଥା କ୍ରାନ୍ତିକାରୀମାନଙ୍କ ଛାତି ବି ଭୟରେ ଥରି ଉଠୁଥିଲା, ସେ ଯେ ଆଜି ଏତେ ବଡ଼ ସମାଜ କର୍ମୀ, ନିଃସ୍ୱାର୍ଥ, ଦେଶପ୍ରେମୀ ହୋଇଯିବ ସେ କଥା ତା'ର ଦୈନନ୍ଦିନ କାର୍ଯ୍ୟକଳାପ ନଦେଖିଲେ କେହି ବିଶ୍ୱାସ କରିପାରିବ ନାହିଁ ।

ରତ୍ନାକର ଅଧିକ କ'ଣ ବା ମୁଁ କରିପାରୁଛି କହ ? ଗୁଣ୍ଡୁଚି ମୂଷା ଭଳି ସେତୁ ବନ୍ଧ ଉପରେ ବାଲି ଟିକିଏ ଟିକିଏ ଝାଡ଼ି ଦେବାର ଚେଷ୍ଟା କରୁଛି ମାତ୍ର । ଛାଡ଼ ସେ କଥା ତୋ କଥା କହ, ତୁ ଏବେ କ'ଣ ସବୁ କରୁଛୁ । କେମିତି ତୋର ସମୟ କାଟୁଛୁ ।

ସୁଦର୍ଶନ : କ'ଣ କହିବି, କେମିତି କହିବି ଯେ ମୁଁ ଜଣେ ଲୋକ ପ୍ରତିନିଧି ? ଯାହା ତୁ କରୁଛୁ ସେଥିରୁ କାଣିଚାଏ ହୁଏ ତ ମୁଁ କରିପାରୁନି, ଆଜି ଭାବୁଛି ଏଇ ଦୀର୍ଘ ୬୦ ବର୍ଷ ଧରି ତୋରି ଭଳି ଆମେ ସମସ୍ତେ ଯଦି ନିଃସ୍ୱାର୍ଥ ଭାବରେ କର୍ମ କରିଥାନ୍ତୁ ତା'ହେଲେ ବାପୁଜୀଙ୍କ ରାମରାଜ୍ୟ ନିଶ୍ଚୟ ସାକାର ହୋଇ ସାରିଥାନ୍ତା ।

ଭାବିଲେ ଦୁଃଖ ଲାଗେ । ସ୍ୱାଧୀନତା ବେଳେ ଲୋକେ ତୋତେ କେତେ ଘୃଣା କରୁଥିଲେ । ଜନତଙ୍କଠାରୁ ତୁ କେତେ ଦୂରରେ ଥିଲୁ । ଆଉ ଆମେ ଜନତାଙ୍କୁ ନେଇ ସଂଗ୍ରାମ କରୁଥିଲୁ । କିନ୍ତୁ ଆଜି ତୁ ଜନତାର ଆପଣାର ହୋଇ ଯାଇଛୁ । ଅଥଚ ଆମେ ତାଙ୍କଠାରୁ ଦୂରେଇ ଯାଇଛୁ । ଅନେକ ଦୂରକୁ ।

Digitized by PPRACHIN, SOA

ରତ୍ନାକର : (କେବଳ ହସି) ଏବେ ବି ସମୟ ଅଛି । ଚେଷ୍ଟାକଲେ ତୁମେ ପୁଣି ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିବ ।

ସୁଦର୍ଶନ : (ହଠାତ ଘଡ଼ି ଦେଖିଲେ) ଆରେ ମୁଁ ତା'ହେଲେ ଉଠୁଛି – ମୋର ଆଜି ଗୋଟାଏ ଜରୁରୀ ମିଟିଙ୍ଗ୍ ଅଛି । ଆଉ ଦିନେ ଆସେ ବସି ଗପିବା ।

ରତ୍ନାକର : ହଉ ନିଶ୍ଚୟ ଆସିବୁ ।

(ସୁଦର୍ଶନ ପ୍ରସ୍ଥାନପରେ ପ୍ରବେଶ କଲେ ଦୁଇଜଣ ଯୁବକ, ଜଣେ ହିନ୍ଦୁ, ଜଣେ ମୁସଲମାନ, ସେମାନେ ଆସି ରତ୍ନାକର ବେକରେ ଫୁଲମାଳ ପିନ୍ଧାଇ ଦେଲେ ଓ ମିଠା ଖୁଆଇଲେ)

ରତ୍ନାକର : ଆରେ ଆରେ ଇଏ କ'ଣ କରୁଛ ?

୧ମ : ଆପଣଙ୍କ ଚେଷ୍ଟାରେ ଯା ହେଉ ଆମ ବସ୍ତି ପାଇଁ ୨ଟି କୂଅ ସାଙ୍କସନ୍ ହୋଇଗଲା ।

ରତ୍ନାକର : ତୁମକୁ କିଏ କହିଲା – ଅର୍ଡ଼ର ଯେ ପର୍ଯ୍ୟନ୍ତ ନ ଆସିଛି ।

୨ୟ : (ଚିଠି ଦେଖାଇ) ଏଇ ପରା ଅର୍ଡ଼ର ଦେଖୁ ନାହାଁନ୍ତି ।

ରତ୍ନାକର : ଅର୍ଡ଼ର ତୁମକୁ କିଏ ଦେଲା ?

ଦୁଇଜଣ : ଆମେ ଅଫିସ୍ ଯାଇଥିଲୁ ହାତରେ ହାତରେ ଧରି ଚାଲି ଆସିଲୁ ।

ରତ୍ନାକର : ଭଲ କରିଛ । ଯା–ଏଥର ବସ୍ତିର ପାଣି ଚିନ୍ତା ଗଲା, ଏଣିକି ବର୍ଷାଦିନେ ଆଉ ହଇଜା, ଅମାଶୟ ଆଦି ପାଣି ରୋଗରୁ ନିଶ୍ଚୟ ରକ୍ଷା ମିଳିବ ।

୧ମ : ହେଲା ଯେ, କୂଅ ହବ କେଉଁଠି ?

ରତ୍ନାକର : କାହିଁକି ସମସ୍ତେ ଯେଉଁଠି ଚାହିଁବେ ।

୨ୟ : କିନ୍ତୁ ଅସୁବିଧା ହେଲା, ବସ୍ତି ୪ଟି ଆଉ କୂଅ ୨ଟି ।

ରତ୍ନାକର : (ହସି) ସେ କଥା ତୁମେ ଚିନ୍ତା କର ନାହିଁ । ଆଜି ରାତିରେ ତୁମେ ଚାରିଟିଯାକ ବସ୍ତିର ମୁଖିଆମାନଙ୍କୁ ଏଇଠିକି ଡାକି ଦିଅ । ଆମେ ସମସ୍ତେ ବସି କୂଅ ପାଇଁ ଜାଗା ଠିକ୍ କରିନେବା ।

୨ୟ : ଠିକ୍ ଅଛି ଆମେ ତା'ହେଲେ ଯାଉଛୁ, ସବୁ ବସ୍ତିରେ ଖବର କରି ଦେଉଛୁ ।

(ଅନ୍ଧାର)

ଏକାଦଶ ଦୃଶ୍ୟ

ସନ୍ଧ୍ୟା ସମୟ – ଆଶ୍ରମରେ ପ୍ରାର୍ଥନାର ଦୃଶ୍ୟ

(ଆହେ ଦୟାମୟ ବିଶ୍ୱବିହାରୀ, ଘେନ ଦୟାବହି ମୋର ଗୁହାରୀ,... ସର୍ବେ ଭବନ୍ତୁ ସୁଖୀନ) ପ୍ରାର୍ଥନା ପରେ ସମସ୍ତେ ଯିଏ ଯୁଆଡ଼େ ଗଲେ, ରତ୍ନାକର ବ୍ୟାଗ ମଧ୍ୟକୁ ଚାହିଁ ଦୀର୍ଘଶ୍ୱାସ ମାରିଲେ ଫଟୋ ଆଡ଼କୁ ଚାହିଁ ସେଲ୍ୟୁଟ୍ ମାରି କହିଲେ ।)

Digitized by PPRACHIN, SOA

ରତ୍ନାକର		ବନ୍ଦେ ମାତରମ୍...
		(ପଛରୁ ମିନି) ବନ୍ଦେ ମାତରମ୍... (ପଛକୁ ଫେରି ଚାହିଁଲେ ରତ୍ନାକର)
ରତ୍ନାକର		କିରେ ମିନି ପଢ଼ା ପଢ଼ି ଆରମ୍ଭ କରିନୁ କାହିଁକି ?
ମିନି		ଆଜି ଆମେ ବୀର କାହାଣୀ ଶୁଣିବୁ ।
ରତ୍ନାକର	:	ତା'ହେଲେ ମାଧୁରୀ ଅପା ଠାରୁ ବସି କାହାଣୀ ଶୁଣିଲୁନି ।
ମିନି		ଅପାଙ୍କ ପାଖରୁ କାହାଣୀ ଶୁଣିବାକୁ ମୋତେ ଆଦୌ ଭଲ ଲାଗେନି । ସେ ସବୁବେଳେ ସେଇ ପରୀ କାହାଣୀ ନହେଲେ ରାଜା ରାଣୀ ଗପ କହିବେ । ଆଚ୍ଛା ବାବା ଗୋଟିଏ କଥା ପଚାରିବି ?
ରତ୍ନାକର	:	କ'ଣ କହ ?
ମିନି		ସେ ବ୍ୟାଗରେ କ'ଣ ଅଛି ଯାହାକୁ ଦେଖି ତୁମେ ସବୁଦିନ ସେଲ୍ୟୁଟ୍ ମାର ?
ରତ୍ନାକର	:	ସେ କିଛି ନୁହେଁ ।
ମିନି	:	ଆଉ ସେ ଫଟୋଟା କାହାର ଯେ ସେ କଥା ପଚାରିଲେ ତୁ ବଡ଼ ହେଲେ ଜାଣିବୁ ବୋଲି କୁହ ? (ମିନିର ଦୃଷ୍ଟି ଅନ୍ୟ ଆଡ଼େ କରିବା ପାଇଁ କଥା ବୁଲାଇଲେ)
ରତ୍ନାକର	:	ଆଚ୍ଛା ମିନି ତୋତେ ଯେଉଁ ଦେଶ ଭକ୍ତିର ସେଇ ଗୀତଟି ଶିଖେଇ ଦେଇଥିଲି ମନେ ଅଛି ?
ମିନି	:	ହଁ ମନେ ଅଛି । ଗାଇବି ?
ରତ୍ନାକର	:	ଗାଇଲୁ । (ମିନି ଗୀତ ଗାଇଲା ଗୀତ ଶେଷରେ ମାଧୁରୀ କ୍ଷୀର ଗ୍ଲାସ୍ ଧରି ପ୍ରବେଶ)
ମାଧୁରୀ	:	ବାବା ନିଅ କ୍ଷୀର ପିଇ ଦିଅ (ମିନିକୁ) ଏଇ ନେ ପିଇଦେ । ଆଜି ପାଠ ନପଢ଼ି ବାବାଙ୍କ ପାଖରେ ଆସି ପଦ୍ୟାନ୍ତ ହେଉଛି ନାଇଁ ?
ମିନି	:	ପଦ୍ୟାନ୍ତ ହେଉନି ଅପା, ବାବା ଗୀତଟିଏ ଗାଇ ଶୁଣେଇବାକୁ କହିଲେ ତ ଶୁଣାଉଥିଲି ।
ରତ୍ନାକର	:	ଯା ଏଥର ପଢ଼ିବୁ ଯା ।
ମିନି	:	ତୁମେ ଚାଲୁନ ପଢ଼େଇବ ।
ମାଧୁରୀ	:	ତୁ ଯା ଆଗ ବହିପତ୍ର ଧରି ବସ-ବାବା ଯାଉଛନ୍ତି (ମିନିର ପ୍ରସ୍ଥାନ)
ମାଧୁରୀ	:	ବାବା ଗୋଟିଏ ଝିଅ ଚାକିରି ଆଶାରେ ଗାଁରୁ ପଳେଇ ଆସିଛି ।
ରତ୍ନାକର	:	କାହିଁ ?
ମାଧୁରୀ	:	ବାହାରେ ଅଛି ଡାକିବି ?
ରତ୍ନାକର	:	ଡାକି ଆଣ (ମାଧୁରୀ ପ୍ରସ୍ଥାନ)
		ଏମିତି ଚାକିରି ଆଶାରେ କେତେ ଯୁବକ ଯୁବତୀ ଯେ ଗାଁ ଘର ଛାଡ଼ି ବାହାରି ଆସୁଛନ୍ତି ତା'ର ସୀମା ନାହିଁ । ସେଥିରୁ କେତେ ସଠିକ୍ ବାଟରେ ଯାଉଛନ୍ତି ସିନା ଆଉ କେତେ ଯେ ପଇସା ଲୋଭରେ ଅବାଟରେ ଯାଇ ଜୀବନ ବିପନ୍ନ କରୁଛନ୍ତି ସେ କଥା କହିବ କିଏ ? ଅର୍ଥ ସର୍ବସ୍ୱ ସମାଜ ଆଉ ଏ ଚାକିରି ସର୍ବସ୍ୱ ଶିକ୍ଷାର୍ଜନର ପରିଣାମ ଯେ ଆମ ଦେଶର ଅବସ୍ଥାକୁ କେଉଁଠି ନେଇ, କେଉଁଠି ପହଞ୍ଚାଇବ

Digitized by PPRACHIN, SOA

ସେ କଥା ଈଶ୍ୱର ଜାଣନ୍ତି । (ଝିଅକୁ ଧରି ମାଧୁରୀର ପ୍ରବେଶ)

ରତ୍ନାକର : ତୁମ ନା କ'ଣ ?

ଝିଅ : କମ୍‌ରୁନ ବିବି ।

ରତ୍ନାକର : କ'ଣ ପଢ଼ିଛ ?

ଝିଅ : ମେଟ୍ରିକ ପଢ଼ିଛି ।

ରତ୍ନାକର : ଘରୁ ପଳେଇ ଆସିଲ କାହିଁକି ?

ଝିଅ : ମୋର ଆବାଜାନ ମରିଗଲା ପରେ ଆମର ଜମିବାଡ଼ି ସବୁ ଚାଚା ଜାନ ଦଖଲ କରି ନେଇଛନ୍ତି । ଘରେ ଖାଇବାକୁ ନାହିଁ ।

ରତ୍ନାକର : ତୁମର ଭାଇ ନାହାନ୍ତି ?

ଝିଅ : ବଡ଼ ଭାଇ ବାହା ହୋଇ ସହରରେ । ଆଜି ମୋର ଦୁର୍ଭାଗ୍ୟ ଯେ ଘରେ ଚାଚାଜାନ୍ ଆଉ ମୁଁ ଚାଚିଜାନର ଅତ୍ୟାଚାର ବଢ଼ି ଚାଲିଲା ।

ରତ୍ନାକର : ତୁମ ଗାଁରେ କ'ଣ ବିଚାର ଆଚାର ନାହିଁ ? ମାଲିକ ମୁରବୀ ନାହାନ୍ତି ?

ଝିଅ : ଅଛନ୍ତି, ସବୁ ଅଛି, କେବଳ ନ୍ୟାୟ ନାହିଁ । ଶାନ୍ତି ନାହିଁ । ଜୋର ଜାର୍ ମୁଲକ ତା'ର ନୀତିରେ ଗାଁ ଚାଲିଛି । ଗାଁର ୯୦ ଭାଗ ଲୋକ ଅଶିକ୍ଷିତ ଗରିବ । ବଡ଼ଲୋକଙ୍କୁ ଉତ୍ତର ଦେବାକୁ ତାଙ୍କର ସାହସ ନାହିଁ ।

ରତ୍ନାକର : ତୁମେ ପ୍ରତିରୋଧ କଲ ନାହିଁ ?

ଝିଅ : ଚେଷ୍ଟା କରିଥିଲି । ସମସ୍ତେ ମିଶି ମୋର ବାହାଘର ଠିକ୍ କରି ଦେଲେ, ସେମିତି ଜଣେ ମୁରବୀ ସହିତ ଯାହାର ବୟସ ୫୦ ବର୍ଷରୁ ବେଶୀ, ମନ ମାନିଲା ନାହିଁ, କହିଲା ବଞ୍ଚିବାକୁ ଚାହୁଁ ଯଦି ପଳେଇ ଯା, ଏଇଠି ପଡ଼ି ମରିବା ଅପେକ୍ଷା । ନିଜ ଗୋଡ଼ରେ ଠିଆ ହ, (କାନ୍ଦିଲା ଲୁହ ଢୋକି କହିଲା) ସେଇ ମନର ଡାକ ମୋତେ ଗାଁ ଛାଡ଼ିବାକୁ ବାଧ କଲା । (ଲୁହ ପୋଛିଲା)

ରତ୍ନାକର : କାନ୍ଦନା ତୁମେ ପାଠ ପଢ଼ିବ ?

କମରୁନ : ପଢ଼ିବାକୁ ମୋର ବହୁତ ଇଚ୍ଛା । କିନ୍ତୁ ଚାକିରି ଖଣ୍ଡେ ମିଳିଗଲେ ଭଲ ହୁଅନ୍ତା

ରତ୍ନାକର : ଠିକ୍ ଅଛି, ଚାକିରି ମିଳିବା ପର୍ଯ୍ୟନ୍ତ ଏଇଠି ରହିପାଠ ଶାଠ ପଢୁଥା । ଚାକିରି ପାଇଁ ଚିନ୍ତା କରନା, ସେ କଥା ମୁଁ ବୁଝିବି । ମାଧୁରୀ ତୋରି କୋଠରୀରେ ଯାର ରହିବା ବ୍ୟବସ୍ଥା କରି ଦେଇଥିବୁ (ମାଧୁରି ଓ କମରୁନର ପ୍ରସ୍ଥାନ)

୨ୟ : କାଲି ସନ୍ଧ୍ୟାରେ ନୂଆ କୂପ ଦୁଇଟା ଉଦ୍‌ଘାଟନ ହେବ । ସେଇ ଖୁସିରେ କାଲି ରାତିରେ ପାଲା ହେବାର ଆୟୋଜନ କରିଛୁ ।

ରତ୍ନାକର : ଆଚ୍ଛା ଆଚ୍ଛା ଭଲ କଥା...

୧ମ : କିନ୍ତୁ ଆମେ ଭାବୁଥିଲୁ ଆପଣ ହିଁ କୂଅ ଦି'ଟାକୁ ଉଦ୍‌ଘାଟନ କଲେ ଭଲ ହୁଅନ୍ତା

ରତ୍ନାକର : ନା ନା ବରଂ ଚାରୋଟି ବସ୍ତିର ମୁଖିଆମାନେ ହିଁ ତାକୁ ଉଦ୍‌ଘାଟନ କରିବେ ।

Digitized by PPRACHIN, SOA

୨ୟ   ନାଇଁ ନାଇଁ ଆମେ ଯୁବକ ସଂଘର ପିଲାମାନେ ଠିକ୍ କରିଛୁ ଯେ ଆପଣ ହିଁ ତାକୁ ଉଦ୍‌ଘାଟନ କରିବେ ।

ରତ୍ନାକର : ତୁମେ ପିଲାମାନେ କହୁଛ ବୋଲି ମୁଁ ଆପତ୍ତି କରିପାରୁନି କିନ୍ତୁ ଏଇଟା ମୋର ଆନ୍ତରିକ ଇଚ୍ଛା ନୁହଁ ।

୧ମ : ସେ କଥା ଆମେ ଶୁଣିବୁ ନାହିଁ ।

ରତ୍ନାକର   ହଉ ହେଲା ଯା...ଆଉ କ'ଣ କୁହ ।

୧ମ : ଆଉ ଗୋଟିଏ କଥା ଆମେ ଶୁଣୁଛୁ ।

ରତ୍ନାକର   କ'ଣ କୁହ

୨ୟ : ଆମ ବସ୍ତିରେ କେହି କେହି ଫୁସର୍ ଫାସର୍ ହେଉଛନ୍ତି ଯେ ଆମକୁ ପାଲା କରିବାକୁ ଦେବେ ନାହିଁ କି କୂଅ ଉଦ୍‌ଘାଟନ କରିବାକୁ ଆଉ ବସ୍ତିର ଲୋକେ ଦେବେ ନାହିଁ ।

ରତ୍ନାକର : କିନ୍ତୁ କାହିଁକି ?

୨ୟ : କେଜାଣି କେହି କେହି ଭାବୁଛନ୍ତି ଯେ କୂଅଟା ତାଙ୍କ ବସ୍ତିରେ ହେଲା ନାହିଁ ।

ରତ୍ନାକର : କୂପ କେଉଁଠି ହେବ ଏ କଥା ତ ସବୁ ବସ୍ତିର ମୁଖିଆମାନେ ମିଶି ଠିକ୍ କରିଥିଲେ । ସେଇଥିପାଇଁ ଗୋଟିଏ କୂଅ ଆରପଟ ମସଜିଦ୍ ପାଖରେ ଆଉ ଗୋଟିଏ କୂଅ ସେ ପଟ ମନ୍ଦିର ପାଖରେ ଖୋଳା ହେଲା । ଏଥିରେ ତ କାହାରି ଆପତ୍ତି ହେବାର କିଛି କାରଣ ଥାଇ ନପାରେ, ତଥାପି ଯାଅ ଏ ଗୁଜବର କାରଣର ଠିକଣା କରି ମୋତେ ଖବର ଦିଅ । ତୁମ ଯୁବକ ସଂଘର ପିଲାମାନଙ୍କୁ ସଜାଗ କରି ରଖ, ମୁଁ ଭାବୁଛି ସେମିତି କିଛି ହେବ ନାହିଁ । ଏଇଟା ଗୋଟିଏ ଗୁଜବ ମଧ୍ୟ ହୋଇପାରେ ।

୨ୟ : ଆମେ ତା' ହେଲେ ଆସୁଛୁ (ପ୍ରସ୍ଥାନ)

ଦ୍ୱାଦଶ ଦୃଶ୍ୟ

(ଆଶ୍ରମ – ସମୟ ସକାଳ, ବାବା ଆରାମ ଚୌକିରେ ବସିଥିଲେ, ୨ଜଣ ଲୋକଙ୍କ ପ୍ରବେଶ)

୧ମ : ବାବା ନମସ୍କାର...

ରତ୍ନାକର : ଆସ ବସ । ଆଉ ସବୁ ଖବର କ'ଣ ?

ମିନି : (ପ୍ରବେଶ) ବାବା ବାବା ଆଜି କି ପାଲା ହେବ...ମୁଁ ବି ତୁମ ସାଙ୍ଗରେ ଦେଖିବାକୁ ଯିବି...

ରତ୍ନାକର : ହଉ ହେଲା ଯିବୁ...ଯା...(ମିନିର ପ୍ରସ୍ଥାନ)

(ବାହାରୁ ଆସିଲେ ସୁଦର୍ଶନ, ହାତରେ ଖଣ୍ଡେ ଖବରକାଗଜ)

ସୁଦର୍ଶନ : ତୁମ ଶରଣ ନେବାକୁ ଆସିଗଲି ହେ ବାବାଜୀ ।

ରତ୍ନାକର : ଆ...ଆ...ତୁ ଠିକ୍ ଦିନରେ ଆସିଯାଇଛୁ ନହେଲେ ମୁଁ ଏଇନେ ଶମ୍ଭୁକୁ ତୋ ପାଖକୁ ପଠେଇ ଥାନ୍ତି । ଆସିଗଲୁ ଭଲ ହେଲା ।

ସୁଦର୍ଶନ : କାହିଁକି ମୋ ପାଖରେ ଏମିତି କ'ଣ ଦରକାର ପଡ଼ିଲା ?

Digitized by PPRACHIN, SOA

ରତ୍ନାକର : ନାଇଁ ମ ଏଠି ଆଜି ରାତିରେ ଆମର ଏଠି ପାଲା ହେବତ ଭାବିଲି ସାଙ୍ଗରେ ତୁ ଥିଲେ ଅତୀତଟା ଆହୁରି ସ୍ପଷ୍ଟ ଆଉ ମଧୁର ହୋଇ ଉଠିବ – ନା କ'ଣ ? ଆରେ ତୁ କୁଆଡ଼େ ଆସିଲୁ କହ ।

ସୁଦର୍ଶନ : କୋଳାହଳ ଭିତରେ ବୁଡ଼ି ରହି ମଣିଷ ଅସ୍ଥିର ହୋଇଗଲାଣି – ଆସିଲି ତୋ ଆଶ୍ରମରେ ଶାନ୍ତି ପରିବେଶ ମଧ୍ୟରେ କିଛି ଦିନ ହଜିଯାଇ ଫ୍ରେସ୍ ହୋଇ ଯିବି ବୋଲି ।

ରତ୍ନାକର : ଭଲ କଲୁ । ତୋ ହାତରେ ସେଇଟା କ'ଣ ?

ସୁଦର୍ଶନ : ଆଜିର ଖବର କାଗଜ ପଢ଼ିବୁ ? ନେ ।

ରତ୍ନାକର : ଖବର କାଗଜ ନପଢ଼ିବି ଆଜିର ଖବର କହି ଦେଇପାରିବି ।

ସୁଦର୍ଶନ : ୱାଓ ? କହିଲୁ ଦେଖିବା । (ନିଜେ ପେପର ଖୋଲି ହେଡ୍‌ଲାଇନ୍ ଦେଖିଲେ)

ରତ୍ନାକର : ଦେଶର ଖବର ଜାଣିବା ପାଇଁ ଖବରକାଗଜ ପଢ଼ିବା କ'ଣ ଦରକାର ଏଇ ଯେମିତିରେ ହେଡ୍‌ଲାଇନ୍ ଥିବ ଆତଙ୍କବାଦୀଙ୍କ ବୋମା ବିସ୍ଫୋରଣରେ ନିରୀହ ଲୋକ ମୃତାହତ । ଅମୁକ ଟ୍ରେନ୍ ଦୁର୍ଘଟଣାରେ ସନ୍ତ୍ରାସବାଦୀଙ୍କ ହାତ ଥିବାର ସନ୍ଦେହ । କେଉଁଠି ନୀରିହ ଜନତାଙ୍କ ଉପରକୁ ପୋଲିସ୍‌ର ଗୁଳି ଚାଳନା ଓ ସରକାରଙ୍କ ତଦନ୍ତ ନିର୍ଦ୍ଦେଶ । ନହେଲେ କେଉଁଠି କେଉଁ ମନ୍ତ୍ରୀଙ୍କ ବିରୁଦ୍ଧରେ ଏତେ କୋଟି ଟଙ୍କାର ହାୱାଲା ଦୁର୍ନୀତି, ଔଷଧ କିଣା ଦୁର୍ନୀତି, ପଶୁଖାଦ୍ୟ ଦୁର୍ନୀତି ତା'ସାଙ୍ଗକୁ ଅମୁକ ନେତା ଅମୁକ ଦଳ ତ୍ୟାଗ କରି ସମୁକ ଦଳରେ ପଶିଲେ । କେଉଁଠି କେଉଁ ତାନ୍ତ୍ରିକ ସ୍ୱାମୀଙ୍କପର ନାରୀ ଧର୍ଷଣ, ତା' ନହେଲେ କୋଉଁଠି ହରିଜନଙ୍କ ଉପରେ ଗୁଳିକାଣ୍ଡ ତ କେଉଁଠି ଦଳିତଙ୍କୁ ଅଧିକ ଅଧିକାର ଦାବିରେ ରାସ୍ତାରୋକ । କେଉଁଠି ନାରୀମାନଙ୍କର ସମ୍ମାନ ଅଧିକାର ଦାବୀରେ ଶୋଭାଯାତ୍ରା, ତ କେଉଁଠି କିଏ ମସ୍‌ଜିଦ୍ ଭାଙ୍ଗିଲାଣିତ କେଉଁଠି କିଏ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କଲାଣି । ତା'ପରେ ଖବରକାଗଜର ଯେତିକି ଜାଗା ବାକି ରହିଲା । ସେଇଠି ସବୁ ଥିବ, ଯୌତୁକ ଜନିତ ହତ୍ୟାକାଣ୍ଡ ନହେଲେ ଗାଁ ରାଜନୈତିକ ଦଳର ସମର୍ଥକମାନଙ୍କ ମଧ୍ୟରେ ଦଙ୍ଗା ହଙ୍ଗାମା । ସେଥିରେ ଆଉ ପଢ଼ିବାର କ'ଣ ଅଛି କହ ।

ସୁଦର୍ଶନ : ସତରେ ଯାହା କହିଲୁ ଖାଲି ସେତିକି ନୁହଁ, ଏଇଟା ବେକାର ଯୁବକ ଯୁବତୀମାନଙ୍କର ବିଜ୍ଞାପନ ଖୋଜିବାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ । ଖବର ପେଜ୍ ହେଲେ ବିଜ୍ଞାପନ ୬ ପେଜ୍ ଏ ବେକାର ସମସ୍ୟା ଆମ ଦେଶରେ ଏତେ ଉଗ୍ର ରୂପ ଧାରଣ କଲାଣି ଯେ ଏହାକୁ ସମ୍ଭାଳିବା ଏଣିକି ପ୍ରାୟ ଅସମ୍ଭବ ହୋଇ ପଡ଼ିଲାଣି । ଆଉ ମୁଁ ଭାବୁଛି ସମାଜରେ ଯେତେ ସବୁ ଅଘଟଣ ଅନର୍ଥ ସବୁ ଏଇ ବେକାର ସମସ୍ୟାକୁ କେନ୍ଦ୍ରକରି ହିଁ ବଢ଼ି ଚାଲିଛି । ଇଭିଲ୍ ମାଇଣ୍ଡ ଡେଭିଲସ୍ ୱାର୍କସପ୍ ଭଳି ।

ରତ୍ନାକର : ବେକାର ସମସ୍ୟା କେବଳ ଆମ ଦେଶରେ ନୁହେଁ ସାରା ପୃଥିବୀର ସବୁ ଦେଶରେ ଅଛି । କ୍ୟାପିଟାଲାଇଷ୍ଟିକ୍ ଫର୍ମ ଅଫ୍ ସୋସାଇଟି ହେଉ ବା ସୋସିଆଲିଷ୍ଟିକ୍ ଫର୍ମ ଅଫ୍ ସୋସାଇଟି ହେଉ ଏପରିକି କମ୍ୟୁନିଷ୍ଟ ଷ୍ଟେଟରେ ମଧ୍ୟ ବେକାରୀ ସମସ୍ୟା ଅଛି କିନ୍ତୁ ଏ ଦେଶର ପ୍ରୋବ୍ଲେମ୍ ହେଉଛି ଯେ ଏଠାରେ ଅଧିକାଂଶ ବେକାର ତାଙ୍କ ପାରିପାର୍ଶ୍ୱିକ ଅବସ୍ଥାକୁ କାମରେ ନଲଗାଇ କେବଳ ସରକାରୀ ଚାକିରି ଖୋଜନ୍ତି । କେତେ କମ୍ ପରିଶ୍ରମରେ, କେତେ ବେଶୀ ଏ ଜୀବନକୁ ଉପଭୋଗ କରିହେବ ତ'ର ହିସାବ କରନ୍ତି, ଆଇ.ଏ., ବି.ଏ. ପାଶ୍ କରିଥିବା ପିଲା ବିଲ୍‌କୁ ଯାଇ ଚାଷ କାମ କରିବା ଅପେକ୍ଷା ଯୁବକ ସଂଘ ଘରେ ବସି ଦିନରାତି କ୍ରିକେଟ ମ୍ୟାଚ୍ ଦେଖିବାକୁ ଅଧିକ ଗୌରାବାନ୍ୱିତ ମନେ କରନ୍ତି ।

Digitized by PPRACHIN, SOA

ସୁଦର୍ଶନ : ଛାଡ଼ ସେ କଥା କାହାକୁ କହିଲୁ ପାଣି ଗିଲାସେ ଦେବ ।

ରତ୍ନାକର : ମିନି – ଆଲୋ ମିନି – ଅଛୁକି ? (ଆସିଲା କମ୍ରୁନ)

କମରୁନ : ନାଇଁ ବାବା ମିନି ପାଠ ପଢୁଛି । କ'ଣ କହନ୍ତୁ ?

ରତ୍ନାକର : ଗଲୁ ମା' ପିଇବା ପାଣି ଗିଲାସେ ଆଣିବୁ (କମରୁନ ପ୍ରସ୍ଥାନ)

ସୁଦର୍ଶନ ଏ ଝିଅଟି କିଏ ? ୟାକୁ ତ ସେଦିନ ମୁଁ ଦେଖି ନଥିଲି ।

ରତ୍ନାକର : ନା, ୟା ନାଁ କମରୁନ ବିବି ।

ସୁଦର୍ଶନ : ମୁସଲମାନ ଝିଅ ?

ରତ୍ନାକର : କାହିଁକି, ତା' ହାତରୁ ପାଣି ପିଇଲେ ତ ତୋ ଭଳି ଜଣେ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀର ଜାତି ଚାଲିଯିବା କଥା ତ ନୁହଁ ? (ହସିଲେ)

ସୁଦର୍ଶନ : (ହସି) ଆମର ଜାତି ଆଉ ଅଛି ଯେ ଯିବ । ନାଇଁ ମୁଁ ପଚାରୁ ଅଛି ୟେ ଏଠି କେମିତି ?

ରତ୍ନାକର : ସେଇ ଏକା କଥା, ତା' ବାପା ମରିଗଲା ପରେ ସାମାଜିକ ଉତ୍ପୀଡ଼ନର ଶିକାର ହୋଇ ଘର ଛାଡ଼ି ଆସି ଏଠି ହାଜର ।

ସୁଦର୍ଶନ : ପାଠଶାଠ ପଢ଼ିଛି ?

ରତ୍ନାକର : ହଁ ମେଟ୍ରିକ୍ ପାଶ୍ କରିଛି । ଚାକିରି ଖୋଜୁଛି ?

ସୁଦର୍ଶନ : କେମିତି ଚାକିରି କରିବ ।

ରତ୍ନାକର : ସେ ବିଷୟରେ ମୁଁ ତାକୁ କିଛି ପଚାରିନି । ତେବେ ତୁ କାହିଁକି ଏତେ ଆଗ୍ରହର ସହିତ ପଚାରୁଛୁ ଶୁଣେ ?

ସୁଦର୍ଶନ : ନାଇଁ ମ, ମୋ ନାତିଟା ଏବେ ଗୋଟିଏ ଛୋଟ ଇଣ୍ଡଷ୍ଟ୍ରି କରିଛି । ସେ କିଛି ବିଶ୍ୱସ୍ତ ଲୋକବାକ ଖୋଜୁଛି (ପେପର ଦେଖେଇ) ଆଜି ଏଥିରେ ଆଡ଼ଭାଟାଇଜ କରିଛି । ତୁ ଯଦି ସୁପାରିଶ କରୁ ତା'ହେଲେ ବିନା ଇଣ୍ଟରଭ୍ୟୁରେ ସେ ୟାକୁ ଚାକିରି ମିଳିଯାଇପାରେ । ଅବଶ୍ୟ ଏ ଝିଅ ଯଦି ଚାକିରି କରିବାକୁ ଚାହେଁ ।

ରତ୍ନାକର : ଭଲ କଥା, ତାକୁ ପଚାରି ଆଗ ବୁଝାଯାଉ ।

(କମରୁନ ଆସିଲା ପାଣି ଦେଲା, ରତ୍ନାକର ସୁଦର୍ଶନକୁ ଠାରି ଦେଲେ) ନେ ପାଣି ନେ !

କମରୁନ (ଅସ୍ତବ୍ୟସ୍ତ ହେଲେ) କିନ୍ତୁ ବାବା...

ରତ୍ନାକର : ତୋର ପରିଚୟ ସିଏ ଜାଣେ, ତା'ର ଆପତ୍ତି ନାହିଁ ଯେତେ ବେଳେ ତୁ ଆପତ୍ତି କରିବାକୁ କିଏରେ ।

ସୁଦର୍ଶନ : (ପାଣି ପିଇସାରି) ଧନ୍ୟବାଦ – ଆଚ୍ଛା ମା' ମୁଁ ଶୁଣିଲି ତୁ କୁଆଡ଼େ ଚାକିରି ଖୋଜୁଛୁ ?

କମରୁନ : ଖୋଜୁଥିଲି । ଏବେ ଆଉ ଖୋଜୁନି ।

ରତ୍ନାକର : ଆରେ ତୁ ୟା ଭିତରେ କେଉଁଠି ଚାକିରି ପାଇ ସାରିଲୁଣି ? କାହିଁ କହିନୁ ତ ?

କମରୁନ : ନା ପାଇନି, ତେବେ ପାଇ ଯିବାର ଆଶା ଅଛି ।

ରତ୍ନାକର : କେଉଁଠି ?

Digitized by PPRACHIN, SOA

କମରୁନ : ଏଇଠି, ଏଇ ଆଶ୍ରମରେ ।

ସୁଦର୍ଶନ : ମାନେ... ?

କମରୁନ : ଅବଶ୍ୟ ବାବା ଯଦି ଚାକିରି ଦେବାକୁ ରାଜି ହୁଅନ୍ତି ? (ରତ୍ନାକର ଓ ସୁଦର୍ଶନ ଦୁହେଁ ଦୁହିଁଙ୍କୁ ଚାହିଁଲେ)

ରତ୍ନାକର : ଏଠି ସେମିତି କିଛି ଚାକିରି ଅଛି ବୋଲିତ ମୋର କିଛି ମନେ ପଡୁନାହିଁ ।

କମରୁନ : ମାଧବବାବୁ କହୁଥିଲେ କାଳେ ଆପଣ ତାଙ୍କୁ ଅନୁମତି ଦେଇଛନ୍ତି ଏଠି ଡାଏରୀ ଫାର୍ମ ହେବ ? ନର୍ସରୀ ପ୍ଲାଣ୍ଟେସନ୍ ହେବ ?

ସୁଦର୍ଶନ : ବାଃ ଯେତ ବଢ଼ିଆ ଯୋଜନା । ତୁମେ ତା'ହେଲେ ସେଇଠି କାମ କରିବ ?

କମରୁନ : ଇଚ୍ଛା ତ ସେଇଆ ଅଛି । ବାବା ଯଦି ରାଜି ହୁଅନ୍ତି ।

ରତ୍ନାକର : ଆରେ ସେଇଟା ମାଧବର ଯୋଜନା – ତାକୁ ପଚାର ସିଏ ରଖିବ କି ନାହିଁ ?

କମରୁନ : ତାଙ୍କ କଥା ମୁଁ ବୁଝିବି । ଆପଣଙ୍କର କିଛି ଆପତ୍ତି ନାହିଁ ତ ?

ରତ୍ନାକର : ଆରେ ମୁଁ ଆପତ୍ତି କରିବି କାହିଁକି ତଥାପି କେତେ କ'ଣ ଦରମା ସେ ଦେଇ ପାରିବ ସେ କଥା ତାକୁ ପଚାର ।

କମରୁନ : ଦରମା କଥା ମୁଁ ଠିକ୍ କରି ନେଇଛି । ଖାନା ପିନା ଦରମା ବିନା...

ରତ୍ନାକର : ମାନେ...

କମରୁନ : (ହସି) ସେ କଥା ଆପଣ ବୁଝିପାରିବେନି (ଦୌଡ଼ି ପଳାଇଲା) (ଦୁଇ ବୁଢ଼ା ଦୁଇଜଣଙ୍କ ମୁହଁକୁ ଚାହିଁ ରହିଲେ)

ରତ୍ନାକର : କିଛି ବୁଝିଲୁ ।

ସୁଦର୍ଶନ : ସେ କଥା ବୁଝିବାର ବୟସ କ'ଣ ଆଉ ଅଛି । (ଦୁଇ ବୁଢ଼ା ହୋ ହୋ ହୋଇ ହସିଲେ)

ତ୍ରୟୋଦଶ ଦୃଶ୍ୟ

(ଲୋକ ନାଟକର ଦୃଶ୍ୟ ସାମନାରେ ବସିଛନ୍ତି । ସୁଦର୍ଶନ, ରତ୍ନାକର, ମିନି ଇତ୍ୟାଦି) (ପାଲା, ଦାସକାଠିଆ, ଘୋଡ଼ାନାଚ) (ନାଚ ଭିତରେ ଦୂରରୁ ଲୋକ ଗୋଳମାଳ ଶୁଣାଗଲା । ଜଣେ ଲୋକ ଆସି ବାବୁଙ୍କୁ କହିଲା)

ଲୋକ : ବାବା – ଏଇ ସନ୍ଧ୍ୟାବେଳେ କିଏ ଦୁଇଜଣ ଲୋକ ଗାଡ଼ିରେ ଆସି ଆମ ବସ୍ତି କୂଅ ଭିତରେ ଗୋଟିଏ କଟା ବାଛୁରୀର ମୁଣ୍ଡ ପକେଇ ଦେଇ ପଳେଇଲେ । ବସ୍ତି ଲୋକ ସବୁ ଠେଙ୍ଗା ବାଡ଼ି ଧରି ମସ୍‌ଜିଦ୍ ଆଡ଼େ ଧାଇଁ ଗଲେଣି ।

ରତ୍ନାକର : ମସ୍‌ଜିଦ୍ ଆଡ଼େ କାହିଁକି ଗଲେ ?

ଲୋକ : ସେମାନଙ୍କ ଧାରଣା ଏ ସବୁ ମସ୍‌ଜିଦ୍‌ବାଲାଙ୍କ କାଣ୍ଡ । ସେମାନେ ଲୋକ ଲଗେଇ ଏସବୁ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି । ଆଉ ଗଣ୍ଡଗୋଳ ଲାଗିଲେ ତା'ର ମୁକାବିଲା କରିବା ପାଇଁ ମସ୍‌ଜିଦ୍ ଭିତରେ ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ମଧ୍ୟ ମହଜୁଦ୍ କରି ରଖିଛନ୍ତି ।

(ଏତିକି ବେଳେ ଦୁଇଜଣ ମୁସଲମାନ ଯୁବକ ଆସି ପହଞ୍ଚିଲେ)

Digitized by PPRACHIN, SOA

ଯୁବକ : ଏଇଟା ମିଛ କଥା – ଏବେ ଆମ ମସ୍‌ଜିଦ୍ ପାଖ କୂଅରେ ଗୋଟିଏ ଘୁଷୁରୀ ମୁଣ୍ଡ ପଡ଼ିଛି । ଏଇଟା ନିଶ୍ଚୟ ଏମାନଙ୍କର କାମ । ଏମାନେ ଆମ ବସ୍ତିକୁ ଉଡ଼ାଇ ଦେବା ପାଇଁ ସେଇ ମନ୍ଦିର ଭିତରେ ବୋମା ଲୁଚାଇ ରଖିଛନ୍ତି ବୋଲି ଆମ ବସ୍ତି ଭାଇମାନେ କଥାବାର୍ତ୍ତା ହେଉଛନ୍ତି ।

ରତ୍ନାକର ଏ ସବୁ ମିଛ କଥା ।

ସୁଦର୍ଶନ ପୋଲିସ୍‌କୁ କ'ଣ ଖବର ଦେବାକୁ ପଡ଼ିବ ?

ରତ୍ନାକର ମୁଁ ଯାଉଛି ଏସ୍‌ପିଙ୍କୁ ଫୋନ୍ କରି ପୋଲିସ୍ ବ୍ୟବସ୍ଥା କରୁଛି । ମୁଁ ବସ୍ତିକୁ ଯାଉଛି ।

ସୁଦର୍ଶନ : (ତାକୁ ଧରି) ମୋ ସହିତ ତୁ ମଧ୍ୟ ଚାଲ ନହେଲେ ଏଠି ତୋ ଜୀବନ ବିପନ୍ନ ହୋଇପାରେ ।

ରତ୍ନାକର ମୋ ଜୀବନଠାରୁ ଏମାନଙ୍କ ଜୀବନ କ'ଣ କମ୍ ମୂଲ୍ୟବାନ ବୋଲି ତୁ ଭାବୁଛୁ ? ନା – ତା ନୁହେଁ ବରଂ ମୁଁ ଯଦି ଏମାନଙ୍କୁ ବୁଝାଇ ସୁଝାଇ ପରିସ୍ଥିତି ଶାନ୍ତ କରିପାରେ ତା'ହେଲେ ଦୁଇ ସଂପ୍ରଦାୟ ମଧ୍ୟରେ ବିଶ୍ୱାସ ପୁଣି ଫେରି ଆସିବ । କେତେ ଧନ ଜୀବନ ରକ୍ଷା ପାଇଯିବ । ଆଉ ଡେରି କରନା ଯା ତୁ ଶୀଘ୍ର ପୋଲିସ୍ ନେଇ ଆ । (ସୁଦର୍ଶନ ପ୍ରସ୍ଥାନ) (ଅନ୍ଧାର ମଧ୍ୟରେ କୋଳାହଳ)

ରତ୍ନାକର ଆରେ ମୋ କଥା ଶୁଣ, ମୋ କଥା ମାନ, ତୁମେ ସବୁ ଶାନ୍ତ ହୁଅ । ଏ ସବୁ ନିଶ୍ଚୟ କେହି ଦେଶ ଦ୍ରୋହୀର କାମ । ଏମିତି ବିଭିନ୍ନ ଘଟଣା ଘଟେଇ ଆମ ଭିତରେ ଦଙ୍ଗା ହଙ୍ଗାମା ସୃଷ୍ଟି କରିବା ଏମାନଙ୍କ ଲକ୍ଷ୍ୟ । ଆମ ଭିତରେ ଏକତା ରହିବା ସେମାନେ ଚାହାନ୍ତି ନାହିଁ । ଆମର ସୁଖ ଶାନ୍ତି ଛଡ଼େଇ ସେମାନେ ଆମକୁ ଖଣ୍ଡ ଖଣ୍ଡ କରି ଦେବାକୁ ଚାହାନ୍ତି । ଆମକୁ ଦୁର୍ବଳ କରି ସେମାନେ ଆମକୁ ଧ୍ୱଂସ କରିଦେବାକୁ ଚାହାନ୍ତି । ଭାଇମାନେ ସେମାନଙ୍କର କଥାରେ ଭାସି ଯାଅ ନାହିଁ । ନିଜର ସୁଖ ଶାନ୍ତି ନଷ୍ଟ କରନାହିଁ । ନିଜ ନିଜର ଭାତୃତ୍ୱକୁ ଧ୍ୱଂସ କରନାହିଁ । (କୋଳାହଳ ତୀବ୍ର ହେଲା ଲାଠି ମାଡ଼ରେ ରତ୍ନାକର ଟଳି ପଡ଼ିଲା)

କେତେଜଣ ବାବାଙ୍କୁ କିଏ ମାରିଲା, ବାବାଙ୍କୁ ଧର ବାବାଙ୍କୁ ବିଞ୍ଚିଦେ...

ମିନି (କାନ୍ଦ କାନ୍ଦି) ବାବା, ବାବା – ମୋ ବାବାଙ୍କୁ ବଞ୍ଚାଅ । (ପୋଲିସ୍ ସହ ସୁଦର୍ଶନ)

ସୁଦର୍ଶନ : (ପ୍ରବେଶ) ପୁଅ ଆଉ ବାପ ଦୁହେଁ ଏ ଦେଶ ପାଇଁ ଶହୀଦ ହୋଇଗଲେ । ଜଣେ ରକ୍ତ ଦେଲା ଦେଶକୁ ସ୍ୱାଧୀନ କରିବ ବୋଲି । ଆଉ ଜଣେ ଶହୀଦ ହୋଇଗଲା ଦେଶବାସୀଙ୍କ ମଧ୍ୟରେ ଭାତୃତ୍ୱ ଓ ଭାଇଚାରାର ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ।

ଧନ୍ୟ ରତ୍ନାକର । ଧନ୍ୟ ତୁମେ ଆଉ ଧନ୍ୟ ତୁମ ତ୍ୟାଗ । ତୁମେ ଆମର ଅଭିବାଦନ ଗ୍ରହଣ କର ।

(ସେଲ୍ୟୁଟ କଲେ ଓ କହିଲେ) ବନ୍ଦେ...ମାତରମ୍

(ଇତି ମଧ୍ୟରେ ମିନି ବାବାଙ୍କ ବ୍ୟାଗ ଖୋଜି ପ୍ରଦୀପର ରକ୍ତାକ୍ତ ଟୋପି ବାହାର କରି ପିନ୍ଧିଲା, ପତାକା ଧରିଲା ଓ ବ୍ୟାଗ କାନ୍ଧରେ ପକାଇ ବାବାଙ୍କ ପ୍ରିୟ ଗୀତ ଗାଇ ଷ୍ଟେଜ୍‌ରେ ବୁଲିଲା । ତା'ପଛେ ପଛେ ସୁଦର୍ଶନ ଓ ଲୋକ ସବୁ ଜଣେ ଜଣେ ବୁଲିଲେ ଓ ପଛରେ ପୋଲିସ୍ ମଧ୍ୟ ବୁଲିଲେ । ସେମାନେ ବୁଲିବୁଲି ଷ୍ଟେଜରୁ ଓହ୍ଲାଇ ଦର୍ଶକଙ୍କ ମଧ୍ୟରେ ପଶିଗଲେ) ।

(ଅନ୍ଧାର)

Digitized by PPRACHIN, SOA

Digitized by PPRACHIN, SOA



ପ୍ରତିବିମ୍ବ

Digitized by PPRACHIN, SOA

ପାତ୍ର ପରିଚୟ

୧. କଏଦୀ- ଶ୍ରୀ ନବୀନ କୁମାର ପରିଡା

୨. କୋରସ ୧ -ଶ୍ରୀ ଭକ୍ତି ରଂଜନ ଦାସ

୩. କୋରସ ୨ - ଶ୍ରୀ ସ୍ନେହାଶୀଷ

୪. କୋରସ ୩- ଶ୍ରୀ ରାକେଶ

୫. କୋରସ ୪- କୁମାରୀ ସୁନନ୍ଦା ପରିଡା

୬. କୋରସ ୫- କୁମାରୀ ଲକ୍ଷ୍ମୀପ୍ରିୟା

୭. କୋରସ ୬- କୁମାରୀ ରୂପଶ୍ରୀ

ନିର୍ଦ୍ଦେଶନା- ଶ୍ରୀ ଶୁଭ୍ରାଂଶୁ ଶେଖର ପରିଡା

ଆଲୋକ- ଶ୍ରୀ ପ୍ରିୟବ୍ରତ ଗିରି

ମଞ୍ଚ- ଶ୍ରୀ ଚିରଞ୍ଜୀବୀ ମହାରଣା

ସଂଗୀତ- ଶ୍ରୀ ମାରୁତି ପୁହାଣ / ଶ୍ରୀ ଦ୍ୱୀତିକୃଷ୍ଣ ପଣ୍ଡା

ରୂପସଜ୍ଜା ପୋଷାକ- ଶ୍ରୀ ବିପ୍ଲବ ପ୍ରଧାନ

ପ୍ରଥମ ପରିବେଷଣ- ଉତ୍କଳ ସଂଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର ନାଟ୍ୟବିଭାଗ ଦ୍ୱାରା ଆୟୋଜିତ 'ନାଟ୍ୟସପ୍ତାହ'-୨୦୧୨ ଉପଲକ୍ଷେ ପରିବେଷିତ ।

Digitized by PPRACHIN, SOA

ଏକକ ଦୃଶ୍ୟ

(ଜେଲ୍‌ର ବନ୍ଦ କୋଠରୀ ଭିତରେ ଶୋଇଥିବା କଏଦୀ ଟ୍ରେନ୍ ଶବ୍ଦ ଶୁଣି ଉଠି ପଡ଼ିଛି)

କଏଦୀ — ଡାକଗାଡ଼ି ଗଲା ବୋଧହୁଏ । ସମୟ କେତେଟା ହବ ? ଡାକଗାଡ଼ି ଗଲା କି କ'ଣ ? ରାତି ୨ଟା ବାଜିଲା ବୋଧହୁଏ । ତା'ମାନେ ରାତିପାହିବାକୁ ଆହୁରି ତିନି ଘଣ୍ଟାରୁ ଅଧିକ ସମୟ ଅଛି । ଆଉ ତ ନିଦ ହବନି, ନା ହେବାର ସମ୍ଭାବନା ବି ନାହିଁ । ଗପ କିମ୍ବା ନାଟକ ବହିଟିଏ ହେଲେ ଥାଆନ୍ତା ବସିବସି ପଢ଼ିଥାନ୍ତି । ନିଦ ଲାଗିଯାଆନ୍ତା । କିମ୍ବା ଗୀତର ସିଡ଼ି ବା କ୍ୟାସେଟ୍‌ଟିଏ ବଜେଇଲେ ବି ଶୁଣିଶୁଣି ଶୋଇ ପଡ଼ିଥାନ୍ତି । ଜେଲର ଏ ବନ୍ଦ କୋଠରୀ ଭିତରେ ତା'ର ବି ସମ୍ଭାବନା ନାହିଁ । ଏତେ ସମୟ କ'ଣ କରିବି ?

ବୋଉର ଡାକ : (ନେପଥ୍ୟରୁ) ଦିପୁ ! ଦିପୁ ! ଏ ଦିପୁ...!

କଏଦୀ : ମା' ଯଦି ଆଜି ବଞ୍ଚିଥାନ୍ତା ଆଉ ଏଇଠି ଥାନ୍ତା । କହନ୍ତା ଧନରେ ମୋ କୋଳରେ ମୁଣ୍ଡରଖି ଶୋଇପଡ଼, ଗୀତ ଗାଇ ଥାପୁଡ଼େଇ ଦେବି । ଅବା ପରି ରାଇଜର କାହାଣୀ ଶୁଣାଇ ଶୁଆଇ ଦେବି। କହନ୍ତା ଶୋଇପଡ଼ ଧନ ଶୋଇପଡ଼ । (ଦୀର୍ଘଶ୍ୱାସ) ସେ ବି କେଉଁ କାଳରୁ ମରି ମଶାଣିରେ ପାଉଁଶ ହୋଇ ସାରିଲାଣି । ନା ନା ଆଉ ଏତେ ଦିନ ସେ ପାଉଁଶ ଆଉ ନଥିବ ଏବେ ତ ମାଟି ହୋଇସାରିବଣି ସିଏ । କେତେ ଭଲ ପାଉନଥିଲା, ସତେ ସିଏ ମୋତେ । ପିଲାଦିନ କଥା ଠିକ୍‌ଠିକ୍ ମନେନାହିଁ ମୋର । ତଥାପି ଅଝଟ ହେଲାବେଳେ, ନାନା-ବାୟାଗୀତ ଗାଇ ବୁଝେଇ ଦେଉଥଲା । ମୁଁ ରାଗି ରୁଷି ନ ଖାଇଲେ ଜହ୍ନମାମୁଁ ଆଡ଼େ ଆଙ୍ଗୁଳି ଦେଖାଇ କହୁଥିଲା, ''ଖାଇଦେ ଧନ, ଜହ୍ନରାଇଜକୁ ଯିବା ଜହ୍ନମାମୁଁ ସାଙ୍ଗେ ଲୁଚକାଳି ଖେଳିବା ।''

କୋରସ : ଆ ଜହ୍ନ ମାମୁଁ ସରଗ ଶଶି — ମୋ କାହ୍ନୁ ହାତରେ ପଡ଼ରେ ଖସି ।
ଆ ଜହ୍ନ ମାମୁଁ ସରଗ ଶଶି — ମୋ କାହ୍ନୁ ହାତରେ ପଡ଼ରେ ଖସି ।

କୋରସ : ବାଇ ଚଢ଼େଇରେ — ବାଇ ଚଢ଼େଇ,
ତୋ ମା' ଯାଇଛି ଗାଈଚରେଇ — ଗହୀର ବିଲରୁ ଆଣିବ ବେଲ
କୋଳରେ ବସାଇ କରିବ ଗେଲ ।

କଏଦୀ : ସେଦିନ କଥା ମନେପଡ଼ିଲେ ଆଜି ବି ଆଖିପତା ଦୁଇଟା ଲୁହରେ ଓଦା ହେଇଯାଏ । ହସିଖେଳି ଦିନଗୁଡ଼ିକ କେମିତି ସ୍ୱପ୍ନ ଭଳି କଟିଗଲା । ସୁଖ, ଦୁଃଖ, ହସ, କାନ୍ଦ, ସବୁ ଆସୁଥିଲା ଆଉ ଚାଲି ଯାଉଥିଲା ଅଦିନିଆ ମେଘପରି । ତା'ର ପ୍ରତିକ୍ରିୟା ଯେମିତି ମୋ ଦେହ ଓ ମନ ଉପରେ ଆଦୌ ଚାପ ପକାଇ ପାରୁନଥିଲା । ସେଇଥିପାଇଁ ବୋଧ-ହୁଏ ଶୈଶବ ଆନନ୍ଦମୟ ଓ ନିଷ୍ପାପ । ସେଦିନ ତ ଫେରିବାର ନୁହେଁ । କିନ୍ତୁ ଅବଶୋଷ ଏତିକି ଯେ ସେଦିନକୁ ଆଉ ଭୁଲିବାର ନୁହେଁ । ସେଦିନର କଥାସବୁ ଆଜି କାହାଣୀ ହୋଇଯାଇଛି । ସେଦିନର ଚରିତ୍ର ସବୁ ସ୍ମୃତି ହୋଇ ରହିଯାଇଛି । କିନ୍ତୁ ରହିଯାଇଚି କେବଳ ଗୋଟିଏ ଚରିତ୍ର, ମୋ ସହିତ ମୋର ହୋଇ, ମୋ ନିଜର ହୋଇ । ମୋ ସୁଖ

Digitized by PPRACHIN, SOA

ଆଉ ଦୁଃଖ, ଆନନ୍ଦ ଆଉ ନିରାନନ୍ଦ, କର୍ତ୍ତବ୍ୟ ଆଉ ଛଳନା ସବୁଥିରେ ସାକ୍ଷୀ ହୋଇ ରହିଆସିଛି ମୋ ସହିତ, ଆବାଲ୍ୟରୁ । ତା'ପରେ ମୁଁ ବଡ଼ ହେଲି । ମୋ ସହିତ ପ୍ରତିଯୋଗିତା କରି ସେ ବି ବଡ଼ ହୋଇ ଚାଲିଲା । ମୋ ଅଲକ୍ଷରେ । ମନେଅଛି ସେଦିନ କଥା । ଯେଉଁଦିନ ପ୍ରଥମେ ବାପାଙ୍କ ସହିତ ବାପାଙ୍କ ହାତ ଧରି ମୁଁ କାଖରେ ବସ୍ତାନି ଆଉ ଚଟେଇ ଖଣ୍ଡିଏ ଜାକି ଚାଟଶାଳୀ ଯାଇଥିଲି । ପ୍ରଥମେ ପ୍ରଥମେ ଚାଟଶାଳୀ ନଯିବାର ପ୍ରୟାସରେ ସେଦିନ ବହୁତ କାନ୍ଦିଥିଲି । କାନ୍ଦିକାନ୍ଦି ଆଖି ପାଣି ଆଉ ନାକର ସିଙ୍ଗାଣି ସବୁ ଏକାକାର ହୋଇଯାଇଥିଲା । କେତେ ବୁଝାସୁଝା କରି ବାଆ ମୋର ମୋତେ ନେଇ ଛାଡ଼ି ଯାଇଥିଲେ ଚାଟଶାଳୀ ତାଟି ବେଢ଼ା ପାଖରେ

କୋରସ : ଅ, ଆ, ଚକ, ଅଖ, କଳ ।
ହରିଣ ନଦିଏ ଧରା, ଦଉଡ଼ନା ବଡ଼ଖରା ।
ତୁମ ପରି ଛୋଟ ପିଲାଟିଏ ଗାଁ ଚାହାଳିର ଚାଟସିଏ । (କୋଳାହଳ)

କଏଦୀ : ଡରିଡରି ଭିତରକୁ ପଶିଲି । ଗାଁ ଚାଟଶାଳିର ଅବଧାନଙ୍କ ବେତମାଡ଼ (Ch -ଆଃ...) ମନେପଡ଼ିଲେ ଆଜିବି ଦେହ ଶିତେଇ ଉଠେ । ସେଦିନର ସେ ସ୍ମୃତି ଆଜି ବି ମନେଅଛି । କାହିଁକି ନା ସେଇଠୁ ତ ଆରମ୍ଭ ହୋଇଥିଲା ମୋର ପ୍ରଥମ ପାଠପଢ଼ା, ମୋର ଖଡ଼ିଛୁଆଁ । ମାଟି ସିଲଟ ଉପରେ ଲେଖିବା ଆରମ୍ଭ କରିଥିଲି । ସାର୍ କହିଲେ ଶୂନ ମୁଣ୍ଡଳା ବୁଲା ଆଉ କହ "ବ୍ରହ୍ମା, ବିଷ୍ଣୁ, ମହେଶ୍ୱର" (ତିନିଥର) ଦୁଇକେ ଦୁଇ ଦୁଇପଣ (ପରେ ବେଲ୍ ବାଜିବ) ଚାହୁଁଚାହୁଁ ଚାଟଶାଳୀ ସରିଗଲା ତା'ପରେ ବାଜିଲା ୟୁ.ପି.ସ୍କୁଲର ଗୋଲିଆ ଘଣ୍ଟା । ଆରମ୍ଭ ହେଲା ପ୍ରାର୍ଥନା ସଭା । ପ୍ରାର୍ଥନା ବୋଲାହେଲା । ସେ ଗୀତ ମୋର ମନେଥିଲା । କାରଣ ନିତି ସଞ୍ଜରେ ବୋଉ ମୋର ଠାକୁର ଘରେ ସଞ୍ଜବତୀ ଲଗେଇ ସେଇ ଗୀତ ବୋଲୁଥିଲା ଆଉ ତା'ପାଖରେ ମତେ ବସେଇ କହୁଥିଲା ମୋ ସାଙ୍ଗରେ ପ୍ରାର୍ଥନା ବୋଲ ତେଣୁ ମୋର କିଛି ଅସୁବିଧା ହେଲାନି । ପିଲାମାନଙ୍କ ସ୍ୱର ସାଙ୍ଗରେ ସ୍ୱର ମିଶାଇ ମୁଁ ବି ଗାଇଲି –
ଆହେ ଦୟାମୟ ବିଶ୍ୱବିହାରୀ ଘେନ ଦୟା ବହି ମୋର ଗୁହାରୀ ।

କୋରସ : ଜଳ ସ୍ଥଳ ବନ ଗିରି ଆକାଶ ତୁମ ଲୀଳା ସବୁଠାରେ ପ୍ରକାଶ ।

କଏଦୀ : ପ୍ରାର୍ଥନା ପରେ କ୍ଲାସ୍ ଆରମ୍ଭ ହେଲା । ଅଙ୍କ କଷା, ଚିତ୍ରାଙ୍କନ, ସାହିତ୍ୟ, ଆଉ ଇଂରାଜୀ ଏମିତି ଗୋଟିଏ ପରେ ଗୋଟିଏ ପାଠ ମୋତେ ବୋଝ ଭଳି ଲାଗିଲା । ଯେମିତି ସେମାନେ ମୋ ତଣ୍ଟିକୁ ଚାପି ଦଉଛନ୍ତି । ହେଲେ ଖେଳଛୁଟି ଆରମ୍ଭ ହେଲାମାତ୍ରେ ସବୁ ଦୁଃଖ, ସବୁ କାନ୍ଦ କୁଆଡ଼େ ଯେମିତି ହଜିଯାଉଥିଲା । ନୂଆନୂଆ ସାଙ୍ଗମାନଙ୍କ ସିହତ କବାଡ଼ି ଖେଳ ।

କୋରସ : କବାଡ଼ି କବାଡ଼ି କବାଡ଼ି କବାଡ଼ି କବାଡ଼ି କବାଡ଼ି

କଏଦୀ : ଖେଳରେ ମାତିଗଲି ମୁଁ । ଜୀବନ, ସନ୍ତୋଷ, ପୂର୍ଣ୍ଣେନ୍ଦୁ, ବିମଳ ଏମିତି କେତେ କେତେ ସାଙ୍ଗ । ସମୟ ଗଡ଼ିଚାଲିଲା । କବାଡ଼ି ଖେଳରୁ ଗୁଡ଼ି, କ୍ରିକେଟ, ଫୁଟବଲ୍ ଏମିତି ଖେଳୁଖେଳୁ କେତେବେଳେ ୟୁ.ପି. ସ୍କୁଲ ପରେ ମାଇନର୍ ସ୍କୁଲ, ଆଉ ହାଇସ୍କୁଲ, ଗୋଟିଏ ପରେ ଗୋଟିଏ ହତା । ଏକାଦୁକା ଖେଳୁଥିବା ଝିଅପରି ।

କୋରସ : କିତ୍ କିତ୍ କିତ୍...ଥା (୩ ଥର)

Digitized by PPRACHIN, SOA

କଏଦୀ : ଡେଇଁ ଡେଇଁ କେତେବେଳେ ଯାଇ କଲେଜ ହତା ଭିତରେ ପଶିଲି ଜଣାନାହିଁ । ହେଲେ ମନେପଡ଼େ ଦିନକର କଥା, ସେଇ ହାଇସ୍କୁଲ ବେଳ । ଶୀତୁଆ ସଞ୍ଜରେ ଟ୍ୟୁସନ୍‌ରୁ ଲଣ୍ଠନ ଧରି ଫେରୁଥିବାବେଳେ ବାଟରେ ପଡ଼େ ଡିମିରିବଣ । ସେତେବେଳେ ମୁଁ ବହୁତ ଡରକୁଳା ଥିଲି । ଘରକୁ ଫେରିଲାବେଳେ ସାଙ୍ଗମାନଙ୍କୁ ଆଗରେ ଆଉ ପଛରେ ରଖି ମଝିରେ ଲଣ୍ଠନ ଧରି ଫେରୁଥିଲି । ସେଦିନ ଟ୍ୟୁସନ୍ ସରିଲାବେଳକୁ ଦେଖିଲି ସାଙ୍ଗମାନେ କେହି ନାହାନ୍ତି । ସେମାନେ ଘରକୁ ଚାଲିଗଲେଣି ଭାବି ବୋଉ ଶିଖେଇଥିବା ଗୀତଗାଇ, ଗାଇ ଘରକୁ ଫେରିଲି । 'ଡର କାହାକୁ ଭୟ କାହାକୁ ଠାକୁର ଅଛନ୍ତି ଚଉବାହାକୁ' । ଆଉ ଡିମ୍ବିରିବଣ ପାଖରେ ଆଗରୁ ଲୁଚିଥିବା ସାଙ୍ଗମାନେ ଏକା ସାଙ୍ଗରେ କହି ଉଠିଲେ (Cho- ହା ଉ...ଡରିଗଲା ବିପୁ ଡରିଗଲା)

କଏଦୀ : ଇଲୋ ବଉଲୋ କହି ଲଣ୍ଠନ ପକାଇ ଧାଇଁଲି ଅନ୍ଧାରରେ ଆଉ ମୁହଁମାଡ଼ି ପଡ଼ିଲି ବିଲ ମଝିରେ । ମୁହଁ ଉଠେଇ ଦେଖେତ । ମୋ ଆଗରେ ଠିଆ ହେଇଚି (Cho- ପାଳଭୂତ)

କଏଦୀ : ସେ ଯେଉଁ ଅବସ୍ଥା । କିନ୍ତୁ ତା'ପରଠାରୁ କେବେ ଆଉ ମୁଁ ଭୂତକୁ ଡରିନି ବରଂ ଭୂତ ହୋଇ ଅନେକଙ୍କୁ ଡରେଇଚି । ହଁ କ'ଣ କହୁଥିଲି...

କୋରସ : କଲେଜ କଥା ।

କଏଦୀ : ହଁ ତା'ପରେ ଆରମ୍ଭ ହେଲା କଲେଜ ଜୀବନ । ଆଉ ଆମ ସ୍କୁଲବେଳର ବନ୍ଧୁତ୍ୱର ନିବିଡ଼ତାରେ ବି ଧୀରେଧୀରେ ଭଙ୍ଗା ପଡ଼ିବା ଆରମ୍ଭ ହେଲା ।

ପୂର୍ଣ୍ଣେନ୍ଦୁ ପାଠ ପଢ଼ାଛାଡ଼ି ତା' ବାପାଙ୍କ ବେଉସାରେ ମନଦେଲା । ଜୀବନ ଆଉ ବିମଳ ସାଇନ୍‌ସ୍ ପଢ଼ିଲେ ବାରିପଦାରେ । ସନ୍ତୋଷ ପଢ଼ିଲା କମର୍ସ କେନ୍ଦ୍ରାପଡ଼ା କଲେଜରେ । ମୁଁ ପଢ଼ିଲି ଆର୍ଟସ୍ ଜଳେଶ୍ୱରର ଦୀନକୃଷ୍ଣ କଲେଜରେ । ମଝିରେ ମଝିରେ ଛୁଟିରେ ଗାଁକୁ ଆସିଲେ ଦେଖା ହେଉଥିଲା । କଥାବାର୍ତ୍ତା, ବଣଭୋଜି, ସବୁ ହେଉଥିଲା । କିନ୍ତୁ ହୃଦୟର ଆବେଗରେ ଯେମିତି ଭଙ୍ଗା ପଡ଼ିଆସୁଥିଲା । ଏମିତି ଚାଲିଗଲା ବେଶ୍ କିଛି ବର୍ଷ । ଏମ୍.ଏ. ପଢ଼ିଲାବେଳକୁ ଯେମିତି ବନ୍ଧୁତ୍ୱ ସବୁ ଫିକା ହୋଇସାରିଥିଲା । ସାଙ୍ଗମାନଙ୍କ ଅଭିଯୋଗ ଯେ ମୁଁ କୁଆଡ଼େ ଅହଂକାରୀ ହୋଇଯାଇଥିଲି । କିନ୍ତୁ ମୁଁ ଜାଣେ ସେଇଟା ମିଛକଥା । ସତକଥା ହେଲା । ସମସ୍ତେ ବନ୍ଧୁତ୍ୱର ଶୂନ୍ୟସ୍ଥାନରେ ନିଜେ ନିଜର ପ୍ରେମର ଗୋଲାପ ଲଗାଇ ସାରିଥିଲେ । ପୂର୍ଣ୍ଣେନ୍ଦୁ ସେତେବେଳକୁ ବାହା ହୋଇସାରିଥିଲା । ସନ୍ତୋଷ ନିଜର ପ୍ରେମିକାକୁ ସ୍ଥୀର ସ୍ଥାନରେ ସୁରକ୍ଷିତ କରିବାର ପ୍ରୟାସରେ ଘର ସହିତ ସଂପର୍କକୁ ତିକ୍ତ କରିସାରିଥିଲା । ଅବଶ୍ୟ ସତ କହିବାକୁ ଗଲେ ସେତେବେଳକୁ ମୋ ହେଳାଭୂମି ଯେ ଏକବାରେ ଖାଲିଥିଲା ସେକଥା ନୁହେଁ ବରଂ ସତ କହିବି ?

କୋରସ : ହଁ କହୁନ !

କଏଦୀ : କାହା କଥା କହିବି ?

କୋରସ : ମୋ କଥା ?

କଏଦୀ କିଏ ମାଲା ?

କୋରସ : ହଁ ।

Digitized by PPRACHIN, SOA

କଏଦୀ : କବିତା ?

କୋରସ : ହାଃ ହାଃ...ହଁ ।

କଏଦୀ : ଜ୍ୟୋସ୍ନା ?

କୋରସ : ହଁ... ।

କଏଦୀ : ମୁକ୍ତି ?

କୋରସ : ହଁ... ।

କଏଦୀ : ଏମିତି ଅନେକ ପରୀ ମୋର ସେଇ ବେଳାଭୂମିକୁ ଆବୋରି ବସିଥିଲେ । ଆଉ 'କବିତା' ତ ଗୀତରେ ଗୀତରେ କହୁଥିଲା ।
(ଗୀତ) ଆଖିରେ ଆଖିରେ କଥା କୁହ...

କୋରସ : (ହସ) ।

କଏଦୀ : ଓଠ ଚାପି ଖାଲି ହସୁଥାଅ ।

କୋରସ : ହଁ ।

କଏଦୀ : ମୋ-ମନକୁ ନେଇ ଖେଳ ତୁମେ...

କୋରସ : ଆଚ୍ଛା ।

କଏଦୀ : ଏହା କି ତୁମ ଛଳନା ନୁହେଁ ?

କୋରସ : ଏ ତୁମେନା ଭାରି ଇଏ । (ହସ)

କଏଦୀ : ଯୌବନର ସେଇ ଦିନଗୁଡ଼ିକ ସ୍ୱପ୍ନ ପରି ଆସିଲା ଆଦ୍ୟ ପ୍ରଥମ ବର୍ଷାର ପ୍ରଥମ ସ୍ପର୍ଶ ପରି ମାଟିର ମହକରେ ମନ ଓ ଜୀବନକୁ ମହକେଇ ଦେଲା, ଆଉ ଚାଲିଗଲା । ଚାଲିଯିବା ଆଗରୁ କେତେ ଯେ ଅକୁହା କଥା, ଅକୁହା ବେଦନା, ଏଇ ଦେହମନ ଭିତରେ ଭରି ଦେଇଗଲା, ସେ କଥା କାହାକୁ କହିବି ? (କଣ୍ଠ ବାଷ୍ପକୁଳ ହେଲା) (ଦୀର୍ଘ ନୀରବତା ପରେ)

କଏଦୀ : ଈଶ୍ୱରଙ୍କୁ ଧନ୍ୟବାଦ ଯେ, ଜୀବନ ଡାଏରୀର ସେଇ ଅକୁହା ପୃଷ୍ଠାସବୁକୁ ଖୁବ୍ ଶୀଘ୍ର ଅଲୋଡ଼ା ଠୁଙ୍ଗା କାଗଜ ଭଳି ଚିରି ପକାଇ ପବନରେ ଗୁଡ଼ିଭଳି ଉଡ଼େଇ ଦେବାରେ ସେ ମୋତେ ସାହାଯ୍ୟ କଲେ । ତୋତେ ଲୁଚାଇ ଲାଭ କ'ଣ ? ତୁ ତ ଜାଣୁ ତା'ପରେ ଆରମ୍ଭ ହେଲା ମୋର ତେଲ ଲୁଣର ସଂସାର । ସେଠି ସ୍ୱପ୍ନ ସବୁ ଆକାଶର ତାରା ଆଉ ଜହ୍ନ ରାଇଜରୁ ଖସି ଆସି ମୋ ଚନ୍ଦ୍ରପ୍ରଭା ଦେହରେ ନେସି ହୋଇଗଲେ । ତା' ଅପଲକ ଆଖିର ବାଙ୍କ ଚାହାଣୀ ଭିତରେ ମୁଁ ଚତୁର୍ଥୀର ଜହ୍ନ ହସୁଥିବାର ଦେଖିଲି । ଆଉ ତା'ର କଳା ମଚମଚ କବରୀ ଭିତରେ ଆଦ୍ୟ ଆଷାଢ଼ର ମେଘ ସବୁ ଖଣ୍ଡଖଣ୍ଡ ହୋଇ ଭାସୁଥିବାର ଦେଖିଲି । ତା'ର ରୂପା ପାଉଁଜିର ରୁଣୁଝୁଣୁ ଶବ୍ଦରେ ମୁଁ ମୋ ଜୀବନ ସଂଗୀତର ସ୍ୱର ଶୁଣିବାକୁ ପାଇଲି । ଆଉ ତା'ହାତରେ ନାଇଥିବା କାଚର ରୁଣୁଝୁଣୁ ଶବ୍ଦରେ ମୋ ହୃଦୟର ଛନ୍ଦ ମିଶାଇ ଦେଲି । ସବୁ ଠିକ୍‌ଠାକ୍ ଚାଲୁଥିଲା ବେଶ୍ କିଛି ବର୍ଷ । ତା'ପରେ ଅକସ୍ମାତ୍ ମୋ ଜୀବନରେ ନଇଁ ଆସିଲା ଝଡ଼ । ଝଡ଼ତ ନୁହେଁ, ମହାବାତ୍ୟା । ସବୁକିଛି ଶେଷ କରିଦେଇଗଲା । ସାମାନ୍ୟ କାରଣରୁ କଳି, ଝଗଡ଼ା । ଆଉ ତା'ପରେ ମୁଁ ରାଗ ତରତର ହୋଇ ବଜାରକୁ ବାହାରି ଗଲି । ଫେରି ଆସି ଦେଖେ ତ ସବୁଶେଷ । ଚନ୍ଦ୍ରପ୍ରଭାର ପ୍ରଭାହୀନ ଦେହଟା ସିଲିଂ ଫ୍ୟାନରୁ ଝୁଲୁଛି

Digitized by PPRACHIN, SOA

ଆଉ ତଳେ ଲେଖା ହୋଇଛି ଖଣ୍ଡେ ଚିଠି ।

କୋରସ : 'ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ' । ଇତି ଅଭାଗିନୀ ମୁଁ ।

କଏଦୀ 'ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ?'

ମୋତେ ଯେମିତି ଲାଗିଲା ଚନ୍ଦ୍ରପ୍ରଭାର ମୃତ୍ୟୁ ପାଇଁ ମୁଁ ଦାୟୀ । ଚିଠିକୁ ଟିକ୍‌ଟିକ୍ କରି ଚିରି ତା' ଚିତା ସହିତ ଜାଳିଦେଲି । ପୋଲିସ୍ ମୋତେ ଆରେଷ୍ଟ କଲା । ହତ୍ୟା ଆଉ ପ୍ରମାଣ ନଷ୍ଟ କରିବାର ଅପରାଧରେ ମୋ ବିଚାର ହେଲା, ଜଜ୍ ସାହେବ ରାୟ ଶୁଣାଇ ଦେଲେ ।

କୋରସ : ସମସ୍ତ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ହତ୍ୟା ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଆସାମୀ ଦୀପକ ସାମଲଙ୍କୁ ଭାରତୀୟ ପିଙ୍ଗଳ କୋଡ଼ ଦଫା ୬୦୯ ଅନୁଯାୟୀ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା ।

କଏଦୀ : ନା ମୁଁ କିନ୍ତୁ ଚାହୁଁଥିଲି ଫାଶୀ, ତେଣୁ ପ୍ରତିବାଦ କରିଥିଲି । ମୁଁ ଖୁନୀ ମୋତେ ମୃତ୍ୟୁଦଣ୍ଡ ଦିଅନ୍ତୁ ଜଜ୍ ସାହେବ (ଦୀର୍ଘ ନୀରବତା) । କିନ୍ତୁ ତୁ ଜାଣିଚୁ ସତ୍ୟ କ'ଣ ? ତୁ ତ ମୋର ସହଚର ତୁ କହ ମୁଁ କ'ଣ ମୁକ୍ତି ପାଇଥିଲେ ତୁ ଖୁସି ହୋଇଥାନ୍ତୁ ? କିଛି କହୁନୁ କାହିଁକି ଯେ ? ପିଲାଦିନେ ତୋତେ ଦେଖି କେତେ ଡରୁଥିଲି । କିନ୍ତୁ ମତେ ବୁଝାଇ ସୁଝାଇ ମୋ ମା' କହୁଥିଲା । ଏଇ ହଉଚି ତୋ ସାଥୀ । ତୋ ସାଥିରେ ଖେଳିବ ତୋତେ ଆଉ ଡରେଇବ ନାହିଁ । ଲଣ୍ଠନ ଜାଳି ଥୋଇ ଦେଉଥିଲା ମୋ ପଛରେ । ଆଉ ମୋ ଆଖି ଆଗ କାନ୍ଥରେ ନାଚି ଉଠୁଥିଲୁ ତୁ । ତୁ ମୋ ଛାଇ ମୋ ଦେହର ଛାଇ । ମୋର ଦେହର ଛାଇ ଆଜି ମୋର ମନର ଛାଇ ପାଲଟି ଯାଇଛି । ମୋର ଏଇ କାହାଣୀର ଏକମାତ୍ର ସାକ୍ଷୀ ତୁ । ତୁ କହ ବନ୍ଧୁ ! ତୁ କ'ଣ ମୁକ୍ତି ଚାହୁଁ, ନା ମୋ ଜନ୍ମର ମୋ ବନ୍ଧୁତ୍ୱର, ମୋ ପ୍ରେମର ଏଇ ବିଶାଳ ସାମ୍ରାଜ୍ୟ ଭିତରେ ଆଜୀବନ କଏଦୀ ହୋଇ ଆନନ୍ଦରେ ହସିହସି ବଞ୍ଚି ରହିବାକୁ ଚାହୁଁ ? (କାନ୍ଦିକାନ୍ଦି ବସି ପଡ଼ିଛି । ଆଲୁଅ କେବଳ ବନ୍ଦୀ ଉପରେ ପଡ଼ିଛି ଏବଂ ପଛ କାନ୍ଥରେ ତା'ର ବିରାଟ ଏକ ଛାଇ ଦେଖାଯାଇଛି । ତା'ପରେ ଆଲୁଅ ଧୀରେଧୀରେ ଅନ୍ଧାରରେ ପରିଣତ ହୋଇଛି ।)

ସମାପ୍ତ

Digitized by PPRACHIN, SOA

Digitized by PPRACHIN, SOA

ନାଟୁଆ

Digitized by PPRACHIN, SOA

ପାତ୍ର ପରିଚୟ

୧. ଜମିଦାର (ରାୟବାବୁ) : ସ୍ୱର୍ଗତ ହର୍ଯ୍ୟକ୍ଷ ମହାନ୍ତି / ଶ୍ରୀ ରାଇମୋହନ ପରିଡ଼ା
୨. କାଳୀପ୍ରସାଦ : ଶ୍ରୀ ଗୁରୁଚରଣ ସ୍ୱାଇଁ
୩. ହରପ୍ରସାଦ : ଶ୍ରୀ କିଶୋର ଖଣ୍ଡୁଆଳ
୪. ରଘୁ : ଶ୍ରୀ ସୁକେଶ ପଣ୍ଡା
୫. ବାଇଧର : ଶ୍ରୀ ପୀତବାସ ସେନାପତି
୬. ଶ୍ୟାମ : ଶ୍ରୀ ପ୍ରଦୀପ ମିଶ୍ର
୭. ଦୀନା : ଶ୍ରୀ ଉପେନ୍ଦ୍ର ଦାଶ
୮. ଦାମ : ଶ୍ରୀ ବିପିନ୍ ମହନ୍ତ
୯. ଯଦୁ : ଶ୍ରୀ ନଳିନୀ ଶର୍ମା
୧୦. ପୁନୀ : ଶ୍ରୀମତୀ କୁନି ମିଶ୍ର
୧୧. ଚମ୍ପା : ଶ୍ରୀମତୀ ଜ୍ୟୋତି ରାଉତ
୧୨. ବାଇଚ୍ଛି ଟୋକା : ଶ୍ରୀ ଆକାଶ ସ୍ୱାଇଁ

ନିର୍ଦ୍ଦେଶନା : ଶ୍ରୀଯୁକ୍ତ ଲାଲା ବିରେନ ରାୟ
ସଂଗୀତ: ଶ୍ରୀ ମଧୁସୂଦନ ତ୍ରିପାଠୀ
ମଞ୍ଚ, ରୂପସଜ୍ଜା ଓ ପୋଷାକ : ଶ୍ରୀ ଅନ୍ତର୍ଯ୍ୟାମୀ ପଣ୍ଡା
ନୃତ୍ୟ : ଗୁରୁ ଶ୍ରୀଯୁକ୍ତ ନିରଞ୍ଜନ ରାଉତ
କଣ୍ଠ : ଶ୍ରୀମତୀ ପୁଷ୍ପା ମହାନ୍ତି

ପ୍ରଥମ ପରିବେଷଣ : 'ଆମେ ସୃଷ୍ଟି' ନାଟ୍ୟସଂସ୍ଥା, ଭୁବନେଶ୍ୱର ଦ୍ୱାରା ପ୍ରଯୋଜିତ । ଲୋକନାଟ୍ୟ ମହୋତ୍ସବ, ରାଉରକେଲା ୧୯୮୬ରେ ପରିବେଷିତ ଓ ଛଅଟି ବିଭାଗରେ ପୁରସ୍କୃତ ନାଟକ ।

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

(ଦର୍ଶକଙ୍କ ମଧ୍ୟ ଦେଇ ଏକ ଶୋଭାଯାତ୍ରା ବାହାରିଛି । କୀର୍ତ୍ତନ କରି ଦଳେଲୋକ ମୂର୍ତ୍ତିଟିଏ ବହନ କରି ଚାଲିଛନ୍ତି । ମୂର୍ତ୍ତି ସ୍ଥାପନ କରି ଫୁଲମାଳ ପକାଇଛନ୍ତି । ନେତା ଶ୍ୟାମ ଉଦ୍‌ବୋଧନ ଦେଉଛନ୍ତି ।)

ଶ୍ୟାମ : ଭାଇମାନେ ! ଆମର ସାନବାବୁ ଆଜି ନାହାନ୍ତି ସତ, କିନ୍ତୁ ଆମେ ତାଙ୍କୁ କିପରି ଚିରଦିନ ମନେ ରଖିବା ସେଥିପାଇଁ ପେଟରୁ କାଟି ଗାଁ-ଗାଁ ବୁଲି କିଛି ଚାନ୍ଦା ଆଦାୟ କରି ଏ ମୂର୍ତ୍ତି ସ୍ଥାପନା ପାଇଁ ଚେଷ୍ଟା କରିଥିଲୁ । ଆଜି ସେ କାମ ସରିଛି । ସାନବାବୁଙ୍କର ଆଦର୍ଶ ଉତ୍କଳମଣିଙ୍କ ଆଦର୍ଶ ଥିଲା, ତାଙ୍କ ଆଦର୍ଶକୁ ଆପଣାର ଆଦର୍ଶ କରିବା ପାଇଁ ଆସନ୍ତୁ ସମସ୍ତେ ଛିଡ଼ାହୋଇ ଶପଥ କରିବା ।

ମୂର୍ତ୍ତି : ଟିକେ ରହିଯାଆନ୍ତୁ ଆଜ୍ଞା । ଶପଥ କରିବା ପୂର୍ବରୁ ଆଉଥରେ ଚିନ୍ତାକରି ଦେଖନ୍ତୁ । ଶପଥ କରିସାରି ରକ୍ଷା କରିବା ଏତେ ସହଜ କଥା ନୁହେଁ ।

ଶ୍ୟାମ : ଆମେ ସମସ୍ତେ ଏଣିକି ଜାତି, ଧର୍ମ ଭୁଲି ଶାନ୍ତିପୂର୍ଣ୍ଣ ଭାବରେ ବସବାସ କରିବୁ । ସ୍ୱାର୍ଥତ୍ୟାଗ କରିବୁ ସିନା – ସ୍ୱାର୍ଥପର ହୋଇ ଅନ୍ୟକୁ ଶୋଷଣ କରିବୁ ନାହିଁ । ଏହା ହିଁ ହେବ ସାନବାବୁଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ।

ମୂର୍ତ୍ତି : ଟିକେ ତାଳିମାରନ୍ତୁ ନା ?

ଦୀନା : ସାନବାବୁଙ୍କ ଜୀବନୀ ବିଷୟରେ ମୋର କହିବା କଥା । କ'ଣ କହିବି–ମୁରୁଖ ମୁଁ, ଯାହା ତାଙ୍କ ମୁଖରୁ ଶୁଣିଛି କହୁଛି –

ମୂର୍ତ୍ତି : ଆଚ୍ଛା ଦେଖନ୍ତୁ । ଆପଣମାନେ ଯଦି ନିହାତି ମୋ ଜୀବନୀ ବିଷୟରେ କିଛି ଜାଣିବାକୁ ଶୁଣିବାକୁ ଇଚ୍ଛା କରନ୍ତି – ତାହାହେଲେ ଅନ୍ୟ ମୁହଁରୁ ଭୁଲ୍‌ଭାଲ୍ ରଂଗରଂଗିଆ କାହାଣୀ କାହିଁକି ଶୁଣିବେ ? ମୁଁ କହୁଛି ଶୁଣନ୍ତୁ । ବଂଧୁଗଣ ମୁଁ ଏପରି ଜଣେ ସମାଜସେବୀ ନଥିଲି ବା ମାନବ ପ୍ରେମୀନଥିଲି ଯେ, ମୋ ସହିତ ଉତ୍କଳମଣିଙ୍କୁ ତୁଳନା କରାଯାଉଛି । ସେଥିପାଇଁ ମୁଁ ଦୁଃଖିତ ଏବଂ ଲଜ୍ଜିତ ମଧ୍ୟ । ସତ କହିବାକୁ ଗଲେ ମୁଁ ଆଦୌ ସମାଜସେବୀ ନଥିଲି, ବରଂ ଅତ୍ୟଧିକ ନାଟକ ପ୍ରେମୀ ଥିଲି । ପିଲାଟି ଦିନରୁ ଯାତ୍ରା, ପାଲା ଦେଖି ଜଣେ ବଡ଼ ଅଭିନେତା ହେବାର ସ୍ୱପ୍ନ ଦେଖିଥିଲି । ଏମିତି ଥରେ ଗୋଟିଏ କୃଷ୍ଣଲୀଳା ଦଳ ଆସି ଆମ ଗାଁରେ ପହଞ୍ଚିଥାଏ । ଯେଉଁଦିନ ଯାତ୍ରାହେବ ଠିକ୍ ତା'ର ପୂର୍ବଦିନ ଯିଏ କୃଷ୍ଣହେବ ତାକୁ ଭୀଷଣ ଜ୍ୱରହେଲା, ଯାତ୍ରା ତ ବନ୍ଦ ହୋଇଯିବା କଥା, ମାତ୍ର ମୁଁ ଯାତ୍ରାକୁ ବନ୍ଦ କରିବାକୁ ନଦେଇ ଗୋଟିଏ ଦିନରେ କୃଷ୍ଣର ଭୂମିକାକୁ ପ୍ରସ୍ତୁତି କରି ସିଧା ମଞ୍ଚ ଉପରକୁ ଉଠି ଆସିଲି । (ସମସ୍ତଙ୍କ ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ

କୃଷ୍ଣଲୀଳା

ରାଧା : ଆସିବେ ବୋଲି ଗୋ କାହ୍ନା ବସିଛି ଅନାଇ (୨ ଥର)
ଅଭିସାର ନାଗରୀ ମୁଁ ବସିଛି ଅନାଇ (୨ ଥର)

Digitized by PPRACHIN, SOA

କୃଷ୍ଣ	:	ଆସିଛି ଆସିଛି ପ୍ରିୟେ	ମୁଁ ତୁମ ପୂଜାରୀ (୨ଥର)
		କରିବାକୁ ପ୍ରୀତିପୂଜା	ସାଜି ବେଣୁଧାରୀ (୨ଥର)
ରାଧାକୃଷ୍ଣ	:	ଗାଅରେ ସଭିଏ ପ୍ରେମଜୟ ଗୀତି (୪ଥର)	
ଚନ୍ଦ୍ରଶେଣା	:	ରାଧା ! ରାଧା ! ତା' ଭିତରେ କିଏ କି ?	
ରାଧା	:	କାହିଁ କେହି ନାହିଁ ତ ?	
ଚନ୍ଦ୍ର	:	ଚନ୍ଦରଶେଣା ମୁଁ ଅଂଧାର କଣାଲୋ	ଆସିଚି ଧରିବି ଚୋର
		ନିତି ରାତିରେ କେ ପଶୁଚି ନଗରେ	ଶୁଭୁଚି ମତେ ନୁପୂର
ରାଧା	:	ନୁପୂର ତ ମୁହିଁ ପାଦରେ ନାଇଚି	ହେଇଟି ଦେଖୁନ ତୁମେ
		ମିଛଟାରେ ଖାଲି କଳଙ୍କିନୀ କହି (୨ଥର)	ହସାଉଚ ସାହି ଜନେ ।
ଚନ୍ଦ୍ର	:	ହେଇଟିତ କିଏ ଛିଡ଼ା ହୋଇଅଛି	ଦେଖୁଚି ଦେଖୁଚି ରହ
		ଆଲୋ ଏଟା କିଏ ଭୂତ ନା ପେରେତ	ଉଭା ହୋଇଅଛି କହ ।
ରାଧା	:	ଭୂତ କିଆଁ ହେବ କାଳିମାତା ପରା	ପୂଜାକରେ ମୁହିଁ ନିତି
		ତୁମେ କି ନଜାଣ ଛୋପରା ହେଉଚ (୨ଥର)	ମିଛଟାରେ କିଆଁ ଏଠି ।
ଚନ୍ଦ୍ର	:	(ଜୁହାର କରି) ମାଆଲୋ କ୍ଷମିବୁ ଦୋଷତୁ ମୋହର	ମୁହିଁ ଯେ ଅଂଧାର କଣା
		ଜଗିଅଛୁ ମୋର ଭାରିଯାକୁ ଏଠି	ଦେବି ଯେତେ ଭୋଗପଣା (ପ୍ରସ୍ଥାନ)
ରାଧା	:	ଶୁଣ ଆଗୋ ପ୍ରିୟ, ଯାଇଛି ବିପଦ	ଚାଲଯିବା ଏବେ କୁଂଜେ
		ସାରାରାତି ବସି ଜାଗର ଜାଳିବା	ପ୍ରେମନାମେ ପ୍ରୀତିନାମେ
କୃଷ୍ଣ	:	ଚାଲ ଚାଲ ସହି ନକର ଉଛୁର	ରଜନୀ ଯାଉଛି ବହି
		ଶଶୀ ଯାଏ ଲୁଚି ପଶ୍ଚିମ ଆକାଶେ	ବାରୁଣୀ ଗଗନ ଛୁଇଁ ।
ରାଧାକୃଷ୍ଣ	:	ଆଲୋକ ଅଂଧାର ଭଳି ରାଧାକୃଷ୍ଣ ପ୍ରେମ	ଅନାବିଳ ସ୍ୱାର୍ଥହୀନ ଲାଳସା ବିହୀନ
ରାଧା	:	କର୍ମଯେବେ କୃଷ୍ଣହୁଏ	ମୁହିଁ ରାଧା ତା'ର (୨ଥର)
କୃଷ୍ଣ	:	କର୍ମଯେବେ ରାଧା ଅଟେ	ମୁହିଁ କର୍ମକାର (୨ଥର)
ରାଧାକୃଷ୍ଣ	:	ଏ ଅଟେ ନିଷ୍କାମ ପ୍ରୀତି	ନିଷ୍ପାପ ବଂଧନ
		ପରମବ୍ରହ୍ମ ପରମାତ୍ମା ଆମ୍ଭ ଗୁରୁଜନ (ଉଭୟ ପ୍ରସ୍ଥାନ)	

ମୂର୍ତ୍ତି : (ଅଂଧକାର ଭିତରେ ସ୍ୱର) ସେତେବେଳେ ମୁଁ ଭାବି ନଥିଲି ଏମିତି ହୋଇଯିବି ବୋଲି । କିନ୍ତୁ ପରେ ଭାବିଲି ମୁଁ ବୋଧହୁଏ ସେଇ ନିଷ୍କାମ ପ୍ରେମ ଆଡ଼କୁ ଟାଣି ହୋଇଯାଉଛି । ଏଣେ ବାପା ମୋର ବାହାଘର ପାଇଁ ବ୍ୟସ୍ତ। ବାହାଘର ମଧ୍ୟ ଠିକ୍ ହୋଇ ସାରିଥିଲା । ଠିକ୍ ସେତିକିବେଳେ ଏମିତି ଏକ ସମସ୍ୟା ଦେଖାଦେଲା ଯାହା ଫଳରେ ।

(ଅନ୍ଧାର)

Digitized by PPRACHIN, SOA

ତୃତୀୟ ଦୃଶ୍ୟ

(ଜମିଦାର ରାୟବାବୁ ଏବଂ ପରେ ପରେ ରଘୁ ଗୁମାସ୍ତାର ପ୍ରବେଶ ବ୍ୟସ୍ତଭାବେ)

ରାୟ   ରଘୁ, ରଘୁ ।

ରଘୁ   ବାବୁ ।

ରାୟ : ଆରେ, ଚୁଡ଼ାପାଇଁ ଧାନ ଦିଆଯାଇଛି ?

ରଘୁ   ହଁ ବାବୁ ! ଆଜି ବାଜାବାଲା ଆସିଥିଲା ।

ରାୟ : କ'ଣ କଥା ହେଲା ?

ରଘୁ   ହଁ ବାବୁ ବଇନା ନେଇଗଲାଣି ।

ରାୟ : ଆଉ ହାଟବାଟ ସରିଛି ନା ନାହିଁ ?

ରଘୁ : ପ୍ରାୟ ସବୁ ସରିଛି । କାଲି ଦହି ପାଇଁ କହିବି । ନିମନ୍ତ୍ରଣ ଲେଖାଗୁଡ଼ା ଆଜି ଆସିଚି । କାଲିଠାରୁ ପଠାଇବାର ବ୍ୟବସ୍ଥା କରିବି । ଆଉ ତ ମାତ୍ର ୧୦/ ୧୨ ଦିନ ରହିଲା ଏବେଠାରୁ ଗାଁର କେତେ ଜଣକୁ ନଡାକିଲେ କାମଦାମ ଦେଖିବ କିଏ ? ଯାଉଛି ସେମାନଙ୍କୁ ଡାକିଦେବି ।

ରାୟ : ହଉ ଯା (ରଘୁର ପ୍ରସ୍ଥାନ, ବାଇଧରର ପ୍ରବେଶ)

ବାଇ : ଜୁହାର – ଜୁହାର ।

ରାୟ : ଜୁହାର, କିଏ ଆରେ ବାଇଧର କିରେ ? ହଠାତ୍ କୁଆଡ଼େ ? ହଉ, ବସ୍ ବସ୍ ଆଉ ସବୁ ଖବର କ'ଣ ? କୁଆଡ଼େ ଆସିଲ ? କିଛି ଅସୁବିଧା ହୋଇନିତ ?

ବାଇ   ସେ କି କଥା ଆଜ୍ଞା – ଅସୁବିଧା କାହିଁକି ହେବ ? ପଟ୍ଟନାୟକେ ଆପଣେ କଥା ଦେଇଛନ୍ତି ମାନେ ସେ କଥା ଟଳିବାର ନୁହେଁ ।

ରାୟ : ତା'ହେଲେ ଆସିଲ କାହିଁକି ?

ବାଇ : ନାଇଁମ ସେମିତି କିଛି ନୁହେଁ । ଏଇ ମୋ ସମୁଦୀ ଘରକୁ ଆସିବାର ଥିଲା । ବାଟରେ ଯାଉଥିଲି । ଭାବିଲି ଟିକେ ମୁହଁମାରି ଦେଇଯାଏ । କ'ଣ ସବୁ ହେଲା ନହେଲା ଟିକେ ବୁଝି ଦେଇଯିବା ।

ରାୟ : ହଉ ଆସିଲ ଭଲକଲ ଆଉ ସମୁଦୀଙ୍କର ବାହାଘର ପ୍ରସ୍ତୁତି କେତେ ବାଟଗଲା ସେଠାକାର ଖବର ସବୁ କ'ଣ ?

ବାଇ : ଖବର ଆଉ କ'ଣ ଆଜ୍ଞା । ଏଇ ବାହାଘର ସାହାଘରରେ ମଝିରେ ରହି ମଧ୍ୟସ୍ଥି କରିବାଟା ବଡ଼ ବେବାଗିଆ କଥା । ଏ ପଟରେ ବରପକ୍ଷର ଅଭିଯୋଗ ତ –ସେପଟରେ କନ୍ୟାପକ୍ଷର ଅଭିଯୋଗ ମଝିବାଲାର ଅବସ୍ଥାତ ୧୫ ଅଣା ୬ ପଇସା ହୋଇଯିବ । ପୁଣି ଶେଷରେ ବଦନାମ ।

ରାୟ : କାହିଁକି, ପଟ୍ଟନାୟକବାବୁ କିଛି କହିଲେ କି ?

ବାଇ : ନାଇଁମ ! ଏଇ କଥାକୁ କହିଲି । କଥା କ'ଣ କି ! ଆଜି ସକାଳେ ବାବୁ ଡାକି କହିଲେ । ବାଇଧର ଶୁଣୁଛି ତୁମେ ରାୟଗଡ଼ ଆଡ଼େ ଯିବ । ଟିକେ କଷ୍ଟେମଷ୍ଟେ ବୁଝି ଆସିବ ତ କଥାଟା ସତ ନା ମିଛ ?

ରାୟ : କେଉଁ କଥା ? କାହା କଥା ?

Digitized by PPRACHIN, SOA

ବାଇ : ନାଇମ ସେମିତି କିଛି ନୁହେଁ ଆଜ୍ଞା । ଏଇ ସାନବାବୁ କାଳେ ନାଟ ତମସା କରିବାକୁ ଭଲପାଆନ୍ତି । ଅବଶ୍ୟ ଗାନ୍ଧର୍ବବିଦ୍ୟା ଭଲ ଯେ ହେଲେ...

ରାୟ : ହଁ କେବେ କେମିତି ଗାଁ ପିଲାଙ୍କ ସାଙ୍ଗରେ ପଡ଼ି ଥରେ ଅଧେ ଯାତ୍ରା ଫାତ୍ରା ଯେ କରିନି ସେ କଥା ନୁହେଁ । ତେବେ ଏଣିକି ତ ସିଏ ଆଉ ନାଚ ତାମସା କରୁନି ।

ବାଇ : ହେଲା ଯେ, ହେଲେ ନାଟ ତମସାକୁ କିଏ କ'ଣ ଧରି ବସିଛି । ଏଇ ଦେଖୁ ନାହାନ୍ତି ସାଆନ୍ତେ ଆପଣ–ଟୋକା ବୟସରେ ମୁଁ କ'ଣ କମ୍ ନାଚ ତାମସା କରିଚି । କମ୍ ଲାଞ୍ଛନା ପାଇଛି । ବୁଝିଲେ ନା ଇଏ ଆଉ କିବା ନୂଆ କଥା ଯେ – କିଏ ନିଜେ ନାଚେ । କିଏ ବା କାହାକୁ ନଚାଏ କିଏ ବା ନାଚ ଦେଖିବାକୁ ବାଇଆ ହୁଏ । ହଇଓ ସାଆନ୍ତେ ଆପଣେ କ'ଣ ପିଲାଦିନେ କମ୍ ଯାତ୍ରା କରିଥିବେ ? ଆମ ସାଆନ୍ତେ ତ ସେମିତି ଯାତ୍ରା ସାଧକ ଯେ ହେଲେ କ'ଣ ହେଲା, ତା'ବୋଲି ।

ରାୟ : କାହିଁକି ? କ'ଣ ହେଲା କହୁନ ?

ବାଇ : ନାଇଁମ ଏଇ କହୁଥିଲି କ'ଣ କି ? ସାନବାବୁଙ୍କ କଥା ମ–ନାଇଁ କହୁ ନାହାନ୍ତି । ବାହାଘର ସାହାଘରରେ, ବଂଧୁ କଲାବେଳେ ଆମର କାଂଧ ପଡ଼ିବ କି ନାହିଁ । ଆମେ ଦେଖୁନା ନାଇଁ ? ଛି–ଛି ଲୋକେ କ'ଣ କହିବେ କହୁନାହାନ୍ତି ?

ରାୟ : ସେ ପେଁଚାପେଁଚି କଥା ମୋତେ ଆଦୌ ଭଲ ଲାଗେନି । ଯାହା କହିବା କଥା ଖୋଲା ଖୋଲି କୁହ । ହର କ'ଣ କିଛି କରିଛି ?

ବାଇ : ସତରେ କ'ଣ ଆପଣ କିଛି ଜାଣିନାହାନ୍ତି ? ଆରେ ସେଇଆ ପରା ମୁଁ ମଧ ଆମ ସାନ୍ତଙ୍କୁ ସେଇ କଥା କହିଲି । ମୁଁ ଜାଣେ ପରା – ଆପଣ ଜାଣିଥିଲେ, ସେ କଥା କରିବାକୁ କେବେ ଦେଇ ନଥାନ୍ତେ । ଦେବେ ବା କେମିତି ? ପୁଣି ମାନ ସମ୍ମାନ ତ ଅଛି ନା ନାହିଁ ? ଖାଲି ଗାଂଧୀ ମହାତ୍ମା କହିଦେଲେ ବୋଲି ସବୁ କ'ଣ ସମାନ ହୋଇଗଲା ? ସେ ପୁଣି କି କଥା ? କାହିଁ ରାଣୀ ଆଉ କାହିଁ ଚନ୍ଦର କାଣୀ ! ବୁଝିଲେ ଟି ଆଜ୍ଞା । ଆଜିକାଲି ଏଇ ଟୋକା ଗୁଡ଼ାଙ୍କୁ ପରା ଆଦୌ ପାରି ହେବନି । – ଏଇ ହରବାବୁ ମ, କହୁ ନାହାନ୍ତି ଯଦି ନାଟ ତାମସା କରିବାକୁ ମନ ହେଲା । ତା'ହେଲେ ତମ ଗାଁର ଟୋକାଙ୍କୁ ନେଇ କଲନି । ତା'ନକରି – ଏକା ଥରକେ ଯାଇ ପହଞ୍ଚିଲେ ହରିଜନ ସାହିରେ । ଯାଉ ନାହାନ୍ତି ଦେଖି ଆସିବେ । ମୁଁ ପରା ନିଜେ ଦେଖି ଆସିଲି । ଆସିଲାବେଳେ ପଟ୍ଟନାୟକ ସାନ୍ତେ କହିଥିଲେ । ଜୋତା ମାପ ଆଉ ମୁଦି ସାଂଗରେ ପଞ୍ଜାବୀ ମାପଟା ବି ନେଇ ଆସିବ । ଆଉ ଯଦି ଏ କଥା ସତ ହୁଏ ରାୟବାବୁଙ୍କୁ ସାଧାସିଧା କହିଦେବ "ନାଟୁଆ"କୁ ଝିଅ ଦେଇ ବାଜା ବଜେଇବା ଅପେକ୍ଷା ବିଷ ଦେଇ ମାରିଦେବା ଭଲ । ସେ ଯେମିତି ଆଉ ଦୋଷ ନ ଧରନ୍ତି ।

ରାୟ : ଓଃ–ତୁମେ ତା'ହେଲେ ସରଜମିନ୍ ତଦନ୍ତ କରିବାକୁ ଆସିଥିଲ ନା ?

ବାଇ : କ'ଣ ଆଉ କରିବି ?

ରାୟ : ଠିକ୍ ଅଛି । ତୁମେ ଯାଅ । ମୋର ମଧ ସେଇଆ ଇଚ୍ଛା । ତମ ପଟ୍ଟନାୟକ ସାଆନ୍ତଙ୍କୁ କହିଦେବ । ଝିଅଟାକୁ ବାଜା ବଜେଇବାକୁ ନଦେଇ ନିଜେ ଘରେ ରଖିଦେବେ । (ପ୍ରସ୍ଥାନ)

(ବାଇଧର ବୋକାଙ୍କ ଭଳି ଚାହିଁଛି ଓ ପରେ ହସି ଉଠିଛି)

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

(ଆଖଡ଼ାଘର । ଗୀତିନାଟ୍ୟ ସୁରଧରି ହରର ପ୍ରବେଶ)

ହର ହେ ଦାମ । ଆରେ ଶୁଭୁଚି ନା ନାଇଁ ? ଆରେ ତୋର ପରା ଆକଟିଂ ପଡ଼ିଲାଣି ?

ଦାମ : ଯାଉଛି-ଯାଉଛି ସାନବାବୁ ।

ହର : ସେଠି କ'ଣ କରୁଛୁ ଶୁଣେ ?

ଦାମ ନାଇଁ ମୁଁ ଟିକିଏ ସେଠି ବସିଥିଲି ।

ହର : ସେଠି କାହିଁକି ବସିଥିଲୁ ?

ଦାମ : ମୋର ପାର୍ଟ ନଥିଲା ତ – ସେଇଥିପାଇଁ...

ହର : ପାର୍ଟ ନଥିଲା ତ ଆସିଲା କୁଆଡୁ । ମୁଁ ତୁମମାନଙ୍କୁ କେତେ ଥର କହିଛି । ପାର୍ଟ ଥାଉ କି ନଥାଉ । ଏ ଆଖଡ଼ା ଘର ଛାଡ଼ି କୁଆଡ଼େ ଯିବନି ବୋଲି । ସେମିତି ହେଲେ ମୁଁ ଆଖଡ଼ା ବନ୍ଦ କରି ଦେଇ ଚାଲିଯିବି କହୁଚି ।

ସମସ୍ତେ : ଆମର ଭୁଲ୍ ହୋଇଛି ସାନବାବୁ ।

ହର : ତା'ହେଲେ ଯୁଦ୍ଧଠାରୁ ଆରମ୍ଭ କର ।

(ହର ଯୁଦ୍ଧବାଦ୍ୟର ସୁର୍ ଧରିଛନ୍ତି । ଯୁଦ୍ଧ ଚାଲିଚି । ଦ୍ରୋଣାଚାର୍ଯ୍ୟ ଆସିଛନ୍ତି ।)

ଦ୍ରୋଣ : ବନ୍ଦକର ଯୁଦ୍ଧ । କିଏ ତୁହି ବୀର ? କିଏ ତୋର ଗୁରୁ ?

ଏକଲବ୍ୟ : ନାମ ମୋର ଏକଲବ୍ୟ କିରାତ ସନ୍ତାନ– ନିଜେ ଗୁରୁ ଦ୍ରୋଣାଚାର୍ଯ୍ୟ ଗୁରୁଦେବ ମୋର ।

ଦ୍ରୋଣ : ମୁହିଁ ଦ୍ରୋଣାଚାର୍ଯ୍ୟ ? ଏକ ଦେହେ ଦୁଇସ୍ଥାନେ ଦ୍ରୋଣାଚାର୍ଯ୍ୟ ଦୁଇ ? ଅସମ୍ଭବ । ଅସମ୍ଭବ ବତ୍ସ ।

ଏକଲବ୍ୟ : ପ୍ରଣାମ ହେ ଗୁରୁଦେବ !

ତବ ପଦ ତଳେ, ଅଧମ ଶିଷ୍ୟର । ମାର୍ଜନା କରିଣ ମୋର ଜ୍ଞାନର ଧୃଷ୍ଟତା

ଆଶୀର୍ବାଦ କର ଯେହ୍ନେ, ହୁଏ ବୀର ଶ୍ରେଷ୍ଠ ।

ଦ୍ରୋଣ : କିନ୍ତୁ ବତ୍ସ । ଧୃଷ୍ଟତା କି ଲାଗି ?

ଏକଲବ୍ୟ : ବନ ମଧ୍ୟେ ସ୍ଥାପି ମୁହିଁ ତବ ଶ୍ରୀମୂରତି ସାଧନା କରିଛି ତବ ଯେତେ ଧନୁର୍ବିଦ୍ୟା ।

ଦ୍ରୋଣ : ବାଃ ! ସାଧୁ ତୁମେ ଏକଲବ୍ୟ । ସାଧୁ ତୁମ ଏକନିଷ୍ଠ ସାଧନାର ବ୍ରତ । ଧନ୍ୟ ଆଜି ମୁହିଁ ଦେଖିତବ ଗୁରୁ ଭକ୍ତି ଉଚ୍ଚାଙ୍ଗ ସାଧନା ।

ଏକଲବ୍ୟ : ଗୁରୁଦେବ । ତବ କୃପାବଳେ ଲଭିଛି ମୁଁ ଯେଉଁ ବିଦ୍ୟା ତାହା ଆଜି ଶ୍ରେଷ୍ଠ ଏହି ମହାଭାରତରେ । ତଥାପି ଧନ୍ୟ ମୁହିଁ ଧନ୍ୟ ହେଲି ତବ ଦରଶନ ପାଇଁ ।

ଗୀତ : ପାଇଛି ମୁଁ ଯାହା ଶିଖିଛି ମୁଁ ଯାହା

ସେ ଅଟେ ଅମୂଲ୍ୟ ନିଧି

ଏ ମହାଭାରତେ ଏ ମର ଜଗତେ

ଦେଇଛି କାହାକୁ ବିଧି ।

Digitized by PPRACHIN, SOA

ଯାହା ମୁଁ ଶିଖିଲି ତୁମ୍ଭ କୃପା ବଳେ
ସେଇ ମୋର ସହଚରୀ
ଗୁରୁକୃପା ସିନା ଶ୍ରେଷ୍ଠ ଏ ମହୀରେ
ଅଟେ ମୁଁ ତା' ଅଧିକାରୀ ।

ଦ୍ରୋଣ ଆହା – ଶୁଣିତବ ପ୍ରୀତିପୂର୍ଣ୍ଣ ବାଣୀ ପୁଲକିତ ମମ ମନ ପ୍ରାଣ
ଆଶୀର୍ବାଦ କରୁଛି ହେ ବତ୍ସ । ହୁଅ ତୁମେ ବିଶ୍ୱ ବିଜୟୀ ବୀର ।

ଦୁର୍ଯ୍ୟୋଧନ : ଆଉ ଆମେ ଗରୁଦେବ ଦୀର୍ଘ ଦିନୁ ତବହସ୍ତୁ କରି ଶିକ୍ଷାଲାଭ
ଶେଷରେ ରହିବୁ ପଙ୍ଗୁ ହୋଇ କରିଛ କି ଏମିତି ବିଚାର ?

ଦୁଃଶାସନ : ଖାଲି କ'ଣ ସେତିକି ଭାଇ ?

ଗୀତ : ଚାରିଆଡ଼େ ଯେବେ ବାଜିବ ବାଇଦ
କୁରୁପୁତ୍ର ଗଲେ ହାରି
ଦ୍ରୋଣ ଶିଷ୍ୟ ଏକ ଶବର କୁମର
ଦେଲା ତ ମହତ ସାରି ।
କି ଉତ୍ତର ଦେବେ ଗୁରୁଦେବ ତାଙ୍କୁ
ପଚାରିବେ ପିତା ଯେବେ ।
କେଉଁ କାରଣରୁ ପୁତ୍ର ତୁମ୍ଭ ହାତେ
ଟେକି ଦେଇଥିଲି ତେବେ ।

ଦ୍ରୋଣ : (ସ୍ୱଗତ) ସତେ ତ ? କି ଉପାୟ କରିବି ମୁଁ ଏବେ । ରଖିବାକୁ ଆପଣାର ମାନ ଓ ମହତ ?
(ଚିନ୍ତାକରି)ଶୁଣ ଏକଲବ୍ୟ ! ଯଦି ମୁହିଁ ତୁମ ଗୁରୁଦେବ । ତେବେ

ଏକଲବ୍ୟ : ତେବେ ?

ଦ୍ରୋଣ : ଗୁରୁର ଦକ୍ଷିଣା ଦିଅ ଯଦି ଗୁରୁ ମାନି ଥାଅ
ଗୁରୁର ଦକ୍ଷିଣା ଦିଅ ।
ସତ୍ୟ ଆଗେ କର ତେବେ ମାଗିବି ମୁଁ ଗୁରୁ ଭାବେ,
ଗୁରୁର ଦକ୍ଷିଣା ଦିଅ ।

ଏକଲବ୍ୟ : ସୂର୍ଯ୍ୟ ଚନ୍ଦ୍ର ମୋର ସାକ୍ଷୀ ଗୁରୁ ଦ୍ରୋଣାଚାର୍ଯ୍ୟ ଲାଗି
ସୂର୍ଯ୍ୟ ଚନ୍ଦ୍ର ମୋର ସାକ୍ଷୀ ।
ଯାହା ସେ ମାଗିବେ ମୋତେ ଦେବି ପ୍ରାଣ ପାତେ ହେ
ସୂର୍ଯ୍ୟ ଚନ୍ଦ୍ର ମୋର ସାକ୍ଷୀ ।

ଦ୍ରୋଣ : ଦିଅ ତେବେ ମୋତେ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ତବ ।

ଏକଲବ୍ୟ : ଗୁରୁଦେବ ! ଏଇ କି ଅଟଇ ତବ ଆଶୀର୍ବାଦ ? ଛିନ୍ନ ହସ୍ତ ହୋଇ ହେବି ମୁହିଁ ବିଶ୍ୱ ବିଜୟୀବୀର ?
ଚମତ୍କାର ଚମତ୍କାର ପ୍ରାର୍ଥନା ତୁମ୍ଭର । ଠିକ୍ ଅଛି । ଦକ୍ଷିଣାନାମରେ ବୃଦ୍ଧାଙ୍ଗୁଳି ଦେଇ ପୁରାଇବି ହୀନ

Digitized by PPRACHIN, SOA

ନୀଚ ମନସ୍କାମ ତୁମ । ଗୁରୁକୁଳେ ବସିଥିଲ ଯେବେ, ଯାଇ – ଥିଲି ଶିକ୍ଷା ପାଇଁ । ନୀଚ କୁଳ, ଜାତି କହି ଦେଲଟି ଫେରାଇ, ଗୁରୁ ଯେବେ ଶିଷ୍ୟ ପାଶେ ଆସି ଭିକ୍ଷା ମାଗେ ଏହାଠାରୁ ବଳି ଭାଗ୍ୟ ଅଛଇ କି ଭବେ । ନିଅ ଆହେ ଗୁରୁଦେବ, ଦେଇ ତବ ସମୁଚିତ ଭିକ୍ଷା ପୁରାଇଲା ଏକଲବ୍ୟ ଶବର କୁମର–ହୀନ ନୀଚ ମନସ୍କାମ ତୁମ । ଆଃ (ଅଙ୍ଗୁଳି କାଟିବା)

ହର : ବାଃ ଚମତ୍କାର ଚମତ୍କାର ଦାମ ତୁ ଆଜି ଜମେଇ ଦେଲୁ ।

ରଘୁ (ପ୍ରବେଶ) ସାନବାବୁ ସାନବାବୁ ଆଜି ସେତିକି ଥାଉ । ଶୀଘ୍ର ଘରକୁ ଆସିଲ ? ତେଣେ ସାଆନ୍ତେ ରାଗି ପାଚି ଖପା ହେଲେଣି ।

ହର କାହିଁକି କ'ଣ ହେଲା କି ?

ରଘୁ : ସିଏ ଜାଣି ସାରିଲେଣି ତୁମେ ଆସି ଏଇ ହରିଜନ ସାହିରେ ଏମାନଙ୍କ ସହିତ ମିଶି ଆଖଡ଼ା କରୁଚ ବୋଲି ।

ହର : କିଏ କହିଲା । ତୁ ?

ରଘୁ : ମଲା, ମୁଁ କୋଉ ଦୁଃଖରେ କହିବାକୁ ଯିବି ?

ହର : ଆଉ କିଏ କହିଲା ?

ରଘୁ : ସେଇ ଟାଉଟର ! ଯିଏ ତୁମ ପାଇଁ ମଧ୍ୟସ୍ଥି ହୋଇ କନ୍ୟାପାତ୍ରୀର ସମ୍ବାଦ ଆଣିଥିଲା ।

ହର ସେ କ'ଣ ଆଜି ଆସିଥିଲା ?

ରଘୁ : ଖାଲି କ'ଣ ଆସିଥିଲା । ସବୁ ଓଲଟ ପାଲଟ କରି ଚାଲିଗଲା ।

ହର : ଆରେ କ'ଣ ଓଲଟପାଲଟ ହେଲା ?

ରଘୁ : ସେ ଆସି ସାଆନ୍ତଙ୍କୁ କହିଲା – ଆମ ସାଆନ୍ତେ କହିଛନ୍ତି·– ଏ ବାହାଘର ହୋଇପାରିବନି ।

ହର : କାରଣ ?

ରଘୁ : କାରଣ ଆଉ କ'ଣ । ତୁମେ ଏଇ ଅଛବ ଟୋକା ମାନଙ୍କ ସହିତ ମିଶି ଆଖଡ଼ା କରୁଚ । ତାଙ୍କ ଘରେ ଖାଉଚ ପିଉଚ ସେଇଥିପାଇଁ ।

ହର : ଯାହା ହେଉ ଭଲ ହୋଇଛି ।

ରଘୁ : ଭଲ ହୋଇଛି ନା ଆହୁରି କିଛି । ତେଣେ ସାଆନ୍ତଙ୍କ ମୁଣ୍ଡରେ ତେନ୍ତୁଳିଆ ବିଛା କାମୁଡ଼ିଲାଣି ।

ହର : ମୋର ବାହାଘର ଭାଂଗିଗଲା । ସେଥିରେ ସାଆନ୍ତଙ୍କର ବ୍ୟସ୍ତ ହେବାର କ'ଣ ଅଛି ?

ରଘୁ : ବ୍ୟସ୍ତ ହେବେନି ? ତମେ ଚାଲିଲ, ତେଣେ ସାଆନ୍ତେ ରାଗି ପାଚି ଦାନ୍ତ କାମୁଡୁଛନ୍ତି – ଶୀଘ୍ର ଚାଲିଲ ।

ହର : ମୁଁ ଯାଇ କ'ଣ କରିବି ?

ଶ୍ୟାମ : ଇଏତ ବଡ଼ ଅନ୍ୟାୟ କଥା । ସାନବାବୁ ଆମ ସଂଗେ ଆଖଡ଼ା କଲେ ବୋଲି – ତାଙ୍କ ବାହାଘର ଭାଂଗିଯିବ । ତୁମେ ଚାଲ ସାନବାବୁ । ଆମେ ବି ତୁମ ସାଂଗରେ ଯିବୁ ।

ହର : ନାଇଁ ମୁଁ ଯିବିନି ।

ସମସ୍ତେ : ହଁ ଚାଲ । ସାନବାବୁ– ସାଆନ୍ତଙ୍କ ପାଖରେ ଆମେ ସବୁ ଦୋଷ ମାନିଯିବୁ ।

ହର : ନାଇଁ ମୁଁ ପରା ଥରେ କହିଲି ଯିବିନି ।

Digitized by PPRACHIN, SOA

ଶ୍ୟାମ : ପଛେ ଆମର ଯାତରା ଫାତରା ନହେଉ । ତା'ବୋଲି ସାନବାବୁଙ୍କ ବାହାଘର ଆମ ପାଇଁ ଭାଂଗିଯିବ ? ନାହବନି ଚାଲିଲ ସମସ୍ତେ ଚାଲ ।

ରାୟ : (ପ୍ରବେଶ) ନାଇଁ, କାହାରି ଯିବା ଦରକାର ନାହିଁ ।

ସମସ୍ତେ : ସାଆନ୍ତେ ।

ହର : ବାପା !

ରାୟ : ଚୁପ୍ । ମୁଁ ତୋ ବାପା ନୁହଁ କି ତୁ ମୋର କେହି ନୁହଁ । ଖବରଦାର ମୋତେ ଆଉ ବାପା ବୋଲି ଡାକିବୁ ନାହିଁ । ଏଇ ଆଖଡ଼ା ତୋର ବାପା ଆଉ ଏଇମାନେ ତୋର କୁଟୁମ୍ବ ।

ଶ୍ୟାମ : ସାଆନ୍ତେ ।

ରାୟ : ତୁ ଚୁପ୍ କର । ତୁମମାନଙ୍କର ଯଦି କାଣ୍ଡଜ୍ଞାନ ଥାନ୍ତା ତେବେ ତୁମେମାନେ ତାକୁ ମତେଇ ଏପରି କରି ନଥାନ୍ତ ।

ହର : ସେମାନଙ୍କର ଭୁଲ୍ କ'ଣ ବାପା ?

ରାୟ : ନା, ସବୁ ଭୁଲ୍ ମୋର । ମୋ କପାଳର, କିନ୍ତୁ ମନେରଖ କୁଳାଙ୍ଗାର । ଆଉ ତୋର ସେ ଘରେ ସ୍ଥାନ ନାହିଁ । ଯେଉଁଦିନ ତୁ ସେ ଘର ମାଡ଼ିବୁ ସେ ଦିନ ମୁଁ ବାହାରିଯିବି ନଚେତ୍ ଆତ୍ମହତ୍ୟା କରିବି ।

ହର : ବାପା – !

ରାୟ : ଆଜିଠାରୁ ତୋର ବାପା ମରିଯାଇଛି, ଆଉ ମୋ ପାଇଁ ତୁ ମରିଯାଇଛୁ ।

ଶ୍ୟାମ : ସାଆନ୍ତେ । ଆମର ଭୁଲ୍ ହୋଇଯାଇଛି ସତ କିନ୍ତୁ ଆପଣ ନିଜ ପୁଅକୁ ଏମିତି କହିପାରିଲେ ?

ରାୟ : ପୁଅ ମରିଗଲେ ଅନେକ ପୁଅ ମିଳିବେ । କିନ୍ତୁ ସମ୍ମାନ ଥରେ ଚାଲିଗଲେ ଆଉ ମିଳିବନି ବୁଝିଲ ସମ୍ମାନ ଅସମ୍ମାନ କଥା ତୁ କୁଆଡୁ ବୁଝିବୁ । (ପ୍ରସ୍ଥାନ)

ଶ୍ୟାମ : ଆଜିଠୁ ଏ ଆଖଡ଼ା ବନ୍ଦ ।

ସମସ୍ତେ : ହଁ ହଁ – ଯାତ୍ରା ବି ବନ୍ଦ ।

ହର : ଲାଭ କ'ଣ ହେବ ଯେ । ଆରେ ଯାହା ହେବାର ତ ହୋଇଗଲାଣି । ସେ କଥା ଭାବି ଲାଭ କ'ଣ ? ବରଂ ଆମର ଯାତ୍ରା କିପରି ଭଲଭାବରେ ହୋଇପାରିବ – ସେ କଥା ଚିନ୍ତା କର । ଏଇ ଦେଖିଲ, ବିଚରା ଏକଲବ୍ୟ – କେବଳ ଛୋଟ ଜାତି ବୋଲି ମହାଭାରତର ଶ୍ରେଷ୍ଠ ବୀର ହୋଇ ମଧ, ତାକୁ ବଳି ହେବାକୁ ପଡ଼ିଲା – କେତେକ ସ୍ୱାର୍ଥପର ଲୋକମାନଙ୍କ ପାଇଁ, ଆଉ ମୁଁ ଯେତେବେଳେ ତୁମମାନଙ୍କ ଭଳି ଗରିବ ହରିଜନ ଲୋକମାନଙ୍କର ଶ୍ରଦ୍ଧା ଭାଜନ ହୋଇପାରିଛି – ମୋତେ ବି ସେମିତି ବଳି ହେବାକୁ ପଡ଼ିବ । ଏ କଥା ମୁଁ ଆଗରୁ ଜାଣିଥିଲି – କିନ୍ତୁ ଏତେ ଶୀଘ୍ର ଏମିତି ହେବ ବୋଲି କେବେ ଭାବି ନଥିଲି । ମନୁ ଖୋଜୁଥିଲା ଯାହା – ବଇଦ ବତାଇଲା ତାହା । ଆଚ୍ଛା, ଆମ ଯାତ୍ରା ଭଲ ହେବା ପାଇଁ କାଲି ମା'ଙ୍କ ପାଖରେ ଗୋଟିଏ ନଡ଼ିଆ ମାନସିକ କରାଯାଉ ।

ସମସ୍ତେ : ହଁ, ହଁ, ହେଉ । ଚାଲ ଏଥର ଘରକୁ ଯିବା ।

ଶ୍ୟାମ : ଯାଆନ୍ତୁ ସାନବାବୁ । ଆପଣ ବି' ଘରକୁ ଯାଆନ୍ତୁ ।

ହର : ମୁଁ ଆଉ ଯିବି କୁଆଡ଼େ ? ଆଜିଠାରୁ ଏଇ ଆଖଡ଼ା ହେଉଛି ମୋର ଘର – ଆଉ ମନ୍ଦିର ସବୁ କିଛି ।

ଶ୍ୟାମ : ଯଦି କିଛି ମନେ ନକରନ୍ତି, ତେବେ ଆମଘରକୁ ଚାଲନ୍ତୁ ।

Digitized by PPRACHIN, SOA

ହର : ନା – ମୁଁ ଏଇଠି ଅଛି ।

ଯଦୁ ସେ କଥା କେମିତି ହେବ ? ଆମେ ସମସ୍ତେ ଯେଝା ଘରକୁ ଯିବୁ ଆଉ ଆପଣ ଏଇ ପଲାଟାରେ ଏକଲା ପଡ଼ି ରହିବେ ।

ଦୀନା ମୋଟୁରୁ ନୁହେଁ – ବରଂ ତମେ ଆପଣ ନଗଲେ ଆମେ ସମସ୍ତେ ଏଇଠି ରହିବୁ ।

ଶ୍ୟାମ ସାନବାବୁ ଆମେ ଛୋଟ ଜାତି ବୋଲି – ?

ହର ଆରେ ନା, ନା ଶ୍ୟାମକକା । ଛୋଟ ବଡ଼– ଜାତି, ଅଜାତି ଏସବୁ ମୁଁ କ'ଣ ମାନେ ? ମୋର ଖାଲି ଗୋଟାଏ ଭୟ । ତୁମେମାନେ ହେଉଛ ଗରିବ, ତୁମମାନଙ୍କ ଉପରେ ମୋର ପୁଣି ବୋଝ ଉପରେ ଲଳିତା ବିଡ଼ା ହବାଟା ଠିକ୍ ହେବନି । ବରଂ ମୁଁ ଏଇ ଆଖଡ଼ା ଘରେ ରହିବି । ଏଇଠି ରହି ତୁମମାନଙ୍କର ସେବା କରିବି । ଆରେ ମୁଁ ତ ଏଣିକି ଆଉ ଜମିଦାର ପୁଅ ନୁହେଁ – ତୁମରି ଭଳି ଜଣେ ହରିଜନ ଭାଇ ।

ଶ୍ୟାମ : ହଉ ଠିକ୍ ଅଛି । ଆପଣଙ୍କ ଯାହା ଇଛା । ସାନବାବୁ ବରଂ ମୁଁ ପୁନି ହାତରେ ଏଠାକୁ ଖାଇବା ପଠେଇ ଦେଉଛି ।

ହର : ହଁ – ଶୁଣ ଏଣିକି ପ୍ରତିଦିନ ସକାଳେ ବସିବସି ମୁଁ ଆଉ ଅଳସୁଆ ନହୋଇ ତୁମ ପିଲାମାନଙ୍କର ପାଠପଢ଼ା କଥା ବୁଝିବି । ହେଲା –

ଦୀନା : ଏତ ଭାରି ବଢ଼ିଆ କଥା ।

ସମସ୍ତେ : ହଉ ଏଥର ଆମେ ଯାଉଛୁ (ଅନ୍ୟମାନଙ୍କର ପ୍ରସ୍ଥାନ)

ହର : ହଁ, ତୁମମାନେ ଯାଅ । ଏଥର ଦେଖିବି ମୋ ରାସ୍ତାରେ କିଏ ଆସି ଛିଡ଼ା ହେବ । କେଉଁ ଦ୍ରୋଣାଚାର୍ଯ୍ୟ ନା ଏ ରକ୍ଷଣଶୀଳ ସମାଜ ? ଏଣିକି ମୋର ଆଉ ଚିନ୍ତା କରିବାର କ'ଣ ଅଛି ? ତବ ଇଚ୍ଛା ପୂର୍ଣ୍ଣସଦା ହେଉ ଚିନ୍ତାମଣି ।

ପଞ୍ଚମ ଦୃଶ୍ୟ

(ଜମିଦାର ଘର । ରାୟବାବୁଙ୍କ ବଡ଼ପୁଅ କାଳୀପ୍ରସାଦ ବସିଛନ୍ତି । ବାଇଧର ଏବଂ ରଘୁ ଗୁମାସ୍ତା ମଧ୍ୟ ଉପସ୍ଥିତ) ।

ବାଇ : ବୁଝିଲେ ନା ଆଜ୍ଞା ସାନବାବୁଙ୍କର ଏମିତି କେଇଟା ଗୁଣ ମତେ ଆଦୌ ଭଲ ଲାଗେନି । ଖାଲିଟାରେ ଆଉ ସାଆନ୍ତେ ତାଙ୍କୁ ବିଗୁଡ଼ିଥିଲେ । ତାଙ୍କ ଗୁଣକୁ ନା–

ରଘୁ : ଆହା ତୁମେ ଟିକେ ଚୁପ୍‌କର ଭଲା । ଦେଖୁଛ, ବଡ଼ବାବୁଙ୍କର ମନ ଭଲ ନାହିଁ । ଆଉ ତା'ଉପରେ ତୁମେ ବକର ବକର ହୋଇ ଚାଲିଛ ଯେ ଆଉ ଥମିବାକୁ ନାହିଁ ।

ବାଇ : କିହୋ । ମୁଁ ବକରବକର ହେଉଛି କ'ଣ ମନକୁ ? ଖାଇ ପିଇ ମୋର ଭାତ ହଜମ ହେଉନି ଯେ, ମୁଁ ଏଠି ବସି ବକର ବକର ହେଉଛି । କିହୋ ସାଆନ୍ତେ ଥିଲେ ଆମର ବାପା ମାଆ । ତାଙ୍କ ଭଳିଆ ମହାତ୍ମା ମୁଁ ଜୀବନରେ ଦେଖିନି । ଆହା ସାକ୍ଷାତ୍ ଶିବଭୋଳା ମହେଶ୍ୱର । କିନ୍ତୁ ଏତେ ତ ପୁଣ୍ୟ କଲେ କ'ଣ ହେଲା – ମଲାବେଳକୁ ମୁହଁରେ ପାଣି ଟିକିଏ ଦେବାତ ଦୂରର କଥା – ପୁଅ ହାତରୁ ନିଆଁ ବି ଟିକିଏ ପାଇଲେନି । ଛି ଛି ଏମିତି ପୁଅ ରହି କେତେ ନ ରହି କେତେ ?

Digitized by PPRACHIN, SOA

କାଳୀ : ବାଇଧର –

ବାଇ : ହଜୁର । ଆଜ୍ଞା ଆପଣଙ୍କ କଥା କହୁନି ମ ! ଆପଣଙ୍କ କଥା ତ ଭିନ୍ନେ । ଏଇ ଦେଖୁ ନାହାନ୍ତି । ବାପାଙ୍କର ଅସୁସ୍ଥ ଖବର ପାଇ ଆପଣ ତ ଏତେ ବାଟରୁ ଆସି ପାରିଲେ । ପାରିଲେ ନା ନାହିଁ ? ଆଉ ସାନବାବୁ – ଗାଁରେ ରହିବି ବି ଠିକ୍ ବେଳେ ଯାତ୍ରା କରିବାକୁ ଚାଲିଗଲେ । ଏଇଟା କ'ଣ ଠିକ୍ ହେଲା ? ବାପ ବଡ଼ ହେଲାନି – ଯାତ୍ରା ବଡ଼ ହେଲା । ମିଛୁଟାରେ ଆଉ ସାଆନ୍ତେ ତାଙ୍କୁ ତ୍ୟେଜ୍ୟପୁତ୍ର କରିଥିଲେ ?

କାଳୀ : କିଏ ବାପା ହରକୁ ତ୍ୟେଜ୍ୟପୁତ୍ର କରିଛନ୍ତି – ଏକଥା କ'ଣ ସତ ?

ବାଇ : ମୁଁ କ'ଣ ମିଛ କହୁଛି ? ପଚାରୁ ନାହାନ୍ତି ଗୁମାସ୍ତା ବାବୁଙ୍କୁ ବଳେ ସତ କଥା କହିଦେବେନି କି ?

ରଘୁ : ବାଇଧର ବାବୁ...

ବାଇ : କିହୋ, ତୁମେ ନ କହିଲେ ନାଇଁ, ଦୁନିଆ ତ କହିବ । ସାନବାବୁଙ୍କୁ ତ ଡକେଇଛନ୍ତି । ସେ ଖାଲି ଆସିଯାନ୍ତୁ । ତା'ପରେ ଦେଖିବେ । ଏ ଗୁମାସ୍ତା ନ କୁହନ୍ତୁ । ସାନବାବୁଙ୍କୁ ପଚାରି ଦେଲେ ସେ ମନକୁ ମନ ସତକଥା କହିଦେବେନି । ବୁଝିଲେ ଆଜ୍ଞା ସାନବାବୁଙ୍କର ସେଇ ଗୋଟାଏ ଗୁଣ । ଜମାରୁ ମିଛ କହିବେନି । ଗାଂଧୀବାଦୀ କି ନା– ।

କାଳୀ : କିରେ ରଘୁ, ହରକୁ ଡାକିବାକୁ ଯାଇଥିଲୁ, ସେ କ'ଣ କହିଲା ?

ରଘୁ : ସେ ତ ଯାତରାରୁ ଫେରି ନଥିଲେ । ବସ୍ତି ସାହିରେ କହିଦେଇ ଆସିଛି । ଆସିଲେ ସେମାନେ ପଠାଇ ଦେବେ ।

କାଳୀ : ଯା ହଉ ଆଜି ଗୋଟାଏ ଫଇସଲା ହୋଇଯିବ ।

ବାଇ : ଫଇସଲା ଆଉ ହବ କ'ଣ ଆଜ୍ଞା – ସବୁ ତ ଫଇସଲା ହୋଇ ସାରିଛି ।

କାଳୀ : ଫଇସଲା ହୋଇ ସାରିଛି ମାନେ ?

ବାଇ : ମାନେ ଆପଣ ବୁଝିପାରୁ ନାହାନ୍ତି ? ସାଆନ୍ତେ ତାଙ୍କୁ ତ୍ୟେଜ୍ୟପୁତ୍ର କରିଛନ୍ତି ମାନେ, ଆପଣଙ୍କ ପାଇଁ ସେ ନିଜେ ସବୁ ଫଇସଲା କରି ଯାଇଛନ୍ତି । ଏବେ ଆପଣଙ୍କର ଆଉ ଚିନ୍ତା କ'ଣ ?

କାଳୀ : ହେଲେ, ବାପା ତାଙ୍କୁ ତ୍ୟେଜ୍ୟପୁତ୍ର କରିଛନ୍ତି ବୋଲି ଯାର କିଛି ପ୍ରମାଣ ଅଛି ?

ବାଇ : ଏଇଟା ଆଉ ନୂଆ କ'ଣ ? ସମସ୍ତେ ପରା ଶୁଣିଛନ୍ତି । ଏଇ ଗୁମାସ୍ତା କ'ଣ ଶୁଣି ନାହାନ୍ତି କି ? କିହୋ ଗୁମାସ୍ତା ଏ କଥା କ'ଣ ମିଛ ? (ଗୁମାସ୍ତା ନୀରବ ରହିଲେ) ।

କାଳୀ : ତା'ହେଲେ ଏ କଥା ସତ ? କ'ଣ କହୁଛ ?

ରଘୁ : କ'ଣ ଆଉ କହିବି । ମୁହଁରେ କ'ଣ ଖାଲି କହିଲେ ହେଲା । କାଗଜପତ୍ର ପୁଣି ଅଛି ନା ନାହିଁ ।

ବାଇ : କିହୋ, କାଗଜପତ୍ର ନ ହେଲା ବୋଲି କ'ଣ ମୁହଁର କଥା କିଛି ନୁହଁ । ଆରେ ମୁହଁର କଥାରେ ରାମଚନ୍ଦ୍ର ପରା ୧୪ ବର୍ଷ ବଣକୁ ଚାଲି ଯାଇଥିଲେ । କାହିଁ ସେଠି କେଉଁଠି ତ ଲେଖାପଢ଼ା ହୋଇନଥିଲା ? ହଁ, ହଁ କାଳେ ତୁମେ ଯଦି ଲେଖାପଢ଼ା କରିଥିବ ? କାହିଁ ରାମାୟଣରେ ତ ତୁମ କଥା ଲେଖା ନାହିଁ ।

ରଘୁ : ସେଇଟା ରାମରାଜ୍ୟ ଥିଲା । ବୁଝିଲ, ଆଜି ଆଉ ସେ ରାମରାଜ୍ୟ ନାହିଁ କି ରାମରାଜା ନାହାନ୍ତି । ଆଜିକାଲି କୋର୍ଟ କଚେରୀ ହେଲାଣି । ସବୁ କଥାରେ ଲେଖାପଢ଼ା ସାକ୍ଷୀ ପ୍ରମାଣ ଦରକାର ।

Digitized by PPRACHIN, SOA

ବାଇ : ଦେଖୁଛନ୍ତି ଆଜ୍ଞା ? ଏ ଛୋଟ ଲୋକ ଗୁଡ଼ାଙ୍କ ବହପ ଦେଖୁଛନ୍ତି ।

କାଳୀ : ଦେଖ ରଘୁନାଥ । ତୁମେ ଏ ଘରେ ବହୁତ ଦିନରୁ ଗୁମାସ୍ତା ଗିରି କଲଣି । ସେଥିପାଇଁ ତୁମକୁ ବାହାର କରିବାକୁ ମୋର ଇଚ୍ଛା ନାହିଁ । ବରଂ ତୁମେ ଯଦି ଏକଥା ପ୍ରମାଣ କରାଇ ଦେଇପାର । ତା'ହେଲେ ତୁମର ଦରମା ମଧ ମୁଁ ବଢ଼ାଇଦେବି ।

ରଘୁ ନାଇଁ ଆଜ୍ଞା, ଯୋଉ ଘରର ଲୁଣ ଖାଇଛି । ସେ ଘରକୁ ଧ୍ୱଂସ କରିବାକୁ ଦେବିନି । ତା'ଛଡ଼ା କେତେଟା ଟଙ୍କା ପାଇଁ ସାନବାବୁଙ୍କ ଭଳି ଦେବତା ପ୍ରତିମ ଲୋକକୁ ଏ ଘରୁ ବିଦାକରି ଆଉ ଏ ବୁଢ଼ା ବୟସରେ ପାପର ଭାର ମୁଣ୍ଡାଇବାକୁ ମୋର ଇଚ୍ଛା ନାହିଁ । ବରଂ ମୋ ଜାଗାରେ ଆପଣ ଏଇ ବାଇଧର ବାବୁଙ୍କୁ ଗୁମାସ୍ତା ରଖନ୍ତୁ ତାଙ୍କ ସହିତ ଆପଣଙ୍କର ଭଲ ପଡ଼ିବ । ମୁଁ ଯାଉଛି ।

ବାଇ ହଁ, ହଁ, ଯାଅ - ଯୋଉଠି ରଘୁ ଗୁମାସ୍ତା ନାହିଁ ସେଠି କ'ଣ ଆଉ ଜମିଦାରୀ ଚାଲୁଛି କି ? (ହରର ପ୍ରବେଶ) ଏଇତ ସାନବାବୁ ଆସିଲେ

କାଳୀ : ତୁ କାହିଁକି ଏଠାକୁ ଆସିଛୁ ?

ହର : ତୁମେ ଯୋଉଥିପାଇଁ ଆସିଛ ?

କାଳୀ : ବାପା ଅସୁସ୍ଥ ଥିବା କଥା ଜାଣିବା ସତ୍ତ୍ୱେ ତୁ ଯାତ୍ରା କରିବାକୁ ଚାଲିଗଲୁ କେମିତି ?

ହର : ଯେମିତି ତୁମେ ବାପର ବଡ଼ପୁଅ ହୋଇ ତାଙ୍କୁ ଛାଡ଼ି ୫ବର୍ଷ କାଳ ଶ୍ୱଶୁର ଘରେ ରହିପାରିଲ ଠିକ୍ ସେମିତି ।

କାଳୀ : ଏଇଟା ମୋ ପ୍ରଶ୍ନର ଉତ୍ତର ନୁହେଁ ?

ହର : ତୁମର ସବୁ ପ୍ରଶ୍ନର ଉତ୍ତର ଦବାକୁ ମୁଁ ବାଧ ନୁହେଁ ।

କାଳୀ : ଶୁଣିଲି ବାପା ତୋତେ ତେଜ୍ୟପୁତ୍ର କରିଛନ୍ତି ? ଏ କଥା କ'ଣ ସତ ?

ହର : କାହାଠାରୁ ଶୁଣିଲ ?

ରଘୁ : ଏଇ ଶକୁନି ମହାଶୟଙ୍କଠାରୁ ?

କାଳୀ : ତୁ ଚୁପ୍‌କର କୁକୁର ।

ହର : କାହାକୁ କେମିତି କଥାବାର୍ତ୍ତା କରିବାକୁ ହୁଏ ଶିଖିନ ? ବାପା ସମାନ ଲୋକକୁ କୁକୁର ବୋଲି ସମ୍ବୋଧନ କରୁଛ ? ଟିକେ ଲାଜ ଲାଗୁନି ?

ବାଇ : କିହୋ । ଚାକର ହୋଇ ଜବାବ ଦେଉଛି କହିଲେ ପୁଣି ଦୋଷ ?

ହର : ସେ ଚାକର ହେଲେ ବି ଆମମାନଙ୍କୁ କୋଳେଇ କାଖେଇ ମଣିଷ କରିଛନ୍ତି । ଏ ଘରେ ଆମର ଯେତିକି ଅଧିକାର ଅଛି ତାଠୁ ବେଶୀ ଅଧିକାର ଅଛି ତାଙ୍କର । କିନ୍ତୁଏ ସବୁର ହିସାବ ଖୋଜିବାକୁ ତୁମକୁ କିଏ ଡାକିଛି ? ଯାଅ ଶୀଘ୍ର ବାହାର ଏଠୁ ।

ବାଇ : ହଁ ବା, ମୋର କ'ଣ ଅଛି ବା - ଖାଲି ବଡ଼ବାବୁ ଡାକିଥିଲେ ବୋଲି ନା ଆଉ ଛାଡ଼ ମୁଁ ଯାଏ ।

କାଳୀ : ନା, ତୁମେ ଯାଇପାରିବନି । ମୁଁ ଥାଉଥାଉ ଦେଖିବି ତୁମକୁ କିଏ ବାହାର କରିଦେବ ।

ରଘୁ : ବାଃ ! କର୍ଣ୍ଣକୁ ଅଙ୍ଗରାଜ୍ୟଦାନ ।

କାଳୀ : ଦେଖ ରଘୁ । ମୁହଁ ସମ୍ଭାଳି କଥାବାର୍ତ୍ତା କର କହୁଛି ?

Digitized by PPRACHIN, SOA

ବାଇ : ଛାଡ଼ନ୍ତ ବଡ଼ବାବୁ । କୁକୁର ଧର୍ମ ହେଉଛି ଭୋ-ଭୋ ହେବା – ଆପଣ ସାନବାବୁଙ୍କୁ କାହିଁକି ଡକାଇଥିଲେ କହୁ ନାହାନ୍ତି ?

କାଳୀ : ହଁ ଶୁଣ ହର, ମୁଁ ତୋ ଉପରେ ଭୀଷଣ ଅସନ୍ତୁଷ୍ଟ । ତା'ଛଡ଼ା ଶୁଣିବାକୁ ପାଇଲି ବାପା ତତେ ତେଜ୍ୟପୁତ୍ର କରିଛନ୍ତି ବୋଲି ?

ହର : ଖାଲି ଶୁଣିବାକୁ ପାଇଛ ନା ପ୍ରମାଣ କିଛି ପାଇଛ ?

ରଘୁ : ସବୁ ମିଛ ସାନବାବୁ ।

କାଳୀ : ତୁ ଚୁପ୍‌କର । କଥାବାର୍ତ୍ତା ଭାଇ ଭାଇ ଭିତରେ ।

ହର : ତୁମେ ଟିକେ ଚୁପ୍ ହୁଅ କକା । ତାଙ୍କୁ କହିବାକୁ ଦିଅ ।

କାଳୀ : କହିବାର କିଛି ନାହିଁ । ଆଜିଠାରୁ ତୋର ମୋର ସଂପର୍କ କିଛି ନାହିଁ ।

ହର : ମାନେ ଭାଇଠାରୁ ଭାଇ ଅଲଗା ଏଇଆ ତ ?

ବାଇ : ତ୍ୟେଜ୍ୟପୁତ୍ରମାନେ କ'ଣ ସେଇଆ ?

ହର : ଓ ବୁଝିଲି । ବାଃ ବାଃ ଯେମିତି ରାଜାକୁ ସେମିତି ମନ୍ତ୍ରୀ । ମୁଁ ବି କହି ଦେଉଛି, ତୁମେ କେବଳ ଶୁଣିଛ ଯେ ବାପା ମୋତେ ତେଜ୍ୟପୁତ୍ର କରିଥିଲେ । ମାତ୍ର ମୋ ପାଖରେ ଏମିତି ପ୍ରମାଣ ଅଛି ଯେ ବାପା ତୁମକୁ, ଘରୁ ବାହାର କରିଦେଇଥିଲେ । ଆଉ ତାଙ୍କର ଉତ୍ତରାଧିକାରୀ ଭାବେ ମୋତେ ଜମିଦାରୀ ଦେଇ ଯାଇଥିଲେ ।

ବାଇ : ସେ କଥା ତ ଆଜ୍ଞା ଗଲାଣି ।

ହର : ନାଇଁ ଆଜ୍ଞା । ଆପଣ ହୁଏତ ଯା ଭିତରେ ଖବର ରଖି ନାହାନ୍ତି ତାଙ୍କ ସ୍ୱହସ୍ତ ଲିଖିତ ଦଲିଲ ଏବେ ମଧ୍ୟ ମୋ ପାଖରେ ଅଛି । ଯାହାକୁ ଧରି କୋର୍ଟର ଆଶ୍ରୟ ନେଲେ ଆପଣଙ୍କର ମହାରାଜା ଦୁର୍ଯ୍ୟୋଧନଙ୍କୁ ବିନା ଯୁଦ୍ଧରେ ସମଗ୍ର ଭୂଖଣ୍ଡ ହରାଇବାକୁ ପଡ଼ିବ ।

କାଳୀ : ମାନେ ?

ହର : ମାନେ ବୁଝେଇଦେଲେ । ରଘୁକକା..

ରଘୁ : ଆପଣ ଘରଛାଡ଼ି ଚାଲିଯିବା ପରେ ଆଜକୁ ତିନିବର୍ଷ ତଳେ ସାଆନ୍ତେ ତାଙ୍କର ସମସ୍ତ ସଂପତ୍ତିର ଉଇଲ ସାନବାବୁଙ୍କ ନାଁରେ କରି ଦେଇ ଯାଇଛନ୍ତି ।

କାଳୀ : ମିଛ, ସବୁ ମିଛ । କେବଳ ପ୍ରତାରଣା । ମୁଁ କେଶ୍ କରିବି । ଦେଖିବି ମୋ ପାଖରୁ ମୋ ଅଧିକାର କିଏ ଛଡ଼େଇ ନବ ?

ହର : ତୁମର ତ ଏଠି ଆଉ କିଛି ଅଧିକାର ନାହିଁ ?

କାଳୀ : ମୁଁ ଜବର ଦଖଲ କରିବି ।

ବାଇ : ଆଜ୍ଞା । ଦଖଲ କରିବେ କ'ଣ ? ସବୁପରା ଆପଣଙ୍କ ଦଖଲରେ ଅଛି ।

ହର : ଶୁଣ ବାଇଧର । କଣ୍ଟାକୁ କେମିତି କଣ୍ଟାରେ କାଢ଼ିବାକୁ ହୁଏ ସେ ପାଠ ମତେ ବେଶ୍ ଜଣାଅଛି । ତଳ ସାହିର କେତେଟା ଟୋକାଙ୍କୁ ଡାକି ଦେଲେ ତୁମମାନଙ୍କୁ କବର ଦେବାକୁ ମୋତେ ବେଶି ସମୟ ଲାଗିବନି ।

କାଳୀ : କ'ଣ କହିଲୁ । ତୁ ଗୁଣ୍ଡା ଲଗେଇ ଫୌଜଦାରୀ କରିବୁ ?

Digitized by PPRACHIN, SOA

ହର : ଚାହିଁଲେ ଅନେକ କିଛି କରିପାରିବି । କିନ୍ତୁ ଗୋବର ପୋକ ସଂଗରେ ଲାଗିଲେ ଦେହହାତ ଗଂଧେଇ ହବ । ବରଂ ତୁମକୁ ଏ ସଂପତ୍ତି ମୁଁ ମୌଖିକ ଭାବେ ଦାନ କରିଯାଉଛି । ତାକୁ ନେଇ ତୁମେ ରାଜଭୋଗ କର । ଆଉ ଏ ସାନଭାଇର ଲୁଣ ଖାଇ ବଂଚିଗୁହ । ମଲାପରେ ସ୍ୱର୍ଗରେ ଯାଇ କହିବ ଯେ ଏତେ ଦିନ ମୋରି ପାଇଁ ମର୍ତ୍ତ୍ୟରେ ତୁମେ ବଂଚିଗଲ ।

ରଘୁ : ସାନବାବୁ । ଏ ସବୁ ତୁମେ କ'ଣ କହିଯାଉଛ ?

ହର : ମୁଁ ଠିକ୍ କହୁଛ ରଘୁକାକା । ଗରିବଙ୍କର ଲୁହ ଲହୁରେ ଗଢ଼ା ସେ ସଂପତ୍ତି ମୋ ପାଇଁ ନୁହେଁ । ବରଂ ଏଇମାନଙ୍କ ପାଇଁ । ଜମିଦାରୀର ଅତ୍ୟାଚାର ସିନା ମୁଁ ଦେଖିନି । ହେଲେ କେତେ ଲୋକଙ୍କ ସଂସାର ଓଜାଡ଼ି, କେତେ ଲୋକଙ୍କୁ ଗୃହଶୂନ୍ୟ କରି ଏ ସଂପତ୍ତି ଆସିଛି ତା' ତ ମୁଁ ଜାଣେ । ସେମାନଙ୍କ ଆଖି ଲୁହ ପିଇ ମୁଁ ବଂଚିବାକୁ ଚାହେଁନା । ବରଂ ଏ ଦୁନିଆର କୋଟିକୋଟି ଲୋକମାନଙ୍କ ଭିତରେ ଜଣେ ଅନାମଧେୟ ମଣିଷ ହୋଇ ବଂଚିବାରେ ଯଥେଷ୍ଟ ଆନନ୍ଦ ଅଛି । ଜୀବନର ସାର୍ଥକତା ଅଛି । ସେଇ ଅନାମଧେୟମାନଙ୍କ ସେବାରେ ଜୀବନ ବିତେଇ ଦେଲେ ଆଉ କିଛି ନ ମିଳୁ ପଛେ । ଆତ୍ମ ତୃପ୍ତି ମିଳିବ ତ । ମୁଁ ଆସୁଛି ଭାଇ । ଯିବା ପୂର୍ବରୁ ଆଉ ଗୋଟିଏ କଥା କହି ଯାଉଛି ପୁଣି ଯଦି ଭବିଷ୍ୟତରେ କେବେ ଦୁଷ୍ଟବୁଦ୍ଧି ବାହାର କର ତେବେ ଦାଣ୍ଡର ଭିକାରୀ କରିବାକୁ ମୋତେ ଅଧିକ ସମୟ ଲାଗିବନି । (ପ୍ରସ୍ଥାନ)

ଷଷ୍ଠ ଦୃଶ୍ୟ

(ସମସ୍ତଙ୍କର ଯନ୍ତ୍ର ହସ୍ତେ ପ୍ରବେଶ । ପାଲା ବାଜା ବାଜିଛି । ହର ନିତ୍ୟ କର୍ମସାରି ଆସି ପାଲା ଆରମ୍ଭ କରିଛି) ।

ହର : ନାରାୟଣଂ ନମସ୍କୃତ୍ୟ ନରଂଚୈବ ନରୋତ୍ତମଂ ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍
ମୁକଂ କରୋତି ବାଚାଳମ୍ ପଙ୍ଗୁ ଲଘଂୟତେ ଗିରିମ୍ ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ମାଧବ
ପ୍ରଥମେ ବନ୍ଦିଲି ମୁହିଁ ମା'ମଙ୍ଗଳାଙ୍କୁ ଦ୍ୱିତୀୟେ ବନ୍ଦିଲି ମୁହିଁ ବିପଦ ତାରିଣୀ
ତୃତୀୟେ ବନ୍ଦିଲି ମୁହିଁ ମଦନମୋହନ ଚତୁର୍ଥେ ଝଙ୍କଡ଼ ବାସୀ ବିଦ୍ୟାପ୍ରଦାୟିନୀ
କଣ୍ଠେ ବିଜେ ହୁଅ ମାଗୋ କମଳଲୋଚନୀ ପତିତପାବନ ବାନା ଧ୍ୟାନ କରି ଟିକେ ଅନା
ହରିବୋଲ ହୁଳହୁଳି ଦିଅବାରେ ସର୍ବେ ମିଳି ।

ହର : ଆଜି କୋଉ ପାଲାଟା କରିବା ?

ଶ୍ୟାମ : ନୌଯାତ୍ରା ପାଲାଟା ହେଉ ।

ହର : ତା'ହେଲେ ବିଷୟବସ୍ତୁ ଉପରକୁ ଯିବା ପୂର୍ବରୁ ମୁଁ ଏଇଠି ଟିକେ ସୂଚାଇ ଦେଉଛି । ମହର୍ଷି ବିଶ୍ୱାମିତ୍ର ଋଷି ତ ରାମ ଲକ୍ଷ୍ମଣଙ୍କୁ ଯଜ୍ଞ ରକ୍ଷା ପାଇଁ ନିମନ୍ତ୍ରଣ କରି ଘେନିଗଲେ ।

ସମସ୍ତେ : ହଁ, ହଁ ।

ହର : ବାଟରେ ଦୁଇଭାଇ ମିଶି ତାଡ଼କା ନାଶ କଲେ ।

ସମସ୍ତେ : ସେଇଠୁ ।

ହର : ଏତିକି ବେଳେ ବିଶ୍ୱାମିତ୍ର ଜନକନନ୍ଦିନୀଙ୍କ ସ୍ୱୟଂମ୍ବର କଥା ଶୁଣି ରାମଲକ୍ଷ୍ମଣଙ୍କୁ ସ୍ୱୟଂମ୍ବର ସଭା

Digitized by PPRACHIN, SOA

ଆଡ଼କୁ ଆଗେଇ ନେଇ ଚାଲିଲେ ।

ସମସ୍ତେ : ହେଉ – ହେଉ ।

ହର : ବାଟରେ ପଡ଼ିଲା ଗଙ୍ଗାନଦୀ ।

ଶ୍ୟାମ : ତେବେ ତ ନଦୀ ପାର କରାଇବାକୁ ପଡ଼ିବ ।

ହର : ହଁ, ଏଇ ନଦୀପାର କରିବାକୁ ଯାଇ କବି ସମ୍ରାଟ ଉପେନ୍ଦ୍ର ଭଂଜ ତାଙ୍କ ବୈଦେହୀସ ବିଳାସ କାବ୍ୟରେ ଲେଖିଲେ –

ଯଦୁ : କ'ଣ ଲେଖିଲେ ?

ହର : ବିଷ୍ଣୁପଦୀ ବିଷ୍ଣୁପଦ ଇ'କାର ଭେଦ ଶବଦ
ତରଣୀରେ ଗତାଗତ ତହୁଁ ଉଚିତ ।
ବିଷାରଦ ସେ ସାମନ୍ତ ମର୍ତ୍ତ୍ୟରେ ଦାସ ସେବିତ
ତାକୁଁ ନଶୁଣନ୍ତେ ରଘୁନାଥ କଥିତ
ବିଷଧର ପ୍ରାୟେକ ତୁହି
ବେଳେ ନେତ୍ର ଢାଳି ଶୁଣ ଉଦାର ନୋହି ।

ବିଷ୍ଣୁପଦୀ ବୋଇଲେ ଗଙ୍ଗା । ବିଷ୍ଣୁପଦ ବୋଇଲେ ଆକାଶ । ଏ ଦୁହିଁଙ୍କ ଭିତରେ କେବଳ ଇକାରର ପ୍ରଭେଦ ଅଛି ।

ଶ୍ୟାମ : ଧର ମୁଁ ନାଉରୀ ।

ଦୀନା : ମୁଁ ବିଶ୍ୱାମିତ୍ର ।

ଦାମ : ସାନବାବୁ ରାମ ହୋଇଛନ୍ତି ।

ଶ୍ୟାମ : କେମିତି ?

ହର : ବିଷଧର ପ୍ରାୟେକ ତୁହିଁ – ବେଳେ ନେତ୍ର ଢାଳି ଶୁଣ ଉଦାର ନୋହି । ସେଇଠୁ ନାଉରୀ କହୁଛି – ମୋର ଗୋଟିଏ ଅଭିଯୋଗ ଅଛି । ବିଶ୍ୱାମିତ୍ର ପଚାରିଲେ କି ଅଭିଯୋଗ ? ସେଇ ଶ୍ୟାମଳ ଟୋକାଟାର ଗୋଡ଼ ଧୋଇ ସାରି ନଉକାକୁ ଉଠିବ ତ ଉଠୁ । ଏ କଥା ଶୁଣି ବିଶ୍ୱାମିତ୍ର ଋଷି ଟିକେ ରଘୁବୀର ରାମଚନ୍ଦ୍ରଙ୍କ ଆଡ଼କୁ ଅନାଇଲେ ରାମଚନ୍ଦ୍ର ଟିକେ ମୁରୁକି ହସିଲେ ତା'ପରେ କ'ଣ କଲେ ?

ସମସ୍ତେ : କ'ଣ କଲେ ?

ହର : ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର ପୟରେ କ୍ଷାଳିତ କରି ବସନେ ପୋଛି
ବ୍ରହ୍ମାରେ ଧୌତ ଯେ ପଦ ନୋହିଛି ଶିବ ବିଷାଦ
ନ ପାଇ ଚରଣାମୃତ ପାନକୁ ଇଛି ବିଜ୍ଞାନୀ କୈବର୍ତ୍ତ ଧୋଇଲା
ବିଶ୍ୱେ ପତିତ ପାବନ ନାମ ବହିଲା ।
ଏହିଠାରେ ପାଲା ଆମ୍ଭ ହୋଇଲାଟି ଶେଷ ଲେଉଟିଣ ଯିବୁ ଆମ୍ଭେ ଦେଲେଟି ଆଶୀଷ
ଆନନ୍ଦରେ ରଖିଥାନ୍ତୁ ସତ୍ୟନାରାୟଣ ସକଳ ଦୁଃଖକୁ ସେତ କରନ୍ତୁ ହରଣ ।
କରୁଅଛି ତାଙ୍କ ପାଖେ ଏତିକି ଗୁହାରୀ ଜୀବନଟା ଚାଲିଯାଉ ନାଟ ପାଲା କରି

Digitized by PPRACHIN, SOA

ଏକା ସଂଗେ ହରିବୋଲ ହୁଳହୁଳି ଦେବ   ସେହି ଶବ୍ଦରେ ସଭା କମ୍ପିଣ ଉଠିବ ।

ଶ୍ରୀ ଶ୍ରୀ ସତ୍ୟ ନାରାୟଣ ପ୍ରୀତ୍ୟର୍ଥେ ବୋଲ ଆନନ୍ଦେଏକବାର ହରିବୋଲ । ସଭାଜନମାନଙ୍କର ମନସ୍କାମ ସତ୍ୟନାରାୟଣ ପୂର୍ଣ୍ଣ କରନ୍ତୁ । ଆନନ୍ଦେଏକବାର ହରିବୋଲ (ସମାପ୍ତି ପରେ ସମସ୍ତେ ପ୍ରସ୍ଥାନ । ହର ବହି ପଢୁଛନ୍ତି ପୁନିର ପ୍ରବେଶ) ।

ପୁନି : ସାନବାବୁ ନମସ୍କାର ।

ହର : ଖାଇବାକୁ ଆଣିଲୁଣି ହଉ, ଆଜି କ'ଣ ଆଣିଛୁ ?

ପୁନି : ଚିତଉ ପିଠା ଆଣିଛି ।

ହର : ଚିତଉ ପିଠା । ଆଜି କ'ଣ କି ?

ପୁନି : ଆଜିପରା ଚିତଉ ଅମାବାସ୍ୟା । ବାପା କହିଲା ପିଠାକୁ ସାନବାବୁ ଭାରି ଭଲ ପାଆନ୍ତି । ସେଇଥିପାଇଁ ମୁଁ ନିଜେ କରି ନେଇ ଆସିଛି ।

ହର : ହଁ ଚିତଉପିଠା ମତେ ଖାଇବାକୁ ଭାରି ଭଲଲାଗେ ।

ପୁନି : ସାନବାବୁ । ଗୋଟିଏ କଥା ପଚାରିବି ?

ହର : କ'ଣ ପଚାର ।

ପୁନି : କିଛି ମନେ କରିବେ ନି ତ ?

ହର : ମନେ କରିବି କାହିଁକି କହ ?

ପୁନି : ଆଜି ପାଲାରେ ତୁମକୁ ରାମ ବନେଇ ଦେଇଥିଲେ ନା ।

ହର : ହଁ, ସବୁ ସେଇ ଦାମର କାମ । ତୁ ଯାହା କହ ଦାମଟା ଭାରି ବୁଦ୍ଧିଆ ପିଲାଟା ।

ପୁନି : ହେଲେ ସୀତା କାହିଁ ଯେ ?

ହର : ସୀତା, ହଁ ସିଏ ହୁଏତ ତା' ବାପାଘରେ ଥିବ, ନହେଲେ ମୂଳରୁ ଜନମ ହୋଇନଥିବ । (ହସିଲେ)

ପୁନି : ଜନମ ହୋଇ ନଥିବ କାହିଁକି ? ତୁମେ ସାନବାବୁ ବାହା ହେଇପଡୁନା । ଆମେ ସମସ୍ତେ ଭୋଜି ଖାଇବୁ ।

ହର : ଏଁ କ'ଣ କହିଲୁ ବାହା ହେବି ?

ପୁନି : ହଁ (ହର ହସିବା) କ'ଣ ହେଲା ଏତେ ହସୁଛ କାହିଁକି ?

ହର : ହସିବିନି ? ଆରେ ଏ କଥା ମତେ କହିଲୁ ଆଉ ଏକଥା କାହାରିକୁ କହିବୁନି । ଲୋକେ ଶୁଣିଲେ ହସିହସି ଗଡ଼ିଯିବେ । ତା'ଛଡ଼ା କେତେ କଥା ମଧ୍ୟ କହିବେ ।

ପୁନି : ମତେ କିଏ କାହିଁକି କ'ଣ କହିବ ? ମୁଁ କ'ଣ କାହାର ଖାଏ ନା ଧାରେ ? ହେଲେ ତୁମର କ'ଣ ନାହିଁକି ?

ହର : ଦିନେ ବହୁତ କିଛି ଥିଲା । ଆଜି କିନ୍ତୁ ସେ ସବୁ ଭାବି ଲାଭ କ'ଣ ? ଏଣିକି ମୋ ଜୀବନ ମୋ'ପାଇଁ ନୁହେଁ । ଅନ୍ୟମାନଙ୍କ ପାଇଁ । ଏଇଥିରେ ମୋର ଆନନ୍ଦ । ଆଉ ଅଧିକ କ'ଣ ଦରକାର ?

ପୁନି : ହେଲେ ଏମିତି କେତେ ଦିନ ଯେ ?

ହର : ଯେତେଦିନ ତୁମେମାନେ ପାଖରେ ରଖିଥିବ । ନହେଲେ ଆଉ କୋଉଠି ? ଉଡ଼ା ଚଢ଼େଇର ବସା

Digitized by PPRACHIN, SOA

କ'ଣ ଦରକାର ?

ପୁନି : କ'ଣ ହେଲା ? ଆଉ ଖାଇଲନି ଯେ ପିଠା କ'ଣ ଭଲ ହେଇନି ?

ହର : ନା, ଭଲ ହେଇଛି ।

ପୁନି : ତା'ହେଲେ ଉଠିଗଲ କାହିଁକି ? ମୁଁ ମୁରୁଖ ଲୋକ କହୁକହୁ କ'ଣ କହିଦେଲି । ମୋ ଉପରେ ରାଗିଲେ ସାନବାବୁ ?

ହର : ଆରେ ନା, ନା ରାଗିବି କାହିଁକି ? ପେଟ ଭରିଗଲା ବାସ୍ ।

ପୁନି : ନାଇଁ ଆପଣ ମିଛ କହୁଛନ୍ତି । ଆପଣ ରାଗିଲେ ?

ହର : ସତ କହୁଛି ରାଗିନି ।

ପୁନି : ଠାକୁରଙ୍କ ରାଣ ?

ହର : ତୋ ରାଣ- ।

ପୁନି : ବାଃରେ ମୁଁ ମରିଗଲେ ଆପଣଙ୍କର କ'ଣ ଯାଏ ।

ହର : ଆଚ୍ଛା ହେଲା ଏବେ ମୋ ରାଣ । ଏଥର ମିଛ କହିଲେ ମୁଁ ମରିଯିବି ।

ପୁନି : ମିଛ ଯଦି କହି ନାହାନ୍ତି । ତା'ହେଲେ ମୋ ରାଣ ଆଉ ଗୋଟିଏ ପିଠା ଖାଇବାକୁ ପଡ଼ିବ ।

ହର : ଆରେ ବାପ୍‌ରେ ବାପ୍ – ଯିଏ ତ ସେଇ ବାପରାଣ ଢିଙ୍କି ଗଳିବା କଥା ।

ପୁନି ; ମୁଁ ତ ବାପରାଣ ପକେଇ ନାହିଁ ?

ହର : ହଉ ହେଲା ପୁନି ରାଣ ଢିଙ୍କି ଗିଳିଲି ଆଁ (ପିଠାଖାଇ)

ପୁନି : ଏଥର କହିଲ ଦେଖି କେମିତି ଲାଗୁଛି ।

ହର : ପିତା ।

ପୁନି : ଏଁ ଏଇନେ କହୁଥିଲ ବଢ଼ିଆ ହୋଇଛି ବୋଲି ପୁଣି ପିତା ହେଲା କେମିତି ?

ହର : ତୁ ଚାଖି ଦେଖୁନୁ ପିତା ଲାଗୁଛି କି ନାହିଁ ?

ପୁନି : (ଖାଇ) କାଇଁ ନା ତ ।

ହର : ତୁ ମିଛ କହୁଛୁ । ଦେଖି, ଦେଖି (ପିଠା ଛଡ଼େଇ ଖାଇବା) ଆରେ ସତେ ମିଠା ଲାଗୁଛି ।

ପୁନି : ଆପଣ ମୋ ଅଇଁଠା ଖାଇଲେ ସାନବାବୁ ?

ହର : ହଁ, କ'ଣ ହେଲା ? ତୁ ତ ଆଗରୁ ମୋ ଅଇଁଠା ଖାଇଥିଲୁ ।

ପୁନି : ଆମେ ଛୋଟ ଲୋକ ସାନବାବୁ । ଅଛୁଆଁ ଜାତି । ଆମକୁ ଛୁଇଁଲେ ଆପଣଙ୍କର ଗାଧୋଇବାର କଥା । ଅଥଚ ଆପଣ ମୋର ଅଇଁଠା ଖାଇଲେ । ଆପଣଙ୍କର ଜାତିମାରା ହେଲା ସାନବାବୁ ! ଗାଁରେ କେତେ କଥା ଉଠିବ । ଲୋକେ ଛି ଛାକର କରିବେ । ମୁଁ କେମିତି କାହା ଆଗରେ ମୁହଁ ଦେଖେଇ ବି ଯେ –(କାନ୍ଦିବେ)

ହର : ଆରେ ନାଇଁ ନାଇଁ – ସବୁ ମଣିଷ ସମାନ, ବୁଝିଲୁ ? ଏଇ ଟିକକ କଥାରେ ତୁ କାନ୍ଦି ପକଉଛୁ । ଆରେ ମୁଁ ଯଦି ତମ ଘରେ ଜନ୍ମ ହୋଇଥାନ୍ତି ମୁଁ ବି ତମରି ମାନଙ୍କ ଭଳି ହୋଇଥାନ୍ତି ନା ? ତା'ଛଡ଼ା ମୁଁ ଜାତି ଫାତି କ'ଣ ମାନେ ଶ୍ରୀରାମଚନ୍ଦ୍ର ତ ପୁଣି ଶବରୀର ଅଇଁଠା ଖାଇଥିଲେ ? ତା'ଛଡ଼ା ତୋ

Digitized by PPRACHIN, SOA

ଅଇଁଠା ମୁଁ ଖାଇଲି ବୋଲି ଅନ୍ୟ କିଏ ଜାଣିବ ବା କାହିଁକି ? ସତରେ ଅନେକ ଦିନ ହେଲା ଏମିତି ପିଠା ମୁଁ ଖାଇ ନଥିଲି – । ସେଇ ମା'ମଲା ପରଠାରୁ । ଛାଡ଼ ସେକଥା, ପିଠା ଖୁବ୍ ବଢ଼ିଆ ହୋଇଛି, ଖାଉଖାଉ ବହୁତ ଖାଇଦେଲି । ଚାଲ ତୋତେ ତୋ ଘରେ ଛାଡ଼ିଦେଇ ଆସିବି ।

(ଦୁହେଁ ଚାଲିଗଲା ବେଳେ ବାଇଧର ଏବଂ ଦୀନବଂଧୁ ସାଂଗରେ ଭେଟ ହୋଇଗଲା ।)

ବାଇ : ଆରେ ସାନବାବୁ ନା କିଏ ? ଯେ ସାଂଗରେ କିଏ ଶ୍ୟାମର ଝିଅନା ?

ଦୀନା ହଁ କ'ଣ କିଛି କଥା ଥିଲା ?

ବାଇ : ନା–ନାଇଯେ,ଏତେ ରାତିରେ କୁଆଡ଼େ ଯାଇଥିଲେ ?

ବୁଝିଲ ଦୀନବଂଧୁ, ତୁମ ସାନବାବୁ କଥା – ସାଇରେ ରଖିଲ ଭଲକଲ । ଅବଶ୍ୟ ଯେ – ହେଲେ ଏଇ ସବୁକଥା ଆଦୌ ଭଲ ନୁହେଁ ।

ଦୀନା : କଉ କଥା ଆଜ୍ଞା ?

ବାଇ : ଯେମିତି କିଛି ବୁଝିପାରୁନ ? ଆରେ ଏଇ ଶ୍ୟାମର ଝିଅ ଆଉ ସାନବାବୁ । ରାତିରେ କେମିତି ବଲୁଛନ୍ତି ଦେଖିଲୁଟି ।

ଦୀନା : (ତଳକୁ ମୁହଁ)

ବାଇ : ଦେଖ ଦୀନବଂଧୁ, ଏବେ ବି ସମୟ ଅଛି । ଲେଡ଼ିଗୁଡ଼ କହୁଣୀକୁ ବୋହିଗଲେ, ଅବସ୍ଥା କ'ଣ ହେବ ବୁଝିପାରୁଛୁଟି । ଶ୍ୟାମ ଭାବୁଛି ଏମିତି ଝିଅଟାକୁ ସାନବାବୁଙ୍କ ପାଲରେ ପକାଇ ଦେଇ ଖସିଯିବ ।

ଦୀନା : ତା' ଝିଅର ବାହାଘର ତ ମୋ ପୁଅ ଦାମା ସାଂଗରେ ଠିକ୍ ହୋଇ ସାରିଛି । ଆସନ୍ତା ଫଗୁଣକୁ ହେବ ।

ବାଇ : ଆଉ ଫଗୁଣ ତୋ ପାଇଁ ଆସିବଯେ ତୋ ପୁଅ ବାହା ହେବ । ଯଦି ଭଲ ଗତି ଚାହୁଁଛୁ ତେବେ ତୁରନ୍ତ ଏଠାରୁ ତମ ସାନବାବୁଙ୍କୁ ତଡ଼ିଦିଅ । ମୁଁ ଆସୁଛି, ପରେ ସବୁ କଥା ହେବା – ବୁଝିଲ ବାପ ଏଠି କାନ୍ଥ ବାଡ଼ର ବି କାନ ଅଛି – ହୁସିଆର ମୁଁ ଆସୁଛି । (ପ୍ରସ୍ଥାନ)

ଦୀନା : ପୁନି ଖାଇବା ନେଇ ଆସିଥିଲା ବୋଧହୁଏ । ହେଲା ଯେ କିଏ ଦେଖିଲେ କ'ଣ ଭାବିବେ କେଜାଣି । ଏ ଶ୍ୟାମ ଭାଇର ବି ଟିକିଏ ଅକଲ ନାହିଁ । ଝିଅଟାକୁ ରାତି ଅଧରେ ଏକୁଟିଆ ଛାଡ଼ି ଦେଇଛି – ଲୋକଙ୍କ ତୁଣ୍ଡରେ କିଏ ବାଡ଼ବତା ଦେବ ଯେ । (ପ୍ରସ୍ଥାନ)

ସପ୍ତମ ଦୃଶ୍ୟ

(ଆଖଡ଼ାଘର । ହର କାର୍ଯ୍ୟବ୍ୟସ୍ତ, ଯଦୁର ପ୍ରବେଶ) ।

ଯଦୁ : ସାନବାବୁ ସାନବାବୁ

ହର : କ'ଣ ହେଲା ?

ଯଦୁ : ଆପଣ ଏଠୁ ଶୀଘ୍ର ଚାଲିଯାଆନ୍ତୁ । ପଳେଇଯାନ୍ତୁ ।

ହର : ପଳେଇ ଯିବି, କାହିଁକି ?

ଯଦୁ : ନାଇଁମାନେ କଥା କ'ଣ କି...

ହର : ପୁରାକଥାଟା କହ ।

Digitized by PPRACHIN, SOA

ଦୀନା : (ପ୍ରବେଶ) କିରେ ଯଦୁଆ, ତୁ ଏଠି ? କ'ଣ ଦୂତ ସାଜିଛୁ ?
ହର : କଥା କ'ଣ ଦୀନାଭାଇ, ଏମିତି କ'ଣ କହୁଛ ? କ'ଣ ହୋଇଛି ?
ଦୀନା : କ'ଣ ହୋଇଛି କ'ଣ କିଛି ଜାଣିପାରୁନ ?
ହର ନ କହିଲେ କେମିତି ଜାଣିବି ଯେ ।
ଦୀନା ସେଇଆ କହିବି ବୋଲି ତ ଏଠିକି ଆସିଛି । ଖାଲି କ'ଣ ଆସିଛି ? ସମସ୍ତେ କହିବେ, ଆଜି ସବୁ କଥା ପଦାରେ ପଡ଼ିଯିବ । ଆଉ ଏ ସାହିରେ ନାଚ ତାମସା ହବନି କି ନାଟୁଆ ମାନେ ରହିବେନି ।
ହର : ଦୀନାଭାଇ ତୁମ ମୁଣ୍ଡ ଖରାପ ହୋଇଯାଇଛି ନା କ'ଣ ? ଆଜି କ'ଣ ଯାହା ମନକୁ ଆସୁଛି ବକି ଯାଉଛି ।
ଦୀନା : ଆହୁରି ବକିବି–ବେଶ୍ ଭଲ୍ କରି ବକିବି ।
ଶ୍ୟାମ : (ପ୍ରବେଶ) ତୁ ଟିକେ ଚୁପ୍ ରହ ଦୀନା । ସାନବାବୁ ! ଆମେ ଗରିବ ଛୋଟ ଜାତି । କେତେ କଷ୍ଟ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଚଳି ଆସୁଛୁ । ତୁମେ ସାନ୍ତ ଘର ପିଲା ବୋଲି ତୁମକୁ ଠାକୁର ଭଳିଆ ପାଳିବୁ ବୋଲି । ତୁମ ସେବାରେ ଯେମିତି ତ୍ରୁଟି ନହୁଏ । ସେଥିପାଇଁ ପେଟରୁ ପିଠିରୁ କାଟି ଯାହା ଯେତେବେଳେ ପାରିଛୁ ଯୋଗାଇ ଆସିଛୁ ତମ କଥାକୁ ତଳେ ପକାଇ ଦେଇନୁ – ଆମର ଏମିତି କ'ଣ ଭୁଲ୍ ରହିଗଲା ଯେ, ଆମ ଜାତି ଟା ଉପରେ, ଆମ ସାହି ଉପରେ ଏତେ ବଡ଼ ଦାଉ ସାଧିଲ ? ଆମ ବିଶ୍ୱାସରେ ପାଣି ଢାଳି ଦେଲ ? ଛିଛି ତୁମ ମନରେ ଏଇଆ ଥିଲା ? ମୁଁ କି ଭୁଲ୍ କରିଥିଲି କେଜାଣି ମୋର ତୁମେ ସର୍ବସ୍ୱ ଲୁଟିନେଲ ସାନବାବୁ ।
ହର : ଶ୍ୟାମକକା, ଶ୍ୟାମକକା – ସତରେ ତୁମେ କ'ଣ କହୁଛ – ମୁଁ କିଛି ବୁଝିପାରୁନି–
ଦୀନା : ଚୁପ୍‌କର–ସାନବାବୁ–ଢେର୍ ନାଚ ଆମକୁ ନଚେଇଲ–ଶେଷକୁ ।
ହର : ଦୀନବଂଧୁ ମୁହଁ ସମ୍ଭାଳି କଥା କୁହ କହୁଛି –
ଦୀନା : କ'ଣ ମାରିବ ? ଭାରି ମାରିଲା ବାଲା, ହାତ ଉଠାଇ ଦେଖତ...ଆରେ ଚୋରକୁ ଚୋର କହିଲେ ସେଥିରେ ପୁଣି ମୁହଁ ଟାଣ ?
ହର : ବାସ୍ ବାସ୍ – ବହୁତ ହୋଇଗଲା ଶ୍ୟାମକକା ସତ କୁହ କ'ଣ ହୋଇଛି ? ବିଶ୍ୱାସ କର ତୁମମାନଙ୍କର କଥା ମୁଁ ଆଦୌ ବୁଝିପାରୁନି ତମମାନଙ୍କୁ ଅନୁରୋଧ କରଛି–ହାତ ଯୋଡୁଛି–ଦୟାକରି ମୋର ଦୋଷଟା କ'ଣ ଜଣାଇଦିଅ–ଯଦି ସତରେ, ମୁଁ ତୁମ ନିକଟରେ ଦୋଷ କରିଥାଏ–ତା'ହେଲେ ମୁଁ ସତ କହୁଛି । ତୁମମାନଙ୍କ ବିଚାରରେ ଯାହା ଦଣ୍ଡ ହେବ, ସବୁ ମୁଁ ମଥା ପାତି ସହିନେବି । ଶ୍ୟାମକକା କୁହ (ଶ୍ୟାମର ପ୍ରସ୍ଥାନ) ଦୀନାଭାଇ କୁହ...
ଦୀନା : ଭାଇ ! ତୁମେ ଆମ ଝିଅ ବୋହୂଙ୍କ ଇଜ୍ଜତ୍ ନେଇଛ ?
ହର : ଏ କଥା ତୁମେ କହି ପାରୁଛ ଦୀନା ଭାଇ ?
ଦୀନା : ଖାଲି ମୁଁ ନୁହେଁ । ସମସ୍ତେ ଏ କଥା କହୁଛନ୍ତି ?
ହର : ମିଛକଥା –
ଦୀନା : ମିଛକଥା, ଠିକ୍ ଅଛି, ଏ ଯଦୁ ! ତୁ ଗଲୁ ପୁନିକୁ ଧରି ଆଣିବୁ ଦେଖିବା କିଏ ସତ କହୁଛି । ଦାମ ତୁ ଯା ଗଲୁ ମା'ଙ୍କ ଧଣ୍ଡା ସିନ୍ଦୂର ନେଇ ଆସିବୁ (ଯଦୁ ଓ ଦାମ ପ୍ରସ୍ଥାନ)

Digitized by PPRACHIN, SOA

ହର		ପୁନି –

ଦୀନା		ହଁ ହଁ ପୁନି ! – ସେ ଆଜି ମା' ହେବାକୁ ଯାଉଛି ?

ହର		ସେଥିପାଇଁ ଦାୟୀ ମୁଁ ?

ଦୀନା		ନ ହେଲେ ଆଉ କିଏ ? ରାତି ରାତି ବସି ଆଖଡ଼ା ଘରେ ନିଛାଟିଆରେ ଯେଉଁ ଆଖଡ଼ା ଚଳେଇ ଥିଲ ସେକଥା କ'ଣ ମନେ ନାହିଁ ?

ହର		ହେ ଭଗବାନ ! କ'ଣ ସବୁ ତୁମେ କହିଯାଉଛ ?

ଦୀନା		ମଲା ମୋଟରୁ ଜାଣି ପାରୁନଥିବ । ହଉ ସବୁର କର, ଆସାମୀ ଆସିଯାଉ–ଠିକ୍ ଜଣେଇ ଦବନି–ଆରେ ଭାବିଛ, ବୁଡ଼ିବୁଡ଼ି ପାଣି ପିଇଲେ, ମହାଦେବଙ୍କ ବୋପାବି ଜାଣିପାରିବନି ।

(ଯଦୁ ପୁନିକୁ ଏବଂ ଦାମ ଧଣ୍ଡା ନେଇ ପ୍ରବେଶ)

ହର		(ପୁନି ପାଖକୁ ଆସି) ପୁନି ସେଦିନ ରାତିରେ ତୁ ପରା ପିଠା ତିଆରି କରି ମୋତେ ଖାଇବାକୁ ଦେଇଥିଲୁ ? ଆଉ ମୁଁ କହିଥିଲି ହଁରେ ପୁନି–ମା' ମରିଗଲା ପରେ ଏତେ ଆଦର କରି ମୋତେ ପିଠା ଖାଇବାକୁ କେହି ଦେଇନଥିଲା । ତୁ ମୋଠୁଁ ବୟସରେ ସାନ ହେଲେବି । ମା'ର ଆଦର ତୋଠୁଁ ପାଇଥିଲି । ତୋ ହାତ ରଂଧା ଖାଇଲା ବେଳେ ମୋ ମା'କଥା ବହୁତ ମନେ ପଡ଼ିଯାଏ । ଭାବେ ତୋ ଭିତରେ ଲୁଚି ରହି ସେ ମୋତେ ଖୁଆଇ ଦେବା ପାଇଁ ଆସିଛି କି ? ଠାକୁରରାଣ ! ପୁନି ତୁ ମୋର ଛୋଟ ଭଉଣୀ ପରି ହେଲେ ବି ମୁଁ ତୋତେ ମା'ର ଆସନରେ ରଖି ପୂଜା କରୁଥିଲି । କ'ଣ ଏଇଥିପାଇଁ ? ମୁଁ ନାଚ କରେ ବୋଲି ସିନା ବାପ ଭାଇ ମୋତେ ଅପମାନ ଦେଇ ଘରୁ ତଡ଼ିଦେଲେ । ହେଲେ ଏବେ ଯୋଉମାନଙ୍କୁ ବାବୁରେ ସୁନାରେ କହି ହାତ ଧରି ମଣିଷ କରିବାକୁ ବସିଥିଲି ସେମାନେ ମୋତେ ଚୁନ କାଳି ବୋଲି ଦେବାକୁ ସ୍ଥିର କରିଛନ୍ତି । କେବଳ ତୋରି ପାଇଁ ? ଠିକ୍ ଅଛି ମା' ମଙ୍ଗଳାଙ୍କ ଧଣ୍ଡା ସିନ୍ଦୂର ଛୁଇଁ ଶପଥ କରି ଥରେ ଖାଲି ମୁହଁ ଖୋଲି କହିଦେ ଯେ– ତୋ ପାପ ପାଇଁ ମୁଁ ଦାୟୀ – (କାନ୍ଦିବା)

ପୁନି	:	(କାନ୍ଦି) ସାନବାବୁ । ତମେ ଏ କ'ଣ କହୁଛ ?

ହର		ହଁ ରେ ପୁନି ଏଇ ସମସ୍ତଙ୍କର ଅଭିଯୋଗ – ମୁଁ ତୋର ଇଜ୍ଜତ୍ ନେଇଛି ଆଉ ଏ ଗାଁର ସମ୍ମାନ ନଷ୍ଟ କରିଛି ସେଥିପାଇଁ ଏମାନେ ଆଜି ମୋତେ ଦଣ୍ଡ ଦେବାକୁ ସ୍ଥିର କରି ଆସିଛନ୍ତି ।

ପୁନି	:	ଆପଣ ଏ କ'ଣ କହୁଛନ୍ତି ସାନବାବୁ । ମୁଁ ଏକଥା କାହାକୁ କହିନି ଯେ ଏଥିପାଇଁ ଆପଣ ଦାୟୀ । ମୋ ପାଇଁ ଆପଣଙ୍କୁ ଏତେ ଅପମାନ ସହିବାକୁ ହେଲା । ମୋତେ କ୍ଷମା କର ସାନବାବୁ ।

ହର	:	ନାଇଁରେ ପୁନି ମୋର କିଛି କରିବାର ନାହିଁ । ଅନ୍ତତଃ ଥରେ ଖାଲି ଏଇ ମହାପୁରୁଷମାନଙ୍କ ଆଗରେ ମୁହଁ ଖୋଲି କହିଦେ, ମୁଁ ନିର୍ଦ୍ଦୋଷ । ବାସ୍ (ପୁନି ନୀରବ ରହିବା)

ଦୀନା	:	ବୁଝିଲ ମୌନଂ ସମ୍ମତି ଲକ୍ଷଣମ୍ ।

ଯଦୁ		ସାନବାବୁ !

ଦୀନା		ଏଥିପାଇଁ ଦାୟୀ ତୁମେ ।

ପୁନି		(ଚିତ୍କାର କରି) ନା–ମୁଁ ଏଇ ଧଣ୍ଡା ସିନ୍ଦୂର ହାତରେ ଧରି ଶପଥ କରୁଛି–ସାନବାବୁ ନିର୍ଦ୍ଦୋଷ

ଯଦୁ	:	ତା'ହେଲେ ଦାୟୀ କିଏ ?

Digitized by PPRACHIN, SOA

ପୁନି : ସେ କଥା ମୁଁ କହିପାରିବିନି ।
ଦୀନା : କାହିଁକି ? ତୋତେ କହିବାକୁ ପଡ଼ିବ ।
ପୁନି : ଥରେ ପରା ମନା କଲି କହିପାରିବିନି –
ଦୀନା : ତା' ହେଲେ କିଏ କହିବ ?
ପୁନି : ତୁମ ପୁଅକୁ ପଚାର । ସେ ଜାଣିଥିବେ –
ଦୀନା : କିଏ ଦାମା ? କୁଆଡ଼େ ଗଲା ସିଏ ? ହଇରେ ଦାମା ପୁନି ଯାହା କହୁଛି ସତ ?
ଦାମ : ହଁ ବାପା – ।
ଦୀନା : କିରେ, ଆଉ ଦୁଇମାସ ପରେ ତ ତାକୁ ତୁ ବାହା ହୋଇଥାନ୍ତୁ । ତୋତେ ଲାଜମାଡୁନି ପୋଡ଼ା ମୁହାଁ ।
ଯଦୁ ଓ ଦୀନା : ଆମକୁ କ୍ଷମା କରିଦିଅନ୍ତୁ ସାନବାବୁ ।
ହର : ଖବରଦାର ମୋତେ କେହି ଛୁଅଁନି–ମୁଁ ପାପୀ, ଚରିତ୍ରହୀନ ।
ସମସ୍ତେ : ସାନବାବୁ ।
ହର : ଦୟାକରି ମୋତେ ଛାଡ଼ିଦିଅ । ନହେଲେ ହୁଏତ ମୁଁ ଆତ୍ମହତ୍ୟା କରିଦେବି ।
ସମସ୍ତେ : ସାନବାବୁ । (ସମସ୍ତେ ଘୁଞ୍ଚିଗଲେ)
ହର : ତମେମାନେ କ'ଣ ଭାବୁଛ ? ମୁଁ ନାଟକରେ ବୋଲି ମୋର ମାନ ସମ୍ମାନ ନାହିଁ । ମୋର ଆତ୍ମାଭିମାନ ନାହିଁ । ତମର ମନ ହେଲେ ମୁଣ୍ଡରେ ମୁଣ୍ଡେଇ ମୋତେ ନାଚିବ, ମନ ନହେଲେ ପୁଣି ଗୋଇଠା ମାରିବ ? ଛି–ଧିକ୍ ମୋର ଜୀବନକୁ । ଧିକ୍ ମୋର ସାଧନାକୁ । ଆରେ ତମେମାନେ ଶେଷରେ ମତେ ଏଇୟା ଭାବିଲ ? ଛାଡ଼ି ଦିଅ ମୁଁ ଯିବି –
ସମସ୍ତେ : କୁଆଡ଼େ ଯିବେ ସାନବାବୁ ?
ହର : ଏତେ ବଡ଼ ଆକାଶ ତଳେ ଭଗବାନ କ'ଣ ମୋ' ପାଇଁ ଟିକେ ଜାଗା ରଖି ନାହାନ୍ତି ? ମରିଯିବି ପଛେ, ସେ ଭଲ କିନ୍ତୁ ଯୋଉଠି ଥରେ ତୁମର ସାନବାବୁକୁ ତୁମେମାନେ ସଂଦେହ କରିଛ ସେଠି ମୋର ମୃତ୍ୟୁ ହୋଇ ଯାଇଛି । ଏଠି ଆଉ ବଂଚି ରହି ପାରିବିନିରେ – ଯାଉଛି ତୁମେମାନେ ସବୁ ମା' ମଙ୍ଗଳାଙ୍କ ଦୟାରୁ ଖୁସିରେ ରୁହ । ଠାକୁର ତୁମକୁ ସୁଖରେ ରଖନ୍ତୁ ।

ଅଷ୍ଟମ ଦୃଶ୍ୟ

(ଆଖଡ଼ା ଘରେ ବୈଠକ ବସିଛି । ଶ୍ୟାମ, ଦୀନା, ଯଦୁ, ଦାମ ଆଦି ଉପସ୍ଥିତ ଅଛନ୍ତି । ଦୂରରୁ ଢେଙ୍କୁରାର ଶବ୍ଦ ଭାସି ଆସୁଛି । ସମସ୍ତଙ୍କ ମୁଖମଣ୍ଡଳରେ ନିରାଶାର ଭାବ) ।

ଢେଙ୍କୁରାବାଲା : ଶୁଣ ଶୁଣ ଶୁଣ...ଆସନ୍ତା ୭ ଦିନ ଭିତରେ ଏଇ ହରିଜନ ବସ୍ତି ଖାଲି କରିବାକୁ ଘୋଷଣା କରାଯାଉଛି । ସମସ୍ତଙ୍କୁ ଅନୁରୋଧ ଜମିଦାରଙ୍କର ଜାଗା ଛାଡ଼ି ସମସ୍ତେ ନିଜ ନିଜର ଜିନିଷପତ୍ର ଧରି ଗୋଚର ବା ଅନ୍ୟ ସ୍ଥାନକୁ ଉଠିଯାଆନ୍ତୁ ନହେଲେ ଯେକୌଣସି ଅବସ୍ଥା ପାଇଁ ଜମିଦାର ଦାୟୀ ରହିବେ ନାହିଁ...ଶୁଣ ଶୁଣ...ଶୁଣ... । (ପ୍ରସ୍ଥାନ)
ଶ୍ୟାମ : ସାନବାବୁ ଯାଉ ଯାଉ ଏମାନଙ୍କ କାମ ଆରମ୍ଭ ହୋଇଗଲା ।

Digitized by PPRACHIN, SOA

ଯଦୁ : ସତରେ କ'ଣ ଏ ବସ୍ତି ସାଆନ୍ତଙ୍କର ?

ଶ୍ୟାମ : ହଁ ଦିନେ ଥିଲା । କିନ୍ତୁ ସାଆନ୍ତଙ୍କ ଜେଜେବାପା ଏ ଜାଗା ଆମ ବସ୍ତିବାଲାଙ୍କୁ ଦାନ କରିଦେଇଥିଲେ ।

ଦାମ : ତା'ହେଲେ ତାଙ୍କର ପୁଣି ହେଲା କେମିତି ?

ଦୀନା ସିଏ ସିନା ମୁହଁର କଥାରେ ଦେଇ ଦେଇଥିଲେ ହେଲେ କାଗଜପତ୍ର କରିଥିଲେ କି ନା କିଏ ଜାଣିଛି ?

ଯଦୁ : ତା'ବୋଲି ଦାନ ଦେଇଥିବା ଜିନିଷ ପୁଣି ଫେରେଇ ନେବେ ?

ଦୀନା : ସିଏ ଥିଲେ କ'ଣ ଏମିତି ହୋଇଥାନ୍ତା ? ଇଏ ପରା ସବୁ ସେଇ ବାଇଧରର ନାଟ...

ଦାମ : ତାକୁ ଅଂଧାରିଆରେ ବି' ଘା ଦେଲେ ଯାଇହବ ।

ବାଇ କାହାକୁ ଘା' ହୋଇଛି କିରେ ଦାମ ? ଆହା ସମସ୍ତେ ତ ଏଇ ଆଖଡ଼ା ଘରେ ବସି ନେଫଡ଼ା ମାରୁଛ, ତେଣେ ଗାଁରେ ଖୋଜିଲେ ପାଇବି କେଉଁଠୁ । କ'ଣ ବୈଠକ ବସିଛି କି ଦୀନବଂଧୁ ? ହଉ ଭଲ ଭଲ । ସାଆନ୍ତେ କହୁଥିଲେ ଏତେ ଖୋସାମତ କିଆଁ ? ହେଲେ ମୁଁ କହିଲି ଏତେ ମାଡ଼ ଗୋଳ, ପୋଲିସ୍, ଫୌଜଦାରୀ, କୋର୍ଟ କଚେରୀ କରି ଲାଭ କ'ଣ ? ଏଗୁଡ଼ା କ'ଣ ଭଲକଥା ? ଯେତେ ହେଲେ ଗରିବଲୋକ ଗୁଡ଼ା ଖାଇବାକୁ ପାଉ ନାହାଁନ୍ତି ତାଙ୍କ ଉପରେ କୋରଡ଼ାମାଡ଼ ଦେଇ କି ଲାଭ ? ବିଚରା ଜେଲ୍ ହାଜତରେ ଘଣା ପେଲିବେ ସିନା ? ବୁଝେଇ ଦେଲେ ବୁଝି ଯିବେନି, ନା କ'ଣ କହୁଛ ବାପ ଶ୍ୟାମ ସୁନ୍ଦର । ଘର, ବସ୍ତି କେବେ ଖାଲି କରୁଛ ?

ଯଦୁ : ଆମେ ବସ୍ତି ଛାଡ଼ିବୁ ନାହିଁ ତୁମେ କ'ଣ କରୁଛ କର ?

ବାଇ : ଟିକେ ଆସ୍ତେ କହ ପୁଅ । ବୁଝିଲୁ ସାନ୍ତଙ୍କ କାନରେ ପଡ଼ିଲେ ମାମୁଁଘରେ ବସି ମୁଣ୍ଡ ବାଡ଼େଇହବ । ଚକି ପେଶିବ ।

ଦାମ : ଆମକୁ ମାମୁଁଘର ଧମକ ଦେଉଛୁ ? ଆମେ କ'ଣ ଚୋରି କରିଛୁ ନା ଡକାୟତି କରିଛୁ ?

ଯଦୁ : ତମ ଧମକରେ ଆମେ ଡରିଯିବା ଲୋକ ନୁହଁ । ହଁ ତୁମେ ବି ଶୁଣିଥା ! ଯଦି କୋର୍ଟକଚେରୀ କିମ୍ବା ଥାନା ହାଜତ ହୁଏ ତା'ହେଲେ ତୁମ ସାନ୍ତଙ୍କ କଥାପରେ ବୁଝିବୁ ଆଗେ ତୋ ମୁଣ୍ଡ ନେଇ ଆମେ ଥାନାକୁ ଯିବୁ ।

ବାଇ : ଦେଖୁଛ, ଦେଖୁଛ ତ ଦୀନବଂଧୁ ! ଏମାନଙ୍କ କଥା ସବୁ ଶୁଣୁଛ ?

ଦୀନା : ଏମାନେ ତ ଖାଲି କଥା ହେଉଛନ୍ତି । ମୋର ତ ହାତ ଚଳେଇ ଦବାକୁ ଇଚ୍ଛା ହେଉଛି ବୁଝିଲ... ।

ବାଇ : ସତେ ଆଚ୍ଛା ଶ୍ୟାମ ସୁନ୍ଦର ତୁମର ମତ ବି କ'ଣ ସେଇଆ ?

ଶ୍ୟାମ : ସେ କଥା ଆଉ ପଚାରୁଛ କ'ଣ ? ବାପ ଅଜା ଅମଳର ଭିଟାମାଟି ଛାଡ଼ିବା ଆଗରୁ ଗୋଟିଏ ଦି'ଟା ମୁଣ୍ଡ ଗଡ଼ିଗଲେ କ୍ଷତି କ'ଣ ?

ବାଇ ଠିକ୍ ଅଛି ତୁମ କଥାତ ଶୁଣିଲି ? ମୋ କଥା ବି' ଶୁଣିଥାଅ । ଭଲରେ ଭଲରେ ଆଜି ରାତି ଭିତରେ ବସ୍ତି ଖାଲି କରିଦିଅ, ନହେଲେ କଥା ଖରାପ ହେଲେ ଆଉ ମୋତେ କି ସା'ନ୍ତଙ୍କୁ ଦୋଷ ଦବନି କହି ଦଉଛି ।

ଦୀନା : କ'ଣ କଥା ଖରାପ ହେବ ଶୁଣେ ? ଆମେ ଘରଖାଲି କରିବୁ ନାହିଁ । ତମର ଯାହା ଇଚ୍ଛା କରିବାର କର ? ତା'ପରେ ଦେଖିବ ଆମେ କ'ଣ କରିବୁ ।

ବାଇ ହଉହଉ ଯାଉଛିରେ ପୁଅ । ଏଥର ନିଆଁ ସାଂଗରେ ଖେଳିବାର ମଜା ପାଇବ ରହିଥା... । (ପ୍ରସ୍ଥାନ)

ଶ୍ୟାମ ଆରେ ଦୀନା । ଏ ସବୁ ମୋତେ କିଛି ଭଲ ଲାଗୁନି । ଆଇନ୍‌କାନୁନ୍ ତ ସବୁ ବଡ଼ ବଡ଼ିଆଙ୍କ ପାଇଁ ।

Digitized by PPRACHIN, SOA

ଆମକଥା କିଏ ଶୁଣିବ କହିଲୁ ? କୋର୍ଟ କଚେରୀ ଦୌଡ଼ିବାକୁ ଆମ ଅଣ୍ଟିରେ ପଇସା କାହିଁ ?

ଯଦୁ : ଯାହା କରିବା କଥା ଆମେ ଏଇଠି କରିବା ।

ଦାମ : ଆଜି ଯଦି ସାନବାବୁ ଏଠି ଥାନ୍ତେ...

ଯଦୁ : ସେ କଥା ଆଉ ଭାବି ଲାଭ କ'ଣ କହିଲୁ ? ନିଜ ଗୋଡ଼ରେ ତ ନିଜେ କୁରାଢ଼ୀ ମାରିଛେ, ଏବେ କାହାକୁ କହିବା ?

ଦୀନା : ସବୁ ମୋରି ଦୋଷ । ମୁଁ ଏଇ ଶକୁନି ବାଇଧର କଥାରେ ପଡ଼ି ସାନବାବୁଙ୍କୁ ଯା'ଇଚ୍ଛା ତା' କହିଲି... ।

ଶ୍ୟାମ : ଆମେ ସମସ୍ତେ ତାଙ୍କୁ ଭୁଲ୍ ବୁଝି ଅପମାନିତ କଲେ । ହେଲେ ସେ ଥିଲେ ଖାଣ୍ଟି ହୀରା । ଗରିବଙ୍କର ବାପା, ମା' । କେଜାଣି ସେ ଏଇନେ କେଉଁଠି କେମିତି ଅଛନ୍ତି ?

ଦାମ : ତାଙ୍କୁ ଚାଲ ଖୋଜି ଆଣିବା, ସେ ଥରେ ଏଠିକି ଆସିଲେ ଆମର ଆଉ କିଛି ଅସୁବିଧା ରହିବ ନାହିଁ ।

ଯଦୁ : ସେ କଥା କାହିଁକି କହୁଛୁ । ତାଙ୍କ ଆସିବା କଥା ଶୁଣିଲେ ପରା ଏଗୁଡ଼ା ଯାଇ ମୂଷାଛୁଆଙ୍କ ଭଳିଆ ଗାତରେ ପଶିବେ ।

(ଏତିକିବେଳେ ବସ୍ତି ଆଡୁ 'ନିଆଁ, ନିଆଁ, ପୋଡ଼ିଗଲା, ଜଳିଗଲା' ଶବ୍ଦ ଶୁଭିଲା ସମସ୍ତେ ସେ ଆଡ଼କୁ ଧାଇଁ ଧାଇଁ ପଳେଇଲେ) ।

ନବମ ଦୃଶ୍ୟ

(ବାଇଜୀ ଘର । ଚମ୍ପା ନୃତ୍ୟ ଅଭ୍ୟାସ କରୁଛି ନେପଥ୍ୟରୁ ହରର ଗୀତ ଶୁଭୁଛି) ।

ଚମ୍ପା : ଓଃ । କି ସୁନ୍ଦର ଗୀତ । ମୋ ପାଦ ଯେପରି ଆପେଆପେ ବାନ୍ଧି ହୋଇଯାଇଛି । ସୁର ଦେଖତ କିଏ ଗୀତ ଗାଇଗାଇ ଯାଉଛି । ତାକୁ ମୋ ପାଖକୁ ନେଇ ଆସିବୁ । (ସୁର ଯାଇ ହରକୁ ନେଇ ଆସିଛି)

ହର : ନାଚ ବନ୍ଦ କଲ କାହିଁକି ? ବାଇଜୀ ନାଚ (ଚମ୍ପା ନାଚିଛି)ଆରେ ନା ନା – ଏ ନାଚ ନୁହେଁ, ତୁମେ ଓଡ଼ିଶୀ ନାଚି ଜାଣିଛ ?

ଚମ୍ପା : ହଁ ।

ହର : ତା'ହେଲେ ମୁଁ ଓଡ଼ିଶୀ ଗାଉଛି ତୁମେ ନାଚ ।

ଚମ୍ପା : ସୁର, ସାରମାନଙ୍କୁ କହିଦେ ଓଡ଼ିଶୀ ବାଜା ବଜେଇବେ । (ଗୀତ)

ହର : ଲାଜରେ ସରିଗଲି ଆଜ...ସଜନୀ ଗୋ।। ବଳେ କୋଳେ ବସାଇଲେ, ସେ ନାଗର ରାଜରେ(୦)
ନଚାଇ ମୁରଲି ସ୍ୱନ ହରି ନେଲେ ସେ ଚେତନ ।। ନରହି ସଜନୀ ଗୋ।
ହେଲା ବେଳେ ସଢରେ ।। ଲାଜରେ ସରିଗଲି ଆଜ (ତାନ୍–)

ହର : ବାଃ, ଚମତ୍କାର, ଆରେ ତମେ ଯେ ଏତେ ସୁନ୍ଦର ଓଡ଼ିଶୀ ନାଚିପାର ।

ଚମ୍ପା : ଆପଣଙ୍କର ସ୍ୱର ବି ତ କିଛି କମ୍ ନୁହେଁ ।

ହର : ଆଚ୍ଛା, ତୁମ ନା କ'ଣ ?

ଚମ୍ପା : ଚମ୍ପା ।

ହର : ଆଉ ମୋ ନା ହେଉଛି ।

ଚମ୍ପା : ହର ପ୍ରସାଦ ।

Digitized by PPRACHIN, SOA

ହର : କେମିତି ଜାଣିଲ ।

ଚମ୍ପା ଆପଣଙ୍କ ସଂଗେ ଥରେ ଅଭିନୟ କରିଥିଲି ।

ହର : କେବେ କେଉଁଠି ?

ଚମ୍ପା ମାନଭଂଜନ କୃଷ୍ଣପାଲାରେ ।

ହର : ଓଃ – ତୁମେ ସେହି ଚମ୍ପା ହେଲେ ଚମ୍ପାବାଇ ମୁଁ ଆଜିକାଲି ଯାତ୍ରା କି ପାଲା କିଛି କରୁନାହିଁ ।

ଚମ୍ପା ହେଲେ ଆପଣ ଯେ ମୋର ଗୁରୁ । ମୋର ଆଦର୍ଶ ।

ହର : ସେଦିନ ଆଉ ନାହିଁ ଚମ୍ପାବାଇ, ଆଜି ମୁଁ ନିଃସ୍ୱ, କାଙ୍ଗାଳ, ଅନାଥ ।

ଚମ୍ପା : ସେପରି କୁହନ୍ତୁ ନି ଗୁରୁଦେବ ଆପଣଙ୍କ ପାଖରେ ସବୁ ଅଛି । କେବଳ ସହଯୋଗୀ ଆଉ ସହକର୍ମୀ ଯୋଗାଡ଼ ହୋଇପାରିଲେ । ଆପଣ ପୁଣି ଥରେ ସବୁକିଛି ଆରମ୍ଭ କରିପାରିବେ ।

ହର ସେ ଆଶା କି ସେ ସାହସ ମୋର ଆଉ ନାହିଁ ।

ଚମ୍ପା ମୁଁ ଯଦି ଆପଣଙ୍କୁ ସେ ଆଶାଦିଏ । ସାହସ ଦିଏ । ତା'ହେଲେ ଆପଣ କ'ଣ କିଛି କରିପାରିବେନି ?

ହର : କ'ଣ ପାଇଁ କରିବି ? କାହାପାଇଁ କରିବି ?

ଚମ୍ପା : ମୋ ପାଇଁ, ଆପଣଙ୍କ ପାଇଁ, ଆପଣ ଏଇଠି ରହି ଗାଇବେ, ଆଉ ମୁଁ ନାଚିବି–ବେଶ୍ ପଇସା ରୋଜଗାର ହେବ ।

ହର : ମୁଁ ଯାଉଛି ।

ଚମ୍ପା : କାହିଁକି ?

ହର କ୍ଷମା କରିବ ଚମ୍ପାବାଇ । କଳାକୁ ବିକ୍ରି କରିବା ମୋର ଧର୍ମ ନୁହେଁ । ହୁଏତ ଅନାହାରରେ ଶୁଖିଶୁଖି ମରିଯିବି କିନ୍ତୁ ମୋର ଆଦର୍ଶକୁ ତୁମ ନିକଟରେ ବିକ୍ରି କରିପାରିବିନି ।

ଚମ୍ପା : ମୋତେ କ୍ଷମା କରନ୍ତୁ ଗୁରୁଦେବ ମୋର ଭୁଲ୍ ହୋଇଗଲା । ମୁଁ ମୋର ସବୁ ଧନ୍ଦା ଛାଡ଼ି ଦେବି । ହେଲେ ଆପଣଙ୍କୁ ଛାଡ଼ି ପାରିବିନି ।

ହର : କାହିଁକି ?

ଚମ୍ପା : ଆପଣ ଚାହିଁଲେ ମୋତେ ଏ ନର୍କରୁ ଉଦ୍ଧାର କରିପାରିବେ ।

ହର : କିନ୍ତୁ ମୁଁ ଯେ କପର୍ଦ୍ଦକ ଶୂନ୍ୟ ।

ଚମ୍ପା : ମୋ ପାଖରେ କିଛି ପଇସା ଅଛି ଚାଲନ୍ତୁ ଦୁହେଁ ମିଶି ସୁଆଙ୍ଗ ଦଳ ଗଢ଼ିବା । ଆପଣ ଗାଇବେ ମୁଁ ନାଚିବି ।

ହର : ସତେ ତୁମେ ମୋ ସହିତ ମିଶି ସୁଆଙ୍ଗ ଦଳ ଗଢ଼ିପାରିବ । ଧନ୍ୟ ଈଶ୍ୱର । ଧନ୍ୟ ତମ ଇଚ୍ଛା । ମୁଁ ରାଜି ଅଛି ।

ଚମ୍ପା : ଠିକ୍ ଅଛି ଆଜିଠାରୁ ଆପଣ ମୋର ଗୁରୁ ମୁଁ ଆପଣଙ୍କ ଶିଷ୍ୟା ।

ହର : ଆରେ ନା ବରଂ ଆଜିଠାରୁ ତୁମେ ହେଉଛ ମୋର ସାହସ । ମୋର ଅଂଧକାରମୟ ସ୍ତମ୍ଭିତ ଜୀବନରେ ଆଲୋକର ଉତ୍ସ ଏବଂ ଭବିଷ୍ୟତର ଆଶା । ତା'ହେଲେ ସୁଆଙ୍ଗ ଆରମ୍ଭ କରିବା ।

ଚମ୍ପା : ହଁ, ମାଷ୍ଟ୍ରେ ସୁଆଙ୍ଗ ବାଜା ବଜେଇଲେ । ଆରେ ଏ ଚଢ଼େଇଆ...

ହର : କିସ ବା ।

Digitized by PPRACHIN, SOA

ଚମ୍ପା : ଆଜିଯାଏ ତୁ ଥିଲୁ କୁଆଡ଼େ । ତୋର କ'ଣ ଜମାରୁ ଦେଖା ଦର୍ଶନ ନାହିଁ ।

ଚମ୍ପା : ଚଢ଼େଇ ଆରେ ଅଟୁ ବଡ଼ ଦଗାଦାର
ଚଢ଼େଇ ଆରେ ତୁ କପଟିଆ ନାଗର

ହର : ଚଢ଼େଇ ଆଣୀ ନବଛଇଳୀଲୋ ମୋର
ଚଢ଼େଇ ଆଣୀ ନବ ନାଗରୀ ଲୋ ମୋର

ଚମ୍ପା : ମିଳନ କୁଂଜରେ ନାଚୁଥିଲେ ଆମେ
ମନେ ପଡ଼େନା କି ତୋର
ଆଖିରେ ଆଖିରେ ମୁରୁକି ହସରେ
ମନ କିଣିଥିଲୁ ମୋର
ଚଢ଼େଇ ଆରେ ଅଟୁ ବଡ଼ ଦଗାଦାର

ହର : ଭାବୁଥିଲି ବସି ତୋର କଥା ମନେ
ଜନମ ହେଲା ବେକାର
ନାଚି ନାଚି ବହୁ ଥକି ପଡ଼ିଲୁଣି
ନ କର ତୁ ଆଉ ପର
ଚଢ଼େଇଆଣୀ ନବ ଛଇଳୀଲୋ ମୋର ।

ଚମ୍ପା : ନକୁହ ସେ କଥା ମୋତେ, ତୋର ବିନା ମୋର କିଏ ଅଛି ଜଗତେ,
ମୋ ରାଣ ରହିଲା, ଛାଡ଼ି ଯିବୁ ନାହିଁ ମୋତେ ।

ହର : (ଆଲୋ) କେତେବା କହିବୁ ଆଉ ତୁ ସେ କଥା ।
ଛାତି ଫାଟିଯାଏ ମୋର ।
ଜନମ ଜନମ ସାଥୀ ତୁହି ମୋର,
ନକରିବି ତୋତେ ପର ।
(ନିଃଶ୍ୱାସ ବନ୍ଦ ହୋଇଯାଇଛି । ହର ମରି ଯାଇଛି ।)

ଶେଷ ଦୃଶ୍ୟ

ମୂର୍ତ୍ତି : ମୋ କଥାଟି ସରିଲା ଫୁଲ ଗଛଟି ମରିଲା
ଏତିକି ଯାହା ବାକି ରହିଥିଲା, ସେ ସବୁ ତୁମକୁ ଲାଗିଲା ।
(ସମସ୍ତଙ୍କର ପ୍ରସ୍ଥାନ । ବାଇଧରର ପ୍ରବେଶ)

ବାଇ : ଦେଖୁଛି ଆପଣମାନଙ୍କର ରକ୍ତପିତ୍ତ ନାହିଁ ହୋ ।
ଏ ଭଳିଆ ଗୋଟିଏ ଲୋକର ମୂର୍ତ୍ତିକୁ
ଏମିତି ରଖି ପୂଜା କରିବା କ'ଣ ଠିକ୍ ହେବ ?
ଏ ମୂର୍ତ୍ତି ଏଠି ରହିଲେ ଆମ ମାନଙ୍କର କ'ଣ ହେବ ? ଆମ ମାନଙ୍କର ମୂର୍ତ୍ତି ସବୁ କେଉଁଠି ରହିବ ଏଣୁ ଆସନ୍ତୁ ଯାକୁ ଭାଂଗିଦେବା । ନା କ'ଣ କହୁଛନ୍ତି ? (ନିଜେ ଠେଙ୍ଗା ଉଠାଇ ଭାଙ୍ଗିବାକୁ ଯାଇଛନ୍ତି ଅନ୍ଧାର)

□□□

Digitized by PPRACHIN, SOA

ନବୀନ କୁମାର ପରିଡ଼ା

ଜନ୍ମ -୦୮-ମାର୍ଚ୍ଚ-୧୯୫୪, ପିତା: ୰ ହରିଶ୍ଚନ୍ଦ୍ର ପରିଡ଼ା, ମାତା: ୰ ବିଷ୍ଣୁପ୍ରିୟା ପରିଡ଼ା, ସ୍ଥାନ- ଜମାଲପୁର, ଜଳେଶ୍ୱର, ବାଲେଶ୍ୱର।

ଲେଖକ ବିଶ୍ୱନାଥ ଏକାଡ଼େମୀ ଜମାଲପୁରରୁ ମାଟ୍ରିକ ଶିକ୍ଷା ସମାପ୍ତ କରି ପରେ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ, କଲିକତାରୁ ନାଟକରେ ସ୍ନାତୋକତ୍ତର ଡିଗ୍ରୀ ହାସଲ କରି ଉତ୍କଳ ସଂଗୀତ ମହାବିଦ୍ୟାଳୟର ନାଟକ ବିଭାଗରେ ୧୯୮୩ ମସିହାରେ ନାଟକ ବିଭାଗର ଅଧ୍ୟାପକ ଭାବେ ଯୋଗଦାନ କରି ସଫଳତାର ସହିତ ନାଟ୍ୟକଳାରେ ଅଧ୍ୟାପନା ଦାୟିତ୍ୱ ନିର୍ବାହ କରି ପରେ ନାଟକ ବିଭାଗର ମୁଖ୍ୟ ଭାବେ ଓ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ କାର୍ଯ୍ୟକରି ୨୦୧୨ ରେ ଅବସର ଗ୍ରହଣ କରିଛନ୍ତି। ନାଟ୍ୟରଚନା ବ୍ୟତୀତ, ନାଟ୍ୟପୁସ୍ତକ ରଚନା, ନିର୍ଦ୍ଦେଶନା, ଅଭିନୟ ଏବଂ ନାଟ୍ୟକର୍ମଶାଳା ଆୟୋଜନ କରିବାରେ ସେ ସିଦ୍ଧହସ୍ତ। ତାଙ୍କର ଅଦ୍ୟାବଧି ଲିଖିତ ପୁସ୍ତକ ଗୁଡ଼ିକ ହେଲା-୧- ନାଟ୍ୟ କଥା, ୨- ମଞ୍ଚସଜ୍ଜା ଓ ଆଲୋକ ବିନ୍ନ୍ୟାସ , ୩- ବିଦ୍ୟାଳୟ ନାଟ୍ୟଶିକ୍ଷା ଓ ନାଟ୍ୟତ୍ରୟୀ ୪- ନାଟୁଆ ଓ ଅନ୍ୟାନ୍ୟ ନାଟକ, ୫- ଅନ୍ଧପୁଟୁଳିର ଖେଳ ଓ ଅନ୍ୟାନ୍ୟ ନାଟକ।

ପ୍ରକାଶ ଅପେକ୍ଷାରେ - ଅଭିନେତା ଓ ଅଭିନୟ

ଯୋଗାଯୋଗ ଠିକଣା : ବି- ୬/୧୦
ଇନ୍ଦିରାଗାନ୍ଧୀ ହାଉସିଂ କଲୋନି
ପୋ: ଶିଶୁପାଳ ଗଡ଼, ଭୁବନେଶ୍ୱର - ୭୫୧୦୦୨
ଟେଲିଫୋନ୍ - ୯୪୩୭୪୬୮୭୮୦
ଇ-ମେଲ୍ : nabinparida78@gmail.com

₹ 150 /-

Digitized by PPRACHIN, SOA